# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ରବିବାର, ଏପ୍ରିଲ ୭/୨୦୨୪ (୧୬ ପୃଷ୍ଠା+ଛୁଟିଦିନ) Bhubaneswar, Sunday, April 7/2024 Page 16 ₹ 7.00

୫୦ଶ ଭାଗ ୧୩୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 133 ମୂଲ୍ୟ₹୭/-




## କୋହଲିଙ୍କ ଶତକ

ରାଜସ୍ଥାନ ରୟାଲ୍ସ ବିପକ୍ଷ ଆଇପିଏଲ୍ ମ୍ୟାଚରେ ଶତକ ହାସଲ କରିଛନ୍ତି ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଓପନର ବିରାଟ କୋହଲି।

୧୬

୦୨

## ଥଟ୍ଟା କରି ଟ୍ରୋଲ ହେଲେ ଜ୍ୟାକି

ଏକ କାର୍ଯ୍ୟକ୍ରମରେ ବଲିଉଡ୍ ଅଭିନେତା ଜ୍ୟାକି ଶ୍ରଫ୍ ଜଣେ ପ୍ରଶଂସକଙ୍କୁ ଥଟ୍ଟାରେ ପଛରୁ ଠେଲିଦେଇଥିଲେ। ଏପରି ଆଚରଣ ଯୋଗୁଁ ତାଙ୍କୁ ସୋସିଆଲ ମିଡିଆରେ ଟ୍ରୋଲ୍ କରାଯାଉଛି।



## ଦୀର୍ଘଦିନ ଲିଭ୍-ଇନ୍‌ରେ ଥିବା ମହିଳା ଭରଣପୋଷଣ ପାଇବାକୁ ଯୋଗ୍ୟ: ହାଇକୋର୍ଟ

ଭୋପାଳ,୬।୪

ଦୀର୍ଘଦିନ ଧରି ଲିଭ୍-ଇନ୍ ରିଲେଶନଶିପ୍‌ରେ ସ୍ୱାମୀ-ସ୍ତ୍ରୀ ଭଳି ଚଳୁଥିଲେ, ସେମାନଙ୍କ ମଧ୍ୟରେ ଆଇନଗତ ବିବାହ ହୋଇ ନ ଥିଲେ ମଧ୍ୟ ପରସ୍ପରଠାରୁ ଅଲଗା ହେବା ପରେ ମହିଳା ଜଣକ ଭରଣପୋଷଣ ପାଇବାକୁ ହକ୍‌ଦାର। ମଧ୍ୟପ୍ରଦେଶ ହାଇକୋର୍ଟ ଏଭଳି ଏକ ମାମଲାର ବିଚାର କରିବା ଅବସରରେ ଉପରୋକ୍ତ ଟିପ୍ପଣୀ ଦେଇଛନ୍ତି। ୩୮ ବର୍ଷୀୟ ଶୈଳେଶ ବୋପ୍‌ଚେ ଜଣେ ୪୮ ବର୍ଷୀୟା ମହିଳାଙ୍କ ସହ ଦୀର୍ଘଦିନ ଲିଭ୍-ଇନ୍‌ରେ ରହିଥିଲେ। ସେମାନଙ୍କର ଗୋଟିଏ ସନ୍ତାନ ରହିଛି। ହେଲେ ମହିଳା ଜଣକ ଆଇନଗତ ଭାବେ ବିବାହିତ ବୋଲି ପ୍ରମାଣିତ କରିପାରି ନ ଥିଲେ। ଅଲଗା ହେବା ପରେ ମହିଳାଙ୍କୁ ମାସିକ ୧,୫୦୦ ଟଙ୍କା ଲେଖାଏ ଦେବା ପାଇଁ ଶୈଳେଶଙ୍କୁ ତଳକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହା ବିରୋଧରେ ସେ କରିଥିବା ଆବେଦନକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି।

**ଆଜିର ସମ୍ପାଦକୀୟ**

**ଏକଚ୍ଛତ୍ରବାଦ ନିର୍ବାଚନ**

## ଓଡ଼ିଶାର ୮୦ ସ୍ଥାନରେ ଜଙ୍ଗଲ ନିଆଁ

# ଜୀବଜନ୍ତୁ ଉହଲବିକଳ

ଭୁବନେଶ୍ୱର, ୬।୪(ଅସମାପିକା ସାହୁ)

ରାଜ୍ୟରେ ଜାରି ରହିଥିବା ଅସହ୍ୟ ଗ୍ରୀଷ୍ମ ପ୍ରବାହରେ ମଣିଷଙ୍କ ସହ ଜୀବଜନ୍ତୁ ବି ପ୍ରଭାବିତ ହେଉଛନ୍ତି। ବନାଞ୍ଚଳରେ ରହିଥିବା ପ୍ରାକୃତିକ ନାଳ ଓ ଜଳାଶୟ ଶୁଖିବା ଆରମ୍ଭ ହୋଇଥିବାବେଳେ ଜଙ୍ଗଲ ନିଆଁ କାଳ ସାଜିଛି। ବିଶେଷକରି ବନ୍ୟପ୍ରାଣୀମାନେ ପାଣି ପାଇଁ ଉହଲବିକଳ ହେବା ସହ ନିଆଁ ଭୟରେ ଗାଁମୁହାଁ ହେଉଛନ୍ତି। ଫଳରେ ସେମାନଙ୍କ ଜୀବନ ପ୍ରତି ବିପଦ ଦେଖାଦେଇଛି। ସମ୍ଭାବ୍ୟ ଅଂଶୁଘାତକୁ ଦୃଷ୍ଟିରେ ରଖି ବନ ବିଭାଗ ପକ୍ଷରୁ ବିଭିନ୍ନ ଅଭୟାରଣ୍ୟ, ଜଙ୍ଗଲ ଓ ଚିଡ଼ିଆଖାନାରେ ବ୍ୟାପକ ପଦକ୍ଷେପ ଗ୍ରହଣ କରିବାକୁ ସବୁ ବନଖଣ୍ଡ ଅଧିକାରୀ, ଅଭୟାରଣ୍ୟ ଓ ଚିଡ଼ିଆଖାନା କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବିଭାଗର ସୂଚନାନୁସାରେ, ଜଙ୍ଗଲରେ ପର୍ଯ୍ୟାପ୍ତ ପାଣି ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ଜଙ୍ଗଲ ମଧ୍ୟରେ ୧୨୦ଟି ନୂଆ ଜଳାଶୟ ଖୋଳାଯାଇଛି। ୨୭୦ଟି ପୁରୁଣା ଜଳାଶୟର ପୁନରୁଦ୍ଧାର ମଧ୍ୟ କରାଯାଇଛି। ଅଧିକ ଜଳ ସଙ୍କଟ ଥିବା ଅଞ୍ଚଳରେ ଟ୍ୟାଙ୍କର ଜରିଆରେ ଜଳାଶୟରେ ପାଣି ଭରିବାକୁ କୁହାଯାଇଛି। ପାଣି ସନ୍ଧାନରେ ବନ୍ୟଜନ୍ତୁ ଯେପରି ଗାଁ ମୁହାଁ ନ ହେବେ ସେନେଇ ଅନେକ ପଦକ୍ଷେପ ଗ୍ରହଣ କରାଯାଉଛି। ଏହାସତ୍ତ୍ୱେ ରାଜ୍ୟର ବିଭିନ୍ନ ଜଙ୍ଗଲରେ ଜଳସଙ୍କଟ



ସହ ନିଆଁ ଲାଗୁଥିବାରୁ ବନ୍ୟପ୍ରାଣୀ ଓ ଜଙ୍ଗଲ ସମ୍ପଦର ସୁରକ୍ଷା ବର୍ତ୍ତମାନ ସମୟରେ ବେଶ୍ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି।

ଫରେଷ୍ଟ ସର୍ଭେ ଅଫ୍ ଇଣ୍ଡିଆ(ଏଫ୍‌ଏସ୍‌ଆଇ)ର ତଥ୍ୟାନୁସାରେ, ଶନିବାର ରାତି ୮ଟା ଭିତରେ ଦେଶର ୪୯୪ଟି ସ୍ଥାନରେ ବଡ଼ ଧରଣର ବନାଗ୍ନି ହୋଇଛି। ଆସାମରେ ସର୍ବାଧିକ ୯୩ଟି ସ୍ଥାନରେ ବନାଗ୍ନି ନଜରକୁ ଆସିଥିବାବେଳେ ଓଡ଼ିଶାରେ ୮୦ ସ୍ଥାନରେ ବଡ଼ ଧରଣର ଜଙ୍ଗଲ ନିଆଁ ଲାଗିଥିବା ସୂଚନା ଦିଆଯାଇଛି। ସେପଟେ ଗତ ମାର୍ଚ୍ଚ ୩୦ରୁ ୭ଦିନ ଭିତରେ ଓଡ଼ିଶାରେ ତୃତୀୟ ସର୍ବାଧିକ ବନାଗ୍ନି ଘଟଣା ଘଟିଥିଲା। ଏହି ସମୟ ମଧ୍ୟରେ ମଧ୍ୟପ୍ରଦେଶରେ ସର୍ବାଧିକ ୨୯୯ ସ୍ଥାନରେ ନିଆଁ ଲାଗିଥିବାବେଳେ ଛତିଶଗଡ଼ରେ ୨୫୫, ଓଡ଼ିଶାରେ ୨୧୪ଟି ସ୍ଥାନରେ ଜଙ୍ଗଲ ନିଆଁ ଲାଗିଥିଲା ବୋଲି ଉକ୍ତ ରିପୋର୍ଟରୁ ଜଣାପଡ଼ିଛି।

ବିଶେଷକରି ଖରାଦିନ ଆସିଲେ ବନ୍ୟପ୍ରାଣୀଙ୍କ ସୁରକ୍ଷାକୁ ନେଇ ଚିନ୍ତା ବଢ଼ୁଛି। ପ୍ରବଳ ଉତ୍ତାପରୁ ରକ୍ଷା ପାଇବାକୁ ବନ୍ୟଜନ୍ତୁ ଇତସ୍ତତଃ ହୋଇପଡୁଛନ୍ତି। ଖାଦ୍ୟ ଓ ପାଣି ଖୋଜିବାକୁ ଗାଁ ମୁହାଁ ହୋଇ ମୃତ୍ୟୁମୁଖରେ ପଡୁଛନ୍ତି। ଗତବର୍ଷ ପାଣି ଅଭାବରୁ ଆଠଗଡ଼ରେ ଏକ ହାତୀ ଛୁଆର ମୃତ୍ୟୁ ହୋଇଥିଲା। ଜଙ୍ଗଲରେ ତିନୋଟି ହାତୀଙ୍କ ପାଇଁ ପୋଖରୀ ରହିଥିଲେ ମଧ୍ୟ କୌଣସି ପୋଖରୀରେ ପାଣି ନ ଥିଲା। ଏହା ସହ ଅନେକ ବନ୍ୟଜନ୍ତୁ ଅଧିକ ଖରା ପାଇଁ ଅସୁସ୍ଥ ହୋଇପଡୁଥିବା ନଜିର ରହିଛି। ଗ୍ରୀଷ୍ମ ପ୍ରବାହକୁ ସହି ନ ପାରି ନୂଆପଡ଼ାରେ ଏକ କଲରାପତରିଆ ବାଘ ଅସୁସ୍ଥ ହୋଇପଡିଥିଲା। ତୁରନ୍ତ ବାଘଟିକୁ ସାଲାଇନ ଦିଆଯାଇଥିଲା ଏବଂ ପରବର୍ତ୍ତୀ ସମୟରେ ସେ ଖାଦ୍ୟ ଖାଇଥିଲା। ଏ ସମ୍ପର୍କରେ ପିସିସିଏଫ୍(ବନ୍ୟପ୍ରାଣୀ) ସୁଶାନ୍ତ ନନ୍ଦ କହିଛନ୍ତି, ଶିମିଳିପାଳ, ହଦଗଡ଼ ଏବଂ ଚନ୍ଦକାରେ ଜଳକଷ୍ଟ ଅନୁଭବ ହୁଏ ନାହିଁ। କାରଣ ଏସବୁ ସ୍ଥାନରେ ଯଥେଷ୍ଟ ଜଳଉତ୍ସ ଓ ଜଳାଶୟ ରହିଛି। ସାତକୋଶିଆ, କୁଳଡିହା ଏବଂ ନୟାଗଡ଼ ଭଳି କିଛି ସ୍ଥାନରେ କରାଯାଇଥିବା ବଡ଼ ବଡ଼ ଜଳାଶୟରେ ପାଣି ରଖିବାର ବ୍ୟବସ୍ଥା କରାଯାଇଛି। ବୋର୍‌ୱେଲ କରାଯାଇ, ସୋଲାର କିମ୍ବା ଡିଜେଲ ପମ୍ପ ଦ୍ୱାରା ପାଣି ଭର୍ତ୍ତି କରାଯାଉଛି। ସେହିଭଳି ଛୋଟ ଛୋଟ ଜଳାଶୟରେ ନିୟମିତ ବ୍ୟବଧାନରେ ପାଣି ଢଳାଯାଉଥିବା ପିସିସିଏଫ୍ ନନ୍ଦ କହିଛନ୍ତି।

## ଭ୍ୟୁୟର୍ସ ବଢ଼ାଇବାକୁ ପ୍ରଶ୍ନପତ୍ର ଲିକ୍

### ସହକାରୀ ଶିକ୍ଷକ, ସ୍ତ୍ରୀଙ୍କୁ ଗିରଫ କଲା ସାଇବର ପୋଲିସ

ଭୁବନେଶ୍ୱର,୬।୪ (ସୂର୍ଯ୍ୟକାନ୍ତ ବେହେରା)

ଭ୍ୟୁୟର୍ସ ବଢ଼ାଇବା ସହ କମ୍ ସମୟରେ ଅଧିକ ରୋଜଗାର କରିବାକୁ ନିଜ ୟୁଟ୍ୟୁବ୍ ଚ୍ୟାନେଲ୍ 'ପ୍ରୋ-ଆନ୍‌ସର'ରେ ପ୍ରଶ୍ନପତ୍ର ଲିକ୍ କରି ଜଣେ ସହକାରୀ ଶିକ୍ଷକ ଏବଂ ତାଙ୍କ ସ୍ତ୍ରୀ ଗିରଫ ହୋଇଛନ୍ତି। ଅଭିଯୁକ୍ତ ହେଉଛନ୍ତି ଯାଜପୁର ଝଡ଼ଙ୍ଗାଗ୍ରାମର ଜଗନ୍ନାଥ କର(୨୯) ଏବଂ ତାଙ୍କ ସ୍ତ୍ରୀ ଋତୁପର୍ଣ୍ଣା ପତି(୨୭)। ଶ୍ରୀଧରପୁର ଗ୍ରାମ ଗୋପୀନାଥ ଜୀଉ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜଗନ୍ନାଥ ସହକାରୀ ଶିକ୍ଷକ ଭାବେ କାର୍ଯ୍ୟ କରନ୍ତି।। ଉଭୟଙ୍କୁ ଭୁବନେଶ୍ୱର ସାଇବର ଥାନା ପୋଲିସ କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇଦିଆଯାଇଛି। ଉଭୟଙ୍କଠାରୁ ୨ଟି ମୋବାଇଲ, ଗୋଟିଏ ଲାପ୍‌ଟପ, ପ୍ରଥମରୁ ଅଷ୍ଟମ ଯାଏ ସମ୍ମେଟିଭ ଆନ୍‌ସର ପେପର, ୨ଟି ବ୍ୟାଙ୍କ ପାସ୍‌ବୁକ ଜବତ କରାଯାଇଥିବା ଭୁବନେଶ୍ୱର ଡିସିପି ପ୍ରତୀକ ସିଂ ସୂଚନା ଦେଇଛନ୍ତି। ଏହି ମାମଲାରେ ପୂର୍ବରୁ ଗଞ୍ଜାମ ରମ୍ଭା ଥାନା ଅଞ୍ଚଳର ସମୀର ସାହୁ ଗିରଫ ହୋଇଛନ୍ତି। ସୂଚନାଯୋଗ୍ୟ, ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ(ଓସେପା) ଦ୍ୱାରା ପରିଚାଳିତ ☞ପୃଷ୍ଠା-୪





'ମିତ୍ର, ଭ୍ରଷ୍ଟାଚାରିଙ୍କ ବିରୁଦ୍ଧରେ ଆକ୍ସନ ନେବି'
ଜଣ-ଜଣ କରି ଜୁମଲା ପାର୍ଟିରେ ଭରି ଦେବି ।



Issued in public interest by
All India Congress Committee.

**ରାଜନାଥଙ୍କ ମନ୍ତବ୍ୟ ଉତ୍ତେଜକ ଓ ଅଦୂରଦର୍ଶୀ: ପାକିସ୍ତାନ**

ଭାରତର ଶାନ୍ତି ବ୍ୟାହତ ଲାଗି ଉଦ୍ୟମ କରୁଥିବା ଆତଙ୍କବାଦୀଙ୍କୁ ଠିକଣା ଜବାବ ଦିଆଯିବ। ଯଦି ସେମାନେ ଖସି ପାକିସ୍ତାନ ପଳାଇଯାଆନ୍ତି, ତେବେ ଭାରତୀୟ ସୈନ୍ୟ ଘରେ ପଶି ମାରିବେ ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ କହିଥିଲେ। ତାଙ୍କର ଏଭଳି ମନ୍ତବ୍ୟକୁ ପାକିସ୍ତାନ ଦାୟିତ୍ୱହୀନ, ଅଦୂରଦର୍ଶୀ ଓ ଉତ୍ତେଜନା ସୃଷ୍ଟିକାରୀ ବୋଲି କହିଛି।

## ସଂକ୍ଷେପରେ

### ରାଜ୍ୟ ସଭା ନିର୍ବାଚନରେ ପରାଜୟକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କଲେ ସିଂଘଭି

**ଶିମଲା,୬।୪(ପି.ଟି.):** ହିମାଚଳ ପ୍ରଦେଶରୁ ରାଜ୍ୟ ସଭା ନିର୍ବାଚନ ହାରିବାର ମାସେରୁ ଊର୍ଦ୍ଧ୍ୱ ସମୟ ବିତିବା ପରେ କଂଗ୍ରେସ ନେତା ଅଭିଷେକ ମନୁ ସିଂଘଭି ଶନିବାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗତ ଫେବୃଆରୀ ୨୭ରେ ଅନୁଷ୍ଠିତ ନିର୍ବାଚନରେ ସେ ଏବଂ ଭାଜପା ପ୍ରାର୍ଥୀ ହର୍ଷ ମହାଜନଙ୍କୁ ୩୪ଟି ଲେଖାଏ ଭୋଟ ମିଳିବାରୁ ନିର୍ବାଚନ ଅଧିକାରୀ ଧର୍ମଗୁଳା ନିୟମରେ ଭାଜପା ପ୍ରାର୍ଥୀଙ୍କୁ ବିଜୟୀ ଘୋଷଣା କରିଥିଲେ। ଉକ୍ତ ନିୟମର ବ୍ୟାଖ୍ୟାକୁ ସିଂଘଭି ହିମାଚଳ ପ୍ରଦେଶ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। ଧର୍ମଗୁଳାରେ ଯାହାର ନାଁ ଉଠାଯିବ, ସେ ପରାଜିତ ବୋଲି ଆଇନ କିମ୍ବା ନିୟମରେ କିଛି ନ ଥିବା ସିଂଘଭି ଖବରଦାତାମାନଙ୍କୁ କହିଛନ୍ତି। ହିମାଚଳ ବିଧାନସଭାରେ କଂଗ୍ରେସର ୪୦ ବିଧାୟକ ଥିବାବେଳେ ୩ ସ୍ୱାଧୀନ ବିଧାୟକଙ୍କ ସମର୍ଥନ ରହିଛି। କଂଗ୍ରେସର ୬ ବିଦ୍ରୋହୀ ଏବଂ ୩ ସ୍ୱାଧୀନ ବିଧାୟକଙ୍କ ଭୋଟ ନାକଚ ହେବାରୁ ଉଭୟ ଭାଜପା ଓ କଂଗ୍ରେସ ପ୍ରାର୍ଥୀ ୩୪ ଲେଖାଏ ଭୋଟ ପାଇଥିଲେ।


ଅଭିଷେକ ମନୁ ସିଂଘଭି

### ୧୮ ଯାଏ ଜେଲରେ ରହିବେ ସିସୋଡିଆ

**ନୂଆଦିଲ୍ଲୀ, ୬।୪:** ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ଆମ୍ ଆଦମୀ ପାର୍ଟି(ଆପ୍) ନେତା ତଥା ଦିଲ୍ଲୀର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆଙ୍କ ନ୍ୟାୟିକ ହେପାଜତ ଆସନ୍ତା ଏପ୍ରିଲ ୧୮କୁ ବୃଦ୍ଧି କରାଯାଇଛି। ଦିଲ୍ଲୀ ରାଉଜ୍ ଏଭେନ୍ୟୁ କୋର୍ଟର ସ୍ୱତନ୍ତ୍ର ବିଚାରପତି କାବେରୀ ବାୱେଜା ଶନିବାର ଏହି ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବ ନ୍ୟାୟିକ ହେପାଜତ ଅବଧି ଶେଷ ହେବା ପରେ ସିସୋଡିଆଙ୍କୁ ଶନିବାର କୋର୍ଟରେ ହାଜର କରାଯାଇଥିଲା। ସିସୋଡିଆଙ୍କୁ ସିବିଆଇ ଗତବର୍ଷ ଫେବୃଆରୀ ୨୬ରେ ଗିରଫ କରିଥିଲା। ଏହାର ୨ ଦିନ ପରେ ସିସୋଡିଆ ଦିଲ୍ଲୀ କ୍ୟାବିନେଟରୁ ଇସ୍ତଫା ଦେଇଥିଲେ।

# ଏନ୍ଆଇଏ ଟିମ୍‌କୁ ଆକ୍ରମଣ

**କୋଲକାତା/ନୂଆଦିଲ୍ଲୀ,୬।୪**

- ରାତିଅଧରେ ଯାଞ୍ଚ ଅଧିକାରୀ କାହିଁକି ଯାଇଥିଲେ: ମମତା
- ଏହା ଟିଏମ୍‌ସିର ତାଲିବାନୀ ମାନସିକତାର ପ୍ରମାଣ: ଭାଜପା

ପଶ୍ଚିମବଙ୍ଗର ପୂର୍ବ ମେଦିନିପୁର ଜିଲାର ଭୂପତିନଗର ଅଞ୍ଚଳରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍ଆଇଏ) ଅଫିସରମାନଙ୍କ ଗାଡ଼ି ଉପରେ ଶନିବାର ଆକ୍ରମଣ ହୋଇଛି। ସେମାନେ ୨୦୨୨ ବୋମା ବିସ୍ଫୋରଣ ମାମଲାର ତଦନ୍ତ ପାଇଁ ଉକ୍ତ ଗାଁକୁ ଯାଇଥିଲେ ବୋଲି ପୋଲିସ କହିଛି। ସେମାନେ ଉକ୍ତ ମାମଲାରେ ୨ ଜଣଙ୍କୁ ଗିରଫ କରି କୋଲକାତା ଫେରୁଥିବାବେଳେ ଆକ୍ରମଣର ସମ୍ମୁଖୀନ ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କ ଗାଡ଼ିକୁ ଘେରାଉ କରିବା ସହ ଟେକାମାଡ଼ କରିଥିଲେ। ସେମାନଙ୍କ ଆକ୍ରମଣରେ ଏନ୍ଆଇଏର ଜଣେ ଅଧିକାରୀ ଆହତ ହୋଇଛନ୍ତି। ଏନେଇ ତଦନ୍ତକାରୀ ସଂସ୍ଥା ପୋଲିସରେ ଅଭିଯୋଗ କରିଛି। ଅଭିଯୋଗ ପାଇବା ପରେ କେନ୍ଦ୍ରୀୟ ପୋଲିସ ବଳ ଭୂପତିନଗରରେ ପହଞ୍ଚିଛି। ସୂଚନାଯୋଗ୍ୟ, ୨୦୨୨ ଡିସେମ୍ବର ୩ରେ ଭୂପତିନଗରର ଏକ ଘରେ ବୋମା ବିସ୍ଫୋରଣ ହେବାରୁ ୩ ଜଣଙ୍କ ମୃତ୍ୟୁ ଘଟିଥିଲା। ପରେ ଏହି


ଭୂପତିନଗର ଅଞ୍ଚଳରେ ଉତ୍ତେଜନା ଲାଗି ରହିଥିବାବେଳେ ସୁରକ୍ଷା ଯବାନମାନେ ସ୍ଥାନୀୟ ଲୋକଙ୍କୁ ବୁଝାଶୁଝା କରୁଛନ୍ତି।

ମାମଲାର ତଦନ୍ତ ଦାୟିତ୍ୱ ଏନ୍ଆଇଏକୁ ହସ୍ତାନ୍ତର କରାଯାଇଥିଲା। ଶନିବାର ଏନ୍ଆଇଏ ଟିମ୍ ଉପରେ ଆକ୍ରମଣ ଗତ ଜାନୁଆରୀ ୫ର ସ୍ମୃତିକୁ ମନେ ପକାଇଦେଇଛି। ସେତେବେଳେ ଉତ୍ତର ୨୪ ପ୍ରଗଣା ଜିଲାର ସନ୍ଦେଶଖାଲିରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଅଧିକାରୀମାନଙ୍କ ଉପରେ ଆକ୍ରମଣ ହୋଇଥିଲା। ସେମାନେ ରାଶନ ଦୁର୍ନୀତି ମାମଲାର ତଦନ୍ତ କରିବାକୁ ଯାଇଥିଲେ।

ଅନ୍ୟପକ୍ଷରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏନ୍ଆଇଏ ଅଧିକାରୀମାନଙ୍କ ତଦନ୍ତ ସମୟକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଏନ୍ଆଇଏ ଅଧିକାରୀମାନେ କ'ଣ ପାଇଁ ରାତି ଅଧରେ ଭୂପତିନଗର ଯାଇଥିଲେ। ଏନ୍ଆଇଏ ଅଧିକାରୀମାନେ ସ୍ଥାନୀୟ ଲୋକଙ୍କୁ ଆକ୍ରମଣ କରିଥିଲେ ବୋଲି ସେ ଅଭିଯୋଗ ଆଣିଛନ୍ତି। ମହିଳାମାନଙ୍କ ଉପରେ ଆକ୍ରମଣ ହେଲେ ସେମାନେ ପଛକୁ ହଟିଯାଇଥାନ୍ତେ କି? ଏନ୍ଆଇଏ ଅଧିକାରୀମାନେ କେତେଜଣଙ୍କ ଘରେ ପଶିବାରୁ ସେମାନେ ଏହାର ପ୍ରତିବାଦ କରିଥିଲେ ବୋଲି ମମତା ଏକ ନିର୍ବାଚନୀ ରାଲିରେ ଉଦ୍‌ବୋଧନ ଦେବାବେଳେ କହିଛନ୍ତି।

ଏନ୍ଆଇଏ ଅଫିସରଙ୍କ ଉପରେ ଆକ୍ରମଣ ରାଜ୍ୟ ପ୍ରାୟୋଜିତ ବୋଲି ଭାଜପା ଶନିବାର ଅଭିଯୋଗ କରିଛି। ୨୦୨୨ ବିସ୍ଫୋରଣ ତଦନ୍ତରେ ବାଧା ସୃଷ୍ଟି କରି ଏଥିରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ସୁରକ୍ଷା ଦେବାକୁ ମମତା ହିଂସାକୁ ଉସୁକାଉଥିବା ଭାଜପା କହିଛି। ଏନ୍ଆଇଏ ଅଫିସରଙ୍କ ଉପରେ ଆକ୍ରମଣକୁ ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ଶେହଜାଦ ପୁନାୱାଲା ସନ୍ଦେଶଖାଲି ୨.୦ ବୋଲି କହିଛନ୍ତି। ଏହା ତୃଣମୂଳ କଂଗ୍ରେସ ଦ୍ୱାରା ପ୍ରାୟୋଜିତ ସୁପରିକଳ୍ପିତ ଆକ୍ରମଣ। ଏଥିରୁ ଟିଏମ୍‌ସିର ତାଲିବାନୀ ମାନସିକତା ପ୍ରତିଫଳିତ ହେଉଛି। ନିର୍ବାଚନ କମିଶନ ଏହା ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଦାବି କରିଛନ୍ତି।

### ବୋକାରୋ ଇସ୍ପାତ କାରଖାନାରେ ନିଆଁ: ୨୩ କର୍ମଚାରୀ ହସ୍ପିଟାଲରେ ଭର୍ତ୍ତି

**ବୋକାରୋ, ୬।୪(ପି.ଟି.)**

ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ (ସେଲ୍)ର ବୋକାରୋ ଷ୍ଟିଲ୍ ପ୍ଲାଣ୍ଟରେ ଶନିବାର ସକାଳେ ନିଆଁ ଲାଗିଯାଇଥିଲା। ଏହାର ୨୩ କର୍ମଚାରୀ ଧୂଆଁରେ ଶ୍ୱାସରୁଦ୍ଧ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ମିଶ୍ରିତ ଗ୍ୟାସ୍ ପାଇପ୍‌ଲାଇନରେ ମେଣ୍ଟେନାନ୍ସ କାମ ଚାଲିଥିବାବେଳେ ଅଗ୍ନିକାଣ୍ଡ ଘଟିଥିଲା। ପାଇପ୍‌ଲାଇନ ବନ୍ଦ ଥିବାରୁ ଏହା ମଧ୍ୟରେ ଗ୍ୟାସ୍ ନ ଥିଲା। ପାଇପ୍‌ଲାଇନର ଏକ କମ୍ପେନ୍‌ସେଟରକୁ ବଦଳାଇବା ବେଳେ ସେଥିରେ ଥିବା ଦହନଶୀଳ ନାଫ୍ତା, ସଲ୍ଫର ଆଦି ସାମଗ୍ରୀରେ ନିଆଁ ଲାଗିଯାଇଥିଲା। ଫଳରେ ପାଇପ୍‌ଲାଇନ ଦେଇ ଧୂଆଁ ବ୍ୟାପିଯାଇଥିଲା। କେତେଜଣ ଠିକା କର୍ମଚାରୀଙ୍କ ସମେତ ହଟ୍ ଷ୍ଟ୍ରିପ୍ ମିଲ୍‌ର ରିହିଟିଂ ଫର୍ନେସ୍ ଅଞ୍ଚଳରେ କାମ କରୁଥିବା ୨୩ ଜଣ ଧୂଆଁ ସଂସ୍ପର୍ଶରେ ଆସି ଅସୁସ୍ଥ ହୋଇପଡ଼ିଥିଲେ। ସେମାନଙ୍କୁ ହସ୍ପିଟାଲରେ ଅବ୍‌ଜରଭେଶନରେ ରଖାଯାଇଛି।

# ନବଜାତକଙ୍କୁ ୬ ଲକ୍ଷରେ ବିକ୍ରି

**ନୂଆଦିଲ୍ଲୀ,୬।୪**

- ଦିଲ୍ଲୀରେ ଶିଶୁ ଚାଲାଣ ର୍‍ୟାକେଟ୍
- ଗ୍ୟାଙ୍ଗ୍‌ର ୭ ଜଣଙ୍କୁ ଗିରଫକଲା ସିବିଆଇ

କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଦିଲ୍ଲୀ ଶିଶୁ ଚାଲାଣ ର୍‍ୟାକେଟ୍‌ର ପର୍ଦ୍ଦାଫାଶ କରିଛି। ସିବିଆଇ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଶିଶୁ ଚାଲାଣ ଗ୍ୟାଙ୍ଗ୍‌ର ୭ ଜଣ ସଦସ୍ୟଙ୍କୁ ଗିରଫ କରିବା ସହ ରାଜଧାନୀର କେଶବପୁରମ୍ ଅଞ୍ଚଳର ଏକ ଘରୁ ୩ ନବଜାତ ଶିଶୁଙ୍କୁ ଉଦ୍ଧାର କରିଛି। ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ବୟସ ଦେଢ଼ ଦିନ ହୋଇଥିବାବେଳେ ଅନ୍ୟ ଜଣକ ୧୫ ଦିନର। ଉକ୍ତ ଗ୍ୟାଙ୍ଗ୍ ଶିଶୁଙ୍କୁ ପଣ୍ୟ ସାମଗ୍ରୀ ଭାବେ କିଣି କଳାବଜାରରେ ନିଃସନ୍ତାନ ଦମ୍ପତିଙ୍କୁ ବିକ୍ରି କରୁଥିଲା।

ଗ୍ୟାଙ୍ଗକୁ ଶିଶୁ ବିକିଥିବା ଦୁଇ ମହିଳାଙ୍କ ସମେତ କ୍ରେତାଙ୍କୁ ମଧ୍ୟ ସିବିଆଇ ତଦନ୍ତରେ ସାମିଲ କରିଛି। ବ୍ୟବସାୟର ଚେର ଦିଲ୍ଲୀ ବାହାରକୁ ଲମ୍ବିଥିବାରୁ ବିଭିନ୍ନ ରାଜ୍ୟରେ ତଦନ୍ତ ଜାରି ରହିଛି। ଗିରଫ ୭ ଜଣଙ୍କ ମଧ୍ୟରେ ହସ୍ପିଟାଲର ଜଣେ ୱାର୍ଡବୟ ଏବଂ କେତେଜଣ ମହିଳା ଅଛନ୍ତି। ଜାତୀୟ ରାଜଧାନୀ ଅଞ୍ଚଳରେ ୭ରୁ ୮ ଶିଶୁ ବିକ୍ରିରେ ସେମାନେ ସମ୍ପୃକ୍ତ। ଶିଶୁ ଚାଲାଣ ଗ୍ୟାଙ୍ଗ୍ ଫେସ୍‌ବୁକ୍ ପେଜ୍, ହ୍ୱାଟ୍ସଆପ୍ ଗ୍ରୁପ୍ ଭଳି ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଜରିଆରେ ବିଜ୍ଞାପନ ଦେଇ ଶିଶୁ କିଣିବାକୁ ଆଗ୍ରହୀ ଥିବା ନିଃସନ୍ତାନ ମାତାପିତାଙ୍କ ସହ ଯୋଗାଯୋଗ କରୁଥିଲା। ଗ୍ୟାଙ୍ଗ୍ ପ୍ରକୃତ ମାଆବାପା ଏବଂ ସରୋଗେଟ ମାଆଙ୍କଠାରୁ ଖୁବ୍ କମ୍ ଟଙ୍କାରେ ଶିଶୁ କିଣିନେଇ ସେମାନଙ୍କୁ ଜଣ ପିଛା ୪ରୁ ୬ ଲକ୍ଷ ଟଙ୍କାରେ ବିକ୍ରି କରୁଥିଲା। ପୋଷ୍ୟ ସନ୍ତାନ ସମ୍ପର୍କିତ ଜାଲ୍ କାଗଜପତ୍ର ପ୍ରସ୍ତୁତ କରି ଏହି ଗ୍ୟାଙ୍ଗ୍ ନିଃସନ୍ତାନ ଦମ୍ପତିଙ୍କଠାରୁ ଲକ୍ଷ ଲକ୍ଷ ଟଙ୍କା ଠକୁଥିଲେ। ଚଢ଼ାଉ ବେଳେ ନଗଦ ୫.୫ ଲକ୍ଷ ଟଙ୍କା ଓ କେତେକ ଦସ୍ତାବିଜ ଜବତ ହୋଇଛି। ୧୦ ଜଣଙ୍କ ବିରୋଧରେ ଆଇପିସିର ବିଭିନ୍ନ ଧାରା ଏବଂ ଜୁଭେନାଇଲ୍ ଜଷ୍ଟିସ୍ ଆଇନ ଅନୁଯାୟୀ ମାମଲା ରୁଜୁ ହୋଇଛି।



### ସିପିଆଇ ଇସ୍ତାହାରରେ ସିଏଏ ରଦ୍ଦ ପ୍ରତିଶ୍ରୁତି

**ନୂଆଦିଲ୍ଲୀ,୬।୪**

ଆଗାମୀ ଲୋକ ସଭା ନିର୍ବାଚନ ଲାଗି କମ୍ୟୁନିଷ୍ଟ ପାର୍ଟି ଅଫ୍ ଇଣ୍ଡିଆ (ସିପିଆଇ) ଶନିବାର ଇସ୍ତାହାର ପ୍ରକାଶ କରିଛି। ବିବାଦୀୟ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ)କୁ ରଦ୍ଦ କରାଯିବା ସହ ଅନୁସୂଚିତ ଜାତି, ଜନଜାତି ଏବଂ ଅନ୍ୟାନ୍ୟ ପଛୁଆ ବର୍ଗଙ୍କ ପାଇଁ ସଂରକ୍ଷଣରେ ଥିବା ୫୦ ପ୍ରତିଶତ ସୀମା ହଟାଇଦେବାକୁ ଇସ୍ତାହାରରେ ପ୍ରତିଶ୍ରୁତି ଦିଆଯାଇଛି। ଏହା ବ୍ୟତୀତ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ରୋଜଗାର ଗ୍ୟାରେଣ୍ଟି ଆଇନ (ଏମ୍‌ଜିଏନ୍‌ଆର୍‌ଇଜିଏ)ରେ ମଜୁରିକୁ ୭୦୦ ଟଙ୍କାକୁ ବଢ଼ାଇ ଦିଆଯିବ ବୋଲି ସିପିଆଇ କହିଛି। ଧର୍ମନିରପେକ୍ଷ ଗଣତନ୍ତ୍ରକୁ ବଞ୍ଚାଇ ରଖିବାକୁ ହେଲେ ଶାସକ ଭାଜପାକୁ ପରାଜିତ କରିବା ପାଇଁ ବାମଦଳ ଆହ୍ୱାନ ଦେଇଛି।

### ଦେଶର ଗଣତନ୍ତ୍ର ବିପଦରେ: ସୋନିଆ

**ଜୟପୁର,୬।୪**

**ସମ୍ବିଧାନ ବଦଳାଇବାକୁ ଷଡ଼ଯନ୍ତ୍ର ହେଉଛି**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ମର୍ଯ୍ୟାଦାକୁ ନକାରାତ୍ମକ ଭାବେ ପ୍ରଭାବିତ କରିବା ସହ ଗଣତନ୍ତ୍ରର କ୍ଷତି କରୁଛନ୍ତି ବୋଲି ବରିଷ୍ଠ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ରାଜସ୍ଥାନର ଜୟପୁରଠାରେ ଦଳର ଇସ୍ତାହାରର ଆନୁଷ୍ଠାନିକ ଉନ୍ମୋଚନ ଅବସରରେ କହିଛନ୍ତି। ଆଜି ଆମ ଦେଶର ଗଣତନ୍ତ୍ର ବିପଦରେ। ଗଣତନ୍ତ୍ରିକ ଅନୁଷ୍ଠାନଗୁଡ଼ିକୁ ନଷ୍ଟ କରିଦିଆଗଲାଣି। ସମ୍ବିଧାନକୁ ବଦଳାଇବା ପାଇଁ ଷଡ଼ଯନ୍ତ୍ର ଚାଲିଛି ବୋଲି ସୋନିଆ ଅଭିଯୋଗ କରିଛନ୍ତି। ଏହା ଏକଚ୍ଛତ୍ରବାଦ। ଆମ ସମସ୍ତଙ୍କୁ ଏହାର ଜବାବ ଦେବାକୁ ହେବ ବୋଲି ପୂର୍ବତନ କଂଗ୍ରେସ ଅଧ୍ୟକ୍ଷା କହିଛନ୍ତି। ମୋଦିଜୀ ନିଜକୁ ମହାନ୍ ବିବେଚନା କରି ଦେଶର ମର୍ଯ୍ୟାଦା ଓ ଏହାର ଗଣତନ୍ତ୍ରକୁ ଛଡ଼ାଇ ନେଉଛନ୍ତି। ବିରୋଧୀ ନେତାମାନଙ୍କୁ ଭାଜପାରେ ସାମିଲ କରିବା ପାଇଁ ସେମାନେ ବିଭିନ୍ନ କୌଶଳ ଆପଣାଉଛନ୍ତି। ଗତ ୧୦ ବର୍ଷରେ ଦେଶରେ ବେରୋଜଗାରି, ମୁଦ୍ରାସ୍ଫୀତି, ଅସମାନତା, ଅତ୍ୟାଚାର ଯଥେଷ୍ଟ ବଢ଼ିଛି। ସବୁ କ୍ଷେତ୍ରରେ ଅନ୍ୟାୟ ଲାଗିରହିଥିବାବେଳେ ଏହା ବିରୋଧରେ ଲଢ଼େଇ କରିବାକୁ ହେବ ବୋଲି ସୋନିଆ କହିଛନ୍ତି।



### ମସ୍କଙ୍କୁ ଟପି ଜୁକରବର୍ଗ ବିଶ୍ୱର ତୃତୀୟ ଧନୀ


ମାର୍କ ଜୁକରବର୍ଗ


ଏଲନ୍ ମସ୍କ

**ନୂଆଦିଲ୍ଲୀ, ୬।୪**

ମେଟା ପ୍ରତିଷ୍ଠାତା ମାର୍କ ଜୁକରବର୍ଗ ଧନୀ ତାଲିକାରେ ଟେସ୍‌ଲା ସିଇଓ ଏଲନ୍ ମସ୍କଙ୍କୁ ଟପି ତୃତୀୟ ସ୍ଥାନରେ ପହଞ୍ଚିଛନ୍ତି। ବ୍ଲୁମ୍‌ବର୍ଗ ବିଲିଅନେୟାର ଇଣ୍ଡେକ୍ସ ଦ୍ୱାରା ପ୍ରସ୍ତୁତ ତାଲିକାରେ ୨୦୨୦ ନଭେମ୍ବର ପରେ ପ୍ରଥମ ଥର ଜୁକରବର୍ଗ ଶୀର୍ଷ ୩ ଜଣ ଧନୀ ବ୍ୟକ୍ତିଙ୍କ ମଧ୍ୟରେ ରହିଛନ୍ତି। ଏବେ ଏଲନ୍ ମସ୍କଙ୍କ ସମୁଦାୟ ସମ୍ପତ୍ତି ୧୮୦.୬ ବିଲିଅନ ଡଲାର ହୋଇଥିବାବେଳେ ଜୁକରବର୍ଗଙ୍କ ସମ୍ପତ୍ତି ୧୮୬.୯ ବିଲିଅନ ଡଲାର । ଚଳିତ ବର୍ଷ ଜୁକରବର୍ଗଙ୍କ ସମ୍ପତ୍ତି ୫୮.୯ ବିଲିଅନ ଡଲାର ବଢ଼ିଥିବାବେଳେ ମସ୍କଙ୍କ ସମ୍ପତ୍ତି ୪୮.୪ ଡଲାର ହ୍ରାସ ପାଇଛି। ମାର୍ଚ୍ଚ ଆରମ୍ଭରେ ପ୍ରଥମ ସ୍ଥାନ ଅଧିକାର କରିଥିବା ମସ୍କ ଏବେ ଚତୁର୍ଥ ସ୍ଥାନକୁ ଖସି ଆସିଛନ୍ତି। 'ଏସ୍‌ଆଣ୍ଡପି ୫୦୦' ସୂଚକାଙ୍କ ଅନୁଯାୟୀ ମେଟାର ଶେୟାର ୪୯% ବଢ଼ିଥିବାବେଳେ ଟେସ୍‌ଲା ଶେୟାର ୩୪% ହ୍ରାସ ପାଇଛି। ବିଦ୍ୟୁତଚାଳିତ ଗାଡ଼ିର ଚାହିଦା, ଚାଇନାରେ ପ୍ରତିଯୋଗିତା ବୃଦ୍ଧି ଆଦି କାରଣରୁ ଟେସ୍‌ଲା ଶେୟାର ହ୍ରାସ ପାଇଥିବା ଆକଳନ କରାଯାଉଛି।

# ଭାରତର ନିର୍ବାଚନକୁ ପ୍ରଭାବିତ କରିପାରେ ଚାଇନା

**ନ୍ୟୁୟର୍କ,୬।୪ (ପି.ଟି.)**

**ଏଆଇର ଦୁରୁପଯୋଗ**

ଚାଇନା କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ଦୁରୁପଯୋଗ କରି ଭାରତ ସମେତ ଆମେରିକା ଏବଂ ଦକ୍ଷିଣ କୋରିଆର ନିର୍ବାଚନରେ ବାଧା ସୃଷ୍ଟି କରିବାକୁ ଯୋଜନା କରୁଛି। ମାଇକ୍ରୋସଫ୍ଟ ଏନେଇ ସତର୍କ କରାଇଛି। ଚାଇନା ଏହାର ଭୂରାଜନୈତିକ ସ୍ୱାର୍ଥ ହାସଲ ପାଇଁ ଭାରତରେ ନିର୍ବାଚନ ସମୟରେ ସୋସିଆଲ ମିଡିଆ ଜରିଆରେ ଏଆଇ ପ୍ରସ୍ତୁତ ବିଷୟବସ୍ତୁର ପ୍ରସାରଣ କରି ଜନମତକୁ ପ୍ରଭାବିତ କରିପାରେ। ଭାରତରେ ଏପ୍ରିଲ ୧୯ରୁ ଜୁନ୍ ୧ ପର୍ଯ୍ୟନ୍ତ ୭ ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଥିବାବେଳେ ଜୁନ୍ ୪ରେ ଭୋଟଗଣତି ହେବ। ସେହିପରି ଦକ୍ଷିଣ କୋରିଆରେ ଏପ୍ରିଲ ୧୦ ଏବଂ ଆମେରିକାରେ ନଭେମ୍ବର ୫ରେ ରାଷ୍ଟ୍ରପତି ନିର୍ବାଚନ ହେବାକୁ ଯାଉଛି। ଏହି ୩ ପ୍ରମୁଖ ରାଷ୍ଟ୍ର ସହ ଚଳିତ ବର୍ଷ ବିଭିନ୍ନ ଦେଶରେ ନିର୍ବାଚନ ଅନୁଷ୍ଠିତ ହେଉଥିବାବେଳେ ଚାଇନା ନିଜର ଭୂରାଜନୈତିକ ସ୍ୱାର୍ଥକୁ ଚରିତାର୍ଥ କରିବା ପାଇଁ ଏଆଇ ପ୍ରସ୍ତୁତ କଣ୍ଟେଣ୍ଟ ସୃଷ୍ଟି କରିବା ସହ ଏହାକୁ ପ୍ରସାରିତ କରିବାକୁ ଯାଉଥିବା ମାଇକ୍ରୋସଫ୍ଟ ଥ୍ରେଟ୍ ଆନାଲିସିସ୍ ସେଣ୍ଟରର ସାଧାରଣ ପରିଚାଳକ କ୍ଲାଏଣ୍ଟ ୱାଟ୍ସ କହିଛନ୍ତି। ଯଦିଓ ନିର୍ବାଚନ ଫଳାଫଳକୁ ପ୍ରଭାବିତ କରିବାରେ ଏହିସବୁ କଣ୍ଟେଣ୍ଟର ପ୍ରଭାବ କମ୍ ସମ୍ଭାବନା ଥିଲେ ମଧ୍ୟ ବେଜିଂ ମେମ୍ସ, ଭିଡିଓ ଏବଂ ଅଡିଓ ପ୍ରସ୍ତୁତି ବଢ଼ାଇବା ପାଇଁ ଜୋର୍‌ଦାର ଉଦ୍ୟମ ଚଳାଇଛି, ଯାହା ନିର୍ବାଚନକୁ ପ୍ରଭାବିତ କରିବାରେ ଅଧିକ ଫଳପ୍ରଦ ହୋଇପାରିବ। ଚାଇନା ଉତ୍ତର କୋରିଆ ସହ ମିଶି ଏଭଳି କାର୍ଯ୍ୟ ଚଳାଇଥିବା ୱାଟ୍ସ କହିଛନ୍ତି।



ତାଇୱାନ୍ ରାଷ୍ଟ୍ରପତି ନିର୍ବାଚନ ସମୟରେ ଚାଇନା ଏହାର ପରୀକ୍ଷାମୂଳକ ବ୍ୟବହାର କରିଥିଲା। ତାଇୱାନ ନିର୍ବାଚନ ଫଳାଫଳକୁ ପ୍ରଭାବିତ କରିବା ପାଇଁ ଏହା ଏଆଇକୁ ନିୟୋଜିତ କରିଥିଲା। ଗତ ମାସରେ ମାଇକ୍ରୋସଫ୍ଟ ସହପ୍ରତିଷ୍ଠାତା ବିଲ୍ ଗେଟ୍ସ ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସାକ୍ଷାତ କରିବା ଅବସରରେ ସାମାଜିକ ବିକାଶ, ମହିଳା ନେତୃତ୍ୱାଧୀନ ବିକାଶ ଏବଂ ସ୍ୱାସ୍ଥ୍ୟ ଓ କୃଷି କ୍ଷେତ୍ରରେ ନବପ୍ରବର୍ତ୍ତନରେ ଏଆଇର ଉପଯୋଗ ସମ୍ପର୍କରେ ଆଲୋଚନା କରିଥିଲେ। ମାଇକ୍ରୋସଫ୍ଟ ଥ୍ରେଟ୍ ଇଣ୍ଟେଲିଜେନ୍ସ ଟିମ୍‌ର ସୂଚନା ଅନୁଯାୟୀ, ଚାଇନା ସରକାରଙ୍କ ସମର୍ଥିତ ସାଇବର ଗ୍ରୁପ୍ ସହ ଉତ୍ତରକୋରିଆ ମିଳିତ ଭାବେ ଚଳିତ ବର୍ଷ ବିଭିନ୍ନ ଦେଶରେ ହେବାକୁ ଥିବା ନିର୍ବାଚନକୁ ପ୍ରଭାବିତ କରିବା ଯୋଜନାରେ ରହିଛନ୍ତି। ସେମାନେ ଡିପ୍‌ଫେକ୍ ସମେତ କପଟତାପୂର୍ଣ୍ଣ ଏବଂ ମିଥ୍ୟା କଣ୍ଟେଣ୍ଟ ପ୍ରସ୍ତୁତି ଲାଗି ଏଆଇ ପ୍ରଯୁକ୍ତିର ଉପଯୋଗ କରୁଛନ୍ତି। ସେହିପରି ନିର୍ବାଚନୀ ବର୍ଷରେ ଆଦୌ ହୋଇ ନ ଥିବା କାର୍ଯ୍ୟକ୍ରମକୁ ସେମାନେ ସୋସିଆଲ ମିଡିଆରେ ପ୍ରସାରିତ କରିବେ। ଜନମତକୁ ପ୍ରଭାବିତ କରିବା ଲକ୍ଷ୍ୟରେ ଏଭଳି କୌଶଳ ସେମାନେ ଆପଣାଇବାକୁ ଯାଉଛନ୍ତି। ଯଦି ସେଗୁଡ଼ିକର ଉପଯୁକ୍ତ ଯାଞ୍ଚ ନ କରି ପ୍ରସାରଣ ଅନୁମତି ଦିଆଯାଏ, ତେବେ ଭୋଟରମାନଙ୍କ ଉପଯୁକ୍ତ ନିଷ୍ପତ୍ତି ନେବା କ୍ଷମତାକୁ ପ୍ରଭାବିତ କରିବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି ମାଇକ୍ରୋସଫ୍ଟ ସତର୍କ କରାଇଛି।

ଚାଇନା ଜାଲ୍ ସୋସିଆଲ ମିଡିଆ ଆକାଉଣ୍ଟ ବ୍ୟବହାର କରି ଭୋଟରମାନଙ୍କ ମଧ୍ୟରେ ବିଭାଜନ ସୃଷ୍ଟି କରିବା ସହ ଆମେରିକା ରାଷ୍ଟ୍ରପତି ନିର୍ବାଚନକୁ ଏହା ସପକ୍ଷରେ ପ୍ରଭାବିତ କରିବା ସମ୍ଭାବନା ରହିଛି। ଅନ୍ୟପକ୍ଷରେ ଉତ୍ତରକୋରିଆ ଏହାର ସାମରିକ ଲକ୍ଷ୍ୟ ଏବଂ ଗୋଇନ୍ଦା ତଥ୍ୟ ସଂଗ୍ରହ ପାଇଁ ପାଣ୍ଠି ସଂଗ୍ରହ ନିମନ୍ତେ କ୍ରିପ୍ଟୋକରେନ୍ସି ଲୁଟ୍ ଓ ଯୋଗାଣ ଶୃଙ୍ଖଳ ଉପରେ ଆକ୍ରମଣ ବଢ଼ାଇଦେଇଛି। ଏହି କାର୍ଯ୍ୟକୁ ଅଧିକ ପ୍ରଭାବୀ କରିବା ନିମନ୍ତେ ଉତ୍ତର କୋରିଆ ଏବେ ଏଆଇର ଉପଯୋଗ କରୁଛି।

## ଫୁର୍‌ସତ୍

### ମାଙ୍କଡ଼ କବଳରୁ କୁନି ଝିଅକୁ ବଞ୍ଚାଇଲା ଆଲେକ୍ସା

**ବସ୍ତି**

ଉତ୍ତରପ୍ରଦେଶ ବସ୍ତି ଜିଲାର ଏକ ୧୩ ବର୍ଷୀୟା ଝିଅ ନିକିତା ସାହସିକତାର ସହ ଆଲେକ୍ସା ଯନ୍ତ୍ରର ବ୍ୟବହାର କରି ନିଜ ବର୍ଷକର ସାନ ଭଉଣୀକୁ ମାଙ୍କଡ଼ ଆକ୍ରମଣରୁ ବଞ୍ଚାଇ ପାରିଛି। କିଛି ଅତିଥି ତାଙ୍କ ଘରକୁ ଆସିଥିବାରୁ ସେମାନେ ଫେରିବାବେଳେ ଘରର ଗେଟ୍ ଖୋଲା କରିଦେଇ ଯାଇଥିଲେ। ଗେଟ୍ ଖୋଲାଥିବାର ସୁଯୋଗ ନେଇ କିଛି ମାଙ୍କଡ଼ ଘର ମଧ୍ୟରେ ପ୍ରବେଶ କରି ରୋଷେଇ ଘରେ ବାସନକୁସନ ଫିଙ୍ଗିବା ସହ ତାଙ୍କ ସାନ ଭଉଣୀଙ୍କୁ ଡରାଇବାକୁ ଲାଗିଥିଲେ। ଭୟରେ ସାନ ଭଉଣୀର କାନ୍ଦ ଶୁଣି ନିକିତା ସେଠାରେ ପହଞ୍ଚିଥିଲେ। ସେତେବେଳେ ନିକିତାଙ୍କ ଆଖି ପଡିଥିଲା ଫ୍ରିଜ୍ ଉପରେ ରଖାଯାଇଥିବା ଆଲେକ୍ସା ଡିଭାଇସ୍ ଉପରେ। ସାଙ୍ଗେ ସାଙ୍ଗେ ସେ ନିଜ ଉପସ୍ଥିତ ବୁଦ୍ଧି ପ୍ରୟୋଗ କରି ଆଲେକ୍ସାକୁ କୁକୁର ଭଳି ଭୋକିବାକୁ କମାଣ୍ଡ ଦେଇଥିଲେ। ଫଳରେ ଆଲେକ୍ସା ଅବିକଳ କୁକୁର ଭଳି ଶବ୍ଦ କରିଥିଲା। ନିକିତାଙ୍କ ଘରେ ପଶିଥିବା ମାଙ୍କଡମାନେ ଏଥିରେ ଭୟଭୀତ ହୋଇ ଝରକା ପଟଦେଇ ପଳାଇ ଯାଇଥିଲେ। ବଡ଼ ଝିଅ ନିକିତାଙ୍କ ଉପସ୍ଥିତ ବୁଦ୍ଧି ଯୋଗୁଁ ତାଙ୍କ ସାନ ଝିଅର ଜୀବନ ବଞ୍ଚିଯାଇଥିବା ନେଇ ଗଣମାଧ୍ୟମ ସମ୍ମୁଖରେ କହିଛନ୍ତି ନିକିତାଙ୍କ ମା'। ଆଲେକ୍ସା ଯନ୍ତ୍ର କେତେ ଉପକାରୀ ତାହା ଆଜି ଜଣାପଡ଼ିଛି ବୋଲି ନିକିତାଙ୍କ ମା' ଓ ପରିବାର ଲୋକ କହିଛନ୍ତି। ଏହି ଘଟଣାପରେ ସୋସିଆଲ ମିଡିଆରେ ଆଲେକ୍ସାକୁ ନେଇ ଚର୍ଚ୍ଚା ଜୋର ଧରିଛି।





### ପ୍ରଶଂସକଙ୍କ ସହ ଥଟ୍ଟା କରି ଟ୍ରୋଲ୍ ହେଲେ ଜ୍ୟାକି

**ମୁମ୍ବାଇ:** ବଲିଉଡ୍ ଅଭିନେତା ଜ୍ୟାକି ଶ୍ରଫ୍ ତାଙ୍କର ବିନ୍ଦାଶ ଶୈଳୀ ପାଇଁ ବେଶ୍ ଜଣାଶୁଣା। ସେ ଅନେକ ସମୟରେ ନିଜ ପ୍ରଶଂସକ ସହ ଥଟ୍ଟା ପରିହାସ କରିବାକୁ ମଧ୍ୟ ଭଲ ପାଆନ୍ତି। ତେବେ ଚଳିତ ଥର ପ୍ରଶଂସକଙ୍କ ଉପରେ ଥଟ୍ଟା କରିବା ଜ୍ୟାକିଙ୍କ ପାଇଁ ମହଙ୍ଗା ପଡ଼ିଥିବା ପରି ମନେହେଉଛି। ନିକଟରେ ଏକ କାର୍ଯ୍ୟକ୍ରମରେ ଜ୍ୟାକି ଶ୍ରଫ୍‌ଙ୍କୁ ଦେଖି ଅନେକ ପ୍ରଶଂସକ ତାଙ୍କ ନିକଟକୁ ଚାଲିଆସିଥିଲେ। ସେମାନେ ସମସ୍ତେ ଜ୍ୟାକିଙ୍କ ସହ ସେଲ୍‌ଫି ନେବା ପାଇଁ ଚେଷ୍ଟା କରିଥିଲେ। ଏତିକିବେଳେ ସମସ୍ତଙ୍କ ସାମ୍ନାରେ ଜ୍ୟାକି ଥଟ୍ଟାରେ ସେଲ୍‌ଫି ଉଠାଉଥିବା ଜଣେ ପ୍ରଶଂସକଙ୍କ ମୁଣ୍ଡକୁ ପଛରୁ ମାରିଥିଲେ। ସମ୍ପୃକ୍ତ ପ୍ରଶଂସକ ଜଣକ ଭୁଲ୍ କୋଣରୁ ସେଲ୍‌ଫି ନେଉଥିବା ଦର୍ଶାଇ ଜ୍ୟାକି ପଛରୁ ତାଙ୍କ ମୁଣ୍ଡକୁ ମାରି ଅନ୍ୟ ପାର୍ଶ୍ୱରୁ ସେଲ୍‌ଫି ନେବାକୁ କହିଥିଲେ। ଜ୍ୟାକିଙ୍କ ଏପରି ଆଚରଣକୁ ଅଶୋଭନୀୟ ଦର୍ଶାଇ ସୋସିଆଲ ମିଡିଆରେ ଅନେକ ୟୁଜର୍ସ ସମାଲୋଚନା କରି ତାଙ୍କୁ ଟ୍ରୋଲ୍ କରିଛନ୍ତି।









# ‘ଆମେ ଅସ୍ୱାଭାବିକ ସ୍ଥିତିରେ ରହିଛେ’

ଭୁବନେଶ୍ୱର,୬।୪(ବନ୍ଦନା ସେଠୀ)

୨୦୧୪ ବେଳକୁ ଆମର ସ୍ୱାଧୀନତା ଭଲ ଥିଲା। ମାତ୍ର ଧୀରେଧୀରେ ଆମେ ଫାସିବାଦୀ ଆଡ଼କୁ ଗତି କରୁଛେ। ଦେଶର ସ୍ଥିତି ଏଭଳି ହେଲାଣି ଯେ, ଏବେ ଆମେ ଡିସ୍‌କନ୍‌ଫର୍ଟ୍ ଜୋନ୍ ବା ଅସ୍ୱାଭାବିକ ସ୍ଥିତିରେ ରହିଛେ କହିଲେ ଅତ୍ୟୁକ୍ତି ହେବନାହିଁ। ପ୍ରଥମ ଥର ଏପରି ହୋଇଛି ଯେ, ଦୁଇଜଣ ନିର୍ବାଚନ କମିଶନର ହଠାତ୍ ଇସ୍ତଫା ଦେଇଛନ୍ତି। ଏହା ଗଣତନ୍ତ୍ର ପ୍ରତି ଆଦୌ ଶୁଭଙ୍କର ନୁହେଁ ବୋଲି ବିବିସି ଇଣ୍ଡିଆର ପୂର୍ବତନ ସମ୍ପାଦକ ତଥା ‘ୱ୍ୟୋର’ର ସମ୍ପାଦକ ସୀମା ଚିସ୍ତି କହିଛନ୍ତି। ଶନିବାର ସିଟିଜେନ୍ ଫୋରମ୍ ପକ୍ଷରୁ ଲୋହିଆ ଏକାଡେମୀଠାରେ ଆୟୋଜିତ ‘ସଂସଦୀୟ ବ୍ୟବସ୍ଥାରେ ଫାସିବାଦର ବୃଦ୍ଧି’ ସମ୍ପର୍କିତ ଏକ ଜାତୀୟ ଆଲୋଚନା ଚକ୍ରରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଚିସ୍ତି ଏହା କହିଥିଲେ। କାର୍ଯ୍ୟକ୍ରମରେ ‘ଅଧିକାର’ ପତ୍ରିକାରର ସମ୍ପାଦକ ଜନାର୍ଦ୍ଦନ ପତି ଅତିଥି ଭାବେ ଯୋଗଦେଇ କହିଲେ, ଭାରତବର୍ଷରେ ଫାଶିବାଦ ସଂସଦୀୟ ବ୍ୟବସ୍ଥାରେ ଧୀରେଧୀରେ ପ୍ରବେଶ କରୁଛି। ଏକ ଦଳୀୟ(ସିଙ୍ଗିଲ ପାର୍ଟି) ଶାସନ ପ୍ରତିଷ୍ଠା କରି ପାଇଁ ଭାଜପା ବିରୋଧୀ ଦଳକୁ ଭାଙ୍ଗିବାକୁ ଚେଷ୍ଟା କରୁଛି। ଇଲେକ୍ସନ କମିଶନ ଗଠନ କରାଯାଇଥିଲେ ମଧ୍ୟ ତାହା ନିରପେକ୍ଷ ହୋଇ ରହିପାରୁ ନାହିଁ। ଏହା ସମ୍ପୂର୍ଣ୍ଣରୂପେ ଭାଜପାର ହୋଇଗଲାଣି। ଦେଶର ପ୍ରତ୍ୟେକ କ୍ଷେତ୍ରରେ ସେମାନେ ହସ୍ତକ୍ଷେପ କରୁଛନ୍ତି। ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଲୋପ କରିବାକୁ ଭାଜପା ଚକ୍ରାନ୍ତ କରିବା ସହ ବିଚାର ବ୍ୟବସ୍ଥା ଉପରେ ହସ୍ତକ୍ଷେପ କରୁଛି। କୌଣସି ସାମ୍ବାଦିକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ଲେଖିଲେ, ତାଙ୍କୁ ଦୋଷୀ ଭାବେ ବିବେଚନା କରାଯାଉଛି। ଏକଛତ୍ରବାଦୀ ମନୋଭାବକୁ ନେଇ କାର୍ଯ୍ୟ କରାଯାଉଛି। ଏଭଳି ସ୍ଥିତିରେ ଲୋକମାନେ ସଚେତନ ହୋଇ ପରିସ୍ଥିତିକୁ ବୁଝିବା ଆବଶ୍ୟକ। ସେହିପରି ଅନ୍ୟ ଦଳକୁ ଶେଷ କରିଦେବାକୁ ଭାଜପା ଯେଉଁ ଉଦ୍ୟମ କରୁଛି, ତାକୁ ଗ୍ରହଣ କରିବା ଉଚିତ୍ ନୁହେଁ ବୋଲି ଜନାର୍ଦ୍ଦନ କହିଥିଲେ। କାର୍ଯ୍ୟକ୍ରମର ଅନ୍ୟତମ ଅତିଥି ତଥା ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ସମ୍ପାଦକ ତଥାଗତ ଶତପଥୀ କହିଲେ, ନିଜ ଭାଷାକୁ ଯେଉଁ ଜାତି ସମ୍ମାନ ଦେଇ ପାରେନି ସେ ସ୍ୱାଧୀନତା ବିଷୟରେ କ’ଣ କହି ପାରିବ। ସ୍ୱାଧୀନତା ହେଉଛି ଗୋଟେ ଏକ ଏଭଳି ବିଚାର, ଯାହାର କିଛି ନିର୍ଦ୍ଦିଷ୍ଟ ପରିସୀମା ନାହିଁ। ବିଭିନ୍ନ ସମୟରେ ‘ସ୍ୱାଧୀନତା’ ଶବ୍ଦର ତାତ୍ପର୍ଯ୍ୟ ବଦଳି ଯାଉଛି। ଚଳିତ ଥର ଆମେମାନେ ଏକ ରୋଚକ ନିର୍ବାଚନର ସମ୍ମୁଖୀନ ହେବାକୁ ଯାଉଛେ। ୨୦୧୯ ପର୍ଯ୍ୟନ୍ତ ପ୍ରତ୍ୟେକ ନିର୍ବାଚନରେ ଦେଶର ଏକତା, ସୁରକ୍ଷା ଭଳି ବିଷୟକୁ ରଖାଯାଉଥିଲା। ମାତ୍ର ଚଳିତ ଥର ପ୍ରସଙ୍ଗ ରହିଛି ‘୪ଶହ ପାର୍’। କେଉଁ ଦଳ ୪ଶହରୁ ଅଧିକ ଆସନ ପାଇବ ସେଥିପାଇଁ ଆଜି ଦେଶ ଚିନ୍ତିତ। ମିଡିଆ ମଧ୍ୟ। ତଥାକଥିତ ଜାତୀୟ ମିଡିଆରେ ମଧ୍ୟ ଏହାକୁ ନେଇ ଆଲୋଚନା ପର୍ଯ୍ୟାଲୋଚନା କରାଯାଉଛି, ଯାହାର କୌଣସି ଯଥାର୍ଥତା ନାହିଁ ବୋଲି ତଥାଗତ କହିଥିଲେ। କାର୍ଯ୍ୟକ୍ରମକୁ ବରିଷ୍ଠ ସାମ୍ବାଦିକ ପ୍ରଫୁଲ ଦାସ ସଞ୍ଚାଳନ କରିଥିଲେ।




ଭୁବନେଶ୍ୱର ଲୋହିଆ ଏକାଡେମୀଠାରେ ଶନିବାର ସିଟିଜେନ୍ ଫୋରମ୍ ପକ୍ଷରୁ ଆୟୋଜିତ ‘ସଂସଦୀୟ ବ୍ୟବସ୍ଥାରେ ଫାସିବାଦର ବୃଦ୍ଧି’ ଶୀର୍ଷକ ଆଲୋଚନାଚକ୍ରରେ ଉପସ୍ଥିତ ବରିଷ୍ଠ ସାମ୍ବାଦିକ ପ୍ରଫୁଲ୍ଲ ଦାସ, ୱ୍ୟୋର ସମ୍ପାଦକ ସୀମା ଚିସ୍ତି, ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ ଓ ଅଧିକାର ପତ୍ରିକା ସମ୍ପାଦକ ଜନାର୍ଦ୍ଦନ ପତି।

# ୪ସହରରେ ୪୩ ଛୁଇଁଲା ତାତି

ଭୁବନେଶ୍ୱର, ୬।୪ (ଅସମାପିକା ସାହୁ)

ରାଜ୍ୟରେ ଲଗାତର ଦୁଇଦିନ ହେବ ତାପମାତ୍ରା ୪୩ ଡିଗ୍ରୀ ଉପରେ ରହିଛି। ଶୁକ୍ରବାର ଭଳି ଶନିବାର ମଧ୍ୟ ପ୍ରଚଣ୍ଡ ତାତି ସହ ଗୁଳୁଗୁଳିରେ ଅସ୍ତବ୍ୟସ୍ତ ହୋଇପଡିଛନ୍ତି ଓଡ଼ିଶାବାସୀ। ୨୩ ସହରରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିବାବେଳେ ୪ ସହର ୪୩ ଡିଗ୍ରୀ ଛୁଇଁଥିଲା। ଅନୁଗୋଳ ସର୍ବାଧିକ ୪୩.୫ ଡିଗ୍ରୀ ସହ ରାଜ୍ୟର ସବୁଠୁ ଉତ୍ତପ୍ତ ସହର ପାଲଟିଥିବାବେଳେ ମାଲକାନଗିରିରେ ପାରଦ ୪୩.୨ ଏବଂ ବୌଦ୍ଧ ଓ ଟିଟିଲାଗଡ଼ରେ ୪୩ ଡିଗ୍ରୀ ରହିଥିଲା। ତେବେ ଶୁକ୍ରବାର ଏସିଆର ଷଷ୍ଠ ଉତ୍ତପ୍ତ ସହର ପାଲଟିଥିବା ଭୁବନେଶ୍ୱରରେ କିନ୍ତୁ ଶନିବାର ତାପମାତ୍ରା କମିଯାଇଥିଲେ ମଧ୍ୟ ଗୁଳୁଗୁଳି ସାଧାରଣ ଜୀବନଯାତ୍ରାକୁ ପ୍ରଭାବିତ କରିଥିଲା। ଘର ଭିତରେ ବି ଦେହରୁ ଗମ୍‌ଗମ୍ ଝାଳ ବୋହିପଡୁଥିଲା। ଏଠାରେ ସହର ତାପମାତ୍ରାରେ ୩.୯ ଡିଗ୍ରୀ ହ୍ରାସ ପାଇ ୩୯.୬ ଡିଗ୍ରୀ ରହିଥିଲା ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ସୂଚନା ଦେଇଛି। ସେହିପରି ଭବାନୀପାଟଣାରେ ୪୨.୮ ଡିଗ୍ରୀ, ବଲାଙ୍ଗୀର ୪୨.୩, ନୟାଗଡ଼ ୪୨.୩, ପାରଳାଖେମୁଣ୍ଡି ୪୨, ତାଳଚେର ୪୨, କଟକ ୪୦.୧, ଝାରସୁଗୁଡ଼ା ୪୧.୮, କେନ୍ଦୁଝର ୪୦.୪, ସମ୍ବଲପୁର ୪୧.୭, ସୁନ୍ଦରଗଡ଼ ୪୦.୮, ହୀରାକୁଦ ୪୧.୧, ଫୁଲବାଣୀ ୪୧.୧, ସୋନପୁର ୪୧.୨, ଢେଙ୍କାନାଳ ୪୧, ବରଗଡ଼ ୪୦.୨, ନୂଆପଡ଼ା ୪୦, ଖୋର୍ଦ୍ଧା ୪୦.୫ ଓ ରାଉରକେଲାରେ ୪୦.୫ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି।

## ଆଜିଠୁ ବଦଳିବ ପାଗ

### କୁଆପଥର ସହ ଝଡ଼ବର୍ଷା ସମ୍ଭାବନା



ସେପଟେ ରବିବାରଠାରୁ ରାଜ୍ୟରେ ପାଗ ବଦଳିବା ସହିତ କିଛି ସ୍ଥାନରେ ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ପାଣିପାଗ କେନ୍ଦ୍ର ମୁଖ୍ୟ ଡ. ମନୋରମା ମହାନ୍ତି କହିଛନ୍ତି, ୭ ଓ ୮ ତାରିଖରେ ରାଜ୍ୟର କିଛି ସ୍ଥାନରେ ବର୍ଷା ସହିତ ବିଜୁଳି, ଘଡ଼ଘଡ଼ି, ଝଡ଼ପବନର ସମ୍ଭାବନା ରହିଛି। କିଛି ସ୍ଥାନରେ କୁଆପଥର ବର୍ଷା ମଧ୍ୟ ହୋଇପାରେ। ୭ ତାରିଖରେ ଅନୁଗୋଳ, କେନ୍ଦୁଝର, ଢେଙ୍କାନାଳ, ଯାଜପୁର ଏବଂ କଟକ ଆଦି ୪ ଜିଲାରେ କୁଆପଥର ବର୍ଷା ଆଶଙ୍କା ଥିବାରୁ ଏସବୁ ଜିଲାକୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ସେହିଭଳି ନୟାଗଡ଼, ଦେବଗଡ଼, ମୟୂରଭଞ୍ଜ, ବୌଦ୍ଧ, ଖୋର୍ଦ୍ଧା, କଟକ, କେନ୍ଦୁଝର, ଯାଜପୁର, ଢେଙ୍କାନାଳରେ ବିଜୁଳି ଓ ଘଡ଼ଘଡ଼ି ପାଇଁ ୟେଲୋ ୱାର୍ନିଂ ଜାରି ହୋଇଛି। ଏସବୁ ଜିଲାରେ ଘଣ୍ଟାପ୍ରତି ପବନର ବେଗ ୪୦ରୁ ୫୦କି.ମି. ରହିବ। ୮ତାରିଖରେ କନ୍ଧମାଳ, ଗଞ୍ଜାମ ଏବଂ କଳାହାଣ୍ଡି ଜିଲାର କିଛି ସ୍ଥାନରେ ପ୍ରବଳ ବର୍ଷା ହେବାର ଆକଳନ କରାଯାଇଛି। ତେଣୁ ପ୍ରବଳ ବର୍ଷା ନେଇ ଏସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି ହୋଇଛି। ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ ଏବଂ ମାଲକାନଗିରିରେ ବଜ୍ରପାତ ସହିତ ଝଡ଼ପବନ ହେବାର ସମ୍ଭାବନା ରହିଛି। ଏଠାରେ ଘଣ୍ଟାପ୍ରତି ୩୦ରୁ ୪୦କି.ମି. ପବନ ବହିବାର ଆଶଙ୍କା ରହିଥିବାରୁ ଏସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି ହୋଇଛି।

# କାର୍‌ରୁ ଜବତ ହେଲା ୫୫.୨୦ଲକ୍ଷ

■ ଆନ୍ଧ୍ରର କାକିନାଡାକୁ ନିଆଯିବାବେଳେ ବିନିକାରେ ଧରାପଡ଼ିଲା

ସୋନପୁର/ବିନିକା,୬।୪ (ମୃତ୍ୟୁଞ୍ଜୟ ଶତପଥୀ/ ରାମଗୋପାଳ ବାଘ)



ସୁବର୍ଣ୍ଣପୁର ଜିଲା ବିନିକା ପୋଲିସ ଏକ ଇନୋଭା କାର୍‌ରୁ ଶୁକ୍ରବାର ବିଳମ୍ବିତ ରାତିରେ ନଗଦ ୫୫ ଲକ୍ଷ ୨୦ ହଜାର ଟଙ୍କା ଜବତ କରିଛି। ନିର୍ବାଚନରେ ଅର୍ଥର ଅପବ୍ୟବହାରକୁ ରୋକିବା ଲାଗି ପୋଲିସ ଯାନବାହାନ ତନଖି କରୁଥିବା ସମୟରେ ଏହି ବିପୁଳ ପରିମାଣର ଟଙ୍କା ଜବତ ହୋଇଛି। କାର୍‌ରେ ଡ୍ରାଇଭର ସମେତ ମୋଟ ୬ ଜଣ ଥିଲେ। ଆନ୍ଧ୍ରପ୍ରଦେଶର କାକିନାଡାକୁ ଏହି ଟଙ୍କା ଯାଉଥିବା ପ୍ରାରମ୍ଭିକ ତଦନ୍ତରୁ ଜଣାପଡିଛି। ତେବେ ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଥିବା ସମୟରେ ଏତେ ପରିମାଣର ନଗଦ ଟଙ୍କା କେଉଁ ଉଦ୍ଦେଶ୍ୟରେ ଯାଉଥିଲା ତାର ଖୋଳତାଡ଼ ଚାଲିଛି। ପୋଲିସ ଜବତ ଟଙ୍କାକୁ ଆୟକର ବିଭାଗକୁ ହସ୍ତାନ୍ତର କରିଥିବା ସୁବର୍ଣ୍ଣପୁର ଏସ୍‌ପି ୟଶପ୍ରତାପ୍ ଶ୍ରୀମାଲ୍ କହିଛନ୍ତି।

ଆଇଆଇସି ସାରଙ୍ଗଧର ପାଣିଗ୍ରାହୀଙ୍କ ନେତୃତ୍ୱରେ ବିନିକା ପୋଲିସ ସୋନପୁର-ଡୁଙ୍ଗୁରିପାଲି ମୁଖ୍ୟ ରାସ୍ତାର ବିନିକା କଲେଜ ଛକ ନିକଟରେ ଯାନବାହାନ ତଦଖି କରୁଥିଲା। ଏହି ସମୟରେ ସୂଚନା ମିଳିଥିଲା ଯେ,ଏକ ଇନୋଭା କାର୍ (ନଂ ଏପି୦୫ସିସି-୮୧୮୧)ରେ ବିପୁଳ ପରିମାଣର ଟଙ୍କା ବେଆଇନ ଭାବେ ଚାଲାଣ କରାଯାଉଛି। ସୂଚନା ଆଧାରରେ ରାମପୁର ପଟୁ ଆସୁଥିବା ଉକ୍ତ କାର୍‌କୁ ପୋଲିସ ଅଟକ ରଖି ତନଖି କରିବା ସମୟରେ ବହୁ ପରିମାଣର ୫୦୦ଟଙ୍କିଆ ବଣ୍ଡଲ ମିଳିଥିଲା। ଜବତ ଟଙ୍କାକୁ ଆୟକର ବିଭାଗର ଅଧିକାରୀଙ୍କ ଉପସ୍ଥିତିରେ ବିନିକା ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍ ଶାଖାରେ ଗଣତି କରାଯାଇଥିଲା। ପରେ ଏହାକୁ ବ୍ୟାଙ୍କ ଲକରରେ ରଖାଯାଇଛି । ଏହି ଘଟଣାରେ ଅଧିକ ତଦନ୍ତ ଜାରି ରହିଛି । ଟଙ୍କା ଚାଲାଣ ଘଟଣାରେ ଆନ୍ଧ୍ରପ୍ରଦେଶ କାକିନାଡା ଜିଲା ଗୋରିପୁଡି ଅଞ୍ଚଳର ପି ଚନ୍ଦ୍ରଶେଖର(୭୨), ବନାସୁ ଭେଙ୍କଟର ଗୁରାଜୁ(୫୬), ପି ସମାଦ୍ରି(୬୨), ପି ସୁରୟମ୍ମା(୯୨), ପି ଛନ୍ନାକି(୫୦) ଓ ଜି ବିନୟକ୍ରିଷ୍ଣା(୨୩)ଙ୍କୁ ଅଟକ ରଖାଯାଇଛି ।

# ଏନ୍‌ଟିପିସି କନ୍‌ଭେୟର ବେଲ୍ଟରେ ଅଗ୍ନିକାଣ୍ଡ

କଣିହାଁ, ୬।୪ (ସଚ୍ଚିଦାନନ୍ଦ ପ୍ରଧାନ)

ଅନୁଗୋଳ ଜିଲା କଣିହାଁସ୍ଥିତ ଏନ୍‌ଟିପିସି ବିଦ୍ୟୁତ୍ ପ୍ରକଳ୍ପରେ ଶନିବାର ସକାଳେ ଅଗ୍ନିକାଣ୍ଡ ଘଟିଛି। କୋଇଲା ଡିପୋରୁ ପ୍ଲାଣ୍ଟ ଭିତରକୁ ଯାଇଥିବା ସାଇଲୋ କନ୍‌ଭେୟର ବେଲ୍ଟରେ ନିଆଁ ଲାଗି ଏହା ଜଳିଯାଇଛି। ଏନ୍‌ଟିପିସିରେ ଥିବା ଅଗ୍ନିଶମ ବାହିନୀ ସମେତ ମୋଟ୍ ୯ଟି ଟିମ୍ ଘଟଣାସ୍ଥଳରେ ପହଞ୍ଚି ୨ ଘଣ୍ଟା ଧରି ପରିଶ୍ରମ କରିବା ପରେ ନିଆଁକୁ ଆୟତ୍ତ କରିଥିଲେ। ଏହି ଦୁର୍ଘଟଣାରେ କୌଣସି ଶ୍ରମିକ କିମ୍ବା କର୍ମଚାରୀ ଆହତ ହୋଇନାହାନ୍ତି। କେବଳ ନିଆଁ ଲିଭା ସମୟରେ ଜଣେ ସିଆଇଏସ୍‌ଏଫ୍ ଯବାନ ସାମାନ୍ୟ ଆହତ ହୋଇଛନ୍ତି। କ୍ଷୟକ୍ଷତି ନେଇ ଆକଳନ ଚାଲିଥିବା ବେଳେ ମରାମତି ପର୍ଯ୍ୟନ୍ତ ପ୍ଲାଣ୍ଟର ୫ଶହ ମେଗାୱାଟ ବିଦ୍ୟୁତ୍ ଉତ୍ପାଦନକୁ ବନ୍ଦ ରଖାଯାଇଛି।

ପ୍ରକାଶ ଯେ, ଏନ୍‌ଟିପିସିର ୨ନଂ. ୟୁନିଟ୍‌ରୁ ୩ନଂ. ୟୁନିଟ୍‌କୁ ଯୋଡୁଥିବା କନଭେୟର ବେଲ୍ଟ ୧୫ଏ ଓ ବି’ରେ ସକାଳ ପ୍ରାୟ ୮ଟା ୧୦ରେ କୌଣସି କାରଣବଶତଃ ଅଗ୍ନିକାଣ୍ଡ ଘଟିଥିଲା। କନ୍‌ଭେୟର ବେଲ୍ଟ ସହ ସେଥିରେ ଥିବା କୋଇଲାରେ ନିଆଁ ଲାଗିଯିବାରୁ ଅଞ୍ଚଳ ଧୂଆଁମୟ ହୋଇଯାଇଥିଲା। ଏହାକୁ ନେଇ ସ୍ଥାନୀୟ ଜନସାଧାରଣ ଭୟଭୀତ ହୋଇଯାଇଥିଲେ। ଖବରପାଇ ପ୍ରକଳ୍ପରେ ଥିବା ଅଗ୍ନିଶମ ବିଭାଗର କର୍ମଚାରୀମାନେ ୪ଟି ନିଆଁଲିଭା ଗାଡ଼ି ସହ ଘଟଣାସ୍ଥଳରେ ପହଞ୍ଚିଥିଲେ। ପରେ ତାଳଚେର, ଅନୁଗୋଳ, କଣିହାଁ, ଜେଆଇଟିପିଏଲ୍ ଏବଂ ଜେଏସ୍‌ପିରୁ ଗୋଟିଏ ଲେଖାଏ ଅଗ୍ନିଶମ ଟିମ୍ ସହ ମୋଟ ୯ଟି ଗାଡ଼ି ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଘଟଣା ସମ୍ପର୍କରେ ଏନ୍‌ଟିପିସି ପ୍ରକଳ୍ପ ଏଜିଏମ୍ (ଏଚ୍‌ଆର୍) ବି.କେ. ପାଣ୍ଡେ କହିଛନ୍ତି, ଅଗ୍ନିକାଣ୍ଡ ଯୋଗୁ କ୍ଷତିଗ୍ରସ୍ତ ହୋଇଥିବା ୟୁନିଟ୍ ୩କୁ କାର୍ଯ୍ୟକ୍ଷମ କରିବା ପର୍ଯ୍ୟନ୍ତ ୫ଶହ ମେଗାୱାଟ ବିଦ୍ୟୁତ୍ ଉତ୍ପାଦନକୁ ତୁରନ୍ତ ବନ୍ଦ କରାଯାଇଛି। ଏହି ଦୁର୍ଘଟଣାରେ ଶ୍ରମିକ ଓ କର୍ମଚାରୀଙ୍କ କିଛି କ୍ଷତି ହୋଇନାହିଁ। ସମସ୍ତ ପ୍ରଶାସନିକ ଅଧିକାରୀ, ଅଗ୍ନିଶମ ସେବା, ସିଆଇଏସ୍‌ଏଫ୍ ଓ ପ୍ଲାଣ୍ଟ ଜରୁରିକାଳୀନ ବିଭାଗ ପକ୍ଷରୁ ସେବା ଯୋଗାଇ ଦିଆଯାଇଥିବାରୁ ସେମାନଙ୍କୁ କୃତଜ୍ଞତା ଜଣାଉଛି ବୋଲି ଏଜିଏମ୍ ପ୍ରେସ୍ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି।



**ଆଜିର ମନ୍ତବ୍ୟ**

ଦୁର୍ନୀତିଗ୍ରସ୍ତମାନେ ଗରିବଙ୍କୁ ଲୁଟି ବରବାଦ କରିଛନ୍ତି। ଲୋକଙ୍କ ଉନ୍ନତ ଭବିଷ୍ୟତ ସୁନିଶ୍ଚିତ କରିବା ପାଇଁ ଭ୍ରଷ୍ଟାଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। **-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଓଡ଼ିଶୀ ନୃତ୍ୟଗୁରୁ ପଦ୍ମଶ୍ରୀ କେଳୁଚରଣ ମହାପାତ୍ରଙ୍କ ବିଂଶତମ ପୁଣ୍ୟତିଥି, ସ୍ଥାନ: ଗୁରୁ କେଳୁଚରଣ ଓଡ଼ିଶୀ ଗବେଷଣା କେନ୍ଦ୍ରସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୮ଟା।
- ଜଗନ୍ନାଥ ହସ୍ପିଟାଲର ବାର୍ଷିକ ସିଏମ୍‌ଇ, ସ୍ଥାନ: ହୋଟେଲ ପଦ୍ମଜା, ଚନ୍ଦ୍ରଶେଖରପୁର, ସମୟ: ସକାଳ ୯ଟା ୩୦।
- ପ୍ରୟାସର ଆନୁଆଲ ମିଟ୍, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ସମ୍ପର୍କିତ ଫଟୋଚିତ୍ର ପ୍ରଦର୍ଶନୀ ଉଦ୍‌ଘାଟନ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଆମ ଆଦମୀ ପାର୍ଟି ପକ୍ଷରୁ ବିକ୍ଷୋଭ, ସ୍ଥାନ: ଲୋୟର ପିଏମ୍‌ଜି, ସମୟ: ପୂର୍ବାହ୍ନ ୧୧ଟା।
- ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନାଙ୍କ ବିଶାଳ ସମ୍ବର୍ଦ୍ଧନା ସଭା, ସ୍ଥାନ: ଲକ୍ଷ୍ମୀସାଗର ମେଳଣ ପଡ଼ିଆ, ସମୟ: ଅପରାହ୍ନ ୪ଟା ୩୦।
- ପତ୍ରିକା ଲୋକାର୍ପଣ ଓ କବିତା ପାଠୋତ୍ସବ, ସ୍ଥାନ: ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦ, ୟୁନିଟ୍-୯, ସମୟ: ଅପରାହ୍ନ ୪ଟା ୩୦।
- ୟୁନିଭର୍ସିଟି ଲ' କଲେଜର ସୁବର୍ଣ୍ଣ ଜୟନ୍ତୀ ଅବସରରେ ଅନ୍ତର୍ଜାତୀୟ ସମ୍ମିଳନୀ, ସ୍ଥାନ: କଲେଜ ପରିସର, ସମୟ: ଅପରାହ୍ନ ୫ଟା ୩୦।
- ନୟାପଲ୍ଲୀସ୍ଥିତ ସୟଦ ମମତାଜ ଅଲ୍ଲୀ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ସନ୍ଧ୍ୟା ୬ଟା।
- ଗୁରୁ କେଳୁଚରଣ ମହାପାତ୍ରଙ୍କ ଶ୍ରାଦ୍ଧୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ଭୁବନେଶ୍ୱର ରନୱେ ୱିକ୍, ସ୍ଥାନ: ୱେଲକମ୍ ହୋଟେଲ, ସମୟ: ସନ୍ଧ୍ୟା ୬ଟା ୩୦।
- ବିଜେଡିର କର୍ମୀ ସମ୍ମିଳନୀ, ସ୍ଥାନ: କେଦାରଗୌରୀ ରିସୋର୍ଟ, ରବି ଟକିଜ୍ ଛକ, ଲୁଇସ ରୋଡ୍, ସମୟ: ସନ୍ଧ୍ୟା ୭ଟା।
- ବିଦ୍ୟାଧର ବାରିକ୍ ମେମୋରିଆଲ ଟ୍ରଷ୍ଟ, ଭୁବନେଶ୍ୱର ପକ୍ଷରୁ ବିଶ୍ୱ ସ୍ୱାସ୍ଥ୍ୟ ଦିବସ, ସ୍ଥାନ: ବିଏମ୍‌ସି ଭବାନୀ ମଲ, ଶହୀଦ ନଗର, ସମୟ: ସନ୍ଧ୍ୟା ୭ଟା।

## କଟକ

- ଉତ୍କଳମଣି ଶିଶୁ ଉଚ୍ଚଶିକ୍ଷା ମନ୍ଦିରର ଦ୍ୱାବିଂଶତମ ବାର୍ଷିକ ଉତ୍ସବ, ସ୍ଥାନ: କଟକ ଜଗତପୁରସ୍ଥିତ ଗୋପବନ୍ଧୁ ନଗର, ପାଣିଟାଙ୍କି ପଡ଼ିଆ, ସମୟ: ଅପରାହ୍ନ ୫ଟା।
- ଗଙ୍ଗାଧର ରଥ ଫାଉଣ୍ଡେଶନ ପକ୍ଷରୁ ୨୯ତମ ସାହିତ୍ୟ ଭାରତୀ ସମ୍ମାନ ପ୍ରଦାନ ସମାରୋହ, ସ୍ଥାନ: କଟକ କଳାବିକାଶ କେନ୍ଦ୍ର, ସମୟ: ସନ୍ଧ୍ୟା ୬ଟା ୩୦।
- ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀର ଉଦ୍‌ଯାପନୀ ସମାରୋହ, ସ୍ଥାନ: କଟକ ମାତୃଭବନ, ସମୟ: ସନ୍ଧ୍ୟା ୬ଟା ୩୦।
- କୋଚିଲେଇ ମହୋତ୍ସବ ଉଦ୍‌ଯାପନୀ, ସ୍ଥାନ: କଟକ ସଦର ବ୍ଲକ ଅନ୍ତର୍ଗତ ସଫିପୁର ଗ୍ରାମ, ସମୟ: ସନ୍ଧ୍ୟା ୭ଟା।

## ପୁରୀ

- ଆମ ପୁସ୍ତକ ମେଳା ସଭା, ସ୍ଥାନ: ମାଲୁଦ ପଞ୍ଚଦୋଳ ପଡ଼ିଆ, କୃଷ୍ଣପ୍ରସାଦ, ସମୟ: ପୂର୍ବାହ୍ନ ୧୧ଟା।
- ବିଜେଡି ବିଧାନ ସଭା ପ୍ରାର୍ଥୀ ସଞ୍ଜୟ ଦାସବର୍ମାଙ୍କ ଶୋଭାଯାତ୍ରା ମାଧ୍ୟମରେ ସାକ୍ଷୀଗୋପାଳଙ୍କ ଆଶ୍ରୀବାଦ କାମନା ଓ ସୁଆଣ୍ଡୋରେ ଉତ୍କଳମଣିଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ, ସ୍ଥାନ: ପଟ୍ଟନାୟକିଆ ଛକ, ସମୟ: ଅପରାହ୍ନ ୩ଟା ୩୦।
- ପଞ୍ଚଦଣ୍ଡ ନୃତ୍ୟ ପରିବେଷଣ, ସ୍ଥାନ: ତାଳତଳା ଗ୍ରାମ, କୃଷ୍ଣପ୍ରସାଦ, ସମୟ: ଅପରାହ୍ନ ୫ଟା।
- ବରାଳ ବାଲୁଙ୍କେଶ୍ୱର ଦେବଙ୍କ ପଣା ଭୋଗ, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଆତସବାଜି ପ୍ରଦର୍ଶନ, ସ୍ଥାନ: ବିଭୂତି ବଟିକା ବଳପୁର, ସାକ୍ଷୀଗୋପାଳ, ସମୟ: ସନ୍ଧ୍ୟା ୬ଟା।
- ପ୍ରଥମ ବାର୍ଷିକ ରାମଚରିତମାନସ ନବାହ୍ନ ପାରାୟଣ ଜ୍ଞାନଯଜ୍ଞ, ସ୍ଥାନ: ବାଟମହାବୀର ପ୍ରାଙ୍ଗଣ ପାଟପୁର ମେଳକ, କିଆକଣ୍ଟା, ନିମାପଡ଼ା, ସମୟ: ସନ୍ଧ୍ୟା ୭ଟା।

## ଖୋର୍ଦ୍ଧା

- ବୋଲଗଡ଼ ପ୍ରିମିୟର ଲିଗ୍, ସ୍ଥାନ: ପିଏନ୍ କଲେଜ ନିକଟ ଖେଳପଡ଼ିଆ, ବୋଲଗଡ଼, ସମୟ: ଅପରାହ୍ନ ୩ଟା।
- କୁଦିଆରୀ ଦଶଦୋଳ ମେଳଣ, ସ୍ଥାନ: କୁଦିଆରୀ ମେଳଣ ପଡ଼ିଆ, ଜଟଣୀ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀମଦ ରାମଚରିତ ମାନସ ନବାହ୍ନ ପାରାୟଣ ପ୍ରବଚନ ଜ୍ଞାନଯଜ୍ଞ, ସ୍ଥାନ: ମା'ଅପୂଜାଚଣ୍ଡୀଙ୍କ ପୀଠ, ହଳଦୀପଦା, ବୋଲଗଡ଼, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର

- ପୁରୀ ଚାରଣ ଗୋଷ୍ଠୀ ଆନୁକୂଲ୍ୟରେ ଜଗନ୍ନାଥ କଥାମୃତ ଶିବିର, ସ୍ଥାନ: ପତିରାଜପୁର ମେଳଣ ପଡ଼ିଆ, ଖଇରା, ସମୟ: ସକାଳ ୮ଟା।
- ଶିଳେଶ୍ୱର ମହାଦେବଙ୍କ ବାର୍ଷିକ ଯଜ୍ଞ, ସ୍ଥାନ: ମଇତାପୁର, ଅମାଣିଆ, ସିମୁଳିଆ, ସମୟ: ଦିବସବ୍ୟାପୀ।
- ଆନ୍ତର୍ଜାତିକ ବିଜନେସ କନକ୍ଲେଭ-୨୦୨୪ର ଉଦ୍‌ଯାପନୀ, ସ୍ଥାନ: ପିଜି କାଉନସିଲ ସମ୍ମିଳନୀ କକ୍ଷ, ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।

## ଭଦ୍ରକ

- ମା' ରକ୍ଷାକାଳୀ ମନ୍ଦିରର ବାର୍ଷିକୋତ୍ସବ, ସ୍ଥାନ: ରାମେଶ୍ୱରପୁର, ଧାମନଗର, ସମୟ: ଭୋର ୪ଟା।
- ମାତୃଭୂମି ପାଇଁ ଗଣଦୌଡ଼, ସ୍ଥାନ: ଜୟନଗର ହନୁମାନ ମନ୍ଦିରଠାରୁ ମେଳଣ ପଡ଼ିଆ, ଧାମନଗର, ସମୟ: ସକାଳ ୬ଟା ୩୦।
- ହିନ୍ଦୁ ଏକତା ମଞ୍ଚର କାର୍ଯ୍ୟକାରିଣୀ ବୈଠକ, ସ୍ଥାନ: ଅମ୍ବିକା ମନ୍ଦିର, ଗୁଜୁରାଟୀ ଭବନ, ଭଦ୍ରକ, ସମୟ: ସକାଳ ୯ଟା ୩୦।
- ତିହିଡ଼ି ଆଞ୍ଚଳିକ ଦଳର ବନ୍ଧୁମିଳନ ଉତ୍ସବ, ସ୍ଥାନ: ସନ୍ଥପୁରା, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- ଗାଳ୍ପିକ ଚିନ୍ତାମଣି ସାହୁଙ୍କ ଶ୍ରାଦ୍ଧ ଉତ୍ସବ ଓ ସାରସ୍ୱତ ସମାରୋହ, ସ୍ଥାନ: ସୁଖ ନିବାସ, ଅଚକ, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- ଚିନ୍ତା ଚେତନା ସାହିତ୍ୟ ସଂସଦର ବାର୍ଷିକୋତ୍ସବ, ସ୍ଥାନ: ଜିଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ ସମ୍ମିଳନୀ କକ୍ଷ, ଆଗରପଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ସପ୍ତସ୍ୱର ସାହିତ୍ୟ ସଙ୍ଗୀତ ସାଂସ୍କୃତିକ ସଙ୍ଗଠନର ବାର୍ଷିକୋତ୍ସବ, ସ୍ଥାନ: ତିହିଡ଼ି ଟାଉନହଲ୍, ସମୟ: ଅପରାହ୍ନ ୩ଟା।
- ସଙ୍ଗୀତ କଳା ପରିଷଦର ବାର୍ଷିକ ସାଂସ୍କୃତିକ ଉତ୍ସବ-୨୦୨୪, ସ୍ଥାନ: ପୁରାତନ ଷ୍ଟେଟବ୍ୟାଙ୍କ ପାଖ, ବାସୁଦେବପୁର, ସମୟ: ସନ୍ଧ୍ୟା ୬ଟା।
- ମା' ବୁଢ଼ୀ ଜାଗୁଳାଇ ପୀଠରେ ବାଦିପାଲା, ସ୍ଥାନ: ଭଗବାନପୁର, ଧାମନଗର, ସମୟ: ସନ୍ଧ୍ୟା ୭ଟା।

## ମୟୂରଭଞ୍ଜ

- ଆନ୍ତଃ ବିଦ୍ୟାଳୟ ସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍, ସ୍ଥାନ: ମଧୁବନ ମିନିଷ୍ଟାଡିୟମ, ବାରିପଦା, ସମୟ: ସକାଳ ୮ଟା।
- ବଳାଙ୍ଗୀ ଟ୍ୟାଲେଣ୍ଟ ହଣ୍ଟ୍ ମେଗା ଅଡିଶନ, ସ୍ଥାନ: ଡିଭାଇନ ଇନଷ୍ଟିଚ୍ୟୁଟ, ବାରିପଦା, ସମୟ: ସକାଳ ୯ଟା।
- ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞର ସଂସ୍କାର ଓ ପୂର୍ଣ୍ଣାହୁତି, ପ୍ରସାଦ ସେବନ, ସ୍ଥାନ: ସାନକେରକ କଳାମନ୍ଦିର ପରିସର, ବଡ଼ସାହି, ସମୟ: ଅପରାହ୍ନ ୧ଟା।
- କରଞ୍ଜିଆ ମହୋତ୍ସବ, ସ୍ଥାନ: ମିଳନ ପଡ଼ିଆ, କରଞ୍ଜିଆ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର

- ବାରୁଣୀମେଳା, ସ୍ଥାନ: ଝାଡ଼େଶ୍ୱର ମନ୍ଦିର, ଘସିପୁରା, ସମୟ: ସକାଳ ୭ ଟା।
- ବାବା ସାହେବ ଆମ୍ବେଦକରଙ୍କ ଜୟନ୍ତୀ ପାଳନ ନେଇ ପ୍ରସ୍ତୁତି ବୈଠକ, ସ୍ଥାନ ବାଇଲୋ, ଆନନ୍ଦପୁର, ସମୟ: ସକାଳ ୯ ଟା।
- ବଳଭଦ୍ର ନାରାୟଣ ଉଚ୍ଚ ବିଦ୍ୟାଳୟ ୧୯୮୪ ବ୍ୟାଚର ବନ୍ଧୁମିଳନ ଓ ସମ୍ବର୍ଦ୍ଧନା, ସ୍ଥାନ: ହୋଟେଲ ରୟାଲ ପ୍ୟାଲେସ, ଆନନ୍ଦପୁର, ସମୟ: ସକାଳ ୯ଟା।
- ବିଶ୍ୱଶାନ୍ତି ଗୀତା ମହାଯଜ୍ଞ ଓ ପୂର୍ଣ୍ଣାହୁତି, ସ୍ଥାନ: ପଡିଆରୀପଲ୍ଲି, ହାଟଡ଼ିହୀ, ସମୟ: ମଧ୍ୟାହ୍ନ ୧୨ ଟା।
- ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ, ସ୍ଥାନ: ଡଳଙ୍ଗପାଣି, ମୁକ୍ତାପୁର ପଞ୍ଚାୟତ, ଢେଙ୍କିକୋଟ୍, ସମୟ: ଅପରାହ୍ନ ୪ ଟା।
- ଦଶମ ବାର୍ଷିକ ଯଜ୍ଞ, ସ୍ଥାନ: ବାଲିବରେଇ ନୂଆଗାଁ, ହାଟଡ଼ିହୀ, ସମୟ: ଅପରାହ୍ନ ୪ଟା।
- ମା' ମଙ୍ଗଳାଙ୍କ ବାର୍ଷିକ ଉତ୍ସବ ପ୍ରସ୍ତୁତି ବୈଠକ, ସ୍ଥାନ: ଅତା, ବାଡୋ, ଘସିପୁରା: ସମୟ: ଅପରାହ୍ନ ୪ ଟା।
- ଲକ୍ଷ୍ମୀ ନାରାୟଣଙ୍କ ବାର୍ଷିକ ଉତ୍ସବ, ସ୍ଥାନ: ରାଇତୋଳା, ଅଳତୀ, ଘସିପୁରା, ସମୟ: ସନ୍ଧ୍ୟା ୭ ଟା।
- ରାତ୍ରକାଳୀନ କ୍ରିକେଟ୍ ଟୁର୍ନାମେଣ୍ଟ, ସ୍ଥାନ: ବରିପାଳ, ଘସିପୁରା, ସମୟ: ରାତି ୮ ଟା।

## ବ୍ରହ୍ମପୁର

- ଭୌତିକ ଚିକିତ୍ସା ଶିବିର
- ସ୍ଥାନ: ବୈକୁଣ୍ଠ ନଗର ଦ୍ୱିତୀୟ ଲାଇନ, ସମୟ: ସକାଳ ୮ଟା ୩୦।
- ଇଷ୍ଟକୋଷ୍ଟ ରେଲୱେ ଶ୍ରମିକ କଂଗ୍ରେସର ରକ୍ତଦାନ ଶିବିର, ସ୍ଥାନ:ରେଲୱେ ଇନିଷ୍ଟିଚ୍ୟୁଟ,ସମୟ: ସକାଳ ୯ଟା।
- କଂଗ୍ରେସର ନିର୍ବାଚନୀ ପ୍ରସ୍ତୁତି ବୈଠକ , ସ୍ଥାନ:ବାପୁଜୀ ଆଶ୍ରମ,ସମୟ: ପୂର୍ବାହ୍ନ ୧୦ଟା ୩୦।
- ବିଜେଡିର ନିର୍ବାଚନୀ ରାଲି, ସ୍ଥାନ:ଇଞ୍ଜିନିୟରିଂ ସ୍କୁଲ ଛକ,ସମୟ: ଅପରାହ୍ନ ୩ଟା ୩୦।
- ନିଖିଳ ଉତ୍କଳ ବିଶ୍ୱକର୍ମା ସମିତିର ବୈଠକ, ସ୍ଥାନ: ଟାଉନ ହଲ ନିକଟ, ସମୟ: ଅପରାହ୍ନ ୪ଟା।
- ବିଜେଡିର ନିର୍ବାଚନୀ ସଭା, ସ୍ଥାନ: ବୁଢ଼ୀ ଠାକୁରାଣୀ ମନ୍ଦିର ନିକଟ,ସମୟ: ସନ୍ଧ୍ୟା ୬ଟା।

## ଗଞ୍ଜାମ

- ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ,ସ୍ଥାନ: ବେଲଗୁଣ୍ଠା ବ୍ଲକ ଗାଙ୍ଗପୁର, ଖଇରପୁଟି, ପାଇଲିପୋଡ଼ା, ସମୟ: ପୂର୍ବାହ୍ନ ୧୦ଟାରୁ ଆରମ୍ଭ।
- ଉଦ୍ଭିଦ ବିଜ୍ଞାନ ବିଭାଗର ଆଲୋଚନା ଚକ୍ର, ସ୍ଥାନ: ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ ଟା।
- ଗାଳେରି ଧୂଳି ଦଣ୍ଡ, ସ୍ଥାନ: ବୁଗୁଡ଼ା ବ୍ଲକ ସଙ୍କୁରୁ, ସମୟ: ଅପରାହ୍ନ ୧ ଟା।
- କବାଡି ଖେଳ ଉଦ୍‌ଘାଟନ, ସ୍ଥାନ: ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଖେଳ ପଡିଆ, ସମୟ: ଅପରାହ୍ନ ୪ ଟା।
- ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ, ସ୍ଥାନ: ଭଞ୍ଜନଗର ଏନଏସି, ସମୟ: ଅପରାହ୍ନ ୪ ଟା।

## ରାୟଗଡ଼ା

- ଏସ୍‌ଭିଇଇପି ଗାଡ଼ି ଶୁଭାରମ୍ଭ, ସ୍ଥାନ:ରାୟଗଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ସକାଳ ୮ଟା।

## କୋରାପୁଟ

- ବିଜେଡି ପ୍ରାର୍ଥୀ ପ୍ରଫୁଲ୍ଲ ପାଙ୍ଗିଙ୍କ ମା'କଣ୍ଟାବାଉଁଶୁଣୀଙ୍କ ପୀଠରେ ପୂଜାର୍ଚ୍ଚନା ସହ ଲୋକସମ୍ପର୍କ କାର୍ଯ୍ୟକ୍ରମ, ସ୍ଥାନ: ମା'କଣ୍ଟାବାଉଁଶୁଣୀଙ୍କ ପୀଠ, ସମୟ: ମଧ୍ୟାହ୍ନ ୧୨ଟା।
- ପଞ୍ଚପଚମାଳି ନାଟ୍ୟ ମହୋତ୍ସବର ୫ମ ସନ୍ଧ୍ୟାରେ ବିଦ୍ୟାଳୟସ୍ତରୀୟ ନାଟକ ପ୍ରତିଯୋଗିତା, ସ୍ଥାନ: ଦାମନଯୋଡି ନାଲ୍‌କୋ ଟାଉନଶିପ ମୁକ୍ତାକାଶ ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୭ଟା।

## ନବରଙ୍ଗପୁର

- ଡାବୁଗାଁ ବ୍ଲକ କଂଗ୍ରେସର ସମ୍ବର୍ଦ୍ଧନା ସଭା, ସ୍ଥାନ: ଡାବୁଗାଁ ମିନି ଷ୍ଟାଡିୟମ ନିକଟ ପଡ଼ିଆ, ସମୟ: ମଧ୍ୟାହ୍ନ ୧୨ଟା।

## ସମ୍ବଲପୁର

- ନିଃଶୁଳ୍କ ରକ୍ତ ପରୀକ୍ଷା ଶିବିର, ସ୍ଥାନ : ସାରସ୍ୱତ କଲୋନୀସ୍ଥିତ ଦତ୍ତାତ୍ରେୟ ମନ୍ଦିର, ସମୟ: ସକାଳ ୮ଟା।
- ମୋ ଭାଷାର ମହକ ସମ୍ବଲପୁରୀ ପକ୍ଷରୁ ଫଗୁଣ ମିଳନ, ସ୍ଥାନ: ଜିଲା ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୦ଟା।

## ବଲାଙ୍ଗୀର

- ଉତ୍କଳ ପ୍ରାଦେଶିକ ମାରୱାଡି ସମ୍ମେଳନ ପକ୍ଷରୁ ଫିଜିଓଥେରାପି କ୍ୟାମ୍ପ, ସ୍ଥାନ : ମାରୱାଡି ସେବା ସଦନ, ବଲାଙ୍ଗୀର ସମୟ : ସକାଳ ୮ଟା।
- ଷୋହଳ ପ୍ରହର ନାମଯଜ୍ଞ ଉଦଯାପନୀ ଉତ୍ସବ, ସ୍ଥାନ: ଖପ୍ରାଖୋଲ ବ୍ଲକ ଦମାଇପାଲ, ସମୟ: ପୂର୍ବାହ୍ନ ୧୧ଟା।
- ଭାରତୀୟ ଜନତା ପାର୍ଟି ମୁରିବାହାଲ ମଣ୍ଡଳ ତରଫରୁ ମିଶ୍ରଣ ପର୍ବ, ସ୍ଥାନ: ଗୁଡିଘାଟ, ସମୟ: ଅପରାହ୍ନ ୪ଟା।

## ସୁବର୍ଣ୍ଣପୁର

- ଜୟ କୋସଲ ଜୟ କିଷାନ ରାଲି, ସ୍ଥାନ: ଡୁଙ୍ଗୁରିପାଲି ଶିବମନ୍ଦିରରୁ ଫଟାମୁଣ୍ଡା ପଡିଆ, ସମୟ: ସକାଳ ୮ଟା।
- ବହଳପଦର ପ୍ରିମିଅର ଲିଗ କ୍ରିକେଟର ଦଶମ ଦିବସ, ସ୍ଥାନ:ବହଳପଦର ଖେଳପଡିଆ, ବୀରମହାରାଜପୁର, ସମୟ: ସକାଳ ୮ ଟା।
- ଖଣ୍ଡହତା ପ୍ରିମିଅର ଲିଗ୍ କ୍ରିକେଟର ଷଷ୍ଠ ଦିବସ, ସ୍ଥାନ:ଖଣ୍ଡହତା ଖେଳପଡିଆ,ବୀରମହାରାଜପୁର, ସମୟ : ସକାଳ ୮ ଟା।
- ଚାରିଶମ୍ଭୁ ଭେଟ (ଝାମୁଯାତ୍ରା ମିଳନ), ସ୍ଥାନ: ବିଶାଳପାଲି, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୧ଟା।

## ରାଉରକେଲା

- ବିଜେଡି ବିଧାୟକ ପ୍ରାର୍ଥୀ ସାରଦା ପ୍ରସାଦ ନାୟକଙ୍କ ରାଉରକେଲା ଗସ୍ତ, ସ୍ଥାନ: ରେଲୱେ ଷ୍ଟେଶନ, ସମୟ: ସକାଳ ୭ଟା।
- ଅଂଶୁଘାତ ସଚେତନତା ଶିବିର, ସ୍ଥାନ: ଗଙ୍ଗାଧରପଲ୍ଲୀ ହଲ, ସମୟ: ସକାଳ ୭ଟା।
- ବିଶ୍ୱ ସ୍ୱାସ୍ଥ୍ୟ ଦିବସ, ସ୍ଥାନ: ଗୋପବନ୍ଧୁ ପାଠାଗାର, ସମୟ: ସକାଳ ୯ଟା।
- ଅନ୍ତର୍ଜାତୀୟ ନୃତ୍ୟ ମହୋତ୍ସବର ଦ୍ୱିତୀୟ ଦିବସ, ସ୍ଥାନ: ଭଞ୍ଜ ଭବନ ପ୍ରେକ୍ଷାଳୟ, ସମୟ: ପୂର୍ବାହ୍ନ ୧୦ଟା।
- କଂଗ୍ରେସର ଖବରଦାତା ସମ୍ମିଳନୀ, ସ୍ଥାନ: ବ୍ରାହ୍ମଣୀ କ୍ଲବ, ସମୟ: ମଧ୍ୟାହ୍ନ ୧୨ଟା ୧୫।
- ରାତ୍ରକାଳୀନ କ୍ରିକେଟ ମ୍ୟାଚ୍, ସ୍ଥାନ: ସେକ୍ଟର-୩ ବଲାଙ୍ଗୀର ବସ୍ତି, ସମୟ: ରାତି ୮ଟା।

## ବରଗଡ଼

- ଶ୍ରୀମଦ ଭାଗବତ ଜ୍ଞାନଯଜ୍ଞ, ସ୍ଥାନ: ନୃସିଂହନାଥ ଧର୍ମଶାଳା, ପାଇକମାଳ, ସମୟ: ସକାଳ ୮ଟା।
- ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରାଣ ପ୍ରତିଷ୍ଠା ରୌପ୍ୟ ଜୟନ୍ତୀ ପାଳନ, ସ୍ଥାନ: ଝାରବନ୍ଧ, ସମୟ: ସକାଳ ୮ଟା।

## କଳାହାଣ୍ଡି

- ବିଶ୍ୱଶାନ୍ତି ଶ୍ରୀଶ୍ରୀଶ୍ରୀ ମହାବିଷ୍ଣୁ ଯଜ୍ଞ ପାଇଁ ଭବ୍ୟ କଳସଯାତ୍ରା, ଯଜ୍ଞକର୍ମ, ସ୍ଥାନ: କୋକସରା ବ୍ଲକ କନ୍ଦାଗଡ଼ (ଆମପାଣି), ସମୟ: ସକାଳ ୮ଟା।
- କାମନା ଦଣ୍ଡ ଉଦ୍‌ଯାପିତ, ସ୍ଥାନ: ଭବାନୀପାଟଣା ପୁରୁଣାପଡ଼ାଠାରେ, ସମୟ: ଅପରାହ୍ନ ୪ଟା।

## ନୂଆପଡ଼ା

- ଜିଲାସ୍ତରୀୟ ଆଦିବାସୀ ସମାବେଶ, ସ୍ଥାନ: ନୂଆପଡ଼ା ସଦର ବ୍ଲକ ଗୋଡଫୁଲାଠାରେ, ସମୟ: ପୂର୍ବାହ୍ନ ୧୦ଟା।
- ବିଜୁ ଜନତା ଦଳ ପକ୍ଷରୁ ବିଧାୟକ ଓ ଏମ୍‌ପିଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ଖଡ଼ିଆଳ ଅଗ୍ରସେନ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଆମ୍ ଆଦ୍‌ମୀ ପାର୍ଟିର ଆମରଣ ଅନଶନ, ସ୍ଥାନ: ଖଡ଼ିଆଳ ବ୍ଲକ ସମ୍ମୁଖରେ, ସମୟ: ପୂର୍ବାହ୍ନ ୧୦ଟା।
- ଷୋହଳ ପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ଭେଲାଗାଁ, ସମୟ: ଅପରାହ୍ନ ୩ଟା।

## ବୌଦ୍ଧ

- ଶ୍ରୀରାମ ମନ୍ଦିରରେ ତୁଳସୀ ରାମାୟଣ ପାରାୟଣ ଓ ପ୍ରବଚନ ତୃତୀୟ ଦିବସ, ସ୍ଥାନ: ଦୁର୍ଗାମଣ୍ଡପ,କଣ୍ଟାମାଳ, ସମୟ: ସକାଳ ୮ଟା।
- ତୈଳିକ ସମାଜର ପ୍ରଥମ ବୈଠକ, ସ୍ଥାନ: ପଲସାଗୋରା କଲ୍ୟାଣ ମଣ୍ଡପ, କଣ୍ଟାମାଳ, ସମୟ: ସକାଳ ୯ଟା।

## ଦେବଗଡ଼

- ସମ୍ବଲପୁର ଲୋକ ସଭା ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦେବଗଡ଼ ଗସ୍ତ, ସ୍ଥାନ: ଭାଜପା ପାର୍ଟି କାର୍ଯ୍ୟାଳୟ, ସମୟ: ସକାଳ ୯ଟା୩୦।
- ବାଇକ ରାଲି ଭାଜପା କାର୍ଯ୍ୟାଳୟରୁ ନିକ୍ରିମାଲ, ଶିବ ମନ୍ଦିର ଦର୍ଶନ, ସ୍ଥାନ: ନିକ୍ରିମାଲ ଗ୍ରାମ, ସମୟ: ପୂର୍ବାହ୍ନ ୧୧ଟା।
- କର୍ମୀଙ୍କ ସହ ବୈଠକ ଓ ଆଲୋଚନା, ସ୍ଥାନ: ଭାଜପା ପାର୍ଟି କାର୍ଯ୍ୟାଳୟ, ସମୟ: ଅପରାହ୍ନ ୧ଟା।
- ରାଧା କୃଷ୍ଣାୟ ମହାପ୍ରଭୁଙ୍କ ଦଶଦୋଳ ଯାତ୍ରା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଅପେରା ଯାତ୍ରା,ସ୍ଥାନ:ନିର୍ବେଣି ସାହି ୱାର୍ଡ ନଂ. ୯, ସମୟ: ରାତି ୯ଟା।

## ଝାରସୁଗୁଡ଼ା

- ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଉପଲକ୍ଷେ ସିଏମ୍‌ଇ କାର୍ଯ୍ୟକ୍ରମ, ସ୍ଥାନ: ହୋଟେଲ ବିଷ୍ଣୁ ପ୍ୟାଲେସ, ସମୟ: ସନ୍ଧ୍ୟା ୭ଟା ୩୦।
- ସରବାହାଲ ଗୌଡ଼ପଡା ନାମଯଜ୍ଞ ଉଦ୍‌ଯାପିତ, ସ୍ଥାନ: ଗୌଡ଼ପଡ଼ା ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା ୩୦।

## ଢେଙ୍କାନାଳ

- ଶ୍ରୀଶ୍ରୀସତ୍ୟସାଇ ସେବା ସଙ୍ଗଠନର ଗ୍ରୀଷ୍ମକାଳୀନ ରକ୍ତଦାନ ଶିବିର, ସ୍ଥାନ: ସତ୍ୟସାଇ ମନ୍ଦିର ପରିସର କାମାକ୍ଷାନଗର, ସମୟ: ସକାଳ ୮ ଟା।

## ଅନୁଗୋଳ

- ସତ୍ୟସାଇ ସେବା ଅନୁଷ୍ଠାନ ତରଫରୁ ରକ୍ତଦାନ ଶିବିର, ସ୍ଥାନ: କଣିହାଁ ବ୍ଲକ ଏନ୍‌ଟିପିସି ପ୍ରକଳ୍ପ ଦୀପତରଙ୍ଗ ମନୋରଞ୍ଜନ କେନ୍ଦ୍ର, ସମୟ: ସକାଳ ୮ ଟା।
- ଗ୍ରୀଷ୍ମପ୍ରବାହ ପାଇଁ ପ୍ରାଣୀଙ୍କୁ ଖାଦ୍ୟ ଓ ପାନୀୟ ଜଳ ବଣ୍ଟନ, ସ୍ଥାନ: ଜେରେଙ୍ଗ ମା' ବୁଡିପାହାଡ, ସମୟ: ପୂର୍ବାହ୍ନ ୧୦ଟା।
- ନିର୍ବାଚନ ପାଇଁ ପ୍ରଶିକ୍ଷଣ, ସ୍ଥାନ: ଅନୁଗୋଳ ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।
- ବିଶ୍ୱ ସ୍ୱାସ୍ଥ୍ୟ ଦିବସ, ସ୍ଥାନ: ଜିଲା କାର୍ଯ୍ୟାଳୟ ଅନୁଗୋଳ, ସମୟ: ପୂର୍ବାହ୍ନ ୧୧ଟା।
- ନିର୍ବାଚନ ଜନିତ ତାଲିମ୍, ସ୍ଥାନ: ଅନୁଗୋଳ ଜିଲା କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ ଟା।
- ରାଷ୍ଟ୍ରୀୟ ନବବର୍ଷ ପାଳନ ପାଇଁ ଖବରଦାତା ସମ୍ମିଳନୀ, ସ୍ଥାନ ଶୈଳଶ୍ରୀକ୍ଷେତ୍ର ସଦ୍‌ଭାବନା ଗୃହ, ସମୟ: ଅପରାହ୍ନ ୫ଟା।

## ଜଗତ୍‌ସିଂହପୁର

- ଜିଲାସ୍ତରୀୟ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳନ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ପରିସର, ଜଗତ୍‌ସିଂହପୁର, ସମୟ : ପୂର୍ବାହ୍ନ ୧୦ଟା।
- ଚାଷବାସରେ ରେଡିଓର ବ୍ୟବହାର ଶୀର୍ଷକ କର୍ମଶାଳା, ସ୍ଥାନ: ରେଡିଓ ଆଉଟରିଚ୍ ପରିସର, ଶ୍ରୀରାମପୁର, ତିରଣ, ଜଗତ୍‌ସିଂହପୁର, ସମୟ: ଅପରାହ୍ନ ୪ଟା।

## ନୟାଗଡ଼

- ଦଶଦୋଳ ଯାତ୍ରା ୪ର୍ଥ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ଖଳିସାହି ମେଳଣ ପଡ଼ଆ, ସମୟ: ସକାଳ ୭ଟା।
- ଦଶଦୋଳ ଯାତ୍ରାର ୪ର୍ଥ ଦିବସ, ସ୍ଥାନ: ନୟାଗଡ଼ ବ୍ଲକର ଇଟାମାଟି ମେଡ଼ିକାଲ ପଡ଼ିଆ ଓ ବାଲୁଗାଁ ହାଟ ପଡ଼ିଆ, ସମୟ:ସକାଳ ୯ଟା।

## କେନ୍ଦ୍ରାପଡ଼ା

- ଶ୍ରୀମଦ୍ ବାୟାବାବାଙ୍କ ଆଶ୍ରିତ ଶ୍ରଦ୍ଧାଳୁଙ୍କ ନାମଯଜ୍ଞ, ସ୍ଥାନ: ଖଦାଳସାହି, ବାବର, ସମୟ: ସକାଳ୬ଟା।
- ପଞ୍ଚମୁଖୀ ହନୁମାନ ପୂଜା କମିଟି ପକ୍ଷରୁ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ସଂସାରଫଳ, ରାଜନଗର, ସମୟ:ସକାଳ ୮ଟା।
- ବାରୁଣୀ ମହୋତ୍ସବ, ସ୍ଥାନ: ଇନ୍ଦୁପୁର, କେନ୍ଦ୍ରାପଡା, ସମୟ: ସନ୍ଧ୍ୟା ୬ଟା।
- ପାୟଲ ମ୍ୟୁଜିକର ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ:ବାରୁଣୀ ପଡ଼ିଆ, ଇନ୍ଦୁପୁର, କେନ୍ଦ୍ରାପଡ଼ା, ସମୟ:ସନ୍ଧ୍ୟା ୬ଟା।

## ଯାଜପୁର

- କଳିଙ୍ଗନଗର ଶିଳ୍ପାଞ୍ଚଳ ବିସ୍ଥାପିତଙ୍କ ଧାରଣା, ସ୍ଥାନ: ନୀଳାଚଳ କାରଖାନା ମୁଖ୍ୟ ଫାଟକ ସମ୍ମୁଖ, ସମୟ: ସକାଳ ୭ଟା।
- ଭୀମ ଆର୍ମି ଓ ବିଭିନ୍ନ ସଂଗଠନ ପକ୍ଷରୁ ପ୍ରତୀକ ଧାରଣା, ସ୍ଥାନ: ଟାଟା ଷ୍ଟିଲ୍ ମୁଖ୍ୟ ଫାଟକ ସମ୍ମୁଖ, ସମୟ: ସକାଳ ୭ଟା।
- ଗାୟତ୍ରୀ ଯୋଗ ଶିବିର, ସ୍ଥାନ: ଯାଜପୁର ଟାଉନ ମିଶନ ଶକ୍ତି ଭବନ, ସମୟ: ସକାଳ ୮ଟା।
- ରିଦିମ ଡ୍ୟାନ୍ସ ଏକାଡେମୀର ୩ୟ ବାର୍ଷିକ ଉତ୍ସବ ମୁସ୍କାନ, ସ୍ଥାନ: ଯାଜପୁର ରୋଡ ସଂସ୍କୃତି ଭବନ, ସମୟ: ଅପରାହ୍ନ ୪ଟା।
- ୪୧ତମ ବିଶ୍ୱଶାନ୍ତି ତାରିଣୀ ମହାଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ଧର୍ମଶାଳା ବ୍ଲକ୍‌ର କଣ୍ଟାମାଳିଆ, ସମୟ: ରାତି ୮ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସହଯୋଗରୁ ଅଟକିଥିବା କାମରେ ଅଗ୍ରଗତି ଘଟିବ। ସମ୍ପର୍କୀୟମାନେ କାଳେ ଦେବାକୁ ପଡ଼ିବ, ଏହି ଚିନ୍ତାରେ ପାଖ ମାଡ଼ିବେ ନାହିଁ। ରାଜନୈତିକ ସ୍ତରରେ ସମସ୍ୟାର ସରଳ ସମାଧାନ ହେବାର ସମ୍ଭାବନା ରହିଛି। ପାରିବାରିକ ଅଶାନ୍ତି ଲାଗି ରହିଥିଲେ ମଧ୍ୟ ମନକୁ ବୁଝାଇ ରହିବାକୁ ବାଧ୍ୟ ହେବେ।

**ବୃଷ** ଶାରୀରିକ ସୁସ୍ଥତା ମନକୁ ଆଶ୍ୱସ୍ତି ପ୍ରଦାନ କରିବ। ପାରିବାରିକ କ୍ଷେତ୍ରରେ ପ୍ରତ୍ୟେକ ପ୍ରତିବନ୍ଧକକୁ ଦୃଢ଼ତାର ସହ ସମ୍ମୁଖୀନ ହୋଇ କାମ କରିବାକୁ ବାଧ୍ୟ ହେବେ। ବନ୍ଧୁମାନଙ୍କ ପରାମର୍ଶକ୍ରମେ କୌଣସି ଆନୁଷ୍ଠାନିକ କାର୍ଯ୍ୟରେ ଯୋଗ ଦେଇପାରନ୍ତି। ଆର୍ଥିକ ସ୍ଥିତି କମ୍‌ଜୋର୍ ରହିବ, ଫଳରେ ଅନ୍ୟର ସାହାଯ୍ୟ ନେବାକୁ ବାଧ୍ୟ ହେବେ।

**ମିଥୁନ** ରାଶ୍ୟାଧିପତିଙ୍କ ଦୁର୍ବଳତା କାରଣରୁ ପୁରାତନ ରୋଗର ପୀଡ଼ା ଅନୁଭବ ହୋଇପାରେ। ପରିବାରରେ ପିଲାଙ୍କ ଅଭିଯୋଗକୁ ଗୁରୁତର ସହ ବିଚାର କରି ଉଚିତ ପଦକ୍ଷେପ ନେବା ଭଲ ହେବ। ପାଖରେ ନଥିବା ଜିନିଷଟି ହାସଲ କରିବା କ୍ଷେତ୍ରରେ ତର୍କ ଓ ବିବାଦ ବଢ଼ିପାରେ। ଆଜି ଶିଳ୍ପ, ବାଣିଜ୍ୟ, ପରିବହନ, ବ୍ୟବସାୟ ଭଲରେ ଚାଲିବ।

**କର୍କଟ** ଚେଷ୍ଟା କରୁଥିବା କାମ ହାସଲ ପାଇଁ ପଦସ୍ଥ ବ୍ୟକ୍ତିଙ୍କ ସାହାଯ୍ୟ ନେବେ। ପ୍ରତିଯୋଗିତା, ପ୍ରତିଦ୍ୱନ୍ଦ୍ୱିତା, କ୍ରୀଡ଼ା ଓ ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବ। ପିଲାମାନଙ୍କର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହୋଇପାରେ। ପରିଜନଙ୍କ ସହିତ ଯାତ୍ରାରୁ ସୁଫଳ ପାଇବେ ଏବଂ ଲକ୍ଷ୍ୟ ହାସଲ କରିବାରେ ସଫଳ ହେବେ।

**ସିଂହ** ଇଚ୍ଛା ନ ଥିଲେ ମଧ୍ୟ ମାତ୍ରାଧିକ ଭ୍ରମଣ ଯୋଗୁ ସ୍ୱାସ୍ଥ୍ୟ ସାମାନ୍ୟ ଅସୁସ୍ଥ ରହିପାରେ। ଅନ୍ୟମାନଙ୍କୁ ସାହାଯ୍ୟ କରିବାକୁ ଯାଇ ନିଜେ ହଇରାଣରେ ପଡ଼ିପାରନ୍ତି। କର୍ମଜଞ୍ଜାଳ ବୃଦ୍ଧି ପାଇବା କାରଣରୁ ପରିଚାଳନାଗତ ସମସ୍ୟା ବୃଦ୍ଧି ପାଇବ। ଦୀର୍ଘ ଦିନରୁ ଅପେକ୍ଷା କରିଥିବା ଶୁଭ ଖବରଟି ଅପରାହ୍ନରେ ପାଇପାରିବେ।

**କନ୍ୟା** ସରକାରୀ ସ୍ତରରୁ ପ୍ରତୀକ୍ଷିତ ଖବରଟି ପାଇ ମନ ଖୁସି ହୋଇଯିବ। ମନୋଭାବ ବଦଳିଯିବା କାରଣରୁ ବନ୍ଧୁଟି ସାହାଯ୍ୟ ପ୍ରତିଶ୍ରୁତି ଦେଇ ମଧ୍ୟ ପାଖ ମାଡ଼ିବ ନାହିଁ। ବ୍ୟବସାୟ ଏବଂ ପରିବହନରେ କ୍ଷତି ହୋଇପାରେ। ଆର୍ଥିକ ସ୍ଥିତି, କର୍ମକ୍ଷେତ୍ର, ନିର୍ମାଣ, ସଭାସମିତି ଓ ମଙ୍ଗଳଜନକ କାମରେ ଉତ୍ସାହିତ ହୋଇ କାମ କରିବେ।

**ତୁଳା** କର୍ମକ୍ଷେତ୍ରରେ ଦୀର୍ଘ ଦିନରୁ ଲାଗି ରହିଥିବା ସମସ୍ୟା ସମାଧାନ ହେବାର ପୂର୍ଣ୍ଣ ସୂଚନା ରହିଛି। ସନ୍ତାନଙ୍କ ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହେବ। ପଡ଼ୋଶୀମାନେ ନିଜ ନିଜର ସ୍ୱାର୍ଥସାଧାନ ମାନସରେ ବାକ୍‌ଚାତୁରୀ ମାଧ୍ୟମରେ କାର୍ଯ୍ୟ ହାସଲ କରିବେ। ଘର ଲୋକମାନଙ୍କ ଗୁପ୍‌ଚାପ୍ କଥା ମନକୁ ବିଚଳିତ କରିପାରେ।

**ବିଛା** କର୍ମକ୍ଷେତ୍ରରେ ସାହସିକତା ପ୍ରଦର୍ଶନ କରି ଉଚ୍ଚ ପ୍ରଶଂସିତ ହେବେ। କଳା, ସାହିତ୍ୟ ଓ ସଙ୍ଗୀତ ଏବଂ ଚଳଚ୍ଚିତ୍ର କ୍ଷେତ୍ରରେ ସୁନାମ ଅର୍ଜନ କରିବେ। ସହକର୍ମୀମାନଙ୍କ ତରଫରୁ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। ପାରସ୍ପରିକ ସାହାଯ୍ୟ ଓ ସହଯୋଗ ହେତୁ ଚେଷ୍ଟା କରୁଥିବା କାର୍ଯ୍ୟରେ ଅଗ୍ରଗତି ଘଟିବ।

**ଧନୁ** ଆଲୋଚନା ପରିସରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ବାରମ୍ବାର ଡାକ୍ତରଙ୍କ ପରାମର୍ଶ ପାଇଁ ଦୌଡ଼ିବାକୁ ପଡ଼ିପାରେ। ପରିବାରରେ ପ୍ରିୟ କଥା କହି ସନ୍ଦେହ ଓ ସମସ୍ୟାକୁ ସୁଧାରି ନେବେ। ଆର୍ଥିକ ଅନଟନ ଲାଗି ରହିବା କାରଣରୁ କେତେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଅଟକି ରହିଯାଇପାରେ।

**ମକର** ଆଜି ସାମଗ୍ରିକ ଦୃଷ୍ଟିକୋଣରୁ ଦିନଟି ଭଲରେ ଅତିବାହିତ ହେବ। କଳା ସାହିତ୍ୟରେ, ପରିବାର ଭିତରେ, ପରିବହନରେ ସମସ୍ୟା ରହିବ ନାହିଁ। ଭଲ କଥା କହିଲେ ମଧ୍ୟ ବନ୍ଧୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିପାରନ୍ତି। ବିବାଦୀୟ ପରିସ୍ଥିତିରେ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ।

**କୁମ୍ଭ** ଯେଉଁ କାମ ଅନ୍ୟମାନଙ୍କ ସକାଶେ ସହଜ ଓ ସୁବିଧାଜନକ ହୋଇପାରୁଛି, ଆପଣଙ୍କ ପାଇଁ ତାହା କଷ୍ଟକର ହେବ। ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। ସମ୍ପୂର୍ଣ୍ଣ ରୋଗମୁକ୍ତ ନ ହେଲେ ମଧ୍ୟ ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ମଧ୍ୟରେ ରହିବ। ଯାତ୍ରା ସମୟରେ କୌଣସି ନୀଚଜାତିର ବ୍ୟକ୍ତିଙ୍କ ଯୋଗୁ ଉପକୃତ ହୋଇପାରନ୍ତି।

**ମୀନ** କର୍ମକ୍ଷେତ୍ରରେ ସାମାନ୍ୟ ଅସୁବିଧା ଦେଖାଦେଲେ ମଧ୍ୟ ପର କ୍ଷଣରେ ସବୁ ଠିକ୍ ହୋଇଯିବ। ଉପରିସ୍ଥଙ୍କ ଆଦେଶପ୍ରାପ୍ତ ହୋଇ ହଠାତ୍ ଜରୁରୀ କାମରେ ବାହାରକୁ ଯିବାକୁ ପଡ଼ିପାରେ। ଘରୋଇ କ୍ଷେତ୍ରରେ ଅତି ନିକଟରେ ରହୁଥିବା ବନ୍ଧୁଟି ଦ୍ୱାରା କାମ ହାସଲ କରିପାରନ୍ତି। କେତେକ କ୍ଷେତ୍ରରେ ବୃଥା ଆଶଙ୍କା କରି ମନ ଅସ୍ଥିର ରହିବ।

ଆଜି ଏପ୍ରିଲ ୭ ତାରିଖ, ବିଶ୍ୱ ସ୍ୱାସ୍ଥ୍ୟ ଦିବସ, ଚୈତ୍ର କୃଷ୍ଣ ତ୍ରୟୋଦଶୀଯୁକ୍ତ ଚତୁର୍ଦ୍ଦଶୀ ରବିବାର, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା, ରାଶି ନକ୍ଷତ୍ର-ଦିବା ଘ.୧୨.୫୮ ଗତେ, ଉତ୍ତର ଭାଦ୍ରବ ଏବଂ ସକାଳ ଘ.୦୭।୩୯ ଗତେ, ମୀନଚନ୍ଦ୍ର, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୩୩ ଗତେ ଘ.୦୯।୪୫ ମଧ୍ୟେ, ଘ.୦୧।୨୧ ଗତେ ଘ. ୦୧।୫୨ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୨୬ ଗତେ ଘ.୦୫।୫୮ ମଧ୍ୟେ ରାହୁକାଳ।

## ପ୍ରଥମ ପୃଷ୍ଠାରୁ...

### ଭ୍ୟୁଅର୍ସ ବଢ଼ାଇବାକୁ ...


ଜଗନ୍ନାଥ କର

ପ୍ରଥମରୁ ଅଷ୍ଟମ ଶ୍ରେଣୀ ସମ୍ମେଟିଭ ଆସେସ୍‌ମେଣ୍ଟ-୨ର ପ୍ରଶ୍ନପତ୍ର 'ସମୀର ଏଜୁକେଶନାଲ' ନାମକ ଏକ ୟୁଟ୍ୟୁବ ଚ୍ୟାନେଲରେ ଅପ୍‌ଲୋଡ ହୋଇଥିବା ଗତ ମାର୍ଚ୍ଚ ୧୮ରେ ଓସେପାର ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ଶାହା ଭୁବନେଶ୍ୱର ସାଇବର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଆଇଟି ଆକ୍ଟ ସହ ବିଭିନ୍ନ ଦଫାରେ ଏକ ମାମଲା (ନଂ.୭୪/୨୦୨୪) ରୁଜୁ କରି ଘଟଣାର ଖୋଳତାଡ଼ କରି ସମୀରଙ୍କୁ ଗିରଫ କରିଥିଲା। ସମୀରଙ୍କୁ ପଚରାଉଚରା ବେଳେ 'ପ୍ରୋ-ଆନ୍ସର' ଚ୍ୟାନେଲ ଲିଙ୍କ୍ କଥା ସାମ୍ନାକୁ ଆସିଥିଲା। ରତ୍ନପର୍ଣ୍ଣାଙ୍କ ନାମରେ ପ୍ରୋ-ଆନ୍‌ସର ୟୁଟ୍ୟୁବ୍ ଖୋଲାଯାଇଥିବାବେଳେ ଉଭୟେ ସ୍ୱାମୀସ୍ତ୍ରୀ ଏହାକୁ ବ୍ୟବହାର କରୁଥିଲେ। ଏହାର ୨୫.୯ ହଜାର ସବ୍‌ସ୍କ୍ରାଇବର ଥିବାବେଳେ ଏଥିରେ ୧୦୩ଟି ଭିଡିଓ ଅପ୍‌ଲୋଡ୍ ହୋଇଛି। ଗତ ମାର୍ଚ୍ଚ ୯ତାରିଖରେ ଜଗନ୍ନାଥ ଇତରା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀଙ୍କ ତରଫରୁ ଗୋପୀନାଥ ଜୀଉ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର କ୍ଲଷ୍ଟର ରିସର୍ଚ୍ଚ ସେଣ୍ଟର କୋର୍ଡିନେଟରଙ୍କଠାରୁ ପ୍ରଶ୍ନପତ୍ର ଗ୍ରହଣ କରିଥିଲେ। ପ୍ରଶ୍ନପତ୍ରକୁ ସେ ବିଦ୍ୟାଳୟ ନେବା ପରିବର୍ତ୍ତେ ନିଜ ଘରକୁ ନେଇଥିଲେ। ସେଠାରେ ଉଭୟେ ଜଗନ୍ନାଥ ଏବଂ ରତ୍ନପର୍ଣ୍ଣା ପ୍ରଶ୍ନପତ୍ରକୁ ସ୍କାନ କରିବା ସହ ପ୍ରୋ-ଆନ୍‌ସର ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ଅପ୍‌ଲୋଡ କରିଥିଲେ। ତଦନ୍ତ ସମୟରେ ସମସ୍ତ ଡିଜିଟାଲ ପ୍ରମାଣ ପାଇବା ପରେ ସାଇବର ପୋଲିସ ଜଗନ୍ନାଥ ଓ ତାଙ୍କ ସ୍ତ୍ରୀ ରତ୍ନପୂର୍ଣ୍ଣାଙ୍କୁ ଗିରଫ କରିଥିଲା।

## ୨୬ ଯାଏ ଘୁଞ୍ଚିଲା ଆର୍‌ଟିଇ ନାମଲେଖା

### ଧାରଣା ପରେ ବସିଲା ବୈଠକ, ନିଆଗଲା ନିଷ୍ପତ୍ତି

**ଭୁବନେଶ୍ୱର, ୬।୪(ଅସମାପିକା ସାହୁ)**

୨୦୨୪-୨୫ ଶିକ୍ଷାବର୍ଷରେ ଶିକ୍ଷା ଅଧିକାର ଆଇନ(ଆର୍‌ଟିଇ) ଅନୁଯାୟୀ ଘରୋଇ ସ୍କୁଲରେ ନାମଲେଖା ଅବଧିକୁ ବୃଦ୍ଧି କରାଯାଇଛି। ଏ ନେଇ ଶନିବାର ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ସମସ୍ତ ଜିଲା ଶିକ୍ଷାଧିକାରୀ, ଜିଲା ପ୍ରକଳ୍ପ ସଂଯୋଜକ, ବ୍ଲକ ଶିକ୍ଷାଧିକାରୀଙ୍କୁ ଚିଠି ଲେଖି ଅବଗତ କରାଯାଇଛି। ମାଗଣା ପଢ଼ିବାକୁ ମନୋନୀତ ହୋଇଥିବା ଛାତ୍ରୀଛାତ୍ରଙ୍କୁ କିଛି ସ୍କୁଲ ଫେରାଇ ଦେଇଥିଲେ। ଫଳରେ ବହୁ ଛାତ୍ରୀଛାତ୍ର ନାମଲେଖାରୁ ବଞ୍ଚିତ ହୋଇଥିଲେ। ୬ ତାରିଖ ନାମଲେଖାର ଶେଷ ତାରିଖ ରହିଥିଲା। ଏହାକୁ ବୃଦ୍ଧି କରିବା ସହ ଆର୍‌ଟିଇ ନିୟମକୁ ଅବମାନନା କରିଥିବା ସ୍କୁଲ୍‌ଗୁଡିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ଓଡ଼ିଶା ଅଭିଭାବକ ମହାସଂଘ ପକ୍ଷରୁ ଶନିବାର ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ଅଫିସ ଆଗରେ ଧାରଣା ଦିଆଯାଇଥିଲା। ପରେ ଅତିରିକ୍ତ ନିର୍ଦ୍ଦେଶକ କୃଷ୍ଣଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ବୈଠକ ବସିଥିଲା। ଖୋର୍ଦ୍ଧା ଜିଲା ଶିକ୍ଷାଧିକାରୀ, ପୋଲିସ ଉପସ୍ଥିତିରେ ମହାସଂଘ ସଭାପତି ବାସୁଦେବ ଭଟ୍ଟ, ଶିକ୍ଷା ଅଧିକାର ଅଭିଭାବକ ସଂଘର ଆବାହିକା କଳ୍ପନା ସାହୁ, ସୁବ୍ରତ ସାହୁ, ବିମଳ ପ୍ରଧାନ ଉପସ୍ଥିତ ରହି ସମସ୍ୟା ନେଇ ଆଲୋଚନା କରିଥିଲେ। ତେବେ ଆଲୋଚନାରେ ନାମଲେଖା ଅବଧି ୨୬ ତାରିଖ ପର୍ଯ୍ୟନ୍ତ ଘୁଞ୍ଚାଇବାକୁ ନିଷ୍ପତ୍ତି ହୋଇଥିଲା। ଯେଉଁ ସ୍କୁଲ ଖିଲାପ କରିଛନ୍ତି ତା'ର ତଦନ୍ତ ପାଇଁ ଜିଲାପାଳ ଏକ ସ୍ୱତନ୍ତ୍ର କମିଟି ଗଠନ କରି ୭ଦିନ ଭିତରେ ରିପୋର୍ଟ ପ୍ରଦାନ ସହିତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ସେହିଭଳି ଯେଉଁ ଅଭିଭାବକମାନେ ଆବେଦନ କରି କୌଣସି ସ୍କୁଲରେ ସିଟ୍ ପାଇପାରିନାହାନ୍ତି ସେମାନଙ୍କୁ ଦ୍ୱିତୀୟ ପର୍ଯ୍ୟାୟରେ ଆଉ ଆବେଦନ ନ କରି କେବଳ ପୂର୍ବ ଆବେଦନ ସଂଖ୍ୟା ଅନୁଯାୟୀ ପୋର୍ଟାଲରେ ଲଗ୍‌ଇନ୍ କରିବାକୁ ପଡ଼ିବ। ସେମାନଙ୍କୁ ଆଉ ଡକ୍ୟୁମେଣ୍ଟ ଅପଲୋଡ୍ କରିବାକୁ ପଡ଼ିବନି କିମ୍ବା ବିଇଓ ଅଫିସରେ ଯାଞ୍ଚ କରିବାକୁ ପଡ଼ିବ ନାହିଁ। କେବଳ ସେହି କୋଡ୍ ନମ୍ବରରେ ଆବେଦନ ପାଇଁ ବ୍ୟବସ୍ଥା କରାଯାଇଛି। ଯଦି ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଅନୁସାରେ ସମସ୍ୟାର ସମାଧାନ ସହ ନାମଲେଖା ନ ହୁଏ, ନିର୍ଦ୍ଦେଶକ କାର୍ଯ୍ୟାଳୟ, ଅତିରିକ୍ତ ଜିଲାପାଳ ଓ ବିଇଓ କାର୍ଯ୍ୟାଳୟକୁ ଅଚଳ କରି ଦିଆଯିବ ବୋଲି ମହାସଂଘର କାର୍ଯ୍ୟକାରୀ ସଭାପତି ପ୍ରସନ୍ନ ବିଷୋୟୀ କହିଛନ୍ତି।





# ମୋ ସ୍ୱାସ୍ଥ୍ୟ, ମୋର ଅଧିକାର

ସମଗ୍ର ବିଶ୍ୱବାସୀଙ୍କୁ ସ୍ୱାସ୍ଥ୍ୟ ସମ୍ବନ୍ଧରେ ସଚେତନ କରିବା ତଥା ସେମାନଙ୍କର ସ୍ୱାସ୍ଥ୍ୟ ସଂକ୍ରାନ୍ତ ସମସ୍ୟାର ସମାଧାନ ଏବଂ ସେମାନଙ୍କର ସ୍ୱାସ୍ଥ୍ୟ ଉନ୍ନତି ଉଦ୍ଦେଶ୍ୟରେ ୧୯୪୮ ଏପ୍ରିଲ ୭ରେ ସ୍ଥାପିତ ହୋଇଥିଲା ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ। ଏହି ସଂସ୍ଥା ଆନୁକୂଲ୍ୟରେ ୧୯୫୦ରୁ ପ୍ରତିବର୍ଷ ଏପ୍ରିଲ ୭କୁ 'ବିଶ୍ୱ ସ୍ୱାସ୍ଥ୍ୟ ଦିବସ' ଭାବରେ ପାଳନ କରାଯାଇଆସୁଅଛି। ଏହି ଅବସରରେ ସ୍ୱାସ୍ଥ୍ୟ ଆଧାରିତ ନିର୍ଦ୍ଦିଷ୍ଟ କୌଣସି ଏକ ବିଷୟରେ ଜନସଚେତନତା ସୃଷ୍ଟି କରିବା ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ଲକ୍ଷ୍ୟ। ତେବେ ଏହି ଦିବସ ଅବସରରେ ଚଳିତବର୍ଷର ପ୍ରସଙ୍ଗ ରହିଛି 'ମୋ ସ୍ୱାସ୍ଥ୍ୟ, ମୋର ଅଧିକାର'।

ସମ୍ପ୍ରତି ପୃଥିବୀରେ କୋଟି କୋଟି ଲୋକଙ୍କୁ ସ୍ୱାସ୍ଥ୍ୟସେବା ଭଳି ମୌଳିକ ଅଧିକାର ଉପଭୋଗ କରିବାର ସୁଯୋଗ ମିଳିପାରୁନାହିଁ। ଅନେକଙ୍କ ପାଇଁ ରୋଗବ୍ୟାଧି ମୃତ୍ୟୁର ମୁଖ୍ୟ କାରଣ ଭାବେ ଉଭା। ଅନେକ ରୋଗ ଭୋଗି ଅକର୍ମଣ୍ୟ ହୋଇପଡ଼ନ୍ତି। ଏକ ସର୍ଭେରୁ ଜଣାପଡ଼ିଛି, କେବଳ ବାୟୁପ୍ରଦୂଷଣ ଯୋଗୁ ପ୍ରତି ପାଞ୍ଚ ସେକେଣ୍ଡରେ କେହି ନା କେହି ମୃତ୍ୟୁବରଣ କରିବାକୁ ବାଧ ହେଉଛନ୍ତି।

ବିଡ଼ମ୍ବନାର ବିଷୟ ଯେ, ପୃଥିବୀର ୧୪୦ଟି ରାଷ୍ଟ୍ର ନିଜ ନିଜର ସମ୍ବିଧାନରେ ସ୍ୱାସ୍ଥ୍ୟକୁ ଏକ ମାନବାଧିକାର ଭାବରେ ସ୍ୱୀକୃତି ଦେଇଛନ୍ତି। ମାତ୍ର ସବୁ ନାଗରିକଙ୍କୁ ସର୍ବୋତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ନିମନ୍ତେ ସେମାନେ ଆବଶ୍ୟକ ଆଇନ ପ୍ରଣୟନ କରିନାହାନ୍ତି। ଫଳରେ ପୃଥିବୀ ଜନସଂଖ୍ୟାର ପ୍ରାୟ ଅଧାରୁ ବେଶୀ ଅତ୍ୟାବଶ୍ୟକ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ।

ଚଳିତବର୍ଷର ପ୍ରସଙ୍ଗ ଉପରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ବେଶି ଗୁରୁତ୍ୱଦେବାକୁ ସ୍ଥିର କରିଛି। ଏହାଦ୍ୱାରା ଜନସାଧାରଣ ନିଜ ସ୍ୱାସ୍ଥ୍ୟକୁ ନେଇ ଅଧିକ ସଚେତନ ରହିପାରିବେ। ଏହି ସଂସ୍ଥା ଆମ ସମସ୍ତଙ୍କୁ ସଚେତନ କରେଇ ଦେଇ କହିଛି ଯେ, ଯିଏ ଯେଉଁଠି ବାସ କରୁଥାଅ ପଛେ, ପ୍ରତ୍ୟେକଙ୍କ ପାଇଁ ଉତ୍କୃଷ୍ଟମାନର ସ୍ୱାସ୍ଥ୍ୟ ସେବା, ସ୍ୱାସ୍ଥ୍ୟ ଶିକ୍ଷା ଏବଂ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ତଥ୍ୟ ଉପଲବ୍ଧ ହେବା ଦରକାର। ତା'ସହ ସୁସ୍ଥ ସ୍ୱାସ୍ଥ୍ୟ ପାଇଁ ଆବଶ୍ୟକ ବିଶୁଦ୍ଧ ପାନୀୟ ଜଳ, ପ୍ରଦୂଷଣମୁକ୍ତ ବାୟୁ, ପୁଷ୍ଟିକର ଖାଦ୍ୟ, ସୁରକ୍ଷିତ ବାସଗୃହ ଉପଲବ୍ଧ ହେବା ଆବଶ୍ୟକ। ନିଜ ନାଗରିକଙ୍କୁ ସ୍ୱାସ୍ଥ୍ୟସେବା ପ୍ରଦାନ କରିବା ସେମାନଙ୍କ ପ୍ରତି ରାଷ୍ଟ୍ରର ଅନୁକମ୍ପା ପ୍ରଦର୍ଶନ ନୁହେଁ, ଏହା ନାଗରିକଙ୍କର ମୌଳିକ ଅଧିକାର।

**– ଡା. ନିତ୍ୟାନନ୍ଦ ସ୍ୱାଇଁ,** 'ଅଭୀପ୍ସା', ସେକ୍ଟର-୬, ପ୍ଲଟ ନଂ-୧୧୩୧, ଅଭିନବ ବିଡ଼ାନାସୀ, କଟକ-୧୪



# ନୀରୋଗ ସ୍ୱାସ୍ଥ୍ୟ ଓ ଜୀବନଧାରା

ଆଜିକାଲିର ବ୍ୟସ୍ତବହୁଳ ଜୀବନ ଭିତରେ ନିଜକୁ ନୀରୋଗ ରଖିବା ଲାଗି ଏକ ସନ୍ତୁଳିତ ଜୀବନଶୈଳୀର ଆବଶ୍ୟକତା ରହିଛି। ତା'ସହ ଖାଦ୍ୟପେୟ, ବ୍ୟାୟାମ ପ୍ରତି ଗୁରୁତ୍ୱ ଦେବା ଜରୁରୀ।

ଆମ ଶରୀରର ସମସ୍ତ କାର୍ଯ୍ୟ ଏକାଦଶ ଇନ୍ଦ୍ରିୟ ଦ୍ୱାରା ପରିଚାଳିତ। ଏହି ଇନ୍ଦ୍ରିୟଗୁଡ଼ିକ ମଧ୍ୟରୁ ପଞ୍ଚ ଜ୍ଞାନେନ୍ଦ୍ରିୟ (ଚକ୍ଷୁ, କର୍ଣ୍ଣ, ନାସା, ଜିହ୍ୱା ଓ ତ୍ୱଚା), ପଞ୍ଚ କର୍ମେନ୍ଦ୍ରିୟ (ବାକ୍, ପାଣି, ପାଦ, ପାୟୁ ବା ଗୁଜ ଓ ଉପସ୍ଥ ବା ଲିଙ୍ଗ) ଓ ଏକାଦଶ ଇନ୍ଦ୍ରିୟ 'ମନ'କୁ ସଂଯୋଗକାରୀ ଇନ୍ଦ୍ରିୟ କୁହାଯାଏ। ଏଣୁ ମନ ଦ୍ୱାରା ଉପରୋକ୍ତ ଦଶଟି ଇନ୍ଦ୍ରିୟର କାର୍ଯ୍ୟ ପରିଚାଳିତ ହୋଇଥାଏ। ଏହି ମନର ସ୍ଥାନ ମସ୍ତିଷ୍କସ୍ଥିତ କପାଳ ମଧ୍ୟସ୍ଥ ଭୂଲତା ଦ୍ୱୟ ସଂଯୋଗ ସ୍ଥଳ ଆଜ୍ଞାଚକ୍ରରେ ଉପସ୍ଥିତ। ତେଣୁ ମନକୁ ନିୟନ୍ତ୍ରଣ କରିବା ଦ୍ୱାରା ଶରୀରର ସମସ୍ତ କାର୍ଯ୍ୟ ସୁଚାରୁ ରୂପେ ଚାଲେ।

ଶରୀର ପୋଷଣ ପାଇଁ ଖାଦ୍ୟ ଆବଶ୍ୟକ। ଖାଦ୍ୟ ମଧ୍ୟ ସାତ୍ତ୍ୱିକ ହେବା ଆବଶ୍ୟକ। ଖାଦ୍ୟ ମାନ, ମାତ୍ରା ଓ ସମୟ ମଧ୍ୟ ଠିକ୍ ନିର୍ଦ୍ଧାରଣ ହେବା ଜରୁରୀ। ଆହାର ଗ୍ରହଣ ପୂର୍ବରୁ ଭଗବାନ୍‌ଙ୍କୁ ଅର୍ପଣ କରିବା ସହ ଗଣ୍ଡୁଷ କଲେ ଭଲ। ଭୋଜନ ଗ୍ରହଣ ସମୟରେ ବାର୍ତ୍ତାଳାପ ନ କରି, ଟିଭି ନ ଦେଖି ଖାଦ୍ୟ ଖାଆନ୍ତୁ। ଖାଇବାର ୧ଘଣ୍ଟା ପରେ ପାଣି ପିଇବା, ଥଣ୍ଡା ଜିନିଷ, ଆଇସ୍‌କ୍ରିମ୍ ଆଦି ନ ଖାଇବା ଦ୍ୱାରା ପାଚନ ଭଲ ଭାବେ ହୋଇଥାଏ। ବାରମ୍ବାର ଖାଇବା, ଅତ୍ୟଧିକ ପରିମାଣରେ ଖାଇବା, ତେଲ, ମାଛ, ମାଂସ ଓ ଅଣ୍ଡାଦି ଗରିଷ୍ଠ ଭୋଜନ ନିୟମିତ ବା ଅତ୍ୟଧିକ ସେବନ ଶରୀର ପାଇଁ କ୍ଷତିକାରକ। ଖାଦ୍ୟ ଖାଇବା ପରେ ତା'ର ପରିପାକ କ୍ରିୟା ସୂଚାରୁ ରୂପେ ହେବା ଆବଶ୍ୟକ। ଯଦି ଏହାର ପରିପାକ ଠିକ୍ ରୂପେ ନ ହୁଏ, ତେବେ ଏହାକୁ ଅପକ୍ୱ ଅନ୍ନ କୁହାଯାଏ। ଏହା ଦ୍ୱାରା ଖାଦ୍ୟ ପେଟରେ ଶଢ଼େ ଏବଂ ଟକ୍ସିକ୍ ବା ବିଷ ସୃଷ୍ଟି ହୋଇଥାଏ, ତାହାକୁ ଅମ୍ଳ କୁହାଯାଏ।

ପରିବେଶ ସହ ଆମ ଜୀବନ ଓତପ୍ରୋତ ଭାବେ ଜଡ଼ିତ। ତେଣୁ ପରିବେଶ ସନ୍ତୁଳନ, ନିର୍ମଳ ଓ ସୁସ୍ଥ ରହିଲେ ଆମ ଜୀବନ ସୁରକ୍ଷିତ ରହିବ। ଏହାର ସୁପ୍ରଭାବ ପ୍ରକୃତି ଓ ମନରେ ପ୍ରତିଫଳିତ ହୋଇ ଶରୀରରେ ନୂତନ ଉର୍ଜା ଉତ୍ପନ୍ନ ହେବ। ସୁସ୍ଥ ଶରୀର ପାଇଁ ପ୍ରାତଃକାଳରେ ଶଯ୍ୟାତ୍ୟାଗ ପୂର୍ବକ ଓଁ କାର ଉଚ୍ଚାରଣ, ଶଙ୍ଖନାଦ କରିବା, ଭଜନ, କୀର୍ତ୍ତନ, ପ୍ରାତଃଭ୍ରମଣ, ମହାମୃତ୍ୟୁଞ୍ଜୟ ମନ୍ତ୍ର ଜପ, ଯୋଗ, ଧ୍ୟାନ, ପ୍ରାଣାୟାମ କରିବା, ଏହାର ଏକ ଘଣ୍ଟା ପରେ ସ୍ନାନ କରି ପୂଜାପାଠ ଶେଷ କରି ହାଲୁକା ଭୋଜନ, ଦିବା ୧ ଘଟିକା ମଧ୍ୟରେ ମଧ୍ୟାହ୍ନ ଭୋଜନ ଓ ରାତ୍ର ୯ ଘଟିକା ମଧ୍ୟରେ ହାଲୁକା ରାତ୍ରଭୋଜନ କଲେ ନୀରୋଗ, ଦୀର୍ଘାୟୁ ଜୀବନଯାପନ କରିବେ।

**– ଡା. ଆଶିଷ ବାନାର୍ଜୀ,** ଆନନ୍ଦ ବଜାର, ବେତନଟୀ, ମୟୂରଭଞ୍ଜ, ମୋ-୯୮୬୧୩୭୪୩୮୫




# ସନ୍ତୁଳିତ ଆହାର ସୁସ୍ଥ ଶରୀର



କୁହାଯାଏ, ଶରୀରକୁ ସୁସ୍ଥ ଓ ମଜଭୁତ ରଖିବାରେ ସନ୍ତୁଳିତ ଖାଦ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ। ତେଣୁ ଆମକୁ ଦୈନନ୍ଦିନ ଖାଦ୍ୟ ତାଲିକାରେ ଏଭଳି ଖାଦ୍ୟ ସାମିଲ କରିବା ଜରୁରୀ। କାରଣ ଏଥିରେ ଥିବା ଉପକାରୀ ଗୁଣ ଆମକୁ ଅନେକ ପ୍ରକାର ରୋଗଠାରୁ ଅନେକାଂଶରେ ଦୂରେଇ ରଖିଥାଏ। କେବଳ ଭିଟାମିନଯୁକ୍ତ ଖାଦ୍ୟ ନୁହେଁ, ନିୟମିତ ବ୍ୟାୟାମ, ଯୋଗ, ପ୍ରାଣାୟାମ ଆଦିକୁ ନିଜ ଜୀବନଶୈଳୀରେ ସାମିଲ କରନ୍ତୁ। ତେବେ ସନ୍ତୁଳିତ ଖାଦ୍ୟ ଖାଇବା ଦ୍ୱାରା ଅବସାଦ କେତେକାଂଶରେ ଦୂର ହୋଇଥାଏ ବୋଲି ଏକ ସଦ୍ୟତମ ଗବେଷଣାରୁ ଜଣାପଡିଛି। ସବୁଜ ପନିପରିବାରେ ପ୍ରସ୍ତୁତ ଖାଦ୍ୟ ଯେତେ ଖାଇବେ ତାହା ସେତେ ଉପକାରୀ। ସନ୍ତୁଳିତ ଖାଦ୍ୟପେୟ ବ୍ୟତୀତ ନିୟମିତ ସମୟ ଅନ୍ତରାଳରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନେବାକୁ ଭୁଲନ୍ତୁ ନାହିଁ। ଯଦି ଆପଣ କୌଣସି ଦୀର୍ଘକାଳୀନ ରୋଗରେ ପୀଡିତ, ତେବେ ଏହାର ଚିକିତ୍ସା ଲାଗି ସଚେତନ ରୁହନ୍ତୁ।














## ଓଡ଼ିଶାରେ ଡାଇବେଟିସ୍ ମେଲିଟସ୍ ରୋଗର ବୃଦ୍ଧି ଓ ଏହାର ସ୍ୱାସ୍ଥ୍ୟଗତ ପ୍ରଭାବ

CARE HOSPITALS

ଓଡ଼ିଶାରେ ଡାଇବେଟିସ୍ ମେଲିଟସ୍ ରୋଗର ବୃଦ୍ଧି ଏକ ଗୁରୁତ୍ୱପୂର୍ଣ୍ଣ ଚିନ୍ତାର ବିଷୟ ପାଲଟିଛି ଯାହା ରାଜ୍ୟ ଜନସଂଖ୍ୟା ମଧ୍ୟରେ ଏକ ସ୍ୱାସ୍ଥ୍ୟ ସଙ୍କଟ ଦେଖାଯାଉଛି। ମଧୁମେହ ରୋଗର ଏହି ବୃଦ୍ଧି, ସ୍ୱାସ୍ଥ୍ୟର ଭୟଙ୍କର ପରିଣାମର ଏକ କ୍ୟାସ୍‌କେଡ୍ ସୃଷ୍ଟି କରିଛି, ଯାହା ସମଗ୍ର ଅଞ୍ଚଳରେ ଜନସ୍ୱାସ୍ଥ୍ୟ କର୍ତ୍ତୃପକ୍ଷ ଏବଂ ସ୍ୱାସ୍ଥ୍ୟସେବା ପାଇଁ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ ସୃଷ୍ଟି କରିଛି।

ଓଡ଼ିଶାରେ ମଧୁମେହ ରୋଗର ଭୟାବହ ବୃଦ୍ଧିରେ ଅନେକ କାରଣ ରହିଛି। ଗୋଟିଏ ପ୍ରାଥମିକ କାରଣ ହେଉଛି ଜନସଂଖ୍ୟାର ପରିବର୍ତ୍ତିତ ଜୀବନଶୈଳୀ ଏବଂ ଖାଦ୍ୟପେୟ ଅଭ୍ୟାସ।

ଦ୍ରୁତ ସହରୀକରଣ ଏବଂ ଅର୍ଥନୈତିକ ବିକାଶ ସହିତ, ବସିଥିବା ଜୀବନଶୈଳୀ, ପ୍ରକ୍ରିୟାକୃତ ଖାଦ୍ୟର ବ୍ୟବହାର ବୃଦ୍ଧି ଏବଂ ଶାରୀରିକ କାର୍ଯ୍ୟକଳାପରେ ହ୍ରାସ ଘଟିଛି। ଏହି ଜୀବନଶୈଳୀରେ ପରିବର୍ତ୍ତନ ମୋଟାପଣ ହାରରେ ବୃଦ୍ଧି ଘଟାଇଛି, ଟାଇପ-୨ ମଧୁମେହର ବିକାଶ ପାଇଁ ଏକ ପ୍ରମୁଖ ବିପଦର କାରଣ, ଯାହା ବିଶ୍ୱପାଇଁ ଅଧିକାଂଶ ମଧୁମେହ ରୋଗର କାରଣ ଅଟେ।

ଅଧିକନ୍ତୁ ଜେନେଟିକ୍ ପ୍ରବୃତ୍ତି ଏବଂ ପାରିବାରିକ ଇତିହାସ ମଧୁମେହର ବିକାଶର ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଏଥିସହ, ଗ୍ରାମାଞ୍ଚଳ ତଥା ଦୁର୍ଗମ ଅଞ୍ଚଳରେ ସ୍ୱାସ୍ଥ୍ୟସେବାରେ ସଚେତନତାର ଅଭାବ ଏବଂ ସୀମିତ ସୁବିଧା ସମସ୍ୟାକୁ ଆହୁରି ବଢ଼ାଇ ଦେଇଥାଏ, ଯେହେତୁ ଅନେକ ମାମଲା ଉନ୍ନତ ପର୍ଯ୍ୟାୟରେ ପହଞ୍ଚିବା ପର୍ଯ୍ୟନ୍ତ ଅଜ୍ଞାତ କିମ୍ବା ଚିକିତ୍ସା ହୋଇନଥାଏ, ଯାହାଦ୍ୱାରା ସ୍ୱାସ୍ଥ୍ୟଗତ ଜଟିଳତା ଦେଖାଦେଇଥାଏ।

ମଧୁମେହ ଏକ ଜଟିଳ ଏବଂ ବହୁମୁଖୀ ଅବସ୍ଥା ଯାହା ଶରୀରର ପ୍ରାୟ ପ୍ରତ୍ୟେକ ଅଙ୍ଗ ପ୍ରଣାଳୀକୁ ପ୍ରଭାବିତ କରିଥାଏ। ଅନିୟନ୍ତ୍ରିତ ମଧୁମେହ ହୃଦ୍‌ରୋଗ, କିଡ୍‌ନୀ ବିଫଳତା, ଅନ୍ଧତ୍ୱ, ସ୍ନାୟୁ ନଷ୍ଟ ହେବା ଏବଂ ଅଙ୍ଗପ୍ରତ୍ୟଙ୍ଗ କାଟିବା ଭଳି ଅନେକ ଜଟିଳତା ସୃଷ୍ଟି କରିପାରେ।

ଏହି ଜଟିଳତା କେବଳ ଜୀବନଶୈଳୀକୁ ହ୍ରାସ କରେ ନାହିଁ ବରଂ ବ୍ୟକ୍ତିବିଶେଷ, ପରିବାର ଏବଂ ସ୍ୱାସ୍ଥ୍ୟସେବା ଉପରେ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଅର୍ଥନୈତିକ ଭାର ବହନ କରେ।

ହୃଦ୍‌ଘାତ ଏବଂ ଷ୍ଟ୍ରୋକ୍ ସମେତ ହୃଦ୍‌ରୋଗ, ମଧୁମେହ ରୋଗର ସବୁଠାରୁ ସାଧାରଣ ଏବଂ ଜୀବନ ପ୍ରତି ବିପଦ।

ଅଧିକନ୍ତୁ, ମଧୁମେହ ସମ୍ବନ୍ଧୀୟ କିଡ୍‌ନୀ ରୋଗ, ମଧୁମେହିକ ନେଫ୍ରୋପାଥି ଭାବେର ଜଣାଶୁଣା, ଶେଷ ପର୍ଯ୍ୟାୟ ବୃକକ୍ ବିଫଳତାର ଏକ ପ୍ରମୁଖ କାରଣ, ବଞ୍ଚିବା ପାଇଁ ଡାଏଲିସିସ୍ କିମ୍ବା କିଡ୍‌ନୀ ପ୍ରତିରୋପଣ ଆବଶ୍ୟକ କରେ।

ଅଧିକନ୍ତୁ, ବିପଦର କାରଣ, ଲକ୍ଷଣ ଏବଂ ମଧୁମେହ ପାଇଁ ନିୟମିତ ସଚେତନତା ସୃଷ୍ଟି କରିବା ଏବଂ ଆବଶ୍ୟକ ସମୟରେ ଠିକ୍ ଚିକିତ୍ସା ହସ୍ତକ୍ଷେପ ଖୋଜିବା ପାଇଁ ସଶକ୍ତ କରିବା ପାଇଁ ଜରୁରୀ ଅଟେ।

ଏହି ବଢୁଥିବା ମହାମାରୀକୁ ଦୂର କରିବା ପାଇଁ ସରକାରୀ ଏଜେନ୍ସି ସ୍ୱାସ୍ଥ୍ୟସେବା ପ୍ରଦାନକାରୀ, ସମ୍ପ୍ରଦାୟ ସଂଗଠନ ଏବଂ ବ୍ୟକ୍ତିବିଶେଷଙ୍କ ସହଯୋଗର ପ୍ରୟାସ ଆବଶ୍ୟକ, ପ୍ରଭାବଶାଳୀ ପ୍ରତିରୋଧ ତଥା ପରିଚାଳନା କୌଶଳ ପ୍ରୟୋଗ କରିବା ଏବଂ ସମାଜ ଉପରେ ମଧୁମେହର ଭାରକୁ ହ୍ରାସ କରିବା ପାଇଁ।

କେବଳ ମିଳିତ କାର୍ଯ୍ୟ ମାଧ୍ୟମରେ ଆମେ ଏହି ନୀରବ ମହାମାରୀର କୁଆରକୁ ରୋକିବା ଏବଂ ଭବିଷ୍ୟତ ପିଢ଼ିର ସ୍ୱାସ୍ଥ୍ୟ ଏବଂ କଲ୍ୟାଣ ରକ୍ଷା କରିବାକୁ ଆଶା କରିପାରିବା।

Advt.

Dr. Rajesh Padhi, MBBS, MD (Gen Medicine), Fellowship in Diabetology
Clinical Director & HOD - Internal Medicine
Care Hospitals, Prachi Enclave Road, Chandrasekharpur, Bhubaneswar
For Emergency Contact: 0674 6165656 OR Visit: www.carehospitals.com






ଧର୍ମର ଯୁଗ ସରିଗଲାଣି। ଆମେ ବର୍ତ୍ତମାନ ସାର୍ବଜନୀନ ଆଧ୍ୟାତ୍ମିକ ଯୁଗରେ ପ୍ରବେଶ କଲୁଣି। ଆମେ ଆଧ୍ୟାତ୍ମିକତାର ମୌଳିକ ଶୁଦ୍ଧତାକୁ ଉପଲବ୍ଧି କରିବୁ। (ଧାର୍ମିକ ମତାନ୍ଧତାକୁ ନୁହଁ।) –ଶ୍ରୀମା



# ଏକଚ୍ଛତ୍ରବାଦ ନିର୍ବାଚନ



ଆକାର ପଟେଲ

ଫ୍ରିଡମ୍ ହାଉସ୍‌ର ୨୦୨୪ ରିପୋର୍ଟରେ ବାଂଲାଦେଶକୁ 'ଆଂଶିକ ସ୍ୱାଧୀନ' ଭାବେ ଦର୍ଶାଯାଇଛି। ଭାରତ ଏବଂ ପାକିସ୍ତାନ ମଧ୍ୟ ଏହି ସମାନ ବର୍ଗରେ ଶ୍ରେଣୀଭୁକ୍ତ ହୋଇଛନ୍ତି। ଇକୋନୋମିଷ୍ଟ ମାଗାଜିନ ମୁତାବକ ବାଂଲାଦେଶ ଏବେ ଏକକ ଦଳର ଦେଶ। ଅବଶ୍ୟ ସେଠାରେ ପାର୍ଲାମେଣ୍ଟ ଓ ଅନ୍ୟ ଦଳ ସବୁ ଅଛନ୍ତି। କିନ୍ତୁ ମୁଖ୍ୟ ବିରୋଧୀ ନାହିଁ ଏବଂ ତାହାର ନେତା ଖାଲେଦା ଜିଆ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଜାନୁଆରୀ ୨୦୨୪ରେ ବାଂଲାଦେଶରେ ସାଧାରଣ ନିର୍ବାଚନ ହୋଇଥିଲା। ଏଥିରେ ଶାସକ ଆୱାମୀ ଲିଗ୍ ପାର୍ଲାମେଣ୍ଟର ୩୦୦ ସିଟ୍ ମଧ୍ୟରୁ ୨୨୪ଟି ଜିତି ସଂଖ୍ୟା ଗରିଷ୍ଠତା ହାସଲ କରିଥିଲା। ପୂର୍ବ ନିର୍ବାଚନରେ ଖାଲେଦା ନିର୍ବାଚନ ପରିଚାଳନା ପାଇଁ ଏକ କାମଚଳା ସରକାର ଲାଗି କହିଥିଲେ, ଯାହାକୁ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା ଅଗ୍ରାହ୍ୟ କରିଦେଇଥିଲେ। ବିରୋଧୀଙ୍କୁ ଜେଲରେ ରଖିବା ଓ ଉତ୍ପୀଡ଼ନ ସମେତ ସରକାରୀ କଳର ଅପବ୍ୟବହାର କାରଣରୁ ବାଂଲାଦେଶକୁ ଆଂଶିକ ସ୍ୱାଧୀନ ଭାବେ ବର୍ଗୀକୃତ କରାଯାଇଛି। ହେଲେ ବାଂଲାଦେଶ ନିର୍ବାଚନକୁ ଭାରତ ପ୍ରଶଂସା କରିଛି। ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ ହାସିନାଙ୍କ ସହ କଥା ହୋଇ ସଂସଦୀୟ ନିର୍ବାଚନରେ ଲଗାତର ଚତୁର୍ଥ ଥର ବିଜୟ ପାଇଁ ହାସିନାଙ୍କୁ ଏବଂ ନିର୍ବାଚନର ସଫଳ ପରିଚାଳନା ସକାଶେ ବାଂଲାଦେଶବାସୀଙ୍କୁ ଅଭିନନ୍ଦନ ଜଣାଇଥିବା ବିଷୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଟୁଇଟ କରିଛନ୍ତି। ଆମେରିକାର ବୈଦେଶିକ ବିଭାଗ ମୁଖପାତ୍ର କହିଛନ୍ତି, ଏହି ନିର୍ବାଚନ ଅବାଧ କିମ୍ବା ନିରପେକ୍ଷ ନୁହେଁ ଏବଂ ସମସ୍ତ ଦଳ ଏଥିରେ ଭାଗନେଇ ନ ଥିବାରୁ ଦୁଃଖିତ। ନିର୍ବାଚନ ପରବର୍ତ୍ତୀ ମାସ ଅର୍ଥାତ୍ ଫେବୃଆରୀ ୨୦୨୪ରେ ପାକିସ୍ତାନରେ ନିର୍ବାଚନ ହୋଇଥିଲା, ଯେତେବେଳେ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍‌ଙ୍କୁ ଜେଲରେ ରଖାଯାଇଥିଲା। ଆମେରିକା କହିଥିଲା, ଆମେ ବିଶ୍ୱାସଯୋଗ୍ୟ ଅନ୍ତର୍ଜାତୀୟ ତଥା ସ୍ଥାନୀୟ ନିର୍ବାଚନ ପର୍ଯ୍ୟବେକ୍ଷକଙ୍କ ସିଦ୍ଧାନ୍ତ ସହ ଏକମତ ଯେ, ଏହି ନିର୍ବାଚନରେ ଅଭିବ୍ୟକ୍ତି, ସଙ୍ଗଠନ ଏବଂ ଶାନ୍ତିପୂର୍ଣ୍ଣ ସମାବେଶର ସ୍ୱାଧୀନତା ଉପରେ ଅତ୍ୟଧିକ କଟକଣା ଅଣାଯାଇଛି। ଆମେ ନିର୍ବାଚନ ହିଂସା, ମାନବ ଅଧିକାର କାର୍ଯ୍ୟକାରିତା ଓ ମୌଳିକ ସ୍ୱାଧୀନତା ଉପରେ ପ୍ରତିବନ୍ଧକ ସମେତ ଗଣମାଧ୍ୟମ କର୍ମଚାରୀଙ୍କ ଉପରେ ଆକ୍ରମଣ, ଇଣ୍ଟରନେଟ୍ ଏବଂ ଟେଲି ଯୋଗାଯୋଗ ସେବା ଉପରେ ପ୍ରତିବନ୍ଧକକୁ ନିନ୍ଦା କରୁଛୁ। ଏହା ସହ ନିର୍ବାଚନ ପ୍ରକ୍ରିୟାରେ ହସ୍ତକ୍ଷେପ ଅଭିଯୋଗକୁ ନେଇ ଆମେ ଚିନ୍ତିତ। ହସ୍ତକ୍ଷେପ କିମ୍ବା ଅନିୟମିତତାର ଦାବି ଉପରେ ବିଧିବଦ୍ଧ ତଦନ୍ତ କରାଯିବା ଉଚିତ ବୋଲି ଆମେରିକା ଦର୍ଶାଇଥିଲା। ବାଂଲାଦେଶ ପରି ବିରୋଧୀ ମୁକ୍ତ ଗଣତନ୍ତ୍ର ହେବାକୁ ପାକିସ୍ତାନ ଚେଷ୍ଟା କରି କମ୍ ସଫଳ ହୋଇଥିଲା। ଜେଲରେ ଥିବା ଇମ୍ରାନ୍ ଏକ ତୃତୀୟାଂଶ ଭୋଟ ପାଇବାରେ ସକ୍ଷମ ହୋଇଥିଲେ। ୧୯୭୭ରେ ପାକିସ୍ତାନରେ ଏକ ନିର୍ବାଚନ ହୋଇଥିଲା। ଏଥିରେ ଶାସକ ଦଳ ଜିତିଥିଲା ଓ ସେତେବେଳେ ପ୍ରଧାନମନ୍ତ୍ରୀ ଜେ.ଏ. ଭୁଟ୍ଟୋ ଲୋକପ୍ରିୟ ଥିବା ସତ୍ତ୍ୱେ ନିର୍ବାଚନ ମୁକ୍ତ କିମ୍ବା ନିରପେକ୍ଷ ନୁହେଁ ବୋଲି କୁହାଯାଇଥିଲା। ସେଠାରେ ବିରୋଧୀ ଦଳ ଦୁର୍ବଳ ହୋଇଥିଲେ ମଧ୍ୟ ତାହାକୁ ପୂରା ଶକ୍ତିହୀନ କରିଦିଆଯାଇଥିଲା। ସେହି ସମୟର ଘଟଣାଗୁଡ଼ିକ ଯୋଗୁ ପାକିସ୍ତାନ ୪ ଦଶନ୍ଧି ପ୍ରଭାବିତ ହୋଇଥିଲା। ଯେଉଁଠାରେ ନିର୍ବାଚନ ଆୟୋଗ ଏବଂ ସର୍ବୋଚ୍ଚ ନ୍ୟାୟାଳୟ ଭଳି ଅନୁଷ୍ଠାନର ସ୍ୱାଧୀନତା ସକ୍ରିୟ ଓ ଦୃଢ଼ ସେଠାରେ ଗଣତନ୍ତ୍ର ସୁସ୍ଥ। କିନ୍ତୁ ବିରୋଧୀଙ୍କ ବିରୋଧରେ ଏଗୁଡ଼ିକ ପକ୍ଷପାତି ହୋଇଯାଇଛନ୍ତି। ଇକୋନୋମିଷ୍ଟ ଇଣ୍ଟେଲିଜେନ୍ସ ୟୁନିଟ୍‌ର ଗଣତନ୍ତ୍ର ସୂଚକାଙ୍କ ନାଗରିକ ସ୍ୱାଧୀନତା, ସାଂସ୍କୃତିକ ବିବିଧତା, ରାଜନୈତିକ ସଂସ୍କୃତି ଓ ଭାଗୀଦାରି ଏବଂ ନିର୍ବାଚନ ପ୍ରକ୍ରିୟା ଉପରେ ନିରୀକ୍ଷଣ କରିଥାଏ। ଏଥିରେ ୨୦୧୪ରେ ଭାରତ ୨୭ତମ ସ୍ଥାନରେ ଥିଲା। ୨୦୨୦ରେ ଭାରତକୁ ଏକ 'ତ୍ରୁଟିପୂର୍ଣ୍ଣ ଗଣତନ୍ତ୍ର' ଭାବେ ଶ୍ରେଣୀଭୁକ୍ତ କରାଯାଇଥିଲା ଓ ଗତବର୍ଷ ଭାରତ ୪୧ତମ ସ୍ଥାନରେ ରହିଥିଲା। ଏହା ଥିଲା ଗଣତାନ୍ତ୍ରିକ ପଶ୍ଚାତଗମନ ଏବଂ ମୋଦିଙ୍କ ସମୟରେ ବୃଦ୍ଧି ପାଇଥିବା ଧର୍ମୀୟ ପ୍ରଭାବର ପରିଣାମ। ମୋଦିଙ୍କ ନୀତିଗୁଡ଼ିକ ବିଶେଷକରି ମୁସଲମାନ ବିରୋଧୀ ଭାବ ଓ ଧର୍ମୀୟ ସଂଘର୍ଷ ବୃଦ୍ଧି କରି ଦେଶର ରାଜନୈତିକ ଢାଞ୍ଚାକୁ ନଷ୍ଟ କରିଦେଇଛି।

ସିଭିକସ୍ ମନିଟରର ନ୍ୟାଶନାଲ ସିଭିକ୍ ସ୍ପେସ୍ ରେଟିଂ ମୁଖ୍ୟତଃ ଗଣତନ୍ତ୍ର ପାଇଁ ଜରୁରୀ କୁହାଯାଉଥିବା ସଙ୍ଗଠନ, ଶାନ୍ତିପୂର୍ଣ୍ଣ ସମାବେଶ ଏବଂ ଅଭିବ୍ୟକ୍ତି ସ୍ୱାଧୀନତା ଉପରେ ନିରୀକ୍ଷଣ କରିଥାଏ। ଏହା ୨୦୧୭ରେ ଭାରତକୁ 'ଅବରୋଧିତ' ଭାବେ ଦର୍ଶାଇଥିଲା ଓ ପରେ ଭାରତ 'ଦମନକାରୀ'କୁ ଖସି ଆସିଛି। ନାଗରିକ ସ୍ୱାଧୀନତାର ଦ୍ରୁତ ଅବକ୍ଷୟ ହୋଇଥିବା ଦେଶଗୁଡ଼ିକର ସୂଚୀ ମଧ୍ୟରେ ଭାରତକୁ ସାମିଲ କରାଯାଇଛି ଏବଂ ଆଲୋଚକଙ୍କ ମୁହଁ ବନ୍ଦ କରିବା ଲାଗି ମୋଦି କଠୋର ପଦକ୍ଷେପ ନେଉଛନ୍ତି ବୋଲି ମାର୍ଚ୍ଚ ୨୦୨୨ରେ ସିଭିକସ୍ ପ୍ରକାଶ କରିଥିଲା। ଫ୍ରିଡମ୍ ହାଉସ୍ ରିପୋର୍ଟ ଅନୁଯାୟୀ, ଭାଜପା ରାଜନୈତିକ ବିରୋଧୀଙ୍କ ବିରୋଧରେ ସରକାରୀ ସଂସ୍ଥାଗୁଡ଼ିକୁ ଅତ୍ୟଧିକ ବ୍ୟବହାର କରିଛନ୍ତି। ଗୋଥେନବର୍ଗ ବିଶ୍ୱବିଦ୍ୟାଳୟର ଭି-ଡେମ୍ ରିପୋର୍ଟରେ କୁହାଯାଇଛି ଯେ, ମୋଦିଙ୍କ ଅଧୀନରେ ଭାରତ ଗଣତନ୍ତ୍ରର ମାନ୍ୟତା ହରାଇଛି ଏବଂ ଏକ 'ଏକଚ୍ଛତ୍ରବାଦ ନିର୍ବାଚନ' ଭାବେ ଶ୍ରେଣୀଭୁକ୍ତ ହୋଇ ହଙ୍ଗେରୀ ଏବଂ ତୁର୍କୀ ଭଳି ନିଜକୁ ପ୍ରତିପାଦିତ କରିଛି। ଅଭିବ୍ୟକ୍ତି, ଗଣମାଧ୍ୟମ ଏବଂ ନାଗରିକ ସମାଜର ସ୍ୱାଧୀନତାରେ ଭାରତ ପାକିସ୍ତାନ ଭଳି ଏକଚ୍ଛତ୍ରବାଦୀ ଏବଂ ଉଭୟ ବାଂଲାଦେଶ ଏବଂ ନେପାଳ ତୁଳନାରେ ଏହା ଖରାପ।

ଏହିପରି ଭାବରେ ଆମ ଦୁନିଆରେ ଗଣତନ୍ତ୍ରଗୁଡ଼ିକ ନଷ୍ଟହୁଏ, ଆଶାନୁରୂପ ଭାବେ ପ୍ରଭାବୀ ହୋଇପାରେ ନାହିଁ। ସମୟକ୍ରମେ ସଂସ୍ଥାଗୁଡ଼ିକର ସ୍ୱାଧୀନତା ଶୂନ୍ୟ ହୋଇଯାଏ, ଧୀରେ ଧୀରେ ଦୁର୍ବଳ ହୋଇଯାଆନ୍ତି। ନିର୍ବାଚନ ସବୁ ଅନୁଷ୍ଠିତ ହୁଏ, କିନ୍ତୁ ବାହାର ଦୁନିଆକୁ ସେଗୁଡ଼ିକ ଅବାଧ କି ନିରପେକ୍ଷ ଜଣାପଡ଼େ ନାହିଁ। ଏହାର ଅନ୍ୟ କୌତୁହଳପୂର୍ଣ୍ଣ ଦିଗ ହେଉଛି, ଏହି ପ୍ରକାର ପରିସ୍ଥିତି ଥରେ ହାସଲ ହେଲେ ପାକିସ୍ତାନ ଏବଂ ବାଂଲାଦେଶର ଏବକାର ସ୍ଥିତି ଭଳି ସୃଷ୍ଟି ହେବ ଓ ସେଭଳି ଅବସ୍ଥାରୁ ମୁକୁଳିବା ଯଦିଓ ଅସମ୍ଭବ ନୁହେଁ ତଥାପି କଷ୍ଟକର। ସେହିସବୁ ଦେଶରେ ନିର୍ବାଚନ ବିନା ତିକ୍ତତା, ବିଦ୍ୱେଷ ଏବଂ ଏକତରଫା ଭାବନାରେ ଅନୁଷ୍ଠିତ ହୋଇନାହିଁ ଏବଂ ଏହାକୁ ଭୁଲ୍ ବୋଲି କୁହାଯାଇଛି। ତେବେ ଆମେ ଆରମ୍ଭରୁ ସେଇଠି ଅଛୁ କିମ୍ବା ତା' ପାଖାପାଖିରେ ପହଞ୍ଚୁଛୁ।

Email:aakar.patel@gmail.com

# ଗଣତନ୍ତ୍ରର ନୂଆ ସଂଜ୍ଞା ଦରକାର



ସହଦେବ ସାହୁ

ଗଣଙ୍କ ପ୍ରତି ଉଦାସୀନ ସରକାର ତ ସରକାର ପ୍ରତି ଉଦାସୀନ ଗଣ– ଆଉ ଗୋଟିଏ ସାଧାରଣ ନିର୍ବାଚନ ଆସନ୍ନ ହେଲା ବେଳକୁ ଏଭଳି ଦେଖିବାକୁ ମିଳିଲାଣି। ଆମ ଗଣତନ୍ତ୍ର ଦଳତନ୍ତ୍ରର ରୂପ ନେଲାଣି! ଏହାର ଦୁଇଟା ମୁଖ୍ୟ କାରଣ: (କ) ନିର୍ବାଚନରେ ଭୋଟରମାନଙ୍କ ଇଚ୍ଛାର ପ୍ରତିନିଧି ଜିତିପାରିବେ ନାହିଁ (୧) ରାଜନୈତିକ ଦଳ ବାଛୁଛି କାହାକୁ ସେ ପ୍ରାର୍ଥୀ କରିବ ସେ ନିର୍ବାଚନମଣ୍ଡଳୀର ଭୋଟର ହୋଇନଥିଲେ ବି; (୨) ଦଳ ପ୍ରାର୍ଥୀର ନିର୍ବାଚନରେ ଅପର୍ଯ୍ୟାପ୍ତ ଖର୍ଚ୍ଚ କଲେ ବି ତାହା ନିର୍ବାଚନ କମିଶନ ଧାର୍ଯ୍ୟ କରିଥିବା ପ୍ରାର୍ଥୀର ଖର୍ଚ୍ଚସୀମା ଭିତରେ ଗଣାଯିବ ନାହିଁ; (୩) ଦଳର ଛାଟ (ହ୍ୱିପ୍) ନ ମାନିଲେ ଦଳପତିଙ୍କ ଅନୁରୋଧରେ ବାଚସ୍ପତି ସମ୍ପୃକ୍ତ ବ୍ୟକ୍ତିକୁ ଏମ୍‌ଏଲ୍‌ଏ/ଏମ୍‌ପି ପଦରୁ ଅଯୋଗ୍ୟ ଘୋଷଣା କରିପାରିବେ, ନିର୍ବାଚିତ ହୋଇଥିବା ବ୍ୟକ୍ତିର ପ୍ରତିନିଧିତ୍ୱ ଦଳ କାଟି ଦେଇପାରିବ। (ଖ) ନିର୍ବାଚନରେ ସଂଖ୍ୟାଧିକତା (ଇଲେକ୍ଟୋରାଲ୍ ମେଜରିଟି) ପ୍ରକୃତ ମେଜରିଟି ନୁହେଁ! ତା' ଏକ 'ମେଜରିଟି ଫିଲିଂ'। ଗତ ଦୁଇ ଦଶନ୍ଧିର ନିର୍ବାଚନରୁ ଦେଖାଯାଇଛି ଯେ, ତାଲିକାଭୁକ୍ତ ଭୋଟରଙ୍କ ଭିତରୁ ଅତିବେଶୀରେ ୭୦% ଭୋଟ ଦେବାକୁ ଆସୁଛନ୍ତି। ସେମାନଙ୍କ ଭିତରୁ ସରକାର ଗଢୁଥିବା ଦଳ ପ୍ରାୟ ୪୦% ଭୋଟ୍ ପାଉଛି, ଅର୍ଥାତ୍ ମୋଟ ଭୋଟର ସଂଖ୍ୟାର ମାତ୍ର ୨୮% ହିଁ ଇଲେକ୍ଟୋରାଲ୍ ମେଜରିଟି। ଏତେ କମ୍ ଶତାଂଶକୁ ଆମେ ମେଜରିଟି ବୋଲି ଭାବିନେଉଛୁ, ଭୋଟରମାନଙ୍କ ମଧ୍ୟରୁ ୭୨% ଶାସକ ଦଳକୁ ଭୋଟ ନ ଦେଇଥିଲେ ବି! ଗଣତନ୍ତ୍ରର ଉଦ୍ଦେଶ୍ୟ ନୁହେଁ ଏତେ କମ୍ ସଂଖ୍ୟାରେ ସମର୍ଥନ ପାଇଥିବା ଦଳ ସରକାର ଗଢ଼ୁ, କିନ୍ତୁ ବ୍ୟବସ୍ଥାଗତ ଛଳନା ତଥା ପ୍ରଶାସନିକ ପ୍ରବଞ୍ଚନା (ଟ୍ରିକରି) ଫଳରେ ଏହା ଘଟୁଛି ଜାଣି ମଧ୍ୟ ବୁଦ୍ଧିଜୀବୀମାନେ ଚୁପ୍ ରହୁଛନ୍ତି। ଅଧିକନ୍ତୁ ଜଣେ ଜଣେ ପ୍ରାର୍ଥୀ ଏତେ କମ୍ ବ୍ୟବଧାନରେ ଜିତିଥାନ୍ତି ଯେ, ତା'ଠାରୁ ଅଧିକ ସଂଖ୍ୟାରେ ନାପସନ୍ଦ ବା 'ନୋଟା' ଭୋଟ୍ ପଡ଼ିଥାଏ। ଏପରି ପରିସ୍ଥିତରେ ଜିତିଥିବା ପ୍ରାର୍ଥୀମାନଙ୍କ ଦଳ ଜନାଦେଶ ପାଇଛି ବୋଲି କହେ ଏବଂ ହାରିଥିବା ଦଳ ପ୍ରତି ଅସୂୟାଭାବ ପୋଷଣ କରେ; 'ଭିନ୍ନ ମତ', 'ଯୁକ୍ତିତର୍କ' ଓ 'ସମାଲୋଚନା' ଯେ 'ଗଣତନ୍ତ୍ର'ର ମୁଖ୍ୟ ଅଙ୍ଗ ତାହା ଭୁଲିଯାଏ। ଫଳରେ ଯେଉଁ ଗଣତନ୍ତ୍ର ସୁଶାସନ (ୟୁଟୋପିଆ) ଆଣିବା କଥା, ତାହା ଦୁଃଶାସନ (ଡିଷ୍ଟୋପିଆ) ଆଣେ। (୧୫୧୬ରେ ସାର୍ ଥମାସ୍ ମୋର୍ ତାଙ୍କ ବହିର ନାମ ୟୁଟୋପିଆ ରଖିଥିଲେ: ନ୍ୟୂନତମ ଅପରାଧ, ହିଂସା ଓ ଦାରିଦ୍ର୍ୟ ସହ ଏକ ଆଦର୍ଶ ସମାଜର ଢାଞ୍ଚା ହେଉଛି ୟୁଟୋପିଆ; ଏହାର ଓଲଟା ହେଉଛି ଡିଷ୍ଟୋପିଆ: ଯନ୍ତ୍ରଣା ଓ କଷଣର ରାଷ୍ଟ୍ର, ଯାହା ସମକାଳୀନ ସାମାଜିକ–ରାଜନୀତିକ ବାସ୍ତବିକତା ଦେଖାଏ।)

ବୁଦ୍ଧିଜୀବୀ (ଇଣ୍ଟେଲେକ୍ଚୁଆଲ୍)ମାନେ ନିର୍ବାଚନୀ ସଂଖ୍ୟାଧିକତା (ଇଲେକ୍ଟୋରାଲ ମେଜରିଟି)କୁ ବାସ୍ତବ ମେଜରିଟି ଧରିନେଲେଣି, ଅଥଚ ଦୁଃଖ ପ୍ରକାଶ କରୁଛନ୍ତି ଯେ ଆଇନର ଶାସନ ଚାଲିବ ବୋଲି ଯେଉଁ କେତେଗୁଡ଼ିଏ ବ୍ୟବସ୍ଥା ଓ ସଂସ୍ଥା ରହିଛି, ସେଗୁଡ଼ିକ ଗୋଟିଏ ପରେ ଗୋଟିଏ କାଳକ୍ରମେ ଭୁଶୁଡ଼ି ପଡ଼ୁଛି। ନିର୍ବାଚନୀ ସଂଖ୍ୟାଧିକତା ପାଇବା ପାଇଁ ଶାସକଦଳ ଶାସନ କଳକୁ କାମରେ ଲଗାଇଦେଉଛି। ଶାସନକଳର ସବୁଠାରୁ ବେଶି ଦରକାରୀ ସଂସ୍ଥା ପୋଲିସ୍ ତ ଶାସକ ଦଳର ସହକାରୀ ଭଳି କାମ କରୁଛି। ଯିଏ ଶାସନ କରିବ ସିଏ ଶୃଙ୍ଖଳା ରକ୍ଷା କରିବ, ଶୃଙ୍ଖଳା ରକ୍ଷା କରିବାର ଅସ୍ତ୍ର ତ ପୋଲିସ୍। ଯଦି ଶାସକ ଦଳ ଚାହୁଁଛି ବିରୋଧୀମାନେ ସରକାରଙ୍କ ଦୋଷତ୍ରୁଟି ସୂଚାଇବାର ପବ୍ଲିକ୍ ମିଟିଂ ନ କରନ୍ତୁ, ସରକାର ବିରୋଧରେ ଲୋକେ ପାଟି ନ କରନ୍ତୁ, ଶାସକ ଦଳର ସେହି ଇଚ୍ଛାକୁ ପୋଲିସ୍ ସମ୍ମାନ ଦେଉଛି। ନିର୍ବାଚନ ସମୟ ଆସିଗଲେ ଶାସକ ଦଳର ଇଙ୍ଗିତରେ ବିରୋଧୀମାନଙ୍କୁ ସଭାସମିତି କରାଇ ନ ଦେବା ଲାଗି ପୋଲିସ୍ ଲାଗିପଡ଼େ। ସଭାସ୍ଥଳ ମିଳୁନାହିଁ ବୋଲି କହେ! ଧମକ ଦେଇପାରେ! ଆଇନ–ଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରାଇପାରେ! ଶାସକ ଦଳର ନେତୃସ୍ଥାନୀୟ ବ୍ୟକ୍ତିଙ୍କୁ କେହି ସମାଲୋଚନା କଲେ ତାହା କାହାରି ନା କାହାରି ଆତ୍ମସମ୍ମାନରେ ଆଞ୍ଚ ଆଣୁଛି ବା କାହାରି ନା କାହାରିକୁ ଆଘାତ ଦେଉଛି କହି ମାନହାନି ମକଦ୍ଦମାର ଡର ଦେଖାଇଥାଏ।

ସଂକ୍ଷେପରେ କହିଲେ ପୋଲିସ୍ ଶାସକ ଦଳ ସହ ହାତ ମିଳାଉଛି, ବହୁତ କ୍ଷେତ୍ରରେ ଖୁସି ହୋଇ ଶାସକ ଦଳର ରାଜନୀତିକ କାର୍ଯ୍ୟସୂଚୀକୁ ନିଜର ଏଜେଣ୍ଡା କରିନେଉଛି। ଫଳରେ ବୁଲ୍‌ଡୋଜର୍ ଚଢ଼େଇବା ଓ ଏନ୍‌କାଉଣ୍ଟର୍‌ରେ ଗୁଳି ମାରିଦେବା ଭଳି ଅହେତୁକ ଦଣ୍ଡବିଧାନରେ ପୋଲିସ୍ ସାହାଯ୍ୟ କରୁଛି। ଆଇନ ଲାଗୁ କରିବା ନାଁରେ ସାବାଡ଼ କରିବା ବା ମାରପିଟ୍ କରିବା ଏକ ସାଧାରଣ କଥା ହୋଇଯାଉଛି। କେତେକ ସନ୍ତକର ଓ ଦେବଦେବୀ ମୂର୍ତ୍ତି ବା ମନ୍ଦିରର ସମାଲୋଚନା କଲେ ଦେଶଦ୍ରୋହ ଭଳି ଧାରା ଲାଗୁ ହେଉଛି। ପୋଲିସ୍ କହୁଛି ସମସ୍ତେ



ଫ୍ରିଡମ୍ (ବ୍ୟକ୍ତି ସ୍ୱାଧୀନତା)କୁ ଦାୟିତ୍ୱର ସହ ବ୍ୟବହାର କରନ୍ତୁ, ନହେଲେ ପୋଲିସ୍ ଗିରଫ କରିନେବ ବା ଅଟକ ରଖିବ। ୧୨ ମାର୍ଚ୍ଚ ୨୦୨୪ ବାରଟାବେଳେ ଖବର ଆସିଲା– ଆସାମ ପୋଲିସ୍ ବିରୋଧୀ ଦଳଗୁଡ଼ିକୁ ଅର୍ଡର ଦେଇଛି, ସିଟିଜେନ୍‌ଶିପ୍ ଆମେଣ୍ଡମେଣ୍ଟ ଆକ୍ଟ (ସିଏଏ) ବିରୋଧରେ ଆନ୍ଦୋଳନ ବନ୍ଦ କରନ୍ତୁ, ନଚେତ୍ ଆକ୍ସନ୍ ନିଆଯିବ। ଅତୀତରେ ମୁଖ୍ୟମନ୍ତ୍ରୀଙ୍କୁ ଅଣ୍ଡା ପୋଫାଡ଼ିଥିଲ ବା ଅମୁକ ମନ୍ତ୍ରୀଙ୍କ ଘରେ ପଶିବାକୁ ଚେଷ୍ଟା କରିଥିଲ, ତେଣୁ ନିର୍ବାଚନ ସମୟରେ ତୁମକୁ ପୋଲିସ୍ ଅଟକ ରଖିବ (ତୁମେ ବିନା ବିଚାରରେ ବନ୍ଦୀ ରହିବ)– ନ୍ୟାୟିକ ବ୍ୟବସ୍ଥା ବାହାରେ ସରକାରୀ କର୍ମଚାରୀ ଆଶୁ ଦଣ୍ଡ ଦେଇପାରୁଛି। ଡକାୟତି, ଛିନ୍‌ତାଇ, ନାରୀ ନିର୍ଯାତନା ଓ ବିରୋଧୀର ହତ୍ୟା ଆଦିରେ ଶାସକ ଦଳର ନେତାଙ୍କ ସମ୍ପୃକ୍ତି ଥିଲେ ପୋଲିସ୍ ତା' ପକ୍ଷରୁ ତାଙ୍କୁ ଏତଲାରୁ ବାଦ୍ ଦେଇପାରୁଛି, ଓଲଟି ଅଭିଯୋଗକାରୀ ଓ ଆକ୍ରମଣର ଶିକାର ହୋଇଥିବା ଲୋକକୁ ଗିରଫ କରୁଛି।

ପୋଲିସ୍ ତ ଶାନ୍ତି ଶୃଙ୍ଖଳା ରକ୍ଷା କରିବାର ଏକ ବ୍ୟବସ୍ଥା। ସରକାରଙ୍କ ଦୃଷ୍ଟିରେ ବା ଇଚ୍ଛାରେ ଯାହା କିଛି ବିଶୃଙ୍ଖଳ ତାକୁ ପୋଲିସ୍ ରୋକିବ, ବିଶୃଙ୍ଖଳ କରିବା ସନ୍ଦେହରେ ଲୋକକୁ ଗିରଫ କରିବ। ଗହିରେଇ ଦେଖିଲେ ଦିଶିବ ଯେ ପୋଲିସର ଏକ ମାନସିକତା ଆସିଗଲାଣି ଯେ ଶାସକଦଳ ଯାହା ଚାହୁଁଛି ତାହା ହିଁ ସରକାରୀ ଆଦେଶ ବୋଲି ଧରିବ। ଯଦି ଶାସକ ଦଳ କାହାର ମିଟିଂଟା ଚାହୁଁନାହିଁ, ପୋଲିସ୍ ଆୟୋଜକଙ୍କୁ ସିଧାସଳଖ ମନା ନ କଲେ ବି କହିବ ଜାଗା ଫାଙ୍କା ନାହିଁ, ୫ରୁ ବେଶୀ ଏକାଠି ହେବା ମନା, ଇତ୍ୟାଦି ଇତ୍ୟାଦି। ଶାସକ ଦଳର ଲୋକେ ଆଇନକୁ ହାତକୁ ନେଲେ ପୋଲିସ୍ ଚୁପ୍ ରହୁଛି। ମନ୍ତ୍ରୀ ଏପରିକି ପ୍ରଭାବୀ ନେତାଙ୍କ ସମ୍ପୃକ୍ତି ଅଛି ବୋଲି କେହି ଏତଲା ଦେଲେ ପୋଲିସ୍ ନାଁଟା କାଟିଦେଉଛି, ଏପରିକି ଏତଲାରେ ଲେଖା ଅନୁଯାୟୀ ଅଭିଯୁକ୍ତ–ତାଲିକା କରୁନା କି ନୋଟିସ୍ ଦେଉନା ବୋଲି ନିମ୍ନ ଅଦାଲତ କହିଲା ପରେ ବି ଥାନାବାବୁ ଚୁପ୍ ରହିଯାଉଛନ୍ତି, ତାଙ୍କ ଆଡୁ ନୋଟିସ୍ ଜାରି କରୁନାହାନ୍ତି। ନାରୀ ନିର୍ଯାତନା ବା ମୃତ୍ୟୁ ଘଟଣାରେ ଶାସକ ଦଳର ବଡ଼ବଡ଼ିଆଙ୍କ ସମ୍ପୃକ୍ତି ସନ୍ଦେହ ଆସିଲେ ତାଙ୍କୁ ଏତାଲାରୁ ବାଦ୍ ଦିଆଯାଉଛି। ମନ୍ତ୍ରୀଙ୍କ ସମ୍ପୃକ୍ତି ସମ୍ପର୍କରେ କେହି ସାକ୍ଷୀ ହେବାର ସୁରାକ ମିଳିଲେ ତାକୁ କୌଣସି ଉପାୟରେ ନିଶ୍ଚିହ୍ନ କରିଦିଆଯାଉଛି: ଜେଲ୍ ପରିସରସ୍ଥ ଏକ ବୁଦାରୁ ଗାମୁଛା ଓହଳାଇ ବା ରୋଷେଇଘର ଝରକାରୁ ଲୁଙ୍ଗି ଝୁଲାଇ ଫାଶୀ ଦେଇଥିବା ଦେଖାଇ ଦିଆଯାଉଛି। କୁବେରମାନେ ବ୍ୟାଙ୍କକୁ ଠକେଇ ଶହ ଶହ କୋଟି ନେଇ ବିଦେଶରେ ସ୍ୱର୍ଣ୍ଣ ନାଗରିକତା କିଣିନେଉଛନ୍ତି, ପୋଲିସ୍ ସେମାନଙ୍କୁ ଦେଶକୁ ଫେରାଇ ଆଣିପାରୁନାହିଁ, ଅଥଚ ଭୋକିଲା ଲୋକଟିଏ କାହା ଘରୁ ରୁଟି ଖଣ୍ଡେ ନେଇଗଲେ ଚୋରି ଅଭିଯୋଗରେ ଜେଲ୍ ଯାଉଛି। ଏସବୁର ଅର୍ଥ ଗଣତନ୍ତ୍ରର ସଂଜ୍ଞା ବଦଳାଇବାର ସମୟ ଆସିଗଲାଣି।

SAHADEVAS@YAHOO.COM

# ପ୍ରମାଣନ ଦିଗରେ ଜୈବିକ ଚାଷ



ଡି ଶୁଭମ୍

ଚାଷୀ ଖାଉଥିବା ଖାଦ୍ୟ ଆମ ପାଇଁ କେତେ ସୁରକ୍ଷିତ ସେ ସମ୍ପର୍କରେ ଧାରଣା ରହିବା ଦରକାର। କାରଣ ଯଦି ଅଜାଣତରେ ବା ପରୋକ୍ଷରେ ଖାଦ୍ୟରେ ବିଷ ଖାଉଥିବା, ତା'ହେଲେ ଏହା ଏକ ସତର୍କଘଣ୍ଟି। ଖାଦ୍ୟର ସୁରକ୍ଷା ଓ ମାନ ଉପରେ ଯଥୋଚିତ ଭାବରେ ତର୍ଜମା କରିବା ଆମର କର୍ତ୍ତବ୍ୟ। ଏହା ସହ ଚାଷୀ ଏ ବିଷୟରେ ଅବଗତ ହୋଇ କିପରି ସବୁଜ ପରିବେଶ ଭିତରେ ସବୁଜିମା ସୃଷ୍ଟି କରିବ, ସେ ଦିଗରେ ଚେଷ୍ଟା କରିବା ଆବଶ୍ୟକ। କାରଣ ଏ ବିଷର ସୃଷ୍ଟି ରାସାୟନିକ ଚାଷରୁ। ଯାହା ଆମ ଜୈବ ବିବିଧତାର ସନ୍ତୁଳନକୁ ନଷ୍ଟ କରିବା ସହ ପରିବେଶକୁ ନାଶ କରିଥାଏ। ତେଣୁ ଏକ ନିରାମୟ ଜୀବନ ଯାପନ କରିବାରେ ଜୈବିକ ଚାଷର ଭୂମିକା କଥା ଏବେ କାହାକୁ ଅଛପା ନାହିଁ। ଜୈବିକ ଚାଷ ଆଗାମୀ ଭବିଷ୍ୟତକୁ ସୁରକ୍ଷିତ କରିବାର ଏକ ପ୍ରକୃଷ୍ଟ ମାଧ୍ୟମ।

ସମୟ ଥିଲା ଯେବେ ରାସାୟନିକ ସାର ଓ କୀଟନାଶକର ବ୍ୟବହାର ଲୋକେ ଚାଷଜମିରେ ଏତେଟା କରୁ ନ ଥିଲେ, ସେବେ ସବୁକିଛି ଠିକ୍‌ଠାକ୍ ଚାଲିଥିଲା। ଚାଷଜମିରେ ଫସଲର ଗୁଣାତ୍ମକ ବୃଦ୍ଧି ହେଉଥିଲା ମାଟିର ଉର୍ବରତା ବଢୁଥିଲା। ଜମି ଚାଷ ଉପଯୋଗୀ ହେବା ସହ ଚାଷୀ ବେଶ୍ କିଛି ଅମଳ କରିପାରୁଥିଲା। ଏମିତି କରିବା ଦ୍ୱାରା ସୁସ୍ଥ ଓ ସବୁଜ ପନିପରିବା ମିଳିବା ସହ ପରିବେଶ ସବୁଜିମାରେ ହସିଉଠୁଥିଲା। କିନ୍ତୁ ଏବେ ସମୟ ବଦଳିଛି। ଚାଷ ଜମିରେ ଆଉ ଆଗ ଭଳି ସେମିତି କିଛି ଦେଖିବାକୁ ମିଳୁନି। ରାସାୟନିକ ସାର ଓ କୀଟନାଶକ ଯୋଗୁ ପରିବେଶ ଏକ ପ୍ରକାର ନଷ୍ଟ ହେବାକୁ ବସୁଥିବା ବେଳେ ଆଗାମୀ ପିଢ଼ି ପାଇଁ ଏହା ଚିନ୍ତାଜନକ ବିଷୟ। ଏ ସବୁ ଦିଗରେ ଯଦି ଆମେ ଲକ୍ଷ୍ୟ କରିବା ତେବେ ଜୈବିକ କୃଷି ହିଁ ଏହାକୁ ନିୟନ୍ତ୍ରଣ କରିବା ପାଇଁ ଏକ ବିକଳ୍ପ। ଏଠାରେ ଜୈବିକ କୃଷିର ସଂଜ୍ଞା ଉଣାଧିକେ ସମସ୍ତେ ଜାଣିଥିବେ। କାରଣ ଜୈବିକ କୃଷି ରାସାୟନିକ ଚାଷର ପ୍ରଭାବକୁ କମ୍ କରି ଚାଷଜମିରେ ରୋଗପୋକ ନିୟନ୍ତ୍ରଣ କରିଥାଏ। ଏଥିସହ ଏକ ସୁଦୂର ଭବିଷ୍ୟତ ଦିଗରେ ଆମକୁ ସଚେତନ କରିଥାଏ। ସମ୍ପ୍ରତି ରାଜ୍ୟର ଅନେକ ଚାଷୀ ଜୈବିକ କୃଷି ମଡେଲକୁ ଗ୍ରହଣ କରିଛନ୍ତି। ମାଣ୍ଡିଆ ପାଇଁ ଲୋକଙ୍କର ଆଗ୍ରହ ବଢ଼ିଛି। ଖାଦ୍ୟ ଥାଳିରେ ମାଣ୍ଡିଆ ଏବେ ସ୍ଥାନ ପାଇଛି। କେବଳ ସେତିକି ନୁହେଁ ସାଧାରଣ ଲୋକମାନେ ଏବେ ନିଜ ପାକଶାଳା ବଗିଚା ଅବା ଛାତ ଉପରେ ସମ୍ପୂର୍ଣ୍ଣ ଭାବରେ ଜୈବିକ ପ୍ରଣାଳୀରେ ପନିପରିବା ଲଗାଇବାର ଚିତ୍ର ଦେଖିବାକୁ ମିଳୁଛି।

ସବୁଜ ବିପ୍ଲବ ସମୟରେ ଖାଦ୍ୟଶସ୍ୟ ଉତ୍ପାଦନରେ ଭାରତ ଏକ ବଡ଼ ଭୂମିକା ନେଇଥିବା ବେଳେ ସ୍ୱାଧୀନତା ସମୟରେ ଏହି ଉତ୍ପାଦନ ୫୫ ମିଲିୟନ ଟନ୍ ଥିବା ବେଳେ ବର୍ତ୍ତମାନ ଏହା ପାଖାପାଖି ୫ ଗୁଣା ବୃଦ୍ଧି ପାଇଛି। ତେବେ ପ୍ରକାଶିତ ରିପୋର୍ଟ ଅନୁସାରେ ରାସାୟନିକ ସାରର ବ୍ୟବହାର ୨୦୧୫–୧୬ରୁ ୨୦୨୦–୨୧ ମଧ୍ୟରେ ପାଖାପାଖି ୧୬% ବଢ଼ିଛି। ଜମିରେ ବ୍ୟବହାର କରାଯାଉଥିବା



ବିଭିନ୍ନ ରାସାୟନିକ ସାର ମଧ୍ୟରୁ ୫୫–୬୦% କେବଳ ୟୁରିଆ ବ୍ୟବହୃତ ହେଉଛି। ତେବେ ଦାନାଦାର ୟୁରିଆର ବ୍ୟବହାର ଜମିରେ ଗୁଣାତ୍ମକ ମାନ କମାଇବା ସହ ମାଟିର ପୋଷକ ତତ୍ତ୍ୱ ନଷ୍ଟ କରାଉଛି। ୨୦୧୬–୧୭ରୁ ୨୦୨୦–୨୧ ମଧ୍ୟରେ ରାସାୟନିକ ସାରର ବ୍ୟବହାର ବହୁଳ ଭାବରେ ବୃଦ୍ଧି ପାଇଛି। ଏହା ବର୍ତ୍ତମାନ ସମୟ ପାଇଁ ଏକ ଆହ୍ୱାନ।

ଜୈବିକ କୃଷି ଭାରତରେ ବହୁ ପୁରାତନ ଯୁଗରୁ ଚାଲି ଆସିଛି। ରାମାୟଣ,ମହାଭାରତ, କୌଟିଲ୍ୟ ଅର୍ଥଶାସ୍ତ୍ର ପ୍ରଭୃତିରେ ଏହାର ବିଶେଷତା ଦେଖିପାରିବେ। ଆଗକାଳରେ ପ୍ରକୃତିକୁ ମା' ବୋଲି ବିବେଚନା କରାଯାଉଥିଲା। ପୃଥିବୀମାତାର ସୁରକ୍ଷା ପାଇଁ ଜୈବିକ କୃଷିକୁ ଲୋକେ ଆପଣାଇଥିଲେ। ପାରମ୍ପରିକ କୃଷି ପଦ୍ଧତିରେ ଏହି ଚାଷ କରାଯାଏ। ଯାହା ଆମ ପ୍ରକୃତି ଆଉ ପରିବେଶକୁ ବଞ୍ଚାଇବା ସହ ଜୀବଜଗତର କଲ୍ୟାଣ ଦିଗରେ କାର୍ଯ୍ୟକରିଥାଏ। କୃଷିକୁ ନିରନ୍ତର ଧାରାରେ ପହଞ୍ଚାଇବା ପାଇଁ ଜୈବିକ କୃଷି ହିଁ ଏକମାତ୍ର ପନ୍ଥା। କୃଷି କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣି ଚାଷୀଙ୍କ ଭିତରେ ନୂଆ ଜାଗରଣ ଭରି ଏକ ସୁସ୍ଥ ଓ ସବୁଜ ସମାଜ ଗଢ଼ିବାରେ ଜୈବିକ କୃଷିର ଭୂମିକା ଅତୁଳନୀୟ।

ଏବେ ଅନେକ ଯୁବ ଉଦ୍ୟୋଗୀ ଜୈବିକ କୃଷିକୁ ଆପଣାଇଲେଣି। ତେବେ ଏହାରି ଭିତରେ ଜୈବ ପ୍ରମାଣନ ଜୈବିକ କୃଷିର ଏକ ବଡ଼ ଉପାଦାନ। ଚାଷୀଟିଏ ପରିଶ୍ରମ କରି ଜୈବିକ ଚାଷରୁ ଉତ୍ପାଦିତ ଫସଲ ଅଲଗା ଭାବରେ ବିକ୍ରି କରିପାରୁନି। ଯଦି ବି ବିକ୍ରି କରୁଛି, ତେବେ ଏହାର ଉପଯୁକ୍ତ ମୂଲ୍ୟ ପାଇବାରୁ ବଞ୍ଚିତ ହେଉଛି। ଚାଷୀଟିଏ ଉତ୍ପାଦ ବିକ୍ରି ନ କରିପାରି ଫସଲ ଫୋପାଡ଼ିବାର ନଜିର ଏଇ କିଛିଦିନ ତଳେ ସମସ୍ତେ ଉଣାଧିକେ ଜାଣିଥିବେ। ସରକାରଙ୍କ ଦ୍ୱାରା ଜୈବିକ ଚାଷକୁ ପ୍ରାମାଣୀକରଣ ପାଇଁ ଅନେକ ଯୋଜନା କରାଯାଉଛି। ଜୈବ ପ୍ରମାଣନ ଜୈବିକ କୃଷିକୁ ପ୍ରାମାଣୀକରଣ କରିବା ସହ ଚାଷୀମାନଙ୍କୁ ଜୈବ ପ୍ରମାଣପତ୍ର ଦେଇଥାଏ।

ଏହା ଦ୍ୱାରା ପ୍ରମାଣିତ ଜୈବିକ ଉତ୍ପାଦକୁ ବ୍ୟବସାୟିକ ଦିଗରେ ଚାଷୀମାନେ ଉପଯୋଗ କରିପାରିଥାନ୍ତି। ଉତ୍ପାଦ ରାସାୟନିକ ଅବଶେଷମୁକ୍ତ ଏବଂ ଖାଉଟିଙ୍କ ସ୍ୱାସ୍ଥ୍ୟ ରକ୍ଷା ପ୍ରତି ଅଭିପ୍ରେତ ହେବା ସହ ଏହାଦ୍ୱାରା କୃଷକଙ୍କ ଆୟ ବଢ଼ିବା ସହିତ ବ୍ୟବସାୟୀଙ୍କ ପାଇଁ ଜୈବ ଉତ୍ପାଦର ବଜାର ସୃଷ୍ଟି ହୋଇଥାଏ। ସାଧାରଣତଃ ପିଜିଏସ୍ ଓ ଏନ୍‌ପିଓପି ମାଧ୍ୟମରେ ଜୈବିକ କୃଷିକୁ ପ୍ରମାଣୀକରଣ କାର୍ଯ୍ୟକ୍ରମ କରାଯାଉଛି। ପିଜିଏସ୍ ପ୍ରଣାଳୀରେ ଚାଷ କ୍ଷେତ୍ରର ଜୈବିକ ସ୍ଥିତି ପରିବର୍ତ୍ତନ ସମୟରେ ଯାହାକି ଋତୁକାଳୀନ ଫସଲ ପାଇଁ ୨୪ମାସ ଓ ୧ବର୍ଷରୁ ଅଧିକ ଅବଧିଯୁକ୍ତ ଫସଲ, ଫଳଗଛ ପାଇଁ ୩୬ମାସ ପିଜିଏସ୍ ଗ୍ରୀନ ଓ ପରିବର୍ତ୍ତନ ଅବଧି ପରେ ସମସ୍ତ ସର୍ତ୍ତ ପୂରଣ କରୁଥିଲେ। ପିଜିଏସ୍ ଅର୍ଗାନିକ ଜୈବିକ ପ୍ରମାଣପତ୍ର ମିଳିଥାଏ, ଯାହାର ଅବଧି ୧ ବର୍ଷ। ସେହିପରି ଏନ୍‌ପିଓପି – ଭାରତ ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଜୈବିକ ପ୍ରମାଣୀକରଣର ଏକ ନୂଆ ଦିଶା। ସେହିପରି ଏନ୍‌ପିଓପି ମାଧ୍ୟମରେ ଓସୋକା ସହାୟତାରେ ଚାଷୀମାନେ ନିଜ ଚାଷଜମିକୁ ଜୈବ ପ୍ରମାଣୀକରଣ କରିପାରିବେ। ତେବେ ପଞ୍ଜୀକରଣ ହେବା ଦିନଠାରୁ ୩ବର୍ଷ ପରେ ଚାଷୀମାନଙ୍କୁ ସମ୍ପୂର୍ଣ୍ଣ ଜୈବିକ ପ୍ରମାଣୀକରଣର ପ୍ରମାଣପତ୍ର ମିଳେ।

ଜୈବ ନିରୀକ୍ଷକ, ଓଡ଼ିଶା ରାଜ୍ୟ ଜୈବ ପ୍ରମାଣନ ସଂସ୍ଥା, ଭୁବନେଶ୍ୱର
ମୋ:୯୪୩୮୪୬୭୦୭୯

## ଏଇ ଭାରତରେ

ସାଧାରଣରେ ଅନେକ ଶିକ୍ଷିତ ଯୁବକ କୁହନ୍ତି, ଚାଷରେ ଭଲ ଲାଭ ହେଉନାହିଁ। କିନ୍ତୁ ଏଭଳି ଯୁକ୍ତିକୁ ମିଥ୍ୟା ପ୍ରମାଣ କରିଛନ୍ତି କେରଳର ଜିତୁ ଥୋମାସ୍। ସେ ଓ ତାଙ୍କ ମା' ଛତୁ ଚାଷକରି ଦିନକୁ ୪୦,୦୦୦ ଟଙ୍କା ରୋଜଗାର କରୁଛନ୍ତି। ଜିତୁ ୧୯ ବର୍ଷ ବୟସରେ ଛତୁଚାଷ କରିବାକୁ ଆଗ୍ରହୀ ହୋଇଥିଲେ। ଏଥିରେ ତାଙ୍କ ମା' ଲିନା ଥୋମାସ୍ ସହଯୋଗ କରିଥିଲେ। ପରେ ଜିତୁ ଛତୁଚାଷ ସମ୍ପର୍କରେ ପ୍ରଶିକ୍ଷଣ ନେଇ ଆଧୁନିକ ଜ୍ଞାନକୌଶଳ ଉପଯୋଗରେ ଏହି ଚାଷ ଆଗକୁ ବଢ଼ାଇଥିଲେ। ୫୦୦୦ ବର୍ଗଫୁଟ ଜାଗାରେ ପାରମ୍ପରିକ ପଦ୍ଧତିରେ ୫,୦୦୦ ବେଡ୍ ରହୁଥିବାବେଳେ ଜିତୁ ସେତିକି ଜମିରେ ୨୦,୦୦୦ ବେଡ୍ ରଖିପାରିଛନ୍ତି। ପ୍ରତିଦିନ ସେ ୧ କୁଇଣ୍ଟାଲରୁ ଅଧିକ ଛତୁ ଅମଳ କରୁଛନ୍ତି। ସେ ବିନା ମଧ୍ୟସ୍ଥରେ ଖାଉଟିମାନଙ୍କୁ ବିକ୍ରି କରୁଛନ୍ତି। ଫଳରେ ମାର୍କେଟରେ ତାହା ଶସ୍ତା ରହୁଛି ଓ ଅଧିକ ବିକ୍ରି ମଧ୍ୟ ହେଉଛି। କେବଳ କେବଳ ଏତିକି ନୁହେଁ, ସେ ଛତୁଚାଷ ସମ୍ପର୍କରେ ୧,୦୦୦ ଲୋକଙ୍କୁ ପ୍ରଶିକ୍ଷଣ ମଧ୍ୟ ଦେଇସାରିଲେଣି।

## ୫୦ ବର୍ଷ ତଳର ଧରିତ୍ରୀ

୭ ଏପ୍ରିଲ ୧୯୭୫

- ତାଇୱାନର ରାଷ୍ଟ୍ରପତି ଚ୍ୟାଙ୍ଗ କାଇ ସେକଙ୍କ ୮୭ ବର୍ଷ ବୟସରେ ପରଲୋକ।
- ଜାତିସଂଘ ଆନ୍ତର୍ଜାତିକ ଶିଶୁପାଣ୍ଠି କର୍ତ୍ତୃପକ୍ଷ ଶିଶୁକଲ୍ୟାଣ କାର୍ଯ୍ୟକ୍ରମ ବାବଦରେ ୫୦ ନିୟୁତ ଡଲାର ଓ ୧୪୦,୦୦୦ ଟନ୍ ଶିଶୁ ଖାଦ୍ୟ ସାହାଯ୍ୟ କରିବାକୁ ସବୁ ଦେଶମାନଙ୍କୁ ନିବେଦନ ଜଣାଇଛନ୍ତି।
- ଡକ୍ଟର ଜଗନ୍ନାଥ ମିଶ୍ର ବିହାର କଂଗ୍ରେସ ବିଧାୟକ ଦଳର ନେତା ରୂପେ ସର୍ବସମ୍ମତିକ୍ରମେ ନିର୍ବାଚିତ।

## ଚିରନ୍ତନୀ

ବିଚିତ୍ର କରଣୀ–ଚିତ୍ର ଚାରୁ ଚିତ୍ରୋତ୍ପଳା,
ଶୁଭ୍ର ବାଲିଶେଯେ ଯା'ର ରଚିତ ମେଖଳା,
ତୋ ପରି ମୁଁ ଦେଶେ ଦେଶେ
ଭ୍ରମୁଅଛି ଆଜି ଶେଷେ
ଚଞ୍ଚଳ ତୋ ପରି ମୋର ପରାଣ–ପିତୁଳା।
(ଚିତ୍ରୋତ୍ପଳା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 8 | | | | | | 4 | 5 | 7 |
| 9 | | | 5 | | | 8 | | |
| | | | | | | | 6 | |
| | | | 3 | | | | | |
| 6 | | 4 | 7 | | | | | |
| 5 | | | 1 | | 2 | | 3 | |
| | 7 | | | 5 | | | | |
| | | 6 | | | 7 | | | 8 |
| | | | 9 | | | 7 | | 1 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 5 | 8 | 6 | 1 | 3 | 2 | 4 | 9 |
| 2 | 6 | 9 | 8 | 4 | 5 | 7 | 3 | 1 |
| 1 | 4 | 3 | 7 | 9 | 2 | 6 | 5 | 8 |
| 5 | 1 | 7 | 2 | 8 | 4 | 9 | 6 | 3 |
| 9 | 2 | 6 | 5 | 3 | 1 | 4 | 8 | 7 |
| 3 | 8 | 4 | 9 | 7 | 6 | 5 | 1 | 2 |
| 4 | 7 | 1 | 3 | 6 | 9 | 8 | 2 | 5 |
| 8 | 3 | 2 | 4 | 5 | 7 | 1 | 9 | 6 |
| 6 | 9 | 5 | 1 | 2 | 8 | 3 | 7 | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଅପ୍ରସଙ୍ଗକୁ ନିର୍ବାଚନୀ ପ୍ରସଙ୍ଗ କରା ନ ଯାଉ

ମହାଶୟ,

ସାଧାରଣ ନିର୍ବାଚନରେ ଦେଶବାସୀ ସମ୍ମୁଖୀନ ହେଉଥିବା ପ୍ରମୁଖ ମୌଳିକ ସମସ୍ୟାଗୁଡ଼ିକୁ ନିର୍ବାଚନୀ ପ୍ରସଙ୍ଗ କରାଯିବା ଉଚିତ। କିନ୍ତୁ ଏବେ ତାହା କରାଯିବା ଦେଖାଯାଉନାହିଁ। କିଛି ଭାବପ୍ରବଣକାରୀ ଓ ଅପ୍ରସଙ୍ଗଗୁଡ଼ିକୁ ପ୍ରସଙ୍ଗ କରାଯାଉଛି। ଦରଦାମ ବୃଦ୍ଧି, ବେକାରି, ବେରୋଜଗାର, ଦାଦନ ସମସ୍ୟା, ଦୁର୍ନୀତି, ଭ୍ରଷ୍ଟାଚାର, ଆର୍ଥିକ ବୈଷମ୍ୟ, ଜଳବାୟୁ ପରିବର୍ତ୍ତନର ପ୍ରଭାବ, ଖାଦ୍ୟ ନିରାପତ୍ତା, ପୁଷ୍ଟିହୀନତା, ଗୁଣାତ୍ମକ ଶିକ୍ଷା ଓ ସ୍ୱାସ୍ଥ୍ୟସେବା, ନିଶା କାରବାର, ନାରୀ ନିର୍ଯାତନା, ପ୍ରାକୃତିକ ବିପର୍ଯ୍ୟୟ, ଚାଷୀ ଆତ୍ମହତ୍ୟା, ପରିବେଶ ପ୍ରଦୂଷଣ, ବାକ୍‌ସ୍ୱାଧୀନତା, ରାଜନୀତିର ଅପରାଧିକତା ଓ ନିର୍ବାଚନୀ ହିଂସା ପରି ମୌଳିକ ସମସ୍ୟାଗୁଡ଼ିକୁ ରାଜନୈତିକ ଦଳମାନେ ନିର୍ବାଚନୀ ପ୍ରସଙ୍ଗ କରିବା ଉଚିତ। ହେଲେ ଏଥିପ୍ରତି କୌଣସି ଦଳର ନଜର ପଡୁନାହିଁ।

– ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ପିତୃପୁରୁଷଙ୍କୁ ପିଣ୍ଡଦାନ କଲେ ଶ୍ରଦ୍ଧାଳୁ



ଦଶାଶ୍ୱମେଧ ଘାଟଠାରେ ଶ୍ରଦ୍ଧାଳୁ ପିଣ୍ଡଦାନ କରୁଛନ୍ତି ।



ଶ୍ରଦ୍ଧାଳୁ ସ୍ନାନ କରୁଛନ୍ତି । ଦୁର୍ଘଟଣା ଏଡାଇବା ପାଇଁ ଓଡ୍ରାଫ ଟିମ୍ ସଜାଗ ରହିଛି ।

**ଯାଜପୁର ଟାଉନ,୬।୪ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):** ଚଳିତ ବର୍ଷ ମହାବାରୁଣୀ ଯୋଗ ପଡ଼ିଥିବାରୁ ଯାଜପୁର ସହରର ପୁଣ୍ୟତୋୟା ବୈତରଣୀ ନଦୀର ଦଶାଶ୍ୱମେଧ ଘାଟଠାରେ ଶନିବାର ରାଜ୍ୟ ଓ ରାଜ୍ୟ ବାହାରୁ ଲକ୍ଷାଧିକ ଶ୍ରଦ୍ଧାଳୁ ନଦୀରେ ବୁଡ଼ ପକାଇବା ସହ ପିତୃପୁରୁଷଙ୍କୁ ପିଣ୍ଡଦାନ କରିଛନ୍ତି। ପୁରାଣରେ ବର୍ଣ୍ଣିତ ଅଛି ଯେ, ବାରୁଣୀ ଦିନ ବୈତରଣୀ ନଦୀରେ ବୁଡ଼ ପକାଇ ପିଣ୍ଡଦାନ କଲେ ପିତୃପୁରୁଷ ମୋକ୍ଷପ୍ରାପ୍ତି ହୋଇଥାନ୍ତି। ଚଳିତ ବର୍ଷ ଶତଭିକ୍ଷା ନକ୍ଷତ୍ର ଯୁକ୍ତ ହୋଇଥିବାରୁ ମହାବାରୁଣୀ ସ୍ନାନଯୋଗ ପଡ଼ିଥିଲା। ସକାଳ ୭ଟା୯ମିନିଟ୍ ପରଠାରୁ ମଧ୍ୟାହ୍ନ ୧୨ଟା୫୭ ମିନିଟ୍ ମଧ୍ୟରେ ଏହିଯୋଗ ପଡ଼ିଥିବାରୁ ଶ୍ରଦ୍ଧାଳୁ ନଦୀରେ ବୁଡ ପକାଇଥିଲେ। ଏଥିନିମନ୍ତେ ଯାଜପୁର ଜିଲା ପ୍ରଶାସନ ଓ ପୌର ପ୍ରଶାସନର ମିଳିତ ଆନୁକୂଲ୍ୟରେ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ବୈତରଣୀରେ ବୁଡ଼ ପକାଇବା ସ୍ଥାନ ଦଶାଶ୍ୱମେଧ ଘାଟର ଉଭୟ ପାର୍ଶ୍ୱରେ ବାଳାଶ୍ରମ ପଡ଼ିଆ ପର୍ଯ୍ୟନ୍ତ ବ୍ୟାରିକେଟ୍ ବ୍ୟବସ୍ଥା କରାଯାଇଥିଲା। ଶ୍ରଦ୍ଧାଳୁ ବ୍ୟାରିକେଡ଼ରେ ନିର୍ଦ୍ଦିଷ୍ଟ ସୀମା ମଧ୍ୟରେ ରହି ସ୍ନାନ କରିବା ସହ ପିଣ୍ଡଦାନ କରିଥିଲେ। ପରେ ପିଣ୍ଡ ସାମଗ୍ରୀଗୁଡ଼ିକୁ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ପକାଇଥିଲେ। ପ୍ରଶାସନ ତରଫରୁ ଆଲୋକୀକରଣ ବ୍ୟବସ୍ଥା, ଯାତ୍ରୀମାନଙ୍କ ଯିବା ଆସିବା ନିମନ୍ତେ ଏକମୁଖୀ ରାସ୍ତା, ରୌଦ୍ରତାପରୁ ସୁରକ୍ଷା ନିମନ୍ତେ ଅସ୍ଥାୟୀ ଚାନ୍ଦୁଆ ବ୍ୟବସ୍ଥା, ପର୍ଯ୍ୟାପ୍ତ ପାନୀୟ ଜଳ,

### ମହାବାରୁଣୀ ଯୋଗ

ବାୟୋ ଟଏଲେଟ୍, ସୂଚନା କେନ୍ଦ୍ର, ପୋଲିସ କଣ୍ଟ୍ରୋଲ ରୁମ୍, ଅସ୍ଥାୟୀ ସ୍ୱାସ୍ଥ୍ୟ ଚିକିତ୍ସା କେନ୍ଦ୍ର, ଆମ୍ବୁଲାନ୍ସ ସେବା, ନଦୀ ଗର୍ଭରେ ଅଗ୍ନିଶମସେବା ବିଭାଗ ପକ୍ଷରୁ ପାୱାର ବୋଟ୍ ଓ ଉଦ୍ଧାରକାରୀ ଦଳ ମୁତୟନ କରାଯାଇଥିଲା। ଜିଲା ପ୍ରଶାସନର ବରିଷ୍ଠ ଅଧିକାରୀ, ଯାଜପୁର ପୌର ପରିଷଦ ଅଧକ୍ଷା, ଉପାଧ୍ୟକ୍ଷ, ନିର୍ବାହୀ ଅଧିକାରୀ ଆଲୋକ ମହାନ୍ତି ଏବଂ କର୍ମଚାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକ ଶାନ୍ତିପୂର୍ଣ୍ଣ ଭାବେ ପରିଚାଳନା କରିଥିଲେ।

ଚଳିତ ବର୍ଷ ସାଧାରଣ ନିର୍ବାଚନ ପାଇଁ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଥିବାରୁ ମହା ବାରୁଣୀ ମେଳା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଅନୁମତି ଦିଆଯାଇ ନ ଥିଲା। ଜିଲା ପ୍ରଶାସନ ନିର୍ଦ୍ଦେଶରେ ଜଳସେଚନ, ପୂର୍ତ୍ତ, ପୌର ପରିଷଦ, ଅଗ୍ନିଶମସେବା, ପୋଲିସ, ଜନସ୍ୱାସ୍ଥ୍ୟ, ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଓ ଜିଲା ସ୍ୱାସ୍ଥ୍ୟ ବିଭାଗ ସମେତ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ମହାବାରୁଣୀ ସ୍ନାନ କାର୍ଯ୍ୟକ୍ରମକୁ ଶାନ୍ତି ଶୃଙ୍ଖଳାର ସହ ସମାପନ କରିବାରେ ସହଯୋଗ କରିଥିଲେ। ଯାଜପୁର ସହରର ପୂଜା କମିଟିଗୁଡ଼ିକ ପକ୍ଷରୁ ଜଳଛତ୍ର ଖୋଲାଯାଇ ଜଳ ଯୋଗାଣ କରାଯାଇଥିଲା। ଯାଜପୁର ସହରର କିଆନାଳିକୂଳ ପୂଜା କମିଟି, ମାନସାପୋଲ ପୂଜା କମିଟି, ହାବେଳିବଜାର ପୂଜା କମିଟି, ହରପାର୍ବତୀ ପୂଜା କମିଟି, ସଦାବ୍ରତ ପୂଜା କମିଟି, କଚେରି କାଳୀ ପୂଜା କମିଟି, ବିରଜାକ୍ଷେତ୍ର ରୋଟାରି କ୍ଲବ୍, ହେଲ୍ପିଂହ୍ୟାଣ୍ଡ ଓ ଯୁବଶକ୍ତି କ୍ଲବ ସମେତ ବହୁ ଅନୁଷ୍ଠାନ ଜଳଦାନ କରିଥିଲେ। ୨୦ ପ୍ଲାଟୁନ୍ ପୋଲିସ ଫୋର୍ସ ସହ ୨ ପ୍ଲାଟୁନ୍ ଓଡ୍ରାଫ ନିୟୋଜିତ କରାଯାଇଥିଲା।


ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com




@ ଚିନ୍ମୟ



@ ପିତାମ୍ବର



@ ରାଜକିଶୋର



@ ରମାକାନ୍ତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଭାରସାମ୍ୟ ହରାଇ ଓଲଟିଲା ଡମ୍ଫର, ଚାଳକ ମୃତ



ଦୁର୍ଘଟଣାଗ୍ରସ୍ତ ଡମ୍ଫର ।

**ଧର୍ମଶାଳା/ଜେନାପୁର,୬।୪ (ବଟକୃଷ୍ଣ ପରିଡ଼ା/ଅଶୋକ ଦାସ):** ଯାଜପୁର ଜିଲା ଜେନାପୁର ଥାନା ଅଧୀନ କବାଟବନ୍ଧ-ମଞ୍ଜୁରୀପଡ଼ା ନଦୀବନ୍ଧ ରାସ୍ତାରେ ଶନିବାର ଏକ ଦୁର୍ଘଟଣା ଘଟିଛି। ନଦୀ ବନ୍ଧରେ ଯାଉଥିବା ଏକ ଡମ୍ଫର ଓଆର୍-୦୯-ଜେ-୯୧୬୧ ଓଲଟି ପଡ଼ିବାରୁ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଏହି ଥାନା ଅଧୀନ ରାଇଛଦା ପଞ୍ଚାୟତ ବାଲିକୁଦିଆ ଗ୍ରାମର ଟିମିଣୀ ମଳିକଙ୍କ ପୁଅ ତପନ(୩୫)। ସେ ବନ୍ଧ ରାସ୍ତାଦେଇ ଘରକୁ ଫେରୁଥିବା ସମୟରେ ଭାରସ୍ୟାମ ହରେଇ ଗାଡ଼ିଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଚାଳକ ତପନ ତଳେ ପଡ଼ିଯାଇଥିଲେ। ତାଙ୍କ ଉପରେ ଗାଡ଼ି ଚଢ଼ି ଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଜେନାପୁର ପୋଲିସ ଓ ଚଢ଼େଇଧରା ଅଗ୍ନିଶମ ବାହିନୀ ପହଞ୍ଚି ମୃତଦେହକୁ ଉଦ୍ଧାର କରିଥିଲେ। ପରେ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଗାଡ଼ିକୁ ଜବତ କରିଥିଲା।

## ଖରସ୍ରୋତାରେ ବୁଡ଼ି ବୃଦ୍ଧାଙ୍କ ମୃତ୍ୟୁ

**ସିଂହପୁର,୬।୪(ଅନଙ୍ଗ ଉଦୟ ବେଉରିଆ):** ବିଞ୍ଝାରପୁର ଥାନା ଅଧୀନ ଓଳେଇ ଚନ୍ଦନପୁର ପଞ୍ଚାୟତ ନିକଟ ଖରସ୍ରୋତା ନଦୀରେ ବୁଡ଼ି ଶନିବାର ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଗ୍ରାମର ପ୍ରମୋଦ ସାମଲଙ୍କ ସ୍ତ୍ରୀ ପ୍ରମିଳା ମଲ୍ଲିକ(୬୪)। ମଧ୍ୟାହ୍ନରେ ପ୍ରମିଳା ଖରସ୍ରୋତା ନଦୀକୁ ସ୍ନାନ କରିବାକୁ ଯାଇଥିବାବେଳେ ନଦୀର ପ୍ରଖର ସ୍ରୋତରେ ଭାସିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଖୋଜାଖୋଜି କରି ନ ପାଇବାରୁ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ବିଞ୍ଝାରପୁର ଅଗ୍ନିଶମ ବାହିନୀ ପହଞ୍ଚି ଦୀର୍ଘ ସମୟ ଖୋଜାଖୋଜି କରିବାପରେ ତାଙ୍କ ମୃତଦେହ ଉଦ୍ଧାର କରିଥିଲେ। ପରେ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଅନ୍ୟପକ୍ଷରେ ଏଭଳି ଏକ ଦୁଃଖଦ ଘଟଣା ସମଗ୍ର ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି।

## ସ୍ୱାମୀଙ୍କ ଅକାଳ ମୃତ୍ୟୁ ଖବର ଶୁଣି ଚାଲିଗଲା ସ୍ତ୍ରୀଙ୍କ ଜୀବନ

**ରଘୁନାଥପୁର,୬।୪(ରାଜେନ୍ଦ୍ର ନାରାୟଣ ସିଂହ)**

ରଘୁନାଥପୁର ବ୍ଲକ ପୁରୁଣାବସନ୍ତ ଗ୍ରାମରେ ଘଣ୍ଟାଏ ବ୍ୟବଧାନରେ ସ୍ତ୍ରୀ, ସ୍ୱାମୀଙ୍କ ମୃତ୍ୟୁ ଘଟିଛି। ଏହି ଘଟଣା ପରିବାର ଓ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ସବୁଦିନ ପରି ଶନିବାର ଦ୍ୱାରିକାନାଥ ଦାସ (୭୯) ନିଜର ନିତ୍ୟକର୍ମ ସାରି ଘରେ କୌଣସି କାର୍ଯ୍ୟ କରୁଥିବାବେଳେ ହଠାତ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ପରିବାର ଲୋକେ ତୁରନ୍ତ ତାଙ୍କୁ ପ୍ରଥମେ ଜଗତ୍‌ସିଂହପୁର ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରିଥିଲେ। ସେଠାରେ ଦ୍ୱାରିକାନାଥଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏହି ଦୁଃଖଦ ଘଟଣା ସମ୍ପର୍କରେ ସ୍ତ୍ରୀ ଶାନ୍ତିଲତା (୭୩) ଶୁଣିବା ପରେ ସେ ମଧ ଅସୁସ୍ଥ ହୋଇ ପଡ଼ିଥିଲେ। ସାନପୁଅ ମନୋଜ ତୁରନ୍ତ ତାଙ୍କୁ ଜଗତ୍‌ସିଂହପୁର ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶାନ୍ତିଲତାଙ୍କ ମୃତ୍ୟୁ ଘଟିଛି। ଦ୍ୱାରିକାନାଥ ଓ ଶାନ୍ତିଲତାଙ୍କ ମୃତଦେହ ବାସଭବନକୁ ଅଣାଯିବା ପରେ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା। ଖବରପାଇ ଦ୍ୱାରିକାନାଥଙ୍କ ବଡ଼ଭାଇ ତଥା ପୂର୍ବତନ ସରପଞ୍ଚ ଚୈତନ୍ୟ ଚରଣ ଦାସ, ଓଡ଼ିଶା ମୋ ପରିବାରର ଉପଦେଷ୍ଟା ଡ.ସୁରେନ୍ଦ୍ରନାଥ ମହାପାତ୍ର, ପ୍ରଭୁଦତ୍ତ ମହାନ୍ତି, ସୌର୍ଯ୍ୟରଞ୍ଜନ ମହାନ୍ତି, ଧ୍ରୁବଚନ୍ଦ୍ର ରାଉତ, ବିଜୟ ଦାଶଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଶେଷରେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଏହିସମୟରେ ବଡ଼ପୁଅ ପ୍ରଦୀପ ଓ ପ୍ରତାପଙ୍କ ସହ ଭଉଣୀ, ଭିଣୋଇ ଉପସ୍ଥିତ ଥିଲେ। ଉଭୟ ଦ୍ୱାରିକାନାଥ ଓ ଶାନ୍ତିଲତା ଶାନ୍ତ, ସରଳ ଓ ମେଳାପି ସ୍ୱଭାବର ଥିଲେ।

## ଅଲିଭରିଡଲେଙ୍କ ସମୂହ ଅଣ୍ଡାଦାନ ପ୍ରକ୍ରିୟା ଜାରି

### ୪ ଦିନରେ ୨ ଲକ୍ଷ ୬୭ ହଜାର ୩୧୬ କଇଁଛ ଅଣ୍ଡା ଦେଲେ

**ରାଜନଗର,୬।୪(ଭାସ୍କର ରାଉତରାୟ)**



ବାଲୁକା ଶଯ୍ୟାରେ ଅଲିଭରିଡ୍‌ଲେ କଇଁଛମାନେ ଅଣ୍ଡା ଦାନ କରୁଛନ୍ତି ।

ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ବିରଳ ଅଲିଭରିଡଲେ କଇଁଛଙ୍କ ଏକ୍ସୁଡିଶାଳ ଗହୀରମଥା ଲକ୍ଷାଧିକ ମାଆ କଇଁଛଙ୍କ ଅଣ୍ଡାଦେବା ପ୍ରକ୍ରିୟାରେ ଚଳଚଞ୍ଚଳ ହୋଇପଡିଛି। ଚଳିତମାସ ୨ ତାରିଖରୁ ଆରମ୍ଭ ହୋଇଥିବା ଏହି ସମୂହ ଅଣ୍ଡାଦାନ ପ୍ରକ୍ରିୟା ଆଉ ୨ଦିନ ପର୍ଯ୍ୟନ୍ତ ଚାଲୁ ରହିବ। ପାଗର ଅନୁକୂଳର ସୁଯୋଗ ନେଇ ୨ ତାରିଖ ଦିନ ୩ ହଜାର ୩୭ଟି, ୩ ତାରିଖରେ ୮୩ ହଜାର ୬ଶହ, ୪ ତାରିଖରେ ୯୮ ହଜାର ୧୬ଟି ଏବଂ ୫ ତାରିଖରେ ୮୨ ହଜାର ୬୬୩ଟି ମୋଟ ୨ ଲକ୍ଷ ୬୭ ହଜାର ୩୧୬ ମାଆ ଅଲିଭରିଡଲେ ଅଣ୍ଡା ଦେଇ ସାରିଲେଣି। ଏହି ପକ୍ରିୟା ଆଉ ୨ଦିନ ପର୍ଯ୍ୟନ୍ତ ଜାରି ରହିବା ସହିତ ଗତବର୍ଷ ଅପେକ୍ଷା ଚଳିତବର୍ଷ ଅଧିକ କଇଁଛ ଗଣ ଅଣ୍ଡାଦାନ ଦେବା ନେଇ ଆମେ ଆଶାବାଦୀ ଅଛୁ ବୋଲି ରାଜନଗର ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବ ସୂଚନା ଦେଇଛନ୍ତି। ପ୍ରତିକୂଳ ପାଗ ଯୋଗୁ ଗୋଟିଏ ମାସ ପରେ କଇଁଛମାନେ ସମୂହ ଅଣ୍ଡାଦାନ କରିଛନ୍ତି, ଯାହା ଗହୀରମଥା ଇତିହାସରେ ପ୍ରଥମ ଘଟଣା ବୋଲି ଡିଏଫ୍‌ଓ ଯାଦବ କହିଛନ୍ତି।

ଶୁକ୍ରବାର ଗହୀରମଥାରେ ପିସିସିଏଫ୍ ସୁଶାନ୍ତ କୁମାର ନନ୍ଦ, ସିସିଏଫ୍ ମନୋଜ ଭି. ନାୟାର, ଡିଏଫଓ ସୁଦର୍ଶନ ଗୋପୀନାଥ ଯାଦବ ପହଞ୍ଚି ସମୂହ ଅଣ୍ଡାଦାନ ପ୍ରକ୍ରିୟାକୁ ଅନୁଧ୍ୟାନ କରିବା ସହିତ କଇଁଛ ଅଣ୍ଡା ଗୁଡିକ କିପରି ବାହ୍ୟ ଶତ୍ରୁଙ୍କ ଠାରୁ ସୁରକ୍ଷିତ ରଖାଯାଇପାରିବ, ଏ ନେଇ ପରାମର୍ଶ ଦେଇଥିଲେ। ଏହି ସମୟରେ ଏସିଏଫ୍ ମାନସ କୁମାର ଦାସ, ଗହୀରମଥା ରେଞ୍ଜ ଅଫିସର ପ୍ରଦୋଷ କୁମାର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ଏହି ସମୂହ ଅଣ୍ଡାଦାନ ପ୍ରକ୍ରିୟା ଏବେ ସଞ୍ଜ ପରଠୁଁ ଜାରି ରହିଛି। ମାଆ କଇଁଛମାନେ ବେଳାଭୂମିର ନରମ ବାଲି ରାଶିରେ ପଛପଟ ଗୋଡରେ ୧ ଫୁଟରୁ ଦେଢଫୁଟ ଗଭୀରର ମାଠିଆ ଆକୃତିର ଗାତ ଖୋଳି ଥାଏ। ଗାତ ଖୋଳିବା ପରେ ମାଆ କଇଁଛ ପ୍ରାୟ ୧୦୦ଟି ଉପରେ ଅଣ୍ଡା ଦେଇଥାଏ। ପ୍ରତ୍ୟେକ ଅଣ୍ଡାର ଆକାର ଗୋଟିଏ ଛୋଟ ବଲ ପରି। ଅଣ୍ଡାର ଖୋଳପା ନମନୀୟ ହୋଇଥିବାରୁ ଅଣ୍ଡା ଗଳିବା ସମୟରେ ତାହା ଫାଟି ନ ଥାଏ। ଅଣ୍ଡା ଦେଇ ସାରିବା ପରେ ମାଆ କଇଁଛ ତା'ର ଗାତକୁ ବାଲି ଘୋଡାଇ ଲୁଚାଇ ପକାଏ ଓ ସମୁଦ୍ରକୁ ଫେରିଯାଏ। ସୂର୍ଯ୍ୟଙ୍କ ଉତ୍ତାପରେ ଉଷୁମ ହୋଇ ଅଣ୍ଡାଗୁଡ଼ିକରୁ ୪୫ ରୁ ୬୦ ଦିନ ମଧ୍ୟରେ କଇଁଛ ଶାବକ ବାହାରିଥାଆନ୍ତି। ବିରଳ ଅଲିଭରିଡଲେ କଇଞ୍ଛଙ୍କ ଗଣ ଅଣ୍ଡାଦାନ ପ୍ରକ୍ରିୟା ଆରମ୍ଭ ହୋଇଥିବାରୁ ଏମାନଙ୍କ ସୁରକ୍ଷା ପାଇଁ ବନବିଭାଗ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି। ଅଣ୍ଡାଦାନ ସ୍ଥଳକୁ ବାଡ଼ ବୁଜାଯିବା ସହ ବନ କର୍ମଚାରୀମାନେ ଅଣ୍ଡାଦାନ ସ୍ଥଳକୁ ଜଗି ରହିଛନ୍ତି। ରାଜନଗର ଓ ଭଦ୍ରକ ଡିଭିଜନ ପକ୍ଷରୁ ଅଲିଭରିଡଲେଙ୍କ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି।

ସୂଚନାଯୋଗ୍ୟ, ସମଗ୍ର ବିଶ୍ୱରେ ବିଶ୍ୱ ତାପନ ଓ ଜଳବାୟୁର ଅହେତୁକ ପରିବର୍ତ୍ତନ କେବଳ ମାନବ ସମାଜକୁ ପ୍ରଭାବିତ କରିନାହିଁ, ବରଂ ଜୀବଜନ୍ତୁ , ଏପରି କି ସାମୁଦ୍ରିକ ଜୀବଙ୍କ ଜୀବନଶୈଳୀ ଉପରେ ଗୁରୁତର ପ୍ରଭାବ ପକାଇଛି। ଯାହାଫଳରେ ୧ ମାସ ବିଳମ୍ବରେ ଅଲିଭରିଡଲେ କଇଁଛମାନେ ସମୂହ ଅଣ୍ଡାଦାନ ପ୍ରକ୍ରିୟାରେ ସାମିଲ ହୋଇଛନ୍ତି ।


**ଇନଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ କ୍ୟାଟରିଙ୍ଗ୍ ଟେକ୍ନୋଲୋଜି ଆଣ୍ଡ ଆପ୍ଲାଏଡ୍ ନ୍ୟୁଟ୍ରିସନ** NCHMCT
ବୀର ସୁରେନ୍ଦ୍ର ସାଇ ନଗର, ଭୁବନେଶ୍ୱର-୭୫୧୦୧୦
ଫୋନ୍: (୦୬୭୪) ୨୫୮୯୨୪୧, ଇ-ମେଲ: hospitality@ihmbbs.org
(ପର୍ଯ୍ୟଟନ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଏକ ସ୍ୱୟଂଶାସିତ ସଂସ୍ଥା)

**ନାମଲେଖା ବିଜ୍ଞପ୍ତି**

**ପ୍ରଦତ୍ତ ପାଠ୍ୟକ୍ରମ**

| କ୍ରମାଙ୍କ | ପାଠ୍ୟକ୍ରମର ନାମ | ଅବଧି |
|---|---|---|
| ୧. | ପୋଷ୍ଟ ଗ୍ରାଜୁଏଟ ଡିପ୍ଲୋମା ଇନ୍ ଆକୋମୋଡେସନ ଅପରେସନ୍ସ ଆଣ୍ଡ ମ୍ୟାନେଜମେଣ୍ଟ | ୧ ୧/୨ ବର୍ଷ |
| ୨. | ଡିପ୍ଲୋମା ଇନ୍ ଫୁଡ୍ ପ୍ରଡକ୍ସନ | ୧ ୧/୨ ବର୍ଷ |
| ୩. | କ୍ରାଫ୍ଟମ୍ୟାନସିପ କୋର୍ସ ଇନ୍ ଫୁଡ୍ ପ୍ରଡକ୍ସନ | ୧ ୧/୨ ବର୍ଷ |

**ଯୋଗ୍ୟତା:**
କ୍ରମିକ ନଂ. ୧ ନିମନ୍ତେ: ଯେ କୌଣସି ବିଷୟରେ ସ୍ନାତକ। ମହିଳା, ସମ୍ପୃକ୍ତ କ୍ଷେତ୍ରରେ ଅଭିଜ୍ଞତା କିମ୍ବା ସମ୍ବନ୍ଧୀୟ ବୈଷୟିକ ବୃତ୍ତିଗତ ଯୋଗ୍ୟତା ଥିବା ପାର୍ଥୀମାନଙ୍କୁ ଅଗ୍ରାଧିକାର ଦିଆଯିବ।
କ୍ରମିକ ନଂ. ୨ ନିମନ୍ତେ: +୨ ସିଷ୍ଟମର / ଦ୍ୱାଦଶ ପାସ୍ ଛାତ୍ର ଛାତ୍ରୀ, ଯେଉଁମାନେ ନିଶ୍ଚିତ ଭାବରେ ଇଂରାଜୀ ଭାଷାକୁ ଏକ ବିଷୟ ରୂପେ ଅଧ୍ୟୟନ କରିଥିବା ଆବଶ୍ୟକ।
କ୍ରମିକ ନଂ. ୩ ନିମନ୍ତେ: ଦଶମ ପାସ୍ (୧୦ +୨) ସିଷ୍ଟମର ଛାତ୍ର ଛାତ୍ରୀ, ଯେଉଁମାନେ ନିଶ୍ଚିତ ଭାବରେ ଇଂରାଜୀ ଭାଷାକୁ ଏକ ବିଷୟ ରୂପେ ଅଧ୍ୟୟନ କରିଥିବା ଆବଶ୍ୟକ।
ବୟସ: କୌଣସି ଶେଷ ବୟସ ସୀମା ନାହିଁ।
ଭାରତ ସରକାରଙ୍କ ନିୟମ ଅନୁଯାୟୀ ଅନୁସୂଚିତ ଜାତି / ଅନୁସୂଚିତ ଜନଜାତି / ଓ.ବି.ସି / ଇ.ବି.ସି ଏବଂ ଶାରୀରିକ ଅକ୍ଷମ ପ୍ରାର୍ଥୀଙ୍କ ପାଇଁ ଆସନ ସଂରକ୍ଷିତ।

୨୦୨୪-୨୫ ଶିକ୍ଷାବର୍ଷ ପାଇଁ ଏହି ଅନୁଷ୍ଠାନ ଦ୍ୱାରା ପରଚାଳିତ ଉପରୋକ୍ତ ପାଠ୍ୟକ୍ରମରେ ଆଡ୍‌ମିଶନ ପାଇଁ ଆବେଦନପତ୍ରରେ, ସମ୍ପୂର୍ଣ୍ଣ ଭାବରେ ପୂରଣ ହୋଇଥିବା ଆବେଦନ ପତ୍ର / ଆଡ୍‌ମିଶନ ଫର୍ମ ଯାହା କି (www.ihmbbs.org ରୁ ଡାଉନଲୋଡ୍ କରାଯାଇ ପାରିବ), ସାର୍ଟିଫିକେଟ୍, ମାର୍କ ସିଟ୍ ଏବଂ କାଷ୍ଟ ସାର୍ଟିଫିକେଟ୍ (ଯଦି ଥାଏ)ର ଆଟେଷ୍ଟେଡ କପି ସହିତ ଏକ ପାସପୋର୍ଟ ସାଇଜ୍ ଫଟୋଗ୍ରାଫ୍ ସଂଲଗ୍ନ କରି ପଠାଇବା ଆବଶ୍ୟକ। ଆବେଦନ ପତ୍ର / ଆଡ୍‌ମିଶନ ଫର୍ମ ତା.୩୦.୦୫.୨୦୨୪ରିଖ କିମ୍ବା ତା'ପୂର୍ବରୁ ନିମ୍ନ ଠିକଣାରେ ପହଞ୍ଚିବା ଉଚିତ୍। ଅଧିକ ବିବରଣୀ ପାଇଁ ମୋବାଇଲ ନମ୍ବର ୯୪୩୮୮୧୦୮୫୧, ୮୪୮୦୩୦୯୦୭୦, ୮୨୫୮୭୫୫୯୧୨ ଏବଂ ୯୯୩୭୪୫୩୮୨୩ ରେ ଯୋଗାଯୋଗ କରନ୍ତୁ।
ମେଧାବୀ ଛାତ୍ର ଛାତ୍ରୀମାନଙ୍କ ପାଇଁ ସମ୍ମାନଜନକ ରାଜ୍ୟ ଏବଂ କେନ୍ଦ୍ରୀୟ ଛାତ୍ରବୃତ୍ତି ଉପଲବ୍ଧ ଅଛି। ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅଧୀନରେ କେନ୍ଦୁଝରେ ଖଣି ପ୍ରଭାବିତ ଅଞ୍ଚଳର ଆବେଦନକାରୀଙ୍କ ପାଇଁ ଫୁଲ୍ କୋର୍ସ ଫି ଏବଂ ହଷ୍ଟେଲ ଫିସ୍ (ଜିଲ୍ଲା ଖଣିଜ ପାଣ୍ଠି) ଡି.ଏମ୍.ଏଫ୍., କେନ୍ଦୁଝର ବହନ କରିବାର ସୁଯୋଗ ରହିଛି।

ଆବେଦନ ଠିକଣା
ପ୍ରିନ୍ସିପାଲ, ଇନଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ କ୍ୟାଟରିଙ୍ଗ୍ ଟେକ୍ନୋଲୋଜି ଆଣ୍ଡ ଆପ୍ଲାଏଡ୍ ନ୍ୟୁଟ୍ରିସନ୍, ବୀର ସୁରେନ୍ଦ୍ର ସାଇ ନଗର, ଭୁବନେଶ୍ୱର-୭୫୧୦୧୦, ଓଡ଼ିଶା
ପ୍ରିନ୍ସିପାଲ

ବିଶେଷ ଦ୍ରଷ୍ଟବ୍ୟ:
୧. ଏକରୁ ଅଧିକ ପାଠ୍ୟକ୍ରମ ପାଇଁ ଆବେଦନ କରୁଥିଲେ ପୃଥକ ଆବେଦନ ପତ୍ର / ଆପ୍ଲିକେସନ ଫର୍ମ ପଠାଯିବା ଉଚିତ। ଯଦି ଜଣେ ପ୍ରାର୍ଥୀ ଗୋଟିଏ ପାଠ୍ୟକ୍ରମ ପାଇଁ ଏକରୁ ଅଧିକ ଆବେଦନପତ୍ର ଦାଖଲ କରନ୍ତି, ତେବେ ଗୋଟିଏ ଆବେଦନ ଯାଞ୍ଚ ପ୍ରକ୍ରିୟାକରଣ କରାଯିବ।
୨. ନାମଲେଖା ନିମନ୍ତେ ଚୟନ ପ୍ରକ୍ରିୟା ଯୋଗ୍ୟତା ମାର୍କ / ସାକ୍ଷାତକାରରେ ଆଧାରରେ ହେବ।
୩. ଆବେଦନ ପତ୍ର / ଆପ୍ଲିକେସନ ଫର୍ମକୁ ପଠାଉଥିବା ଏନଭଲପ ଉପରେ କେଉଁ ପାଠ୍ୟକ୍ରମ ନିମନ୍ତେ ଆବେଦନ କରୁଛନ୍ତି (ପାଠ୍ୟକ୍ରମର ନାମ)" ........................ ପାଠ୍ୟକ୍ରମ ପାଇଁ ଆବେଦନ" ସହିତ ଲେଖାଯିବା ଉଚିତ୍।



GOVERNMENT OF ODISHA
OFFICE OF THE SUPERINTENDING ENGINEER,
MINOR IRRIGATION DIVISION, BALASORE
AT/P.O./DIST.- BALASORE, PIN-756001
**ODISHA INTEGRATED IRRIGATION PROJECT FOR CLIMATE RESILIENT AGRICULTURE (OIIPCRA)**
(WORLD BANK PROJECT ID: PI63533)
1st Corrigendum to RFB No.: OIIPCRA-BAL/W2-04/2023-24 dated 13.03.2024
**TENDER CANCELLATION NOTICE**
No. A-03:- The tender invited vide RFB No.: OIIPCRA-BAL/W2-04/2023-24 dated 13.03.2024 of Minor Irrigation Division, Balasore vide T.O. ltr. No. 727 dt. 13.03.2024 is hereby cancelled due to non-publishing in paper.
OIPR-32014/11/0001/2425 Sd./- Superintending Engineer, M.I. Division, Balasore



GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER,
MINOR IRRIGATION DIVISION, SAMBALPUR
Phone No. (0663)-2412791 (Off.), E-mail: eemisbp@yahoo.co.in
No. 1630/Date 19.03.2024
**CANCELLATION OF e-PROCUREMENT NOTICE TO BID REFERENCE No: SE, MID, SBP/17/2023-24**
No. A-02:- Due to unavoidable circumstances the Bid Ref. No. SE MIDSBP/17/2023-24 is hereby cancelled.
Sd./- Superintending Engineer
OIPR-32036/11/0001/2425 M.I. Division, Sambalpur



GOVERNMENT OF ODISHA
Department of Water Resources
OFFICE OF THE ADDITIONAL CHIEF ENGINEER,
NORTHERN MINOR IRRIGATION CIRCLE, SAMBALPUR
E-Mail Id. - senmicsbpr@yahoo.co.in
No. 468/Dated- 30.03.2024
**TENDER CANCELLATION NOTICE**
ACENMIC, SBP-05/2023-24
Cancellation to Bid Identification No.- ACENMIC, SBP - 05/2023-24 dt. 07.03.2024
No.A-01:- The "e" Procurement Notice vide Bid Identification No.- ACENMIC, SBP-05/2023-24 dt 07.03.2024 for the work "Improvement to Distribution system of Girischandrapur MIP in Naktideul Block of Sambalpur District under ERM 2023-24 is hereby cancelled due to unavoidable circumstances.
Sd./- Additional Chief Engineer,
OIPR 32208/11/0002/2425 Northern Minor Irrigation Circle, Sambalpur



**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବସାଇଟ୍: www.oshb.org
ପତ୍ର ସଂଖ୍ୟା: ୭୬ ତା:୩୦।୦୩।୨୦୨୪
**ବିଜ୍ଞାପନ**
No. CAD-37: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ବନଜା ଆପାର୍ଟମେଣ୍ଟ, ଗଙ୍ଗନଗର, ୟୁନିଟ୍-୬, ଭୁବନେଶ୍ୱର ହାଉସିଂ ପ୍ରକଳ୍ପରେ ଫ୍ଲାଟ ନଂ. ଏ-୨/୩୮ (A-2/38)ଟିକୁ ଶ୍ରୀ ସଞ୍ଜୀବ କୁମାର ପାଣିଗ୍ରାହୀ, ପିତା: ୰ବିପ୍ର ଚରଣ ପାଣିଗ୍ରାହୀ, ସା: ସାପୁଆପଲ୍ଲୀ, ପୋ/ଥାନା: କଟୁ, ଜିଲ୍ଲା: ଗଞ୍ଜାମଙ୍କ ନାମରେ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ସଞ୍ଜୀବ କୁମାର ପାଣିଗ୍ରାହୀ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀମତୀ ନନ୍ଦିନୀ ସାହୁ, ସ୍ୱାମୀ: ୰ଦେବେନ୍ଦ୍ର କୁମାର ସାହୁ, ସା: ସରପଦା, ପୋ/ଥାନା: ଭଣ୍ଡାରିପୋଖରୀ, ଜିଲ୍ଲା: ଭଦ୍ରକଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।
ଉକ୍ତ ଫ୍ଲାଟ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଉକ୍ତ ବିଜ୍ଞାପନ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଲିଖିତଭାବେ ଜଣାଇ ପାରିବେ। ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଗ୍ରହଣ ଯୋଗ୍ୟ ନୁହେଁ ଏବଂ ଆଇନ ଅନୁଯାୟୀ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରାଯାଇପାରେ।
ସ୍ୱା./– ପ୍ରଶାସନିକ ଅଧିକାରୀ
OIPR-13030/11/0030/2425 ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

# ମହାବାରୁଣୀ ସ୍ନାନ, ବୁଡ଼ ପକାଇଲେ ଲକ୍ଷାଧିକ ଭକ୍ତ

**ଖଣ୍ଡପଡ଼ା,୬।୪(ଅଜୟ କୁମାର ମହାରଣା)**

ନୟାଗଡ଼ ଜିଲା କଣ୍ଟିଲୋ ଶ୍ରୀ ନୀଳମାଧବଙ୍କ କ୍ଷେତ୍ରରେ ଦୀର୍ଘ ୭ ବର୍ଷ ପରେ ଶନିବାର ପବିତ୍ର ମହାବାରୁଣୀ ସ୍ନାନ ଅନୁଷ୍ଠିତ ହୋଇଯାଇଛି। ଏହି ଦୁର୍ଲଭ ସ୍ନାନ ନିମନ୍ତେ ଶୁକ୍ରବାରଠାରୁ ହଜାର ହଜାର ଶ୍ରଦ୍ଧାଳୁ କଣ୍ଟିଲୋରେ ଭିଡ଼ ଜମାଇଥିଲେ । ଶନିବାର ମହାନଦୀ କମେଇ ସଙ୍ଗମ ଘାଟରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଶ୍ରୀନୀଳମାଧବ ଜୀଉଙ୍କ ଚଳନ୍ତି ପ୍ରତିମା ମଦନମୋହନ ଜୀଉ ସ୍ୱତନ୍ତ୍ର କାର୍ଯ୍ୟ ନିର୍ଘଣ୍ଟାନୁସାରେ ମଣି ବିମାନରେ ପୂର୍ବାହ୍ନ ସାଢେ ୯ଟାରେ ସ୍ନାନ ସ୍ଥଳକୁ ବିଜେ ହୋଇଥିଲେ। ସେଠାରେ ପାରମ୍ପରିକ ପୂଜାବିଧି ଅନୁଯାୟୀ ଠାକୁରଙ୍କୁ ସ୍ନାନ କରା ଯିବା ପରେ ଅପେକ୍ଷାରତ ଶ୍ରଦ୍ଧାଳୁ ମହାନଦୀର ସଙ୍ଗମ ସ୍ଥଳରେ ବୁଡ଼ ପକାଇବା ଆରମ୍ଭ କରିଥିଲେ। ପରେ ଅନେକ ଶ୍ରଦ୍ଧାଳୁ ଅସ୍ଥି ବିସର୍ଜନ କରିଥିଲେ । ଇତି ମଧ୍ୟରେ ପଥରଚକଡ଼ା ଓ ପାଟଣା ଗ୍ରାମର ୨ଟି ବିମାନରେ ଠାକୁର ବିଜେ ହୋଇ ସ୍ନାନ କରିଥିଲେ । ଭକ୍ତଙ୍କ ସମାଗମକୁ ନଜରରେ ରଖି ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା । ମହାନଦୀ ପଠାରେ ସ୍ନାନ, ଅସ୍ଥି ବିସର୍ଜନ, ପୂର୍ବ ପୁରୁଷଙ୍କ ଉଦ୍ଦେଶ୍ୟରେ ପିଣ୍ଡଦାନ, ଶ୍ରାଦ୍ଧ, ତିଳତର୍ପଣ ଆଦି କାର୍ଯ୍ୟ ଶାନ୍ତିଶୃଙ୍ଖଳାର ସହ ସମାପନ ହୋଇଛି ।

କଣ୍ଟିଲୋ ନୀଳମାଧବ ପୀଠ ମହାନଦୀସ୍ଥିତ କୁଆଁରିଆ, କୁସୁମୀ ତଥା କମେଇ ନଦୀର ସଙ୍ଗମ ସ୍ଥଳ ଚିତ୍ରୋତ୍ପଳା ଘାଟରେ ଥିଲା ମହାବାରୁଣୀ ସ୍ନାନ ଯୋଗ। ଶ୍ରୀ ଜୀଉଙ୍କ ପାରମ୍ପରିକ ରୀତିରେ ସକାଳ ୫ଟାରେ ମଙ୍ଗଳାର୍ପଣ, ୬ଟାରେ ବଲ୍ଲଭ, ୮ଟାରେ ସକାଳ ଧୂପ, ୯ଟାରେ ଭଣ୍ଡ ଧୂପ ହେବା ପରେ ପୂର୍ବାହ୍ନ ୧୦.୩୦ ସମୟରେ ଶ୍ରୀ ଜୀଉଙ୍କ ଚଳିନ୍ତି ପ୍ରତିମା ମଦନମୋହନ ଜୀଉ ଏକ ସୁସଜ୍ଜିତ ବିମାନରେ ଚିତ୍ରୋତ୍ପଳା ଘାଟକୁ ପାଟପଟୁଆରେ ସ୍ନାନ ବିଜେ କରିଥିଲେ । ଠାକୁରଙ୍କ ସ୍ନାନ ନୀତି ପରେ ଲକ୍ଷାଧିକ ଶ୍ରଦ୍ଧାଳୁ ଭକ୍ତ ଓ ହଜାର ହଜାର ବ୍ୟକ୍ତି ପିତୃ ପୁରୁଷଙ୍କ ପିଣ୍ଡଦାନ ସହ ଅସ୍ଥି ବିସର୍ଜନ କରିଥିଲେ । ପୋଲିସ ପ୍ରଶାସନ ପକ୍ଷରୁ ପ୍ରତ୍ୟେକ ରାସ୍ତା ଓ ଛକରେ ସାଧା ପୋଷାକଧାରୀ ପୋଲିସଙ୍କୁ ନିୟୋଜିତ କରାଯାଇଥିଲା । ରକ୍ଷିତ ଯାତ୍ରା ଓ ଟ୍ରାଫିକ ସମସ୍ୟାକୁ ନିୟନ୍ତ୍ରଣ କରାଯାଇଥିଲା ।



ନୀଳମାଧବଙ୍କ ଚଳନ୍ତି ପ୍ରତିମା ମଦନମୋହନଙ୍କୁ ବାରୁଣୀ ସ୍ନାନ ପାଇଁ ନିଆଯାଉଛି ।

## ୭ ବର୍ଷ ପରେ ନୀଳମାଧବ ପୀଠରେ ଦୁର୍ଲଭ ସ୍ନାନ

ଏହି ବାରୁଣୀ ସ୍ନାନକୁ ଶାନ୍ତି ଶୃଙ୍ଖଳାର ସହ ପରିଚାଳନା ପାଇଁ ନୟାଗଡ଼ ଜିଲା ପ୍ରଶାସନ ପକ୍ଷରୁ ଉପ ଜିଲାପାଳ କର୍ଣ୍ଣଦେବ ସମାଦର, ଖଣ୍ଡପଡ଼ା ବିଡିଓ ଅଙ୍କୁର ଅଭିଳାଷ, ଭାପୁର ଓ ନୂଆଗାଁ ତହସିଲଦାର ଯଥାକ୍ରମେ ଅର୍ଜୁନ କୁମାର ପ୍ରଧାନ ଓ ହେମନ୍ତ କୁମାର ନାୟକ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁରେନ୍ଦ୍ର କୁମାର ସାହୁ, ଖଣ୍ଡପଡ଼ା ତହସିଲଦାର ତଥା ଦେବୋତର କାର୍ଯ୍ୟ ନିର୍ବାହୀ ଅଧିକାରୀ ଧୋବେଇ ନାଏକ. ନୀଳମାଧବ ଦେବୋତର ମ୍ୟାନେଜର ହରିହର ଦାଶ, ସମସ୍ତ କର୍ମଚାରୀ ଓ ସେବାୟତ କର୍ମକର୍ତା ଉପସ୍ଥିତ ରହି ସହାୟତା ଯୋଗଇବା ସହ କାର୍ଯ୍ୟକ୍ରମର ସୁପରିଚାଳନା କରିଥିଲେ । ସୂଚନା ଓ ଲୋକ ସଂପର୍କ ବିଭାଗ ପକ୍ଷରୁ ଡ଼ାକବାଜୀଯନ୍ତ୍ର ସହାୟତାରେ ଜନ ସମାଗମକୁ ଆବଶ୍ୟକୀୟ ସୂଚନା ପ୍ରଦାନ କରିବା ସହ କାର୍ଯ୍ୟକ୍ରମକୁ ନିୟନ୍ତ୍ରଣ କରାଯାଇଥିଲା । ବୁଡ ସ୍ଥଳର ଅନତି ଦୂରରେ ଥିବା ମହିମା ଆଶ୍ରମରେ ଅପେକ୍ଷାରତ ସାଧୁସନ୍ଥମାନେ ବାରୁଣୀ ସ୍ନାନରେ ଯୋଗଦେଇ ନିଜକୁ ଧନ୍ୟ ମନେକରିଥିଲେ।

ଖଣ୍ଡପଡା ଥାନାଧିକାରୀ ଜ୍ୟୋତି ପ୍ରକାଶ ସ୍ୱାଇଁଙ୍କ ନେତୃତ୍ୱରେ ଏକ ପ୍ଲାଟୁନ ଫୋର୍ସ, ୩୦ ଜଣ ହୋମଗାର୍ଡ ସମେତ ଗଣିଆ, ଖଣ୍ଡପଡ଼ା ଥାନା କର୍ମଚାରୀ ଓ କଂଟିଲୋ ଫାଣ୍ଡି ଅଧିକାରୀ ରମେଶ ଚନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ହାୟତା କରିଥିଲେ । ନୟାଗଡ ପୋଲିସସ ପ୍ରଶାସନ ପକ୍ଷରୁ ଭିଡ଼ ଉପରେ ନଜର ରଖାଯାଇଥିଲା । ଶନିବାର ଅପରାହ୍ନ ସାଢେ ୪ଟା ସୁଦ୍ଧା ଶ୍ରଦ୍ଧାଳୁମାନେ ବୁଡ଼ ପକାଉ ଥିବା ଦେଖିବାକୁ ମିଳିଥିଲା ।

ସୂଚନାଯୋଗ୍ୟ, ୨୦୦୭ମାର୍ଚ୍ଚ ୧୭ ଓ ୨୦୧୭ ମାର୍ଚ୍ଚ ୨୫ରେ ଏହି ମହାବାରୁଣୀ ସ୍ନାନ ଯୋଗ ପଡିଥଲା । ଏହି କାର୍ଯ୍ୟକ୍ରମରେ କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟର ଏନଏସଏସର ୫୦ ଛାତ୍ରୀଛାତ୍ର ସେବା ଯୋଗାଇଥିବା ପରିଲକ୍ଷିତ ହୋଇଥିଲା। ତେବେ ଆଜିର ଏହି ମହାବାରୁଣୀ ବୁଡ ଶାନ୍ତିଶୃଙ୍ଖଳାର ସହ ସଂପନ୍ନ ହୋଇଛି ବୋଲି ଖଣ୍ଡପଡ଼ର ଦେବୋତ୍ତର କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ତହସିଲଦାର ଧୋବେଇ ନାଏକ ସୂଚନା ଦେଇଛନ୍ତି । ତେବେ ପ୍ରବଳ ଗ୍ରୀଷ୍ମ ପ୍ରବାହ ସମୟରେ ଅଗ୍ନିଶମ ବିଭାଗ କର୍ମଚାରୀ ପାଣି ଛିଞ୍ଚନ କରୁଥିବା ମଧ ତତଲା ବାଲି ଉପରେ ଶ୍ରଦ୍ଧାଳୁମାନେ ଚାଲି ଚାଲି ବୁଡ଼ସ୍ଥଳକୁ ଯିବାରେ ଅସହ୍ୟ କଷ୍ଟ ଅନୁଭବ କରୁଥିବା ପରିଲକ୍ଷିତ ହୋଇଥିଲା । ଶ୍ରୀଜୀଉ ଅପରାହ୍ନ ସାଢେ ୪ଟାରେ ଆସ୍ଥାନ ତ୍ୟାଗ କରି ସ୍ୱମନ୍ଦିରକୁ ପ୍ରତ୍ୟବର୍ତ୍ତନ କରିଥିଲେ।



ଶ୍ରଦ୍ଧାଳୁମାନେ ସଙ୍ଗମ ସ୍ଥଳରେ ବାରୁଣୀ ସ୍ନାନ କରୁଛନ୍ତି।

# ଅସହ୍ୟ ହେଲାଣି ତାତି, ଖୋଲୁନି ଜଳଛତ୍ର

**ଦଶପଲ୍ଲା,୬।୪(ପ୍ରକାଶ କୁମାର ପାଣି)**

ଦଶପଲ୍ଲା ଏନ୍ଏସି ସମେତ ସମଗ୍ର ବ୍ଲକ ଅଞ୍ଚଳରେ ସୂର୍ଯ୍ୟତାପ ଅସହ୍ୟ ହୋଇପଡ଼ିଥିବା ବେଳେ ପ୍ରଶାସନ ପକ୍ଷରୁ ଏଯାଏ ଜଳଛତ୍ର ଖୋଲାଯାଇ ନ ଥିବା ଯୋଗୁ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ସକାଳ ୯ଟାରୁ ତାପମାତ୍ରା ଧୀରେ ଧୀରେ ବୃଦ୍ଧି ପାଉଥିବା ବେଳେ ମଧ୍ୟାହ୍ନ ବେଳକୁ ୪୦ ଡିଗ୍ରୀ ରହୁଛି । ଦିନ ୧୦ଟା ପରେ ଦରକାର ନ ପଡ଼ିଲେ ଲୋକେ ପଦାକୁ ବାହାରୁନାହାନ୍ତି। ସେଥିପାଇଁ ରାସ୍ତାଘାଟ ଜନଶୂନ୍ୟ ହୋଇପଡୁଛି । ଡାକ୍ତରଖାନା, ବ୍ଲକ, ତହସିଲ ଓ ବ୍ୟାଙ୍କକୁ ଆସୁଥିବା ଲୋକମାନଙ୍କ ପାଇଁ ପାନୀୟଜଳ ବ୍ୟବସ୍ଥା ନ ଥିବାରୁ ସେମାନେ ହଇରାଣ ହେଉଛନ୍ତି । ବ୍ଲକ୍ ପ୍ରଶାସନ ପକ୍ଷରୁ କୌଣସି ସ୍ଥାନରେ ଜଳଛତ୍ର ଖୋଲାଯାଇ ନ ଥିବାରୁ ପଥଚାରୀମାନେ ନଳକୂପ କିମ୍ବା ଦୋକାନ ଉପରେ ନିର୍ଭର କରୁଛନ୍ତି । ଏନ୍ଏସି କାର୍ଯ୍ୟାଳୟ ପକ୍ଷରୁ ସହରାଞ୍ଚଳ ଓ ବ୍ଲକ ଅଞ୍ଚଳରେ ଥିବା ବିଭିନ୍ନ ପଞ୍ଚାୟତ ତରଫରୁ ଜଳଛତ୍ର ଖୋଲିବାକୁ ସାଧାରଣରେ ଦାବି ହେଉଛି।

# ବାରୁଣୀ ବୁଡ଼ ପାଇଁ ପଦ୍ମାବତୀ ଗ୍ରାମ ଉତ୍ସବମୁଖର

**ଭାପୁର, ୬।୪ (ଭରତ କୁମାର ବେହେରା)**

ନୟାଗଡ଼ ଜିଲା ଭାପୁର ବ୍ଲକ ପଦ୍ମାବତୀ ଗ୍ରାମରେ ବାରୁଣୀ ବୁଡ଼ ଶନିବାର ଅନୁଷ୍ଠିତ ହୋଇଯାଇଛି । ବହୁ ପୁରାତନ ଯୁଗରୁ ମହାନଦୀ କୂଳରେ ଅବସ୍ଥିତ ପଦ୍ମାବତୀ ଗାଁ ମୁଣ୍ଡରେ ଏହି ବାରେଣୀ ବୁଡ଼ ଯାତ୍ରା ଅନୁଷ୍ଠିତ ହୋଇଥାଏ।

ପାରମ୍ପରିକ ପରମ୍ପରା ଅନୁଯାୟୀ ବିଜିପୁର ଗ୍ରାମର ଅନେନ୍ତଶ୍ୱର ଦୋଳ, ମାଳିବେରଣୀର ଆଳେଶ୍ୱର ଦେବ ଦୋଳ, ପଦ୍ମାବତୀ ଗ୍ରାମର ମଦନମୋହନ ଦୋଳ, ଗୋପୀନାଥ ଦୋଳ, ରାସବିହାରୀ ଦୋଳ, ରଘୁନାଥ ଦୋଳ, ନୃସିଂହ ଦୋଳ, ବାଲୁଙ୍କେଶ୍ୱର ଦୋଳ, ଜଗନ୍ନାଥ ଦୋଳ, ଶାସନର ଦଧିବାମନ ଦୋଳ, ପାର୍ଥପୁର ବାଲୁଙ୍କେଶ୍ୱର ଦୋଳ, ଛେଳିଆ ବାଲୁଙ୍କେଶ୍ୱର ଦୋଳ, କେନ୍ଦୁପଲ୍ଲୀ ଜଳେଶ୍ୱର ଦୋଳ, ବାଉଁଶବାଟି ବିଶ୍ୱନାଥ ଦୋଳ, ପାର୍ବତୀପୁର ବାଲୁଙ୍କେଶ୍ୱର ଦୋଳ, ବାଘେଡିଆ ଦଧିବାମନ ଦୋଳ ଏଠାରେ ଏକାଠି ହୋଇ ମହାନଦୀରେ ସ୍ନାନ କରି ଭୋଗ ଖାଇଥିଲେ। ଏହି ବାରେଣୀ ଯାତ୍ରାରେ ହଜାର ହଜାର ଶ୍ରଦ୍ଧାଳୁ ତଥା ମାନସିକଧାରୀ ପୁରୁଷ ଓ ମହିଳା ମହାନଦୀରେ ସ୍ନାନ କରିଥାନ୍ତି । କିମ୍ବଦନ୍ତୀ ଅନୁଯାୟୀ ବିଶ୍ୱାସ ରହିଛି ସେହିଦିନ ପବିତ୍ର ମହାନଦୀରେ ଠାକୁରଙ୍କ ସହ ସ୍ନାନ ତଥା ବୁଡ ପକାଇଲେ ସମସ୍ତ ପାପ କ୍ଷୟ ହେବାସହ ବିଭିନ୍ନ ରୋଗକ୍ଷୟ ହୋଇଥାଏ।

ଶନିବାର ପବିତ୍ର ମହାବାରୁଣୀ ସ୍ନାନ ଉପଲକ୍ଷେ ପୁଣ୍ୟ ମହାନଦୀ କୂଳରେ ହଜାର ହଜାର ଶ୍ରଦ୍ଧାଳୁ ସେମାନଙ୍କ ସ୍ୱର୍ଗତ ପିତୃ ପୁରୁଷଙ୍କ ଅସ୍ଥି ବିସର୍ଜନ ତଥା ଶ୍ରାଦ୍ଧ କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା କରିବାପାଇଁ ଫତେଗଡ ଥାନାଧିକାରୀ ସୁଜିତ କୁମାର ଦାସଙ୍କ ନେତୃତ୍ୱରେ ଫତେଗଡ଼ର ସମସ୍ତ ପୋଲିସ କର୍ମଚାରୀ ଓ ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ରହିଥିଲେ।

# ଦଶଦୋଳକୁ ନେଇ ଉତ୍ସବମୁଖର ବାଲୁଗାଁ





**ନୟାଗଡ଼, ୬।୪ (ଲୋକନାଥ ମିଶ୍ର)**

## ୧୨ ଠାକୁରଙ୍କ ମେଳଣ ପରେ ଫୁଟିଲା ଆତସବାଜି

ନୟାଗଡ଼ ବ୍ଲକର ବାଲୁଗାଁରେ ଦଶଦୋଳ ଯାତ୍ରାରେ ୧୨ ଠାକୁରଙ୍କ ମେଳଣ ହୋଇଥିଲା। ମାଳିସାହିର ଗତିକେଶ୍ୱର ମହାଦେବ, କଞ୍ଚନବିଲିର ବାଲୁଙ୍କେଶ୍ୱର ମହାଦେବ, ଜେମାଦେଇପୁରର ଗୋପିନାଥ ଜୀଉ ଠାକୁର, ପାଣିପୋଇଲାର ଭୋଳେଶ୍ୱର, ମାଳତିପୁରର ରଘୁନାଥ ଜୀଉ, ବାଲୁଗାଁର ଜଗନ୍ନାଥ ଜୀଉ, ଚମ୍ପତିପୁର ତୃତୀୟାଦେବ ଜଗନ୍ନାଥ ମହାପ୍ରଭୁ, ଖଣ୍ଡୁଗାଁର ଗତିକେଶ୍ୱର ମହାଦେବ, ବରପଲ୍ଲୀର କପିଳେଶ୍ୱର ମହାଦେବ, ଶରଧାପୁରର ରଘୁନାଥ ଜୀଉ, ସିନ୍ଧୁରିଆର ଲୋକନାଥ ଦେବ ଓ ଜେମାଦେଇପୁରର ୨ ଠାକୁର ଗୁରୁବାର ରାତିରେ ବାଲୁଗାଁର ଦଶଦୋଳ ପଡିଆରେ ଏକାଠି ହୋଇଥିଲେ । ଗାଁ ସାରା ଶୋଭାଯାତ୍ରାରେ ବୁଲିଲେ। ତେବେ ରାତି ପ୍ରାୟ ୧ଟାରେ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ବିବାଦ କାରଣରୁ ପ୍ରାୟ ୧ ଘଣ୍ଟା ଶୋଭାଯାତ୍ରା ବନ୍ଦ ରହିଥିଲା । ଘଟଣାସ୍ଥଳରେ ନୟାଗଡ଼ ସଦର ଥାନା ପୋଲିସ ପହଞ୍ଚି ବୁଝାଶୁଝା କରି ବିବାଦ ସମାଧାନ କରିଥିଲା। ଏପରିକି ଡିଜେ ଗାଡ଼ି ନେଇ ଚାଲି ଯାଇଥିଲା । ପରେ ପୁଣି ଶୋଭାଯାତ୍ରା ଗାଁ ପରିକ୍ରମା କରିଥିଲା। ଶୁକ୍ରବାର ଠାକୁର ଚଣ୍ଡୀ ଠାକୁରାଣୀଙ୍କ ପାଖରେ ମେଳଣ ପରେ ଭୋର ସମୟରେ ଆତବାଜି ଫୁଟିଥିଲା। ଶୁକ୍ରବାର ସନ୍ଧ୍ୟାରେ ଠାକୁରମାନେ ଜଗନ୍ନାଥ ମନ୍ଦିରକୁ ଆସି ଭୋଗ ଖାଇ ନିଜି ନିଜ ଆସ୍ଥାନକୁ ଫେରିଥିଲେ । ଯାତ୍ରା ଏଠାରେ ୧୦ ଦିନ ଧରି ଚାଲୁ ରହିବ । ସାଂସ୍କୃତିକ ଆସର ଜମି ରହିଛି ।

### ଇଟାମାଟିରେ ପଞ୍ଚୁଦୋଳରୁ ଦଶଦୋଳ

ଇଟାମାଟିରେ ପଞ୍ଚୁଦୋଳରୁ ଯାତ୍ରା ଆରମ୍ଭ ହୋଇ ଦଶଦୋଳ ଯାତ୍ରା ଚାଲୁ ରହିଛି । ଦଶଦୋଳ ଯାତ୍ରାର ଆରମ୍ଭରେ ଇଟାମାଟିର ଗୋପୀନାଥଙ୍କ ସମେତ ଜଗନ୍ନାଥ, ବାଲୁଙ୍କଶ୍ୱର, ପଶୁପତି, ବାବା ବିଶ୍ୱନାଥ, ରାଧାକାନ୍ତ, ଲକ୍ଷ୍ମୀନାରାୟଣ, ରାଧାମାଧବ, ଚିତ୍ରକୁଟ ବିହାରୀ ଓ ରାସବିହାରୀ, ଖଟିଆସାହି, ସାନଟାଙ୍ଗିପାଟଣା ଓ କଂସାରିସାହିର ରଘୁନାଥ ପ୍ରମୁଖ ୧୭ ଠାକୁର ଇଟାମାଟି ଗ୍ରାମ୍ୟ ପରିକ୍ରମା କରିଥିଲେ । ବୁଧବାର ରାତି ୧୧ଟାରୁ ଆଟୋପ ପଟୁଆରରେ ୧୭ ଠାକୁର ଗୁରୁବାର ଭୋର ମେଡିକାଲ ପଡ଼ିଆରେ ପହଞ୍ଚିଥିଲେ। ସେଠାରେ ଠାକୁରମାନଙ୍କୁ ପୂଜାର୍ଚ୍ଚନା ଓ ଭୋଗ କରାଯାଇଥିଲା। ପରେ ଯାତ୍ରା ଆରମ୍ଭ ହୋଇଥିଲା। ଶନିବାର ସୁଦ୍ଧା ଯାତ୍ରା ତୃତୀୟ ଦିବସରେ ପହଞ୍ଚିଛି। ପ୍ରତ୍ୟହ ସାଂସ୍କୃତିକ ଆସର ଲାଗି ରହିଛି । ଚଳିତ ବର୍ଷ ଯାତ୍ରାର ସ୍ଥାନ ବଦଳିଯାଇଛି । ପୁଣି ଯାତ୍ରାର ନବକେଳବର ହୋଇ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ଦୋକାନ ପଡିଛି । ଅନ୍ୟପକ୍ଷେ ପଞ୍ଚୁଦୋଳ ଯାତ୍ରାରେ ଲାଠିପଡ଼ାର ନୀଳକଣ୍ଠେଶ୍ୱର ଠାକୁର ମୁଖ୍ୟ ଠାକୁର । ଏଠାରେ ବାଘେରାର ଧବେଳେଶ୍ୱର, ପଣ୍ଡୁଶରର ଉଗ୍ରେଶ୍ୱର, ସିନ୍ଧୁରିଆର ଲୋକନାଥ ଦେବ, ଇଟାମାଟିର ଗୋପୀନାଥଙ୍କ ସମେତ ଜଗନ୍ନାଥ, ବାଲୁଙ୍କେଶ୍ୱର, ପଶୁପତି, ବାବା ବିଶ୍ୱନାଥ, ରାଧାକାନ୍ତ, ଲକ୍ଷ୍ମୀନାରାୟଣ, ରାଧାମାଧବ, ଚିତ୍ରକୁଟ ବିହାରୀ ଓ ରାସବିହାରୀ, ଖଟିଆସାହି, ସାନଟାଙ୍ଗିପାଟଣା ଓ କଂସାରିସାହିର ରଘୁନାଥ ପ୍ରମୁଖ ୨୧ ଠାକୁର ମେଳଣରେ ସାମିଲ ହୋଇଥିଲେ। ଯାତ୍ରା ମେଡିକାଲ ପଡ଼ିଆରେ ହୋଇଥିଲା।

ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ବିଜୟ



@ ପିତାମ୍ବର



@ ରାଜକିଶୋର



@ ରମାକାନ୍ତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


ଇନ୍ଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ
କ୍ୟାଟରିଙ୍ଗ୍ ଟେକ୍ନୋଲୋଜି ଆଣ୍ଡ ଆପ୍ଲାଏଡ୍ ନ୍ୟୁଟ୍ରିସନ
ବୀର ସୁରେନ୍ଦ୍ର ସାଇ ନଗର, ଭୁବନେଶ୍ୱର-୭୫୧୦୧୦ NCHMCT
ଫୋନ୍: (୦୬୭୪) ୨୫୮୯୨୪୧, ଇ-ମେଲ: hospitality@ihmbbs.org
(ପର୍ଯ୍ୟଟନ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଏକ ସ୍ୱୟଂଶାସିତ ସଂସ୍ଥା)

ନାମଲେଖା ବିଜ୍ଞପ୍ତି

ପ୍ରଦତ୍ତ ପାଠ୍ୟକ୍ରମ

| କ୍ରମାଙ୍କ | ପାଠ୍ୟକ୍ରମର ନାମ | ଅବଧି |
|---|---|---|
| ୧. | ପୋଷ୍ଟ ଗ୍ରାଜୁଏଟ ଡିପ୍ଲୋମା ଇନ୍ ଆକୋମୋଡେସନ ଅପରେସନ୍ସ ଆଣ୍ଡ୍ ମ୍ୟାନେଜମେଣ୍ଟ୍ | ୧ ୧/୨ ବର୍ଷ |
| ୨. | ଡିପ୍ଲୋମା ଇନ୍ ଫୁଡ୍ ପ୍ରଡକ୍ସନ | ୧ ୧/୨ ବର୍ଷ |
| ୩. | କ୍ରାଫ୍ଟମ୍ୟାନସିପ କୋର୍ସ ଇନ୍ ଫୁଡ୍ ପ୍ରଡକ୍ସନ | ୧ ୧/୨ ବର୍ଷ |

ଯୋଗ୍ୟତା:
କ୍ରମିକ ନଂ. ୧ ନିମନ୍ତେ: ଯେ କୌଣସି ବିଷୟରେ ସ୍ନାତକ। ମହିଳା, ସମ୍ପୃକ୍ତ କ୍ଷେତ୍ରରେ ଅଭିଜ୍ଞତା କିମ୍ବା ସମ୍ବନ୍ଧୀୟ ବୈଷୟିକ ବୃତ୍ତିଗତ ଯୋଗ୍ୟତା ଥିବା ପାର୍ଥୀମାନଙ୍କୁ ଅଗ୍ରାଧିକାର ଦିଆଯିବ।
କ୍ରମିକ ନଂ. ୨ ନିମନ୍ତେ: +୨ ସିଷ୍ଟମର / ଦ୍ୱାଦଶ ପାସ୍ ଛାତ୍ର ଛାତ୍ରୀ, ଯେଉଁମାନେ ନିଶ୍ଚିତ ଭାବରେ ଇଂରାଜୀ ଭାଷାକୁ ଏକ ବିଷୟ ରୂପେ ଅଧ୍ୟୟନ କରିଥିବା ଆବଶ୍ୟକ।
କ୍ରମିକ ନଂ. ୩ ନିମନ୍ତେ: ଦଶମ ପାସ୍ (୧୦ +୨) ସିଷ୍ଟମର ଛାତ୍ର ଛାତ୍ରୀ, ଯେଉଁମାନେ ନିଶ୍ଚିତ ଭାବରେ ଇଂରାଜୀ ଭାଷାକୁ ଏକ ବିଷୟ ରୂପେ ଅଧ୍ୟୟନ କରିଥିବା ଆବଶ୍ୟକ।
ବୟସ: କୌଣସି ଶେଷ ବୟସ ସୀମା ନାହିଁ।
ଭାରତ ସରକାରଙ୍କ ନିୟମ ଅନୁଯାୟୀ ଅନୁସୂଚିତ ଜାତି / ଅନୁସୂଚିତ ଜନଜାତି / ଓ.ବି.ସି / ଇ.ବି.ସି ଏବଂ ଶାରୀରିକ ଅକ୍ଷମ ପ୍ରାର୍ଥୀଙ୍କ ପାଇଁ ଆସନ ସଂରକ୍ଷିତ।
୨୦୨୪-୨୫ ଶିକ୍ଷାବର୍ଷ ପାଇଁ ଏହି ଅନୁଷ୍ଠାନ ଦ୍ୱାରା ପରଚାଳିତ ଉପରୋକ୍ତ ପାଠ୍ୟକ୍ରମରେ ଆଡ଼ମିଶନ ପାଇଁ ଆବେଦନପତ୍ରରେ, ସମ୍ପୂର୍ଣ୍ଣ ଭାବରେ ପୂରଣ ହୋଇଥିବା ଆବେଦନ ପତ୍ର / ଆଡ଼ମିଶନ ଫର୍ମ ଯାହା କି (www.ihmbbs.org ରୁ ଡାଉନଲୋଡ୍ କରାଯାଇ ପାରିବ), ସାର୍ଟିଫିକେଟ୍, ମାର୍କ ସିଟ୍ ଏବଂ କାଷ୍ଟ ସାର୍ଟିଫିକେଟ୍ (ଯଦି ଥାଏ)ର ଆଟେଷ୍ଟେଡ କପି ସହିତ ଏକ ପାସପୋର୍ଟ ସାଇଜ୍ ଫଟୋଗ୍ରାଫ୍ ସଂଲଗ୍ନ କରି ପଠାଇବା ଆବଶ୍ୟକ। ଆବେଦନ ପତ୍ର / ଆଡ଼ମିଶନ ଫର୍ମ ତା.୩୦.୦୫.୨୦୨୪ରିଖ କିମ୍ବା ତା'ପୂର୍ବରୁ ନିମ୍ନ ଠିକଣାରେ ପହଞ୍ଚିବା ଉଚିତ୍। ଅଧିକ ବିବରଣୀ ପାଇଁ ମୋବାଇଲ ନମ୍ବର ୯୪୩୮୧୦୮୫୧, ୮୪୮୦୩୦୯୦୭୦, ୮୬୫୮୭୫୫୯୧୨ ଏବଂ ୯୯୩୭୪୫୩୮୨୩ ରେ ଯୋଗାଯୋଗ କରନ୍ତୁ।
ମେଧାବୀ ଛାତ୍ର ଛାତ୍ରୀମାନଙ୍କ ପାଇଁ ସମ୍ମାନଜନକ ରାଜ୍ୟ ଏବଂ କେନ୍ଦ୍ରୀୟ ଛାତ୍ରବୃତ୍ତି ଉପଲବ୍ଧ ଅଛି। ଦକ୍ଷତା ବିକାଶ କାର୍ଯକ୍ରମ ଅଧୀନରେ କେନ୍ଦୁଝର ଖଣି ପ୍ରଭାବିତ ଅଞ୍ଚଳର ଆବେଦନକାରୀଙ୍କ ପାଇଁ ଫୁଲ୍ କୋର୍ସ ଫି ଏବଂ ହଷ୍ଟେଲ ଫିସ୍ (ଜିଲ୍ଲା ଖଣିଜ ପାଣ୍ଠି) ଡି.ଏମ୍.ଏଫ୍., କେନ୍ଦୁଝର ବହନ କରିବାର ସୁଯୋଗ ରହିଛି।

ଆବେଦନ ଠିକଣା
ପ୍ରିନ୍ସିପାଲ, ଇନ୍ଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ୍ କ୍ୟାଟରିଙ୍ଗ୍ ଟେକ୍ନୋଲୋଜି ଆଣ୍ଡ୍ ଆପ୍ଲାଏଡ୍ ନ୍ୟୁଟ୍ରିସନ୍, ବୀର ସୁରେନ୍ଦ୍ର ସାଇ ନଗର, ଭୁବନେଶ୍ୱର-୭୫୧୦୧୦, ଓଡ଼ିଶା
ପ୍ରିନ୍ସିପାଲ

ବିଶେଷ ଦ୍ରଷ୍ଟବ୍ୟ:
୧. ଏକରୁ ଅଧିକ ପାଠ୍ୟକ୍ରମ ପାଇଁ ଆବେଦନ କରୁଥିଲେ ପୃଥକ ଆବେଦନ ପତ୍ର / ଆପ୍ଲିକେସନ ଫର୍ମ ପଠାଯିବା ଉଚିତ। ଯଦି ଜଣେ ପ୍ରାର୍ଥୀ ଗୋଟିଏ ପାଠ୍ୟକ୍ରମ ପାଇଁ ଏକରୁ ଅଧିକ ଆବେଦନପତ୍ର ଦାଖଲ କରନ୍ତି, ତେବେ ଗୋଟିଏ ଆବେଦନ ଯାଞ୍ଚ ପ୍ରକ୍ରିୟାକରଣ କରାଯିବ।
୨. ନାମଲେଖା ନିମନ୍ତେ ଚୟନ ପ୍ରକ୍ରିୟା ଯୋଗ୍ୟତା ମାର୍କ / ସାକ୍ଷାତକାରରେ ଆଧାରରେ ହେବ।
୩. ଆବେଦନ ପତ୍ର / ଆପ୍ଲିକେସନ ଫର୍ମକୁ ପଠାଉଥିବା ଏନଭଲପ ଉପରେ କେଉଁ ପାଠ୍ୟକ୍ରମ ନିମନ୍ତେ ଆବେଦନ କରୁଛନ୍ତି (ପାଠ୍ୟକ୍ରମର ନାମ)" ........................ ପାଠ୍ୟକ୍ରମ ପାଇଁ ଆବେଦନ" ସହିତ ଲେଖାଯିବା ଉଚିତ୍।



GOVERNMENT OF ODISHA
OFFICE OF THE SUPERINTENDING ENGINEER,
MINOR IRRIGATION DIVISION, BALASORE
AT/P.O./DIST.- BALASORE, PIN-756001
ODISHA INTEGRATED IRRIGATION PROJECT
FOR CLIMATE RESILIENT AGRICULTURE (OIIPCRA)
(WORLD BANK PROJECT ID: PI63533)
1st Corrigendum to RFB No.: OIIPCRA-BAL/W2-04/2023-24 dated 13.03.2024
TENDER CANCELLATION NOTICE
No. A-03:- The tender invited vide RFB No.: OIIPCRA-BAL/W2-04/2023-24 dated 13.03.2024 of Minor Irrigation Division, Balasore vide T.O. ltr. No. 727 dt. 13.03.2024 is hereby cancelled due to non-publishing in paper.
OIPR-32014/11/0001/2425 Sd./- Superintending Engineer, M.I. Division, Balasore



GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER,
MINOR IRRIGATION DIVISION, SAMBALPUR
Phone No. (0663)-2412791 (Off.), E-mail: eemisbp@yahoo.co.in
No. 1630/Date 19.03.2024
CANCELLATION OF e-PROCUREMENT NOTICE
TO BID REFERENCE No: SE, MID, SBP/17/2023-24
No. A-02:- Due to unavoidable circumstances the Bid Ref. No. SE MIDSBP/17/2023-24 is hereby cancelled.
Sd./- Superintending Engineer
OIPR-32036/11/0001/2425 M.I. Division, Sambalpur



GOVERNMENT OF ODISHA
Department of Water Resources
OFFICE OF THE ADDITIONAL CHIEF ENGINEER,
NORTHERN MINOR IRRIGATION CIRCLE, SAMBALPUR
E-Mail Id. - senmicsbpr@yahoo.co.in
No. 468/Dated- 30.03.2024
TENDER CANCELLATION NOTICE
ACENMIC, SBP-05/2023-24
Cancellation to Bid Identification No.- ACENMIC, SBP - 05/2023-24 dt. 07.03.2024
No.A-01:- The "e" Procurement Notice vide Bid Identification No.- ACENMIC, SBP-05/2023-24 dt 07.03.2024 for the work "Improvement to Distribution system of Girischandrapur MIP in Naktideul Block of Sambalpur District under ERM 2023-24 is hereby cancelled due to unavoidable circumstances.
Sd./- Additional Chief Engineer,
OIPR 32208/11/0002/2425 Northern Minor Irrigation Circle, Sambalpur



ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org
ପତ୍ର ସଂଖ୍ୟା: ୭୬ ବିଜ୍ଞାପନ ତା:୩୦।୦୩।୨୦୨୪
No. CAD-37: ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ବନକା ଆପାର୍ଟମେଣ୍ଟ, ଗଙ୍ଗନଗର, ୟୁନିଟ୍-୬, ଭୁବନେଶ୍ୱର ହାଉସିଂ ପ୍ରକଳ୍ପରେ ଫ୍ଲାଟ ନଂ. ଏ-୨/୩୮ (A-2/38)ଟିକୁ ଶ୍ରୀ ସଞ୍ଜୀବ କୁମାର ପାଣିଗ୍ରାହୀ, ପିତା: ୰ବିପ୍ର ଚରଣ ପାଣିଗ୍ରାହୀ, ସା: ସାପୁଆପଲ୍ଲୀ, ପୋ/ଥାନା: କଟୁ, ଜିଲ୍ଲା: ଗଞ୍ଜାମଙ୍କ ନାମରେ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ସଞ୍ଜୀବ କୁମାର ପାଣିଗ୍ରାହୀ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀମତୀ ନନ୍ଦିନୀ ସାହୁ, ସ୍ୱାମୀ: ୰ଦେବେନ୍ଦ୍ର କୁମାର ସାହୁ, ସା: ସରପଦା, ପୋ/ଥାନା: ଭଣ୍ଡାରିପୋଖରୀ, ଜିଲ୍ଲା: ଭଦ୍ରକଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।
ଉକ୍ତ ଫ୍ଲାଟ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଉକ୍ତ ବିଜ୍ଞାପନ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଲିଖିତଭାବେ ଜଣାଇ ପାରିବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଗ୍ରହଣ ଯୋଗ୍ୟ ନୁହେଁ ଏବଂ ଆଇନ ଅନୁଯାୟୀ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରାଯାଇପାରେ।
ସ୍ୱା./– ପ୍ରଶାସନିକ ଅଧିକାରୀ
OIPR-13030/11/0030/2425 ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

# ଏଥର ନବାଗତ, ପୁରୁଖାଙ୍କ ମଧ୍ୟରେ ହେବ ଲଢ଼େଇ

ଆଳି,୬।୪(ବନମାଳୀ ସେନାପତି)

କେନ୍ଦ୍ରାପଡ଼ା ଜିଲା ଆଳି ନିର୍ବାଚନମଣ୍ଡଳୀରେ ରାଜନୈତିକ ବାତାବରଣ ଉଷ୍ମ ହୋଇଛି। ପ୍ରମୁଖ ରାଜନୈତିକ ଦଳମାନେ ସେମାନଙ୍କ ଅଧିକାଂଶ ପ୍ରାର୍ଥୀଙ୍କ ନାମ ଘୋଷଣା କରିସାରିଛନ୍ତି। ଆଳି ନିର୍ବାଚନମଣ୍ଡଳୀରେ ପ୍ରତି ନିର୍ବାଚନରେ ସାଧାରଣତଃ କଂଗ୍ରେସ ଓ ବିଜେଡି ପ୍ରାର୍ଥୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥାଏ । କିନ୍ତୁ ଚଳିତ ନିର୍ବାଚନରେ ଭାଜପା ତା'ର ସଙ୍ଗଠନକୁ ସୁଦୃଢ କରି ଜଣେ ସକ୍ରିୟ ନେତାଙ୍କୁ ଟିକେଟ ଦେଇଛି। ସେଥିପାଇଁ ଚଳିତ ଥର ରାଜନୈତିକ ପାଣିପାଗ ଅନ୍ୟାନ୍ୟ ନିର୍ବାଚନଠାରୁ ଟିକେ ଅଲଗା ହେବ ବୋଲି ସାଧାରଣରେ ଆଲୋଚନା ହେଉଛି।

ଚଳିତ ନିର୍ବାଚନ ପାଇଁ ବିଜୁ ଜନତା ଦଳ ଆଳିର ବିଧାୟକ ତଥା ଶକ୍ତି ମନ୍ତ୍ରୀ ପ୍ରତାପ କେଶରୀ ଦେବଙ୍କୁ ଷଷ୍ଠ ଥର ପାଇଁ ଟିକେଟ ପ୍ରଦାନ କରିଛି। ପ୍ରତାପ ହେଉଛନ୍ତି ଆଳିର ପୂର୍ବତନ ବିଧାୟକ, ପୂର୍ବତନ ମନ୍ତ୍ରୀ, ଏମ୍‌ପି, ବିରୋଧୀ ଦଳ ନେତା ସ୍ୱର୍ଗତ ଶରତ କୁମାର ଦେବଙ୍କ ପୁଅ । ତାଙ୍କ ମାଆ ସ୍ୱର୍ଗତ ସୁଶ୍ରୀ ଦେବୀ ମଧ୍ୟ ୧୯୯୦ରୁ ୧୯୯୫ ପର୍ଯ୍ୟନ୍ତ ଆଳିର ବିଧାୟିକା ଥିଲେ। ପରେ ସେ ରାଜ୍ୟ ସଭା ସଦସ୍ୟା ଥିଲେ। ପ୍ରତାପ କେଶରୀଙ୍କ ସବୁଠାରୁ ବଡ଼ ପରିଚୟ ସେ ଆଳି ରାଜ ପରିବାରର ସଦସ୍ୟ। କଂଗ୍ରେସ ଯଦିଓ ଏ


କୃଷ୍ଣ ଚନ୍ଦ୍ର ପଣ୍ଡା


ଡଃ ଦେବସ୍ମିତା ଶର୍ମା


ପ୍ରତାପ କେଶରୀ ଦେବ

ପର୍ଯ୍ୟନ୍ତ ଆଳି ନିର୍ବାଚନମଣ୍ଡଳୀ ପାଇଁ ପ୍ରାର୍ଥୀ ତାଲିକା ପ୍ରକାଶ କରିନାହିଁ କିନ୍ତୁ ଆଳିର ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମାଙ୍କ ଝିଅ ଡାକ୍ତର ଦେବସ୍ମିତା ଶର୍ମା ଏଥର ଟିକେଟ୍ ପାଇବା ପାଇଁ ନିର୍ବାଚନ ପ୍ରଚାରରେ ବାହାରିଛନ୍ତି। ଡାକ୍ତର ଦେବସ୍ମିତା କିଛିଦିନ ପୂର୍ବରୁ ସରକାରୀ ଚାକିରି ଛାଡ଼ି ରାଜନୀତିରେ ସକ୍ରିୟ ଭାବେ ପ୍ରବେଶ କରିଛନ୍ତି। ପୂର୍ବ ଦୁଇ ନିର୍ବାଚନରେ ନିଜ ବାପା ଦେବେନ୍ଦ୍ର ଶର୍ମାଙ୍କ ନିର୍ବାଚନ ପ୍ରଚାର କାର୍ଯ୍ୟରେ ସେ ସହଯୋଗ କରି ଆସୁଥିଲେ । ସେଥିପାଇଁ ତାଙ୍କର ରାଜନୀତିରେ ଅଭିଜ୍ଞତା ରହିଛି । ସେହିପରି ଦୀର୍ଘଦିନ ହେବ ଆଳି ନିର୍ବାଚନ ମଣ୍ଡଳୀରେ ଭାଜପା ସଙ୍ଗଠନକୁ ତୃଣମୂଳସ୍ତରରୁ ଦୃଢ଼ କରିଥିବା ଜିଲା ଉପସଭାପତି କୃଷ୍ଣଚନ୍ଦ୍ର ପଣ୍ଡା ଏଥର ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ।

## ଆଳି ନିର୍ବାଚନମଣ୍ଡଳୀ

କଂଗ୍ରେସ ଓ ଭାଜପାର ୨ ନବାଗତଙ୍କ ସହ ଅଭିଜ୍ଞ ରାଜନୀତିଜ୍ଞ ତଥା ପୁରୁଖା ବିଜେଡି ନେତା ପ୍ରତାପ କେଶରୀ ଦେବଙ୍କ ଲଢ଼େଇ ହେବ। ପ୍ରତାପ କେଶରୀ ଦେବ ଦୀର୍ଘ ଦିନ ହେବ ରାଜନୀତିରେ ରହି ଆଳି ଅଞ୍ଚଳର ଯେଉଁ ବିକାଶ କରିଛନ୍ତି ତାହା ତାଙ୍କୁ ନିର୍ବାଚନ ବୈତରଣୀ ପାର କରିବାକୁ ସାହସ ଜୁଟାଇଛି । ବିଜେଡିରେ କେତେଜଣ ଅସନ୍ତୁଷ୍ଟ ନେତା ଥିଲେ ବି ସେମାନଙ୍କୁ ସନ୍ତୁଷ୍ଟ କରିବାରେ ସେ ସିଦ୍ଧହସ୍ତ। ଏଥର ନିର୍ବାଚନରେ ସେ ନିଶ୍ଚିତ ବିଜୟ ହେବେ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଆଳି ଓ ରାଜକନିକା ବ୍ଲକକୁ ନେଇ ଗଠିତ ଏହି ନିର୍ବାଚନମଣ୍ଡଳୀରେ ସମୁଦାୟ ୬୩ ଗ୍ରାମ ପଞ୍ଚାୟତ ରହିଛି। ୧୯୭୧ ନିର୍ବାଚନରୁ ଅଦ୍ୟାବଧି କଂଗ୍ରେସ ଏଠାରେ ୧୯୮୫ ରୁ ୧୯୯୦,୧୯୯୫ରୁ ୨୦୦୦ ଓ ୨୦୧୪ ରୁ ୨୦୧୯ ପର୍ଯ୍ୟନ୍ତ ତିନି ଥର ବିଜୟ ଲାଭ କରିଛି। ଅପରପକ୍ଷେ ଅନ୍ୟ ସବୁ ସମୟ ଆଳି ରାଜ ପରିବାର ହାତରେ ଶାସନ ଡୋରି ରହିଛି। ୧୯୮୫ ପର୍ଯ୍ୟନ୍ତ ଶରତ କୁମାର ଦେବ ଏଠାରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ । ତା'ପରେ ୧୯୮୫ର ପରାଜୟ ପରେ ସେ ଏକ ଉପନିର୍ବାଚନରେ କେନ୍ଦ୍ରାପଡ଼ା ଲୋକ ସଭା ଆସନରୁ ବିଜୟୀ ହୋଇଥିଲେ। ୧୯୮୮ରେ ତାଙ୍କର ପରଲୋକ ଘଟିଥିଲା। ପରେ ତାଙ୍କ ସ୍ତ୍ରୀ ସୁଶ୍ରୀ ଦେବୀ ୧୯୯୦ରୁ ୧୯୯୫ ପର୍ଯ୍ୟନ୍ତ ଆଳିର ବିଧାୟିକା ଥିଲେ। ଏହା ପରେ ୨୦୦୦ରୁ ୨୦୨୪ ପର୍ଯ୍ୟନ୍ତ ପ୍ରତାପ କେଶରୀ ଦେବ ସର୍ବାଧିକ ୧୯ ବର୍ଷ ବିଧାୟକ ରହିଛନ୍ତି। ଏଥର ସେ ବିକାଶର ଚିତ୍ର ବାଢୁଥିବା ବେଳେ ତାଙ୍କ ବିପକ୍ଷରେ ଲଢେଇ କରିବାକୁ ପ୍ରସ୍ତୁତ ଥିବା ୨ ପ୍ରାର୍ଥୀ ଦୁର୍ନୀତିକୁ ଅସ୍ତ୍ର କରି ନିର୍ବାଚନମଣ୍ଡଳୀରେ ପ୍ରଚାର ଆରମ୍ଭ କରିଛନ୍ତି। ଭାଜପା ପ୍ରାର୍ଥୀ କୃଷ୍ଣଚନ୍ଦ୍ର ପଣ୍ଡା ପୋଲିସ ଚାକିରିରୁ ସ୍ୱେଚ୍ଛାକୃତ ଅବସର ନେଇ ଭାଜପାରେ ସାମିଲ ହୋଇଥିଲେ । ଏପରି କି ସେ ଜଣେ ଭଲ ଖେଳାଳି। ଏହା ଛଡ଼ା କୌଣସି ଲୋକ ଅସୁବିଧାରେ ପଡ଼ିବା ଖବର ପାଇଲେ ସେ ସହଯୋଗର ହାତ ବଢ଼ାଇଥାଆନ୍ତି । ତେଣୁ ତାଙ୍କର ଲୋକସମ୍ପର୍କ ରହିଛି। ସେହି ଲୋକସମ୍ପର୍କକୁ ପୁଞ୍ଜି କରି ସେ ନିର୍ବାଚନ ରଣାଙ୍ଗନ ପାରିହେବା ପାଇଁ ବଦ୍ଧପରିକର। ସେହିଭଳି କଂଗ୍ରେସରୁ ପ୍ରାର୍ଥୀ ହେବା ପାଇଁ ଆବେଦନ କରିଥିବା ଡାକ୍ତର ଦେବସ୍ମିତା ଶର୍ମା ଆଳି ନିର୍ବାଚନମଣ୍ଡଳୀର ବିଭିନ୍ନ ସରକାରୀ ଡାକ୍ତରଖାନାରେ ରୋଗୀସେବା କରି ଜଣେ ଭଲ ଡାକ୍ତର ଭାବେ ପରିଚିତ । କେବଳ ସେତିକି ନୁହେଁ ତାଙ୍କର ବଡ଼ ପରିଚୟ ସେ ହେଉଛନ୍ତି ଆଳିର ସୁନାମଧନ୍ୟ ଡାକ୍ତର ତଥା ପୂର୍ବତନ ବିଧାୟକ ସ୍ୱର୍ଗତ ଦିବାକର ନାଥ ଶର୍ମାଙ୍କ ନାତୁଣୀ। ଏହି ପରିପ୍ରେକ୍ଷୀରେ ଏଥର ଆଳି ନିର୍ବାଚନମଣ୍ଡଳୀରେ ନବାଗତ ଓ ପ୍ରବୀଣଙ୍କ ମଧ୍ୟରେ ତ୍ରିମୁଖୀ ଲଢ଼େଇ ହେବ ବୋଲି ସ୍ପଷ୍ଟ ହୋଇଛି ।

# ୫ ସାହସୀ ଯୁବକଙ୍କୁ ସମ୍ବର୍ଦ୍ଧନା

## ନଦୀରୁ ୩ ଜଣଙ୍କ ଜୀବନ ବଞ୍ଚାଇଥିଲେ


୩ଜଣଙ୍କ ଜୀବନ ବଞ୍ଚାଇଥିବା ୫ ଯୁବକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

ରାଜକନିକା,୬।୪(ସଞ୍ଜୟ କୁମାର ଦାଶ)

ଶୁକ୍ରବାର ଆଳି-ରାଜକନିକାକୁ ସଂଯୋଗ କରୁଥିବା ଗଡଗଡି ସେତୁ ଉପରୁ ଜଣେ ମହିଳା ନିଜ ୯ ମାସର ଶିଶୁକନ୍ୟାକୁ ଧରି ଖରସ୍ରୋତା ନଦୀଗର୍ଭକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରୁଥିଲେ । ଏହାଦେଖି ତାଙ୍କ ସ୍ୱାମୀ ବି ନଦୀକୁ ଡେଇଁପଡ଼ିଥିଲେ । ଆଳି ବାଳକାଟି ଅଞ୍ଚଳର ୫ ଜଣ ଯୁବକ ସମସ୍ତଙ୍କୁ ନଦୀ ଗର୍ଭରୁ ଉଦ୍ଧାର କରିଥିଲେ । ୩ ଜଣଙ୍କ ଜୀବନ ବଞ୍ଚାଇଥିବା ସେହି ଯୁବକମାନଙ୍କୁ ଶନିବାର କେନ୍ଦ୍ରାପଡ଼ା ଜିଲା ରାଜକନିକା ଡାଳିକାଏନ୍ଦା ଗାଁର ବାସିନ୍ଦା ତଥା ମୁମ୍ବାଇ ଗୁରୁଦ୍ୱାରଦର୍ସ ଏମ୍‌ଡି ଡ.ହୟଗ୍ରୀବ ଗୁରୁଙ୍କ ତରଫରୁ ସାମାଜିକ କର୍ମୀ କୈଳାସ ଚନ୍ଦ୍ର ସେଠୀ ସେହି ସାହସୀ ଯୁବକ ଅଲେଖ ସେଠୀ, ବୀରେନ ରାଉତ, ସୁଶାନ୍ତ ମଲିକ, ଅଭିଷେକ ମଥାନ ଓ କୁମାର ଶୀବମ ପ୍ରମୁଖଙ୍କୁ ଉପଢୌକନ, ପୁଷ୍ପଗୁଚ୍ଛ ଓ ପ୍ରୋତ୍ସାହନ ଅର୍ଥରାଶି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ ।

ସୂଚନାଯୋଗ୍ୟ, ଶୁକ୍ରବାର କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଅଟାଳ ପଞ୍ଚାୟତ ଖନ୍ଦୋଳ ଗାଁର ବିଶ୍ୱରଞ୍ଜନ ବେହେରା ଓ ସ୍ତ୍ରୀ ମୋନାଲିସାଙ୍କ ମଧ୍ୟରେ ପାରିବାରିକ କଳହ ହୋଇଥିଲା । ମୋନାଲିସା ଝିଅକୁ ଧରି ବାପଘର ଡାଳିକାଏନ୍ଦା ଯିବା ବାଟରେ ଗଡଗଡି ସେତୁ ଉପରୁ ଖରସ୍ରୋତା ନଦୀକୁ ଡେଇଁ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିଲେ । ଏହାକୁ ଦେଖି ସ୍ତ୍ରୀଙ୍କ ପଛେ ଆସୁଥିବା ସ୍ୱାମୀ ମୋନାଲିସା ଓ ଶିଶୁକନ୍ୟାକୁ ବଞ୍ଚାଇବାକୁ ଯାଇ ସେ ମଧ୍ୟ ନଦୀକୁ ଡେଇଁ ପଡିଥିଲେ । ଘାଟକୂଳେ ବସିଥିବା ଉପରୋକ୍ତ ଯୁବକମାନେ କୂଳରେ ଥିବା ଭୁଟଭୁଟି(ଡିଙ୍ଗି)ରେ ନଦୀ ମଝିକୁ ଆସି କୁମ୍ଭୀରକୁ ଖାତିର ନ କରି ଅତି ସାହାସର ସହିତ ୩ଜଣଙ୍କୁ ଉଦ୍ଧାର କରି ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ ।

# ଅନ୍‌ଲାଇନରେ ସାମଗ୍ରୀ କାରବାର ପାଇଁ ପ୍ରତିଶ୍ରୁତି

## ଗୋପାଳପୁରରେ ଓର୍‌ମାସ ନିର୍ଦ୍ଦେଶକ

ରସୁଲପୁର,୬।୪(ରଞ୍ଜିତ ରାଉତ):

ହସ୍ତତନ୍ତ ଓ ହସ୍ତକଳା ପାଇଁ ପ୍ରସିଦ୍ଧିଲାଭ କରିଥିବା ରସୁଲପୁର ବ୍ଲକ୍‌ର ଗୋପାଳପୁର ଗାଁକୁ ଓରମାସ ନିର୍ଦ୍ଦେଶକ ତଥା ମୁଖ୍ୟ ନିର୍ବାହୀ ଅଧିକାରୀ ଗୁହା ପୁନମ ତାପସ କୁମାର ପରିଦର୍ଶନ କରିଛନ୍ତି। ସେ ଶନିବାର ଅପରାହ୍ନରେ ଆସି ଗାଁରେ ବିଭିନ୍ନ ହସ୍ତତନ୍ତ ଓ ହସ୍ତକଳା ସାମଗ୍ରୀ ତିଆରି କାରଖାନା, ମସଲା, ଛତୁଆ ପ୍ରସ୍ତୁତକାରୀ ସଂସ୍ଥାକୁ ବୁଲି ଦେଖିବା ସହ ନାନା କାରୁକାର୍ଯ୍ୟ ଏବଂ ସେଥିରେ ବ୍ୟବହୃତ କଞ୍ଚାମାଲ ସମ୍ପର୍କରେ କାରିଗରମାନଙ୍କଠାରୁ ପଚାରି ବୁଝିଛନ୍ତି। ତନ୍ତ ଚଳାଇବାର କଳାକୌଶଳ ଜାଣିବା ସହ ନିଜେ ତନ୍ତ ଚଳାଇ ଲୁଗା ବୁଣିବା ପ୍ରଣାଳୀ ଜାଣିଛନ୍ତି। ପରେ ୧୬ନମ୍ବର ଜାତୀୟ


ଗୋପାଳପୁର ହସ୍ତତନ୍ତ ସାମଗ୍ରୀ ବିକ୍ରୟ କେନ୍ଦ୍ର ନିକଟରେ ଓର୍‌ମାସ ନିର୍ଦ୍ଦେଶକ ଓ ଅନ୍ୟମାନେ ।

ରାଜପଥ ପାର୍ଶ୍ୱସ୍ଥ ମିଶନ ଶକ୍ତି କାଫେ ବୁଲି ସେଠାରେ ସ୍ଥାନ ପାଇଥିବା ହାତଗଢ଼ା ସାମଗ୍ରୀ ଦେଖି ଖୁସି ପ୍ରକଟ କରିଛନ୍ତି। ସାମଗ୍ରୀର ବଜାରୀକରଣ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଅନଲାଇନ ମାଧ୍ୟରେ ଗୋପାଳପୁରର ସାମଗ୍ରୀ କାରବାର କରିବା ଦିଗରେ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏଠାରେ ହଜାରହଜାର ଲୋକଙ୍କୁ ରୋଜଗାର ମିଳିପାରୁଛି ଜାଣି ସେ ସନ୍ତୋଷ ବ୍ୟକ୍ତ କରିଛନ୍ତି। ତାଙ୍କ ପରିଦର୍ଶନ ସମୟରେ ଯାଜପୁର ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଶୋକ କୁମାର ବେଉରିଆ, ବିଡିଓ ଅବନିକାନ୍ତ ସାହୁ, ଏବିଡିଓ ଦିବ୍ୟକାନ୍ତି ମିଶ୍ର, ବ୍ଲକ ଜୀବିକା ମିଶନ ସଂଯୋଜକ ମଧୁସ୍ମିତା ମହାନ୍ତି ପ୍ରମୁଖ ଉପସ୍ଥିତ ରହିଥିଲେ।

# ଭାଜପା ପକ୍ଷରୁ ମିଶ୍ରଣ ପର୍ବ

ରାଜନଗର,୬।୪
(ଭାସ୍କର ରାଉତରାୟ)

ଭାଜପା ପକ୍ଷରୁ ରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଟିକେଟ୍ ଘୋଷଣା ବିଳମ୍ବିତ ହେଉଥିବା ବେଳେ ଏପଟେ କିନ୍ତୁ ଟିକେଟ ପାଇଁ ପ୍ରମୁଖ ଦାବିଦାର ଥିବା ଯୁବନେତା ଅଜୟ କୁମାର ବେହେରା ସଂଗଠନକୁ ସୁଦୃଢ କରିବା ପାଇଁ ମିଶ୍ରଣ ପର୍ବ ଜାରି ରଖିଛନ୍ତି । ଶନିବାର ରାଜନଗର ବ୍ଲକ ବାଲିସାହିପାଟଣା ପଞ୍ଚାୟତ ମଧୁପୁର ଠାରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ମଣ୍ଡଳ ସଭାପତି ପ୍ରମୋଦ ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ୬୦ରୁ ଊର୍ଦ୍ଧ୍ୱ ପରିବାର ବିଜେଡି ଓ କଂଗ୍ରେସ ଛାଡି ଭାରତୀୟ ଜନତା ପାର୍ଟିରେ ସାମିଲ ହୋଇଛନ୍ତି । ଯୁବନେତା ବେହେରା ଦଳରେ ସାମିଲ ହୋଇଥିବା ସମସ୍ତଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ।

# ମା'ଅଲେଖ ସୁନ୍ଦରୀଙ୍କ ପୀଠରେ ଅଂଶୁମାନ, ଅତନୁ


ମା'ଅଲେଖ ସୁନ୍ଦରୀ ପୀଠରେ କର୍ମୀଙ୍କ ସହ ଅଂଶୁମାନ ଓ ଅତନୁ।

ମହାକାଳପଡ଼ା,୬।୪(ପ୍ରତାପ ଚନ୍ଦ୍ର ସ୍ୱାଇଁ)

ଶନିବାର ବାରୁଣୀ ମେଳା ଅବସରରେ ମା'ଅଲେଖ ସୁନ୍ଦରୀଙ୍କୁ ଦର୍ଶନ କରିଛନ୍ତି ବିଜେଡିର ଲୋକ ସଭା ପ୍ରାର୍ଥୀ ଅଂଶୁମାନ ମହାନ୍ତି ଓ ବିଧାୟକ ପ୍ରାର୍ଥୀ ଅତନୁ ସବ୍ୟସାଚୀ ନାୟକ । ଏହି ଅବସରରେ ଏକ ବିଶାଳ ବାଇକ ଶୋଭାଯାତ୍ରା ଶନିବାର ସକାଳେ ଅନୁଷ୍ଠିତ ହୋଇଥିଲା । ଏହି ଶୋଭାଯାତ୍ରା ରାହାମା ବାବରଠାରୁ ବାହାରି ଗଗୁଆ, ବଳିଗଣ୍ଡ, ନାଞ୍ଜୁରା, କାଇତାଲା, ଭୋପାଳ, ତନ୍ତିଆପାଳ, ରଟପଙ୍କ ଆଦି ଗ୍ରାମ ପରିକ୍ରମା କରି ମା' ଅଲେଖ ସୁନ୍ଦରୀ ପୀଠରେ ପହଞ୍ଚିଥିଲା । ସେଠାରେ ଅଂଶୁମାନ ଓ ଅତନୁ ପୂଜାର୍ଚ୍ଚନା କରିବା ସହିତ ମା'ଙ୍କ ଆଶିଷ ଭିକ୍ଷା କରିଥିଲେ । ପରେ ଜଗରିଜୋରଠାରେ ମା'ଶ୍ୟାମା କାଳୀଙ୍କ ଦର୍ଶନ କରିଥିଲେ। ଅଂଶୁମାନ ଖବରଦାତାମାନଙ୍କ ପ୍ରଶ୍ନରେ ବିଜୁ ବାବୁ ଓ ନବୀନ ବାବୁଙ୍କ ଅଧୁରା ସ୍ୱପ୍ନକୁ ପୂରଣ କରିବା ପାଇଁ ଯଥେଷ୍ଟ ଉଦ୍ୟମ କରିବି ବୋଲି କହିଛନ୍ତି। ସେହିପରି ଜଣେ ହେଭିୱେଟ ନେତାଙ୍କ ସହିତ ଆପଣଙ୍କ ଲଢ଼େଇ କେମିତି ରହିବ ବୋଲି ପ୍ରଶ୍ନରେ ସେ କହିଛନ୍ତି, କେନ୍ଦ୍ରାପଡ଼ାବାସୀ ହିଁ ହେଭିୱେଟ, ଅନ୍ୟ କେହି ହେଭିୱେଟ୍ ନୁହନ୍ତି । ଏହି ଅବସରରେ ବ୍ଲକ ଅଧ୍ୟକ୍ଷା କଳ୍ପନା ରାଉତ, ଯୁବନେତା ଦେବଦତ୍ତ ପରିଡ଼ା, ସୁବାସ ମହାନ୍ତି, ମନୋଜ ପାତ୍ର, ଗଗନ ପ୍ରଧାନ, ଅପୁ ପରିଡ଼ା, ଆମ୍ବା ଅଧ୍ୟକ୍ଷ ବିଜୟ କୁମାର ଜେନା, ଅରବିନ୍ଦ ଜେନା, ନାରୀନେତ୍ରୀ ସୁରଭି ଜେନା, ନଳିନୀ ପ୍ରଭା ଚୌଧୁରୀ, ବିଶ୍ୱଜିତ ବସୁଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

# ଭାଜପାର ପ୍ରତିଷ୍ଠା ଦିବସ ପାଳିତ


ଭାଜପାର ପ୍ରତିଷ୍ଠା ଦିବସରେ ସାମିଲ ହୋଇଥିବା ଦଳୀୟ କର୍ମୀ ଓ ନେତା ।

ରାଜକନିକା,୬।୪(ସଞ୍ଜୟ କୁମାର ଦାଶ)

ରାଜ୍ୟ ଭାଜପା ଯୁବମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ଶ୍ରେୟସ ଦାସଙ୍କ ସଭାପତିତ୍ୱ ଓ ଜିଲା ଭାଜପା ଯୁବମୋର୍ଚ୍ଚା ଉପସଭାପତି ସନ୍ତୋଷ କରଙ୍କ ସଂଯୋଜନାରେ ରାଜକନିକାସ୍ଥିତ ଭାଜପା ଯୁବମୋର୍ଚ୍ଚା କାର୍ଯ୍ୟାଳୟଠାରେ ଶନିବାର ଭାଜପାର ୪୫ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଅତିଥି ଭାବେ ବରିଷ୍ଠ ଭାଜପା ନେତ୍ରୀ ଜିତା ଦାସ ଯୋଗଦେଇ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲା ଭାଜପା ଯୁବମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ଶାରଦା ପ୍ରସନ୍ନ ବିଶ୍ୱାଳ, ଜିଲା ସଂଯୋଜକ ଦୀପକ କୁମାର ମଲିକ, ଜିଲା ସଂଯୋଜକ ପ୍ରବୀର ନାୟକ, ଜିଲା ସଂଯୋଜକ ସୁଜିତ ବେହେରା, ୨୮ନଂ.ଜୋନ ସଭାପତି ରାଜେନ୍ଦ୍ର ବେହେରା, ସାଧାରଣ ସମ୍ପାଦକ ପ୍ରକାଶ ନାୟକ, ୨୯ନଂ. ଜୋନ ସଭାପତି ଦିଲୀପ ପରିଡା, ୨୮ନଂ. ଜୋନ୍ ଯୁବମୋର୍ଚ୍ଚା ଉପସଭାପତି ସୁବାସ ନାୟକ, ସଚିନ ଦାସ, ଜଗନ୍ନାଥ ସାମଲ, ଯୁବନେତା ଅମୀୟ ନାୟକ, ପ୍ରସନ୍ନ ଜେନା ପ୍ରମୁଖଙ୍କ ସମେତ ଯୁବମୋର୍ଚ୍ଚାର ସମସ୍ତ ସଦସ୍ୟା ସଦସ୍ୟ ଉପସ୍ଥିତ ଥିଲେ ।

# ପଞ୍ଚୁପାଣ୍ଡବ,ଖଲାରେଶ୍ୱରରେ ବାରୁଣୀ ସ୍ନାନ

ଡେରାବିଶ,୬।୪(ବେବର୍ତ୍ତା ଅଜୟ ଦାସ)

ଚଳିତ ବର୍ଷ ମହାଯୋଗ ବାରୁଣୀ ପଡ଼ିଥିବାରୁ ଶନିବାର ଡେରାବିଶ ବ୍ଲକ ଅଧୀନ ଏଣ୍ଡର ପଞ୍ଚାୟତ ପ୍ରସିଦ୍ଧ ଧର୍ମପୀଠ ପଞ୍ଚୁପାଣ୍ଡବ ମନ୍ଦିର ନିକଟରେ ବହିଯାଇଥିବା ଗୋବରୀ ନଦୀର ତୀର୍ଥ କୂଳରେ ହଜାର ହଜାର ଶ୍ରଦ୍ଧାଳୁ ବାରୁଣୀ ସ୍ନାନ କରିଛନ୍ତି । ବିଶ୍ୱାସ ରହିଛି ଆଜି ଦିନରେ ଭିକ୍ଷୁକମାନଙ୍କୁ ଶସ୍ୟ ଦାନ କଲେ ଘର ଧନଧାନ୍ୟରେ ପୁରଣ ହୋଇଥାଏ । ଏହି ବାରୁଣୀ ଯାତ୍ରା ସହ ମହାଭାରତ ସମୟର କଥାବସ୍ତୁ ଜଡ଼ିତ ଥିବାରୁ କେନ୍ଦ୍ରାପଡ଼ା ଜିଲ୍ଲା ସମେତ ଅବିଭକ୍ତ କଟକ ଜିଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା । ଶିକ୍ଷାବିତ୍ ହରେକୃଷ୍ଣ ମହାନ୍ତିଙ୍କ ସୂଚନା ଅନୁଯାୟୀ ଦ୍ୱାପର ଯୁଗରେ ଅଜ୍ଞାତବାସ ସମୟରେ ପାଣ୍ଡବ ପାଞ୍ଚଭାଇ, ମାତା କୁନ୍ତି, ସ୍ତ୍ରୀ ଦ୍ରୌପଦୀଙ୍କ ସମେତ ଭଗବାନ ଶ୍ରୀକୃଷ୍ଣ ଡେରାଡିହ ଠାରେ ଅବସ୍ଥାନ କରିଥିଲେ । ସେହି ସମୟରେ ଗୋବରୀ ନଦୀର ତୀର୍ଥ କୂଳରେ ବାରୁଣୀ ସ୍ନାନର ସମ୍ପର୍କ ଏହି କଥାବସ୍ତୁ ସହ ରହିଥିବା ନେଇ ସାଧାରଣ ଲୋକଙ୍କ ବିଶ୍ୱାସ ରହିଛି । ତେବେ ଆଜି ଡେରାଡିହ ଠାରେ ପାଣ୍ଡବ ପାଞ୍ଚଭାଇ, ମାତା କୁନ୍ତି, ସ୍ତ୍ରୀ ଦ୍ରୌପଦୀଙ୍କ ସମେତ ରାଧାକୃଷ୍ଣ ଓ ରାମେଶ୍ୱରଙ୍କ ମନ୍ଦିର ରହିଥିବାରୁ ଏହା ଏକ ଧର୍ମପୀଠରେ ପରିଣତ ହୋଇଛି । ବାରୁଣୀ ଯାତ୍ରାରେ ପ୍ରତ୍ୟେହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କମିଟିର ସଭାପତି ଜ୍ୟୋତିରଞ୍ଜନ ସୁନ୍ଦରାୟ କହିଛନ୍ତି।

ସେହିପରି ବ୍ଲକ ଅଧୀନ ଯଅଁରାବାରିମୂଳ ପଞ୍ଚାୟତ ଲୁଣାନଦୀର ଅର୍ଦ୍ଧାମୂଳ ଠାରେ ଥିବା ପ୍ରସିଦ୍ଧ ଶୈବପୀଠ ଖଲାରେଶ୍ୱରଙ୍କ ମନ୍ଦିର ନିକଟରେ ନଦୀଘାଟରେ ବହୁ ଶ୍ରଦ୍ଧାଳୁ ଶନିବାର ବୁଡ଼ ପକାଇ ଖଲାରେଶ୍ୱର ଓ ମା' ଛିନ୍ନମସ୍ତାଙ୍କୁ ଦର୍ଶନ କରିଛନ୍ତି ।

# କଂଗ୍ରେସ ପକ୍ଷରୁ ମିଶ୍ରଣ ସମାବେଶ



ଡେରାବିଶ,୬ ।୪(ବେବର୍ତ୍ତା ଅଜୟ ଦାସ)

ନରସିଂହପୁର ପଞ୍ଚାୟତ ପାଟକୁରା କଂଗ୍ରେସ ପକ୍ଷରୁ ଏକ ମିଶ୍ରଣ ସମାବେଶ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ବ୍ଲକ କଂଗ୍ରେସ ସଭାପତି ଉମେଶ ଚନ୍ଦ୍ର ତ୍ରିପାଠୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନରସିଂହପୁର ପଞ୍ଚାୟତର ବହୁ ବିଜେଡି ଓ ଭାଜପା କର୍ମୀ ଦଳତ୍ୟାଗ କରି କଂଗ୍ରେସରେ ଯୋଗଦେଇଥିଲେ। ସଂଗ୍ରାମ ମଲ୍ଲ, ରବିନ୍ଦ୍ର ମଲିକ, ତ୍ରିଲୋଚନ ରାଉତ, କବିତା ମଲିକ, ଶିବ ରାଉତ ପ୍ରମୁଖଙ୍କ ସମେତ ୨୦ରୁ ଊର୍ଦ୍ଧ୍ୱ କର୍ମୀ କଂଗ୍ରେସ ନେତା ଡ. ରତିକାନ୍ତ କାନୁନଗୋଙ୍କ ଉପରେ ଆସ୍ଥା ପ୍ରକଟ କରି କଂଗ୍ରେସରେ ଯୋଗଦେଇଥିଲେ ।

# ଜଙ୍ଗଲ ଜମିରୁ ମୋରମ ଲୁଟ୍

## ବିପଦରେ କୋରାବନ୍ଧୀ ଶାଳ ଜଙ୍ଗଲ

କୋରେଇ,୬।୪(ଚନ୍ଦ୍ରକାନ୍ତ ପତି)

ଯାଜପୁର ଜିଲା ବ୍ୟାସନଗର ତହସିଲ ଅଞ୍ଚଳରେ ଲଘୁ ଖଣିଜ ସମ୍ପଦ ଚୋରା ଚାଲାଣ ବନ୍ଦ ହେବାର ନାଁ ଧରୁନାହିଁ। ରକ୍ଷକମାନେ ଭକ୍ଷକ ସାଜି ରାଜସ୍ୱ ହରିଲୁଟ୍‌ର ମାଧ୍ୟମ ସାଜିଛନ୍ତି। ବାଲି, ମାଟି, ମୋରମ, ମାଙ୍କଡା ପଥର ଆଦି ଲଘୁ ଖଣିଜ ଦ୍ରବ୍ୟ ଚୋରା ବ୍ୟବସାୟ କରି ମାଫିଆମାନେ ଲାଭବାନ ହେଉଛନ୍ତି। ଏନେଇ ଖଣି ବିଭାଗଠାରୁ ଆରମ୍ଭ କରି ତହସିଲ ଏବଂ ବନବିଭାଗ ଅଧିକାରୀଙ୍କୁ ଯେତେ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ପରୋକ୍ଷରେ ଅଧିକାରୀମାନେ ମାଫିଆଙ୍କଠାରୁ ମୋଟା ଅଙ୍କର ଅର୍ଥ ଅସୁଲ କରି ମୋରମ ଚୋରିରେ ସହଭାଗୀ ସାଜିଥିବା ଆଲୋଚନା ହେଉଛି। ଅଭିଯୋଗ ଅନୁଯାୟୀ କଟକ ବନଖଣ୍ଡ ଯାଜପୁର ରୋଡ୍ ରେଞ୍ଜ ପଛିକୋଟ ଡିପିଏଫ (ଡିମାର୍କେଟ ପ୍ରୋଟେକ୍ଟ ଫରେଷ୍ଟ) ଅଧୀନ କୋରାବନ୍ଧୀ ଶାଳ ଜଙ୍ଗଲ ନିକଟରୁ ଜଣେ ଠିକାଦାର ପ୍ରାୟ ୫୦ ଲକ୍ଷ ଟଙ୍କାର ମୋରମ ଲୁଟ କରିଛନ୍ତି। କୋରାବନ୍ଧୀଠାରୁ ପାଟରଙ୍ଗା ଭାୟା ଗୋହିରାଗଡ଼ିଆ ଜଙ୍ଗଲ କଡ଼ରେ ଥିବା ମାଟି ରାସ୍ତାର ସମ୍ପ୍ରସାରଣ ନିମନ୍ତେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଟେଣ୍ଡର କରାଯାଇଛି। ଏହି ରାସ୍ତା କାମ ପାଇଁ ପ୍ରଚୁର ମୋରମ ଆବଶ୍ୟକ ଥିବାବେଳେ ବିନା ସରକାରୀ କାଗଜପତ୍ରରେ ରାଜସ୍ୱ ଓ ବନବିଭାଗର କର୍ମଚାରୀଙ୍କୁ ହାତଗୁଞ୍ଜା ଦେଇ ଠିକାଦାର ଜଣକ ଦୀର୍ଘଦିନ ହେବ ଜଙ୍ଗଲ ଜମିରୁ ମେଶିନ ଲଗାଇ ମୋରମ ଉତ୍ତୋଳନ କରୁଥିବା ଅଭିଯୋଗ ହୋଇଛି। ଭାଲୁକାହୁଡ଼ି ଆଦିବାସୀ ବସ୍ତିର ଗୋହିରାଗଡ଼ିଆ ମୌଜା ଖାତା ନଂ. ୨୨୯ ଏବଂ ପ୍ଲଟ ନଂ. ୩୧ ଜଙ୍ଗଲ ଜମିରୁ ଏହି ଲୁଟ୍ ହୋଇଛି। ଫଳରେ ଭାଲୁକାହୁଡ଼ି ପ୍ରାଇମେରୀ ସ୍କୁଲ ନିକଟରେ ବିଶାଳ ଗର୍ତ୍ତ ସୃଷ୍ଟି ହୋଇ ପିଲାମାନଙ୍କ ପାଇଁ ବିପଦ ସୃଷ୍ଟି ହୋଇଛି। ଏନେଇ ଗ୍ରାମବାସୀ ପୂର୍ବରୁ ଯାଜପୁର ରୋଡ୍ ବନବିଭାଗକୁ ଜଣାଇଥିଲେ ହେଁ ଚଢ଼ାଉ କରାଯାଇ ଠିକାଦାରଙ୍କ ସହିତ ସଲାସୁତୁରା କରି ଗାଡ଼ିଗୁଡ଼ିକ ଛାଡ଼ି ଦିଆଯାଇଥିବା ଅଭିଯୋଗ ହୋଇଛି। ପରେ ସେ ବନବିଭାଗ ଏବଂ ତହସିଲ କର୍ମଚାରୀଙ୍କ ସହାୟତାରେ ମୋରମ ଲୁଟ୍‌ରେ ଲିପ୍ତ ରହିଛନ୍ତି। ଫଳରେ ସରକାର ଲକ୍ଷାଧିକ ଟଙ୍କାର ରାଜସ୍ୱ ହରାଇବା ସହ କୋରାବନ୍ଧୀ ଜଙ୍ଗଲ ପ୍ରତି ବିପଦ ସୃଷ୍ଟି ହୋଇଛି। ରାତିରେ ମୋରମ ଗାଡ଼ି ଚଳପ୍ରଚଳ ଯୋଗୁ ବନ୍ୟପ୍ରାଣୀମାନେ ମଧ୍ୟ ଗାଁମୁହାଁ ହେଉଛନ୍ତି। ଏନେଇ ଯାଜପୁର ରୋଡ୍ ରେଞ୍ଜ ଅଧିକାରୀ ଜ୍ୟୋତିରଞ୍ଜନ ମହାପାତ୍ରଙ୍କୁ ପଚାରିବାରେ ଏହା ଗ୍ରାମ୍ୟ ଜଙ୍ଗଲ ତେଣୁ ଏହା ତହସିଲଦାର ବୁଝିବେ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ତହସିଲଦାର ଦେବାଶିଷ ରାଉତଙ୍କୁ ତାଙ୍କ ମୋବାଇଲ ଫୋନରେ ଏକାଧିକ ଥର ଯୋଗାଯୋଗ କରାଯାଇଥିଲେ ହେଁ ସେ କଲ୍ ଗ୍ରହଣ କରିନାହାନ୍ତି।


ମୋରମ ଲୁଟ୍ ହୋଇଥିବା ସ୍ଥାନ ।

## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ଇଞ୍ଜିନିୟର ମୃତ

ପାରାଦୀପ,୬।୪(ଶରତ ରାଉତ)

ପାରାଦୀପ ଚଣ୍ଡିଖୋଲ ୫୩ ନଂ. ଜାତୀୟ ରାଜପଥ ଲକ୍ଥାନା ଅନ୍ତର୍ଗତ ଜିରୋପଏଣ୍ଟ ପାଖରେ ଶନିବାର ଦୁର୍ଘଟଣା ଘଟିଛି। ସନ୍ଧ୍ୟା ୮ଟା୩୦ରେ ଜଣେ ଇଞ୍ଜିନିୟର ଚାଲି ଚାଲି ରାସ୍ତା ଅତିକ୍ରମ କରୁଥିବା ବେଳେ ଏକ ଅଜଣା ଟ୍ରକ ତାଙ୍କୁ ଧକ୍କା ଦେଇ ପଳାଇଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପ୍ରିନ୍ସ ସିଂ (୪୨)। ତାଙ୍କ ଘର ବିହାର ମୁଜାଫରପୁର ଅଞ୍ଚଳରେ ବୋଲି ଜଣାପଡ଼ିଛି। ସେ ତୈଳବିଶୋଧନାଗାର ପରିସରରେ ଥିବା ଏକ ଠିକା କମ୍ପାନୀର ଇଞ୍ଜିନିୟର ଥିଲେ। ସନ୍ଧ୍ୟାରେ ଡ୍ୟୁଟିସାରି ଗଡବଜାରରେ ଥିବା ଭଡ଼ାଘରକୁ ଫେରିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଖବରପାଇ ଲକ୍ଥାନା ପୋଲିସ ପହଞ୍ଚି ଘଟଣାସ୍ଥଳରୁ ମୃତଦେହ ଜବତ କରିବା ସହ ବିଜୁ ମେମୋରିଆଲ ହସ୍ପିଟାଲରେ ସଂରକ୍ଷିତ ରଖିଛି। ଘର ଲୋକେ ପହଞ୍ଚିବା ପରେ ମୃତଦେହ ବ୍ୟବଚ୍ଛେଦ ହେବ ବୋଲି ପୋଲିସ କହିଛି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିଲା।

### ୧୫ ଗ୍ରାମ୍ ବ୍ରାଉନ୍ସୁଗାର ଜବତ: ୨ ଗିରଫ

ପାରାଦୀପ,୬।୪(ଶରତ ରାଉତ)

ପାରାଦୀପ ଲକ୍ଥାନା ପୋଲିସ ଶନିବାର ବ୍ରାଉନସୁଗାର ବିକ୍ରି ଘଟଣାରେ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନଙ୍କ ହେଲେ ପ୍ରଦୀପ ମନ୍ତ୍ରୀ ଓ ଶ୍ରୀକାନ୍ତ ସାହୁ। ଉଭୟଙ୍କ ପାଖରୁ ୧୫ ଗ୍ରାମ ବ୍ରାଉନ୍ସୁଗାର ଜବତ କରାଯାଇଛି। ଏନେଇ ଥାନାରେ ମାମଲା (ନଂ.୧୫୨/୨୪) ରୁଜୁ ହୋଇଛି। ଲକ୍ପଡା ପାଖରେ ବ୍ରାଉନ୍ସୁଗାର ନେବାବେଳେ ପାଟ୍ରୋଲିଂ ପୋଲିସ ସେମାନଙ୍କୁ ଧରିଥିଲା।

### ବୁଥ୍ ଅନ୍ୟତ୍ର ସ୍ଥାନାନ୍ତର ନ କରିବାକୁ ଦାବି

ରାଜକନିକା,୬।୪(ରବୀନ୍ଦ୍ର କୁମାର ଦାସ)

ରାଜକନିକା ବ୍ଲକ ଅନ୍ତର୍ଗତ ହାଟସାହି ପଞ୍ଚାୟତ ଗାଁ ବଟରପଡାର ୧୨ ନମ୍ବର ବୁଥ୍କୁ ପଧାନପଡ଼ା ପଞ୍ଚାୟତର ଗହମପାଳକୁ ସ୍କୁଲକୁ ଉଠାଇ ନିଆଯିବା ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଏହାକୁ ବାତିଲ କରାଯାଇ ବଟରପଡାଠାରେ ପୂର୍ବଭଳି ବୁଥ୍ କରାଯିବାକୁ ଦାବି ହୋଇଛି। ସୂଚନା ଅନୁସାରେ, ହାଟସାହି ପଞ୍ଚାୟତରୁ ୫ କିଲୋମିଟର ଦୂରରେ ବଟରପଡ଼ା ଗାଁ। ଏହା ହେଉଛି ହାଟସାହି ପଞ୍ଚାୟତର ୧ ନଂ. ୱାର୍ଡ। ଏହି ଗାଁକୁ ଘେରି ରହିଛି ନଦୀନାଳ। ଏଠାରେ ୫୦ ପରିବାର ବସବାସ କରନ୍ତି। ଲୋକସଂଖ୍ୟା ୨୫୦ରୁ ଅଧିକ। ତେବେ ପ୍ରତିକୂଳ ପରିସ୍ଥିତିରେ ବି ପିଢ଼ି ପରେ ପିଢ଼ି ବିଭିନ୍ନ ସମୟରେ ବହୁ ଅସୁବିଧାକୁ ସାମ୍ନା କରୁଛନ୍ତି। ଗତବର୍ଷ ପିଲା କମ୍ ଦର୍ଶାଇ ବଟରପଡା ସ୍କୁଲକୁ ଗହମପାଳରେ ମିଶାଇ ଦିଆଗଲା। ପୁଣି ଚଳିତବର୍ଷ ସାଧାରଣ ନିର୍ବାଚନରେ ବଟରପଡ଼ାରେ ଥିବା ଏକମାତ୍ର ବୁଥ୍କୁ ପୁଣି ଗହମପାଳକୁ ନିଆଯାଇଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଗ୍ରାମବାସୀଙ୍କ ପ୍ରତି ସରକାରଙ୍କ ଏଭଳି ବୈମାତୃକ ମନୋଭାବକୁ ନିନ୍ଦା କରାଯାଇଛି। ତେବେ ବଟରପଡାଠାରୁ ପଧାନପଡା ପଞ୍ଚାୟତର ଗହମପାଳ ଗାଁକୁ ଯିବା ପାଇଁ ହେଲେ ପେଟ ନଦୀରେ ଏକ ସେତୁ ଦେଇଯିବା ସହ ଗହମପାଳ ଠୁ ବାଟରପଡା ୩ କିଲୋମିଟର ଦୂର ଏବଂ ବର୍ତ୍ତମାନ ଯେଉଁଭଳି ରୌଦ୍ର ତାପରେ ଯିବା ସମ୍ଭବ ନୁହେଁ। ତା' ଛଡା ଘର ପାଖରେ ସ୍କୁଲ ଘର ଥାଇ ବି ବୁଥକୁ ଅନ୍ୟତ୍ର ସ୍ଥାନାନ୍ତର କରାଯିବା ଉପରେ ପ୍ରଶ୍ନ ଉଠିଛି। ଏମିତିକି ଏହି ବୁଥକୁ ଯିବା ପାଇଁ ହେଲେ ବରିଷ୍ଠ ନାଗରିକ ଓ ନୂଆ ଭୂଆସୁଣୀଙ୍କ ପକ୍ଷେ କଷ୍ଟକର ହେବ। ଏଥିପାଇଁ ଏହି ବୁଥକୁ ଅନ୍ୟତ୍ର ସ୍ଥାନାନ୍ତର କରାଯିବା ପାଇଁ ଦାବି କରିଛନ୍ତି ଭରତ ବେହୁରିଆ, ନିମାଇଁ ବେହୁରିଆ, କହ୍ନେଇ ସାହାଣୀ, ଅଜୟ ବେହୁରିଆ, ଆଦିକନ୍ଦ ହେୁରିଆ, ସୁଧାଂଶୁ ଶେଖର ବେହୁରିଆ, ରଶ୍ମିତା ବେହୁରିଆ, ସୁରେନ୍ଦ୍ର ବେହୁରିଆ, ନଗେନ୍ଦ୍ର ବେହୁରିଆ, ବନମାଳୀ ବେହୁରିଆ ପ୍ରମୁଖ ଦାବି କରିବା ସହ ଏହା ଉପରେ ପୁଣି ବିଚାର କରିବାକୁ ମଧ୍ୟ ଦାବି ଉଠୁଛି। ଅନ୍ୟଥା ଚଳିତ ନିର୍ବାଚନରେ ଭୋଟ ବର୍ଜନ କରିବାକୁ ମଧ୍ୟ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

# ନଦୀବନ୍ଧ ପାର୍ଶ୍ୱରୁ ମାଟି ଖୋଳି ଚାଲିଛି ବନ୍ଧ କାର୍ଯ୍ୟ

ନାଉଗାଁ,୬।୪(ସୁଧା ବେହୁରା)

**ଦେବୀ ନଦୀବନ୍ଧ ରାସ୍ତାର ଉନ୍ନତୀକରଣ କାର୍ଯ୍ୟ**

- ନଦୀରେ ବନ୍ୟା ଆସିଲେ ବନ୍ଧ ପ୍ରତି ବିପଦ ଆଶଙ୍କା
- ଦୈନିକ ମାଟି ତଡ଼ାଯାଇ ବାହାରେ ବିକ୍ରି କରାଯାଉଥିବା ଅଭିଯୋଗ
- ଥାନାରେ ଲିଖିତ ଅଭିଯୋଗ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ଶୂନ


ଦେବୀନଦୀ ବନ୍ଧ ନିକଟ ଏକ ପ୍ଲଟ୍ରୁ ମାଟି ଖୋଳାଯାଉଛି।

ଜଗତ୍ସିଂହପୁର ଓ ଆଳିପିଙ୍ଗଳ ଜଳସେଚନ ବିଭାଗ ଅଧୀନରେ ନାଉଗାଁ ବ୍ଲକ ଅନ୍ତର୍ଗତ ଦେବୀନଦୀ ବାମ ପାର୍ଶ୍ୱ ନଦୀବନ୍ଧର ଦେବୀଦୋଳଠାରୁ ଅଙ୍ଗେଶ୍ୱରପଡ଼ା ପର୍ଯ୍ୟନ୍ତ ରାସ୍ତାର ଉନ୍ନତୀକରଣ କାର୍ଯ୍ୟ ଜାରି ରହିଛି। ଏହି କାର୍ଯ୍ୟ ବର୍ତ୍ତମାନ ଦେବୀଦୋଳ ନଦୀ ବନ୍ଧ ନିକଟରୁ ଆରମ୍ଭ କରାଯାଇଛି। ଏହି କାର୍ଯ୍ୟ ପାଇଁ ମାଟିର ଆବଶ୍ୟକତା ରହିଛି। ଏନେଇ ଠିକାଦାର ମନଇଚ୍ଛା ନଦୀ ବନ୍ଧ ପାର୍ଶ୍ୱରୁ ମାଟି ତାଡି ନଦୀ ବନ୍ଧରେ ପକାଉଥିବା ଦେଖାଯାଇଛି। ଫଳରେ ବର୍ଷା ଦିନେ ବନ୍ୟା ଆସିଲେ ନଦୀବନ୍ଧ ପ୍ରତି ବିପଦ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଅପରପକ୍ଷେ ନଦୀବନ୍ଧ ଉନ୍ନତି ଆଳରେ ଦୈନିକ ମାଟି ତଡ଼ାଯାଇ ବାହାରେ ବିକ୍ରି କରାଯାଉଥିବା ନେଇ କେତେଜଣ ନାମ ଗୋପନ ରଖି ପ୍ରକାଶ କରିଛନ୍ତି। ନଦୀବନ୍ଧ ପାର୍ଶ୍ୱରୁ ବେଆଇନ ମାଟି ତଡ଼ାକୁ ନେଇ ରୋହିଆ ଗ୍ରାମର କମଳ ଲୋଚନ ମହାନ୍ତି ୩୦ ମାର୍ଚ୍ଚ ୨୦୨୪ ନାଉଗାଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସରକାରୀ ନିୟମାନୁସାରେ, ନଦୀପଠାରୁ ମାଟି ଉଠାଇବା ପାଇଁ ଜଳସେଚନ ବିଭାଗ ପକ୍ଷରୁ ସ୍ଥାନୀୟ ତହସିଲର ଅନୁମତି ପାଇଁ ଚିଠି ପ୍ରଦାନ କରାଯିବ। ନଦୀ ପଠାରୁ କେଉଁ ପ୍ଲଟରୁ କେତେ ମାଟି ଉଠିବ ତହସିଲ ପକ୍ଷରୁ ସ୍ଥାନ ଚିହ୍ନଟ କରାଯିବ। ଚିହ୍ନଟ ସ୍ଥାନରୁ କେତେ କ୍ୟୁବିକ ମିଟର ମାଟି ଉତ୍ତୋଳନ କରାଯିବ ଓ କ୍ୟୁବିକ ପ୍ରତି କେତେ ଟଙ୍କା ଦେବାକୁ ପଡ଼ିବ ତାହା ସରକାରୀ ନିୟମାନୁସାରେ ସ୍ଥିର କରାଯିବ। କିନ୍ତୁ ବର୍ତ୍ତମାନ ବନ୍ଧ କାର୍ଯ୍ୟ କରୁଥିବା ଠିକାଦାର ଉକ୍ତ ନିୟମ ମାନୁ ନ ଥିବା ଅଭିଯୋଗ ହୋଇଛି। ଏନେଇ ସ୍ଥାନୀୟ ଅଞ୍ଚଳରେ ଜନଅସନ୍ତୋଷ ଦେଖାଦେଇଛି। ଏ ବିଷୟରେ ତହସିଲଦାର ଶୁଭାଶିଷ ପରିଡାଙ୍କୁ ପଚାରିବାରେ ନଦୀ ବନ୍ଧ କାର୍ଯ୍ୟ ପାଇଁ ମାଟି ଉଠାଯାଉଛି। ତେବେ କେଉଁ ପ୍ଲଟରୁ ଉଠାଯାଉଛି ତାହା କାଗଜପତ୍ର ଦେଖିଲେ ଜଣାପଡ଼ିବ। ଯଦି ଅନ୍ୟ ସ୍ଥାନରୁ ମାଟି ଉଠାଯାଉଥିବ ତାହାକୁ ତଦନ୍ତ କରି ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ।

# ନାଉଗାଁ ପୋଲିସର ଫ୍ଲାଗ୍ମାର୍ଚ୍ଚ



ନାଉଗାଁ,୬।୪(ସୁଧା ବେହୁରା)

ଜଗତ୍ସିଂହପୁର ଜିଲାର ନାଉଗାଁ ଥାନା ପକ୍ଷରୁ ବିଭିନ୍ନ ବଜାର ଓ ଛକଗୁଡ଼ିକରେ ଫ୍ଲାଗ ମାର୍ଚ୍ଚ କରାଯାଇ ଶାନ୍ତିଶୃଙ୍ଖଳା ସହ ଆଗାମୀ ନିର୍ବାଚନ ପରିଚାଳନା ପାଇଁ ଜନସାଧାରଣଙ୍କୁ ନିବେଦନ କରାଯାଇଛି। ୨୦୨୪ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଜଗତ୍ସିଂହପୁର ଏସ୍ପିଙ୍କ ନିର୍ଦ୍ଦେଶକ୍ରମେ ଏସ୍ଡିପିଓ ରଶ୍ମିରଞ୍ଜନ ସାହୁଙ୍କ ତତ୍ତ୍ୱାବଧାନରେ ନାଉଗାଁ ଥାନା ଆଇଆଇସି ସଂଘମିତ୍ରା ନାୟକଙ୍କ ସମେତ ସମସ୍ତ ପୋଲିସ ଓ କେନ୍ଦ୍ରୀୟ ଫୋର୍ସ ସାମିଲ ହୋଇ ନାଉଗାଁ ବଜାର ସହ ବ୍ଲକ ଛକ, ଘୋଡାଂଶ ଛକ, ମୁଣ୍ଡାଳୋ ବଜାର, ଅଲଣାହାଟ, ଗଜରାଜପୁର, ଦେବୀଦୋଳ ଆଦି ସ୍ଥାନରେ ଫ୍ଲାଗମାର୍ଚ୍ଚ କରିଥିଲେ।

# ମା'କନକଦୁର୍ଗାଙ୍କ ପୀଠରେ ପ୍ରସିଦ୍ଧ ବାରୁଣୀ ଯାତ୍ରା


ବାରୁଣୀ ଯାତ୍ରା ଲାଗି ପୀଠରେ ଭକ୍ତଙ୍କ ଭିଡ଼।

ଜଗତ୍ସିଂହପୁର, ୬।୪ (ପ୍ରମୋଦ କୁମାର ନାୟକ)

- ଦାଣ୍ଡ ଓଳାଇଲେ ଓ କୁକୁଡ଼ା ଉଡାଇଲେ ଲୋକେ
- ମରହଟ୍ଟା ଶାସନ ସମୟରୁ ମା'ଙ୍କ ପୀଠର ପ୍ରସିଦ୍ଧି ରହିଛି

ଜଗତ୍ସିଂହପୁର ଜିଲା ପିତେଇପୁର ପଞ୍ଚାୟତସ୍ଥିତ ମା'କନକ ଦୁର୍ଗାଙ୍କ ପୀଠରେ ପ୍ରସିଦ୍ଧ ବରଣୀ ଯାତ୍ରା ଶନିବାରଠାରୁ ଆରମ୍ଭ ହୋଇଛି। ଏହା ୧ ସପ୍ତାହ ବ୍ୟାପୀ ଚାଲିବ। ପ୍ରଭାତରୁ ରୀତିନୀତି ଅନୁଯାୟୀ ମା'ଙ୍କ ପୀଠରେ ବାରୁଣୀ ସ୍ନାନ କରାଯାଇଥିଲା। ପରେ ପରମ୍ପରା ଅନୁଯାୟୀ ଦାଣ୍ଡ ଓଳେଇବା ଓ କୁକୁଡ଼ା ଉଡ଼ା କାର୍ଯ୍ୟକ୍ରମ କରାଯାଇଥିଲା। ଏହି ସମୟରେ ନିଆରା ପରିବେଶ ସୃଷ୍ଟି ହୋଇଥିଲା। ଦିନଭରି ମା'ଙ୍କ ପୀଠରେ ପୂଜାପାଠ ସାଙ୍ଗକୁ ନାନା କାର୍ଯ୍ୟକ୍ରମ ସ୍ଥାନୀୟ ଅଞ୍ଚଳରେ ଲୋକଙ୍କ ଭିତରେ ଆନନ୍ଦ ଓ ଉଲ୍ଲାସ ଭରି ଦେଇଛି। ଜନସାଧାରଣଙ୍କ ସମାବେଶକୁ ଦୃଷ୍ଟିରେ ରଖି ମନ୍ଦିର ନିକଟରେ ବହୁ ସଂଖ୍ୟାରେ ଦୋକାନବଜାର ଖୋଲିଛି। ବିଶେଷକରି ଅପରାହ୍ନରୁ ରାତି ପର୍ଯ୍ୟନ୍ତ ଲୋକଙ୍କ ଗହଳି ଦେଖିବାକୁ ମିଳିଥିଲା। ଏ ସମ୍ପର୍କରେ ମନ୍ଦିର ସେବାୟତ କୁଳମଣି ନାୟକଙ୍କ ସମେତ ସ୍ଥାନୀୟ କେତେଜଣ ଲୋକଙ୍କ କହିବା କଥା ହେଲା, ଦୀର୍ଘ ବର୍ଷ ପୂର୍ବରୁ ସମ୍ପୂର୍ଣ୍ଣ ଅଞ୍ଚଳରେ ଜଙ୍ଗଲ ଥିଲା। ହଠାତ୍ ମା'ଙ୍କ ଆବିର୍ଭାବ ହୋଇଥିଲା। ଏକଦା ୨ ଜଣ ସ୍ତ୍ରୀ ଲୋକ ଜାଳ ଆଣିବା ପାଇଁ ଏହି ଜଙ୍ଗଲକୁ ଯାଇଥିଲେ। ସେତେବେଳେ ଜଣଙ୍କ ଝିଅକୁ ସାପ କାମୁଡି ଥିଲା। ଏ ପରିସ୍ଥିତିରେ ସ୍ତ୍ରୀ ଲୋକ ଦୁହେଁ ଚିନ୍ତାରେ ପଡ଼ିଯାଇଥିଲେ। ଶେଷରେ ଝିଅକୁ ମା'ଙ୍କ ନିକଟରେ ଶୁଆଇ ଦେଇ ଶରଣ ପଶିଥିଲେ। ତା'ପରେ ଝିଅଟି ସୁସ୍ଥ ହୋଇଯାଇଥିଲା। ସେବେଠାରୁ ସାପ କାମୁଡ଼ା ରୋଗୀମାନେ ମା'ଙ୍କ ପାଖକୁ ଆସି ଭଲ ହୋଇଯାନ୍ତି। ଦୀର୍ଘ ବର୍ଷ ପର୍ଯ୍ୟନ୍ତ ଯେଉଁ ସାପ କାମୁଡ଼ା ରୋଗୀ ଏଠାରେ ଭଲ ହୋଇଯାଉଥିଲେ ସେମାନେ ମେଣ୍ଢା, ଛେଳି ଆଦି ବଳି ଦେଉଥିଲେ। ପରବର୍ତ୍ତୀ ସମୟରେ ଏହା ବନ୍ଦ ହୋଇ ଯାଇଥିଲା। ବରଣୀ ଯାତ୍ରା ସମୟରେ ମା'ଙ୍କ ପୀଠରେ ପୂର୍ବ ଓ ପଶ୍ଚିମ ଓଡ଼ିଶାର ଅପୂର୍ବ ସଂଯୋଗର ପରମ୍ପରା ପରିଲକ୍ଷିତ ହୁଏ। ସାଧାରଣ ଜାତିର ଲୋକେ ମା'ଙ୍କ ପାଖରେ ମାନସିକ କରିଥାନ୍ତି ସେମାନଙ୍କ ମାନସିକ ପୂରଣ ପରେ ଏହି ଦିନ ସେମାନେ ମା'ଙ୍କ ସମ୍ମୁଖ ଦାଣ୍ଡ ଓଳାଇଥାନ୍ତି। ଆଉ ଦଳିତମାନେ କୁକୁଡ଼ା ଉଡ଼ାଇ ମା'ଙ୍କ କୃପା ଲାଭ କରନ୍ତି। ବାରୁଣୀ ଯାତ୍ରାରେ ଏସବୁ ଦେଖିବା ପାଇଁ ଭିଡ ପରିଲକ୍ଷିତ ହୋଇଥିଲା। ଏଭଳି ପ୍ରାଚୀନ ପରମ୍ପରା ମାସେ କି ବର୍ଷେ ନୁହେଁ, କେଉଁ ଆବହମାନ କାଳରୁ ଅର୍ଥାତ୍ ମରହଟ୍ଟାମାନଙ୍କ ଶାସନ ସମୟରୁ ପ୍ରଚଳିତ ହୋଇ ଆସୁଛି। ସେତେବେଳେ ଜଗତ୍ସିଂହପୁର ସମେତ ବାହାରୁ ମଧ୍ୟ ବହୁ ସଂଖ୍ୟକ ସାପ କାମୁଡ଼ା ରୋଗୀ ଏଠାକୁ ଆସି ସୁସ୍ଥ ହେଉଥିଲେ ବୋଲି ସ୍ଥାନୀୟ ଲୋକେ କୁହନ୍ତି।

### ଦଳ ଛାଡ଼ିଲେ ପାରାଦୀପ ନଗର, କୁଜଙ୍ଗ ବ୍ଲକ କଂଗ୍ରେସ ସଭାପତି

କୁଜଙ୍ଗ/ପାରାଦୀପ, ୬।୪ ( ମନୋଜ ପ୍ରଧାନ/ଶରତ ରାଉତ)

କୁଜଙ୍ଗ ବ୍ଲକ କଂଗ୍ରେସ କମିଟି ସଭାପତି ତଥା ଆଇନଜୀବୀ ରମେଶ ଚନ୍ଦ୍ର ଦାସ ଓ ଉପସଭାପତି ଅନ୍ତର୍ଯାମୀ ନାରାୟଣ ଦାସ ଯାଦବ ଶନିବାର ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ସେହିପରି ପାରାଦୀପ ନଗର କଂଗ୍ରେସ ସଭାପତି ଅନୁପ କୁମାର ସାହାଣୀଙ୍କ ସମେତ ଅନ୍ୟ କର୍ମୀମାନେ ମଧ୍ୟ ଦଳ ଛାଡ଼ିଛନ୍ତି। ସେମାନେ ଇସ୍ତଫା ପତ୍ର ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ପାଖକୁ ପଠାଇ ଦେଇଛନ୍ତି। ଅରିନ୍ଦମ ସର୍ଖେଲ(ବାପି ) ଦଳ ଛାଡ଼ିବା ପରେ ସମର୍ଥକମାନେ ମଧ୍ୟ ଦଳ ଛାଡୁଥିବା ଚର୍ଚ୍ଚା ହେଉଛି। ବାପି ୨୦୧୪ ଓ ୨୦୧୯ ସାଧାରଣ ନିର୍ବାଚନରେ କଂଗ୍ରେସରୁ ଦଳୀୟ ପ୍ରାର୍ଥୀ ହୋଇଥିଲେ। ୨୦୨୦ ପରଠାରୁ ସେ ଆଉ କଂଗ୍ରେସ ଦଳର ଚିହ୍ନ ବ୍ୟବହାର କରୁ ନ ଥିଲେ ମଧ୍ୟ କର୍ମୀ ଓ କାର୍ଯ୍ୟକର୍ତ୍ତାଙ୍କ ସହ ଭିତିରି ସମ୍ପର୍କ ରଖିଥିଲେ। ୨୦୨୨ ପୌର ନିର୍ବାଚନରେ ଆମ ପାରାଦୀପ ଆମ ପ୍ରଗତି ସଙ୍ଗଠନ କରି ପାରାଦୀପର ସମସ୍ତ ୧୯ ୱାର୍ଡରେ ପ୍ରାର୍ଥୀ ଦେଇଥିଲେ । ସେଥିରୁ ୯ଟି ଆସନରେ ତାଙ୍କ ସମର୍ଥିତ ପ୍ରାର୍ଥୀ ବିଜୟୀ ହୋଇଥିଲେ। ରମେଶ, ଅନ୍ତର୍ଯାମୀ ଓ ଅନୁପ ପ୍ରମୁଖ ବାପିଙ୍କ ସମର୍ଥକ ଥିବା ଚର୍ଚ୍ଚା ହେଉଛି। ସେମାନେ ବ୍ୟକ୍ତିଗତ କାରଣ ଦର୍ଶାଇ ଦଳ ଛାଡ଼ିଥିବା କହିଥିବା ବେଳେ ଆଗାମୀ ପଦକ୍ଷେପ ସମ୍ପର୍କରେ କୌଣସି ସ୍ପଷ୍ଟ ସୂଚନା ଦେଇନାହାନ୍ତି।

# ନିର୍ବାଚନରେ ସମସ୍ୟାର ସମାଧାନକୁ ଗୁରୁତ୍ୱ

ଜଗତ୍ସିଂହପୁର, ୬।୪ (ପ୍ରମୋଦ କୁମାର ନାୟକ)

**ଜିଲାପାଳ ଅନୁପମ ଶାହାଙ୍କ କାର୍ଯ୍ୟରେ ଯୋଗଦାନ**



ଜଗତ୍ସିଂହପୁର ଜିଲାର ନୂତନ ଜିଲାପାଳ ଭାବେ ଅନୁପମ ଶାହା ଶନିବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। କାର୍ଯ୍ୟଭାର ଗ୍ରହଣ କଲା ପରେ ସେ ଆଗାମୀ ନିର୍ବାଚନ ପ୍ରସ୍ତୁତି ସମ୍ପର୍କରେ ଅତିରିକ୍ତ ଜିଲାପାଳ, ଜିଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ, ଉପଜିଲାପାଳ ଏବଂ ଅନ୍ୟ ଜିଲାସ୍ତରୀୟ ଅଧିକାରୀମାନଙ୍କ ସହ ସମୀକ୍ଷା କରିଥିଲେ। ଜିଲାର ସମସ୍ତ ନିର୍ବାଚନମଣ୍ଡଳୀ, ପୋଲିଂ ବୁଥ୍ ଓ ସେଠାରେ ଆବଶ୍ୟକ ସୁବିଧା ସୁଯୋଗ ସମ୍ପର୍କରେ ବୁଝିଥିଲେ। ଏଥିସହ ନିର୍ବାଚନକୁ କିପରି ସ୍ୱଚ୍ଛ, ନିରପେକ୍ଷ ଓ ଅବାଧ କରିହେବ ସେନେଇ ପ୍ରତ୍ୟେକଙ୍କ ସହଯୋଗ କାମନା କରିଥିଲେ। ଏହି ଅବସରରେ ଜିଲାପାଳ ଜଗତ୍ସିଂହପୁରକୁ ଏକ ସ୍ୱାକ୍ଷର ଓ ସଚେତନ ଜିଲା ଭାବେ ସମ୍ବୋଧନ କରି ନିର୍ବାଚନ ସମୟରେ ଯେଉଁସବୁ ସମସ୍ୟା ଆସିବ ତା'ର କିପରି ସରଳ ସମାଧାନ ହୋଇପାରିବ ତା'ଉପରେ ଗୁରୁତ୍ୱ ଦେଇଥିଲେ। ଏଥିସହ ଆଦର୍ଶ ଆଚରଣ ବିଧି ଅନୁପାଳନ ପୂର୍ବକ କାର୍ଯ୍ୟ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଅତିରିକ୍ତ ଜିଲାପାଳ ଅଭିମନ୍ୟୁ ବେହେରା, ଅତିରିକ୍ତ ଜିଲାପାଳ ସମ୍ବିତ ରାଉତ, ପାରାଦୀପ ଅତିରିକ୍ତ ଜିଲାପାଳ ଲଳିତ ମୋହନ ବେହେରା, ଜିଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବି ନାରାୟଣ ଜେଠୀ ଓ ଜିଲାର ଅନ୍ୟ ବରିଷ୍ଠ ଅଧିକାରୀମାନେ ନୂଆ ଜିଲାପାଳଙ୍କୁ ସ୍ୱାଗତ କରିଥିଲେ। ସୂଚନାଯୋଗ୍ୟ ଯେ, ଶାହା ପୂର୍ବରୁ ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ତଥା ମୋ ସ୍କୁଲ ଓ ଶ୍ରମ କମିଶନର ସଦସ୍ୟ ସଚିବ ଭାବେ କାର୍ଯ୍ୟରତ ଥିଲେ। ଏହା ପୂର୍ବରୁ ଗଜପତି ଜିଲାପାଳ ଭାବେ ନିର୍ବାଚନ ଦାୟିତ୍ୱ ସମ୍ପାଦନ କରିଥିଲେ। ଅପରପକ୍ଷେ ବଦଳି ପରେ ଜିଲାପାଳ ପାରୁଲ ପଟାୱରୀଙ୍କୁ ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ଦିଆଯାଇଛି।

### ଭାଜପାର ୪୨ତମ ପ୍ରତିଷ୍ଠା ଦିବସ

ଏରସମା,୬। ୪ ( ଦୀପ୍ତି ଖଣ୍ଡୁଆଳ)

ଏରସମା ମୁଖ୍ୟାଳୟସ୍ଥିତ ଭାଜପା କାର୍ଯ୍ୟାଳୟ ପରିସରରେ ଶନିବାର ଦଳର ୪୨ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କର୍ମକର୍ତ୍ତାମାନେ ଶ୍ୟାମ ପ୍ରସାଦ ମୁଖାର୍ଜୀ, ଦୀନଦୟାଲ ଉପାଧ୍ୟାୟ ଓ ଭାରତ ମାତାଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ଭାଜପା ରାଜ୍ୟ ସଂଯୋଜକ ନୃସିଂହ ସାହୁ ଦଳୀୟ ପତାକା ଉତ୍ତୋଳନ କରିଥିଲେ। ଭାଜପା ମଣ୍ଡଳ ସଭାପତି ଜଟାଧାରୀ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲା କୋଷାଧ୍ୟକ୍ଷ ନୀର୍ଲିପ୍ତ ଜେନା, ଅଜୟ କୁମାର ପଲେଇ, ଚିତ୍ତ ରଞ୍ଜନ ଦଳାଇ, ରମେଶ ପରିଡା, ନିତ୍ୟାନନ୍ଦ ମଲ୍ଲିକ,ଗୌରାଙ୍ଗ ଚରଣ ମାନ୍ନା, ରାଜେନ୍ଦ୍ର ବାରିକ, ସାଗର ମଲ୍ଲିକ ପ୍ରମୁଖ ଉପସ୍ଥିତ ହୋଇ ଦଳର ସାଙ୍ଗଠନିକ ଆଭିମୁଖ୍ୟ ଉପରେ ବକ୍ତବ୍ୟ ଦେଇଥିଲେ।

# ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀ, ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଅବଦାନ ଅତୁଳନୀୟ

ଜଗତ୍ସିଂହପୁର, ୬।୪ (ପ୍ରମୋଦ କୁମାର ନାୟକ)

ଜଗତ୍ସିଂହପୁର ସାନବଜାରସ୍ଥିତ ଭାଜପା ଜିଲା କାର୍ଯ୍ୟାଳୟ ପରିସରରେ ଦଳ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏଥିରେ ଦଳ କର୍ମକର୍ତ୍ତାମାନେ ଯୋଗଦେଇ ଭାଜପା ପ୍ରତିଷ୍ଠା କ୍ଷେତ୍ରରେ ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀ ଓ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଭଳି ରାଷ୍ଟ୍ରୀୟ ସେବକମାନଙ୍କ ଅବଦାନର ଅବତାରଣା କରିଥିଲେ। ଏହି ଅବସରରେ କାର୍ଯ୍ୟାଳୟ ପରିସରରେ ପତାକା ଉତ୍ତୋଳନ ପୂର୍ବକ ରାଷ୍ଟ୍ର ପାଇଁ ସେମାନଙ୍କ ଅବଦାନକୁ କର୍ମକର୍ତ୍ତାମାନେ ମନେପକାଇଥିଲେ। ଏହି ମହାନ ସେବକମାନଙ୍କ ପାଇଁ ଆଜି ଭାଜପା ବିଶ୍ୱରେ ସର୍ବବୃହତ ରାଜନୈତିକ ଦଳରେ ପରିଣତ ହୋଇପାରିଛି ବୋଲି କୁହାଯାଇଥିଲା। ଦଳର ଜଗତ୍ସିଂହପୁର ନଗର ସଭାପତି ଅକ୍ଷୟ ପାତ୍ର ଏଥିରେ ପୌରୋହିତ୍ୟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି ସଭାରେ ବିଜେଡି ଛାଡି ନୂଆକରି ଭାଜପାରେ ଯୋଗ ଦେଇଥିବା ଯୁବ ନେତୃତ୍ୱ ଅମରେନ୍ଦ୍ର ଦାସ, ଦଳ ଜିଲା ଉପସଭାପତି ସୌଭାଗ୍ୟ ମହାନ୍ତି, ସାଧାରଣ ସମ୍ପାଦକ ଜଗନ୍ନାଥ ଦାଶ, ଜିଲା ସମ୍ପାଦକ ସ୍ୱପ୍ନିମୟୀ ରାୟ, ଜିଲା ମହିଳା ମୋର୍ଚ୍ଚା ସଭାପତି କ୍ରିଷ୍ଣା ମହାନ୍ତି, ମିଡିଆ ସେଲ୍ ଅଧ୍ୟକ୍ଷ ଗଣେଶ ପ୍ରସାଦ ମହାନ୍ତି, ରାଜ୍ୟ ଯୁବମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ କାଳିକିଙ୍କର ମହାନ୍ତି, ଯୁବ ମୋର୍ଚ୍ଚା ନଗର ସଭାପତି ରାଜ ନାରାୟଣ ସାହୁ ଓ ପ୍ରସନ୍ନ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ।


ଭାଜପା କାର୍ଯ୍ୟାଳୟ ପରିସରରେ କର୍ମୀମାନେ ପତାକା ଉତ୍ତୋଳନ କରୁଛନ୍ତି।

# ବିରୂପା ନଦୀରେ ବୁଡ଼ ପକାଇଲେ ୫୦ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ

ଡେରାବିଶ,୬।୪(ବେବର୍ତ୍ତା ଅଜୟ ଦାସ)


ଭକ୍ତମାନେ ନଦୀରେ ବୁଡ଼ ପକାଉଛନ୍ତି।

ବାରୁଣୀ ତିଥିରେ ବୁଡ଼ ପକାଇଲେ କୋଟି ଜନ୍ମର ପାପରୁ ମୁକ୍ତି ମିଳିଥାଏ ବୋଲି ପ୍ରତ୍ୟେକ ଓଡ଼ିଆଙ୍କ ବିଶ୍ୱାସ ରହିଛି। ଅପେକ୍ଷା ଥାଏ ଏହି ତିଥିକୁ। ଦୀର୍ଘ ବର୍ଷ ପରେ ଚଳିତ ବର୍ଷ ମହାଯୋଗ ବାରୁଣୀ ପଡ଼ିଛି । କେନ୍ଦ୍ରାପଡ଼ା ଜିଲା କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ପ୍ରସିଦ୍ଧ ଇନ୍ଦୁପୁର ବାରୁଣୀ ଯାତ୍ରା ଶନିବାର ଆରମ୍ଭ ହୋଇଛି। ବିରୂପା, କେଲୁଅ, ବ୍ରାହ୍ମଣୀ ନଦୀର ସଙ୍ଗମ ସ୍ଥଳରେ ଶୁକ୍ରବାର ରାତି ୪ଟାରୁ ଅନୁଷ୍ଠିତ ହୋଇଥିଲା ବାରୁଣୀ ସ୍ନାନ। ଏଥିପାଇଁ ଜିଲା ସମେତ ବିଭିନ୍ନ ଜିଲାର ଶ୍ରଦ୍ଧାଳୁମାନେ ଇନ୍ଦୁପୁର ଘାଟରେ ବୁଡ଼ ପକାଇଥିଲେ। ଶନିବାର ସକାଳ ୬ ଟା ୩୦ ପର୍ଯ୍ୟନ୍ତ ୫୦ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଏହି ଘାଟରେ ନିଜର ମାନସିକ ପୂରଣ ପାଇଁ ବୁଡ଼ ପକାଇଥିଲେ। ଏଥିସହିତ ନବବଧୂଙ୍କ ବିବାହ ମୁକୁଟ, ପାଞ୍ଜି, ବଉଳପାଟ ସହ ବିବାହ ବେଦୀର ସମସ୍ତ ଉପକରଣ ନଦୀରେ ବିସର୍ଜନ ସହ ଘାଟକୂଳରେ ଭିକ୍ଷୁକମାନଙ୍କ ଦ୍ୱାରା ପଡିଥିବା ଚଦରରେ ଶ୍ରଦ୍ଧାଳୁମାନଙ୍କ ଦ୍ୱାରା ଅରୁଆ ଚାଉଳ, ବିରି ଓ ଅର୍ଥ ପକାଇବା ପାଇଁ ଏକ ଲମ୍ବା ଧାଡି ଲାଗିରହିଥିଲା। ବିଶ୍ୱାସ ରହିଛି ଭିକ୍ଷୁକମାନଙ୍କୁ ଦାନକଲେ ଘର ଧନସମ୍ପତ୍ତିରେ ପୂର୍ଣ୍ଣ ହୁଏ । ନଦୀର ଘାଟରେ ଶ୍ରଦ୍ଧାଳୁଙ୍କ ଭିଡକୁ ଲକ୍ଷ୍ୟ କରି ଇନ୍ଦୁପୁର ପଞ୍ଚାୟତ ପକ୍ଷରୁ ପୁରୁଷ ଓ ମହିଳାଙ୍କ ପାଇଁ ପୃଥକ ପୃଥକ ଭାବେ ପାହାଚ ନିର୍ମାଣ କରାଯାଇଛି। ବହୁ ପୁରାତନ ପୌରାଣିକ ଓ ଐତିହାସିକ କଥାବସ୍ତୁକୁ ଆଧାର କରି ବ୍ରାହ୍ମଣୀ, ବିରୂପା ଓ କେଲୁଅ ନଦୀର ତ୍ରିବେଣୀ ସଙ୍ଗମରେ ଅନୁଷ୍ଠିତ ଏହି ବାରୁଣୀ ଯାତ୍ରା କେବଳ କେନ୍ଦ୍ରାପଡ଼ା ନୁହେଁ ଓଡ଼ିଶାର ଅନ୍ୟତମ ପ୍ରସିଦ୍ଧ ଯାତ୍ରା ଭାବେ ପ୍ରତିଷ୍ଠା ଅର୍ଜନ କରିଛି।

ଶିକ୍ଷା ଓ ସଂସ୍କୃତିର ଗନ୍ତାଘର ଭାବେ ପରିଚିତ ରହିଛି ଇନ୍ଦୁପୁର ଅଞ୍ଚଳ । ବିରୂପା ନଦୀର କୂଳରେ କାହିଁ କେଉଁ କାଳରୁ ପୂଜା ପାଇ ଆସୁଛନ୍ତି ମା' ଚଣ୍ଡୀ। ବାରୁଣୀ ଯାତ୍ରା ସମୟରେ ତ୍ରିବେଣୀ ସଙ୍ଗମରେ

**ପ୍ରସିଦ୍ଧ ଇନ୍ଦୁପୁର ବାରୁଣୀ ଯାତ୍ରା**

ବୁଡ଼ ପକାଇବା ସହ ମା'ଙ୍କ ଦର୍ଶନ କଲେ ନିଜର ମାନସିକ ପୂରଣ ହୋଇଥାଏ ବୋଲି କେବଳ ଇନ୍ଦୁପୁର ନୁହେଁ ଜିଲାର ସମସ୍ତ ଅଞ୍ଚଳରେ ସାଧାରଣରେ ବିଶ୍ୱାସ ରହିଥିବାରୁ ଶନିବାରଠାରୁ ମନ୍ଦିରରେ ପ୍ରବଳ ଭିଡ଼ ଲାଗିରହିଛି। ସାତଦିନ ଧରି ହେବାକୁ ଥିବା ଏହି ବାରୁଣୀ ଯାତ୍ରା ଆସନ୍ତା ଶୁକ୍ରବାର ଉଦ୍ଯାପିତ ହେବ। ତେବେ ଏହି ବାରୁଣୀ ଯାତ୍ରାରେ ଜିଲା ଓ ଜିଲା ବାହାରୁ ବ୍ୟବସାୟୀମାନେ ଗୃହ ଉପକରଣ ସହ ବିଭିନ୍ନ ପ୍ରକାର ଦୋକାନ ମେଲାଇଛନ୍ତି। ଏଥି ସହିତ ରବିବାର ଠାରୁ ବୁଧବାର ଦୀର୍ଘ ୪ ଦିନ ଧରି ବାରୁଣୀ ମହୋତ୍ସବ ଅନୁଷ୍ଠିତ ହେବ । ଏହି ମହୋତ୍ସବରେ ଜିଲା ସମେତ ବାହାର ଜିଲାରୁ ପ୍ରତିଷ୍ଠିତ ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ନୃତ୍ୟ ସଙ୍ଗୀତ ପରିବେଷଣ ହେବା ଏବଂ ଏହି ଅବସରରେ କଟକ ଜିଲା ମାହାଙ୍ଗାସ୍ଥିତ କ୍ଷିତିଜ୍ୟୋତି ଆଶ୍ରମର ବିଶ୍ୱ ଭାତୃତ୍ୱ ଦିବ୍ୟାତ୍ମା ପରିଷଦ ଅଚ୍ୟୁତ ଗୁପ୍ତବ୍ରହ୍ମ ସଂଘ ପକ୍ଷରୁ ବିଶ୍ୱଶାନ୍ତି ମହାଯଜ୍ଞ ଓ ବାରୁଣୀ ଘାଟରେ ଅନୁଷ୍ଠିତ ନାମଯଜ୍ଞ ପରିବେଶକୁ ଭକ୍ତିମୟ କରିଛି ।

**ସଂକ୍ଷେପରେ**

## ସାପ କାମୁଡ଼ାରେ ନାବାଳିକା ଗୁରୁତର

ଖଜୁରୀପଡ଼ା, ୬।୪ (ବିଦୁର ବେହେରା): ଖଜୁରୀପଡ଼ା ବ୍ଲକ ଅନ୍ତର୍ଗତ ସିଦିଙ୍ଗି ଗ୍ରାମର ସନ୍ତୋଷ ନାୟକ ବହୁଦିନ ହେବ ନବଗୁବା ଛକରେ ଘର କରି ରହୁଛନ୍ତି। ଏହି ପରିପ୍ରେକ୍ଷୀରେ ସନ୍ତୋଷଙ୍କ ନାବାଳିକା ଝିଅ କମଳିନୀ ନାୟକ (୧୫)ଙ୍କୁ ଶନିବାର ସକାଳେ ରୋଷେଇ କରୁଥିବା ସମୟରେ ଏକ ସାପ କମୁଡ଼ି ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଫୁଲବାଣୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏହି ସମୟରେ ଝିଅର ବାପା ମା' ଘରେ ନ ଥିଲେ। ଖବର ପାଇ ମେଡିକାଲ ଯାଇ ଝିଅକୁ ଭେଟିଛନ୍ତି।

## କ.ନୂଆଗାଁରେ ଅଷ୍ଟଶମ୍ଭୁ ମହାମିଳନ

କ.ନୂଆଗାଁ,୬।୪(କାଳି ପ୍ରସାଦ ତ୍ରିପାଠୀ)

କନ୍ଧମାଳ ଜିଲା ନୂଆଗାଁ ବଜାରରେ ପଞ୍ଚୁଦଣ୍ଡ ପରିଚାଳନା କମିଟି ପକ୍ଷରୁ ଅଷ୍ଟଶମ୍ଭୁ ମହାମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮ଟି ଦଣ୍ଡନାଚ କିଲୁପଡ଼ା, ଲେତିଙ୍ଗିଆ, ଦାଉଙ୍ଗିଆ, ମୋହନଗିରି, ଗୋଛାପଡ଼ା, କରଣ୍ଡାଗଡ, ନୂଆପଡ଼ା, ସିଟୁପଡ଼ି ଦଳକୁ ପ୍ରଥମେ ବରଣ କରାଯାଇଥିଲା। ଅପରାହ୍ନରେ ଜଗନ୍ନାଥ ମନ୍ଦିର ସମ୍ମୁଖରେ ଧୂଳିଦଣ୍ଡ, ନଦୀକୂଳରେ ପାଣିଦଣ୍ଡ କରାଯାଇ ବଜାରରେ ଅଷ୍ଟ ଶମ୍ଭୁ ମହାମିଳନ ହୋଇଥିଲା। ଜନ ଗହଳି ଦୃଷ୍ଟିରୁ ପୋଲିସ ପକ୍ଷରୁ ପାଟ୍ରୋଲିଂ ବ୍ୟବସ୍ଥା କଡାକଡି କରାଯାଇଥିଲା। କାର୍ଯ୍ୟକ୍ରମକୁ ସଭାପତି ରଜନୀ କାନ୍ତ ସାହୁ, ସମ୍ପାଦକ ଆଲୋକ କୁମାର ଦୋରା, କୋଷାଧ୍ୟକ୍ଷ ସୁଶିଲ କୁମାର ପାତ୍ର, ପଣ୍ଡିତ କୁମାର ବିଶୀମାଝି, କାର୍ତ୍ତିକ କୁମାର ପ୍ରଧାନ, କଳରାମ ବିଷିମାଝି, ଚନ୍ଦନ କୁମାର ପଣ୍ଡା, ଶରତ କୁମାର ବିସିମାଝିଙ୍କ ସହ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

## ମଝି ରାସ୍ତାରେ ଭାସୁଛି ଅଳିଆ ଆବର୍ଜନା



ନୂଆଗଡ,୬।୪(ଯୋଗ୍ୟବନ୍ତ ପରିଚ୍ଛା): ନୂଆଗଡ ବ୍ଲକ ଅନ୍ତର୍ଗତ ଖ-ଝାଲରସିଂ ଗ୍ରାମରେ କାଳବୈଶାଖୀ ବର୍ଷାରେ ଡ୍ରେନର ଚେକଡ୍ୟାମ ଭାଙ୍ଗି ମଝିରାସ୍ତାରେ ଦୁର୍ଗନ୍ଧ ପାଣି ଏବଂ ଅଳିଆ ଆବର୍ଜନା ରାସ୍ତାରେ ଭାସୁଛି। ଫଳରେ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ବିଷୟରେ ପ୍ରଶାସନଙ୍କୁ ଜଣାଇବା ସତ୍ତ୍ୱେ ପ୍ରଶାସନ ପକ୍ଷରୁ କୌଣସି ଦୃଷ୍ଟି ଦିଆଯାଉନାହିଁ। ଫଳରେ ଗ୍ରାମବାସୀ ବ୍ଲକରେ ଧାରଣା ଦେବା ପାଇଁ ଚେତାବନୀ ଦେଇଛନ୍ତି।

# ସ୍ୱତନ୍ତ୍ର ଅଂଶୁଘାତ କକ୍ଷ ଖୋଲିବାକୁ ଗୁରୁତ୍ୱ

## ଗ୍ରୀଷ୍ମ ପ୍ରବାହ ପରିଚାଳନା ପ୍ରସ୍ତୁତି ବୈଠକ




ପାରଳାଖେମୁଣ୍ଡି, ୬।୪ (ଗିରିଧାରୀ ପରିଚ୍ଛା):

ଗଜପତି ଜିଲା ସଦର ମହକୁମା ଜିଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଜିଲାସ୍ତରୀୟ ଗ୍ରୀଷ୍ମ ପ୍ରବାହ ପରିଚାଳନା ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଅଛି। ବୈଠକରେ ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଆସନ୍ତା ଜୁନ ମାସ ପର୍ଯ୍ୟନ୍ତ ଗ୍ରୀଷ୍ମ ପ୍ରବାହ ଜାରି ରହିବ। ଏଣୁ ଜିଲାର ସମସ୍ତ ବିଭାଗର ଅଧିକାରୀମାନେ ପ୍ରସ୍ତୁତ ରହିବାକୁ କୁହାଯାଇଛି। ଗ୍ରୀଷ୍ମ ପ୍ରବାହ ମାସଗୁଡିକରେ ସମସ୍ତ ଜନସାଧାରଣ ସତର୍କ ରହିବା ଓ ଗ୍ରୀଷ୍ମ ପ୍ରବାହ ଅଂଶୁଘାତ ନିୟନ୍ତ୍ରଣ ପାଇଁ କିପରି ପ୍ରସ୍ତୁତି ହେବା ଆବଶ୍ୟକ ସେ ବିଷୟରେ ଅଧିକାରୀମାନଙ୍କ ସହ ଆଲୋଚନା କରଯାଇଥିଲା। ଗ୍ରୀଷ୍ମ ପ୍ରବାହ ଯୋଗୁଁ ବିଭିନ୍ନ ସମୟରେ ଅଂଶୁଘାତ ହୋଇ ଜୀବନ ପ୍ରତି ବିପଦ ମଧ୍ୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ତେଣୁ ସ୍ୱାସ୍ଥ୍ୟ ବିଭାଗକୁ ଉପଯୁକ୍ତ ପରିମାଣ ଓଆରଏସ୍ ପ୍ୟାକେଟ ଓ ଔଷଧ ମହଜୁଦ ରଖିବା ସହିତ ସଜାଗ ରହିବାକୁ କୁହାଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟ ଓ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକରେ ସ୍ୱତନ୍ତ୍ର ଅଂଶୁଘାତ କକ୍ଷ କରାଯିବା ସହ ଅଂଶୁଘାତ ରୋଗୀଙ୍କ ପାଇଁ ସମସ୍ତ ପ୍ରକାର ଆଶୁ ଚିକିତ୍ସା ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ପାଇଁ କୁହାଯାଇଛି। ସେହିପରି ସମସ୍ତ ଗ୍ରାମାଞ୍ଚଳ, ପୌରପରିଷଦ, ଏନଏସି, ବ୍ଲକ ପକ୍ଷରୁ ବିଭିନ୍ନ ଜାଗାରେ ଜଳଛତ୍ରମାନ ଖୋଲାଯିବାକୁ କୁହାଯାଇଛି। ଖରାପ ଥିବା ନଳକୂଅକୁ ତୁରନ୍ତ ମରାମତି କରିବାକୁ କୁହାଯାଇଛି। ଜିଲ୍ଲାର ସମସ୍ତ ସ୍କୁଲ ସକାଳ ୬:୩୦ରୁ ୧୦:୩୦ ପର୍ଯ୍ୟନ୍ତ ଖୋଲିବା ଓ ଅଙ୍ଗନୱାଡ଼ି କେନ୍ଦ୍ର ସକାଳ ୬.୩୦ରୁ ୯:୩୦ ସମୟ ପର୍ଯ୍ୟନ୍ତ ଖୋଲିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ଶ୍ରମିକମାନଙ୍କ କାର୍ଯ୍ୟ ସରକାରଙ୍କ ସମୟ ସାରଣୀ ଅନୁଯାୟୀ କାର୍ଯ୍ୟ କରିବାକୁ କୁହାଯାଇଛି। ପଶୁ ପକ୍ଷୀମାନଙ୍କ ଯତ୍ନ ନେବା, ଜୀବନ ରକ୍ଷକ ଔଷଧ ମହଜୁଦ ରଖିବା, ଜୀବଜନ୍ତୁଙ୍କ ସୁରକ୍ଷା,ଜଙ୍ଗଲ ସୁରକ୍ଷା ଇତ୍ୟାଦି ଦୃଷ୍ଟି ଦେବାକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ କୁହାଯାଇଛି । ସେହିପରି ଅଂଶୁଘାତରେ କାହାର ମୃତ୍ୟୁ ଘଟିଲେ ତୁରନ୍ତ ରିପୋର୍ଟ ପ୍ରଦାନ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି ।

# ଭାଜପା ଛାଡ଼ିଲେ କମଳାକାନ୍ତ ପାଣ୍ଡେ

ଫୁଲବାଣୀ, ୬।୪(ରାକେଶ କୁମାର ରାଉତ):


କମଳାକାନ୍ତ ପାଣ୍ଡେ।

ଏବେ ଦଳ ଡିଆଁ ଚାଲିଛି । ଆଶାୟୀ ପ୍ରାର୍ଥୀମାନଙ୍କୁ ଦଳ ଟିକେଟ ଦେଉ ନ ଥିବାରୁ ଏଭଳି ଘଟଣା ଦେଖିବାକୁ ମିଳୁଛି। କନ୍ଧମାଳ ଜିଲାର ଭାଜପାର ବରିଷ୍ଠ ନେତା ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କମଳାକାନ୍ତ ପାଣ୍ଡେ ଶନିବାର ଦଳରୁ ଇସ୍ତଫା ଦେଇଛନ୍ତି । ଏକଦା ବିଜୁବାବୁଙ୍କ ଘନିଷ୍ଠ ଥିବା କମଳାକାନ୍ତ ଅତୀତରେ ଜିଲାରେ ଅଣକଂଗ୍ରେସ ରାଜନୀତିର ପୁରୋଧା ଥିଲେ। ସେ ୨୦୧୪ରେ ବିଜୟ ମହାପାତ୍ରଙ୍କ ପ୍ରରୋଚନାରେ ବିଜୁ ଜନତା ଦଳ ଛାଡି ଭାରତୀୟ ଜନତା ପାର୍ଟିରେ ସାମିଲ ହୋଇଥିଲେ। ଦଳ ତାଙ୍କୁ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କରିଥିଲେ ମଧ୍ୟ ଅଣଦେଖା କରି ଆସୁଥିଲା। ୨୦୧୯ରେ ଟିକଟ ଦୌଡରେ ଥାଇ ବିଫଳ ହୋଇଥିଲେ। ଚଳିତ ଥର ମଧ୍ୟ ତାଙ୍କୁ ନିରାଶ ହେବାକୁ ପଡିବାରୁ ସେ ଭାଜପା ରାଷ୍ଟ୍ରୀୟ ସଭାପତିଙ୍କୁ ଚିଠି ଲେଖି ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି।

# କଳିଙ୍ଗ ମହାବିଦ୍ୟାଳୟରେ ଏଡ଼ସ ସଚେତନତା



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ କୃତୀ ଛାତ୍ରୀଛାତ୍ର ।

ଜି.ଉଦୟଗିରି,୬।୪(ଶିଶିର ପଟ୍ଟନାୟକ):

କଳିଙ୍ଗ ମହାବିଦ୍ୟାଳୟର ରେଡ ରିବନ କ୍ଲବ ସୌଜନ୍ୟରୁ ଏଡସ୍ ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ସୁଧାଂଶୁ ଶେଖର ମେହେର ସଭାପତିତ୍ୱ କରିଥିବା ବେଳେ ଗୁମାଗଡ଼ ହସ୍ପିଟାଲର ଡାକ୍ତର ପ୍ରଶାନ୍ତ କୁମାର ମହାପାତ୍ର ଏଡସ୍ ରୋଗର ଭୟାବହତା, ତା'ର କାରଣ ଏବଂ ନିଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଆୟୋଜିତ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମରେ ରେଡ-ରିବନ କ୍ଲବର କାଉନସିଲର ଅଧାପକ ତପନ ଚନ୍ଦ୍ର ନାୟକ ସଂଯୋଜନା କରିଥିଲେ। ଅଧାପିକା ପ୍ରଜ୍ଞା ପରମିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଫ୍ଲାଇଙ୍ଗ ସ୍କ୍ୱାଡର ଗାଡ଼ିମୋଟର ଯାଞ୍ଚ

ଦାରିଙ୍ଗବାଡି, ୬।୪ (ଅରୁଣ ସାହୁ):

ଆସନ୍ତା ସାଧାରଣ ନିର୍ବାଚନକୁ ଅବାଧ ଓ ନିରପେକ୍ଷ କରିବାକୁ ଜିଲା ପ୍ରଶାସନ ପକ୍ଷରୁ ଦୃଢ଼ ପଦକ୍ଷେପ ନିଆଯାଇଛି। ଏହି ନିର୍ବାଚନ ଶାନ୍ତିଶୃଙ୍ଖଳାର କରାଯିବା ସହ ଲୋକଙ୍କୁ ଭୟଭୀତ ନହେବା ଓ ପ୍ରଭାବିତ ନହେବା ପ୍ରତି ଜିଲା ପ୍ରଶାସନ ଗୁରୁତ୍ୱ ଦେଇଛନ୍ତି। କନ୍ଧମାଳ ଜିଲାର ଜି. ଉଦୟଗିରି ନିର୍ବାଚନ ମଣ୍ଡଳୀରେ ୪ଟି ଫ୍ଲାଇଙ୍ଗ ସ୍କ୍ୱାଡ ପକ୍ଷରୁ ବିଭିନ୍ନ ସ୍ଥାନରେ ବ୍ଲକିଂ କରି ଗାଡ଼ିମୋଟର ଯାଞ୍ଚ କରାଯାଇଛି। ଉକ୍ତ ନିର୍ବାଚନ ମଣ୍ଡଳୀର ଟିକାବାଲି, ଜି. ଉଦୟଗିରି, ରାଇକିଆ ଏବଂ ଦାରିଙ୍ଗବାଡି ବ୍ଲକ ପାଇଁ ୪ଟି ସ୍କ୍ୱାର୍ଡ ଗଠନ କରାଯାଇଛି। ଅତିରିକ୍ତ ତହସିଲଦାର କୃଷ୍ଣଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ଏଏସଆଇ ଶ୍ରୀନିବାସ ରାଓଙ୍କ ସମେତ ସଶସ୍ତ୍ର ପୋଲିସ ବାହିନୀ ଯାଞ୍ଚ କରିଥିଲେ। ଗାଡ଼ିଚାଳକଙ୍କ ହେଲମେଟ ଚେକିଂ ସହ ଗାଡି କାଗଜପତ୍ର ଯାଞ୍ଚ କରାଯାଇଥିଲା। ସେହିପରି ଚାରିଚକିଆ ଗାଡିର ଡ଼ିକି ସମେତ ଗାଡିକୁ ତନ୍ନତନ୍ନ କରି ଯାଞ୍ଚ କରାଯାଉଛି। ସେହିପରି ଦାରିଙ୍ଗବାଡି ଥାନାର ଡବେରୀ ଏବଂ ବ୍ରାହ୍ମଣୀଗାଁ ବଜାରରେ ପୋଲିସ ପକ୍ଷରୁ ନାକା ଲଗାଇ ଯାଞ୍ଚ କରାଯାଉଛି ବୋଲି ଦାରିଙ୍ଗବାଡି ଆଇଆଇସି ଆନନ୍ଦ ଚନ୍ଦ୍ର ପାତ୍ର ଓ ବ୍ରାହ୍ମଣୀଗାଁ ଥାନା ଅଧିକାରୀ ଚିରଞ୍ଜିବ ବେହେରା କହିଛନ୍ତି।

## ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟରେ ଯୋଗୋତ୍ସବ

ପାରଳାଖେମୁଣ୍ଡି, ୬।୪ (ଗିରିଧାରୀ ପରିଚ୍ଛା):

ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ ଏବଂ ମୋରାର୍ଜୀ ଦେଶାଇ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ ଯୋଗ, ଆୟୁଷ ମନ୍ତ୍ରଣାଳୟ ସହଯୋଗରେ ପାରଳାଖେମୁଣ୍ଡିରେ ଯୋଗୋତ୍ସବ ପାଳିତ ହୋଇଯାଇଛି। ପାରଳାଖେମୁଣ୍ଡିସ୍ଥିତ ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲା କାର୍ଯ୍ୟକ୍ରମ ପରିଚାଳକ ସୌମ୍ୟାରାଣୀ ଗୌଡା, ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର୍ ପ୍ରଫେସର ଅନୀତା ପାତ୍ର ଏବଂ ନିର୍ଦ୍ଦେଶକ (ପ୍ରଶାସନ) ଡକ୍ଟର ଦୁର୍ଗା ପ୍ରସାଦ ପାଢୀ, ପ୍ରଦୀପ ପ୍ରଜ୍ୱଳନ ସହିତ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ସଂଯୋଜକ ପ୍ରଦୀପ କୁମାର ସାହୁ ଏବଂ ୫୦୦ ରୁ ଅଧିକ ଏହି ଉତ୍ସବରେ ଯୋଗଦେଇଥିଲେ। ଯୋଗର ବିକାଶ ତଥା ପ୍ରୋତ୍ସାହନ ଦିଗରେ ଯୋଗ କ୍ଷେତ୍ରରେ ଆଦର୍ଶ ଅବଦାନ ପାଇଁ ୪ଜଣ ଯୋଗଗୁରୁ ପ୍ରଫେସର ପ୍ରଫୁଲ୍ଲ କୁମାର ପଣ୍ଡା, ପ୍ରଫେସର ବାଲାଜୀ ପାଦୀ, ପ୍ରଫେସର ଜୟେନ୍ଦ୍ର କୁମାର ମିଶ୍ର ଏବଂ ପ୍ରଫେସର ପ୍ରଦୀପ କୁମାର ସାହୁଙ୍କୁ ଯୋଗବୃନ୍ଦ ପୁରସ୍କାର ପ୍ରଦାନ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ମୋରାର୍ଜୀ ଦେଶାଇ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ ଯୋଗର ପୂର୍ବତନ ନିର୍ଦ୍ଦେଶକ ଡ. ଈଶ୍ୱର ଭି. ବାସଭାରାତି, ପ୍ରଫେସର ଡ. ସ୍ୱୟମ ପ୍ରଭାସ ଶତପଥୀ ଏବଂ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ସ୍ଥାପତ୍ୟ ବିଦ୍ୟାଳୟର ସହକାରୀ ପ୍ରଫେସର ଏ.ଆର ରୁପାଲ ଶାହା, ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ।

# ସେଞ୍ଚୁରିଅନ ପବ୍ଲିକ୍ ସ୍କୁଲ୍‌ର ବାର୍ଷିକ ଉତ୍ସବ




ପାରଳାଖେମୁଣ୍ଡି, ୬।୪(ଗିରିଧାରୀ ପରିଚ୍ଛା): ଗଜପତି ଜିଲା ପାରଳାଖେମୁଣ୍ଡି ସହରସ୍ଥିତ ସେଞ୍ଚୁରିଅନ ପବ୍ଲିକ୍ ସ୍କୁଲର ୧୫ତମ ବାର୍ଷିକ ଉତ୍ସବ 'ସଂକଳ୍ପ' ଶନିବାର ସନ୍ଧ୍ୟାରେ ସ୍କୁଲ ପରିସରରେ ଅତି ଚମତ୍କାର ତଥା ଆଡ଼ମ୍ବର ସହକାରେ ପାଳିତ ହୋଇଯାଇଛି। ପାରମ୍ପରିକ ଢଙ୍ଗରେ ବାର୍ଷିକ ଉତ୍ସବକୁ ମନାଯାଇଥିବାରୁ ସମସ୍ତ ଅଭିଭାବକ, ଛାତ୍ରୀଛାତ୍ର, ଶୁଭେଚ୍ଛୁଙ୍କ ମଧ୍ୟରେ ଉତ୍ସାହ ଓ ଉଲ୍ଲାସ ଦେଖିବାକୁ ମିଳିଥିଲା। ବେଙ୍ଗାଲୁରୁର ଏକ କମ୍ପାନୀର ସିଇଓ ଡ. ଏ. ବଳରାମ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସେଞ୍ଚୁରିଅନ ୟୁନିଭର୍ସିଟିର ଉପାଧ୍ୟକ୍ଷ ପ୍ରଫେସର ଡି.ଏନ୍. ରାଓ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ୟୁନିଭର୍ସିଟିର ରେଜିଷ୍ଟ୍ରାର ଡ. ଅନିତା ପାତ୍ର, କୃଷି ବିଭାଗର ପ୍ରଶାସନିକ ଡିନ୍ ଡ. ଏସ.ପି ନନ୍ଦ, ନିର୍ଦ୍ଦେଶକ ପ୍ରଶାସକ ଡ. ଦୁର୍ଗାପ୍ରସାଦ ପାଢୀ, ଇଂରାଜୀ ବିଭାଗର ମୁଖ୍ୟ ପ୍ରଜନା ପାଣି ଏବଂ ବହୁ ବ୍ୟକ୍ତି ଯୋଗଦେଇଥିଲେ। ପ୍ରଥମେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ସ୍କୁଲର ପ୍ରିନ୍ସିପାଲ ସୁନୀତା ପାଣିଗ୍ରାହୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିଶୁ ବ୍ୟକ୍ତିତ୍ୱର ସାମଗ୍ରିକ ବିକାଶକୁ ପୂରଣ କରିବା ପାଇଁ ସେ ବିଦ୍ୟାଳୟର ନିରନ୍ତର ଉଦ୍ୟମ ଉପରେ ଗୁରୁତ୍ୱାରୋପ କରିଥିଲେ। ସ୍କୁଲର ଶିକ୍ଷକଙ୍କୁ ବିଦ୍ୟାଳୟରେ ଦୀର୍ଘ ଏବଂ ସମ୍ମାନଜନକ ସେବା ନିମନ୍ତେ ସମ୍ମାନିତ କରାଯାଇଥିଲା। ୨୦୨୨-୨୩ ବର୍ଷର ଦ୍ୱାଦଶ ଶ୍ରେଣୀରେ ଟପ୍ପର ଦିଶା ଗୁପ୍ତା ଓ ଦଶମ ଶ୍ରେଣୀର ଟପ୍ପର ତନୁଜା ସାମନ୍ତଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଚଳିତ ବର୍ଷ ଜେଇଇ ମେନ୍ ପରୀକ୍ଷାରେ ୯୬.୨ ସ୍କୋର ହାସଲ କରିଥିବା ଦ୍ୱାଦଶ ଶ୍ରେଣୀର ଛାତ୍ର ସାଇ ଶ୍ରୀନିବାସ ପଣ୍ଡାଙ୍କ ଭଲ ସ୍କୋର ରଖିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ପ୍ରାୟ ୨୫ଟି ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଉତ୍ସବରେ ପ୍ରଥମ ଶ୍ରେଣୀର ଛାତ୍ରୀଛାତ୍ରୀଙ୍କ ଦ୍ୱାରା 'ଗୁଲାବି ସାରରା' ଗୀତ ଏବଂ ୫ଟି ରାଜ୍ୟର ନୃତ୍ୟକୁ ନେଇ କରାଯାଇଥିବା ଫ୍ୟୁଜନ ନୃତ୍ୟର ତାଳେତାଳେ ଦର୍ଶକ ଝୁମିବାକୁ ଲାଗିଥିଲେ।

# ପ୍ରଚାର ଆରମ୍ଭ କଲେ ଅନ୍ତର୍ଯ୍ୟାମୀ ଗମାଙ୍ଗ



ପାରଳାଖେମୁଣ୍ଡି/ରାମଗିରି, ୬।୪
(ଗିରିଧାରୀ ପରିଚ୍ଛା/ବୃନ୍ଦାବନ ଗୌଡ଼)

ଗଜପତି ଜିଲା ମୋହନା ନିର୍ବାଚନମଣ୍ଡଳୀ ସଂରକ୍ଷିତ ଥିବା ବେଳେ ବର୍ତ୍ତମାନ ବିଜେଡି ଓ କଂଗ୍ରେସ ପକ୍ଷରୁ ପ୍ରାର୍ଥୀ ଘୋଷଣା କରାଯାଇଥିବା ବେଳେ ଭାଜପା ପ୍ରାର୍ଥୀ ଘୋଷଣା କରିନାହିଁ। ଚଳିତ ନିର୍ବାଚନରେ ମୋହନା ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥୀ ଭାବେ ଅନ୍ତର୍ଯ୍ୟାମୀ ଗମାଙ୍ଗ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି। ଶନିବାର ସେ ତାଙ୍କ ଦଳୀୟ ସମର୍ଥକଙ୍କ ସହ ନିଜ ଗାଁ ମୁରେଇସାହି ଯାଇ ଗ୍ରାମଦେବୀ ଲୋହଣି ଦେବୀଙ୍କ ପୀଠରେ ପୂଜାର୍ଚ୍ଚନା କରିଥିଲେ। ସେଠାରୁ ସେ ତାଙ୍କ ଘର ଇଷ୍ଟଦେବୀ ରାମଗିରି କୁରେଇଶୁଣୀ ମନ୍ଦିରକୁ ଯାଇ ପୂଜା କରିଥିଲେ। ପରେ ମନ୍ଦିର ନିକଟସ୍ଥ ମଣ୍ଡପଠାରେ ଜନପ୍ରତିନିଧି, ଦଳୀୟ କର୍ମୀ ଓ ସମର୍ଥକଙ୍କ ସହ ଆଲୋଚନା କରିଥିଲେ। ଗମାଙ୍ଗଙ୍କୁ ବିଭିନ୍ନ ସ୍ଥାନରେ ଏ ନେଇ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେ ପ୍ରଥମେ ଆର୍. ଉଦୟଗିରି ବ୍ଲକର ରାମଗିରିଠାରୁ ବହୁ ସମର୍ଥକଙ୍କ ଉପସ୍ଥିତିରେ ପ୍ରଚାର କାର୍ଯ୍ୟ ଆରମ୍ଭ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ରାୟଗଡ଼ ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣବାସୀ ନାୟକ, ଉପାଧ୍ୟକ୍ଷ ଜ୍ୟୋତିପ୍ରସାଦ ପାଣି, ନୂଆଗଡ଼ ବ୍ଲକ ଉପାଧ୍ୟକ୍ଷ ନିହିମିୟ ରାଇକା, ଆର୍. ଉଦୟଗିରି ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀନାରାୟଣ ଶବରଙ୍କ ସମେତ ବ୍ଲକ ସଭାପତି, ପଞ୍ଚାୟତ ପ୍ରତିନିଧି, ଦଳୀୟ କାର୍ଯ୍ୟକର୍ତ୍ତା ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଆର୍. ଉଦୟଗିରି ବ୍ଲକ ବିଜେଡି ସଭାପତି ଭୀମ ପାଇକ ପରିଚାଳନା କରିଥିଲେ।

# ଶିଶୁ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ


ଶିଶୁମନ୍ଦିରର ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

ମୋହନା,୬।୪(ମନ୍ମଥ ମିଶ୍ର): ମୋହନା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଊନବିଂଶ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା ସମିତି ସଭାପତି ପୂର୍ଣ୍ଣଚନ୍ଦ୍ର ଦଳାଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଉପଦେଷ୍ଟା ବାବୁଲା ସେଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନାଚାର୍ଯ୍ୟ ଆରତୀ ପାଢୀ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ମୁଖ୍ୟଅତିଥି ତହସିଲଦାର ସତ୍ୟବାନ ନାୟକ ଯୋଗଦେଇ ଶିଶୁ ମନ୍ଦିରରେ ସଂସ୍କାର ମୂଳକ ଶିକ୍ଷାଦାନକୁ ପ୍ରଶଂସା କରିଥିଲେ। ମୁଖ୍ୟବକ୍ତା ଭାବେ ସରକାରୀ ଏସ୍ଏସ୍‌ଡି ହାଇସ୍କୁଲ ପ୍ରଧାନ ଶିକ୍ଷକ ସତ୍ୟରଞ୍ଜନ କର ଯୋଗଦେଇ ଶିଶୁ ମନ୍ଦିରର ଶିକ୍ଷା ବ୍ୟବସ୍ଥା ଶିଶୁର ସାମଗ୍ରିକ ବିକାଶ ହୋଇଥାଏ ବୋଲି କହିଛନ୍ତି। ସମ୍ମାନିତ ଅତିଥି ଭାବେ ପରିଚାଳନା ସମିତି ଉପଦେଷ୍ଟା ମଧୁସୁଦନ ପାଢୀ, ଉପ ସଭାପତି ଭଗବାନ ବିଷୋୟୀ, ସମ୍ପାଦକ ରବି କୁମାର ପାତ୍ର, କୋଷାଧ୍ୟକ୍ଷ ବୃନ୍ଦାବନ ସାନ୍ତରା, ସମାଜସେବୀ ଭିକାରି ଚରଣ ବେହେରା, ଶିକ୍ଷାବିତ ମାର୍ଶାଲ ନାୟକ, ଓକିଲ ସଂଘ ଉପ ସଭାପତି ସିମାଞ୍ଚଳ କାର୍ଜୀ, ସାମ୍ବାଦିକ ସଂଘ ସଭାପତି ପଞ୍ଚାନନ ଦାସ, ବରିଷ୍ଠ ନାଗରିକ ସଂଘ ସଭାପତି ଶରତ ମଲ୍ଲିକ, ଆଇନଜୀବି ଦୁର୍ଯ୍ୟୋଧନ କରଡା ଓ ଗଣେଶ ବଣିକ ସଂଘ ସଭାପତି ଏସ. ଦିଲ୍ଲୀପ ପ୍ରମୁଖ ଯୋଗଦେଇଥିଲେ।

# ଅସହ୍ୟ ଗରମରେ ନାକେଦମ୍ କରୁଛି ବିଦ୍ୟୁତ୍ ବିଭାଗ

ଫୁଲବାଣୀ, ୬।୪(ରାକେଶ କୁମାର ରାଉତ):

କିଛି ଦିନ ହେବ ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରିରହିଛି । କନ୍ଧମାଳ ଜିଲାରେ ମଧ୍ୟ ଅସହ୍ୟ ତାତି ଜନଜୀବନକୁ ପ୍ରଭାବିତ କରିଛି। ଗ୍ରୀଷ୍ମର ଦାଉଠୁ ଅଧିକ ନାକେଦମ କରୁଛି ବିଦ୍ୟୁତ୍ ବିଭାଗ । ମନଇଚ୍ଛା ବିଦ୍ୟୁତ୍ କାଟ୍‌ରେ ଲୋକେ ଅତିଷ୍ଠ ହୋଇପଡିଲେଣି। ବିଗତ ଦୁଇ ଦିନ ହେବ ଭୋରରୁ ଲାଇନ କାଟି ଦିଆଯାଉଛି । କିଛି କାରଣ ନ ଦର୍ଶାଇ ବିଭାଗ ସହରବାସୀଙ୍କ ଉପରେ ଜୁଲମ କରୁଛି। ସେହିପରି ରାତିରେ ଅନେକ ସ୍ଥାନରେ ଷ୍ଟ୍ରିଟ ଲାଇଟ ବନ୍ଦ ରହୁଛି। ରାସ୍ତା ଉପରେ ରହୁଥିବା ଗାଈ, ଗୋରୁ ଦେଖା ଯାଉ ନ ଥିବାରୁ ଦୁର୍ଘଟଣା ଘଟୁଛି। ଏହାକୁ ନେଇ ସହରରେ ଅସନ୍ତୋଷ ସୃଷ୍ଟି ହୋଇଛି।

ଗତ ଦୁଇ ଦିନ ହେବ ସକାଳୁ ଅଘୋଷିତ ବିଦ୍ୟୁତ୍ କାଟ ହେଉଥିବା ଲୋକେ କହୁଛନ୍ତି। ଲାଇନ ଯିବାର ପ୍ରାୟ ୩ ଘଣ୍ଟା ପରେ ଆସୁଛି । ଅତନ୍ତ ଗରମ ସମୟରେ ଲାଇନ କଟିବାର ଯନ୍ତ୍ରଣା ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ାଇବାରେ ଲାଗିଛି। ଆଗକୁ ଏହାକୁ ନେଇ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବ ବୋଲି ସାମାଜିକ କର୍ମୀ ଗିରୀଶ ଚନ୍ଦ୍ର ପଟ୍ଟନାୟକ କହିଛନ୍ତି । ସେହିପରି ସନ୍ଧ୍ୟା ହେଲେ ବସ୍‌ଷ୍ଟାଣ୍ଡରୁ ଫୁଲବାଣୀ ସାହି ରାସ୍ତାରେ ସମସ୍ତ ଷ୍ଟ୍ରିଟ ଲାଇଟ ବନ୍ଦ ରହୁଛି । ବିଦ୍ୟୁତ୍ ନ ଥିବାର ସୁଯୋଗ ନେଇ ଛୋଟ ମୋଟ ଚୋରି ମଧ୍ୟ ହେଉଛି। ଏହି ରାସ୍ତା ଦେଇ ସମସ୍ତ ବସ୍ ସହରସାରା ବୁଲି ନିଜ ଗନ୍ତବ୍ୟ ସ୍ଥଳକୁ ଯାଇଥାଏ। ଅନ୍ଧାର ଯୋଗୁ ବଡ଼ ଦୁର୍ଘଟଣାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ପାରୁନାହିଁ। ସେହିପରି ଗାନ୍ଧି ଛକରୁ ଏଫସିଆଇ ଛକ ଦେଇ ଷ୍ଟାଡିୟମ ରୋଡରେ ମଧ୍ୟ ଅନେକ ସମୟରେ ଷ୍ଟ୍ରିଟ୍‌ଲାଇଟ ଲାଇନ କାଟି ଦିଆଯାଉଛି। ଏସବୁ ଦିଗରେ ବିଭାଗ ଦୃଷ୍ଟି ନ ଦେଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସହରବାସୀ କହିଛନ୍ତି। ଷ୍ଟ୍ରିଟ ଲାଇଟ କଥା ପୌର ପରିଷଦ ବୁଝୁଛି । ସକାଳୁ ଆମର ବିଦ୍ୟୁତ୍ କାଟ ମେଣ୍ଟେନାନ୍ସ ପାଇଁ ହେଉଛି । ଖରାଦିନ ଯୋଗୁ ମେଣ୍ଟେନାନ୍ସ ନିହାତି ଆବଶ୍ୟକ । ଆଉ ୧୦/୧୫ ଦିନ ଲାଗିବ। ବିଦ୍ୟୁତ୍ କାଟ ବିଷୟରେ ଲୋକଙ୍କୁ ଅବଗତ କରାଯାଉଛି ବୋଲି ବିଦ୍ୟୁତ ବିଭାଗ ନିର୍ବାହୀ ଯନ୍ତ୍ରୀ ମନୋଜ କୁମାର ମହାନ୍ତି ପ୍ରକାଶ କରିଛନ୍ତି । ପୌର ପରିଷଦ ନିର୍ବାହୀ ଅଧିକାରୀ ସୁଜିତ କୁମାର ଚୌଧୁରୀଙ୍କୁ ପଚାରିବାରୁ ଯେଉଁଠି ଟ୍ରିପ ହେଉଛି ସେଠି କିଛି ସମୟ ପରେ ଠିକ କରାଯାଉଛି । ଆମର ଗୋଟିଏ ଟିମ୍ ଏହି କାମ କରୁଛନ୍ତି। ଅଧିକ ସମୟ ଲାଇଟ କଟିବା ନେଇ ମୋ ପାଖରେ ଖବର ନାହିଁ ବୋଲି କହିଛନ୍ତି।


ରାସ୍ତାରେ ଜଳୁ ନ ଥିବା ଷ୍ଟ୍ରିଟ ଲାଇଟ।

## ସଂକ୍ଷେପରେ

### ସିଝୁଛି ସମଗ୍ର ଧର୍ମଶାଳା ଅଞ୍ଚଳ

**ଧର୍ମଶାଳା,୬।୪(ବଟକୃଷ୍ଣ ପରିଡ଼ା):** ଏପ୍ରିଲ ଆରମ୍ଭରୁ ଅସହ୍ୟ ତାତି ଅନୁଭୁତ ହେଉଛି। ଖରା ଓ ତାତିର ପ୍ରକୋପ ଏତେ ପ୍ରଚଣ୍ଡ ରହୁଛି ଯେ ସକାଳ ୮ଟା ପରେ ଘରୁ ବାହାରିବା କଷ୍ଟକର ହୋଇପଡୁଛି। ଦିନର ଉହଡହ ଖରା ସାଙ୍ଗକୁ ରାତିର ଉଷ୍ମତାତିରେ ସନ୍ତୁଳି ହେଉଛନ୍ତି ସମଗ୍ର ରାଜ୍ୟବାସୀ। ଶନିବାର ଧର୍ମଶାଳାର ସର୍ବୋଚ ତାପମାତ୍ରା ୪୨ଡିଗ୍ରୀରେ ପହଞ୍ଚିଥିଲା। ଫଳରେ ପୂର୍ବାହ୍ନ ୧୦ଟା ପରେ ରାସ୍ତାଘାଟ ଶୂନଶାନ ହୋଇଯାଇଥିଲା। ବସ୍‌ଷ୍ଟାଣ୍ଡରେ ଅପେକ୍ଷାରତ ଯାତ୍ରୀ ତତଲା ପରିବେଶରେ ଭାଜି ହୋଇଥିଲେ। ଘରୁ ବାହାରିଲା ବେଳକୁ ଦେହ, ହାତ, ମୁହଁ ଜଳିଗଲା ପରି ଲାଗୁଥିଲା। ପୂର୍ବାହ୍ନ ସାଢ଼େ ୧୧ଟା ପରେ ସତେଯେମିତି ଆକାଶରୁ ନିଆଁହୁଲା ଖସିବା ଭଳି ଲାଗୁଥିଲା। ପବନରେ ନିଆଁଧାସ ବାଜିବା ଭଳି ମୁହଁ ସିଝି ଯାଉଥିଲା। ଲୋକ ଟାଣଖରାରେ ସିଝୁଥିବାବେଳେ ଦେହରୁ ଗମ୍‌ଗମ୍ ଝାଳ ବହୁଥିଲା। ଖରା ଏପରିଥିଲା ଘରେ କିମ୍ବା ଗଛ ଛାଇ ତଳେ ଛିଡ଼ା ହୋଇ ରହିବା ଅସମ୍ଭବ ହୋଇପଡ଼ିଥିଲା। ଧନୀ ଓ ମଧ୍ୟବିତ ପରିବାର ଲୋକେ ଏସିଲଗାଇ ଘରେ ରହିଥିଲେ। ଗରିବ, ଖଟିଖିଆ ଲୋକେ ଏଥିରେ ଦହଗଞ୍ଜ ହୋଇଥିଲେ। ଆସନ୍ତା ୨୪ ଘଣ୍ଟା ମଧ୍ୟରେ କାଳବୈଶାଖୀ ହେବାର ଆକଳନ କରିଛି ପାଣିପାଗ ବିଭାଗ। ତେବେ କାଳବୈଶାଖୀ ପ୍ରଭାବରେ ବର୍ଷା ନ ହେଲେ ଏହି ତାପମାତ୍ରା ଆହୁରି ବଢ଼ିବା ନେଇ ଆଶଙ୍କା ପ୍ରକାଶ ପାଇଛି।

# ସଫଳତା ଦୋହରାଇବା ବିଜେଡିକୁ ଚାଲେଞ୍ଜ

## ଯାଜପୁର ନିର୍ବାଚନମଣ୍ଡଳୀ


ସୁଜାତା ସାହୁ


ଗୌତମ ରାୟ

**ଯାଜପୁର,୬।୪(ହର୍ଷବର୍ଦ୍ଧନ ବେହେରା)**

ଯାଜପୁର ପୌର ପରିଷଦ ସମେତ ଦଶରଥପୁର ବ୍ଲକର ୨୦ ଏବଂ ଯାଜପୁର ବ୍ଲକର ୧୮ ପଞ୍ଚାୟତକୁ ନେଇ ଗଠିତ ଯାଜପୁର ନିର୍ବାଚନମଣ୍ଡଳୀରେ ଦୁଇ ଦଶନ୍ଧି ହେଲା ବିଜେଡି ଲଗାତର ବିଜୟୀ ହୋଇଆସିଛି। ଏଥର ୨ ପ୍ରମୁଖ ପ୍ରତିଦ୍ୱନ୍ଦ୍ୱୀ ଦଳର ପ୍ରାର୍ଥୀ ଚୟନ ଚୂଡ଼ାନ୍ତ ହୋଇସାରିଛି। ବିଜେଡିରୁ ସୁଜାତା ସାହୁ ଓ ଭାଜପାରୁ ଗୌତମ ରାୟ ନିର୍ବାଚନ ଲଢୁଛନ୍ତି। କଂଗ୍ରେସ ଏଯାଏ ପ୍ରାର୍ଥୀ ଘୋଷଣା କରିପାରିନାହିଁ। ହେଲେ ୨୦୧୯ ନିର୍ବାଚନରେ ଏଠାରେ ବିଜେଡିର ପ୍ରାୟ ୧୦% ଭୋଟ ହ୍ରାସ ପାଇଥିଲା। ଏଭଳିସ୍ଥଳେ ଏଥର ନୂଆମୁହଁ ବିଜେଡି ପ୍ରାର୍ଥୀ ହୋଇଛନ୍ତି। ଫଳରେ ସଫଳତା ଦୋହରାଇବା ବିଜେଡି ପାଇଁ ଚାଲେଞ୍ଜ ହେବ ବୋଲି କୁହାଯାଉଛି।

୧୯୫୭ରୁ ୨୦୦୪ ପର୍ଯ୍ୟନ୍ତ ଏହି ବିଧାନସଭା ଆସନ ଅନୁସୂଚିତ ଜାତି ବର୍ଗଙ୍କ ପାଇଁ ସଂରକ୍ଷିତ ଥିଲା। ୨୦୦୯ରୁ ଏହା ସାଧାରଣ ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ହୋଇଛି। ସେବେଠାରୁ ପ୍ରଣବ ପ୍ରକାଶ ଦାସ(ବବି)୩ ଥର ବିଜେଡି ଟିକେଟରୁ ନିର୍ବାଚିତ ହୋଇଛନ୍ତି। ୨୦୧୪ ନିର୍ବାଚନରେ ସେ କଂଗ୍ରେସର ସନ୍ତୋଷ କୁମାର ନନ୍ଦଙ୍କୁ ୮୪,୬୧୩ ଭୋଟ ବ୍ୟବଧାନରେ ପରାସ୍ତ କରି ରେକର୍ଡ ବିଜୟୀ ହେବା ପରେ ତାଙ୍କୁ ଶକ୍ତିମନ୍ତ୍ରୀ ଦାୟିତ୍ୱ ମିଳିଥିଲା। ୨୦୧୭ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ସମୟରେ ତାଙ୍କୁ ମନ୍ତ୍ରୀ ଦାୟିତ୍ୱରୁ ଅବ୍ୟାହତ ଦିଆଯିବା ପରେ ସେ ରାଜ୍ୟ ବିଜେଡିର ସାଂଗଠନିକ ଦାୟିତ୍ୱରେ ରହିଆସିଛନ୍ତି। ଗତ ୫ ବର୍ଷ ମଧ୍ୟରେ ଯାଜପୁର ସହରର ନବକଳେବର ହୋଇଥିବାବେଳେ ମେଡିକାଲ କଲେଜ ଖୋଲିଛି। ବରାହ, ବିରଜା, କୁସୁମା ଇତ୍ୟାଦି ପର୍ଯ୍ୟଟନସ୍ଥଳୀର ବିକାଶ ହୋଇଛି। ଏଠାରେ ୨୦୦୦ରେ ସୂର୍ଯ୍ୟମଣି ଜେନା, ୨୦୦୪ରେ ପରମେଶ୍ୱର ସେଠୀ ଓ ୨୦୦୯ରୁ ଆଜି ପର୍ଯ୍ୟନ୍ତ ବବି ବିଧାୟକ ନିର୍ବାଚିତ ହୋଇଆସୁଛନ୍ତି। କିନ୍ତୁ ଏଥର ବବିଙ୍କ ବଦଳରେ ଜଣେ ସାଧାରଣ ମହିଳା ସୁଜାତା ସାହୁଙ୍କୁ ଟିକେଟ ମିଳିଛି। ସମୟକ୍ରମେ ବିଜେଡି ପ୍ରତି ଜନସମର୍ଥନ ହ୍ରାସ ଏବଂ ପ୍ରାର୍ଥୀ ପରିବର୍ତ୍ତନ ବିଜେଡିକୁ ବୁମେରାଂ ହୋଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି। ତେବେ ଗତ ପଞ୍ଚାୟତ ଓ ପୌର ପରିଷଦ ନିର୍ବାଚନରେ ଏଠାରେ ବିଜେଡି ନିରଙ୍କୁଶ ସଫଳତା ପାଇଥିଲା। ଅନ୍ୟପକ୍ଷରେ କଂଗ୍ରେସ ଉପରେ ଜିଲାବାସୀ ଭରସା ନ କରି ଭାଜପାକୁ ବିକଳ୍ପ ଦଳ ଭାବେ ମାନ୍ୟତା ଦେବାକୁ ଆଗଭର ହୋଇଥିଲେ। ଏହାପରେ ଭାଜପା ଏଠାରେ ଦ୍ୱିତୀୟ ବିରୋଧୀ ଦଳ ଭାବେ ଉଭା ହୋଇଛି। ୨୦୧୯ରେ ଭାଜପା ପ୍ରାର୍ଥୀ ଗୌତମ ରାୟ ୫୯,୦୮୨ ଭୋଟ(୩୫.୬୮%) ପାଇଥିଲେ। ହେଲେ ଗତ ନିର୍ବାଚନ ଅପେକ୍ଷା ଏଥରର ସ୍ଥିତି ବଦଳିଛି। ପ୍ରାର୍ଥୀଙ୍କ ଲୋକପ୍ରିୟତା ଫଳାଫଳର ଚାବିକାଠି ହେବ ବୋଲି କୁହାଯାଉଛି। ବିଗତ ଦିନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଗସ୍ତ କର୍ମୀଙ୍କୁ ଉତ୍ସାହିତ କରିଛି, ମାତ୍ର ଭୋଟରଙ୍କ ନିକଟତର କରିପାରି ନ ଥିବା କୁହାଯାଉଛି। ତଥାପି ଭାଜପା ଆସନ୍ତା ସାଧାରଣ ନିର୍ବାଚନରେ ବିଜେଡିକୁ ଟକ୍କର ଦେବାର କ୍ଷମତା ରଖିଛି ବୋଲି ଭାଜପା କର୍ମୀମାନେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଗତ ସାଧାରଣ ନିର୍ବାଚନରେ କଂଗ୍ରେସ ଏଠାରେ ମାତ୍ର ୨.୮୭ ପ୍ରତିଶତ ଭୋଟ ହାତେଇଥିଲା। ଆସନ୍ତା ସାଧାରଣ ନିର୍ବାଚନରେ କଂଗ୍ରେସର ସମଦଶା ହେବ ବୋଲି ଆଲୋଚନା ହେଉଛି। ଭାଜପାର ଗତି ଅଭିବୃଦ୍ଧି ହୋଇଥିବାରୁ ଏଠାରେ ବିଜେଡି କର୍ମୀଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଅପରପକ୍ଷେ ବବି ସମ୍ବଲପୁର ଲୋକ ସଭା ଆସନରୁ ଲଢୁଥିବାରୁ ଯାଜପୁର ଉପରେ ସେତେଟା ଧ୍ୟାନଦେଇ ନ ପାରନ୍ତି। ତେଣୁ ଭାଜପା ଆଖିଦୃଶିଆ ରାଜନୈତିକ ପ୍ରଭାବ ପକାଇପାରିଲେ ବିଜେଡିକୁ ସହଜରେ ମାତ ଦେଇପାରେ ବୋଲି ରାଜନୈତିକ ବିଶେଷଜ୍ଞମାନେ ମତପୋଷଣ କରୁଛନ୍ତି।

# ସୁନା, ଟଙ୍କା ହଡ଼ପ ଅଭିଯୋଗରେ କର୍ମଚାରୀ ଗିରଫ

**ଯାଜପୁରରୋଡ୍,୬।୪ (ପବିତ୍ର ରଞ୍ଜନ ମହାନ୍ତି):**

ଯାଜପୁରରୋଡ୍ ସ୍ଥିତ ଚୋରଦା ବାଇପାସରେ ଥିବା ତନିସ୍କ ସୁନା ଦୋକାନରୁ ସୁନା ଓ ଟଙ୍କା ହଡ଼ପ ଅଭିଯୋଗରେ ଯାଜପୁରରୋଡ୍ ପୋଲିସ ଜଣେ କର୍ମଚାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ କେନ୍ଦୁଝର ଜିଲା ନନ୍ଦିପଦା ଥାନା ଅନ୍ତିରା ଗ୍ରାମର ରାଜେନ୍ଦ୍ର ବାରିକ(୩୦)। ରାଜେନ୍ଦ୍ର ଉକ୍ତ ସୁନା ଦୋକାନରେ ପ୍ରାୟ ଦେଢ଼ ବର୍ଷ ହେବ ବାଣିଜ୍ୟିକ ମୁଖ୍ୟ ଭାବେ କାର୍ଯ୍ୟକରୁଥିଲେ। ଦୋକାନର ଆଭ୍ୟନ୍ତରୀଣ ଅଡିଟ୍‌ବେଳେ ୫୯୧.୩୧୪ ଗ୍ରାମ ସୁନା ଯାହାର ମୂଲ୍ୟ ପ୍ରାୟ ୪୫.୬୭ଲକ୍ଷ ଟଙ୍କା ଓ ୩.୫୫ ଲକ୍ଷ ଟଙ୍କାକପ ହଡ଼ପ ହୋଇଥିବା ଷ୍ଟୋର ପରିଚାଳକ ଶ୍ରବଣ କୁମାର ପାତ୍ର ଜାଣିବାକୁ ପାଇଥିଲେ। ଏନେଇ ପରିଚାଳକ ପାତ୍ର ଯାଜପୁରରୋଡ୍ ଥାନାରେ ରାଜେନ୍ଦ୍ରଙ୍କ ନାମରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ରାଜେନ୍ଦ୍ରକୁ ଗିରଫ କରି ପଚରା ଉଚରା କରିବାରେ ସେ ଉକ୍ତ ସୁନାକୁ ଆକ୍ସିସ ବ୍ୟାଙ୍କରେ ବନ୍ଧକ ରଖି ଋଣ ନେଇଥିବା ଏବଂ ଟଙ୍କା ହଡ଼ପ କରିଥିବା ପ୍ରକାଶ କରିଥିଲେ। ଏନେଇ ପୋଲିସ ନଂ.୨୧୯।୨୪ରେ ଏକ ମାମଲା ରୁଜୁ କରିଥିବା ଥାନାଧିକାରୀ ଉପେନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

# ମା’ ନେଙ୍କୁରୁଶୁଣୀଙ୍କ ବାର୍ଷିକ ଉତ୍ସବ


ମା’ଙ୍କ ପୀଠରେ ପୂଜାର୍ଚ୍ଚନା କରାଯାଉଛି।

**ପଣିକୋଇଲି,୬।୪(ବିକାଶ ମଲ୍ଲିକ):**

ପାଣିକୋଇଲି ଥାନା ଅନ୍ତର୍ଗତ ପଥରପଦା ପଞ୍ଚାୟତର ଓଟିନ୍ଦା ରୋଡ୍‌ରେ ଥିବା ମା’ ନେଙ୍କୁରୁଶୁଣୀଙ୍କ ପୀଠରେ ଶନିବାର ମା’ଙ୍କ ବାର୍ଷିକ ଉତ୍ସବ ସହିତ ବାରୁଣୀ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ସକାଳୁ ବିଧି ଅନୁଯାୟୀ ଯଜ୍ଞ କାର୍ଯ୍ୟ ଆରମ୍ଭ ହେବା ସହ ସମୂହ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଯଜ୍ଞ ସହିତ ନାମଯଜ୍ଞ ମଧ୍ୟ କରାଯାଇଥିଲା। ପୂଜକ ପରମାନନ୍ଦ ଶତପଥୀ ଓ ପ୍ରସନ୍ନ ପଣ୍ଡା ଯଜ୍ଞ କାର୍ଯ୍ୟ ଆରମ୍ଭ କରିଥିଲେ। ଶଶିଭୂଷଣ ସେନାପତି ସସ୍ତ୍ରୀକ ଯଜ୍ଞର କର୍ତ୍ତାଭାବେ ଯୋଗଦେଇଥିଲେ। ମା’ଙ୍କ ପ୍ରତ୍ୟେକ ଦିନର ସେବକ ନେଙ୍କୁରୀ ମାଝି କାର୍ଯ୍ୟକ୍ରମରେ ସମସ୍ତ ସହଯୋଗ କରିଥିଲେ। କମିଟି ପକ୍ଷରୁ ଉତ୍ସବ ମହାରାଣା, ସତ୍ୟାନନ୍ଦ ମହାରଣା, ଦୀପକ ବେହେରା, କୁଳମଣି ଦାସ, ନରୋତ୍ତମ ସାମଲ, ସୁକାନ୍ତ ପ୍ରଧାନ, ସୋମନାଥ ନାୟକ, ବିଶ୍ୱଜିତ ମହାନ୍ତି, ଶୋଭିନ ପରିଡ଼ା, ମନୋଜ ବେହେରା, ସନ୍ତୋଷ ପାତ୍ର, ସରୋଜ ଶତପଥୀ, ଭାସ୍କର ସାହୁ, ବ୍ରହ୍ମାନନ୍ଦ ସାହୁ ଓ ମାୟାଧର ସାହୁଙ୍କ ସମେତ ସମସ୍ତ କର୍ମକର୍ତ୍ତା ଏବଂ ସଦସ୍ୟ ସହଯୋଗ କରିଥିଲେ।

# ଦ୍ୱନ୍ଦ୍ୱରେ ଭାଜପା ଆଶାୟୀ ପ୍ରାର୍ଥୀ

## ବରୀ ନିର୍ବାଚନମଣ୍ଡଳୀ

**ବରୀ,୬।୪(ମହେନ୍ଦ୍ର ସ୍ୱାଇଁ)**

ଯାଜପୁର ଜିଲା ବରୀ ନିର୍ବାଚନମଣ୍ଡଳୀରେ ଅଦ୍ୟାବଧି ବିଜେଡି, ଭାଜପା ଓ କଂଗ୍ରେସ ପକ୍ଷରୁ ପ୍ରାର୍ଥୀ ଘୋଷଣା କରାଯାଇନାହିଁ। ଫଳରେ ଏହାକୁ ନେଇ ଆଶାୟୀ ରହିଛନ୍ତି। ଜିଲାର ୭ ନିର୍ବାଚନମଣ୍ଡଳୀ ମଧ୍ୟରୁ ଭାଜପା ବରୀକୁ ଛାଡ଼ି ଅନ୍ୟ ୬ ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରିସାରିଛି।

୨୦୧୯ ସାଧାରଣ ନିର୍ବାଚନରେ ଭାଜପା ପ୍ରାର୍ଥୀ ୪,୦୬୦ ଖଣ୍ଡ ଭୋଟ ବ୍ୟବଧାନରେ ପରାଜିତ ହୋଇଥିଲେ। କିନ୍ତୁ ଏଥର ଭାଜପା କେଉଁ ଉଦ୍ଦେଶ୍ୟରେ ଦଳୀୟ ପ୍ରାର୍ଥୀଙ୍କ ନାମ ଏହି ନିର୍ବାଚନମଣ୍ଡଳୀ ପାଇଁ ଘୋଷଣା କରୁନାହିଁ ତାହା ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ହୋଇଛି। ଗତ ସାଧାରଣ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ଭାବେ ଲଢ଼ିଥିବା ଉମେଶ ଜେନା, ଶାସକ ଦଳରୁ ନିର୍ବାଚନ ଲଢ଼ି ୪ ଥର ବିଧାୟକ ହୋଇଥିବା ଦେବାଶିଷ ନାୟକ ଇତିମଧ୍ୟରେ ଭାଜପାରେ ଯୋଗଦେଇଛନ୍ତି। ଉଭୟ ଆମଦାନୀ ନେତା ହୋଇଥିବାବେଳେ ଯୁବ ସଙ୍ଗଠକ ବିବେକାନନ୍ଦ ଜେନା ମଧ୍ୟ ଏମାନଙ୍କ ସହିତ ଭାଜପା ଟିକେଟ ଦୌଡ଼ରେ ରହିଛନ୍ତି। ତୃଣମୂଳସ୍ତରରୁ ସାଂଗଠନିକ କାର୍ଯ୍ୟ କରିବା କ୍ଷେତ୍ରରେ ବିବେକାନନ୍ଦ ନିଜକୁ ସାମିଲ କରିବା ସହ ଭାଜପାର ବିଭିନ୍ନ ପଦାଧିକାରୀଙ୍କ ସହିତ ଉତ୍ତମ ସମ୍ପର୍କ ରଖିଆସିଛନ୍ତି। ସେହିପରି ପୁରୁଖା ନେତା ଭାବେ ଦେବାଶିଷ ଏବଂ ଉମେଶ ରହିଥିବାରୁ ଦଳ ପାଇଁ ପ୍ରାର୍ଥୀ ଚୟନ କଷ୍ଟକର ହୋଇପଡ଼ିଥିବା ଆଲୋଚନା ହେଉଛି। କିନ୍ତୁ ଏଭଳିସ୍ଥିତି ରାଜ୍ୟର ଅନ୍ୟ କେତେକ ନିର୍ବାଚନମଣ୍ଡଳୀରେ ଦେଖିବାକୁ ମିଳିଥିଲେ ମଧ୍ୟ ପ୍ରାର୍ଥୀ ଘୋଷଣା ହୋଇସାରିଛି। ତେବେ ବରୀ ପାଇଁ ଏତେ ବିଳମ୍ବ ହେବା ପଛରେ ଆଉ କିଛି କାରଣ ଥାଇପାରେ ବୋଲି ଆଲୋଚନା ହେଉଛି। ରାଜନୀତିରେ ସବୁ ସମ୍ଭବ। ଏହି ୩ ନେତାଙ୍କ ବ୍ୟତୀତ ଅନ୍ୟ କେହି ମଧ୍ୟ ପ୍ରାର୍ଥୀ ହେବା ଅସମ୍ଭବ ନୁହେଁ ବୋଲି ଚର୍ଚ୍ଚା ହେଉଛି।


ଦେବାଶିଷ ନାୟକ


ବିବେକାନନ୍ଦ ଜେନା


ଉମେଶ ଜେନା

# ଚୋରି ଅଳଙ୍କାର ଜବତ, ୩ ଗିରଫ



ପୋଲିସ ଗିରଫ ଅଭିଯୁକ୍ତଙ୍କ ସମ୍ପର୍କରେ ସୂଚନା ଦେଉଛି।

**ଚଣ୍ଡିଖୋଲ/ବଡ଼ଚଣା,୬।୪(ପ୍ରଦୀପ୍ତ କୁମାର ପୃଷ୍ଟି/ଦିଲୀପ କୁମାର ମହାନ୍ତି):**

ବଡ଼ଚଣାର ବିଭିନ୍ନ ସ୍ଥାନରେ ଘରେ ପଶି ଚୋରି କରୁଥିବା ୩ ଜଣଙ୍କୁ ବଡ଼ଚଣା ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଏଥିସହିତ ସେମାନଙ୍କ ନିକଟରୁ ଚୋରି ସାମଗ୍ରୀ ଜବତ କରିଛି। ସେମାନେ ହେଲେ ଗାନ୍ଧୀ ଛକ ମୁଣ୍ଡା ସାହିର ସାଗର ଦାସ (୪୫), ବାଉଁଶପୁଟ ଗ୍ରାମର ବାବୁଲା ପ୍ରଧାନ (୫୬) ଓ ଭଦ୍ରକ ଥାନା ଅନ୍ତର୍ଗତ ବେତ୍ରା ଗ୍ରାମର ରମେଶ ଚନ୍ଦ୍ର ଦାସ(୫୫)। ପୋଲିସ ସୂଚନା ମୁତାବକ, କଟକ ଜିଲା ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ମହାନଦୀବିହାର ଶିଖରପୁରରରେ ରହୁଥିବା ରାହୁଲ ଗୁପ୍ତାଙ୍କ ସ୍ତ୍ରୀ ଶିଳ୍ପା ଗୁପ୍ତା ଚଣ୍ଡିଖୋଲ ଛକ ବିବେକାନନ୍ଦ ଜେନା ଆପାର୍ଟମେଣ୍ଟର ରୁମ୍ ନଂ. ୩୦୫ରେ ରହୁଥିଲେ। ତେବେ ସେ ରୁମ୍‌ରେ ନ ଥିବା ସମୟରେ ଅଭିଯୁକ୍ତମାନେ ପଶି ତାଙ୍କ ଘରୁ ସୁନା ଓ ରୁପା ଅଳଙ୍କାର ଚୋରି କରିନେଇଥିଲେ। ଏନେଇ ଶିଳ୍ପା ଚଣ୍ଡିଖୋଲ ଫାଣ୍ଡିରେ ଅଭିଯୋଗ କରିଥିଲେ। ବଡ଼ଚଣା ପୋଲିସ ନଂ.୭୨।୨୪ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତମାନେ ଚୋରି ସାମଗ୍ରୀକୁ ଜାରକାଠାରେ ବିକିବାକୁ ଚେଷ୍ଟା କରୁଥିବା ସମୟରେ କୌଣସି ସୂତ୍ରରୁ ଖବର ପାଇ ପୋଲିସ ସେମାନଙ୍କୁ ଗିରଫ କରିଥିଲା। ପରେ ସେମାନଙ୍କ ନିକଟରୁ ୪ ସୁନା ଚେନ, ୬ ସୁନା ମୁଦି, କାନଫୁଲ, ୧୧ ସୁନା ପଦକ, ରୁପା ପାଉଁଜି ଓ ବ୍ରେସ୍‌ଲେଟ ଜବତ କରିଥିଲା। ଉକ୍ତ ୩ ଜଣ ଚଣ୍ଡିଖୋଲ, ଶାନ୍ତିପୁର ଓ କୁନ୍ଦଳ ଆଦି ଗ୍ରାମରୁ ଚୋରି କରିଛନ୍ତି ବୋଲି ପୋଲିସ ଆଗରେ ସ୍ୱୀକାର କରିଛନ୍ତି।

# ସ୍ଥାୟୀ ହାଟରେ ବ୍ୟବସାୟ ପାଇଁ ପରାମର୍ଶ

**ବରୀ,୬।୪(ମହେନ୍ଦ୍ର ସ୍ୱାଇଁ):**

ବରୀ ବ୍ଲକ ଅଧୀନ କଳାମାଟିଆ ପଞ୍ଚାୟତର କାଇପଡ଼ାଠାରେ ଥିବା ଗୋଲା ହାଟ ବରୀ ଅଞ୍ଚଳର ସର୍ବ ପୁରାତନ। ୧୯୪୨ ଭାରତଛାଡ଼ ଆନ୍ଦୋଳନ ସମୟରେ ମହାତ୍ମା ଗାନ୍ଧୀ ଏଠାରେ ବିଶ୍ରାମ ନେଇଥିଲେ। ଅତୀତର ସେହି ଇତିହାସକୁ ଉଜ୍ଜୀବିତ କରିବା ପାଇଁ ସ୍ଥାନୀୟ ସରପଞ୍ଚ ରଶ୍ମିତା ପରିଡ଼ା ସରକାରୀ ଅନୁଦାନ ଖର୍ଚ୍ଚ କରି ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବା ସହ ବ୍ୟବସାୟୀମାନଙ୍କ ସୁବିଧା ନିମନ୍ତେ ହାଟ ପିଣ୍ଡି ନିର୍ମାଣ କରିଛନ୍ତି। ହେଲେ କରୋନା ମହାମାରୀ ସମୟରୁ ଏହି ହାଟ ଉପରେ ନିର୍ଭର କରୁଥିବା ବ୍ୟବସାୟୀମାନେ ସେଠାକୁ ଯାଉନାହାନ୍ତି। ସେମାନେ କାଇପଡା ଷ୍ଟେଟ ବ୍ୟାଙ୍କ ସମ୍ମୁଖରେ ବ୍ୟବସାୟ କରୁଛନ୍ତି। ଫଳରେ ଯାତାୟାତ ପାଇଁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ସରପଞ୍ଚ ତାଙ୍କ ପତ୍ର ସଂଖ୍ୟା ୧୩୦/୨୪ରେ ବରୀ ତହସିଲ ପ୍ରଶାସନକୁ ଚିଠି ଲେଖିବା ପରେ ତହସିଲ ପ୍ରଶାସନ ତରଫରୁ ତତ୍ପରତା ପ୍ରକାଶ ପାଇଛି।

ଶନିବାର ବରୀ ଥାନା ଅଧିକାରୀ ଓ ତହସିଲ ପ୍ରଶାସନ ଘଟଣା ସ୍ଥଳରେ ପହଞ୍ଚି ବ୍ୟବସାୟୀମାନଙ୍କୁ ନିର୍ଦ୍ଧାରିତ ହାଟରେ ବସି ବ୍ୟବସାୟ କରିବାକୁ ପରାମର୍ଶ ଦେଇଛନ୍ତି। ଯଦି କୌଣସି ବ୍ୟବସାୟୀ ନିୟମ ଉଲ୍ଲଂଘନ କରନ୍ତି ତେବେ ସେମାନଙ୍କ ବିରୋଧରେ ରାସ୍ତା ଅବରୋଧ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ତହସିଲଦାର ସାଇଶ୍ରୀ ଲୋକନାଥ ସେଠୀଙ୍କୁ ପଚାରିବାରୁ ସେ କହିଛନ୍ତି, ରାସ୍ତା ଅବରୋଧ ସମ୍ପୂର୍ଣ୍ଣ ବେଆଇନ। ଯେଉଁମାନେ ଆଇନ ଅମାନ୍ୟ କରିବେ ସେମାନେ ଦଣ୍ଡିତ ହେବେ।

# ଓଟିନ୍ଦାରେ ରାଧାକୃଷ୍ଣଙ୍କ ମିଳନ ଉତ୍ସବ

**ପଣିକୋଇଲି,୬।୪(ବିକାଶ ମଲ୍ଲିକ):**

ପାଣିକୋଇଲି ଥାନା ଅଧୀନ ପଥରପଦା ପଞ୍ଚାୟତର ଓଟିନ୍ଦା ଗ୍ରାମରେ ରାଧାକୃଷ୍ଣ ମିଳନ ଉତ୍ସବ, ଦୋଳମୁଣ୍ଡାଇ ଓ ନୂତନ ପଞ୍ଜିକା ପଠନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ସନ୍ଧ୍ୟାରେ ଗ୍ରାମବାସୀ ଗୋପୀନାଥ ମନ୍ଦିରରୁ ରାଧାକୃଷ୍ଣଙ୍କୁ ମନ୍ଦିରରୁ ଆଣି ବିମାନ ଯୋଗେ ଗ୍ରାମ ପରିକ୍ରମା କରାଇଥିଲେ। ନାମ ସଂକୀର୍ତ୍ତନ, ଶଙ୍ଖ, ହୁଳହୁଳି ଓ ଘଣ୍ଟବାଦ୍ୟ ମାଧ୍ୟମରେ ପ୍ରଭୁଙ୍କୁ ଗ୍ରାମ ପରିକ୍ରମା କରାଯିବା ପରେ ରାସସ୍ଥଳୀରେ ବିଜେ କରାଯାଇଥିଲା। ସେଠାରେ ନୂତନ ପାଞ୍ଜି ପଠନ ସହ ଦେଶର ଭବିଷ୍ୟତ ଗଣନା କରାଯାଇଥିଲା। ପରେ ମେଣ୍ଢା ଘର ପୋଡ଼ାଯାଇଥିଲା। ପୂଜକ ରଘୁନାଥ ପାଢ଼ୀ, ପରମାନନ୍ଦ ଶତପଥୀ, ମୋହନ ଚରଣ ପାଢ଼ୀ, କୃଷ୍ଣଚନ୍ଦ୍ର ପାଢ଼ୀ ଓ ରାଧାକାନ୍ତ ଶତପଥୀ ପ୍ରମୁଖ ଯୋଗଦେଇ ପୂଜା କାର୍ଯ୍ୟ ତୁଲାଇଥିଲେ। ସତିଶ ଧଳ, ଅଚ୍ୟୁତାନନ୍ଦ ସାହୁ, ଭୀମସେନ ଦାସ, ନଣ୍ଡା ଦାସ, ଅକ୍ଷୟ ସାମଲ, ଅୟୋଜ୍ୟୋତି ସାମଲ, ଶିବପ୍ରସାଦ ଗିରି, ଜିତେନ୍ଦ୍ର ଭାରତୀ ଓ ଜଗବନ୍ଧୁ ସାମଲଙ୍କ ସମେତ ଗ୍ରାମର ସମସ୍ତ ଯୁବକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ରାଧାକୃଷ୍ଣ ବିମାନ ଗ୍ରାମ ପରିକ୍ରମା କରୁଛି।

# ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗ

**ରସୁଲପୁର,୬।୪(ରଞ୍ଜିତ ରାଉତ):**

କୁଆଖିଆ ଥାନା ଅନ୍ତର୍ଗତ ନରିସଂହପୁର ଅଞ୍ଚଳର ଜଣେ ନାବାଳିକାଙ୍କୁ ଅସଦାଚରଣ କରାଯାଇଛି। ଏନେଇ ନାବାଳିକାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ତଦନ୍ତ ଚଳାଇଛି।

ଶନିବାର ସକାଳେ ନାବାଳିକା ଗାଁ ମୁଣ୍ଡ ପଡ଼ିଆକୁ ଶୌଚ ହେବାକୁ ଆସିଥିଲେ। ଏହି ସମୟରେ ସେଠାରେ ବୁଲୁଥିବା ଜଣେ ଯୁବକ ତାଙ୍କୁ ଟଣାଓଟରା କରିଥିଲେ। ନାବାଳିକାଙ୍କ ଚିତ୍କାର ଶୁଣି ସ୍ଥାନୀୟ ଅଞ୍ଚଳର ଲୋକେ ଘଟଣାସ୍ଥଳରେ ପହଞ୍ଚି ଯୁବକଙ୍କୁ କାବୁ କରି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ସମ୍ପୃକ୍ତ ଯୁବକଙ୍କୁ ଥାନାକୁ ନେଇ ପଚରାଉଚରା କରିଥିଲା। ଯୁବକ ଜଣକ ନିଜ ନାଁ ନାଗେଶ୍ୱର ମହାରା ବୋଲି କହିଥିଲେ। ହେଲେ ତାଙ୍କ ଠିକଣା କହି ନ ଥିଲେ। ପୋଲିସ ବହୁ ଚେଷ୍ଟା କରିଥିଲେ ମଧ ଅଭିଯୁକ୍ତଙ୍କ ସମ୍ପୂର୍ଣ୍ଣ ସୂଚନା ପାଇ ପାରିନାହିଁ। ଏନେଇ ଥାନାରେ ନଂ.୧୪୪।୨୪ରେ ଏକ ମାମଲା ରୁଜୁ ହୋଇଛି। ଏସ୍‌ଆଇ ହେମଲତା ଦାସ ମାମଲାର ତଦନ୍ତ କରୁଛନ୍ତି। ରବିବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ ବୋଲି ପୋଲିସ କହିଛି।

# ବିଜେଡିର ନିର୍ବାଚନୀ ପ୍ରସ୍ତୁତି ବୈଠକ


ବୈଠକରେ ଯୋଗଦେଇଥିବା ବିଜେଡି ନେତୃମଣ୍ଡଳୀ।

**ଧର୍ମଶାଳା,୬।୪(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ବ୍ଲକ ଅନ୍ତର୍ଗତ କୁମାରୀ ପଞ୍ଚାୟତର ବିଜେଡି କର୍ମୀମାନଙ୍କୁ ନେଇ ଏକ ନିର୍ବାଚନୀ ପ୍ରସ୍ତୁତି ବୈଠକ ଜାରକାସ୍ଥିତ କଳ୍ପତରୁ ଦାସ ଫାଉଣ୍ଡେଶନ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ବିଜେଡି ସଭାପତି ପୂର୍ଣ୍ଣଚନ୍ଦ୍ର ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଯୋଗଦେଇ ଧର୍ମଶାଳା ନିର୍ବାଚନମଣ୍ଡଳୀରେ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ବିଜେଡି ପ୍ରାର୍ଥୀ ହୋଇଛନ୍ତି। ତେଣୁ କର୍ମୀମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ମଳ ଭାବମୂର୍ତ୍ତି ଓ ଜନକଲ୍ୟାଣକାରୀ ଯୋଜନା ସହିତ ସ୍ଥାନୀୟ ବିଧାୟକଙ୍କ ଲୋକାଭିମୁଖୀ କାର୍ଯ୍ୟଧାରା ସମ୍ପର୍କରେ ଲୋକଙ୍କୁ ବୁଝାଇବାକୁ ନିବେଦନ କରିଥିଲେ।

ବୈଠକରେ ପୂର୍ବତନ ଜିଲା ପରିଷଦ ସଭ୍ୟ ନିରଞ୍ଜନ ରାଉତ ଯୋଗଦେଇ ଦଳୀୟ କର୍ମୀମାନଙ୍କୁ ଉତ୍ସାହିତ କରିଥିଲେ। ସୁବାସ ମହାରଣା, ଧନେଶ୍ୱର ମହାନ୍ତି, ତ୍ରିଲୋଚନ ରାଉତ, ହରେକୃଷ୍ଣ ସାମନ୍ତ, ହୃଷୀକେଶ ସାମଲ, ବିନୋଦ ପରିଡ଼ା, ଶକ୍ତି ପ୍ରସନ୍ନ ଦାଶ ପ୍ରମୁଖ ଯୋଗଦେଇ ତୃଣମୂଳସ୍ତରରୁ ଦଳକୁ ସୁଦୃଢ଼ କରିବାକୁ ମତ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅମୂଲ୍ୟ ମହାରଣା, ଭଗବାନ ସାହୁ, ଗଗନ ବିହାରୀ ଆଇଚ, ବିଶ୍ୱଜିତ ସେଠୀ, ଅନିରୁଦ୍ଧ ରାଉତ, ପ୍ରଫୁଲ ରଣା, ଦେବଦତ୍ତ ମହାନ୍ତି, ବିନୋଦ ରାୟ, ସବ୍ୟସାଚୀ ବେହେରା, ପ୍ରସନ୍ନ ବରାଳ, ରଶ୍ମିରଞ୍ଜନ କର, କଳ୍ପତରୁ ସାହୁ, ଉମେଶ ବାରିକ, ବିଜୟ ବରାଳ, ସୌମ୍ୟରଞ୍ଜନ ରାଉତ, ଗିରିଧାରି ବେହେରା, ଚନ୍ଦ୍ରଶେଖର ବେହେରା, ଉମେଶ ବାରିକ, ବିନାୟକ ସାମଲ, ଶ୍ୟାମସୁନ୍ଦର ରାୟ, ମୃତ୍ୟୁଞ୍ଜୟ ରଥ, ସୁଶାନ୍ତ ଭୂୟାଁ ଓ ପରେଶ ସାହୁଙ୍କ ସମେତ ବହୁ ବରିଷ୍ଠ କର୍ମୀ ଉପସ୍ଥିତ ଥିଲେ। ରଶ୍ମିରଞ୍ଜନ ରାୟ ଧନ୍ୟବାଦ ଦେଇଥିଲେ।

# ଏଥର ନବାଗତ, ପୁରୁଖାଙ୍କ ମଧ୍ୟରେ ଲଢ଼େଇ

ଆଳି,୬।୪(ବନମାଳୀ ସେନାପତି)

କେନ୍ଦ୍ରାପଡ଼ା ଜିଲା ଆଳି ନିର୍ବାଚନମଣ୍ଡଳୀରେ ରାଜନୈତିକ ବାତାବରଣ ଉଷ୍ମ ହୋଇଛି। ପ୍ରମୁଖ ରାଜନୈତିକ ଦଳମାନେ ସେମାନଙ୍କ ଅଧିକାଂଶ ପ୍ରାର୍ଥୀଙ୍କ ନାମ ଘୋଷଣା କରିସାରିଛନ୍ତି। ଆଳି ନିର୍ବାଚନମଣ୍ଡଳୀରେ ପ୍ରତି ନିର୍ବାଚନରେ ସାଧାରଣତଃ କଂଗ୍ରେସ ଓ ବିଜେଡି ପ୍ରାର୍ଥୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥାଏ । କିନ୍ତୁ ଚଳିତ ନିର୍ବାଚନରେ ଭାଜପା ତା'ର ସଙ୍ଗଠନକୁ ସୁଦୃଢ଼ କରି ଜଣେ ସକ୍ରିୟ ନେତାଙ୍କୁ ଟିକେଟ ଦେଇଛି । ସେଥିପାଇଁ ଚଳିତ ଥର ରାଜନୈତିକ ପାଣିପାଗ ଅନ୍ୟାନ୍ୟ ନିର୍ବାଚନଠାରୁ ଟିକେ ଅଲଗା ହେବ ବୋଲି ସାଧାରଣରେ ଆଲୋଚନା ହେଉଛି।

ଚଳିତ ନିର୍ବାଚନ ପାଇଁ ବିଜୁ ଜନତା ଦଳ ଆଳିର ବିଧାୟକ ତଥା ଶକ୍ତି ମନ୍ତ୍ରୀ ପ୍ରତାପ କେଶରୀ ଦେବଙ୍କୁ ଷଷ୍ଠ ଥର ପାଇଁ ଟିକେଟ ପ୍ରଦାନ କରିଛି। ପ୍ରତାପ ହେଉଛନ୍ତି ଆଳିର ପୂର୍ବତନ ବିଧାୟକ, ପୂର୍ବତନ ମନ୍ତ୍ରୀ, ଏମ୍‌ପି, ବିରୋଧୀ ଦଳ ନେତା ସ୍ୱର୍ଗତ ଶରତ କୁମାର ଦେବଙ୍କ ପୁଅ । ତାଙ୍କ ମାଆ ସ୍ୱର୍ଗତ ସୁଶ୍ରୀ ଦେବୀ ମଧ୍ୟ ୧୯୯୦ରୁ ୧୯୯୫ ପର୍ଯ୍ୟନ୍ତ ଆଳିର ବିଧାୟିକା ଥିଲେ। ପରେ ସେ ରାଜ୍ୟ ସଭା ସଦସ୍ୟା ଥିଲେ। ପ୍ରତାପ କେଶରୀଙ୍କ ସବୁଠାରୁ ବଡ଼ ପରିଚୟ ସେ ଆଳି ରାଜ ପରିବାରର ସଦସ୍ୟ। କଂଗ୍ରେସ ଯଦିଓ ଏ


କୃଷ୍ଣ ଚନ୍ଦ୍ର ପଣ୍ଡା


ଡଃ ଦେବସ୍ମିତା ଶର୍ମା


ପ୍ରତାପ କେଶରୀ ଦେବ

ପର୍ଯ୍ୟନ୍ତ ଆଳି ନିର୍ବାଚନମଣ୍ଡଳୀ ପାଇଁ ପ୍ରାର୍ଥୀ ତାଲିକା ପ୍ରକାଶ କରିନାହିଁ କିନ୍ତୁ ଆଳିର ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମାଙ୍କ ଝିଅ ଡାକ୍ତର ଦେବସ୍ମିତା ଶର୍ମା ଏଥର ଟିକେଟ୍ ପାଇବା ପାଇଁ ନିର୍ବାଚନ ପ୍ରଚାରରେ ବାହାରିଛନ୍ତି। ଡାକ୍ତର ଦେବସ୍ମିତା କିଛିଦିନ ପୂର୍ବରୁ ସରକାରୀ ଚାକିରି ଛାଡ଼ି ରାଜନୀତିରେ ସକ୍ରିୟ ଭାବେ ପ୍ରବେଶ କରିଛନ୍ତି। ପୂର୍ବ ଦୁଇ ନିର୍ବାଚନରେ ନିଜ ବାପା ଦେବେନ୍ଦ୍ର ଶର୍ମାଙ୍କ ନିର୍ବାଚନ ପ୍ରଚାର କାର୍ଯ୍ୟରେ ସେ ସହଯୋଗ କରି ଆସୁଥିଲେ । ସେଥିପାଇଁ ତାଙ୍କର ରାଜନୀତିରେ ଅଭିଜ୍ଞତା ରହିଛି । ସେହିପରି ଦୀର୍ଘଦିନ ହେବ ଆଳି ନିର୍ବାଚନ ମଣ୍ଡଳୀରେ ଭାଜପା ସଙ୍ଗଠନକୁ ତୃଣମୂଳସ୍ତରରୁ ଦୃଢ଼ କରିଥିବା ଜିଲା ଉପସଭାପତି କୃଷ୍ଣଚନ୍ଦ୍ର ପଣ୍ଡା ଏଥର ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ।

## ଆଳି ନିର୍ବାଚନମଣ୍ଡଳୀ

କଂଗ୍ରେସ ଓ ଭାଜପାର ୨ ନବାଗତଙ୍କ ସହ ଅଭିଜ୍ଞ ରାଜନୀତିଜ୍ଞ ତଥା ପୁରୁଖା ବିଜେଡି ନେତା ପ୍ରତାପ କେଶରୀ ଦେବଙ୍କ ଲଢ଼େଇ ହେବ। ପ୍ରତାପ କେଶରୀ ଦେବ ଦୀର୍ଘ ଦିନ ହେବ ରାଜନୀତିରେ ରହି ଆଳି ଅଞ୍ଚଳର ଯେଉଁ ବିକାଶ କରିଛନ୍ତି ତାହା ତାଙ୍କୁ ନିର୍ବାଚନ ବୈତରଣୀ ପାର କରିବାକୁ ସାହସ ଜୁଟାଇଛି । ବିଜେଡିରେ କେତେଜଣ ଅସନ୍ତୁଷ୍ଟ ନେତା ଥିଲେ ବି ସେମାନଙ୍କୁ ସନ୍ତୁଷ୍ଟ କରିବାରେ ସେ ସିଦ୍ଧହସ୍ତ। ଏଥର ନିର୍ବାଚନରେ ସେ ନିଶ୍ଚିତ ବିଜୟ ହେବେ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଆଳି ଓ ରାଜକନିକା ବ୍ଲକକୁ ନେଇ ଗଠିତ ଏହି ନିର୍ବାଚନମଣ୍ଡଳୀରେ ସମୁଦାୟ ୬୩ ଗ୍ରାମ ପଞ୍ଚାୟତ ରହିଛି। ୧୯୭୧ ନିର୍ବାଚନରୁ ଅଦ୍ୟାବଧି କଂଗ୍ରେସ ଏଠାରେ ୧୯୮୫ ରୁ ୧୯୯୦,୧୯୯୫ରୁ ୨୦୦୦ ଓ ୨୦୧୪ ରୁ ୨୦୧୯ ପର୍ଯ୍ୟନ୍ତ ତିନି ଥର ବିଜୟ ଲାଭ କରିଛି। ଅପରପକ୍ଷେ ଅନ୍ୟ ସବୁ ସମୟ ଆଳି ରାଜ ପରିବାର ହାତରେ ଶାସନ ଡୋରି ରହିଛି। ୧୯୮୫ ପର୍ଯ୍ୟନ୍ତ ଶରତ କୁମାର ଦେବ ଏଠାରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ । ତା'ପରେ ୧୯୮୫ର ପରାଜୟ ପରେ ସେ ଏକ ଉପନିର୍ବାଚନରେ କେନ୍ଦ୍ରାପଡ଼ା ଲୋକ ସଭା ଆସନରୁ ବିଜୟୀ ହୋଇଥିଲେ। ୧୯୮୮ରେ ତାଙ୍କର ପରଲୋକ ଘଟିଥିଲା। ପରେ ତାଙ୍କ ସ୍ତ୍ରୀ ସୁଶ୍ରୀ ଦେବୀ ୧୯୯୦ରୁ ୧୯୯୫ ପର୍ଯ୍ୟନ୍ତ ଆଳିର ବିଧାୟିକା ଥିଲେ। ଏହା ପରେ ୨୦୦୦ରୁ ୨୦୨୪ ପର୍ଯ୍ୟନ୍ତ ପ୍ରତାପ କେଶରୀ ଦେବ ସର୍ବାଧିକ ୧୯ ବର୍ଷ ବିଧାୟକ ରହିଛନ୍ତି। ଏଥର ସେ ବିକାଶର ଚିତ୍ର ବାଢୁଥିବା ବେଳେ ତାଙ୍କ ବିପକ୍ଷରେ ଲଢେଇ କରିବାକୁ ପ୍ରସ୍ତୁତ ଥିବା ୨ ପ୍ରାର୍ଥୀ ଦୁର୍ନୀତିକୁ ଅସ୍ତ୍ର କରି ନିର୍ବାଚନମଣ୍ଡଳୀରେ ପ୍ରଚାର ଆରମ୍ଭ କରିଛନ୍ତି। ଭାଜପା ପ୍ରାର୍ଥୀ କୃଷ୍ଣଚନ୍ଦ୍ର ପଣ୍ଡା ପୋଲିସ ଚାକିରିରୁ ସ୍ୱେଚ୍ଛାକୃତ ଅବସର ନେଇ ଭାଜପାରେ ସାମିଲ ହୋଇଥିଲେ । ଏପରି କି ସେ ଜଣେ ଭଲ ଖେଳାଳି। ଏହା ଛଡ଼ା କୌଣସି ଲୋକ ଅସୁବିଧାରେ ପଡ଼ିବା ଖବର ପାଇଲେ ସେ ସହଯୋଗର ହାତ ବଢ଼ାଇଥାଆନ୍ତି । ତେଣୁ ତାଙ୍କର ଲୋକସମ୍ପର୍କ ରହିଛି। ସେହି ଲୋକସମ୍ପର୍କକୁ ପୁଞ୍ଜି କରି ସେ ନିର୍ବାଚନ ରଣାଙ୍ଗନ ପାରିହେବା ପାଇଁ ବଦ୍ଧପରିକର। ସେହିଭଳି କଂଗ୍ରେସରୁ ପ୍ରାର୍ଥୀ ହେବା ପାଇଁ ଆବେଦନ କରିଥିବା ଡାକ୍ତର ଦେବସ୍ମିତା ଶର୍ମା ଆଳି ନିର୍ବାଚନମଣ୍ଡଳୀର ବିଭିନ୍ନ ସରକାରୀ ଡାକ୍ତରଖାନାରେ ରୋଗୀସେବା କରି ଜଣେ ଭଲ ଡାକ୍ତର ଭାବେ ପରିଚିତ । କେବଳ ସେତିକି ନୁହେଁ ତାଙ୍କର ବଡ଼ ପରିଚୟ ସେ ହେଉଛନ୍ତି ଆଳିର ସୁନାମଧନ୍ୟ ଡାକ୍ତର ତଥା ପୂର୍ବତନ ବିଧାୟକ ସ୍ୱର୍ଗତ ଦିବାକର ନାଥ ଶର୍ମାଙ୍କ ନାତୁଣୀ। ଏହି ପରିପ୍ରେକ୍ଷୀରେ ଏଥର ଆଳି ନିର୍ବାଚନମଣ୍ଡଳୀରେ ନବାଗତ ଓ ପ୍ରବୀଣଙ୍କ ମଧ୍ୟରେ ତ୍ରିମୁଖୀ ଲଢ଼େଇ ହେବ ବୋଲି ସ୍ପଷ୍ଟ ହୋଇଛି ।

# ୫ ସାହସୀ ଯୁବକଙ୍କୁ ସମ୍ବର୍ଦ୍ଧନା

## ନଦୀରୁ ୩ ଜଣଙ୍କ ଜୀବନ ବଞ୍ଚାଇଥିଲେ


୩ଜଣଙ୍କ ଜୀବନ ବଞ୍ଚାଇଥିବା ୫ ଯୁବକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

ରାଜକନିକା,୬।୪(ସଞ୍ଜୟ କୁମାର ଦାଶ)

ଶୁକ୍ରବାର ଆଳି-ରାଜକନିକାକୁ ସଂଯୋଗ କରୁଥିବା ଗଡଗଡି ସେତୁ ଉପରୁ ଜଣେ ମହିଳା ନିଜ ୯ ମାସର ଶିଶୁକନ୍ୟାକୁ ଧରି ଖରସ୍ରୋତା ନଦୀଗର୍ଭକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରୁଥିଲେ । ଏହାଦେଖି ତାଙ୍କ ସ୍ୱାମୀ ବି ନଦୀକୁ ଡେଇଁପଡ଼ିଥିଲେ । ଆଳି ବାଲକାଟି ଅଞ୍ଚଳର ୫ ଜଣ ଯୁବକ ସମସ୍ତଙ୍କୁ ନଦୀ ଗର୍ଭରୁ ଉଦ୍ଧାର କରିଥିଲେ । ୩ ଜଣଙ୍କ ଜୀବନ ବଞ୍ଚାଇଥିବା ସେହି ଯୁବକମାନଙ୍କୁ ଶନିବାର କେନ୍ଦ୍ରାପଡ଼ା ଜିଲା ରାଜକନିକା ଡାଳିକାଏନ୍ଦା ଗାଁର ବାସିନ୍ଦା ତଥା ମୁମ୍ବାଇ ଗୁରୁବ୍ରଦର୍ସ ଏମ୍‌ଡି ଡ.ହୟଗ୍ରୀବ ଗୁରୁଙ୍କ ତରଫରୁ ସାମାଜିକ କର୍ମୀ କୈଳାସ ଚନ୍ଦ୍ର ସେଠୀ ସେହି ସାହସୀ ଯୁବକ ଅଲେଖ ସେଠୀ, ବୀରେନ ରାଉତ, ସୁଶାନ୍ତ ମଲିକ, ଅଭିଷେକ ମଥାନ ଓ କୁମାର ଶୀବମ ପ୍ରମୁଖଙ୍କୁ ଉପଢୌକନ, ପୁଷ୍ପଗୁଚ୍ଛ ଓ ପ୍ରୋତ୍ସାହନ ଅର୍ଥରାଶି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ।

ସୂଚନାଯୋଗ୍ୟ, ଶୁକ୍ରବାର କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଅଟାଳ ପଞ୍ଚାୟତ ଖନ୍ଦୋଳ ଗାଁର ବିଶ୍ୱରଞ୍ଜନ ବେହେରା ଓ ସ୍ତ୍ରୀ ମୋନାଲିସାଙ୍କ ମଧ୍ୟରେ ପାରିବାରିକ କଳହ ହୋଇଥିଲା । ମୋନାଲିସା ଝିଅକୁ ଧରି ବାପଘର ଡାଳିକାଏନ୍ଦା ଯିବା ବାଟରେ ଗଡଗଡି ସେତୁ ଉପରୁ ଖରସ୍ରୋତା ନଦୀକୁ ଡେଇଁ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିଲେ । ଏହାକୁ ଦେଖି ସ୍ତ୍ରୀଙ୍କ ପଛେ ଆସୁଥିବା ସ୍ୱାମୀ ମୋନାଲିସା ଓ ଶିଶୁକନ୍ୟାକୁ ବଞ୍ଚାଇବାକୁ ଯାଇ ସେ ମଧ୍ୟ ନଦୀକୁ ଡେଇଁ ପଡିଥିଲେ । ଘାଟକୂଳେ ବସିଥିବା ଉପରୋକ୍ତ ଯୁବକମାନେ କୂଳରେ ଥିବା ଭୁଟଭୁଟି(ଡିଙ୍ଗି)ରେ ନଦୀ ମଝିକୁ ଆସି କୁମ୍ଭୀରକୁ ଖାତିର ନ କରି ଅତି ସାହାସର ସହିତ ୩ଜଣଙ୍କୁ ଉଦ୍ଧାର କରି ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ ।

# ତଣ୍ଡା ମହୋଦଧିରେ ମହାବାରୁଣୀ ମେଳା


ମା'ଅଲେଖ ସୁନ୍ଦରୀଙ୍କ ଅଳଙ୍କାର ବେଶ ।


ତଣ୍ଡା ମହୋଦାଧି କୂଳରେ ଶ୍ରଦ୍ଧାଳୁମାନେ ବୁଡ଼ ପକାଉଛନ୍ତି ।

## ବୁଡ଼ ପକାଇଲେ ୧୦ହଜାର ଶ୍ରଦ୍ଧାଳୁ

ମହାକାଳପଡ଼ା,୬।୪(ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ନାହାକାଣିସ୍ଥିତ ମା'ଅଲେଖ ସୁନ୍ଦରୀ ପୀଠ ନିକଟ ତଣ୍ଡା ମହୋଦଧିରେ ଶନିବାର ମହାବାରୁଣୀ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ମହୋଦଧିରେ ପ୍ରାୟ ୧୦ହଜାର ଶ୍ରଦ୍ଧାଳୁ ସକାଳେ ବୁଡ଼ ପକାଇଥିଲେ। ଏହି ଦିନ ମହୋଦଧିରେ ବୁଡ଼ ପକାଇଲେ କୋଟି ଜନ୍ମର ପୁଣ୍ୟ ମିଳି ଥାଏ ବୋଲି ବିଶ୍ୱାସ ରହିଛି। ଅପରପକ୍ଷେ ବହୁ ପ୍ରାଚୀନ କାଳରୁ ଚମ୍ପାଗଡ଼ ରାଜ୍ୟର ରାଜା ନରସିଂହପୁର ଗ୍ରାମରେ ମା'ଅଲେଖ ସୁନ୍ଦରୀଙ୍କୁ କାହିଁ କେଉଁ ଅନାଦି କାଳରୁ ସ୍ଥାପନ କରିଥିଲେ ବୋଲି କିମ୍ବଦନ୍ତୀ ରହିଛି । ସ୍ଥାନୀୟ ଲୋକମାନେ ସାମୁଦ୍ରିକ ଝଡ଼ବାତ୍ୟାରୁ ରକ୍ଷା ପାଇବା ପାଇଁ ମା'ଙ୍କ ନିକଟରେ ଶରଣାପନ୍ନ ହୋଇଥାଆନ୍ତି । ପାଦୁକା ପାଇ ଶରୀର ଆରୋଗ୍ୟ ଲାଭ କରିଥାନ୍ତି। ମା'ଏହି ବିପଦରୁ ଉପରୋକ୍ତ ଅଞ୍ଚଳକୁ ସୁରକ୍ଷା ଯୋଗାଇ ଦେଇଥାଆନ୍ତି ବୋଲି ଶ୍ରଦ୍ଧାଳୁମାନେ କହିଛନ୍ତି।

ଶନିବାର ଦିନତମାମ ମା'ଙ୍କ ପୀଠରେ ଶ୍ରଦ୍ଧାଳୁମାନେ ଦେବୀଙ୍କୁ ଦର୍ଶନ କରିବା ସହିତ ପୂଜାର୍ଚ୍ଚନା କରିଥିଲେ। ବହୁ ମାନସିକଧାରୀ ମା'ଙ୍କ ପୀଠରେ ଆମିଷ ବ୍ୟଞ୍ଜନ ସମର୍ପଣ କରିବା ବିଧି ରହିଛି । ମା'ଙ୍କ ପୀଠରେ ଏହି ଦିନ ମହାବାରୁଣୀ ମେଳା ଅନୁଷ୍ଠିତ ହୋଇଥାଏ । ଉକ୍ତ ମେଳା ୫ଦିନ ଧରି ଚାଲିଥାଏ । ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ଏଥିପାଇଁ ବିଭିନ୍ନ ଦୋକାନ ବଜାର ଖୋଲିଥାଏ । ପଟ୍ଟାମୁଣ୍ଡାଇ, ରାଜନଗର, କେନ୍ଦ୍ରାପଡ଼ା, ମହାକାଳପଡ଼ା, ପାରାଦୀପ, ଭଦ୍ରକ ଓ ବାଲେଶ୍ୱର ଅଞ୍ଚଳର ଶ୍ରଦ୍ଧାଳୁ ଏହି ମେଳାରେ ସାମିଲ ହୋଇଥାନ୍ତି।

# ଭାଜପା ପକ୍ଷରୁ ମିଶ୍ରଣ ପର୍ବ

ରାଜନଗର,୬।୪
(ଭାସ୍କର ରାଉତରାୟ)

ଭାଜପା ପକ୍ଷରୁ ରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଟିକେଟ୍ ଘୋଷଣା ବିଳମ୍ବିତ ହେଉଥିବା ବେଳେ ଏପଟେ କିନ୍ତୁ ଟିକେଟ ପାଇଁ ପ୍ରମୁଖ ଦାବିଦାର ଥିବା ଯୁବନେତା ଅଜୟ କୁମାର ବେହେରା ସଂଗଠନକୁ ସୁଦୃଢ଼ କରିବା ପାଇଁ ମିଶ୍ରଣ ପର୍ବ ଜାରି ରଖିଛନ୍ତି । ଶନିବାର ରାଜନଗର ବ୍ଲକ ବାଲିସାହିପାଟଣା ପଞ୍ଚାୟତ ମଧୁପୁର ଠାରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ମଣ୍ଡଳ ସଭାପତି ପ୍ରମୋଦ ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ୬୦ରୁ ଊର୍ଦ୍ଧ୍ୱ ପରିବାର ବିଜେଡି ଓ କଂଗ୍ରେସ ଛାଡି ଭାରତୀୟ ଜନତା ପାର୍ଟିରେ ସାମିଲ ହୋଇଛନ୍ତି । ଯୁବନେତା ବେହେରା ଦଳରେ ସାମିଲ ହୋଇଥିବା ସମସ୍ତଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ।

# ମା'ଅଲେଖ ସୁନ୍ଦରୀଙ୍କ ପୀଠରେ ଅଂଶୁମାନ, ଅତନୁ


ମା'ଅଲେଖ ସୁନ୍ଦରୀ ପୀଠରେ ଅଂଶୁମାନ ଓ ଅତନୁ।

ମହାକାଳପଡ଼ା,୬।୪(ପ୍ରତାପ ଚନ୍ଦ୍ର ସ୍ୱାଇଁ)

ଶନିବାର ବାରୁଣୀ ମେଳା ଅବସରରେ ମା'ଅଲେଖ ସୁନ୍ଦରୀଙ୍କୁ ଦର୍ଶନ କରିଛନ୍ତି ବିଜେଡିର ଲୋକ ସଭା ପ୍ରାର୍ଥୀ ଅଂଶୁମାନ ମହାନ୍ତି ଓ ବିଧାୟକ ପ୍ରାର୍ଥୀ ଅତନୁ ସବ୍ୟସାଚୀ ନାୟକ । ଏହି ଅବସରରେ ଏକ ବିଶାଳ ବାଇକ ଶୋଭାଯାତ୍ରା ଶନିବାର ସକାଳେ ଅନୁଷ୍ଠିତ ହୋଇଥିଲା । ଏହି ଶୋଭାଯାତ୍ରା ରାହାମା ବାବରଠାରୁ ବାହାରି ଗଗୁଆ, ବଳିଗଣ୍ଡ, ନାଞ୍ଜୁରା, କାଇତାଲା, ଭୋପାଳ, ତନ୍ତିଆପାଳ, ରଟପଙ୍କ ଆଦି ଗ୍ରାମ ପରିକ୍ରମା କରି ମା' ଅଲେଖ ସୁନ୍ଦରୀ ପୀଠରେ ପହଞ୍ଚିଥିଲା । ସେଠାରେ ଅଂଶୁମାନ ଓ ଅତନୁ ପୂଜାର୍ଚ୍ଚନା କରିବା ସହିତ ମା'ଙ୍କ ଆଶିଷ ଭିକ୍ଷା କରିଥିଲେ । ପରେ ଜଗରିଜୋରଠାରେ ମା'ଶ୍ୟାମା କାଳୀଙ୍କ ଦର୍ଶନ କରିଥିଲେ। ଅଂଶୁମାନ ଖବରଦାତାମାନଙ୍କ ପ୍ରଶ୍ନରେ ବିଜୁ ବାବୁ ଓ ନବୀନ ବାବୁଙ୍କ ଅଧୁରା ସ୍ୱପ୍ନକୁ ପୂରଣ କରିବା ପାଇଁ ଯଥେଷ୍ଟ ଉଦ୍ୟମ କରିବି ବୋଲି କହିଛନ୍ତି। ସେହିପରି ଜଣେ ହେଭିୱେଟ ନେତାଙ୍କ ସହିତ ଆପଣଙ୍କ ଲଢ଼େଇ କେମିତି ରହିବ ବୋଲି ପ୍ରଶ୍ନରେ ସେ କହିଛନ୍ତି, କେନ୍ଦ୍ରାପଡ଼ାବାସୀ ହିଁ ହେଭିୱେଟ, ଅନ୍ୟ କେହି ହେଭିୱେଟ୍ ନୁହନ୍ତି । ଏହି ଅବସରରେ ବ୍ଲକ ଅଧ୍ୟକ୍ଷା କଳ୍ପନା ରାଉତ, ଯୁବନେତା ଦେବଦତ୍ତ ପରିଡ଼ା, ସୁବାସ ମହାନ୍ତି, ମନୋଜ ପାତ୍ର, ଗଗନ ପ୍ରଧାନ, ଅପୁ ପରିଡ଼ା, ଆମ୍ବା ଅଧ୍ୟକ୍ଷ ବିଜୟ କୁମାର ଜେନା, ଅରବିନ୍ଦ ଜେନା, ନାରୀନେତ୍ରୀ ସୁରଭି ଜେନା, ନଳିନୀ ପ୍ରଭା ଚୌଧୁରୀ, ବିଶ୍ୱଜିତ ବସୁଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

# ଭାଜପାର ପ୍ରତିଷ୍ଠା ଦିବସ ପାଳିତ


ଭାଜପାର ପ୍ରତିଷ୍ଠା ଦିବସରେ ସାମିଲ ହୋଇଥିବା ଦଳୀୟ କର୍ମୀ ଓ ନେତା ।

ରାଜକନିକା,୬।୪(ସଞ୍ଜୟ କୁମାର ଦାଶ)

ରାଜ୍ୟ ଭାଜପା ଯୁବମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ଶ୍ରେୟସ ଦାସଙ୍କ ସଭାପତିତ୍ୱ ଓ ଜିଲା ଭାଜପା ଯୁବମୋର୍ଚ୍ଚା ଉପସଭାପତି ସନ୍ତୋଷ କରଙ୍କ ସଂଯୋଜନାରେ ରାଜକନିକାସ୍ଥିତ ଭାଜପା ଯୁବମୋର୍ଚ୍ଚା କାର୍ଯ୍ୟାଳୟଠାରେ ଶନିବାର ଭାଜପାର ୪୫ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଅତିଥି ଭାବେ ବରିଷ୍ଠ ଭାଜପା ନେତ୍ରୀ ଜିତା ଦାସ ଯୋଗଦେଇ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲା ଭାଜପା ଯୁବମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ଶାରଦା ପ୍ରସନ୍ନ ବିଶ୍ୱାଳ, ଜିଲା ସଂଯୋଜକ ଦୀପକ କୁମାର ମଲିକ, ଜିଲା ସଂଯୋଜକ ପ୍ରବୀର ନାୟକ, ଜିଲା ସଂଯୋଜକ ସୁଜିତ ବେହେରା, ୨୮ନଂ.ଜୋନ ସଭାପତି ରାଜେନ୍ଦ୍ର ବେହେରା, ସାଧାରଣ ସମ୍ପାଦକ ପ୍ରକାଶ ନାୟକ, ୨୯ନଂ. ଜୋନ ସଭାପତି ଦିଲୀପ ପରିଡା, ୨୮ନଂ. ଜୋନ୍ ଯୁବମୋର୍ଚ୍ଚା ଉପସଭାପତି ସୁବାସ ନାୟକ, ସଚିନ ଦାସ, ଜଗନ୍ନାଥ ସାମଲ, ଯୁବନେତା ଅମୀୟ ନାୟକ, ପ୍ରସନ୍ନ ଜେନା ପ୍ରମୁଖଙ୍କ ସମେତ ଯୁବମୋର୍ଚ୍ଚାର ସମସ୍ତ ସଦସ୍ୟା ସଦସ୍ୟ ଉପସ୍ଥିତ ଥିଲେ ।

# ପଞ୍ଚୁପାଣ୍ଡବ, ଖଲାରେଶ୍ୱରରେ ବାରୁଣୀ ସ୍ନାନ

ଡେରାବିଶ,୬।୪(ବେବର୍ତ୍ତା ଅଜୟ ଦାସ)

ଚଳିତ ବର୍ଷ ମହାଯୋଗ ବାରୁଣୀ ପଡ଼ିଥିବାରୁ ଶନିବାର ଡେରାବିଶ ବ୍ଲକ ଅଧୀନ ଏଣ୍ଡର ପଞ୍ଚାୟତ ପ୍ରସିଦ୍ଧ ଧର୍ମପୀଠ ପଞ୍ଚୁପାଣ୍ଡବ ମନ୍ଦିର ନିକଟରେ ବହିଯାଇଥିବା ଗୋବରୀ ନଦୀର ତୀର୍ଥ କୂଳରେ ହଜାର ହଜାର ଶ୍ରଦ୍ଧାଳୁ ବାରୁଣୀ ସ୍ନାନ କରିଛନ୍ତି । ବିଶ୍ୱାସ ରହିଛି ଆଜି ଦିନରେ ଭିକ୍ଷୁକମାନଙ୍କୁ ଶସ୍ୟ ଦାନ କଲେ ଘର ଧନଧାନ୍ୟରେ ପୁରଣ ହୋଇଥାଏ । ଏହି ବାରୁଣୀ ଯାତ୍ରା ସହ ମହାଭାରତ ସମୟର କଥାବସ୍ତୁ ଜଡ଼ିତ ଥିବାରୁ କେନ୍ଦ୍ରାପଡ଼ା ଜିଲ୍ଲା ସମେତ ଅବିଭକ୍ତ କଟକ ଜିଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା । ଶିକ୍ଷାବିତ୍ ହରେକୃଷ୍ଣ ମହାନ୍ତିଙ୍କ ସୂଚନା ଅନୁଯାୟୀ ଦ୍ୱାପର ଯୁଗରେ ଅଜ୍ଞାତବାସ ସମୟରେ ପାଣ୍ଡବ ପାଞ୍ଚଭାଇ, ମାତା କୁନ୍ତି, ସ୍ତ୍ରୀ ଦ୍ରୌପଦୀଙ୍କ ସମେତ ଭଗବାନ ଶ୍ରୀକୃଷ୍ଣ ଡେରାଡ଼ିହ ଠାରେ ଅବସ୍ଥାନ କରିଥିଲେ । ସେହି ସମୟରେ ଗୋବରୀ ନଦୀର ତୀର୍ଥ କୂଳରେ ବାରୁଣୀ ସ୍ନାନର ସମ୍ପର୍କ ଏହି କଥାବସ୍ତୁ ସହ ରହିଥିବା ନେଇ ସାଧାରଣ ଲୋକଙ୍କ ବିଶ୍ୱାସ ରହିଛି । ତେବେ ଆଜି ଡେରାଡିହ ଠାରେ ପାଣ୍ଡବ ପାଞ୍ଚଭାଇ, ମାତା କୁନ୍ତି, ସ୍ତ୍ରୀ ଦ୍ରୌପଦୀଙ୍କ ସମେତ ରାଧାକୃଷ୍ଣ ଓ ରାମେଶ୍ୱରଙ୍କ ମନ୍ଦିର ରହିଥିବାରୁ ଏହା ଏକ ଧର୍ମପୀଠରେ ପରିଣତ ହୋଇଛି । ବାରୁଣୀ ଯାତ୍ରାରେ ପ୍ରତ୍ୟେହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କମିଟିର ସଭାପତି ଜ୍ୟୋତିରଞ୍ଜନ ସୁନ୍ଦରାୟ କହିଛନ୍ତି।

ସେହିପରି ବ୍ଲକ ଅଧୀନ ଯଅଁରାବାରିମୂଳ ପଞ୍ଚାୟତ ଲୁଣାନଦୀର ଅର୍ଣ୍ଣାମୂଳ ଠାରେ ଥିବା ପ୍ରସିଦ୍ଧ ଶୈବପୀଠ ଖଲାରେଶ୍ୱରଙ୍କ ମନ୍ଦିର ନିକଟରେ ନଦୀଘାଟରେ ବହୁ ଶ୍ରଦ୍ଧାଳୁ ଶନିବାର ବୁଡ଼ ପକାଇ ଖଲାରେଶ୍ୱର ଓ ମା' ଛିନ୍ନମସ୍ତାଙ୍କୁ ଦର୍ଶନ କରିଛନ୍ତି ।

# କଂଗ୍ରେସ ପକ୍ଷରୁ ମିଶ୍ରଣ ସମାବେଶ



ଡେରାବିଶ,୬।୪(ବେବର୍ତ୍ତା ଅଜୟ ଦାସ)

ନରସିଂହପୁର ପଞ୍ଚାୟତ ପାଟକୁରା କଂଗ୍ରେସ ପକ୍ଷରୁ ଏକ ମିଶ୍ରଣ ସମାବେଶ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ବ୍ଲକ କଂଗ୍ରେସ ସଭାପତି ଉମେଶ ଚନ୍ଦ୍ର ତ୍ରିପାଠୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନରସିଂହପୁର ପଞ୍ଚାୟତର ବହୁ ବିଜେଡି ଓ ଭାଜପା କର୍ମୀ ଦଳତ୍ୟାଗ କରି କଂଗ୍ରେସରେ ଯୋଗଦେଇଥିଲେ । ସଂଗ୍ରାମ ମଲ୍ଲ, ରବିନ୍ଦ୍ର ମଲିକ, ତ୍ରିଲୋଚନ ରାଉତ, କବିତା ମଲିକ, ଶିବ ରାଉତ ପ୍ରମୁଖଙ୍କ ସମେତ ୨୦ରୁ ଊର୍ଦ୍ଧ୍ୱ କର୍ମୀ କଂଗ୍ରେସ ନେତା ଡ. ରତିକାନ୍ତ କାନୁନଗୋଙ୍କ ଉପରେ ଆସ୍ଥା ପ୍ରକଟ କରି କଂଗ୍ରେସରେ ଯୋଗଦେଇଥିଲେ ।

# ଫାଇଲ ତଳେ ୨ ୱାଟର ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ପ୍ରସ୍ତାବ

## ବର୍ଷା ହେଲେ ସହରବାସୀ ହନ୍ତସନ୍ତ

କେନ୍ଦ୍ରାପଡ଼ା,୬।୪ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ପୌରାଞ୍ଚଳ ଡ୍ରେନେଜ ସିଷ୍ଟମର ପୁର୍ନଉଦ୍ଧାର ଏକ ସମସ୍ୟା ଭାବେ ଉଭା ହୋଇଛି । ପୌରପାଳିକା ପକ୍ଷରୁ ଡ୍ରେନ ସଫେଇକୁ ଗୁରୁତ୍ୱ ଦିଆଯାଉଛି । ମାତ୍ର ଏହି ସମସ୍ୟାର ସାମାଧାନ ପାଇଁ ରାଜ୍ୟ ସରକାରଙ୍କ ସହର ଉନ୍ନୟନ ବିଭାଗ ପକ୍ଷରୁ ୨ ଡ୍ରେନେଜ ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ ପ୍ରସ୍ତାବ ଫାଇଲ ତଳେ ଚାପି ହୋଇରହିଛି । ଆଗାମୀ ବର୍ଷାଋତୁ ପୂର୍ବରୁ ଏହି ପ୍ରକଳ୍ପ ଶେଷ ନ ହେଲେ ସହରର ଅର୍ଦ୍ଧାଧିକ ସ୍ଥାନ ଜଳବନ୍ଦୀ ହେବା ଆଶଙ୍କା ଦେଖାଦେଇଛି । ତୁରନ୍ତ ଏହି ଦୁଇ ପ୍ରକଳ୍ପ କାର୍ଯ୍ୟକାରୀ ପାଇଁ ସହରବାସୀ ମତ ଦେଇଛନ୍ତି ।

୨୦୧୭ରେ ରାଜ୍ୟ ସ୍ୱରେଜ ବୋର୍ଡ ଓ ଟିଂଆଇ କନସୁଲେଟିଂ ଇଞ୍ଜିନିୟର୍ସ ସଂସ୍ଥା ପକ୍ଷରୁ ସହରର ଜଳ ନିଷ୍କାସନ ସହ ଏକ ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ମାଷ୍ଟର ପ୍ଲାନ ପ୍ରସ୍ତୁତ ହୋଇଥିଲା । ଏହି ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ ଇନ୍ଦୁପୁର ଅଞ୍ଚଳରେ ପ୍ରତିଷ୍ଠା ହେବାକୁ ଥିଲା । ସେହିପରି ନଗର ଉନ୍ନୟନ ବିଭାଗ ପକ୍ଷରୁ ଡ୍ରେନେଜ ବିଭାଗ ସହାୟତାରେ ୧୯ କୋଟି ୪୭ ଲକ୍ଷ ଟଙ୍କାର ଦ୍ୱିତୀୟ ପ୍ରକଳ୍ପ ପାଇଁ ଡିପିଆର ପ୍ରସ୍ତୁତ ହୋଇଛି । ତେବେ ଏହି ଦୁଇ ପ୍ରକଳ୍ପ କାର୍ଯ୍ୟକାରୀରେ ବହୁ ବିଳମ୍ବ ହେଲାଣି । ଏସମ୍ପର୍କରେ ସହରର ମନୋଜ କୁମାର ସିଂହ କୁହନ୍ତି, ପ୍ରଥମ ଡ୍ରେନେଜ ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ ନିର୍ମାଣ ପାଇଁ ତତ୍କାଳିନ ପୌର ପରିଷଦ ଉଦ୍ୟମ କରିଥିଲା । ଯୋଜନା ଅନୁଯାୟୀ ସହରର ଡ୍ରେନ ଓ ବର୍ଷାଜଳକୁ ଗୋବରୀ ନଦୀ ଓ କେନାଲକୁ ନ ଛାଡି ଏକ ସ୍ୱତନ୍ତ୍ର ଡ୍ରେନ ମାଧ୍ୟମରେ ସହର ବାହାରେ ଏକ ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ ପ୍ରସ୍ତାବ ଗୃହୀତ ହେଲା । ଏହି ପ୍ଲାଣ୍ଟରେ ମଇଳା ପାଣିକୁ ବିଶୋଧନ କରାଯାଇ ଗୋବରୀ ନଦୀ ଓ କେନାଲକୁ ଛଡାଯିବ ବୋଲି ସ୍ଥିର ହୋଇଥିଲା । ଯାହାଦ୍ୱାରା ସହର ମଧ୍ୟ ଦେଇ ଯାଇଥିବା ନଦୀ ଓ କେନାଲ ପ୍ରଦୂଷଣ ମୁକ୍ତ ରହିବ । ଫକୀରାବାଦର ମୀର ଅବୁ ଓବେଦା କହିଛନ୍ତି, ସାମାନ୍ୟ ବର୍ଷାରେ ସହରର ବିଭିନ୍ନ ଡ୍ରେନ ଉଛୁଳି ପଡୁଛି । ଫଳରେ ପାଣି ସହିତ ଡ୍ରେନରେ ଥିବା ଅଳିଆ ଆବର୍ଜନା ବାହାରକୁ ଆସି ସମସ୍ୟା ସୃଷ୍ଟି କରୁଛି । ଏହି ସମସ୍ୟା ଦୀର୍ଘଦିନ ଧରି ରହିଥିବା ସତ୍ତ୍ୱେ ଏହାର ସମାଧାନ ପାଇଁ ତତ୍ପରତା ନାହିଁ । ବର୍ଷାଋତୁ ପୂର୍ବରୁ ଏହାର ସମାଧାନ ହେଲେ ସହରବାସୀ ଉପକୃତ ହେବେ ବୋଲି ସେ ପ୍ରକାଶ କରିଛନ୍ତି ।

୨୧ନଂ.ୱାର୍ଡର ସାମାଜିକ କର୍ମୀ ଉମେଶ ଚନ୍ଦ୍ର ପାଢ଼ୀ କହିଛନ୍ତି, ବର୍ଷା ହେଲେ ସ୍ଥାନୀୟ ସହରବାସୀଙ୍କ ବିପତ୍ତି ବଢୁଛି । ୨୧ନଂ. ୱାର୍ଡ ସହିତ ୧୨ ଓ ୧୩ନଂ.ରେ ବର୍ଷାଜଳ ଜମି ରହୁଛି। ସହର ମଧ୍ୟରେ ଥିବା ଜଳପଥ ଓ ଡ୍ରେନଗୁଡ଼ିକ ଜବରଦଖଲକାରୀଙ୍କ କବଳକୁ ଚାଲିଯାଇଛି । ଫଳରେ ବର୍ଷାଜଳ ସମଗ୍ର ସହର ମଧ୍ୟରେ ସହଜ ଜୀବନଯାତ୍ରାରେ ବାଧା ସୃଷ୍ଟି କରିଛି। ଜଳପଥ ଉପରେ ଗୃହ ନିର୍ମାଣ ପାଇଁ ଅନୁମତି ପ୍ରଦାନ ବନ୍ଦ ହେବା ସହିତ ଜବରଦଖଲକାରୀଙ୍କ ଉଚ୍ଛେଦ ଜରୁରୀ ହୋଇଛି । ଏସମ୍ପର୍କରେ ପୌରାଧ୍ୟକ୍ଷା ସରିତା ସାହୁ କହିଛନ୍ତି, ଜଳ ନିଷ୍କାସନ ସମସ୍ୟା ସମ୍ପର୍କରେ ନିକଟରେ ସମୀକ୍ଷା ହୋଇଥିଲା । ଏଥିସହ ସହରବାସୀଙ୍କ ପାଇଁ ସୁସ୍ଥ ପରିବେଶ ଓ ଡ୍ରେନେଜ ସିଷ୍ଟମର ଉନ୍ନତିକରଣ ପ୍ରକ୍ରିୟା ଆରମ୍ଭ ହୋଇଛି । ସେହିପରି ୱାଟର ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ପ୍ରସ୍ତାବ କାର୍ଯ୍ୟକାରୀ ପାଇଁ ଉଦ୍ୟମ ହୋଇଛି ।


ଗୋବରୀ ନଦୀ ।

## ସଂକ୍ଷେପରେ

### ପୃଥକ୍ ଦୁର୍ଘଟଣା: ୨ ଗୁରୁତର

ଦଶପଲ୍ଲା,୬।୪ (ପ୍ରକାଶ କୁମାର ପାଣି)

ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ. ଜାତୀୟ ରାଜପଥର ତ୍ରିନାଥ ବଜାର ନିକଟ ହରିଡ଼ାବାଡ଼ି ଛକଠାରେ ଶୁକ୍ରବାର ବାଇକ୍ ଦୁର୍ଘଟଣାରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ ନୟାଗଡ଼ ଥାନା ସଜନାପଡ଼ାର ସୁଶାନ୍ତ ପ୍ରଧା।। ତାଙ୍କ ବାଇକ୍ ଅନ୍ୟ ଏକ ଗାଡ଼ି ସହ ଧକ୍କା ହେବାରୁ ଏପରି ଅଘଟଣ ଘଟିଛି । ଦଶପଲ୍ଲା ପୋଲିସ ଓ ଅଗ୍ନିଶମ କର୍ମଚାରୀମାନେ ସୁଶାନ୍ତଙ୍କୁ ଉଦ୍ଧାର କରି ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ସେହିପରି ଭଞ୍ଜନଗର ରାସ୍ତାର ପଙ୍କୁଆ ଛକଠାରେ ଏକ ବାଇକ୍ ଭାରସାମ୍ୟ ହରାଇବାରୁ ଚାଳକ ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକଙ୍କ ସହ ଅଗ୍ନିଶମ କର୍ମଚାରୀମାନେ ତାଙ୍କୁ ଦଶପଲ୍ଲା ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି ।

### ପୋଖରୀରେ ବୁଡ଼ି ଶିଶୁ ମୃତ

ଦଶପଲ୍ଲା,୬।୪(ପ୍ରକାଶ କୁମାର ପାଣି)

ଶନିବାର ଦଶପଲ୍ଲା ଥାନା ଅଧୀନ ଗୁରିଆରୀ ଗ୍ରାମରେ ପୋଖରୀରେ ବୁଡ଼ି ଜଣେ ଶିଶୁଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ ଶୁଭମ ନାୟକ(୪)। ଶୁଭମ ଗ୍ରାମ ନିକଟସ୍ଥ ପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ ବୁଡ଼ି ଯାଇଥିଲେ । ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ପୋଖରୀରୁ ତାଙ୍କୁ ଉଦ୍ଧାର କରି ଦଶପଲ୍ଲା ଡ଼ାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଦଶପଲ୍ଲା ପୋଲିସ ମୃତଦେହ ଜବତ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଏସମ୍ପର୍କରେ ଦଶପଲ୍ଲା ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧୦/୨୪) ରୁଜୁ ହୋଇଛି ।

### ଭାଜପାର ପ୍ରତିଷ୍ଠା ଦିବସ ପାଳିତ

ଦଶପଲ୍ଲା,୬।୪(ପ୍ରକାଶ କୁମାର ପାଣି)

ଭାଜପାର ୪୫ ତମ ପ୍ରତିଷ୍ଠା ଦିବସ ଦଶପଲ୍ଲା ଭାଜପା କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି । ଏହି ଅବସରରେ ଭାଜପାର ଜିଲା ସମ୍ପାଦକ ଚନ୍ଦ୍ର ଶେଖର ଦାସ, ଜିଲା ସାଧାରଣ ସମ୍ପାଦକ ବସନ୍ତ କୁମାର ମହାନ୍ତି, ଡା. ରବୀନ୍ଦ୍ର କୁମାର ସେଠୀ, ଶିମିଳି ସାହି ପଞ୍ଚାୟତ ସରପଞ୍ଚ ସଞ୍ଜୟ ପଟ୍ଟନାୟକ ପ୍ରମୁଖ ଭାଜପାର ପ୍ରତିଷ୍ଠା ଦିବସ ଓ ମୋଦିଙ୍କ ସୁଶାସନ ବିଷୟରେ ସମସ୍ତେ ଆଲୋକପାତ କରିଥିଲେ । କିଶୋର ଚନ୍ଦ୍ର ଦଳବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଜ୍ଞାନ ରଞ୍ଜନ ସାହୁ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଦଶପଲ୍ଲା ଭାଜପାର ମଣ୍ଡଳ ପ୍ରମୁଖ କାର୍ଯ୍ୟକର୍ତ୍ତା ମନୋଜ ସାହୁ, ସୌମ୍ୟ ରଞ୍ଜନ ରଥ, ପ୍ରଶାନ୍ତ ବାରିକ, ଆଦିକନ୍ଦ ପ୍ରଧାନ, ପ୍ରଦୋଷ କୁମାର ଜେନା, ଗୋପୀନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ହିତାଧିକାରୀଙ୍କ ଅଜାଣତରେ ଖୋଳାଯାଇଛି କ୍ଷେତ ପୋଖରୀ

ନୂଆଗାଁ,୬।୪(ଧନେଶ୍ୱର ସାହୁ)

- ଅଭିଯୋଗକୁ ଚାପି ଦେବାକୁ ଅଧିକାରୀଙ୍କ ଉଦ୍ୟମ
- ୪୦ ଦିନ ପରେ ବି ସରି ପାରୁନି ତଦନ୍ତ

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଉଦୟପୁର ପଞ୍ଚାୟତରେ ଜଣେ ବ୍ୟକ୍ତିଙ୍କ ନାମରେ କ୍ଷେତ ପୋଖରୀ (ଫାର୍ମ ପଣ୍ଡ) ଖୋଳାଯାଇଛି। ହେଲେ ଯେଉଁ ବ୍ୟକ୍ତିଙ୍କ ନାମରେ ପୋଖରୀ ଖୋଳା ଯାଇଛି ସେହି ହିତାଧିକାରୀ ପୋଖରୀ ଖୋଳା ବିଷୟରେ ଜାଣି ନାହାନ୍ତି। ଏ ବାବଦରେ ଅଭିଯୋଗ କରିବାର ୪୦ ଦିନ ବିତି ଯାଇଥିଲେ ମଧ୍ୟ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ବଦଳରେ ଅଭିଯୋଗକୁ ଚାପି ଦେବାକୁ ଚେଷ୍ଟା କରାଯାଉଥିବା ଅଭିଯୋଗ ହେଉଛି।

ନୂଆଗାଁ ବ୍ଲକ ଜଳ ବିଭାଜିକା ବିଭାଗ ତରଫରୁ ଉଦୟପୁର ପଞ୍ଚାୟତ ଶିଖରଗୋଛା ଗ୍ରାମର ଲକ୍ଷ୍ମଣ ବେହେରାଙ୍କ ନାମରେ ଏକ କ୍ଷେତ ପୋଖରୀ ଖୋଳା ଯାଇଥିବାର ସୂଚନା ଫଳକ ଅନ୍ୟ ଜଣେ ବ୍ୟକ୍ତିଙ୍କ ନାମରେ ରେକର୍ଡ ଥିବା ପୋଖରୀ ହୁଡାରେ ଲାଗିଥିବା ଅଭିଯୋଗ ହୋଇଥିଲା । ତେବେ ଲକ୍ଷ୍ମଣ ବେହେରାଙ୍କୁ ପୋଖରୀ ବାବଦରେ ପଚାରିବାରେ ପୋଖରୀ ବିଷୟରେ ସେ ଜାଣି ନାହାନ୍ତି କିମ୍ବା କେବେ ପୋଖରୀ ଖୋଳି ନାହାନ୍ତି ବୋଲି ମନା କରିଥିଲେ । ପୋଖରୀ ଖୋଳାକୁ ତଦାରଖ କରିଥିବା ଜଳ




ଅନ୍ୟ ଜଣେ ବ୍ୟକ୍ତିଙ୍କ ପୋଖରୀ ହୁଡାରେ ଲକ୍ଷ୍ମଣ ବେହେରାଙ୍କ ପୋଖରୀର ସୂଚନା ଫଳକ ।

ବିଭାଜିକା ବିଭାଗ କର୍ମଚାରୀ ଦୁଃଶାସନ ନାୟକଙ୍କୁ ପଚାରିବାରେ ସୂଚନା ଫଳକରେ ହିତାଧିକାରୀଙ୍କ ନାମ ଭୁଲ ହୋଇଯାଇଛି। ଉକ୍ତ ପୋଖରୀ ବିଭାଗର ପୂର୍ବତନ ପିଡିଙ୍କ ଜଣେ ସମ୍ପର୍କୀୟ ଖୋଳିଥିବାରୁ ପିଡିଙ୍କ ନିର୍ଦ୍ଦେଶକ୍ରମେ ବିଲ୍ କରାଯାଇଥିବା ଅଭିଯୋଗକାରୀଙ୍କ ସାମ୍ନାରେ କର୍ମଚାରୀ ନାୟକ ଯନ୍ତ୍ରୀ ହରପ୍ରସାଦ ରଥଙ୍କୁ କହିଥିଲେ । ହିତାଧିକାରୀଙ୍କ ଅଜାଣତରେ ପୋଖରୀ ଖୋଳି ୧ ଲକ୍ଷ ୬୦ ହଜାର ୮୪୮ ଟଙ୍କା ଉଠାଣ ହୋଇଥିବା ନେଇ ଗତ ଫେବୃଆରୀ ୨୨ରେ ବ୍ଲକରେ ଅନୁଷ୍ଠିତ ହୋଇଥିବା ସାମାଜିକ ସମୀକ୍ଷା ଜନଶୁଣାଣିରେ ଅଭିଯୋଗ ହେବା ପରେ ତୁରନ୍ତ ତଦନ୍ତ କରିବା ପାଇଁ ଅତିରିକ୍ତ ଜିଲା ମାଜିଷ୍ଟ୍ରେଟ ରୋଜିନା ଦାସ ନିର୍ଦ୍ଦେଶ ଦେଇଥିଲେ । ତେଣୁ ଏହାର ତଦନ୍ତ କରିବା ପାଇଁ ନୂଆଗାଁ ବିଡିଓ ବାସୁଦେବ ନାୟକ ନୂଆଗାଁ ବ୍ଲକ ସାମାଜିକ ସମୀକ୍ଷକ ସ୍ୱର୍ଣ୍ଣଲତା ଦଳବେହେରାଙ୍କୁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ଅଭିଯୋଗ ହେବାର ୪୦ ଦିନ ବିତିଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହେଉ ନାହିଁ । ଅଧିକାରୀଙ୍କ ନୀରବତା ପରେ ନୟାଗଡ଼ ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଉପେନ୍ଦ୍ର ପରିଡ଼ାଙ୍କୁ ଜଣାଇବାରେ ବିଚାର କରାଯିବ କହି ସେ ମଧ୍ୟ ନୀରବ ରହିଛନ୍ତି । ତେବେ ଜିଲା ସାମାଜିକ ସମୀକ୍ଷକ ବିଜୟ ବଳିୟାରସିଂଙ୍କୁ ପଚାରିବାରେ ଲକ୍ଷ୍ମଣ ବେହେରାଙ୍କ ପୋଖରୀର ତଦନ୍ତ ଦାୟିତ୍ୱ ଅଣୁସମ୍ୟାନ ନେଇଛନ୍ତି କହିଥିଲେ । ଅଣୁସମ୍ୟାନ ଗିରିଶ ଚନ୍ଦ୍ର ଦାସଙ୍କୁ ପଚାରିବାରେ ତଦନ୍ତ ପାଇଁ ସମୟ ଲାଗିବ ବୋଲି କହିଛନ୍ତି । ତେବେ କ୍ଷେତ ପୋଖରୀ ଖନନରେ ଅନିୟମିତତା ହୋଇଥିବା ଜାଣି ଅଧିକାରୀମାନେ ଅଭିଯୋଗକୁ ଚାପି ଦେବାର ପ୍ରୟାସ କରି ସମୟ ଗଡାଇ ଚାଲୁଛନ୍ତି ବୋଲି ଅଭିଯୋଗକାରୀ କହିଛନ୍ତି ।

## ବାହାରପଟୁ ଶିକୁଳି ଦେଇ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଲୁଟ୍

ଓଡ଼ଗାଁ, ୬।୪ (ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ଆଦର୍ଶ ଥାନା ଅନ୍ତର୍ଗତ ଜାରିଙ୍ଗି କଲ୍ୟାଣ ସାହିରେ ଏକ ଲୁଟ୍ ଘଟଣା ଘଟିଛି । ବାହାର ପଟୁ ଶିକୁଳି ବନ୍ଦ କରି ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କା ମୂଲ୍ୟର ସୁନା ଅଳଙ୍କାର ଲୁଟି ନେଇଥିବା ଓଡ଼ଗାଁ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଅଭିଯୋଗକୁ ଆଧାର କରି ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଚଳାଇଛି ।

କଲ୍ୟାଣ ସାହିର ଗୋଲାପ ସ୍ୱାଇଁଙ୍କ ଅଭିଯୋଗ ଅନୁଯାୟୀ, ଶୁକ୍ରବାର ବିଳମ୍ବିତ ରାତିରେ ସେ ଘରେ ଶୋଇଥିବା ସମୟରେ ବାହାରପଟୁ ଶିକୁଳି ବନ୍ଦ କରି ୩ରୁ ୪ ଜଣ ଦୁର୍ବୃତ୍ତ ଘରେ ପଶିବା ସହ ନବବିବାହିତ ପୁଅ ରତିକାନ୍ତ ସ୍ୱାଇଁଙ୍କ ଆଲମାରୀ ଭାଙ୍ଗିବା ସହ ସେଥିରେ ଥିବା ୨୪ ଗ୍ରାମର ୨ ସୁନା ଚେନ, ୨୫ ଗ୍ରାମର ସୁନାର ରାଣୀହାର, ୧୫ ଗ୍ରାମର ସୁନାର ଲକେଟ, ୨୦ ଗ୍ରାମର ସୁନା କାନଫୁଲ, ୫ଟି ସୁନା ମୁଦି ଓ ୩ହଳ ରୁପା ପାଉଁଜି ସହ ଅନ୍ୟାନ୍ୟ ଜିନିଷପତ୍ର ଲୁଟି ନେଇଥିଲେ। ଏ ନେଇ ଗୋଲାପ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରିବା ସହ ଘଟଣାର ଅନୁସନ୍ଧାନ ଚଳାଇଛି। ଶନିବାର ସନ୍ଧ୍ୟାରେ ପୋଲିସ ସନ୍ଧାନୀ କୁକୁର ସାହାଯ୍ୟରେ ତଦନ୍ତ ଆରମ୍ଭ କରିଛି । ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ କାବୁ କରାଯିବ ବୋଲି ପୋଲିସ କହିଛି। ଅନ୍ୟପକ୍ଷେ ଗତ ମାର୍ଚ୍ଚ ମାସ ୧୧ରେ ଗୋଲାପଙ୍କ ପୁଅଙ୍କ ବିବାହ ଶେଷ ହୋଇଥିଲା।

## ଗ୍ରାମବାସୀଙ୍କ ସମ୍ମୁଖରେ ଗାଈକୁ ଆକ୍ରମଣ କଲା ବାଘ

ଭଞ୍ଜନଗର,୬।୪(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ମୁଜାଗଡ ରେଞ୍ଜର ଦିବିରିସିଙ୍ଗି ଗ୍ରାମ ନିକଟରେ ଶନିବାର ରାତି ପ୍ରାୟ ୭ଟା ସମୟରେ ଗୋଟିଏ ବାଘ ଏକ ଗାଈକୁ ଆକ୍ରମଣ କରିଛି। ଗ୍ରାମବାସୀ ଦେଖି ହୋହାଲ୍ଲା କରିବା ପରେ ବାଘ ଗାଈକୁ ଛାଡି ଜଙ୍ଗଲକୁ ଚାଲି ଯାଇଥିଲା। ବାଘ ଆକ୍ରମଣରେ ଗାଈଟି ଗୁରୁତର ଭାବେ ଆହତ ହୋଇଛି। ଖବରପାଇ ଡିଏଫଓ ହିମାଂଶୁ ଶେଖର ମହାନ୍ତି କର୍ମଚାରୀମାନଙ୍କୁ ଘଟଣା ସ୍ଥଳକୁ ପଠାଇଛନ୍ତି। ଫଳରେ ଗ୍ରାମବାସୀ ଭୟଭୀତ ହୋଇପଡ଼ିଛନ୍ତି। ବିଳମ୍ବିତ ରାତି ପର୍ଯ୍ୟନ୍ତ ବାଘର ଗର୍ଜନ ଶୁଭୁଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି।



ବାଘର ପାଦଚିହ୍ନ



ପାର୍କ ଜାଗାରେ ଗଦା ହୋଇଥିବା ସାମଗ୍ରୀ।

## ନିର୍ମାଣାଧୀନ ପାର୍କ ସାଜିଛି ଗୋଦାମସ୍ଥଳ

ନୂଆଗାଁ, ୬।୪ (ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଗାତେରୀ ପଞ୍ଚାୟତରେ ନିର୍ମାଣଧୀନ ଗ୍ରାମୀଣ ପାର୍କ ଗୋଦାମସ୍ଥଳ ସାଜିଥିବା ଅଭିଯୋଗ ହେଉଛି । ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ପଞ୍ଚାୟତରେ ଗ୍ରାମୀଣ ପାର୍କ ନିର୍ମାଣ କରିବା ପାଇଁ ସରକାର ଅନୁଦାନ ଦେଉଛନ୍ତି। ସେହି ଅନୁସାରେ ନୂଆଗାଁ ବ୍ଲକ ପାତେରୀ ପଞ୍ଚାୟତ ଗାତେରୀଠାରେ ଗ୍ରାମୀଣ ପାର୍କ ନିର୍ମାଣ ଚାଲିଛି ।

ପାର୍କ ନିର୍ମାଣ ପାଇଁ ୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ବେଳେ ପାର୍କ ନିର୍ମାଣସ୍ଥଳକୁ ସଫା ସୁତରା, ସମତଳ କରି ସେଠାରେ ବିଭିନ୍ନ ପ୍ରକାର ବୃକ୍ଷ ରୋପଣ ପାଇଁ ଉର୍ବର ମାଟି ପକାଇବାରେ ୨ ଲକ୍ଷ ୧୮ ହଜାର ୮୯୨ ଟଙ୍କା ବ୍ୟୟ କରାଯାଇଛି । ତେବେ ପାର୍କ ନିର୍ମାଣର ଶିଥିଳତା ଯୋଗୁଁ ମହିପୁରଠାରୁ ବାହାଡାଝୋଲା ରାସ୍ତା ନିର୍ମାଣ ପାଇଁ ଆବଶ୍ୟକ ଥିବା ଚିପ୍ସ, ମେଟାଲ, ଡଷ୍ଟ ଆଦି ଉକ୍ତ ପାର୍କ ନିର୍ମାଣ ସ୍ଥାନରେ ଗଦା କରାଯାଇଛି । ତେବେ ଅନେକ ଅର୍ଥ ବ୍ୟୟ କରି ଉର୍ବର ମାଟି ପକା ଯାଇଥିବା ବେଳେ ସେହି ସ୍ଥାନରେ ପଥର , ପଥର ଗୁଣ୍ଡ ଆଦି ଗଦା କରିବା କେତେଦୂର ଠିକ୍ ବୋଲି ବୁଦ୍ଧିଜୀବିମାନେ ପ୍ରଶ୍ନ କରିଛନ୍ତି। ଏ ବାବଦରେ ନୂଆଗାଁ ବିଡିଓ ବାସୁଦେବ ନାୟକଙ୍କୁ ପଚାରିବାରେ ପାର୍କ ପାଇଁ ଅର୍ଥ ବ୍ୟୟ କରାଯାଉଥିବା ବେଳେ ସେଠାରେ ଏସବୁ ଗଦା କରିବା ଠିକ୍ ନୁହେଁ । ସେସବୁ ଉଠାଇବା ବ୍ୟବସ୍ଥା କରିବା ପାଇଁ ମୁଁ ସମ୍ପୃକ୍ତ ପଞ୍ଚାୟତର ସରପଞ୍ଚ ଓ ପିଇଓଙ୍କୁ କହିବି ବୋଲି ବିଡିଓ ନାୟକ କହିଛନ୍ତି ।

## ଛେଳି ଛୁଆକୁ ତଣ୍ଟି ଚିପି ମାରିଥିବା ଅଭିଯୋଗ

ଖଲ୍ଲିକୋଟ,୬।୪(ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ଥାନା ଅନ୍ତର୍ଗତ ବାକୁଟଗାଁରେ ଏକ ଛେଳି ଛୁଆକୁ ତଣ୍ଟି ଚିପି ମାରିଦେଇଥିବା ଅଭିଯୋଗ ହୋଇଛି। ତେବେ ଏହି ଅଭିଯୋଗ ଦିଅର ବିରୋଧରେ ଭାଉଜ କରିଛନ୍ତି। ଫଳରେ ଛେଳିଛୁଆକୁ ବ୍ୟବଚ୍ଛେଦ ନିମନ୍ତେ ଡାକ୍ତରଖାନାକୁ ପଠାଯାଇଛି। ବାକୁଟୁ ଗାଁର ସଜନୀ ପ୍ରଧାନ ଛେଳି ପୋଷିଥିଲେ। ଶୁକ୍ରବାର ଅପରାହ୍ନରେ ଛେଳିଟି ଘରଠୁ କିଛି ଦୂର ରାସ୍ତାରେ ମରି ପଡିଥିବା ଦେଖିବାକୁ ମିଳିଥିଲା । ଛେଳିକୁ କେହି ମାରିଦେଇଥିବା ସଜନୀ ଶୁଣିବାକୁ ପାଇଲେ। ସଜନୀ ଓ ତାଙ୍କ ଦିଅରଙ୍କ ପରିବାର ମଧ୍ୟରେ ଦୀର୍ଘ ବର୍ଷ ହେଲା ପାରିବାରିକ ତିକ୍ତତା ଲାଗି ରହିଛି। ତେଣୁ ଦିଅର ଛେଳି ଛୁଆକୁ ତଣ୍ଟି ଚିପି ହତ୍ୟା କରିଥିବା ସନ୍ଦେହ କରି ସଜନୀ ଭେଜିପୁଟ ଫାଣ୍ଡିରେ ଏତଲା ଦେଇଥିଲେ।

## ଗଞ୍ଜାମ ଥାନା ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ

ଗଞ୍ଜାମ,୬।୪ (ବିଦ୍ୟାଧର ସାହୁ)

ଆଗାମୀ ମେ' ୧୩ ତାରିଖରେ ହେବାକୁ ଥିବା ନିର୍ବାଚନକୁ ଦୃଷ୍ଟିରେ ରଖି ଗଞ୍ଜାମ ପୋଲିସ ପ୍ରଶାସନ ପକ୍ଷରୁ ଫ୍ଲାଗମାର୍ଚ୍ଚ କରାଯାଇଛି। ଅବାଧ, ସ୍ୱଚ୍ଛ, ନିରପେକ୍ଷ ନିର୍ବାଚନ ପାଇଁ ଶନିବାର ଅପରାହ୍ନରେ ଗଞ୍ଜାମ ଥାନା ଅଧିକାରୀ ସୁମିତ୍ରା ପାତ୍ରଙ୍କ ନେତୃତ୍ୱରେ ଗଞ୍ଜାମ ଥାନା ଇଲାକା ତଥା ସମ୍ବେଦନଶୀଳ ତେଲୁଗୁ ନୂଆଗାଁ, ଅଗସ୍ତି ନୂଆଗାଁ, ନୋଳିଆ ନୂଆଗାଁ, ଗଞ୍ଜାମ ସହର ବଡ଼ ବଜାର ଓ ସାନ ବଜାର, ଗଞ୍ଜାମ ବ୍ଲକର କରପଡା, ଅଲ୍ୟାବାଦ ପ୍ରମୁଖ ଗ୍ରାମରେ ସଶସ୍ତ୍ର ବାହିନୀଙ୍କୁ ନେଇ ଫ୍ଲାଗମାର୍ଚ୍ଚ କରାଯାଇଥିଲା। ଏହି ଫ୍ଲାଗ ମାର୍ଚ୍ଚ ସମୟରେ ଏସ୍‌ଡିପିଓ ଗୌରହରି ସାହୁ ଉପସ୍ଥିତ ଥିଲେ।

## ପଞ୍ଚାୟତ ପକ୍ଷରୁ ଖୋଲିଲା ଶୌଚାଳୟ

ଶେରଗଡ, ୬।୪(ସୂର୍ଯ୍ୟନାରାୟଣ ଦାଶ)

ଶେରଗଡ ପଞ୍ଚାୟତ ପକ୍ଷରୁ ଏକ ସର୍ବସାଧାରଣ ଶୌଚାଳୟ ଖୋଲାଯାଇଛି। ଏହା ବହୁ ଲୋକଙ୍କ ବ୍ୟବହାରରେ ଲାଗିପାରିବ ବୋଲି ପଞ୍ଚାୟତ କର୍ତ୍ତୃପକ୍ଷ କହିଛନ୍ତି। ଏହାର ଉଦଘାଟନ ସମୟରେ ଗ୍ରାମସେବକ ରବିକୁମାର, ରୋହିତ ବେହେରା, ମହେଶ୍ୱର ରାଉତ, କୃତିବାସ ରେଡ୍ଡୀ, ବଳରାମ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ତେବେ ଦୀର୍ଘଦିନ ଧରି ଏଠାରେ ଏକ ଶୌଚାଳୟ ନିର୍ମାଣ କରିବାକୁ ପଞ୍ଚାୟତବାସୀ ଦାବି କରିଆସୁଥିଲେ। ଶନିବାର ତାଙ୍କ ଦାବି ପୂରଣ ହୋଇଛି।

## ଭାରତୀୟ ଶିକ୍ଷା ପଦ୍ଧତି ଓ ଶେୟାର ବଜାର ଶୀର୍ଷକ ଆଲୋଚନାଚକ୍ର

ବ୍ରହ୍ମପୁର,୬।୪(ଅଶୋକ କୁମାର ସାହୁ)

ବ୍ରହ୍ମପୁର ବିଶବିଦ୍ୟାଳୟର ସ୍ନାତକୋତ୍ତର ବାଣିଜ୍ୟ ବିଭାଗ ପକ୍ଷରୁ ଭାରତୀୟ ଶିକ୍ଷା ପଦ୍ଧତି ଓ ସେୟାର ବଜାର ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଆଞ୍ଚଳିକ ୱାନର ସହକାରୀ ପ୍ରବନ୍ଧକ ଦେବୀପ୍ରସାଦ ମିଶ୍ର ପ୍ରାଚୀନ ଭାରତୀୟ ବ୍ୟବସାୟଠାରୁ ବର୍ତ୍ତମାନର ଆଧୁନିକ ବ୍ୟବସାୟ ଓ ସେୟର ବଜାର ଉପରେ ଆଲୋକପାତ କରିଥିଲେ। ପରେ ତାଙ୍କୁ ସମ୍ମାନିତ କରାଯାଇଥିଲା। ଏଥିରେ ବିଭାଗୀୟ ଛାତ୍ରୀଛାତ୍ର ତଥା ଅଧ୍ୟାପକମାନେ ଉପସ୍ଥିତ ଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଓ ସ୍ନାତକୋତ୍ତର ବିଭାଗ ସମୂହ ଅଧ୍ୟକ୍ଷ ପ୍ରଫେସର ସୁଶାନ୍ତ କୁମାର ବରାଳଙ୍କ ଉପଦେଶକ୍ରମେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବିଭାଗର ସଂଯୋଜକ ଡଃ ମହେଶ୍ୱର ସେଠୀ, ବିଭାଗୀୟ ଅଧ୍ୟାପକ ଡଃ ବି. ଭେଙ୍କଟେଶ୍ୱର ରାଓ, ଶକ୍ତି ରଞ୍ଜନ ଦାଶ, ଅଧ୍ୟାପିକା ଡଃ ଚନ୍ଦ୍ରିକା ପ୍ରସାଦ ଦାଶ, ଡଃ ଜିନତା ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।

# ଭାଜପା ପ୍ରାର୍ଥୀ ଚୟନକୁ ନେଇ ବିବାଦ

ନୟାଗଡ଼, ୬।୪(ଲୋକନାଥ ମିଶ୍ର)

- ପ୍ରାର୍ଥୀ ବଦଳାଇବାକୁ ଚାଲିଛି ଆଲୋଚନା
- ଉଦ୍ୟମ ସଫଳ ନ ହେଲେ ସ୍ୱାଧୀନ ପ୍ରାର୍ଥୀ ଦେବା ପାଇଁ ମସୁଧା
- ବଦଳିବାରେ ଲାଗିଛି ଦଶପଲ୍ଲା ବିଧାନସଭା ରାଜନୀତି

ନୟାଗଡ଼ ଜିଲାର ଦଶପଲ୍ଲା ନିର୍ବାଚନମଣ୍ଡଳୀ ପାଇଁ ଭାଜପା ରାଘବ ମଲିକଙ୍କୁ ପ୍ରାର୍ଥୀ କରିବା ପରେ ଦଳର କେତେଜଣ ନେତା ପ୍ରାର୍ଥୀ ପରିବର୍ତ୍ତନ କରିବାକୁ ଗୋଟିଚାଳନା କରିବାରେ ଲାଗିଛନ୍ତି। ଉଦ୍ୟମ ବ୍ୟର୍ଥ ହେଲେ ସ୍ୱାଧୀନ ପ୍ରାର୍ଥୀ ଦେଇ ବିଜେଡି ସହ ଟକ୍କର ଦେବାକୁ ଭାଜପା ନେତାମାନେ ରଣନୀତି ପ୍ରସ୍ତୁତ କରୁଛନ୍ତି। ତେବେ ବିଜେଡି ପ୍ରାର୍ଥୀ ରମେଶ ଚନ୍ଦ୍ର ବେହେରାଙ୍କୁ ପରାସ୍ତ କରିବାକୁ ହେଲେ ଭାଜପା ପକ୍ଷରୁ ଜଣେ ଟାଣୁଆ ନେତା ପ୍ରାର୍ଥୀ ହେବାକୁ ପଡ଼ିବ। ରାଘବ କୁଆଡ଼େ ବିଜେଡି ପ୍ରାର୍ଥୀ ବେହେରାଙ୍କୁ ଟକ୍କର ଦେଇପାରିବେ ନାହିଁ ବୋଲି କେତେଜଣ ଭାଜପା କର୍ମୀ ଆଲୋଚନା କରୁଛନ୍ତି। ଏଣୁ ପ୍ରାର୍ଥୀ ହେବାକୁ କେତେଜଣ ଆଶାୟୀ ବାରମ୍ବାର କେନ୍ଦ୍ରୀୟ ଓ ରାଜ୍ୟ ଭାଜପା ନେତୃତ୍ୱଙ୍କ ସହଯୋଗ ଲୋଡ଼ିଛନ୍ତି।

ଦଶପଲ୍ଲା ନିର୍ବାଚନମଣ୍ଡଳୀରେ ଭାଜପାରୁ ପ୍ରାର୍ଥୀ ହେବାକୁ ଦଶପଲ୍ଲାର ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ନାୟକ ଓ କାଶୀନାଥ ମଲିକ, ମନୋଜ ବେହେରା, ରାଘବ ମଲିକ ଚର୍ଚ୍ଚାରେ ଥିଲେ। ପରେ ରବୀନ୍ଦ୍ର ସେଠୀ ଭାଜପାରେ ମିଶି ଅନ୍ୟତମ ଦାବିଦାର ହୋଇଥିଲେ। ଦଶପଲ୍ଲା ନିର୍ବାଚନମଣ୍ଡଳୀରେ ରାଘବ ମଲିକ ଓ ମନୋଜ ବେହେରା ଭାଜପାର ଭଲ ସଙ୍ଗଠକ ହିସାବରେ ଜଣାଶୁଣା। ଟିକେଟ ମିଳୁ କି ନ ମିଳୁ ଲୋକଙ୍କ ସହ ମିଶି ସୁବିଧା ଅସୁବିଧାରେ ସହଯୋଗ କରିଆସୁଥିଲେ। ଦଳ ପକ୍ଷରୁ ରାଘବ ମଲିକ ଟିକେଟ ପାଇବା ପରେ ଯଦିଓ ଖୋଲାଖୋଲି କେହି ବିରୋଧ କରୁନାହାନ୍ତି ତଥାପି ପ୍ରାର୍ଥୀ ବଦଳାଇବାକୁ ଲବିରେ ରହିଛନ୍ତି। ଅନ୍ୟପଟେ ରାଘବ ପ୍ରାର୍ଥିପତ୍ର ଦାଖଲ କରି ନ ଥିଲେ ହେଁ ଗାଁରୁ ଗାଁ, ୱାର୍ଡରୁ ୱାର୍ଡ ବୁଲି ଭୋଟ ଭିକ୍ଷା ଆରମ୍ଭ କରିସାରିଲେଣି। ଭାଜପାର ପ୍ରାର୍ଥୀ ଘୋଷଣା ପରେ ବି ରବୀନ୍ଦ୍ର ସେଠୀ ଭାଜପାରୁ ପ୍ରାର୍ଥୀ ହେବା ପାଇଁ ଆଶାୟୀ ଥିବା ଚର୍ଚ୍ଚା ହେଉଛି ।

ଚର୍ଚ୍ଚା ଅନୁଯାୟୀ, ରାଘବଙ୍କୁ ହଟାଇ ରବୀନ୍ଦ୍ର ପ୍ରାର୍ଥୀ ହେବା ପାଇଁ ଲାଗିପଡ଼ିଛନ୍ତି। ରବୀନ୍ଦ୍ରଙ୍କୁ ଟିକେଟ ନ ମିଳିଲେ ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ନାୟକ ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର ଦାଖଲ କରିପାରନ୍ତି ବୋଲି ନିଷ୍ପତ୍ତି ହୋଇଛି। କେତେଜଣ ଭାଜପା କର୍ମୀଙ୍କ ସୂଚନା ଅନୁଯାୟୀ, ବିଜେଡି ପ୍ରାର୍ଥୀଙ୍କୁ ହରାଇବାକୁ ହେଲେ ଭାଜପା ପ୍ରାର୍ଥୀ ରାଘବ ମଲିକଙ୍କୁ ସହଯୋଗ କରିବା ଦରକାର। ଦଳ ପକ୍ଷରୁ ପ୍ରାର୍ଥୀ ଦେବା ପରେ ପୁଣି ବିରୋଧ କରି ପରିବର୍ତ୍ତନ କରିବା ଠିକ୍ ମେସେଜ୍ ଯିବ ନାହିଁ। ବିଜେଡି ପ୍ରାର୍ଥୀଙ୍କୁ ନେଇ କର୍ମୀ ଓ ସମର୍ଥକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ନିର୍ବାଚନ ତାରିଖ ଘୋଷଣା ପରେ କର୍ମୀ ଓ ସମର୍ଥକ ନୀରବୀ ଯାଇଛନ୍ତି । ଭୋଟ ଅସ୍ତ୍ର ମାଧ୍ୟମରେ ଜବାବ ଦେବାକୁ ସଜବାଜ ହେଉଛନ୍ତି। ଏଣୁ ଭାଜପା ନେତାମାନେ ଚୁପ୍ ହୋଇଯିବା ଦରକାର ବୋଲି ମତ ଦେଇଛନ୍ତି। ରାଘବଙ୍କ ପ୍ରାର୍ଥିତ୍ୱକୁ ବିରୋଧ କରୁଥିବା କେତେଜଣ କର୍ମୀଙ୍କ ସୂଚନା ଅନୁସାରେ ରାଘବଙ୍କୁ ବିରୋଧ କରାଯାଉନାହିଁ। ବିଜେଡି ପ୍ରାର୍ଥୀ ରମେଶ ଚନ୍ଦ୍ର ବେହେରାଙ୍କୁ ହଟାଇବାକୁ ନୂଆ ପ୍ରାର୍ଥିତ୍ୱଙ୍କ ଆବଶ୍ୟକ ଥିବାରୁ ପରିବର୍ତ୍ତନ କରିବାକୁ ଉଦ୍ୟମ କରାଯାଉଛି। ବିଜେଡି ପ୍ରାର୍ଥୀଙ୍କୁ ଟକ୍କର ଦେବାକୁ ରାଘବ ଯୋଗ୍ୟ ନୁହନ୍ତି ବୋଲି ଏପରି କରାଯାଉଛି। ପୌର ନିର୍ବାଚନରେ ଦଶପଲ୍ଲା ବିଧାୟକଙ୍କ ପ୍ରାର୍ଥୀ ପରାସ୍ତ ହୋଇ ସ୍ୱାଧୀନ ପ୍ରାର୍ଥୀ ଦଶପଲ୍ଲା ଏନ୍‌ଏସି ଚେୟାରମ୍ୟାନ୍ ହେବା ପରେ ଭୋଟରଙ୍କ ପସନ୍ଦ ବିଜେଡି ପ୍ରାର୍ଥୀ ନୁହେଁ ବୋଲି ସଙ୍କେତ ମିଳିସାରିଛି। ଏଣୁ ବିଜେଡି ପ୍ରାର୍ଥୀଙ୍କୁ ପରାସ୍ତ କରିବାକୁ ନୂଆ ନୂଆ ରଣନୀତି ଆପଣାଇବା ଭୁଲ୍ ନୁହେଁ ବୋଲି ସେମାନେ ଦର୍ଶାଇଛନ୍ତି।

# ୧୫ ଲକ୍ଷ ଟଙ୍କାର ଚନ୍ଦନ କାଠ ଜବତ, ୨ ଗିରଫ

ଓଡ଼ଗାଁ, ୬।୪ (ଆଦର୍ଶ କୁମାର ପଟ୍ଟନାୟକ)

କିଛି ବର୍ଷର ବ୍ୟବଧାନରେ ନୟାଗଡ଼ ଜିଲା ଓଡ଼ଗାଁ ବନାଞ୍ଚଳରେ ପୁଣି ଥରେ ଚନ୍ଦନ କାଠ ଚୋରଙ୍କ ଆବିର୍ଭାବ ହୋଇଛି । ସୂଚନା ଅନୁଯାୟୀ, ପୂର୍ବରୁ ଚନ୍ଦନ କାଠ ଚୋରମାନେ ସ୍ଥାନୀୟ ଅଞ୍ଚଳରୁ ଚନ୍ଦନ କାଠ ଚୋରି କରିବା ସହିତ ଅନ୍ୟ ରାଜ୍ୟକୁ ଚୋରା ଚାଲାଣ କରୁଥିଲେ । ତେବେ ସ୍ଥାନୀୟ ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟରୁ ଚନ୍ଦନ ଗଛ କାଟିବାକୁ ଉଦ୍ୟମ କରାଯାଇଥିଲା । ହେଲେ ବନାଞ୍ଚଳ ଅଧିକାରୀଙ୍କ ଅଫିସ ପରିସରରେ ରହୁଥିବା ଏକାଧିକ ପୋଷା କୁକୁର ଭୁକିବାରୁ ସେମାନେ ଏଥିରେ ଫେଲ ମାରିଥିଲେ । ହେଲେ ଏସବୁ ଘଟଣାରେ ସ୍ଥାନୀୟ ଥାନା ଦଣ୍ଡୋର ଅଞ୍ଚଳର ଜଣେ ଜଣାଶୁଣା ବ୍ୟବସାୟୀ ସଂପୃକ୍ତ ରହିଥିବା ସ୍ପଷ୍ଟ ହୋଇଥିଲା ।

ଏପରିସ୍ଥଳେ ଶନିବାର ବାଣ୍ଟପୁର ସଂରକ୍ଷିତ ଜଙ୍ଗଲ ନିକଟସ୍ଥ ନୂଆଁପଲ୍ଲୀ ଗ୍ରାମର ଏକ ଖୋଲା ପଡ଼ିଆରେ ସଦ୍ୟ କଟାଯାଇଥିବା ୧୦୮ କେଜି ଚନ୍ଦନ କାଠ ବନ ବିଭାଗ ଜବତ କରିବା ସହିତ ୨ ଜଣଙ୍କୁ ଗିରଫ କରିଛି । ଏହା ସହିତ ସେମାନଙ୍କଠାରୁ ବନ ବିଭାଗ ଚନ୍ଦନ କାଠ କାଟି ଚାଲାଣ କରିବାକୁ ବ୍ୟବହାର କରାଯାଇଥିବା ବିଭିନ୍ନ କିସମର ୩ କଟୁରୀ, ୨ କାତି, ୧ କୁରାଢ଼ୀ ସହିତ ୧ କରତ ଜବତ କରିଛି । ଗିରଫ ଦୁଇ ଜଣ ହେଲେ ଦଣ୍ଡୋର ଗ୍ରାମର ସୁବାସ ବିଶୋୟୀ(୪୨) ଓ ମହେଶ୍ୱର ରାଉତ (୪୩) ।

ଉଭୟଙ୍କ ବିରୋଧରେ ଏକ ମାମଲା ରୁଜୁ ହେବା ସହିତ ରବିବାର କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି। ଜବତ ଚନ୍ଦନ କାଠର ଆନୁମାନିକ ମୂଲ୍ୟ ପ୍ରାୟ ୧୫ ଲକ୍ଷ ଟଙ୍କା ହେବ ବୋଲି ରେଞ୍ଜର ନିଖିଳେଶ ମଲିକ ସୂଚନା ଦେଇଛନ୍ତି। ଶନିବାର ଅପରାହ୍ନରେ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ରେଞ୍ଜର ମଲିକଙ୍କ ନିର୍ଦ୍ଦେଶ ଅନୁସାରେ ବନପାଳ ସରିତା ବରାଳ, ବନରକ୍ଷୀ ସୌମ୍ୟରଞ୍ଜନ ଦଳେଇଙ୍କ ସହିତ ବନ ସୁରକ୍ଷା ଦଳ ଏହି ଚଢ଼ାଉରେ ସାମିଲ ହୋଇଥିଲେ ।



ଗିରଫ ଅଭିଯୁକ୍ତଙ୍କ ସହ ଜବତ କଟୁରି, ଖଣ୍ଡା, କରତ ।

# ଚିରଞ୍ଜୀବଙ୍କୁ ପ୍ରାର୍ଥୀ କଲେ ଅସୁବିଧା ହେବ: ସମ୍ପିତ

## ପାରାଦୀପ ବିଧାନସଭା ନିର୍ବାଚନମଣ୍ଡଳୀ

### ବାଲିକୁଦା-ଏରସମାରୁ ଲଢ଼ିବାକୁ ଚାହୁଁନାହାନ୍ତି ଚିରଞ୍ଜୀବ

ଜଗତ୍‌ସିଂହପୁର, ୬।୪
(ପ୍ରମୋଦ କୁମାର ନାୟକ)



ସମ୍ପିତ ରାଉତରାୟ



ଚିରଞ୍ଜୀବ ବିଶ୍ୱାଳ

କଂଗ୍ରେସ ଛାଡ଼ି ନିକଟରେ ବିଜେଡିରେ ମିଶିଥିବା ଜଗତ୍‌ସିଂହପୁରର ପୂର୍ବତନ ବିଧାୟକ ଚିରଞ୍ଜୀବ ବିଶ୍ୱାଳଙ୍କୁ ନେଇ ଚର୍ଚ୍ଚା ଥମୁନି। ବିଶ୍ୱାଳଙ୍କୁ ଜଗତ୍‌ସିଂହପୁର ବିଧାନସଭା ଆସନରେ ପ୍ରାର୍ଥୀ କରାଯିବ ବୋଲି ପ୍ରଥମେ କୁହାଯାଉଥିଲା। କିନ୍ତୁ ବିଜେଡି ପୁଣିଥରେ ବିଧାୟକ ପ୍ରଶାନ୍ତ ମୁଦୁଲିଙ୍କ ଉପରେ ଭରସା କରି ପ୍ରାର୍ଥୀ ଘୋଷଣା କଲା। ସେବେଠାରୁ ଚିରଞ୍ଜୀବଙ୍କ ସହ ବିଜେଡିରେ ସାମିଲ ହୋଇଥିବା ନେତା ଓ କର୍ମୀମାନେ ମାନସିକସ୍ତରରେ ଆଘାତପ୍ରାପ୍ତ ହୋଇଛନ୍ତି। ସେମାନଙ୍କ ନେତାଙ୍କୁ ଅଣଦେଖା କରାଯିବା କଥାକୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ତଥାପି ନିଜକୁ ବିଭିନ୍ନ ମାଧ୍ୟମରେ ବୁଝାଇବାକୁ ଚେଷ୍ଟା କରୁଛନ୍ତି। ଏହା ଭିତରେ ଚିରଞ୍ଜୀବଙ୍କୁ ବାରବାଟୀ-କଟକ ବିଧାନସଭା ଆସନରୁ ପ୍ରାର୍ଥୀ କରାଯିବ ବୋଲି କୁହାଯାଉଥିଲା। କିନ୍ତୁ ତାହା ହେଲା ନାହିଁ। ପ୍ରକାଶ ବେହେରାଙ୍କୁ ଦଳୀୟ ପ୍ରାର୍ଥୀ କରାଯିବା ଘୋଷଣା ପରେ ଚିରଞ୍ଜୀବଙ୍କୁ ବାଲିକୁଦା-ଏରସମା କିମ୍ବା ପାରାଦୀପ ବିଧାନସଭା ଆସନରେ ଦଳ ପ୍ରାର୍ଥୀ କରିବ ବୋଲି ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ବାଲିକୁଦା-ଏରସମା ଉପରେ ହେଉଥିବା ଚର୍ଚ୍ଚା ଉପରେ ଶନିବାର ପୂର୍ଣ୍ଣଚ୍ଛେଦ ପଡ଼ିଯାଇଛି। କାରଣ ନିଜେ ଚିରଞ୍ଜୀବ ଏହି ଆସନରୁ ପ୍ରାର୍ଥୀ ହେବା ପାଇଁ ଆଗ୍ରହୀ ନୁହନ୍ତି ବୋଲି ଧରିତ୍ରୀକୁ ସ୍ପଷ୍ଟ ଭାବେ କହିଛନ୍ତି। କିନ୍ତୁ ବିଜେଡି ଯଦି ପାରାଦୀପ ପାଇଁ ଟିକେଟ ଦିଏ ତେବେ ତାହା ଗ୍ରହଣ କରିବେ କି ନାହିଁ ପ୍ରଶ୍ନର କୌଣସି ଉତ୍ତର ଦେବାକୁ ଚାହିଁନାହାନ୍ତି। ଏ ସମ୍ପର୍କରେ ପାରାଦୀପ ବିଧାୟକ ସମ୍ପିତ ରାଉତରାୟଙ୍କୁ ପଚାରିବାରୁ ସେ ପ୍ରତିକ୍ରିୟାଶୀଳ ହୋଇପଡ଼ିଛନ୍ତି। ଚିରଞ୍ଜୀବଙ୍କୁ ଦଳ ପାରାଦୀପରେ ପ୍ରାର୍ଥୀ କଲେ ଅସୁବିଧା ହେବ ବୋଲି କହିଛନ୍ତି। ସେ କହିଛନ୍ତି, ସେମିତି ହେବନି। ଆଉ ଯଦି ହେଲା ତେବେ ଛାଡ଼ିବେନି। ନିର୍ବାଚନମଣ୍ଡଳୀକୁ କ'ଣ ଯିଏ ନା ସିଏ ଚାଲି ଆସିବେ ବୋଲି ଓଲଟା ପ୍ରଶ୍ନ କରିଛନ୍ତି। ଏଥିସହ କହିଛନ୍ତି, ଟିକେଟ ତାଙ୍କ ସପକ୍ଷରେ ଯିବ, ଅର୍ଥାତ୍ ସୋମବାର ସୁଦ୍ଧା ଦଳ ତାଙ୍କ ସ୍ତ୍ରୀଙ୍କ ନାଁରେ ଟିକେଟ ଘୋଷଣା କରିପାରେ ବୋଲି ସମ୍ପିତ ଦମ୍ଭୋକ୍ତି ପ୍ରକାଶ କରିଛନ୍ତି। ତେବେ ଦେଖିବାର ଅଛି ବାସ୍ତବରେ ଦଳ କାହାକୁ ବାଛୁଛି।

ପାରାଦୀପ ବିଧାନସଭା ଆସନ କଥା ଦେଖିଲେ ଜଣାଯାଏ, ୨୦୦୯, ୨୦୧୪ରେ ଡ. ଦାମୋଦର ରାଉତ ଓ ୨୦୧୯ରେ ତାଙ୍କ ପୁଅ ସମ୍ପିତ ବିଧାୟକ ହେବାର ଗୌରବ ହାସଲ କରିଥିଲେ। ୨୦୧୯ ନିର୍ବାଚନ ସମୟରେ ଡ. ରାଉତ ବିଜେଡି ଛାଡି ଭାଜପା ପ୍ରାର୍ଥୀ ଭାବେ ବାଲିକୁଦା-ଏରସମା ବିଧାନସଭା ଆସନରୁ ପ୍ରାର୍ଥୀ ହୋଇଥିଲେ। ସେ ସେତେବେଳେ ବିଜେଡି ଉପରେ ଶାଣିତ ସମାଲୋଚନା କରିଥିଲେ। ନିଜର ରାଜନୈତିକ ବିଚକ୍ଷଣତା ବଳରେ ପାରାଦୀପ ଆସନରେ ପୁଅ ସମ୍ପିତଙ୍କୁ ବିଜେଡି ଟିକେଟ କରାଇବାରେ ପ୍ରମୁଖ ଭୂମିକା ନିଭାଇଥିଲେ। ୨୦୧୪ ଓ ୨୦୧୯ରେ ପ୍ରମୁଖ ପ୍ରତିଦ୍ୱନ୍ଦ୍ୱୀ ଥିଲେ ସେତେବେଳର କଂଗ୍ରେସ ପ୍ରାର୍ଥୀ ଅରିନ୍ଦମ ସର୍ଖେଲ (ବାପି)। କିନ୍ତୁ ଏହା ଭିତରେ ସମୀକରଣ ବଦଳିଯାଇଛି। ଗତ ନିର୍ବାଚନ ପରଠାରୁ ଅରିନ୍ଦମ ଏକପ୍ରକାର ନୀରବ ହୋଇଯାଇଥିଲେ। ସାଙ୍ଗଠନିକ କାର୍ଯ୍ୟରେ ଆଦୌ ମୁଣ୍ଡ ପୂରାଉ ନ ଥିଲେ। ଏପରି କି ଗତ ପୌର ନିର୍ବାଚନରେ କଂଗ୍ରେସ ପରିବର୍ତ୍ତେ ସେ ପାରାଦୀପର ସମସ୍ତ ୧୯ ୱାର୍ଡରେ ସ୍ୱାଧୀନ ପ୍ରାର୍ଥୀ ଦେଇଥିଲେ। ସେମାନଙ୍କ ମଧ୍ୟରୁ ୯ ଜଣ ବିଜୟୀ ହୋଇଥିଲେ। ଏବେ ବାପି କଂଗ୍ରେସରୁ ଇସ୍ତଫା ଦେଇ ସାରିଲେଣି। ଗତ ମାର୍ଚ୍ଚରେ ତାଙ୍କ ସ୍ତ୍ରୀ ମୋନିଦୀପା କଂଗ୍ରେସରୁ ଇସ୍ତଫା ଦେଇ ବିଜେଡିରେ ମିଶିବା ସହ ନିକଟରେ ବିଜୁ ଶ୍ରମିକ ସାମ୍ମୁଖ୍ୟ କାର୍ଯ୍ୟକାରୀ ସଭାପତି ହୋଇଛନ୍ତି। ମୋନିଦୀପା କିମ୍ବା ଅରିନ୍ଦମ ୨୦୨୪ ସାଧାରଣ ନିର୍ବାଚନରେ ଏହି ଆସନରୁ ବିଜେଡି ଟିକେଟରେ ପ୍ରାର୍ଥୀ ହେବେ ବୋଲି କିଛି ଦିନ ହେବ ଆଲୋଚନା ଚାଲିଥିଲା। କିନ୍ତୁ ମୋନିଦୀପାଙ୍କୁ ଦଳ ଶ୍ରମିକ ସାମ୍ମୁଖ୍ୟ କାର୍ଯ୍ୟକାରୀ ସଭାପତି ଦାୟିତ୍ୱ ଦେଲା ପରେ ଏହି ଚର୍ଚ୍ଚାରେ ଏକପ୍ରକାର ପୂର୍ଣ୍ଣଚ୍ଛେଦ ପଡ଼ିଯାଇଛି। ଅର୍ଥାତ୍ ତାଙ୍କୁ ବିଜେଡି ଟିକେଟ ମିଳିବା ଆଶା କ୍ଷୀଣ ହୋଇଯାଇଛି। ଅନ୍ୟତମ ପ୍ରମୁଖ ଆଶାୟୀ ଭାବେ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳଙ୍କ ନାଁ ଆସୁଛି। ବିଶ୍ୱାଳଙ୍କ ସାଙ୍ଗଠନିକ ଦକ୍ଷତା ଯୋଗୁ ସେ ଟିକେଟ ପାଇଁ ଦାବିଦାର ହେଉଛନ୍ତି। ସେହିପରି ଅରିନ୍ଦମ ମଧ୍ୟ ପ୍ରାର୍ଥୀ ହେବାର ସୁଯୋଗ ମିଳିଲେ ବିଜେଡିରେ ମିଶିବେ ବୋଲି କୁହାଯାଉଛି। ଏମାନଙ୍କ ବାଦ କଂଗ୍ରେସ ଛାଡି ବିଜେଡିରେ ମିଶିଥିବା ପ୍ରମୋଦ କିଶୋର ଜେନା ଓ ଶ୍ରମିକ ନେତା ସନ୍ତୋଷ ପଟ୍ଟନାୟକଙ୍କ ନାଁ ମଧ୍ୟ ଚର୍ଚ୍ଚାକୁ ଆସିଛି। ମହିଳା ହିସାବରେ ଜିଲା ମହିଳା ବିଜେଡି ସଭାପତି ସବିତା ମହାପାତ୍ର ଆଶାୟୀ ଥିବା କୁହାଯାଉଛି।

# ଖୋର୍ଦ୍ଧାରୁ କାଳୁ, ଜଟଣୀରୁ ସନ୍ତୋଷ ସ୍ୱାଧୀନ ଲଢ଼ିବା ଚର୍ଚ୍ଚା

ଖୋର୍ଦ୍ଧା,୬।୪
(ପ୍ରଭାତ ପାଣିଗ୍ରାହୀ)

ଭୁବନେଶ୍ୱର ସଂସଦୀୟ କ୍ଷେତ୍ରର ଖୋର୍ଦ୍ଧା ଓ ଜଟଣୀ ବିଧାନସଭା ନିର୍ବାଚନମଣ୍ଡଳୀରେ ଭାଜପାରେ କେତେକ ଆଶାୟୀ ଅସନ୍ତୁଷ୍ଟ ଥିବାରୁ ବର୍ତ୍ତମାନ ସେଠାରେ ସ୍ଥିତି ବଦଳିବାରେ ଲାଗିଛି।

ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ବିଭିନ୍ନ ବିଧାନସଭା ନିର୍ବାଚନମଣ୍ଡଳୀରେ ପ୍ରଚାର କରୁଥିବା ଦେଖିବାକୁ ମିଳୁଛି। ଗୁରୁବାର ଟାଙ୍ଗୀ ଗଣେଶ ଭବନଠାରେ ଅନୁଷ୍ଠିତ ଏକ ଉତ୍ସବରେ ଯୋଗଦେଇ ଅପରାଜିତା କହିଥିଲେ, ଖୁବ୍‌ଶୀଘ୍ର ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ ବିଧାୟକ ପ୍ରାର୍ଥୀ ଭାବେ ପ୍ରଶାନ୍ତ ଜଗଦ୍ଦେବଙ୍କ ନାଁ ଘୋଷଣା ହେବ। ଏହି ଭିଡିଓ ଭାଇରାଲ ହେବା ପରେ ଏହି ଆସନରୁ ଭାଜପାର ଆଶାୟୀ ପ୍ରାର୍ଥୀ କାଳୁଚରଣ ଖଣ୍ଡାୟତରାୟଙ୍କ ସମର୍ଥକ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଏମ୍‌ପି ଅପରାଜିତାଙ୍କୁ ଜଗଦ୍ଦେବ ପ୍ରୀତି ଭାରି ପଡ଼ିବ ବୋଲି ସେମାନେ କହିଛନ୍ତି। ସେପଟେ କାଳୁ କହୁଛନ୍ତି, ଦଳ ଟିକେଟ ନ ଦେଲେ ସେ ସ୍ୱାଧୀନ ଭାବେ ଲଢ଼ିବେ। ଅନ୍ୟପଟେ ସେ ବିଜେଡିରେ ସାମିଲ ହେବା ନେଇ ଆଲୋଚନା ହେଉଛି। କୁହାଯାଉଛି ତାଙ୍କୁ କୁଆଡ଼େ ବିଜେଡିରେ ଟିକେଟ ଦେବାର ସମ୍ଭାବନା ବଢ଼ିଛି। ପ୍ରକାଶ ଯେ, ପୂର୍ବରୁ ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ଲେଣ୍ଡୋ ପଞ୍ଚାୟତର ଏକ ସାଂସ୍କୃତିକ କାର୍ଯ୍ୟକ୍ରମରେ ଖୋର୍ଦ୍ଧା ବିଧାନସଭା ନିର୍ବାଚନମଣ୍ଡଳୀ ଦାୟିତ୍ୱ ପ୍ରଶାନ୍ତଙ୍କୁ ଦେବା ଲାଗି ଅପରାଜିତାଙ୍କ ସୂଚନାକୁ ନେଇ କାଳୁ ସମର୍ଥକ ଏହାର ତୀବ୍ର ବିରୋଧ କରିଥିଲେ। ଅପରାଜିତା କର୍ମୀଙ୍କ ଦଳ ବିରୋଧୀ କାର୍ଯ୍ୟ ପାଇଁ ୪ହଜାରରୁ ଊର୍ଦ୍ଧ୍ୱ କାଳୁ ସମର୍ଥକ ଭାଜପା ରାଜ୍ୟ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରିଥିଲେ।

ସେହିପରି ଜଟଣୀରୁ ବିଶ୍ୱରଞ୍ଜନ ବଡ଼ଜେନାଙ୍କୁ ଟିକେଟ ମିଳିବା ପରେ ଅନ୍ୟତମ ଆଶାୟୀ ସନ୍ତୋଷ ଜେନାଙ୍କ ସମର୍ଥକ ଏହାର ବିରୋଧ କରିଥିଲେ। ସମର୍ଥକମାନେ ରାଜ୍ୟ ଭାଜପା କାର୍ଯ୍ୟାଳୟ ଆଗରେ ହୋହଲ୍ଲା କରିଥିଲେ। ଟିକେଟ ପରିବର୍ତ୍ତନ କରା ନ ଗଲେ ଆଗକୁ ସ୍ଥିତି ଭୟାନକ ହୋଇପାରେ ବୋଲି ଚେତାବନୀ ମଧ୍ୟ ଦେଇଛନ୍ତି। ଜଟଣୀରେ ସନ୍ତୋଷଙ୍କ ଲୋକପ୍ରିୟତା ରହିଛି। ତାଙ୍କୁ ଟିକେଟ ଆଶା ଦେଖାଇ ଦଳରେ ସାମିଲ କରାଇବା ପରେ ପ୍ରତ୍ୟାଖ୍ୟାନ ନେଇ ସମର୍ଥକ ତୀବ୍ର ସମାଲୋଚନା କରିଛନ୍ତି। ସନ୍ତୋଷ ଜେନା ମଧ୍ୟ ସ୍ୱାଧୀନ ଭାବେ ଲଢ଼ିବା ସମ୍ଭାବନା ରହିଛି।

# ଧର୍ମଶାଳାରେ ନିଷ୍ପତ୍ତି ବଦଳାଇପାରେ ଭାଜପା

## ଯୁବନେତା ହିମାଂଶୁଙ୍କ ଗୋଷ୍ଠୀ ପକ୍ଷରୁ ଟିକେଟ ହାତେଇବା ପ୍ରୟାସ ଅବ୍ୟାହତ

ରସୁଲପୁର,୬।୪(ରଞ୍ଜିତ ରାଉତ)

ଯାଜପୁର ଜିଲା ଧର୍ମଶାଳା ବିଧାନସଭା ଆସନରେ ଭାଜପାର ପ୍ରାର୍ଥୀ ଘୋଷଣାକୁ ନେଇ ଦଳରେ ତୁମ୍ବିତୋଫାନ ଜାରି ରହିଛି। ଟିକେଟ ହାତେଇବା ପାଇଁ ପ୍ରମୁଖ ଦାବିଦାର କୁହାଯାଉଥିବା ଯୁବନେତା ହିମାଂଶୁ ଶେଖର ସାହୁ (ଲିକୁ)ଙ୍କୁ ଦଳ ଭରସା କରିନାହିଁ। ଏଠି ଭାଜପା ନାରୀନେତ୍ରୀ ସ୍ମୃତିରେଖା ପହିଙ୍କୁ ପ୍ରାର୍ଥୀ କରିବା ପରେ ହିମାଂଶୁଙ୍କ ସମର୍ଥକମାନେ ପ୍ରତିକ୍ରିୟାଶୀଳ ହୋଇଉଠିଛନ୍ତି। ଭୁବନେଶ୍ୱରସ୍ଥିତ ଭାଜପା ରାଜ୍ୟ କାର୍ଯ୍ୟାଳୟ ସମ୍ମୁଖରେ ହେଉ ଅବା ଧର୍ମଶାଳା ନିର୍ବାଚନମଣ୍ଡଳୀର ବିଭିନ୍ନ ଅଞ୍ଚଳରେ ଶୋଭାଯାତ୍ରା ଓ ବିକ୍ଷୋଭ ମାଧ୍ୟମରେ ଟିକେଟ ହାତେଇବା ପାଇଁ ଦଳୀୟ ହାଇକମାଣ୍ଡଙ୍କ ଉପରେ ଚାପ ସୃଷ୍ଟି କରିଆସୁଛନ୍ତି ହିମାଂଶୁ। ଏପରି କି ଗୋଇନ୍ଦା ରିପୋର୍ଟ ଅନୁଯାୟୀ ଜନମତ ହିମାଂଶୁଙ୍କ ସପକ୍ଷରେ ଯାଉଥିବା ପ୍ରଚାର କରାଯାଉଛି। ଏଠାରେ ଭାଜପାର ଭୋଟହାର ବଢୁଥିବାବେଳେ ଟିକେଟ ନିଷ୍ପତ୍ତିରେ ଭୁଲ୍ ହେବା ଯୋଗୁ ଦଳ କ୍ଷତିରେ ପଡ଼ିବ ବୋଲି କୁହାଯାଉଛି। ଏଭଳି ସ୍ଥିତିରେ ଧର୍ମଶାଳାରେ ଭାଜପା ନିଷ୍ପତ୍ତି ବଦଳାଇବାକୁ ଚିନ୍ତା କରୁଥିବା ଆଲୋଚନା ହେଉଛି। ହେଲେ ସ୍ମୃତିରେଖା ଆଗରୁ ଦଳ ସହ ରହି ରାଜ୍ୟ ଓ କେନ୍ଦ୍ରୀୟସ୍ତରର ନେତାଙ୍କ ସହ ସୁ-ସମ୍ପର୍କ ରଖିଆସିଛନ୍ତି। ତାହାକୁ ଆଧାରକରି ସେ ଦଳୀୟ ଟିକେଟ ହାତେଇବାରେ ସକ୍ଷମ ହୋଇପାରିଛନ୍ତି ବୋଲି କୁହାଯାଉଛି। ଟିକେଟ ପାଇବା ପରେ ବି ସ୍ମୃତିରେଖା ସ୍ଥିର ନିଶ୍ଚିତ ହୋଇପାରୁନାହାନ୍ତି। ଦଳରେ ତାଙ୍କର ପ୍ରମୁଖ ବିରୋଧୀ ବୋଲି କୁହାଯାଉଥିବା ହିମାଂଶୁ ସମର୍ଥକଙ୍କ ଚାପରେ ତାଙ୍କର ଟିକେଟ କାଳେ କଟିଯିବ ସେହି ଭୟରୁ ସେ ମୁକୁଳିପାରୁନାହାନ୍ତି। ସେ ଟିକେଟ ପାଇବା ପରେ ଭୋଟ ପ୍ରଚାରକୁ ଅଧିକ ପ୍ରାଧାନ୍ୟ ନ ଦେଇ ଦଳୀୟ ଟିକେଟ ଯେମିତି ନାମାଙ୍କନ ପର୍ଯ୍ୟନ୍ତ କାଏମ ରହେ ସେଥିପାଇଁ ଅଧିକ ତତ୍ପରତା ପ୍ରକାଶ କରୁଥିବା ଦେଖାଯାଉଛି।

ଧର୍ମଶାଳା ନିର୍ବାଚନମଣ୍ଡଳୀରେ ବିଜେଡି ଓ ଭାଜପା ମଧ୍ୟରେ କଡ଼ା ଟକ୍କର ହେବ ବୋଲି ଆଲୋଚନା ହେଉଥିଲା। ଭାଜପା ଟିକେଟ ବଣ୍ଟନ ପରେ ସେ ସବୁ ଆଲୋଚନା ପାଣିଚିଆ ହୋଇଯାଇଛି। ଯୁବନେତା ହିମାଂଶୁ ଦଳୀୟ ଟିକେଟରୁ ବାଦ୍ ପଡ଼ିବା ପରେ ରାଜନୈତିକ ପାଣିପାଗ ଗୋଳିଆ ହୋଇଯାଇଛି। ଏଠାରେ ଭାଜପା ଟିକେଟ ଫିକ୍ସିଂ ହୋଇଛି ବୋଲି ଆଲୋଚନା ହେଉଛି। ଟିକେଟ ବଣ୍ଟନରେ ଦଳ ବିଜେଡି ସହ ବୁଝାମଣା କରିଛି ବୋଲି ହିମାଂଶୁଙ୍କ ସମର୍ଥକମାନେ ଅଭିଯୋଗ କରିଛନ୍ତି। ଟିକେଟ ବଣ୍ଟନକୁ ନେଇ ଦଳୀୟ ନିଷ୍ପତ୍ତିର ପୁନର୍ବିଚାର କରା ନ ଗଲେ ଧର୍ମଶାଳା ଭାଜପା ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି ହେବା ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ। ତେବେ ଆଗକୁ ଦଳ କି ପ୍ରକାର ଆଭିମୁଖ୍ୟ ଗ୍ରହଣ କରୁଛି ତାହା ଦେଖିବା ବାକି ରହିଛି।



ଯାଜପୁର ଜିଲା ଧର୍ମଶାଳା ନିର୍ବାଚନମଣ୍ଡଳୀ ପାଇଁ ସ୍ମୃତିରେଖା ପହିଙ୍କୁ ଭାଜପା ପ୍ରାର୍ଥୀ କରିଥିବାରୁ ଦଳର ଶୀର୍ଷ ନେତୃତ୍ୱଙ୍କୁ ଧନ୍ୟବାଦ ଜଣାଇବାକୁ ଶନିବାର ଦଳର ରାଜ୍ୟ କାର୍ଯ୍ୟାଳୟକୁ ଆସିଥିବା ସମର୍ଥକ।

# ଜିଲା କଂଗ୍ରେସରୁ ଶରତ ବୁରୁଦା ନିଲମ୍ବିତ

## ୪୦ ଲକ୍ଷ ଲାଞ୍ଚ ମାଗିବା ବୟାନ ମହଙ୍ଗା ପଡ଼ିଲା

ମାଲକାନଗିରି, ୬।୪(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା କଂଗ୍ରେସ ନେତା ଶରତ ଚନ୍ଦ୍ର ବୁରୁଦାଙ୍କୁ ଶନିବାର ଦଳରୁ ନିଲମ୍ବିତ କରାଯାଇଛି। ଜିଲା କଂଗ୍ରେସ ସଭାପତି ଗୋବିନ୍ଦ ପାତ୍ର କହିଛନ୍ତି, ପ୍ରଦେଶ କଂଗ୍ରେସ କମିଟି ନିର୍ଦ୍ଦେଶକ୍ରମେ ବୁରୁଦାଙ୍କୁ ଦଳରୁ ନିଲମ୍ବିତ କରାଯାଇଛି। ଗତ ଏକ ସପ୍ତାହ ପୂର୍ବେ ଚିତ୍ରକୋଣ୍ଡା ନିର୍ବାଚନମଣ୍ଡଳୀରେ କଂଗ୍ରେସ ବିଧାୟକ ପ୍ରାର୍ଥୀ ନିମନ୍ତେ ଟିକେଟ ଘୋଷଣା କରାଯାଇଥିଲା। ଏହି ଟିକେଟ ମଙ୍ଗୁ ଖିଲଙ୍କୁ ଦିଆଯାଇଥିବା ବେଳେ ବୁରୁଦା ଏଥିରୁ ବାଦ ପଡିଥିଲେ। ଏଥିସହ ବୁରୁଦା ଗଣମାଧ୍ୟମ ସମ୍ମୁଖରେ କଂଗ୍ରେସ ପର୍ଯ୍ୟବେକ୍ଷକ ଟିକେଟ ଦେବା ନିମନ୍ତେ ୪୦ଲକ୍ଷ ଟଙ୍କା ଲାଞ୍ଚ ମାଗିଥିବା ଏବଂ ଭୁବନେଶ୍ୱରର ଯେଉଁ ହୋଟେଲରେ ଥିଲେ ଉକ୍ତ ବିଲ୍ ବୁରୁଦାଙ୍କୁ ଦେବାକୁ କହିଥିବା ଅଭିଯୋଗ କରିଥିଲେ। ଏହା ତାଙ୍କ ପାଇଁ ମହଙ୍ଗା ପଡିଛି। ବୁରୁଦା ଏଥିସହ ରାହୁଲ ଗାନ୍ଧୀଙ୍କ ନାମରେ ମଧ୍ୟ କେତେକ ମିଥ୍ୟା ଅଭିଯୋଗ ଗଣମାଧ୍ୟମ ସମ୍ମୁଖରେ କରିଥିବାରୁ ତାଙ୍କ ଅଭିଯୋଗକୁ ଜିଲା କଂଗ୍ରେସ କମିଟିର ସମସ୍ତ ସଦସ୍ୟ ଖଣ୍ଡନ କରିବା ସହ ଦଳରୁ ତାଙ୍କୁ ନିଲମ୍ବନ କରିବା ପାଇଁ କହିଥିଲେ। ଫଳରେ ପ୍ରଦେଶ କଂଗ୍ରେସ କମିଟି ଅନୁମୋଦନ କ୍ରମେ ବୁରୁଦାଙ୍କୁ ଜିଲା କଂଗ୍ରେସ ସଭାପତି ପାତ୍ର ନିଲମ୍ବନ କରିଥିବା କହିଛନ୍ତି।

# ରାଜନୀତିକୁ ବ୍ୟବହାରକରି ସମ୍ପତ୍ତି ବଢ଼ାଇବା ପାଇଁ ଇଚ୍ଛୁକ ବ୍ୟକ୍ତି ସଫଳ ହେବେ ନାହିଁ: ଭର୍ତ୍ତୃହରି

କଟକ,୬।୪(ଶିଲ୍ପା ପ୍ରିୟଦର୍ଶିନୀ)

କଟକ ଗୌରୀଶଙ୍କର ପାର୍କ ନିକଟରେ ଶନିବାର ଭାଜପାର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଭାଜପା କଟକ ନଗର ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଭାଜପାର କଟକ ଲୋକ ସଭା ପ୍ରାର୍ଥୀ ଭର୍ତ୍ତୃହରି ମହତାବ ଯୋଗଦେଇ କହିଛନ୍ତି, ଚଳିତ ନିର୍ବାଚନରେ ଭାଜପାର ପ୍ରସଙ୍ଗ ହେବ ଓଡ଼ିଆ ଅସ୍ମିତାର ଉଦ୍ଧାର ଓ ପୁନଃପ୍ରତିଷ୍ଠା। ଆମେ କୋଣାର୍କ, ଜଗନ୍ନାଥଙ୍କୁ ନେଇ ଗର୍ବ କରୁଛୁ, ଓଡ଼ିଆ ଭାଷା ଓ ଜାତି ଓ କଟକଚଣ୍ଡୀଙ୍କୁ ନେଇ ଗର୍ବ କରୁଛୁ। ମଣିଷ ପରିଚୟ ଆସେ ଯେତେବେଳେ, ସେ କଥା କହେ। ଯେଉଁ ଭାଷାରେ କଥା କହେ, ସେଥିରୁ ଜଣାପଡ଼େ ସେ କେଉଁ ଭାଷାଭାଷୀ। ରୋମାନ ଭାଷାରେ ଲିଖିତ ଓଡ଼ିଆ ପଢିଲେ ଓଡ଼ିଆ ଭାଷାର ଅସ୍ମିତା ପ୍ରତିଷ୍ଠା ହୁଏ ନାହିଁ ବୋଲି ଭର୍ତ୍ତୃହରି କହିଛନ୍ତି। ସେହିପରି ବିଜେଡି କଟକ ଲୋକ ସଭା ପ୍ରାର୍ଥୀ ସଂତୃପ୍ତ ମିଶ୍ରଙ୍କୁ ଭର୍ତ୍ତୃହରି ଟାର୍ଗେଟ କରି କହିଛନ୍ତି, ଦୀର୍ଘଦିନ ଧରି କର୍ପୋରେଟ ଜଗତରେ ଆଡ୍‌ଜଷ୍ଟ କରି ରହିଛନ୍ତି ବୋଲି ଏବେ ରାଜନୈତିକ ଦଳରେ ଯୋଗଦେଇଛନ୍ତି। ସେ ଭଲ ଭାବେ ଏଠାରେ ଆଡ୍‌ଜଷ୍ଟ କରିପାରିବେ। ଯିଏ ବ୍ୟବସାୟ କରିବ ସେ ସଫଳତା ଲାଭ କରିବ, ଯିଏ ସେବା ମନୋଭାବ ନେଇ ରାଜନୀତି କରିବ ସେ ମଧ୍ୟ ସଫଳ ହେବ। କିନ୍ତୁ ରାଜନୀତିକୁ ବ୍ୟବହାରକରି ଯିଏ ସମ୍ପତ୍ତି ବଢାଇବା ପାଇଁ ଚାହିଁବ ସେ କେବେ ସଫଳ ହେବ ନାହିଁ। ଏନେଇ ସଂତୃପ୍ତଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ସୂଚନାଯୋଗ୍ୟ, କିଛିଦିନ ପୂର୍ବେ ସଂତୃପ୍ତ କ୍ରିକେଟ୍ ମ୍ୟାଚ୍‌ର ଉଦାହରଣ ଦେଇ ଭର୍ତ୍ତୃହରିଙ୍କୁ ଟାର୍ଗେଟ କରିଥିଲେ। ଏହାର ଉତ୍ତରରେ ଭର୍ତ୍ତୃହରି କହିଥିଲେ, ପିଚ୍ ହେଉଛି କଟକ ମାଟି। କଟକ ମାଟିରେ ଯିଏ ଖେଳ ଖେଳିଛି ତା'ର ମଜା ଜାଣିଛି।

# ବୀରମିତ୍ରପୁର ବିଜେଡି ପ୍ରାର୍ଥୀଙ୍କୁ ବିରୋଧ

କୁଆଁରମୁଣ୍ଡା,୬।୪(ମହେନ୍ଦ୍ର କୁମାର ସାହୁ)

ବୀରମିତ୍ରପୁର ବିଧାନସଭା କ୍ଷେତ୍ରରେ ବିଜେଡି ଜର୍ଜ ତିର୍କୀଙ୍କ ପୁଅ ରୋହିତ ଜୋସେଫ ତିର୍କୀଙ୍କ ନାମ ଘୋଷଣା କରିଛି। ହେଲେ ଏହାକୁ ଦଳୀୟ ନେତା ଓ କର୍ମୀ ଶନିବାର ଖୋଲାଖୋଲି ବିରୋଧ କରିଛନ୍ତି। ଅନ୍ୟ ଦଳରୁ ଆସି ୨ ଦିନ ହେଲା ଦଳରେ ମିଶୁ ମିଶୁ ତାଙ୍କୁ ଦଳ ଟିକେଟ ଦେଲା। ଏହା ପୁରୁଣା ଆଶାୟୀ ଯେଉଁମାନେ କି ଦଳ ପାଇଁ ବର୍ଷ ବର୍ଷ ଧରି ଅକ୍ଳାନ୍ତ ପରିଶ୍ରମ କରିଥିଲେ, ସେମାନଙ୍କ ମନରେ ଗଭୀର ଅସନ୍ତୋଷ ସୃଷ୍ଟି କରିଛି ବୋଲି କୁଆଁରମୁଣ୍ଡା ବ୍ଲକ ବିଜେଡି ସଭାପତି ତଥା ଆଶାୟୀ ପ୍ରାର୍ଥୀ ରାଜେଶ ହାସଁଦା କହିଛନ୍ତି। ଦଳ ଆମର ଅଭିଯୋଗ ନ ଶୁଣିଥିବାରୁ ବିଜେଡି ବ୍ଲକ ସଭାପତି ପଦ ସମେତ ଦଳର ପ୍ରାଥମିକ ସଭ୍ୟ ପଦରୁ ରବିବାର ରାଜେଶ ନିଜର ଇସ୍ତଫା ପତ୍ର ନବୀନ ପଟ୍ଟନାୟକଙ୍କ ନିକଟକୁ ପଠାଇବେ ବୋଲି କହିଛନ୍ତି। ସେହିପରି ବିଜେଡିର ବରିଷ୍ଠ ନେତା ନିହାର ସୁରୀନ ଦଳୀୟ ନିଷ୍ପତ୍ତି ଏକ ତରଫା ଦର୍ଶାଇ ଏହାର ପୁନଃବିଚାର କରା ନ ଗଲେ ଆମେ ଆମର ହଜାର କର୍ମୀଙ୍କୁ ନେଇ ଦଳରୁ ସାମୂହିକ ଇସ୍ତଫା ଦେବୁ ବୋଲି କହିଛନ୍ତି। ସେହିପରି କୁଆଁରମୁଣ୍ଡା ବ୍ଲକ ସମେତ ବିସ୍ରା,ନୂଆଗାଁ ବ୍ଲକର ଅନେକ ସରପଞ୍ଚ,ସମିତି ସଭ୍ୟ ଏପରିକି ଜିଲା ପରିଷଦ ସଭ୍ୟମାନେ ବିଜେଡି ପ୍ରାର୍ଥୀଙ୍କୁ ବିରୋଧ କରି ଆଗାମୀ ଦିନରେ ଆୟୋଜିତ ହେବାକୁ ଥିବା ଇସ୍ତଫା ପର୍ବରେ ସାମିଲ ହୋଇ ସାମୂହିକ ଇସ୍ତଫା ଦେବେ ବୋଲି କୁଆଁରମୁଣ୍ଡା ବ୍ଲକର ପୂର୍ବତନ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଶ୍ୟାମା ସାହୁ ଦୃଢୋକ୍ତି ପ୍ରକାଶ କରିଛନ୍ତି।

# ଭାଜପା ଛାଡ଼ିଲେ ରଘୁ ମହାନ୍ତି

ବାଲେଶ୍ୱର, ୬।୪(ମାନସ ବିଶ୍ୱାଳ)



ବାଲେଶ୍ୱର ଜିଲା ବସ୍ତା ବିଧାନସଭା ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି ଶନିବାର ଭାଜପାର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫାପତ୍ର ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କ ନିକଟକୁ ପଠାଇ ଦେଇଛନ୍ତି।

ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି ୨୦୧୯ରେ ଭାଜପା ଟିକେଟରେ ବସ୍ତା ଆସନରୁ ନିର୍ବାଚନ ଲଢ଼ିଥିଲେ। ଚଳିତ ନିର୍ବାଚନରେ ସେ ଜଳେଶ୍ୱର ବିଧାନସଭା ଆସନରୁ ପ୍ରାର୍ଥୀ ହେବାକୁ ପ୍ରୟାସ କରିଥିଲେ। ହେଲେ ପର ମୁହୂର୍ତ୍ତରେ ବିଜେଡିରୁ ନିଲମ୍ବିତ ହୋଇ ଭାଜପାରେ ସାମିଲ ହୋଇଥିବା ଜଳେଶ୍ୱର ବ୍ଲକ ଉପାଧ୍ୟକ୍ଷ ବ୍ରଜମୋହନ ପ୍ରଧାନଙ୍କୁ ଭାଜପା ଟିକେଟ ଦେଇଥିଲା। ଏଥିରେ ରଘୁ ଅସନ୍ତୁଷ୍ଟ ହୋଇଥିଲେ। ଭାଜପାର ଛାମୁଆ ନେତା ରଘୁନାଥଙ୍କୁ ବୁଝାଇବାକୁ ଉଦ୍ୟମ କରିଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ଆଗାମୀ ଦିନରେ ସେ ବିଜେଡିରେ ସାମିଲ ହେବେ ବୋଲି ଚର୍ଚ୍ଚା ହେଉଛି। ରଘୁ କିମ୍ବା ତାଙ୍କ ବୋହୂ ବର୍ଷାସୋନିଙ୍କୁ ଏମ୍‌ପି ପ୍ରାର୍ଥୀ ଭାବେ ବିଜେଡି ବାଲେଶ୍ୱର ଆସନରୁ ଛିଡ଼ା କରାଇପାରେ ବୋଲି ଚର୍ଚ୍ଚା ହେଉଛି।

# ଭାଗୀରଥିଙ୍କ ବିରୋଧରେ କର୍ମୀ ଏକାଠି

## ଆନନ୍ଦପୁର ବିଧାନସଭା କ୍ଷେତ୍ର

ହାଟଡ଼ିହୀ,୬।୪(ଶୁଭକାନ୍ତ ନାୟକ)

କେନ୍ଦୁଝର ଜିଲା ଆନନ୍ଦପୁର ବିଧାନସଭା କ୍ଷେତ୍ରରେ ବିଧାୟକ ଭାଗୀରଥି ସେଠୀଙ୍କୁ ବିରୋଧ ଥମିବାରେ ନାଁ ଧରୁନି। ଉକ୍ତ କ୍ଷେତ୍ର ପାଇଁ ବିଜେଡି ପକ୍ଷରୁ ବିଧାୟକ ପ୍ରାର୍ଥୀଙ୍କ ନାମ ଘୋଷଣା ହୋଇ ନ ଥିବା ବେଳେ ସ୍ଥାନୀୟ କର୍ମୀ ନୂଆଁ ମୁହଁକୁ ସୁଯୋଗ ଦେବାକୁ ଦାବି କରିଆସୁଛନ୍ତି। ଏନେଇ ପୂର୍ବରୁ ବହୁବାର କର୍ମୀ ବିଦ୍ରୋହ କରିବା ସହ ଦଳର ସୁପ୍ରିମୋଙ୍କୁ ଜଣାଇଥିଲେ। ଶନିବାର ବିଜେଡିର ବରିଷ୍ଠ କର୍ମୀଙ୍କ ସମେତ ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ ଅସନ୍ତୁଷ୍ଟ ହାଟଡ଼ିହୀ ବ୍ଲକ୍ ଛେନାପଦିଠାରେ ଏକ ବୈଠକ କରିବାକୁ ସ୍ଥିର କରିଥିଲେ। ନୂଆ ମୁହଁକୁ ବିଧାୟକ ପ୍ରାର୍ଥୀ କରାଯିବା ଲକ୍ଷ୍ୟରେ କର୍ମୀ ବୈଠକ ଆୟୋଜିତ ହେବାର ଥିଲା। କିନ୍ତୁ ବିଧାୟକଙ୍କ ଚାପରେ ପ୍ରଶାସନ ବୈଠକ ବନ୍ଦ କରି ଦେଇଥିବା କର୍ମୀମାନେ ଅଭିଯୋଗ କରିଛନ୍ତି।



ଛେନାପଦୀଠାରେ ଏକାଠି ହୋଇଥିବା ବିଜେଡି କର୍ମୀ।

ପୂର୍ବତନ ଜିଲାପରିଷଦ ସଦସ୍ୟ ସଞ୍ଜୟ ରାଉତ ଏବଂ କର୍ମୀ ବିମଳ ଯେନା କହିଛନ୍ତି, ପୂର୍ବତନ ବିଧାୟକ ମାୟାଧର ଯେନା ୧୦ ବର୍ଷ ଏବଂ ଭାଗୀରଥି ସେଠୀ ୧୦ ବର୍ଷ ବିଧାୟକ ହୋଇଛନ୍ତି। ଏମାନଙ୍କର ୨୦ ବର୍ଷ କାର୍ଯ୍ୟକାଳ ମଧ୍ୟରେ ନିର୍ବାଚନମଣ୍ଡଳୀର କୌଣସି କ୍ଷେତ୍ରରେ ସାମୂହିକ ଉନ୍ନତି କି ବିକାଶ ହୋଇନି। ଏହି ଦୁଇଜଣ କେବଳ ନିଜ ସ୍ୱାର୍ଥ, ଫାଇଦା ପାଇଁ ପଞ୍ଚାୟତସ୍ତରରୁ ଆରମ୍ଭ କରି ସବୁଠୁ ପିସି ଆଦାୟ କରୁଥିବା ଅନେକ ଥର ଅଭିଯୋଗ ହୋଇଆସିଛି। ଇଡି, ଭିଜିଲାନ୍ସ କିମ୍ବା ଇନ୍‌କମ ଟ୍ୟାକ୍ସ ବିଭାଗ ଦ୍ୱାରା ଏମାନଙ୍କ ସମ୍ପତ୍ତିର ତଦନ୍ତ ହେବା ଉଚିତ ବୋଲି କହିଛନ୍ତି। ପୁରୁଣା ମୁହଁ ହଟାଓ ନୂଆଁ ମୁହଁ ଆଣ ଦାବି କରି ବିଜେଡି କର୍ମୀମାନେ ପୂର୍ବରୁ ବହୁବାର ବୈଠକ କରି ଖୁଲମଖୁଲା ବିଧାୟକଙ୍କୁ ବିରୋଧ କରିଛନ୍ତି। ଏ ନେଇ ବିଜେଡି ସୁପ୍ରିମୋଙ୍କୁ ଜଣାଇଥିବା ମଧ୍ୟ ସେମାନେ କହିଛନ୍ତି।

ଶନିବାର ବୈଠକ ହୋଇଥାଆନ୍ତା। ମାତ୍ର ବିଧାୟକ କିଛି ଲୋକଙ୍କ ଜରିଆରେ ଆନନ୍ଦପୁର ଉପଜିଲାପାଳଙ୍କୁ ଅଭିଯୋଗ କରି ସଭା ଭଣ୍ଡୁର କରିଥିବା ବିଜେଡି କର୍ମୀ ବିମଳ କିଶୋର ଯେନା କହିଛନ୍ତି। ବୈଠକ ବନ୍ଦ ହୋଇଥିଲେ ମଧ୍ୟ ଭାଗୀରଥିଙ୍କ ପ୍ରତି କର୍ମୀଙ୍କ ବିଦ୍ରୋହ ଏବଂ ଅସନ୍ତୋଷ ଥମି ନ ଥିଲା। ପୁରୁଣା ମୁହଁ ହଟାଅ ଦାବି କରି ବିଜେଡି କର୍ମୀ ନାରାବାଜି ଦେଇଥିଲେ। ଆନନ୍ଦପୁର ଉପଜିଲାପାଳ ଫାଲ୍‌ଗୁନୀ ମାଝୀ, ନାଣ୍ଡିପଦା ଥାନା ଅଧିକାରୀ ରବୀନ୍ଦ୍ର ପାତ୍ର କହିଛନ୍ତି, ୨ ଜଣ ଲୋକ ଫୋନ୍ କରି ଅଭିଯୋଗ କରିଥିଲେ। ପରେ ବିଭିନ୍ନ ଦିଗକୁ ନଜରରେ ରଖି ବିନା ଅନୁମତିରେ ହେବାକୁ ଥିବା କର୍ମୀ ବୈଠକ ବନ୍ଦ କରାଯାଇଥିବା ଜଣାଇଥିଲେ।

କୁହାଯାଉଛି କର୍ମୀ ଏବଂ ବିଧାୟକଙ୍କ ମଧ୍ୟରେ ଛକାପଞ୍ଝା ପରିସ୍ଥିତି ଆଗକୁ ବଡ଼ ରୂପ ନେଇପାରେ। ପୁରୁଣା ମୁହଁ ପ୍ରାର୍ଥୀ ହେଲେ ବିରୋଧୀ କଂଗ୍ରେସ କିମ୍ବା ଭାଜପା ନିର୍ବାଚନରେ ବିଜୟୀ ହେବେ ବୋଲି ରାଜନୈତିକ ସମୀକ୍ଷକମାନେ କହୁଛନ୍ତି।

# ମୟୂରଭଞ୍ଜ: ଜଣାଶୁଣା ନେତ୍ରୀଙ୍କୁ କୋଣଠେସା


ସରୋଜିନୀ ହେମ୍ବ୍ରମ


ବାସନ୍ତୀ ହେମ୍ବ୍ରମ


ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରା


ସୁଶୀଳା ତିରିଆ


ଅଞ୍ଜନୀ ସୋରେନ


ସରସ୍ୱତୀ ହେମ୍ବ୍ରମ


ଭାରତୀ ହାଁସଦା।

ବାରିପଦା, ୬।୪(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ନିର୍ବାଚନ ବିଗୁଲ ବାଜିବା ପରେ ମୟୂରଭଞ୍ଜ ଜିଲାରେ ରାଜନୀତି ଦୃଶ୍ୟପଟ ଭିନ୍ନ ମୋଡ ନେଉଛି। ଦଳରେ ଆଶାୟୀଙ୍କ ଅସନ୍ତୋଷ ଓ ପ୍ରାର୍ଥୀ ଚୟନ ବିବାଦ ରାଜନୈତିକ ଦଳଗୁଡିକ ଲାଗି ମୁଣ୍ଡବ୍ୟଥାର କାରଣ ହୋଇଛି। ଅପରପକ୍ଷେ ଏଥର ଜିଲାର ଜଣାଶୁଣା ତଥା ଟାଣୁଆ ନେତ୍ରୀମାନେ ଟିକେଟ ପାଇବାରୁ କୋଣଠେସା ହୋଇରହିଛନ୍ତି।

ଜିଲାର ୯ ବିଧାନସଭା କ୍ଷେତ୍ର ମଧ୍ୟରୁ ବିଜେଡି ୬ ଓ ଭାଜପା ୫ଟି ଆସନରେ ପ୍ରାର୍ଥୀ ଘୋଷଣା କରିଛି । ଅବଶିଷ୍ଟ ଆସନଗୁଡିକରେ ପ୍ରାର୍ଥୀ ଚୟନ ନେଇ ଉଭୟ ଦଳ ପକ୍ଷରୁ ବିଚାର ବିମର୍ଶ ଚାଲୁରହିଛି। ଆଦିବାସୀ ଅଧ୍ୟୁଷିତ ଜିଲାର ସମସ୍ତ ଆସନ ମଧ୍ୟରୁ ମୋରଡା ଆସନ ସାଧାରଣବର୍ଗ ପାଇଁ ଉଦ୍ଦିଷ୍ଟ ଥିବା ବେଳେ ବଡ଼ସାହି ନିର୍ବାଚନମଣ୍ଡଳୀ ଅନୁସୂଚିତ ଜାତି ବର୍ଗ ପାଇଁ ସଂରକ୍ଷିତ ରହିଛି। ୯ ଆସନରୁ ୩ଟି ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ତେବେ ବିଜେଡି ମହିଳାଙ୍କୁ ପ୍ରାଧାନ୍ୟ ଦେଇ ମୋରଡାରୁ ପ୍ରୀତିନନ୍ଦା କାନନୁଗୋ ଓ ବଡ଼ସାହିରୁ ଅନସୂୟା ପାତ୍ରଙ୍କୁ ଟିକେଟ ଦେଇଛି। ଅବଶିଷ୍ଟ ୭ଟି ଆସନ ଅନୁସୂଚିତ ଜନଜାତି ପାଇଁ ଉଦ୍ଦିଷ୍ଟ ରହିଛି । ଏହି ଆସନଗୁଡିକ ମଧ୍ୟରୁ ବାଙ୍ଗରିପୋଷି, ସାରସକଣା ଓ କରଞ୍ଜିଆ ପାଇଁ ପ୍ରାର୍ଥୀ ଘୋଷଣା ନେଇ ବିଳମ୍ବ ହୋଇଛି । ଜିଲାରେ ଚର୍ଚ୍ଚିତ ନେତ୍ରୀ ଭାବେ ପ୍ରାକ୍ତନ ମନ୍ତ୍ରୀ ସରୋଜିନୀ ହେମ୍ବ୍ରମ, ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ, ପ୍ରାକ୍ତନ କଲେଜ ଅଧକ୍ଷା ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରା, ଏଆଇସିସି ସଦସ୍ୟା ତଥା ପ୍ରାକ୍ତନ ରାଜ୍ୟ ସଭା ସଦସ୍ୟା ସୁଶୀଳା ତିରିଆ, ଝାଡଖଣ୍ଡର ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ଶିବୁ ସୋରେନଙ୍କ ଝିଅ ଅଞ୍ଜନୀ ସୋରେନ, ପ୍ରାକ୍ତନ ମନ୍ତ୍ରୀ ସରସ୍ୱତୀ ହେମ୍ବ୍ରମ ଓ ଜିଲା ପରିଷଦ ସଦସ୍ୟା ଭାରତୀ ହାଁସଦା ଜଣାଶୁଣା ଅଛନ୍ତି । ଏମାନଙ୍କ ମଧ୍ୟରୁ ସରୋଜିନୀ, ବାସନ୍ତୀ ଓ ଭାରତୀ ବିଜେଡିର ଟାଣୁଆ ନେତ୍ରୀ ଭାବେ ନିଜର ସଙ୍ଗଠନକୁ ମଜଭୁତ କରିଛନ୍ତି। ଏହି ୩ ନେତ୍ରୀଙ୍କ ମଧ୍ୟରୁ ବାକି ରହିଥିବା ଆସନଗୁଡିକରେ ସୁଯୋଗ ଦିଆଗଲେ ଦଳର ବିଜୟପଥ ସହଜ ହେବ ବୋଲି କର୍ମୀ ମହଲରେ ଆଲୋଚନା ହେଉଛି। ଏପରିକି ପ୍ରୀତିନନ୍ଦା ଓ ଅନସୂୟାଙ୍କ କ୍ଷେତ୍ରରେ ସେଭଳି ଚର୍ଚ୍ଚା ନ ଥିବା ବେଳେ ଲୋକପ୍ରିୟ ନେତ୍ରୀଙ୍କ ପ୍ରତି ଅବହେଳା ପ୍ରଦର୍ଶନ କରାଯାଉଥିବା ନେଇ କର୍ମୀ ମହଲରେ ଅସନ୍ତୋଷ ଦେଖାଦେଇଛି । ସେହିପରି ସୁଶୀଳା ଓ ଅଞ୍ଜନୀ କଂଗ୍ରେସରୁ ଲୋକ ସଭା ପ୍ରାର୍ଥୀ ହୋଇପାରନ୍ତି ବୋଲି ଆଲୋଚନା ଜୋର ଧରିଛି । ଆଉ ସରସ୍ୱତୀ ହେମ୍ବ୍ରମଙ୍କୁ ଦଳ ପ୍ରାର୍ଥୀ କରିପାରେ ବୋଲି କେତେକ କର୍ମୀ କହୁଛନ୍ତି। ତେବେ ତେବେ ଭାଜପା ଓ ବିଜେଡି ଲୋକ ସଭା ପ୍ରାର୍ଥୀ ଭାବେ ମହିଳାଙ୍କୁ ସ୍ଥାନିତ କରିନାହାନ୍ତି । ନିକଟରେ ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରା ଭାଜପାରେ ଯୋଗଦେଇଥିବା ବେଳେ ଅଦ୍ୟାବଧି କୌଣସି ନେତ୍ରୀଙ୍କୁ ଦଳ ପକ୍ଷରୁ ପ୍ରାର୍ଥୀ କରାଯାଇନାହିଁ । ବିଜେଡି ମହିଳାଙ୍କୁ ପ୍ରାଧାନ୍ୟ ଦେଉଥିବା ବେଳେ ଭାଜପା ନିକଟରେ ମହିଳା ପ୍ରାର୍ଥୀଙ୍କ ଅଭାବ ପରିଲକ୍ଷିତ ହେଉଥିବାରୁ ଦଳ ପରିବର୍ତ୍ତନକାରୀଙ୍କୁ ଗୁରୁତ୍ୱ ଦେଇପାରେ ବୋଲି ରାଜନୈତିକ ସମୀକ୍ଷକମାନେ ମତ ପ୍ରକାଶ କରିଛନ୍ତି ।

# 'ଟିକେଟ୍ ଆଶାୟୀଙ୍କୁ ନିରାଶ କରିଛନ୍ତି ଗଣେଶ୍ୱର'

କେନ୍ଦ୍ରାପଡ଼ା,୬।୪(ଜଗନ୍ନାଥ ଧଳ)

ଭୁବନେଶ୍ୱରସ୍ଥ ଶଙ୍ଖ ଭବନରେ ବରିଷ୍ଠ ନେତା ଗଣେଶ୍ୱର ବେହେରା ବିଜେଡିରେ ରବିବାର ମିଶିବେ । ଗଣେଶ୍ୱରଙ୍କ ଏହି ବିଜେଡିରେ ମିଶ୍ରଣ ଚଳିତ ସାଧାରଣ ନିର୍ବାଚନରେ କେନ୍ଦ୍ରାପଡ଼ା ବିଧାନସଭା ପାଇଁ ଆଶାୟୀ ପ୍ରାର୍ଥୀଙ୍କୁ ନିରାଶ କରିଛି । ବିଜୁ ପରିବାର ସ୍ୱାର୍ଥ ପାଇଁ କର୍ମୀ ସମ୍ମିଳନୀ ବ୍ୟାନର ତଳେ ଟିକେଟ ଆଶାୟୀମାନେ ଏକାଠି ହୋଇଛନ୍ତି ବିଧାନସଭା କ୍ଷେତ୍ରର ଭୋଟ ସମୀକ୍ଷା ସହ ଗଣେଶ୍ୱରଙ୍କ ବଦଳରେ ଆଶାୟୀଙ୍କ ମଧ୍ୟରୁ ଜଣଙ୍କୁ ଟିକେଟ ମିଳୁ ବୋଲି ଦାବି ହୋଇଛି। ଏଥିସହ ଏସମ୍ପର୍କରେ ଏକ ସ୍ମାରକ ପତ୍ର ସମ୍ମିଳନୀରେ ପ୍ରସ୍ତୁତ କରାଯାଇ ବିଜେଡି ସଭାପତିଙ୍କୁ ଦିଆଯିବ ବୋଲି ନିଷ୍ପତ୍ତିହୋଇଛି।

ସହରର ତିନିମୁହାଣୀସ୍ଥିତ ଏକ ହୋଟେଲରେ ଏହି କର୍ମୀ ସମ୍ମିଳନୀ ଶନିବାର ଅପରାହ୍ନରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଟିକେଟ ଆଶାୟୀ ଯୁବନେତା ତଥା ଜିଲା ଯୁବ ବିଜେଡି ସଭାପତି ରାଜେଶ ଦାସ, ବିଜେଡିର ବରିଷ୍ଠ ନେତା ପୂର୍ବତନ ବିଧାୟକ କିଶୋର ଚନ୍ଦ୍ର ତରାଇ, ପୂର୍ବତନ ବିଧାୟିକା ସିପ୍ରା ମଲ୍ଲିକ, ଜିଲା ପରିଷଦ ଅଧ୍ୟକ୍ଷା ଗୀତାଞ୍ଜଳୀ ସେଠୀ, ଇଂ.ମୁରଲୀଧର ସେଠୀ, ଯୁବନେତା ଦୁଷ୍ମନ୍ତ ମଲ୍ଲିକ ପ୍ରମୁଖ ଆସନ୍ତା ସାଧାରଣ ନିର୍ବାଚନରେ ବିଜେଡି ଭୋଟ ସମ୍ପର୍କରେ ଆଲୋଚନା କରିଥିଲେ । ସେମାନେ କହିଥିଲେ, ଗତ ୧୦ ବର୍ଷ ଧରି ବିଜେଡିରେ ରହି ସଙ୍ଗଠନକୁ ବୃଦ୍ଧି କରିବା ସହ ଲୋକଙ୍କ ନିକଟତର ହୋଇଛନ୍ତି। ଲୋକଙ୍କ ସହ ରହିଥିବା ବିଜେଡି ନେତା ଚଳିତ ବର୍ଷ ବିଧାୟକ ପ୍ରାର୍ଥୀ ହେଲେ ବିଜୟ ସୁନିଶ୍ଚିତ। ତେବେ ଗଣେଶ୍ୱରଙ୍କ ମିଶ୍ରଣ ବିଜେଡିର ସାଂଗଠନିକ ଶକ୍ତି କ୍ଷେତ୍ରରେ ପ୍ରତିକୂଳ ପ୍ରଭାବପକାଇବବୋଲିସେମାନେକହିଛନ୍ତି।



ଗଣେଶ୍ୱର ବେହେରାଙ୍କୁ ବିରୋଧ କରାଯାଇ ବିଜେଡି ପକ୍ଷରୁ କରାଯାଇଥିବା କର୍ମୀ ସମ୍ମିଳନୀ।

# ରୁଚିକା ଆତ୍ମହତ୍ୟା ଘଟଣା ତଦନ୍ତ ରିପୋର୍ଟ ସାର୍ବଜନୀନ ହେଉ




ଭୁବନେଶ୍ୱର,୬।୪(ଅନିଲ ଦାସ)

**ଡିଜିପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଯୁବ କଂଗ୍ରେସର ଆନ୍ଦୋଳନ ଧମକ**

ବହୁଚର୍ଚ୍ଚିତ ରୁଚିକା ମହାନ୍ତି ଆତ୍ମହତ୍ୟା ଘଟଣା ଏବଂ ଭାଇରାଲ ଅଡିଓକୁ ନେଇ ଯୁବ କଂଗ୍ରେସ ଚେତାବନୀ ଦେଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଯଦି ରୁଚିକା ମହାନ୍ତି ଆତ୍ମହତ୍ୟା ଘଟଣା ସହିତ ଭାଇରାଲ ହୋଇଥିବା ଅଡିଓରେ ଭୁବନେଶ୍ୱରର କେଉଁ ବିଧାୟକଙ୍କ ସମ୍ପୃକ୍ତି ଅଛି ତାହା ସ୍ପଷ୍ଟ ନ କରାଯାଏ ଏବଂ ଏହାର ତଦନ୍ତ ରିପୋର୍ଟ ସାର୍ବଜନୀନ ନ କରାଯାଏ କମିଶନରେଟ୍ କାର୍ଯ୍ୟାଳୟ ଏବଂ ପୋଲିସ ମହାନିର୍ଦ୍ଦେଶକ(ଡିଜିପି)ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନକୁ ଓହ୍ଲାଇବ ବୋଲି ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ତଥା ମିଡିଆ ସେଲ୍ ଅଧକ୍ଷ ସୁଦୀପ୍ ସାମଲ କହିଛନ୍ତି।

ଶନିବାର କଂଗ୍ରେସ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି ଯେ ଓଡ଼ିଶାର ପ୍ରତ୍ୟେକ ଗାଁରେ ସରକାରଙ୍କ ନାରୀ ନିର୍ଯାତନା ନୀତିକୁ ଲୋକଙ୍କ ପାଖରେ ପହଞ୍ଚାଇ ରାଜ୍ୟ ସରକାରଙ୍କ ଅସଲ ଚେହେରାର ପର୍ଦ୍ଦାଫାଶ କରାଯିବ । ବିଗତ ଦିନରେ ଭୁବନେଶ୍ୱର ଡିସିପିଙ୍କୁ ଦେଖାକରି ଯୁବ କଂଗ୍ରେସ ଏ ସମ୍ବନ୍ଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ବହୁବାର ଦାବି ଜଣାଇଛି। ଏହା ମଧ୍ୟରେ ବହୁଦିନ ବିତିଯାଇଥିଲେ ସୁଦ୍ଧା ପ୍ରଶାସନ ତରଫରୁ କୌଣସି ପଦକ୍ଷେପ ନିଆ ନ ଯିବା ଘଟଣା ଅତ୍ୟନ୍ତ ନିନ୍ଦନୀୟ ବୋଲି ସେ କହିଛନ୍ତି। ଭାଇରାଲ ଅଡିଓରେ ଯେଉଁ ସ୍ୱରଟି ଶୁଭୁଛି ତାହା ଭୁବନେଶ୍ୱରର ଜଣେ ବିଧାୟକଙ୍କର ବୋଲି ଦାବି କରିବା ସହ ଏହାର ତଦନ୍ତ ଠିକ୍ ଭାବେ ହେଲେ ସତ୍ୟାସତ୍ୟ ଲୋକଲୋଚନକୁ ଆସିବ ବୋଲି ସେ ଦୋହରାଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ଗୋପନ ମାର୍ଥା, ଭୁବନେଶ୍ୱର ଜିଲା ଯୁବ କଂଗ୍ରେସ ସଭାପତି ମହମ୍ମଦ ଗୁଲଫାମ୍, ସ୍ୱାଗତ କର, ବଳରାମ ନନ୍ଦ, ମହମ୍ମଦ ପରଭେଜ୍ ଉପସ୍ଥିତ ଥିଲେ।

# ବିଜେଡିରେ ଯୋଗଦେଲେ ଡାକ୍ତର ଦେବାନନ୍ଦ ମହାପାତ୍ର

ଭୁବନେଶ୍ୱର,୬।୪(ଅନିଲ ଦାସ)

କଟକ ଜିଲା ଅନ୍ତର୍ଗତ ଚୌଦ୍ୱାର- କଟକ ନିର୍ବାଚନମଣ୍ଡଳୀର ଲୋକପ୍ରିୟ ପ୍ରଫେସର ଡାକ୍ତର ଦେବାନନ୍ଦ ମହାପାତ୍ର ଶନିବାର ଶଙ୍ଖଭବନଠାରେ ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ରଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ଦେବାନନ୍ଦଙ୍କୁ ସସ୍ମିତ ଉପଢ଼ୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ। ଗ୍ୟାଷ୍ଟ୍ରୋଏଣ୍ଟରୋଲୋଜିଷ୍ଟ ଓ ହେପାଟୋଲୋଜିଷ୍ଟର ବିଶେଷଜ୍ଞ ଭାବେ ଡାକ୍ତର ମହାପାତ୍ର ଦୀର୍ଘ ୨୯ ବର୍ଷ କାଳ ପ୍ରଫେସର ଭାବେ କାର୍ଯ୍ୟକରି ବହୁ ଲୋକପ୍ରିୟତା ହାସଲ କରିଛନ୍ତି। ଏହାଛଡ଼ା ସେ ବିଭିନ୍ନ ଡାକ୍ତର ସଂଘ ଓ ସାମାଜିକ ଅନୁଷ୍ଠାନ ସହ ଜଡ଼ିତ ଥିଲେ। ଦେବାନନ୍ଦଙ୍କ ଯୋଗଦାନ ଫଳରେ ବିଶେଷକରି ଚୌଦ୍ୱାର-କଟକ ନିର୍ବାଚନମଣ୍ଡଳୀରେ ଦଳୀୟ ସଙ୍ଗଠନ ଆହୁରି ମଜଭୁତ ହେବ ବୋଲି ସସ୍ମିତ କହିଛନ୍ତି।

ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ବିଜେଡିରେ ଯୋଗ ଦେଇଥିବା କହିଛନ୍ତି। ନୂତନ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ଯାହା ଦାୟିତ୍ୱ ଦେବେ ତାକୁ ସେ ସୁଚାରୁରୂପେ ତୁଲାଇବେ । ଦଳରେ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ, ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ ଦେବାନନ୍ଦ କୃତଜ୍ଞତା ଜଣାଇଛନ୍ତି।

# ଗୋଟିଏ ମଞ୍ଚରେ ଜୟନାରାୟଣ ଓ ଗିରିଶ

ସମ୍ବଲପୁର,୬।୪ (ଭବାନୀ ଶଙ୍କର ଭୋଇ)

**ନେତା, କର୍ମୀଙ୍କୁ ଏକଜୁଟ କରିବା ଉଦ୍ୟମରେ ଧର୍ମେନ୍ଦ୍ର**

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ବଲପୁର ଲୋକ ସଭା ପାଇଁ ପ୍ରାର୍ଥୀ ଘୋଷିତ ହେବା ପରେ ଏବେ ସେ ଭାଜପାର ନୂଆପୁରୁଣା ନେତା ଓ କର୍ମୀଙ୍କୁ ଏକଜୁଟ କରି ଦଳକୁ ଅଧିକ ସଂଗଠିତ କରିବା ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି। ବିଗତ କିଛିମାସ ହେବ ସମ୍ବଲପୁର ବିଧାନସଭା କ୍ଷେତ୍ରରେ ଭାଜପାର ବରିଷ୍ଠ ନେତା ତଥା ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ଏବଂ ଭାଜପା ଜିଲା ସଭାପତି ଗିରିଶ ପଟେଲ ପରସ୍ପର ବିରୋଧୀ ହୋଇଯାଇଥିବା ନେଇ ଚର୍ଚ୍ଚା ହୋଇଥିଲା। ଭାଜପା ପ୍ରତିଷ୍ଠା ଦିବସରେ ଧର୍ମେନ୍ଦ୍ର ଉଭୟ ନେତାଙ୍କୁ ଗୋଟିଏ ମଞ୍ଚରେ ଏକାଠି ବସାଇ କର୍ମୀଙ୍କୁ ସକାରାତ୍ମକ ବାର୍ତ୍ତା ଦେବାକୁ ଚେଷ୍ଟା କରିଛନ୍ତି। ଏପରି କି ଗିରିଶଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ଜୟନାରାୟଣଙ୍କୁ ଗିରିଶ ସ୍ନେହରେ ଜୟଦାଦା ବୋଲି ସମ୍ବୋଧନ କରିଥିବା ବେଳେ ଦୁହେଁ ପାଖାପାଖି ବସିଥିବା ଦେଖିବାକୁ ମିଳିଥିଲା।

ସୂଚନାଯୋଗ୍ୟ, କିଛିଦିନ ପୂର୍ବରୁ ଜୟନାରାୟଣଙ୍କ ସମର୍ଥକମାନେ ଗିରିଶଙ୍କ ଫଟୋକୁ ଜିଲା କାର୍ଯ୍ୟାଳୟରେ ଲାଗିଥିବା ହୋର୍ଡିଂରୁ ଗାଏବ କରିଦେଇଥିଲେ। ତେବେ ସେ ପୂର୍ବତନ ନଗରପାଳ ସହ ଜଣେ ପୁରୁଣା ସଂଗଠକ ହୋଇଥିବାରୁ ତାଙ୍କୁ ଧର୍ମେନ୍ଦ୍ର ଉପେକ୍ଷା ନ କରି ଜୟନାରାୟଣ ଏବଂ ଗିରିଶଙ୍କ ମଧ୍ୟରେ ରହିଥିବା ଭୁଲ୍ ବୁଝାମଣାକୁ ଦୂର କରିବାକୁ ଚେଷ୍ଟା କରିଛନ୍ତି। ଅନ୍ୟପକ୍ଷରେ ଦଳର ପୁରୁଣା କର୍ମକର୍ତ୍ତା ରାମଚନ୍ଦ୍ର ମେହେର, ଦାମୋଦର କର, ଫଣିଭୂଷଣ ମିଶ୍ର, ସୁନୀଲ ନନ୍ଦ ପ୍ରମୁଖଙ୍କୁ ଗୁରୁତ୍ୱ ଦେଇ ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ କରୁଥିବା ବେଳେ କିଛିଦିନ ଆଗରୁ ଭାଜପାରେ ସାମିଲ ହୋଇଥିବା ବିଜେଡିର ପୂର୍ବତନ ଜିଲା ସଭାପତି ଡ. ପ୍ରମୋଦ ରଥଙ୍କୁ ମଧ୍ୟ ବିଭିନ୍ନ କାର୍ଯ୍ୟକ୍ରମରେ ନିଜ ତରଫରୁ ସାମିଲ କରୁଛନ୍ତି। ଅଞ୍ଚଳର ବିଶିଷ୍ଟ ସଂଗଠକ, ବୁଦ୍ଧିଜୀବୀଙ୍କ ସହ ବ୍ୟକ୍ତିଗତ ସମ୍ପର୍କ ରଖି ନିର୍ବାଚନରେ ସମର୍ଥନ ହାସଲ କରିବାକୁ ଧର୍ମେନ୍ଦ୍ର ଉଦ୍ୟମ ଚଳାଇଛନ୍ତି। ବିଜେଡିର ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ସମ୍ବଲପୁରରୁ ସାଂସଦ ପ୍ରାର୍ଥୀ ହେବା ପରେ ଧର୍ମେନ୍ଦ୍ର ତାଙ୍କୁ ଟକ୍କର ଦେବାକୁ ଲାଗି ପଡିଛନ୍ତି। ସେ ପୂର୍ବରୁ ଅନେକଥର ସମ୍ବଲପୁର ଆସି କାର୍ଯ୍ୟକ୍ରମ ସାରି ଫେରି ଯାଉଥିବା ବେଳେ ଏବେ ସମ୍ବଲପୁରରେ ନିଜର ଠିକଣା ତିଆରି କରି ପୂରା ସମୟ ପ୍ରଚାର ପାଇଁ ଲଗାଇବାକୁ ଯୋଜନା କରିଛନ୍ତି। ଶନିବାର ସନ୍ଧ୍ୟାରେ ସେ ଉତ୍କଳ ପ୍ରାଦେଶିକ ମାରୱାଡି ସମ୍ମେଳନ ଉତ୍କର୍ଷ କାର୍ଯ୍ୟକ୍ରମରେ ସାମିଲ ହୋଇ ସମ୍ବଲପୁରର ଏକ ପ୍ରତିଷ୍ଠିତ ଗୋଷ୍ଠୀ ସହ ସମ୍ପର୍କକୁ ମଜଭୁତ କରିବାକୁ ଉଦ୍ୟମ କରିଛନ୍ତି।


ଜଣେ ବରିଷ୍ଠ ନାଗରିକଙ୍କୁ ଭେଟିବା ଅବସରରେ ଧର୍ମେନ୍ଦ୍ର ପ୍ରଧାନ।

# ପରିବାରବାଦ ଅନ୍ୟ ନେତାଙ୍କ ବାଟ ରୋକୁଛି

ଭବାନୀପାଟଣା,୬।୪(ଉତ୍ତମ କୁମାର ଦାଶ)


ମାଳବିକା କେଶରୀ ଦେଓ


ପୁଷ୍ପେନ୍ଦ୍ର ସିଂ ଦେଓ


ଭକ୍ତଚରଣ ଦାସ


ସାଗରଚରଣ ଦାସ


ଲଳିତା ନାଏକ


ମନୋଜ ମେହେର

ରାଜନୀତିରେ ପରିବାରବାଦ, ବଂଶବାଦକୁ ନେଇ ଉଭୟ ଶାସକ ଓ ବିରୋଧୀ ମଧ୍ୟରେ ବିଭିନ୍ନ ସମୟରେ ଆରୋପ ପ୍ରତ୍ୟାରୋପ ଲାଗିରହିଛି। ଏପରିସ୍ଥଳେ କଳାହାଣ୍ଡି ରାଜନୀତିରେ ପରିବାରବାଦର ଚିତ୍ର ଦେଖିବାକୁ ମିଳିଛି। ଏଠାରେ ବାପ,ପୁଅ, ସ୍ତ୍ରୀ, ନାତି, ବୋହୂ, ଭାଇ ଟିକେଟ ପାଇ ରାଜନୀତି କରିଚାଲିଛନ୍ତି। କଳାହାଣ୍ଡିରେ ୧୯୫୨ରେ ପ୍ରଥମ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ଗଣତନ୍ତ୍ର ପରିଷଦରୁ ଗିରିଧାରୀ ଭୋଇ ୧୯୫୨ରୁ ୧୯୬୨ ଯାଏ କଳାହାଣ୍ଡି ଏମ୍‌ପି ରହିଥିଲେ। ୧୯୬୨ରେ ରାଜ ପରିବାର ପ୍ରତାପ କେଶରୀ ଦେଓ ସ୍ୱତନ୍ତ୍ର ପାର୍ଟିରୁ ନିର୍ବାଚନ ଲଢ଼ି ଏମ୍‌ପି ଭାବେ ବିଜୟୀ ହୋଇଥିଲେ। ସେ ୧୯୬୨ରୁ ୧୯୮୦ ପର୍ଯ୍ୟନ୍ତ ରହିଥିଲେ। ପରବର୍ତ୍ତୀ ସମୟରେ ୧୯୮୦-୧୯୮୪ ଯାଏ ରାସ ବିହାରୀ ବେହେରା, ୧୯୮୪-୧୯୮୯ ଜଗନ୍ନାଥ ପଟ୍ଟନାୟକ, ୧୯୮୯-୧୯୯୧ ଭକ୍ତଚରଣ ଦାସ, ୧୯୯୧-୧୯୯୬ ସୁବାସ ନାୟକ, ୧୯୯୬-୧୯୯୮ ଭକ୍ତ ଚରଣ ଦାସ, ୧୯୯୮-୧୯୯୯-୨୦୦୯ ଯାଏ ରାଜ ପରିବାରର ପ୍ରତାପ କେଶରୀ ଦେଓଙ୍କ ପୁଅ ବିକ୍ରମ କେଶରୀ ଦେଓ, ୨୦୦୯-୨୦୧୪ ଭକ୍ତଚରଣ ଦାସ, ୨୦୧୪-୨୦୧୯ ରାଜ ପରିବାର ସଦସ୍ୟ ବିକ୍ରମ କେଶରୀଙ୍କ ପୁଅ ଅର୍କ କେଶରୀ ଦେଓ ଏବଂ ୨୦୧୯-୨୦୨୪ ବସନ୍ତ ପଣ୍ଡା ରହିଛନ୍ତି। କଳାହାଣ୍ଡି ଜିଲା ଇତିମଧ୍ୟରେ ୧୭ଟି ନିର୍ବାଚନ ସାମ୍ନା କରିସାରିଲାଣି। ଏହି ସବୁ ନିର୍ବାଚନରେ ୧୧ଜଣ ଏମ୍‌ପି ନିର୍ବାଚିତ କରିଛନ୍ତି। ତନ୍ମଧ୍ୟରୁ ରାଜପରିବାର ତିନି ଜଣ ସଦସ୍ୟ ବାପ-ପୁଅ-ନାତିଙ୍କ ୩୪ ବର୍ଷ ରାଜୁତି ରହିଛି। ଅନ୍ୟ ୮ଜଣଙ୍କ ପୁଅ ନାତି କିମ୍ବା ପରିବାରରୁ କେହି ନିର୍ବାଚିତ ହୋଇପାରିନାହାନ୍ତି ।

କେବଳ ଲୋକ ସଭା କ୍ଷେତ୍ରରେ ନୁହେଁ ବିଧାନସଭା କ୍ଷେତ୍ରରେ ମଧ୍ୟ ଏହି ପରିବାରର ଦୀର୍ଘ ଦିନର ରାଜୁତି ରହିଛି। ଜୁନାଗଡ଼ ବିଧାନସଭା ଆସନରେ ୧୯୫୧-୧୯୬୧ ଯାଏ ଗଣତନ୍ତ୍ର ପରିଷଦରୁ ପ୍ରତାପ କେଶରୀ ଦେଓ ବିଧାୟକ ହୋଇଥିଲେ। ସେହିପରି ୧୯୭୪ରେ ତାଙ୍କ ବଡ଼ ପୁଅ ଉଦିତ ପ୍ରତାପ ଦେଓ ସ୍ୱତନ୍ତ୍ର ପାର୍ଟିରୁ ଏହି ଆସନରେ ବିଧାୟକ ହୋଇଥିଲେ। ପରବର୍ତ୍ତୀ ସମୟରେ ୧୯୮୫-୨୦୦୦ ପର୍ଯ୍ୟନ୍ତ ୩ଟି ନିର୍ବାଚନ ପ୍ରତାପ କେଶରୀ ଦେଓଙ୍କ ସାନପୁଅ ବିକ୍ରମ କେଶରୀ ଦେଓ ବିଧାୟକ ହୋଇଥିଲେ। ରାଜ ପରିବାରର ଅନ୍ୟଜଣେ ସଦସ୍ୟ ପଞ୍ଚାୟତ ବୀର କିଶୋର ଦେଓ ମଧ୍ୟ ବିଧାୟକ ହୋଇଛନ୍ତି। କେବଳ କଳାହାଣ୍ଡି ରାଜପରିବାର ନୁହେଁ ଜୟପାଟଣା ସିଂ ଦେଓ (ଜମିଦାର) ପରିବାର ମଧ୍ୟ ପିଢ଼ି ପରେ ପିଢ଼ି ରାଜନୈତିକ କ୍ଷେତ୍ରରେ ଜାହିର କରିଛନ୍ତି। ୧୯୭୨-୧୯୭୭ରେ ତତ୍କାଳୀନ କୋକସରା ବିଧାନସଭା କ୍ଷେତ୍ରରେ ଏହି ପରିବାରର ଚନ୍ଦ୍ରଭାନୁ ସିଂଦେଓ ବିଧାୟକ ହୋଇଥିଲେ। ପରବର୍ତ୍ତୀ ସମୟରେ ୧୯୯୫-୨୦୦୫ ଯାଏ ତାଙ୍କ ପତ୍ନୀ ରୋଶନୀ ସିଂଦେଓ ଏବଂ ୨୦୦୫-୨୦୧୯ ଯାଏଁ ତାଙ୍କ ପୁତ୍ର ପୁଷ୍ପେନ୍ଦ୍ର ସିଂହଦେଓ ବିଧାୟକ ହୋଇଥିଲେ। କଳାହାଣ୍ଡି ରାଜନୀତି ସହ ଓତପ୍ରୋତ ଜଡ଼ିତ ଥିବା ଓ କଳାହାଣ୍ଡି ରାଜନୀତିକୁ ପାଖରୁ ଦେଖିଥିବା ଅନେକ ଅଭିଜ୍ଞ ନେତା ଲୋକ ସଭା, ବିଧାନସଭା କ୍ଷେତ୍ରରେ ବାରମ୍ବାର ନିର୍ବାଚିତ ହୋଇଛନ୍ତି। ଭୂପିନ୍ଦର ସିଂ, ରାସ ବିହାରୀ ବେହେରା, କିରଣ ସିଂ, ବୀର ସିପକା, ଜଗନ୍ନାଥ ପଟ୍ଟନାୟକ, ମହେଶ୍ୱର ବରାଡ଼, ମହେଶ୍ୱର ନାଏକ, ତ୍ରିନାଥ ସରାଫ, ଗୋବର୍ଦ୍ଧନ ଦାସ, ଧନେଶର ମାଝି ପ୍ରମୁଖ ଅନେକ ବର୍ଷୀୟାନ ନେତା ବାରମ୍ବାର ନିର୍ବାଚିତ ହୋଇଛନ୍ତି। କିନ୍ତୁ ତାଙ୍କ ପୁଅ କିମ୍ବା ତାଙ୍କ ପରିବାରର ଆଉ କାହାର ରାଜନୈତିକ ଭବିଷ୍ୟତ ନିର୍ମାଣ କରିପାରିନାହାନ୍ତି। ଅବଶ୍ୟ ଏ କ୍ଷେତ୍ରରେ ଭକ୍ତ ଦାସ ଏକ ବ୍ୟତିକ୍ରମ। ଭକ୍ତଙ୍କ ବଡ଼ଭାଇ ଅଜିତ ଦାସ ୧୯୯୦ରେ ଜନତା ଦଳରୁ ଭବାନୀପାଟଣା ଆସନରୁ ବିଧାୟକ ହୋଇଥିଲେ। ଏବେ ଭକ୍ତ ତାଙ୍କ ପୁଅ ସାଗର ଦାସଙ୍କ ରାଜନୈତିକ ଭବିଷ୍ୟତ ପାଇଁ ସଂଘର୍ଷ କରୁଛନ୍ତି। ଅବଶ୍ୟ କିଛି ନେତା ତାଙ୍କ ପୁଅ, ବୋହୂ, ସ୍ତ୍ରୀଙ୍କୁ ପଞ୍ଚାୟତ ରାଜନୀତିରେ ପ୍ରତିଷ୍ଠିତ କରିପାରିଛନ୍ତି। କିନ୍ତୁ ବିଧାୟକ କିମ୍ବା ଏମପି କରିପାରିନାହାନ୍ତି।

ଚଳିତ ନିର୍ବାଚନରେ ମଧ୍ୟ କଳାହାଣ୍ଡିରେ ଏହି ପରିବାରବାଦ ଦେଖିବାକୁ ମିଳିଛି। ପୂର୍ବତନ ଏମ୍‌ପି ଅର୍କକେଶରୀ ଦେଓଙ୍କ ସ୍ତ୍ରୀ ରାଜ ପରିବାରର ବୋହୂ ମାଳବିକା କେଶରୀ ଦେଓଙ୍କୁ ଭାଜପା କଳାହାଣ୍ଡି ଲୋକ ସଭା ଆସନ ପାଇଁ ଟିକେଟ ଦେଇଛି। କଂଗ୍ରେସ ନର୍ଲାରେ ବିଧାୟକ ପ୍ରାର୍ଥି ଭାବେ ଭକ୍ତଚରଣ ଦାସ ଓ ଭବାନୀପାଟଣା ବିଧାନସଭା କ୍ଷେତ୍ରରେ ତାଙ୍କପୁଅ ସାଗରଙ୍କୁ ପ୍ରାର୍ଥୀ କରିଛି। ସେହିପରି ପୂର୍ବତନ ବିଧାୟିକା ରୋଶନୀ ସିଂଦେଓଙ୍କ ପୁତ୍ର ପୁଷ୍ପେନ୍ଦ୍ର ସିଂଦେଓ ଧର୍ମଗଡ଼ ବିଜେଡି ବିଧାୟକ ପ୍ରାର୍ଥୀ, ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାଏକଙ୍କ ସ୍ତ୍ରୀ ଲଳିତା ନାଏକ ଭବାନୀପାଟଣା ବିଧାନସଭା କ୍ଷେତ୍ରର ବିଧାୟକ ପ୍ରାର୍ଥିନୀ ଭାବେ ମଇଦାନକୁ ଓହ୍ଲାଇଛନ୍ତି। ଏହାସହ ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର୍ ମେହେରଙ୍କ ଭାଇ ମନୋଜ ମେହେର ମଧ୍ୟ ଗତଥର ଭଳି ଏଥର ଭାଜପା ପକ୍ଷରୁ ବିଧାୟକ ପ୍ରାର୍ଥୀ ଭାବେ ଜୁନାଗଡ଼ ବିଧାନସଭା ମଣ୍ଡଳୀରେ ପ୍ରାର୍ଥୀ ଘୋଷିତ ହୋଇଛନ୍ତି। ପରିବାରବାଦ ରାଜନୀତି ଯୋଗୁ ବର୍ଷବର୍ଷ ଧରି ଦଳୀୟ ସଙ୍ଗଠନ କରୁଥିବା ଅନ୍ୟ ନେତାଙ୍କୁ ଏମପି ଓ ବିଧାୟକ ପ୍ରାର୍ଥୀ ହେବା ପାଇଁ ସୁଯୋଗ ମିଳୁନାହିଁ।

# ମୋଦିଙ୍କ ନେତୃତ୍ୱ ପ୍ରତି ଓଡ଼ିଶାବାସୀଙ୍କ ଆସ୍ଥା ବୃଦ୍ଧି ପାଇଛି : ମନମୋହନ

ଭୁବନେଶ୍ୱର,୬।୪(ଅନିଲ ଦାସ)

**ଭାଜପାର ୪୫ତମ ପ୍ରତିଷ୍ଠା ଦିବସ ପାଳିତ**

ରାଷ୍ଟ୍ରବାଦୀ ବିଚାରକୁ ଆଧାର କରି ୧୯୮୦ରେ ଗଠନ ହୋଇଥିବା ଭାରତୀୟ ଜନତା ପାର୍ଟି ଶନିବାର ସମଗ୍ର ଦେଶରେ ୪୫ ତମ ସ୍ଥାପନା ଦିବସ ପାଳନ କରିଛି। ରାଜ୍ୟ କାର୍ଯ୍ୟାଳୟଠାରେ ଏହିଦିବସ ପାଳନ କରାଯାଇଛି। ଏହି ଅବସରରେ ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ କହିଛନ୍ତି, ଓଡ଼ିଶାରେ ବିକଳ୍ପ ସରକାର ଗଢ଼ିବା ପାଇଁ ଏବଂ ସୁଶାସନ ଦେବା ପାଇଁ ଓଡ଼ିଶାବାସୀ ଅନେକ ଆଶା ଓ ଆକାଂକ୍ଷା ସହିତ ଭାଜପା ଉପରେ ଆସ୍ଥା ପ୍ରକଟ କରିଛନ୍ତି। ଏଥିପାଇଁ ଭାଜପା ସମ୍ପୂର୍ଣ୍ଣ ପ୍ରସ୍ତୁତ । ଗରିବ ଶ୍ରେଣୀ ଲୋକଙ୍କ ଜୀବନମାନରେ ଉନ୍ନତି ଆଣିବା ପାଇଁ ଭାଜପା ସଂକଳ୍ପବଦ୍ଧ । ରାଜ୍ୟରେ ଥିବା ବହୁମୂଲ୍ୟ ଖଣିଜ ସମ୍ପଦ, ସୁଦୀର୍ଘ ବେଳାଭୂମି, ପର୍ଯ୍ୟଟନସ୍ଥଳର ବିକାଶ କରାଯାଇ ଅଗଣିତ ମହିଳା, ଯୁବକ, ଛାତ୍ରୀଛାତ୍ର, କୃଷକବର୍ଗର ସାମୂହିକ ବିକାଶ ପାଇଁ ମଧ ଦଳ ପ୍ରତିଶ୍ରୁତିବଦ୍ଧ । ବିଶ୍ୱ ଦରବାରରେ ଓଡ଼ିଶାର ମାନ ଓ ସମ୍ମାନକୁ ପ୍ରତିଷ୍ଠିତ କରିବା ପାଇଁ ଓଡ଼ିଆ ଭାଷା, ଅସ୍ମିତା, ସଂସ୍କୃତି, ଐତିହ୍ୟ,କଳା ଓ ଭାସ୍କର୍ଯ୍ୟକୁ ଠିକ୍ ଭାବେ ବ୍ୟବହାର କରାଯିବ ବୋଲି ମନମୋହନ କହିଛନ୍ତି। ବିଶ୍ୱର ସର୍ବବୃହତ୍ ରାଜନୈତିକ ଦଳ ଭାବେ ଭାଜପା ସଦସ୍ୟଙ୍କ ସଂଖ୍ୟା ୧୮ କୋଟିରୁ ଊର୍ଦ୍ଧ୍ୱ । ୧୯୮୪ ସାଧାରଣ ନିର୍ବାଚନରେ ଭାଜପାର ମାତ୍ର ୨ଜଣ ଏମ୍‌ପି ନିର୍ବାଚିତ ହୋଇଥିବା ବେଳେ ଆଗାମୀ ଲୋକ ସଭା ନିର୍ବାଚନରେ ୪୦୦ରୁ ଊର୍ଦ୍ଧ୍ୱ ଆସନ ଜିତିବା ଲକ୍ଷ୍ୟ ରଖିଛି । ୪୪ ବର୍ଷର ଯାତ୍ରାରେ ଭାଜପା ସର୍ବଦା ଦେଶର ସାମଗ୍ରିକ ବିକାଶକୁ ପ୍ରାଧାନ୍ୟ ଦେଇଆସିଛି । କୋଟି କୋଟି କାର୍ଯ୍ୟକର୍ତ୍ତା ଭାଜପାର ବିଚାରକୁ ପ୍ରତିଷ୍ଠା କରିବା ପାଇଁ ଦୀର୍ଘଦିନ ଧରି ସମୟ, ତ୍ୟାଗ, ସମର୍ପଣ ଓ ବଳିଦାନ ଦେଇଛନ୍ତି, ଯାହା ଆମ ସମସ୍ତଙ୍କୁ ସର୍ବଦା ପ୍ରେରଣା ଯୋଗାଇବ। ସଶକ୍ତ ଭାରତବର୍ଷ ଏବଂ ଆତ୍ମନିର୍ଭର ଭାରତ ଗଠନ କରିବା ପାଇଁ ଆମ ସମସ୍ତଙ୍କ ସାମୂହିକ ପ୍ରୟାସର ଆବଶ୍ୟକତା ରହିଛି ବୋଲି ମନମୋହନ କହିଛନ୍ତି । ସ୍ଥାପନା ଦିବସ କାର୍ଯ୍ୟକ୍ରମରେ ରାଜ୍ୟ ସଭାପତି ମନମୋହନ ସାମଲ, ରାଜ୍ୟ ନିର୍ବାଚନ ପ୍ରଭାରୀ ବିଜୟପାଲ ସିଂ ତୋମାର, ସହପ୍ରଭାରୀ ଲତା ଉସେଣ୍ଡି ଦଳୀୟ ପତାକା ଉତ୍ତୋଳନ କରିବା ସହିତ ପାର୍ଟିର ପ୍ରତିଷ୍ଠାତା ତଥା ସଭାପତି ଶ୍ୟାମାପ୍ରସାଦ ମୁଖାର୍ଜୀ ଏବଂ ସାଧାରଣ ସମ୍ପାଦକ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ଏହି ଅବସରରେ ରାଜ୍ୟ ସାଧାରଣ ସମ୍ପାଦକ(ସଙ୍ଗଠନ) ମାନସ ମହାନ୍ତି, ରାଜ୍ୟ ମୁଖ୍ୟ ମୁଖପାତ୍ର ସଜ୍ଜନ ଶର୍ମା, ପୂର୍ବତନ ଏମ୍‌ପି ପର୍ଶୁରାମ ମାଝି, ବରିଷ୍ଠ ନେତା ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକଙ୍କ ସମେତ ପାର୍ଟିର ଅନେକ ନେତୃବୃନ୍ଦ ଏବଂ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସୁନା ଦର ୭୧ ହଜାର ପାର

■ଭୁବନେଶ୍ୱରରେ ୨୪ କ୍ୟାରେଟ ମୂଲ୍ୟ ୭୧,୨୯୦ଟଙ୍କା

■ନୂଆଦିଲ୍ଲୀରେ ପ୍ରତି ୧୦ ଗ୍ରାମ୍‌ର ମୂଲ୍ୟ ୭୨,୧୧୮ଟଙ୍କା



ଭୁବନେଶ୍ୱର,୬।୪ (ଅଭୟ ଦାଶ)

ଘରୋଇ ବଜାରରେ ସୁନା ଦର କ୍ରମାଗତ ଭାବେ ବୃଦ୍ଧି ପାଇଚାଲିଛି। ଫଳରେ ବ୍ୟବସାୟୀ ଓ ଗ୍ରାହକ ଆଶଙ୍କା ମଧ୍ୟରେ ରହିଛନ୍ତି। କାରଣ ଆଗକୁ ଅକ୍ଷୟ ତୃତୀୟା, ବିବାହ ଓ ବ୍ରତୋପନୟନ ଭଳି ମାଙ୍ଗଳିକ କାର୍ଯ୍ୟ ଆସୁଥିବାରୁ ଦର ବୃଦ୍ଧି ଉଭୟ କାରବାର ଓ ଶିଳ୍ପ ଉପରେ ବେଶ୍ ପ୍ରଭାବ ପକାଇବ ବୋଲି ବଜାର ବିଶେଷଜ୍ଞମାନେ ଆକଳନ କରୁଛନ୍ତି। ଅପରପକ୍ଷରେ ଅନ୍ତଃରାଷ୍ଟ୍ରୀୟ ସମସ୍ୟା ଓ କ୍ରମାଗତ ଦର ବୃଦ୍ଧି ଯୋଗୁ ଘରୋଇ ବଜାରରେ ସୁନା ଦର ଉଚ୍ଚା ରହୁଛି। ଶନିବାର ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ଦର ୧୦ଗ୍ରାମ୍ ପିଛା ୭୧,୨୯୦ ଟଙ୍କା ରହିଥିଲାବେଳେ ୨୨କ୍ୟାରେଟ ସୁନାର ମୂଲ୍ୟ ୬୫,୩୫୦ ଟଙ୍କାରେ କାରବାର ହେଉଛି। ସେହିଭଳି ନୂଆଦିଲ୍ଲୀରେ ପ୍ରତି ୧୦ ଗ୍ରାମ୍ ପିଛା (୨୪ କ୍ୟାରେଟ ସୁନା ମୂଲ୍ୟ) ୭୨,୧୧୮ଟଙ୍କା ରହିଥିଲାବେଳେ ୨୨କ୍ୟାରେଟ ସୁନାର ମୂଲ୍ୟ (ପ୍ରତି ୧୦ଗ୍ରାମ ପିଛା) ୬୬,୦୬୦ ଟଙ୍କାରେ କାରବାର ହେଉଥିବା ଜାତୀୟ ଗଣମାଧ୍ୟମରେ ଉଲ୍ଲେଖ କରାଯାଇଛି।

ସେହିପରି ଦେଶର ଅନ୍ୟ ପ୍ରମୁଖ ସହର ଯଥା ମୁମ୍ବାଇ, କୋଲକାତା ଏବଂ ଚେନ୍ନାଇ ଭଳି ଅଗ୍ରଣୀ ବଜାରରେ ୨୪କ୍ୟାରେଟ ସୁନା ମୂଲ୍ୟ ଯଥାକ୍ରମେ ୭୧,୬୯୯ଟଙ୍କା, ୭୧୪୮୯ଟଙ୍କା ଏବଂ ୭୨,୧୧୮ ଟଙ୍କା ରହିଥିଲାବେଳେ ୨୨କ୍ୟାରେଟ ସୁନା ପ୍ରତି ୧୦ ଗ୍ରାମ୍ ପିଛା ୬୬,୦୦୦–୬୬,୫୦୦ଟଙ୍କା ମଧ୍ୟରେ ବିକ୍ରି ହେଉଛି।

ଅପରପକ୍ଷରେ ରୁପା ଦର ମଧ୍ୟ ଗତ ମାସ ଅପେକ୍ଷା ଚଳିତ ମାସର ପ୍ରଥମ ସପ୍ତାହ ସୁଦ୍ଧା ପ୍ରାୟ ୧.୪% ଦର ବୃଦ୍ଧି ଘଟି ୯୦,୦୦୦ଟଙ୍କାର ନିକଟବର୍ତ୍ତୀ ହୋଇଛି। ନୂଆଦିଲ୍ଲୀରେ ରୁପା ପ୍ରତି କିଲୋ ପିଛା ୮୯,୭୫୦ ଟଙ୍କା ଥିଲାବେଳେ ଭୁବନେଶ୍ୱରରେ ରୁପା କିଲୋ ପିଛା ୮୭,୦୦୦ ଟଙ୍କା ରହିଛି।

## ବଜାରରେ ନର୍ଡ ସି୪

ନୂଆଦିଲ୍ଲୀ,୬।୪

ଦେଶର ପ୍ରମୁଖ ସ୍ମାର୍ଟଫୋନ ତଥା ଗ୍ଲୋବାଲ ଟେକ୍ନୋଲୋଜି ବ୍ରାଣ୍ଡ୍ 'ୱାନ୍ ପ୍ଲସ୍'ର ନୂତନ ମଡେଲ 'ୱାନ୍ ପ୍ଲସ୍ ନର୍ଡ ସିଇ୪'ର ସର୍ବଭାରତୀୟ ଉନ୍ମୋଚନ ଓ ବଜାର ପ୍ରବେଶ ନିକଟରେ ହୋଇଯାଇଛି। ଏପରିକି ୱାନ୍‌ପ୍ଲସ୍ ନର୍ଡ ସିଇ୪ ହେଉଛି, ୱାନ୍‌ପ୍ଲସ୍ ନର୍ଡ ସିରିଜର ସଦ୍ୟତମ ମଡେଲ। ଏହି ସିରିଜ୍ ୨୦୨୩ର ସଫଳ ୱାନ୍‌ପ୍ଲସ୍ ନର୍ଡ ସିଇ୩ ୫ଜି ସମେତ ଏକ ୱାନ୍‌ପ୍ଲସ୍ ସ୍ମାର୍ଟଫୋନର ମୁଖ୍ୟ ବୈଶିଷ୍ଟ୍ୟଗୁଡ଼ିକୁ ବ୍ୟାପକ ସମ୍ଭାବ୍ୟ ଦର୍ଶକଙ୍କ ନିକଟରେ ପହଞ୍ଚାଇବା ପାଇଁ ସୃଷ୍ଟି କରାଯାଇଥିଲା। ଷ୍ଟାଇକ୍ ଡିଜାଇନ, ଅତ୍ୟାଧୁନିକ ଟେକ୍ନୋଲୋଜି, ରାପିଡ୍ ଚାର୍ଜିଂ ଏବଂ ଚମତ୍କାର ସ୍କ୍ରିନ୍ ଭଳି ବୈଶିଷ୍ଟ୍ୟ ପୂର୍ବ ୱାନ୍‌ପ୍ଲସ୍ ନର୍ଡ ସିଇ ସ୍ମାର୍ଟଫୋନରେ ରହିଛି ଏବଂ ୱାନ୍‌ପ୍ଲସ୍ ନର୍ଡ ସିଇ୪ ପ୍ରତ୍ୟେକ କ୍ଷେତ୍ରରେ ଉନ୍ନତି ଆଣିଛି। ଉଲ୍ଲେଖଯୋଗ୍ୟ, ୨୪,୯୯୯ଟଙ୍କାରୁ ଆରମ୍ଭ ହେଉଥିବା ୱାନ୍‌ପ୍ଲସ୍ ନର୍ଡ ସିଇ୪ର ବିକ୍ରି ୨୦୨୪ ଏପ୍ରିଲ ୪ ରାତି ୧୨ଟାରୁ ଆରମ୍ଭ ହୋଇଯାଇଛି।

# ମହଙ୍ଗା ହେଉଛି ଡ଼ାଲି



ଭୁବନେଶ୍ୱର,୬।୪(ଅନୁରାଧା ମହାରଣା)

ସମଗ୍ର ବିଶ୍ୱରେ ପିଆଜ, ଆଳୁ, ଟମାଟୋ, ଖାଇବା ତେଲ ଆଦି ଖାଦ୍ୟ ସାମଗ୍ରୀର ମୂଲ୍ୟରେ ବୃଦ୍ଧି ହେଉଥିବାବେଳେ ଡାଲି ମୂଲ୍ୟ ମଧ୍ୟ ବୃଦ୍ଧି ପାଉଥିବା ଦେଖିବାକୁ ମିଳିଛି। ଏହା ମଧ୍ୟରେ ଡାଲି କଳାବଜାର ଏବଂ ବେଆଇନ ମହଜୁଦ ଆଶଙ୍କା ପ୍ରକାଶ ପାଇଛି। ଏହି ପରିପ୍ରେକ୍ଷୀ ଡାଲି ବ୍ୟବସାୟୀଙ୍କ ଉପରେ କଟକଣା ଲଗାଇବାକୁ କେନ୍ଦ୍ର ସରକାର ପ୍ରସ୍ତୁତ ହେଉଛନ୍ତି। ଡାଲି ବ୍ୟବସାୟୀମାନେ ଡାଲିର ଷ୍ଟକ୍ ସମ୍ପର୍କରେ ବିବରଣୀ ଦେବାକୁ ସରକାର ବାଧ୍ୟତାମୂଳକ କରିପାରନ୍ତି। ହରଡ଼, ମଟର, ବିରି ଆଦି ବ୍ୟବସାୟ କରୁଥିବା ଉଭୟ ବଡ଼ ବ୍ୟବସାୟୀ ଏବଂ ଖୁଚୁରା ବ୍ୟବସାୟୀଙ୍କ ପାଇଁ ସେମାନଙ୍କ ଷ୍ଟକ୍ ପ୍ରକାଶ କରିବାକୁ ସରକାର ବାଧ୍ୟତାମୂଳକ କରିବାକୁ ଯୋଜନା କରୁଥିବା କୁହାଯାଉଛି। ଏହା ଷ୍ଟକ୍ ପରିଚାଳନା ତଥା ଡାଲିର ମୂଲ୍ୟ ନିୟନ୍ତ୍ରଣ କରିବାରେ ସରକାରଙ୍କୁ ସାହାଯ୍ୟ କରିପାରିବ। ଗତ କିଛି ସପ୍ତାହ ମଧ୍ୟରେ ବିଭିନ୍ନ ଡାଲି, ବିଶେଷକରି ମଟର, ହରଡ଼ ଏବଂ ବିରିର ମୂଲ୍ୟ ବୃଦ୍ଧି ହୋଇଛି। ଏପ୍ରିଲ ଆରମ୍ଭରେ କେତେକ ବଜାରରେ ହରଡ଼ ଡାଲି କ୍ରମାଗତ ଭାବେ ବୃଦ୍ଧି ପାଉଥିବା ଦେଖିବାକୁ ମିଳିଛି। ଗତ ମାସ ତୁଳନାରେ ମୂଲ୍ୟରେ ୧୦୦ଟଙ୍କା ପର୍ଯ୍ୟନ୍ତ ମୂଲ୍ୟ ବଢ଼ିଛି। ଡାଲି ମଧ୍ୟରେ ହରଡ଼ର ସର୍ବାଧିକ ମୂଲ୍ୟ ରହିଛି । ସରକାରୀ ତଥ୍ୟ ଅନୁଯାୟୀ, ବର୍ତ୍ତମାନ ହରଡ଼ ଡାଲିର ହାରାହାରି ମୂଲ୍ୟ କିଲୋଗ୍ରାମ ପ୍ରତି ୧୬୦ ଟଙ୍କା ରହିଛି। ମୁଗ ଏବଂ ମସୁର ଡାଲି କ୍ଷେତ୍ରରେ ମଧ୍ୟ ଅନୁରୂପ ଭାବେ ମୂଲ୍ୟ ବୃଦ୍ଧି ଦେଖିବାକୁ ମିଳିଛି। ଡାଲିର ମୁଦ୍ରାସ୍ଫୀତି ସରକାରଙ୍କ ପାଇଁ ଏକ ସମସ୍ୟା ହୋଇ ରହିଛି। ଜାନୁଆରୀରେ ଡାଲିର ହୋଲ୍‌ସେଲ ମୁଦ୍ରାସ୍ଫୀତି ୧୬.୦୬% ଥିଲା। ହୋଲ୍‌ସେଲ ମୂଲ୍ୟ ସୂଚକାଙ୍କ ଉପରେ ଆଧାରିତ ମୁଦ୍ରାସ୍ଫୀତି ଫେବୃଆରୀରେ ୧୮.୪୮%କୁ ବୃଦ୍ଧି ପାଇଛି।

## ୟୁବିଆଇ ବାଲେଶ୍ୱର କ୍ଷେତ୍ରର ନୂତନ କ୍ଷେତ୍ରୀୟ ମୁଖ୍ୟ

ଭୁବନେଶ୍ୱର,୬।୪

ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ ବା ୟୁବିଆଇ ବାଲେଶ୍ୱର କ୍ଷେତ୍ରର ନୂତନ କ୍ଷେତ୍ରୀୟ ମୁଖ୍ୟ ଭାବେ ଆଶୁତୋଷ ସୁଶୀଲ କୁମାର ପଟ୍ଟନାୟକ ନିକଟରେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ବ୍ୟାଙ୍କର ଅହମଦାବାଦ କାର୍ଯ୍ୟାଳୟରେ ସହାୟକ ମହାପ୍ରବନ୍ଧକ ତଥା ଏମ୍‌ଏଲ୍‌ପି ମୁଖ୍ୟ ରୂପେ କାର୍ଯ୍ୟ କରୁଥିଲେ। ଉଲ୍ଲେଖଯୋଗ୍ୟ,୨୦୦୯ରେ ଆଶୁତୋଷ କ୍ରେଡିଟ୍ ଅଫିସର ଭାବେ ବ୍ୟାଙ୍କରେ ଯୋଗଦେବା ସହ ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ନିଜର କ୍ୟାରିୟର ଆରମ୍ଭ କରିଥିଲେ। ଏପରିକି ସେ ଅହମଦାବାଦ, ନଏଡା, ମିରଟ, ଲକ୍ଷ୍ନୌ ଏବଂ ମୁମ୍ବାଇ ଭଳି ପ୍ରମୁଖ କ୍ଷେତ୍ରୀୟ କାର୍ଯ୍ୟାଳୟ ସମେତ ଅନ୍ୟାନ୍ୟ ସ୍ଥାନରେ ଭିନ୍ନ ଭିନ୍ନ ପଦପଦବୀରେ ରହି କାର୍ଯ୍ୟ କରିଛନ୍ତି। ଏପରିକି ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ଆଶୁତୋଷଙ୍କର ଦୀର୍ଘ ୧୫ବର୍ଷରୁ ଊର୍ଦ୍ଧ୍ୱ ସମୟର ଅଭିଜ୍ଞତା ରହିଛି। ସେହିଭଳି ବାଲେଶ୍ୱର କ୍ଷେତ୍ର ଅଧୀନରେ ବାଲେଶ୍ୱର, ମୟୂରଭଞ୍ଜ, ଯାଜପୁର, ଭଦ୍ରକ ଏବଂ କେନ୍ଦୁଝର ଭଳି ଜିଲା ରହିଥିଲାବେଳେ ତାଙ୍କ ମାର୍ଗଦର୍ଶନରେ ବାଲେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ସମସ୍ତ ବ୍ୟବସାୟିକ ପାରାମିଟରରେ ଏକ ବିରାଟ ମାଇଲଖୁଣ୍ଟ ଅତିକ୍ରମ କରିବ ବୋଲି ବ୍ୟାଙ୍କ ପକ୍ଷରୁ ଆଶା କରାଯାଉଛି। ସେହିପରି କ୍ଷେତ୍ରୀୟ ମୁଖ୍ୟ ଭାବେ ସେ ବାଲେଶ୍ୱରର ପାନ, ଧାନ ଓ ମତ୍ସ୍ୟ ଚାଷ ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରିବା ସହ ବ୍ୟାଙ୍କର ବ୍ୟବସାୟିକ ଅଭିବୃଦ୍ଧିରେ ଆବଶ୍ୟକ ପଦକ୍ଷେପ ଗ୍ରହଣ ସହ ଉପରୋକ୍ତ କ୍ଷେତ୍ର ପ୍ରତି ଅଧିକ ଦୃଷ୍ଟି ଦେବ। ଫଳରେ ବ୍ୟବସାୟକ ବୃଦ୍ଧିରେ ଏହା ବେଶ୍ ସହାୟକ ହୋଇପାରିବ ବୋଲି ପଟ୍ଟନାୟକ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।



ଆଶୁତୋଷ ସୁଶୀଲ କୁମାର ପଟ୍ଟନାୟକ

## ସ୍କୋଡା ଇଣ୍ଡିଆର ନୂତନ ଅଭିଯାନ

ଭୁବନେଶ୍ୱର,୬।୪

NAME YOUR SKODA

ସ୍କୋଡା ଅଟୋ ଇଣ୍ଡିଆର ନୂତନ ଅଭିଯାନ 'ନୂଆ ସ୍କୋଡାର ନାମକରଣ'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ବ୍ରାଣ୍ଡର ନୂତନ କମ୍ପାକ୍ଟ ଏସ୍‌ୟୁଭିର ଶୁଭାରମ୍ଭ ସହିତ ଉପଭୋକ୍ତା ନିୟୋଜନ, ଗ୍ରାହକ ସମ୍ପୃକ୍ତି ଏବଂ ଡିଜିଟାଲୀକରଣ ଦ୍ୱାରା ନୂତନ ଯୁଗରେ ବ୍ରାଣ୍ଡକୁ ଆଗକୁ ନେବା ସହ କମ୍ପାନୀ ୩୬୦–ଡିଗ୍ରୀ ଡିଜିଟାଲ କାର୍ଯ୍ୟକଳାପ ଆରମ୍ଭ କରିଥିଲା। ଏହାଦ୍ୱାରା ବ୍ରାଣ୍ଡ ନୂଆ ମାଇଲଖୁଣ୍ଟ ବିକ୍ରୟ ହାସଲ କରିଥିଲା ଏବଂ ତା'ର ଗ୍ରାହକ ଏବଂ ପ୍ରଶଂସକଙ୍କ ନିକଟତର ହୋଇଥିଲା।

ଏ ସମ୍ପର୍କରେ ସ୍କୋଡା ଅଟୋ ଇଣ୍ଡିଆର ବ୍ରାଣ୍ଡ ନିର୍ଦ୍ଦେଶକ ପେଟ୍ର ଜାନେବା କହିଥିଲେ, ଆମେ ସବୁବେଳେ ବଦଳୁଥିବା ଡିଜିଟାଲ ପରିଦୃଶ୍ୟ, ପ୍ଲାଟ୍‌ଫର୍ମ ଏବଂ ମାଧ୍ୟମ ସହିତ ଅଛୁ। ଏପରିକି ଗ୍ରାହକଙ୍କ ଅଭିଜ୍ଞତା ଏବଂ ଯାତ୍ରା ବୃଦ୍ଧି ପାଇଁ ନୂତନ ଉପାୟ ଅବଲମ୍ବନ କରିବା ଜରୁରୀ ବୋଲି ମନେକରିଥାଉ। ଫଳରେ ଆମର ଗ୍ରାହକ ଏବଂ ପ୍ରଶଂସକଙ୍କ ନିକଟରେ ସେମାନଙ୍କ ପସନ୍ଦର ଭାଷା,ବ୍ରାଣ୍ଡର ଉତ୍ପାଦ ଏବଂ ସେବା ସୁନିଶ୍ଚିତ କରିବାକୁ ଆମର ଡିଜିଟାଲ କୌଶଳକୁ ଡିଜାଇନ କରାଯାଇଛି। ବିଶେଷକରି ଆମର ଶୀଘ୍ର ଆରମ୍ଭ ହେବାକୁ ଥିବା ସମ୍ପୂର୍ଣ୍ଣ ନୂଆ କମ୍ପାକ୍ଟ ଏସ୍‌ୟୁଭି ପାଇଁ ସ୍କୋଡାର ନାମକରଣ ଅଭିଯାନରେ ଆଜି ପର୍ଯ୍ୟନ୍ତ ୧,୫୦,୦୦୦ରୁ ଅଧିକ ପଞ୍ଜୀକରଣ ହୋଇଛି। ସମ୍ପ୍ରତି ଶେଷ ହୋଇଥିବା ଭାରତରେ ଆମର ୨୪ବର୍ଷ ପୁରାଣ ଉତ୍ସବ ପାଳନ କରୁଥିବା ସର୍ବପ୍ରଥମ ସମ୍ପୂର୍ଣ୍ଣ ଡିଜିଟାଲ ୨୪ ଘଣ୍ଟିଆ ବିକ୍ରୟ ଫଳ ସ୍ୱରୂପ ଗୋଟିଏ ଦିନରେ ୭୦୯ସ୍କୋଡା କାର୍ ବୁକ ହୋଇଯାଇଥିଲା। ଏହା ବ୍ୟତୀତ ସ୍କୋଡା ଗିଅର ହେଡ୍ସ ସମ୍ପ୍ରଦାୟର ରୋଲ ଆଉଟ ଦ୍ୱାରା ଆମର ସ୍କୋଡାଭର୍ସ ଇଣ୍ଡିଆ ଘର କି ଛାତ୍ରି'କୁ ଆମେ ଆହୁରି ବୃଦ୍ଧି କରିଛୁ। ଏଗୁଡିକ ସହ ଆମେ ଏହି କ୍ରମାଗତ ଏବଂ ବିବିଧ ବଜାରରେ ସେମାନଙ୍କର ଆବଶ୍ୟକତା ଏବଂ ଆକାଂକ୍ଷା ପୂରଣ କରିବା ପାଇଁ ଅଧିକ ଗ୍ରାହକଙ୍କ ନିକଟରେ ପହଞ୍ଚିବା ପାଇଁ କ୍ରମାଗତ ଭାବେ ଅନୁକୂଳନ ଏବଂ ବିକାଶ କରି ଚାଲିଛୁ।

ଉଲ୍ଲେଖଯୋଗ୍ୟ, ଆସନ୍ତା ବର୍ଷ ରାସ୍ତାକୁ ଆସିବାକୁ ଥିବା ସ୍କୋଡା ଅଟୋ ଇଣ୍ଡିଆର କମ୍ପାକ୍ଟ ଏସ୍‌ୟୁଭି ପାଇଁ ନାମ ବାଛିବାରେ ବ୍ୟବହାରକାରୀ, ଗ୍ରାହକ ଏବଂ ସ୍କୋଡାର ପ୍ରଶଂସକଙ୍କ ସମ୍ପୃକ୍ତି ଏବଂ ଯୋଗଦାନକୁ ସକ୍ଷମ କରିବା ପାଇଁ ଏହା ଏକ ଅଭିଯାନ । ୨୧,୦୦୦ରୁ ଅଧିକ ଅନନ୍ୟ ନାମ ସହିତ ଆଜି ସୁଦ୍ଧା ୧,୫୦,୦୦୦ରୁ ଅଧିକ ନାମ ଏହି ଅଭିଯାନରୁ ପ୍ରାପ୍ତ ହୋଇଛି।

# 'ନନ୍ଦଘର' ଜରିଆରେ ଗୋଷ୍ଠୀ ସଶକ୍ତୀକରଣ

ଭୁବନେଶ୍ୱର,୬।୪

ବେଦାନ୍ତ ଗ୍ରୁପ୍‌ର ସାମାଜିକ ପ୍ରତିଷ୍ଠାନ ତଥା ଅନୀଲ ଅଗ୍ରୱାଲ ଫାଉଣ୍ଡେଶନର ଫ୍ଲାଗ୍‌ଶିପ ପ୍ରୋଗ୍ରାମ ବା ମହିଳା ଏବଂ ଶିଶୁ କଲ୍ୟାଣ ପ୍ରକଳ୍ପ 'ନନ୍ଦଘର' ଜରିଆରେ ଗୋଷ୍ଠୀ ସଶକ୍ତୀକରଣକୁ ଗୁରୁତ୍ୱ ଦିଆଯାଇଛି। ବିଶେଷକରି ସ୍ୱାସ୍ଥ୍ୟସେବା ଓ ଶିଶୁ ଯତ୍ନ କ୍ଷେତ୍ରରେ ନନ୍ଦଘରକୁ ଉଲ୍ଲେଖନୀୟ ସଫଳତା ମିଳିଛି। ଉଲ୍ଲେଖଯୋଗ୍ୟ, ବିଶ୍ୱ ସ୍ୱାସ୍ଥ୍ୟସେବା ଦିବସ (ୱାର୍ଲଡ ହେଲ୍ଥ ଡେ) ପୂର୍ବରୁ ପ୍ରକଳ୍ପର ରୂପରେଖ ଓ କାର୍ଯ୍ୟଧାରା ସମ୍ପର୍କରେ ବିସ୍ତୃତ ଆଲୋଚନା ସହ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏପରିକି ସ୍ୱାସ୍ଥ୍ୟସେବା ଉପରେ ବିଶ୍ୱସ୍ତରୀୟ ପ୍ରତିଫଳନ ଏବଂ ସଶକ୍ତୀକରଣ, ନନ୍ଦ ଘର ପରିବର୍ତ୍ତନଶୀଳ ପରିବର୍ତ୍ତନର ଏକ ଉଜ୍ଜ୍ୱଳ ଉଦାହରଣ ଭାବେ ଉଭାହୋଇଛି। ସେହିଭଳି ଫାଉଣ୍ଡେଶନର ଏହି ପ୍ରକଳ୍ପ ଆଧୁନିକ ଅଙ୍ଗନୱାଡିସ୍‌ର ନେଟ୍‌ୱର୍କକୁ ନୂଆ ଦିଶା ଦେଖାଇଛି, ଯାହା ପାରମ୍ପରିକ ଶିଶୁ ଯତ୍ନ ବାହାରେ ଏକ ବିସ୍ତୃତ ସହାୟତା ପ୍ରଦାନ କରିଥାଏ ଏବଂ ସୁସ୍ଥତା ପାଇଁ ଆଭିମୁଖ୍ୟ ବାଲ୍ୟକାଳର ଶିକ୍ଷା,ପୁଷ୍ଟିକର ଖାଦ୍ୟ ଏବଂ ସ୍ୱାସ୍ଥ୍ୟ ଆବଶ୍ୟକତାକୁ ମଧ୍ୟ ସମାଧାନକରି ଦକ୍ଷତା ବିକାଶ ଏବଂ ମହିଳାମାନଙ୍କର ଆର୍ଥିକ ସଶକ୍ତୀକରଣ ସହ ପ୍ରୋଜେକ୍ଟ ନନ୍ଦଘର ସଶକ୍ତୀକରଣ ସମ୍ପ୍ରଦାୟ ଏବଂ ଆସନ୍ତାକାଲି ଏକ ସୁସ୍ଥତା ପ୍ରତିପୋଷଣ କରିଥାଏ। ସେହିପରି ନନ୍ଦଘର ମିଶନରେ ସ୍ୱାସ୍ଥ୍ୟସେବା ଫଳାଫଳକୁ ସୁଦୃଢ଼ କରିବା ପାଇଁ ଏକ ଦୃଢ଼ ପ୍ରତିବଦ୍ଧତା ରହିଛି। ବିଭିନ୍ନ ହସ୍ତକ୍ଷେପ ମାଧ୍ୟମରେ ସମଗ୍ର ଭାରତରେ ସ୍ଥାନୀୟ ସମ୍ପ୍ରଦାୟ ପାଇଁ ଫାଉଣ୍ଡେଶନର ପ୍ରବେଶ ବୃଦ୍ଧି ହୋଇଛି। ଅପରପକ୍ଷରେ'ଗ୍ରାମ ସ୍ୱାସ୍ଥ୍ୟ' କାର୍ଯ୍ୟକ୍ରମ ଅଧୀନରେ ନନ୍ଦଘର ପକ୍ଷରୁ ସ୍ୱତନ୍ତ୍ର ଶିବିର ଆୟୋଜିତ ହୋଇଥାଏ। ଏପରିକି ପ୍ରତି ମାସରେ ପୁଷ୍ଟିକର ଦିନର ଆୟୋଜନ କରାଯାଇଥାଏ। ଉକ୍ତ ଶିବିରରେ ସ୍ଥାନୀୟ ବାସିନ୍ଦା ଓ ସାମାଜିକ ପ୍ରତିଷ୍ଠାନ ଜରିଆରେ ସବୁ ବର୍ଗର ଲୋକଙ୍କୁ ସହାୟତା ଯୋଗାଇ ଦିଆଯାଉଥାଏ।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

IZUMI JAPANESE LANGUAGE TRAINING BHUBANESWAR
ADMISSION OPEN
For the Japanese Language Course, JLPT (Japanese Language Proficiency Test)
Levels: N5, N4, N3 and N2
For details please visit: izumiclasses.com
Ph.: 9741039285, 9945599298

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା ଅଧୀନରେ
1 ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି
ମହିଳାଙ୍କ ପାଇଁ ବିଶେଷ ରିହାତି
ଅନ୍‌ଲାଇନ୍ ସୁବିଧା ।
ମୁଦ୍ରା ଫାଇନାନ୍ସ
Mob. 7382841797

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# Classified Everyday 0674-2580101, 2549949




GROOM WANTED

58 ବୟସ୍କା Height- 5', 90,000/- ଦରମା Widow ଏକାକୀ ରହୁଥିବା ବ୍ରାହ୍ମଣ ଝିଅଙ୍କୁ ସନ୍ତାନ/ନିଃସନ୍ତାନ ପୁଅ ଦରକାର। 7873680393. D-038




SALE

ବାଲିଅନ୍ତା, ଅଟଳା ଏବଂ ହଂସପାଳ, ପୁରୀ କେନାଲକୁ ଲାଗି ରୋଡ୍, ବାଉଣ୍ଡରୀ electry ଥାଇ ସଙ୍ଗେସଙ୍ଗେ ଘର କଲାଭଳି plot ଦିଆଯାଉଛି। 9853040854, 9438328183. D-75725

Flat for sale 2BHK, 3BHK near Rasulgarh, Bhubaneswar with modern facilities & affordable price call. 9439856856, 7008982279, 6371097442, 9040116788. D-2727

ଫୁଲନଖରାଠାରେ New Sum Hospital ଠାରୁ ଅଳ୍ପ ଦୂରତାରେ Petal International Schoolକୁ ଲାଗି ଘରବାରି ପ୍ଲଟ୍ financeରେ ମିଳୁଅଛି। sqft.-950/-. Contact- 8658992600. D-039

Buy or sale property- 8984071303, Balianta 1acre, Jatni2acre, Nakhara 1acre, Baranga 4acre available. Residential land at Nakhara-700, Chandaka-950, Jaanla-1050, Patrapada-2250, Tamando-2600. D-033

Flat for sale- ଭୁବନେଶ୍ୱର ଉପକଣ୍ଠ ମେଣ୍ଢାଶାଳ NH-5 କଡ଼ରେ 1BHK flat କିଣନ୍ତୁ। ମାତ୍ର @14.99 lakhରେ। Mob- 8249177191, 8249079730. D-031

Commercial plot, facing to NH Road Nakhara to Niali NH 10000sqft., 3sides road, 2-Residential plot near Petal English Medium School 850/- sft. with boundarywall at Brahmanjharilo, Cuttack, 11 Km. to BBSR. Personal plots, No builders. 7809525452. D-75727

ଭୁବନେଶ୍ୱର ହଂସପାଳ, ବାଲିଅନ୍ତାରେ ଘରବାଡ଼ି East Facing single plot possession ଥାଇ ବିକ୍ରି କରିବି। ମୂଲ୍ୟ–23,60,000/-. Contact- 6370469894. D-75942

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 3,60,000/-, ଛତାବର Bypass sqft.-500/-. 9348232008. D-75941

Single plot for sale east facing, boundarywall 16,776sqft. under BMC & BDA near Puri Canal Honspal, Bhubaneswar. Genuine buyer contact Owner- 9040059669. D-75943

Duplex project at Retanga Medical, Station near CV Raman University, Tamando, Bhubaneswar. 7008459987. D-75928

ଭୁବନେଶ୍ୱର ଉପକଣ୍ଠ ଭିଙ୍ଗାରପୁର ଛକ ପାଖରେ ସଙ୍ଗେସଙ୍ଗେ ଘର କଲାଭଳି ବାସୋପଯୋଗୀ SC ପ୍ଲଟ୍ ବିକ୍ରିହେବ। 9437152956, 9337513276. D-011

Readymade duplex house at IRC Village, Nayapalli, Bhubaneswar, plot No.-N6/421, land area 2700sqft. (45ft. x 60ft.), construction area: Ground Floor 1700sqft. & First Floor 1700sqft. 7008563697. D-021

Readymade G+3 Independent house at Ghatikia, Bhubaneswar plot No.-5038 & 5045, land area 6969sqft. Construction area- 6800sqft. 7008563697. D-022

Balianta (Dhabalhar) gharabari plot with 30ft. road and complete electricity, security service available. 9090432721. D-035




Build your home @ 1259/- with all branded materials, Bank loan, BDA Plan. Contact- 9827152441. D-75528

Construct your Dream home @ 460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856. D-2728

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/–ରେ। ରଙ୍ଗୀନ ଟ୪୨୦/–ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




ଭୁବନେଶ୍ୱର–ପୁରୀ ରୋଡ୍ ଗୁଡ଼ିଆପୋଖରୀ ଛକ ନିକଟରେ 7260 ବର୍ଗଫୁଟର ଦୁଇ ମହଲା ଘର ସହିତ 7ft. Hight boundary with gate ଥାଇ ଖାଲି ଜାଗା ଭଡ଼ା ସୂତ୍ରରେ ଦିଆଯିବ। ଏହା Dairy, Poultry, Mushroom Farm, Stock Yard ପାଇଁ ଉପଯୋଗୀ। ଇଚ୍ଛୁକ ବ୍ୟକ୍ତି ଯୋଗାଯୋଗ କରନ୍ତୁ। 9861321255, 8249854169. D-75938

One 2BHK, One single room is available on rent at Sriramnagar, Badambadi. Contact: 7008948849. D-75527

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Newly open health benefits SPA special offer @ 999 Bapujinagar. 8018429809. D-76113

Newly open SPA health benefits relax refresh good therapist. 8260719139. D-76109

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75726

Relax, refresh your body, mind by expert therapist. Contact- 9938843929. D-76112

Kerala body massage best therapist Bhubaneswar. 9348457050. D-016

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com

# ଉଗଡମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଭାଇ ସଙ୍ଗେ ଯେହୁ କରଇ କଳି**
**ଭାଣ୍ଡିଆ ବୋଲିଣ ତାହାକୁ ବୋଲି**
**ଭଲ ଭଲ ଲୋକ ବୋଲନ୍ତି ମନ୍ଦ**
**କହେ ଦନାଇ ଏ ସ୍ୱଭାବେ ଅନ୍ଧ।**

ଭାଇ ହିଁ ସବୁଠାରୁ ବଳି ପ୍ରିୟ ଓ ଅନ୍ତରଙ୍ଗ ହୋଇଥାଏ। ଏପରି ସ୍ଥଳେ ଭାଇ ସହ ମନୋମାଳିନ୍ୟ ବା କଳିଗୋଳ କରିବା ଆଦୌ ଉଚିତ ହୋଇ ନ ଥାଏ। ତେବେ ଆଜିକାଲି ଅନେକ ସ୍ୱାର୍ଥପର ବ୍ୟକ୍ତି ନିଜ ସମ୍ପତ୍ତିବାଡ଼ି ତଥା ଭାଗବଣ୍ଟା ନେଇ ଭାଇ ସହ ଗଣ୍ଡଗୋଳ କରୁଥିବାର ଦେଖିବାକୁ ମିଳିଥାଏ। ଏଭଳି ସ୍ୱଭାବଧାରୀ ବ୍ୟକ୍ତିଙ୍କୁ ଆମ ସମାଜରେ କେବଳ ତିରସ୍କାର ହିଁ ମିଳେ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ଭାସିଲା ପଥର ବୁଡ଼ିଲା ସୋଲ**
**ହରିବୋଲ ଭାଇ, ହରିବୋଲ।**

ଯେଉଁଠି ବିପର୍ଯ୍ୟୟ ଦେଖା ନ ଯିବା କଥା ସେଠି ଯଦି ସେହିଭଳି ଅବସ୍ଥା ସୃଷ୍ଟି ହୁଏ, ତେବେ ସେଥିରୁ ବର୍ତ୍ତିବା ମଣିଷଙ୍କ ପକ୍ଷେ ଦୁରୂହବ୍ୟାପାର ହୋଇଯାଏ। ଏପରିସ୍ଥଳେ ସେଥିରୁ ରକ୍ଷା ପାଇବାଲାଗି କେବଳ ହରି ହିଁ ଭରସା ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ




ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ସ୍ତ୍ରୀଙ୍କ ଚରିତ୍ରକୁ ଆକ୍ଷେପ କରିବାରୁ ଛୁରି ଭୁସିଥିଲେ କାଳିଆ

**ଭୁବନେଶ୍ୱର,୬।୪ (ସୂର୍ଯ୍ୟକାନ୍ତ ବେହେରା)**

ଇନ୍‌ଫୋସିଟି ଥାନା ଅନ୍ତର୍ଗତ ଶିଖରଚଣ୍ଡୀନଗର ଅଞ୍ଚଳରେ ଗତ ୪ ମାସ ତଳେ ଘଟିଥିବା ସୀମା ସୈଗଲ ହତ୍ୟା ମାମଲାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଏଥିସହ ଏହି ଘଟଣାର ପର୍ଦ୍ଦାଫାଶ କରିଛି। ଗିରଫ ଅଭିଯୁକ୍ତ ହେଲେ ଶିଖରଚଣ୍ଡୀନଗର ବସ୍ତିରେ ରହୁଥିବା ଗଞ୍ଜାମର କାଳିଆ ସ୍ୱାଇଁ। ତାଙ୍କୁ କୋର୍ଟ ଚାଲାଣ ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଡିସିପି ପ୍ରତୀକ ସିଂ ସୂଚନା ଦେଇଛନ୍ତି। ତେବେ ମୃତ ସୀମା ଅଭିଯୁକ୍ତଙ୍କ ସ୍ତ୍ରୀର ଚରିତ୍ରକୁ ନେଇ ବାରମ୍ବାର ଆକ୍ଷେପ କରିବା ସହ ଖରାପ ମନ୍ତବ୍ୟ ଦେବାରୁ ସେ ତାଙ୍କୁ ଛୁରି ଭୁସି ଦେଇଥିଲେ। ଫଳରେ ସୀମାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ତେବେ ଗିରଫ ପରେ ଅଭିଯୁକ୍ତ କାଳିଆଙ୍କଠାରୁ ଆକ୍ରମଣରେ ବ୍ୟବହୃତ ଛୁରି ଜବତ ହୋଇଥିବା ଡିସିପି ସିଂ କହିଛନ୍ତି।

ସୂଚନାନୁସାରେ, ମୃତକ ସୀମା ସୈଗଲ ଓ ଅଭିଯୁକ୍ତ କାଳିଆ ପରିବାର ସହ ଶିଖରଚଣ୍ଡୀ ବସ୍ତିରେ ରହୁଥିବା ବେଳେ ଉଭୟ ପରସ୍ପରକୁ ବେଶ୍ ଭଲ ଭାବେ ଜାଣନ୍ତି। ଘଟଣାର କିଛିଦିନ ପୂର୍ବରୁ ସୀମା କାଳିଆଙ୍କ ସ୍ତ୍ରୀ ଚରିତ୍ରକୁ ଆକ୍ଷେପ କରି ବିଭିନ୍ନ ଖରାପ ମନ୍ତବ୍ୟ ଦେଇଥିଲେ। ହେଲେ ଏଥିରୁ ନିବୃତ୍ତ ରହିବାକୁ କାଳିଆ ତାଙ୍କୁ ବାରମ୍ବାର ତାଗିଦ କରୁଥିଲେ ମଧ୍ୟ ସେ କିଛି ଶୁଣୁ ନ ଥିଲେ। ଗତ ୬ ଡିସେମ୍ବର ୨୦୨୩ ତାରିଖ ସନ୍ଧ୍ୟାରେ ଏହି ଘଟଣାକୁ କେନ୍ଦ୍ର କରି ଉଭୟଙ୍କ ମଧ୍ୟରେ ପ୍ରଥମେ ଯୁକ୍ତିତର୍କ ଓ ପରେ ମାରପିଟ୍ ହୋଇଥିଲା। ପରେ ରାତି ପ୍ରାୟ ୧୧ଟାରେ ସୀମା ଦୁଇଜଣ ବ୍ୟକ୍ତି ଚିନା ଏବଂ ଅବିନାଶଙ୍କ ସହ ଜାଲିମୁଣ୍ଡା ସାହି ମୁଖ୍ୟ ରାସ୍ତା କଡ ଏକ ସ୍ଥାନରେ ବସି କଥା ହେଉଥିବାବେଳେ କାଳିଆ ସେଠାକୁ ଆସି ଏକ ଧାରୁଆ ଛୁରିକୁ ତାଙ୍କ ପେଟରେ ଭୁସି ଘଟଣାସ୍ଥଳରୁ ପଳାଇଥିଲେ। ଖବର ପାଇ ସୀମାଙ୍କ ସ୍ତ୍ରୀ ସୁମିତ୍ରା ସେଠାରେ ପହଞ୍ଚି ଗୁରୁତର ଅବସ୍ଥାରେ ସ୍ୱାମୀଙ୍କୁ ଉଦ୍ଧାର କରି ପ୍ରଥମେ ସ୍ଥାନୀୟ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଂକଟାପନ୍ନ ହେବାରୁ କଟକ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସିତ ଅବସ୍ଥାରେ ଗତ ଡିସେମ୍ବର ୮ରେ ସୀମାଙ୍କର ମୃତ୍ୟୁ ହୋଇଥିଲା। ମୃତ ସୀମାଙ୍କ କ୍ଷତ ସାଇକେଲ ହ୍ୟାଣ୍ଡେଲ ଆଘାତରୁ ହୋଇଥିବା ପରିବାର ଲୋକେ ସନ୍ଦେହ କରୁଥିଲେ। ହେଲେ ବ୍ୟବଚ୍ଛେଦ ରିପୋର୍ଟରେ ଧାରୁଆ ଅସ୍ତ୍ରାଘାତ ଯୋଗୁ ସୀମାଙ୍କ ମୃତ୍ୟୁ ହୋଇଥିବା ଜଣାପଡିବା ପରେ ହସ୍ପିଟାଲ ତରଫରୁ ମଙ୍ଗଳାବାଗ ଥାନାରେ ଏକ ୟୁଡି ମାମଲା ରୁଜୁ କରାଯାଇଥିଲା। ତେବେ ଗତ ୨ତାରିଖରେ ସୀମାଙ୍କ ସ୍ତ୍ରୀ ସୁମିତ୍ରା ବ୍ୟବଚ୍ଛେଦ ରିପୋର୍ଟ ପାଇବା ପରେ ସ୍ୱାମୀଙ୍କୁ ହତ୍ୟା କରାଯାଇଥିବା ନେଇ ଇନ୍‌ଫୋସିଟି ଥାନାରେ ୪ ତାରିଖରେ ଅଭିଯୋଗ କରିଥିଲେ। ପୋଲିସ ଘଟଣା ସମ୍ପର୍କରେ ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ, ବ୍ୟବଚ୍ଛେଦ ରିପୋର୍ଟ ଓ ମଙ୍ଗଳାବାଗ ଥାନା ପୋଲିସର ସୂଚନା ଆଧାରରେ ହତ୍ୟା ଦଫାରେ ମାମଲା (ନଂ.୧୫୬/୨୦୨୪) ରୁଜୁ କରି ଅଭିଯୁକ୍ତ କାଳିଆଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିଲା।

**ସୀମା ସୈଗଲ ହତ୍ୟା ଘଟଣାର ପର୍ଦ୍ଦାଫାଶ**



କାଳିଆ ସ୍ୱାଇଁ

**୪ ମାସ ପରେ ଅଭିଯୁକ୍ତ ଗିରଫ, ଛୁରି ଜବତ**

# ୮ରେ ସମ୍ପୂର୍ଣ୍ଣ ସୂର୍ଯ୍ୟୋପରାଗ

**ଭାରତରେ ରାତି ହୋଇଥିବାରୁ ପାଳନୀୟ ନୁହେଁ**

**ଭୁବନେଶ୍ୱର,୬।୪(ବନ୍ଦନା ସେଠୀ)**

ଆସନ୍ତା ୮ ତାରିଖ ସୋମବାର ଏକ ବିରଳ ସମ୍ପୂର୍ଣ୍ଣ ସୂର୍ଯ୍ୟୋପରାଗ ସଙ୍ଘଟିତ ହେବ। ଏହି ମହାଜାଗତିକ ଘଟଣା ଆମେରିକା, କାନାଡା ଓ ମେକ୍ସିକୋର କେତେକ ଅଞ୍ଚଳରେ ପୂର୍ଣ୍ଣ ଭାବରେ ଦେଖାଯିବ ଏବଂ ପାଖ ଅଞ୍ଚଳରେ ଆଂଶିକ ସୂର୍ଯ୍ୟୋପରାଗ ଦେଖାଯିବ। ଭାରତୀୟ ସମୟ ରାତି ୯ଟା ୧୨ ମିନିଟରେ ସୂର୍ଯ୍ୟୋପରାଗ ଆରମ୍ଭ ହୋଇ ବିଳମ୍ବିତ ରାତି ୨ଟା ୨୨ରେ ଶେଷ ହେବ। ସର୍ବାଧିକ ପରାଗ ରାତି ୧୧ଟା ୪୭ରେ ସଙ୍ଘଟିତ ହେବ। କିନ୍ତୁ ଭାରତରେ ରାତି ହୋଇଥିବାରୁ ଏହା ପାଳନୀୟ ନୁହେଁ ବୋଲି ଜ୍ୟୋତିର୍ବିଜ୍ଞାନୀ ଡ. ଶୁଭେନ୍ଦୁ ପଟ୍ଟନାୟକ ସୂଚନା ଦେଇଛନ୍ତି।

# ଜଙ୍ଗଲ ମଝିରେ ହାତୀର ଗଳିତ ମୃତଦେହ

**ଚମ୍ପୁଆ ରେଞ୍ଜ**

**କେନ୍ଦୁଝର(ନରେଶ ଚନ୍ଦ୍ର ପଟ୍ଟନାୟକ)/ ଯୋଡ଼ା(ମାନସ ମହାନ୍ତି)/ ଝୁମ୍ପୁରା(ଶଶିଭୂଷଣ ସାହୁ),୬।୪**

କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ ବାଲିବନ୍ଧ ସେକ୍ସନ, ଚମକପୁର ସଂରକ୍ଷିତ ଜଙ୍ଗଲରେ ଶନିବାର ଏକ ହାତୀର ଗଳିତ ମୃତଦେହ ଠାବ ହୋଇଛି। ସଂରକ୍ଷିତ ଜଙ୍ଗଲର ଲୁଣଗୋଠାଣୀ ଓ ତିନିଧାରିଆ ଜଙ୍ଗଲ ମଝିରେ ମୃତଦେହ ପଡ଼ିଥିବା ଖବରପାଇ ବନ ବିଭାଗ ଅଧିକାରୀ ପହଞ୍ଚି ଜବତ କରି ଅନୁସନ୍ଧାନ ଆରମ୍ଭ କରିଛନ୍ତି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ତେବେ ସ୍ଥାନୀୟ ଜନଜାତିର ଲୋକେ ଶିକାର ପାଇଁ ବ୍ୟବହାର କରୁଥିବା ବୋମା ଯୋଗୁ ମୃତ୍ୟୁ ହୋଇଥିବା ବନ ବିଭାଗ ଅନୁମାନ କରୁଛି।



ହାତୀର ଗଳିତ ମୃତଦେହ

କେନ୍ଦୁଝର ଡିଏଫ୍‌ଓ ଏଚ୍‌ଡି ଧନରାଜ, ଏସିଏଫ ଅଶୋକ କୁମାର ଦାସ, ଚମ୍ପୁଆ ରେଞ୍ଜ ଅଧିକାରୀ ଅକ୍ଷୟ ଛତ୍ରିଆ, ବନ୍ୟପ୍ରାଣୀ ଚିକିତ୍ସକଙ୍କ ସହ ଜଏଣ୍ଟ ଟାସ୍କଫୋର୍ସ, ଅନ୍ୟ ବନକର୍ମଚାରୀ ଓ ଚମ୍ପୁଆ ପୋଲିସ ସ୍ଥିତି ଅନୁଧ୍ୟାନ କରିଛନ୍ତି। ପ୍ରାୟ ୨୦ ଦିନ ହେବ ହାତୀଟିର ମୃତ୍ୟୁ ହୋଇଥିବା ବନବିଭାଗ ଅନୁମାନ କରୁଛି। ଅନ୍ୟପକ୍ଷେ ହାତୀଟିର ଦାନ୍ତ କେହି କାଟି ନେଇଥିବା ଦିଗକୁ ନେଇ ମଧ୍ୟ ତଦନ୍ତ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଏବଂ କେମିକାଲ ରିପୋର୍ଟ ଆସିବା ପରେ ପ୍ରକୃତ କାରଣ ଜଣାପଡ଼ିବ ବୋଲି କେନ୍ଦୁଝର ଡିଏଫ୍‌ଓ କହିଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ନିକଟରେ ଥିବା ଏକ ବନ୍ଦ ଲୁହାପଥର ଖଣିରେ ଖଣି ଖନନ ଜନିତ ବଡ଼ ଗର୍ତ୍ତ ରହିଛି। ଗର୍ତ୍ତରେ ହାତୀ ପଡ଼ି ଆହତ ହୋଇ ମୃତ୍ୟୁବରଣ କରିଛି। ଅନ୍ୟପକ୍ଷରେ ବନବିଭାଗ ବେପରୁଆ ଭାବେ ସଂରକ୍ଷିତ ଜଙ୍ଗଲ ରାସ୍ତାରେ ଖଣିଜ ପରିବହନ ପାଇଁ ଅନୁମୋଦନ ଦେଉଛି। ଏଥିପାଇଁ ବନ୍ୟପ୍ରାଣୀ ଓ ଜଙ୍ଗଲ ପ୍ରଭାବିତ ହେଉଛି ବୋଲି ପରିବେଶବିତ୍‌ମାନେ ମତ ପ୍ରକାଶ କରିଛନ୍ତି।

# କନିଷ୍ଠ ଯନ୍ତ୍ରୀଙ୍କୁ ୩ ବର୍ଷ ଜେଲ

**ଜୟପୁର/ଗୁଣପୁର, ୬।୪ (ପବନ ପାଣିଗ୍ରାହୀ/ପ୍ରଦୀପ କୁମାର ପାଢ଼ୀ)**

**ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା**

ଜୟପୁର ଭିଜିଲାନ୍ସ କୋର୍ଟରେ ଏକ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାର ଶନିବାର ବିଚାରକରି ରାୟଗଡା ବ୍ଲକ୍‌ର କନିଷ୍ଠ ଯନ୍ତ୍ରୀ ସରୋଜ ପଣ୍ଡାଙ୍କୁ ୩ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ତାଙ୍କୁ ୨ ଲକ୍ଷ ଟଙ୍କାର ଆର୍ଥିକ ଜରିମାନା କରାଯାଇଛି। ଏହି ଅର୍ଥ ଅନାଦାୟ ହେଲେ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବାକୁ ବିଚାରପତି ତାଙ୍କ ରାୟରେ କହିଛନ୍ତି। ତେବେ ଉକ୍ତ ମାମଲାରେ ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀଙ୍କ ସ୍ତ୍ରୀଙ୍କୁ କୋର୍ଟ ନିର୍ଦ୍ଦୋଷରେ ଖଲାସ କରିଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ, ଗଞ୍ଜାମ ଜିଲା ଭଞ୍ଜନଗର ଥାନା ଅଧୀନ ଗୁଡ଼ିପଲ୍ଲୀର ସରୋଜ ପଣ୍ଡା ରାୟଗଡ଼ା ଜିଲାର ବିଭିନ୍ନ ବ୍ଲକରେ କନିଷ୍ଠ ଯନ୍ତ୍ରୀ ଭାବେ କାର୍ଯ୍ୟ କରୁଥିଲେ। ତେବେ ୨୦୧୧ରେ ଗୁଣୁପୁରରେ କନିଷ୍ଠ ଯନ୍ତ୍ରୀ ଭାବେ କାର୍ଯ୍ୟ କରିବା ବେଳେ ତାଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା ରୁଜୁ ହୋଇଥିଲା। ପଣ୍ଡା ୧୯୯୮ରୁ ଚାକିରି କରୁଥିବା ବେଳେ ୨୦୧୦ ଯାଏ ତାଙ୍କ କାର୍ଯ୍ୟକାଳକୁ ନେଇ ତାଙ୍କ ବିରୋଧରେ ଏହି ମାମଲା ରୁଜୁ ହୋଇଥିଲା। ୨୦୧୩ରେ ଚାର୍ଜସିଟ୍ ଦାଖଲ ହୋଇ ୨୦୧୪ରେ ଚାର୍ଜ ଫ୍ରେମ୍ ହୋଇଥିଲା। ଗତ ମାସ ୨୮ରେ ମାମଲାର ଶୁଣାଣି ହୋଇଥିଲା। ଶନିବାର ଏହି ମାମଲାର ରାୟ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ରାୟଗଡା ଡିଏସ୍‌ପି ଅନନ୍ତ ପ୍ରସାଦ ମଲ୍ଲିକ ମାମଲାର ତଦନ୍ତ କରୁଥିଲେ। କନିଷ୍ଠ ଯନ୍ତ୍ରୀଙ୍କ ପକ୍ଷରୁ ପ୍ରସାଦ ପଟ୍ଟନାୟକ ମାମଲା ପରିଚାଳନା କରୁଥିବା ବେଳେ ଭିଜିଲାନ୍ସ ପକ୍ଷରୁ ସ୍ୱତନ୍ତ୍ର ପିପି ଶଶୀଧର ପଟ୍ଟନାୟକ ପରିଚାଳନା କରୁଥିଲେ।

# ପୋଲିସ ସହ ଗୁଳି ବିନିମୟ, ୩ ମାଓବାଦୀ ମୃତ

**ମାଲକାନଗିରି,୬।୪ (ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ କାଙ୍କେର ଜିଲାରେ ପୋଲିସ ସହ ଗୁଳି ବିନିମୟ ଘଟି ୩ ମାଓବାଦୀଙ୍କ ମୃତଦେହ ଜବତ ହୋଇଛି। ଘଟଣାସ୍ଥଳରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ ହୋଇଥିବା ବିଜାପୁର ଏସ୍‌ପି ସୂଚନା ଦେଇଛନ୍ତି।

ସୂଚନା ମୁତାବକ ତେଲଙ୍ଗାନା-ଛତିଶଗଡ଼ ସୀମାନ୍ତ କାଙ୍କେର ଜିଲା ପୂଜାରୀ କାଙ୍କେର କାରିଗୁଟା ଜଙ୍ଗଲରେ କୋମ୍ବିଂ ସମୟରେ ମାଓବାଦୀମାନେ ପୋଲିସକୁ ଦେଖି ଗୁଳିଚାଳନା କରିଥିଲେ। ପାଲଟା ଜବାବରେ ପୋଲିସ ଗୁଳି ଚାଳନା କରିଥିଲା। ଫଳରେ ପୋଲିସର ଆକ୍ରମଣକୁ ସାମ୍ନା କରି ନ ପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ପରେ ସର୍ଚ୍ଚ ଅପରେଶନ ସମୟରେ ୩ ହାର୍ଡକୋର ମାଓବାଦୀଙ୍କ ମୃତଦେହ ଜବତ କରାଯିବା ସହ ଏଲ୍‌ଏମ୍‌ଜି ଏକେ ୪୭ ସହ ବହୁ ବନ୍ଧୁକ ଓ ବିସ୍ଫୋରକ ସାମଗ୍ରୀ ଜବତ କରିଥିବା ଏସ୍‌ପି ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଗତ ଏକ ସପ୍ତାହ ମଧ୍ୟରେ ପୋଲିସ ସହ ଗୁଳି ବିନିମୟରେ ୧୭ ମାଓବାଦୀଙ୍କ ମୃତ୍ୟୁ ଘଟିଥିବା ବେଳେ ଶନିବାର ସୁଦ୍ଧା ମୃତ୍ୟୁ ସଂଖ୍ୟା ୨୦ରେ ପହଞ୍ଚିଛି। ତେବେ ଏଥିରେ ୭ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। ନିର୍ବାଚନ ଯେତେ ପାଖେଇ ଆସୁଛି ସୀମାନ୍ତ ଛତିଶଗଡ଼ରେ ନିର୍ବାଚନ ସୁରୁଖୁରୁରେ ପରିଚାଳନା ପାଇଁ ସୁରକ୍ଷା କର୍ମୀମାନେ ରକ୍ତମୁଖା ହୋଇପଡ଼ିଛନ୍ତି। ଛତିଶଗଡ଼ ପୋଲିସ ସହ ଡିଭିଏଫ୍, କୋବ୍ରା, ସିଆର୍‌ପିଏଫ୍ ଏବଂ ଗୋଇନ୍ଦା ମିଳିତ ଭାବେ ମାଓବାଦୀଙ୍କୁ ଦମନ କରିବା ପାଇଁ ଉଦ୍ୟମ ଚଳାଇଛନ୍ତି। ବିଜାପୁର ଏସ୍‌ପି ଜିତେନ୍ଦ୍ର ଯାଦବ ଏବଂ ସୁକ୍‌ମା ଏସ୍‌ପି କୃଷ୍ଣ ଚୌହାନ ମାଓବାଦୀମାନଙ୍କୁ ହିଂସା ଛାଡି ନିଜ ଅଞ୍ଚଳର ବିକାଶ ପାଇଁ ସମାଜର ମୁଖ୍ୟସ୍ରୋତରେ ସାମିଲହେବାକୁ ଆହ୍ୱାନ ଦେଇଛନ୍ତି।

# ଘରେ ଶୋଇଥିବା ଯୁବକଙ୍କୁ ହତ୍ୟା

**ପୁରୁଷୋତ୍ତମପୁର,୬।୪ (ସୀମାଞ୍ଚଳ ମିଶ୍ର)**

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଥାନା ଅଞ୍ଚଳ ଦିନକୁ ଦିନ ଅଶାନ୍ତ ହେବାରେ ଲାଗିଛି, ଯାହାର ଫଳସ୍ୱରୂପ ଗୋଟିଏ ପରେ ଗୋଟିଏ ମୁଣ୍ଡ ଗଡ଼ିଚାଲିଛି। ଏହି ଥାନା ଅନ୍ତର୍ଗତ ଶିକୁଳା ଗ୍ରାମରେ ପୂର୍ବତନ ସରପଞ୍ଚଙ୍କ ଦେଢ଼ଶୁରଙ୍କୁ ଗାଁ ଦାଣ୍ଡରେ ଛୁରି ଭୁସି ହତ୍ୟା ଘଟଣାର ସପ୍ତାହେ ନ ପୂରୁଣୁ ଶୁକ୍ରବାର ରାତିରେ ପାଣ୍ଡିଆ ଗ୍ରାମରେ ଏକ ଘରେ ଶୋଇଥିବା ଜଣେ ଯୁବକଙ୍କୁ ନିର୍ମମ ଭାବେ ହାଣି ହତ୍ୟା କରାଯାଇଛି। ମୃତକ ହେଲେ ପାଣ୍ଡିଆ ଗ୍ରାମ ପନ୍ଦରା ସାହିର ମୁରଲୀ ବାଡ଼ତ୍ୟା ଓରଫ ମୁନା (୨୫)। ତାଙ୍କୁ କିଏ ଓ କାହିଁକି ଏଭଳି ହତ୍ୟାକଲା, ତାହା ଜଣାପଡ଼ିନାହିଁ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି। ସାଧାରଣ ନିର୍ବାଚନ ପାଖେଇ ଆସୁଥିବା ବେଳେ ଅପରାଧୀମାନେ ଏଭଳି ହତ୍ୟାକାଣ୍ଡ ଘଟାଇବା ପୋଲିସ ଓ ପ୍ରଶାସନର ଚିନ୍ତା ବଢ଼ାଇ ଦେଇଛି।

ମୁରଲୀ ମୁମ୍ବାଇରେ ରହି କାମ କରୁଥିଲେ। ଗତ ୪ ମାସ ହେଲା ସେ ଗାଁକୁ ଆସିଥିଲେ। ପୁରୁଷୋତ୍ତମପୁରର କେତେଜଣ ଯୁବକ ଗୁରୁବାର ରାତିରେ ପାଣ୍ଡିଆ ଗ୍ରାମକୁ ଦଣ୍ଡନାଚ ଦେଖିବାକୁ ଆସି ବିଶୃଙ୍ଖଳା କରିଥିଲେ। ସେମାନଙ୍କୁ ମୁରଲୀ ଓ ଗ୍ରାମର କେତେଜଣ ବାରଣ କରିବାରୁ ଗଣ୍ଡଗୋଳ ହୋଇଥିଲା। ପରେ ତାହା ସମାଧାନ ହୋଇଥିଲା। ଶୁକ୍ରବାର ରାତିରେ ମୁରଲୀ ଓ ତାଙ୍କ ବାପା ବାବୁଲା ବାଡ଼ତ୍ୟା ଖାଇପିଇ ଶୋଇଥିଲେ। ଗରମ ଓ ଗୁଳୁଗୁଳି ହେଉଥିବାରୁ ବାପା ବାରଣ୍ଡାରେ ଶୋଇଥିବା ବେଳେ କବାଟ ଖୋଲାରଖି ମୁରଲୀ ଘରେ ଶୋଇଥିଲେ। ମଧ୍ୟରାତିରେ ବାବୁଲା ପାଣି ପିଇବା ପାଇଁ ଘର ଭିତରକୁ ଯାଇଥିବା ବେଳେ ମୁରଲୀଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ଦେଖିଥିଲେ। ପଡ଼ୋଶୀଙ୍କ ସହାୟତାରେ ତୁରନ୍ତ ତାଙ୍କୁ ହିଞ୍ଜିଳି ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲେ ମଧ୍ୟ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୁରଲୀଙ୍କୁ କୌଣସି ଧାରୁଆ ଅସ୍ତ୍ରରେ ହାଣି ହତ୍ୟା କରାଯାଇଥିବା ଜଣାପଡ଼ିଛି। ପୁରୁଷୋତ୍ତମପୁର ଏସ୍‌ଡିପିଓ ରଜନୀକାନ୍ତ ସାମଲ ଓ ଆଇଆଇସି ବିପିନ ବିହାରୀ ହୋତା ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି। ଏ ନେଇ ଥାନାରେ ନଂ.୨୫୦/୨୪ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି।

# ଦୁର୍ଘଟଣାରେ ୩ ଦଣ୍ଡୁଆଙ୍କ ମୃତ୍ୟୁ, ୭ ଗୁରୁତର

**ହିଞ୍ଜିଳିକାଟୁ/ଜଗନ୍ନାଥପ୍ରସାଦ/ଛତ୍ରପୁର, ୬।୪ (ଦ୍ୱିତୀକୃଷ୍ଣ ପଣ୍ଡା/ବିଭୁ ପଟ୍ଟନାୟକ/ସନ୍ତୋଷ ପାଢ଼ୀ)**

ଗଞ୍ଜାମ ଜିଲା ହିଞ୍ଜିଳି ଓ ଚମାଖଣ୍ଡି ଥାନା ଅଞ୍ଚଳରେ ପୃଥକ୍ ଦୁଇଟି ଦୁର୍ଘଟଣା ଘଟି ୩ ଜଣ ଦଣ୍ଡୁଆଙ୍କ ମୃତ୍ୟୁ ଘଟିଥିଲା ବେଳେ ୭ଜଣ ଗୁରୁତର ଆହତ ହୋଇଛନ୍ତି। ହିଞ୍ଜିଳି ଥାନା ସୋମପୁର ଛକରେ ଶନିବାର ଭୋର୍ ସମୟରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଦଣ୍ଡୁଆମାନଙ୍କୁ ନେଇ ଯାଉଥିବା ଏକ ପିକ୍‌ଅପ୍ ଭ୍ୟାନ୍ ୫୯ ନଂ. ଜାତୀୟ ରାଜପଥରେ ଓଲଟି ପଡ଼ିବାରୁ ୨ ଦଣ୍ଡୁଆଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ଏଥିରେ ୭ ଜଣ ଗୁରୁତର ହୋଇଥିବା ବେଳେ ଅନ୍ୟ ୬ ଜଣ ସାମାନ୍ୟ ଆହତ ହୋଇଛନ୍ତି। ମୃତକଦ୍ୱୟ ହେଲେ କାଳିଆଘୋଡ଼ା ଗ୍ରାମର ସନ୍ନ୍ୟାସୀ ନାୟକ ଓ ଜଗନ୍ନାଥପ୍ରସାଦ ଥାନା ତାମନାଡ଼ ଗ୍ରାମର ଉମାକାନ୍ତ ନାଇକଙ୍କ ଏକମାତ୍ର ପୁଅ ଦୀପକ ନାଇକ। ଅନ୍ୟ ଆହତମାନଙ୍କୁ ହିଞ୍ଜିଳିକାଟୁ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଗୁରୁତରଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଗାଙ୍ଗପୁର ଥାନା ପାଇଲପଡ଼ା ପଞ୍ଚାୟତ ଦହିମୁଣ୍ଡଲୀ ଗ୍ରାମର ଦଣ୍ଡୁଆମାନେ ବ୍ରହ୍ମପୁରରୁ ଗାଙ୍ଗପୁର ନିକଟ କ୍ଷେତ୍ରିୟ-ବ୍ରହ୍ମପୁରକୁ ଶନିବାର ଭୋର ସମୟରେ ପିକ୍‌ଅପ୍ ଭ୍ୟାନ୍‌ରେ ଯାଉଥିଲେ।



ସେହିପରି ଚମାଖଣ୍ଡି ଥାନା ଅନ୍ତର୍ଗତ ଜଗନ୍ନାଥପୁର ଛକ ନିକଟ ୧୬ ନମ୍ବର ଜାତୀୟ ରାଜପଥରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ କାର ଧକ୍କାରେ ଜଣେ ଦଣ୍ଡୁଆଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗଞ୍ଜାମ ବ୍ଲକ ବରଦା ଗ୍ରାମର କୃଷ୍ଣ ମହାପାତ୍ର। ଚମାଖଣ୍ଡି ପୋଲିସ ମାମଲା ରୁଜୁ କରିବା ସହ ଦୁର୍ଘଟଣା ଘଟାଇଥିବା କାର୍‌କୁ ଜବତ କରିଛି। ବ୍ରହ୍ମପୁରଠାରେ ଦଣ୍ଡନାଚ ସାରି ସମସ୍ତ ଦଣ୍ଡୁଆ ଛତ୍ରପୁରକୁ ଫେରୁଥିବାବେଳେ କୃଷ୍ଣଙ୍କୁ ଏକ କାର ଧକ୍କା ଦେଇଥିଲା।

# କୁଲଡ଼ିହା ସୀମାନ୍ତ ଜଙ୍ଗଲରେ ନିଆଁ



**ନୀଳଗିରି, ୬।୪(ପ୍ରଶାନ୍ତ ବିଶ୍ୱାଳ)**

ବାଲେଶ୍ୱର ଜିଲା ନୀଳଗିରି କୁଲଡ଼ିହା ଅଭୟାରଣ୍ୟ ସୀମାନ୍ତ ବାରିପଦା ଡିଭିଜନ ଅଧୀନ ଛତାହୁଡ଼ି ପାହାଡ଼ ପାଖ ଜଙ୍ଗଲରେ ଶନିବାର ନିଆଁ ଲାଗିଥିଲା। ସ୍ଥାନୀୟ ଅଞ୍ଚଳବାସୀ ନିଆଁ ଦେଖି ବନବିଭାଗକୁ ଅବଗତ କରିଥିଲେ। ବନ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନ ଥିବା ବେଳେ ଅଞ୍ଚଳବାସୀ ନିଆଁକୁ ଆୟତ୍ତ କରିବା ପାଇଁ ଉଦ୍ୟମ କରିଥିଲେ। ଗ୍ରାମବାସୀ କଞ୍ଚାପତ୍ରରେ ନିଆଁକୁ ପିଟି ଲିଭାଇବା ସହିତ ଶୁଖିଲା ପତ୍ରକୁ ନିଆଁଠାରୁ ଦୂରେଇ ଦେଇଥିଲେ। ନିଆଁ ଯୋଗୁ ଔଷଧୀୟ ବୃକ୍ଷଗୁଡିକ ଜଳିଯାଇଛି। ତୃଣଭୋଜିପ୍ରାଣୀମାନେ ବିଶେଷ ପ୍ରଭାବିତ ହେବା ସହ ଅଭୟାରଣ୍ୟରେ ଥିବା ଜୀବଜନ୍ତୁଙ୍କ ପ୍ରତି ବିପଦ ଦେଖାଦେଇଛି।

# ଇକୋ ଟୁରିଜମ୍‌ରେ ସର୍ବାଧିକ ରାଜସ୍ୱ ଆଦାୟ

**ଡେବ୍ରିଗଡ଼ ଅଭୟାରଣ୍ୟ**

**ସମ୍ବଲପୁର,୬।୪(ପ୍ରମୋଦ ବହିଦାର)**

ସମ୍ବଲପୁର ଜିଲା ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡ ଅଧୀନ ଡେବ୍ରିଗଡ଼ ଅଭୟାରଣ୍ୟ କେବଳ ବନ୍ୟପ୍ରାଣୀ ଓ ଜଙ୍ଗଲ ସଂରକ୍ଷଣରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଛି ତା' ନୁହେଁ, ବର୍ତ୍ତମାନ ଏହା ଏକ ପର୍ଯ୍ୟଟନ ହବ୍‌ରେ ପରିଣତ ହୋଇଛି। ପର୍ଯ୍ୟଟନ ହବ୍ ଭାବେ ରାଜସ୍ୱ ବୃଦ୍ଧି ସହିତ ଅଭୟାରଣ୍ୟ ଉପରେ ନିର୍ଭରଶୀଳ ସ୍ଥାନୀୟ ବାସିନ୍ଦାଙ୍କୁ ବର୍ଷତମାମ ରୋଜଗାର ଯୋଗାଇ ସେମାନଙ୍କ ଅର୍ଥନୈତିକ ଓ ସାମାଜିକ ବିକାଶରେ ମଧ୍ୟ ସହାୟକ ହୋଇପାରିଛି ବୋଲି ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଅଂଶୁପ୍ରଜ୍ଞା ଦାସ ସୂଚନା ଦେଇଛନ୍ତି।

ସୂଚନା ଅନୁସାରେ ଡେବ୍ରିଗଡ଼ ଅଭୟାରଣ୍ୟରେ ୨୦୨୩-୨୪ ଆର୍ଥିକ ବର୍ଷରେ ଇକୋଟୁରିଜମ୍ କ୍ଷେତ୍ରରେ ୩.୪୫ କୋଟି (ପ୍ରାୟ ୩.୫ କୋଟି) ରାଜସ୍ୱ ସଂଗ୍ରହ କରି ସମଗ୍ର ରାଜ୍ୟରେ ରେକର୍ଡ଼ ସୃଷ୍ଟି କରିଛି। ଏହି ବର୍ଷ ଅଭୟାରଣ୍ୟରେ ପ୍ରାୟ ୭୦ ହଜାର ଦେଶୀ ଓ ବିଦେଶୀ ପର୍ଯ୍ୟଟକଙ୍କ ସମାଗମ ହୋଇଥିଲା। ୨୦୨୨-୨୩ ଆର୍ଥିକ ବର୍ଷରେ ମାତ୍ର ୩୦ ହଜାର ପର୍ଯ୍ୟଟକଙ୍କ ସମାଗମ ହୋଇଥିବା ବେଳେ ରାଜସ୍ୱ ସଂଗ୍ରହ ମାତ୍ର ୨.୫ କୋଟିରେ ସୀମିତ ରହିଥିଲା। ଏହିବର୍ଷ ଆସିଥିବା ପର୍ଯ୍ୟଟକଙ୍କ ମଧ୍ୟରେ ଓଡ଼ିଶାର ସଂଖ୍ୟା ସର୍ବାଧିକ ୫୦ ପ୍ରତିଶତ, ପଶ୍ଚିମବଙ୍ଗରୁ ପ୍ରାୟ ୨୦ ପ୍ରତିଶତ ଓ ଦେଶର ଅନ୍ୟ ୧୫ ରାଜ୍ୟ ଓ ବିଦେଶୀ ପର୍ଯ୍ୟଟକଙ୍କ ଅନୁପାତ ୩୦ ପ୍ରତିଶତ ରହିଛି। ଏଠାରେ ପର୍ଯ୍ୟଟକଙ୍କ ଆକର୍ଷଣ ପାଇଁ ସଫାରି, କ୍ରୁଜ୍, ଟ୍ରାକିଂ, ହାଇକିଂ, କାୟାକିଂ ସହିତ ବିଦେଶୀ ତଥା ବିରଳ ପକ୍ଷୀ ଦର୍ଶନ ଆଦିର ସୁଯୋଗ ରହିଛି। ପରିଚାଳନା କ୍ଷେତ୍ରରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ପ୍ରାୟ ୮୭ ପରିବାରଙ୍କ କଠିନ ପରିଶ୍ରମ ଓ ପ୍ରତିବଦ୍ଧତାର ଫଳସ୍ୱରୂପ ଏଠାରେ ରାଜସ୍ୱ ସଂଗ୍ରହ ଶୀର୍ଷ ଛୁଇଁବା ସମ୍ଭବ ହୋଇପାରିଛି।

**୨୦୨୩-୨୪ ବର୍ଷରେ ୭୦ ହଜାର ପର୍ଯ୍ୟଟକଙ୍କ ସମାଗମ**




ଡେବ୍ରିଗଡ଼ ଅଭୟାରଣ୍ୟର ପ୍ରବେଶପଥ।

ବନଖଣ୍ଡ ଅଧିକାରୀ ଅଂଶୁପ୍ରଜ୍ଞା ଦାସଙ୍କ ସୂଚନା ଅନୁସାରେ ଉକ୍ତ ପରିବାରଙ୍କ ପକ୍ଷରୁ ପର୍ଯ୍ୟଟନ ଜୋନ୍ ମଧ୍ୟରେ ପର୍ଯ୍ୟଟକଙ୍କୁ ଗୟଳ, ହରିଣ, ଶମ୍ବର, ଭାଲୁ, ଜଙ୍ଗଲୀ ବାରହା, ଲଙ୍ଗୁର, କଳରାପତରିଆ, ମୟୂର ଭଳି ବନ୍ୟପ୍ରାଣୀ ସହିତ ୟୋଲୋ ବାଇଲ୍ଡ ଡକ୍, ବ୍ଲାକ ଇବିସ୍, ଗ୍ଲୋସି ଲିବିସ୍, ଗୁଲ୍ସ, ପ୍ରାଟିନ୍‌କୋସଲ୍ସ, ଟେର୍ନ, ମୁରହେନ୍ସ, ଓପନ ବାଇଲ୍ଡ ଷ୍ଟର୍କ ଆଦି ବିଦେଶୀ ପକ୍ଷୀ ଦର୍ଶନ ନିଶ୍ଚିତ କରାଯିବା ପର୍ଯ୍ୟଟକଙ୍କୁ ଆକର୍ଷିତ କରିଛି। ଏହାଛଡା ଏଠାରେ ପର୍ଯ୍ୟଟକଙ୍କ ପାଇଁ ଉଦ୍ଦିଷ୍ଟ ସମସ୍ତ ୪୮ ସୁରକ୍ଷିତ ସ୍ଥାନକୁ ଅଭୟାରଣ୍ୟ କର୍ତ୍ତୃପକ୍ଷ ୨୦୨୪ ଏପ୍ରିଲ୍ ୧୦ାରୁ ପ୍ଲାଷ୍ଟିକ ମୁକ୍ତ ତଥା ପରିବେଶ ଅନୁକୂଳ ଅଞ୍ଚଳ ଭାବେ ଘୋଷଣା କରିସାରିଛନ୍ତି। ଏଭଳି ଏକ ବିଶାଳ ଭୂଖଣ୍ଡକୁ ସମ୍ପୂର୍ଣ୍ଣ ପ୍ଲାଷ୍ଟିକ ମୁକ୍ତ କରାଯାଇ ପରିବେଶ ଅନୁକୂଳ କ୍ଷେତ୍ରରେ ପରିଣତ କରାଯିବା ବିଶ୍ୱସ୍ତରରେ ଏକ ଉଦାହରଣ ସୃଷ୍ଟି କରିଛି। ଏଥିପାଇଁ ପ୍ରକୃତ ଶ୍ରେୟର ହକଦାର ହେଉଛନ୍ତି ସ୍ଥାନୀୟ ଅଧିବାସୀ ଓ ଅଭୟାରଣ୍ୟରେ ବିଭିନ୍ନ ପର୍ଯ୍ୟଟନ କ୍ଷେତ୍ର ପରିଚାଳନାରେ ନିୟୋଜିତ ୮୭ ପରିବାର ବୋଲି ବନଖଣ୍ଡ ଅଧିକାରୀ ଦାସଙ୍କ ସୂଚନାରୁ ପ୍ରକାଶ।

## ଏ ସପ୍ତାହର ପ୍ରଶ୍ନ

୧– ନିକଟରେ ପ୍ୟାରିସ୍ ଅଲିମ୍ପିକ୍‌ରେ ଯୋଗ ଦେବା ପାଇଁ ମନୋନୀତ ହୋଇଥିବା ଭାରତୀୟ ଭାରୋତ୍ତୋଳନକାରୀ ............... ?
୨– ବୃହସ୍ପତି ଗ୍ରହର ଉପଗ୍ରହର ନାମ .......... ?
୩– ଜୁଡିଥ୍ ସୁମିତ୍ରା ଡୁଲୁକା .............. ଦେଶର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ?
୪– 'ୱାର୍ଲ୍ଡ ଅଟିଜମ୍ ଆୱାରନେସ୍ ଡେ' ୨୦୨୪ର ଥିମ୍ ................ ?
୫– କମ୍‌ବମ୍ ଭ୍ୟାଲି ....................... ରାଜ୍ୟରେ ଅବସ୍ଥିତ ?

## ଗତ ଥରର ଉତ୍ତର

୧ ପିଙ୍ଗାଲି ଭେଙ୍କାୟା
୨ ଭେମ୍ବାନାଦ୍ ହ୍ରଦ
୩ କେରଳ
୪ ବୁରୁଣ୍ଡି
୫ ଚେତନ ଭଗତ

## ଉତ୍ତରଦାତା


ଅନଙ୍ଗ ମଞ୍ଜରୀ ପଟ୍ଟନାୟକ, ଭୁବନେଶ୍ୱର


ନିର୍ବିକଳ୍ପ ନାଥ
ଘଣ୍ଟେଶ୍ୱର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ଲୋକପ୍ରିୟ କଫି ବ୍ରାଣ୍ଡ

୧........ଷ୍ଟାରବକ୍ସ
୨........କିଉରିଗ୍ ଡ. ପିପର୍
୩........ନେସ୍କାଫେ
୪........ପିଟ୍ସ କଫି
୫........ଗ୍ଲୋରିଆ ଜିନ୍ସ କଫିଜ୍
୬........ଟିମ୍ ହର୍ଟନ୍ସ
୭........କୋଷ୍ଟା କଫି
୮........ଫଲ୍‌ଗର୍ସ
୯........ଲାଭାଜା
୧୦........ଡଙ୍କିନ୍

ୟୁଥ୍ ଆଲର୍ଟ

# ବାହାରେ ଫ୍ରୁଟ୍‌ଜୁସ୍ ପିଉଥିଲେ...

ଖରାଦିନ ଗରମରେ ଥଣ୍ଡା ଥଣ୍ଡା ଫ୍ରୁଟ୍‌ଜୁସ୍ ପିଇବାର ମଜା ନେବାକୁ ସଭିଏଁ ଚାହାନ୍ତି। ଆଉ ଏହାର ଚାହିଦାକୁ ଆଖିଆଗରେ ରଖି ରାସ୍ତା କଡ଼ରେ ବି ଖୋଲିଯାଏ ଅନେକ ଫ୍ରୁଟ୍‌ଜୁସ୍ ଷ୍ଟଲ୍। ହେଲେ ପ୍ରତ୍ୟେକ ଷ୍ଟଲ୍‌ରୁ ଜୁସ୍ ପିଇବା ସ୍ୱାସ୍ଥ୍ୟ ପକ୍ଷେ ହିତକର ହୋଇ ନ ଥାଏ। ତେଣୁ ବାହାରେ ଜୁସ୍ ପିଇବା ବେଳେ କେତେକ ଦିଗ ପ୍ରତି ଯତ୍ନଶୀଳ ରହିବା ଆବଶ୍ୟକ...



▶▶ହାଇଦ୍ରାବାଦରେ ଥିବା ନ୍ୟାଶନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ନ୍ୟୁଟ୍ରିଶନ୍ ପକ୍ଷରୁ ହୋଇଥିବା ଏକ ରିସର୍ଚ୍ଚ ରିପୋର୍ଟ ମୁତାବକ ରାସ୍ତାକଡ଼ରେ ଖରାଦିନେ ଅସ୍ଥାୟୀ ଭାବେ ହୋଇଥିବା ଅଧିକାଂଶ ଫ୍ରୁଟ୍‌ଜୁସ୍ ଦୋକାନରେ ମିଳୁଥିବା ଜୁସ୍ ସ୍ୱାସ୍ଥ୍ୟ ପ୍ରତି ହିତକର ନୁହେଁ। ସେଠାରେ ବ୍ୟବହୃତ ଅପରିଷ୍କାର ପାଣି ଦ୍ୱାରା ଶରୀରକୁ ବିଭିନ୍ନ ରୋଗଜୀବାଣୁ ଯାଇ ଝାଡ଼ା, ବାନ୍ତି ଭଳି ଅନେକ ରୋଗର କାରଣ ସାଜିଥାଏ।

▶▶ରାସ୍ତାକଡ଼ରେ ଖୋଲିଥିବା ବହୁସଂଖ୍ୟାରେ ଫ୍ରୁଟ୍‌ଜୁସ୍ ଷ୍ଟଲ୍ ମଧ୍ୟରୁ ଅନେକେ ଅଧିକ ଟଙ୍କା ପାଇବା ଲୋଭରେ ଅଳ୍ପ ଟଙ୍କାରେ ପଚା କିମ୍ବା ବେଶି ଦିନ ରହିଯାଇଥିବା ଫଳ କିଣି ଆଣି ଗ୍ରାହକଙ୍କୁ ଜୁସ୍ କରି ଦିଅନ୍ତି। ହେଲେ ଏହାକୁ ପିଇବା ଦ୍ୱାରା ପେଟ ଖରାପ ହେବା ସହ ଅନ୍ୟାନ୍ୟ ରୋଗ ଦେଖାଦେବାର ଆଶଙ୍କା ରହିଛି।

▶▶ଜୁସ୍ ପାଇଁ ବ୍ୟବହୃତ ପାଣି କିମ୍ବା ବରଫ ଅପରିଷ୍କାର ହୋଇଥିଲେ ସେଥିରେ ଥିବା ବ୍ୟାକ୍ଟେରିଆ କୋଲେରା, ଟାଇଫଏଡ୍, ଜଣ୍ଡିସ୍ ଭଳି ଜଳଜନିତ ରୋଗର କାରଣ ସାଜିପାରେ।

▶▶ଏହା ବ୍ୟତୀତ ବର୍ତ୍ତମାନ ଅଧିକାଂଶ ଦୋକାନୀ କମ୍ ଖର୍ଚ୍ଚରେ ଜୁସ୍‌କୁ ମିଠା କରିବା ଲାଗି ଚିନି ବଦଳରେ ସାକାରିନ୍ ଭଳି କେତେକ ଆର୍ଟିଫିସିଆଲ୍ ସୁଗାର ବ୍ୟବହାର କରୁଛନ୍ତି। ହେଲେ ଏହାକୁ ଅଧିକ ପିଇବା ଦ୍ୱାରା ମେଦବହୁଳତା, ବ୍ରେନ୍ ଟ୍ୟୁମର୍, ବ୍ଲାଡର କ୍ୟାନ୍‌ସର ଭଳି ଅନେକ ସମସ୍ୟା ଉପୁଜିଥାଏ।

**ଜାଣିରଖନ୍ତୁ:** ଜୁସ୍ ଷ୍ଟଲ୍‌ର ଲାଇସେନ୍ସ ଅଛି କି ନାହିଁ ଦେଖନ୍ତୁ। ଏଠାରେ ଫଳ କଟାଯାଉଥିବା ସ୍ଥାନ ପରିଷ୍କାର ଅଛି ନା ନାହିଁ ଦେଖନ୍ତୁ। ଜୁସର୍, ଗ୍ରାଇଣ୍ଡର ଆଦି ସଫା ଅଛି ନା ନାହିଁ ଏବଂ ଜୁସ୍ ଗ୍ଲାସ୍ ପ୍ରତିଥର ଧୁଆ ହେବା ପରେ ଅନ୍ୟକୁ ଦିଆହେଉଛି କି ନାହିଁ ଦେଖନ୍ତୁ। ସର୍ବୋପରି ଫଳ ତଟକା ଅଛି କି ନାହିଁ ଏବଂ ଆଇସ୍ ଭଲ କି ନୁହେଁ ଦେଖିବାକୁ ଆଦୌ ଭୁଲନ୍ତୁ ନାହିଁ।



# ନିଃସ୍ୱାର୍ଥ ସେବା

କାହାର ଦୁଃଖ ସହିପାରନ୍ତି ନାହିଁ ସେମାନେ। ଅସହାୟ, ଅସୁସ୍ଥ ତଥା ଅବହେଳିତ ମଣିଷ ହୁଅନ୍ତୁ ଅବା ପଶୁପକ୍ଷୀଙ୍କୁ ଦେଖିଲେ ଆପେ ଆପେ ସାହାଯ୍ୟ ପାଇଁ ବଢ଼ିଯାଏ ସେମାନଙ୍କ ହାତ। ଆଉ ନିଃସ୍ୱାର୍ଥପର ସେବା ମନୋବୃତ୍ତି ପାଇଁ ସେମାନେ ପାଲଟିଛନ୍ତି ଅନ୍ୟମାନଙ୍କ ପାଇଁ ଉଦାହରଣ। ଏଭଳି କେତେଜଣ ଯୁବକଙ୍କୁ ନେଇ ଏଥରର ବିଶେଷ ଉପସ୍ଥାପନା...



**ଅସହାୟ ବୃଦ୍ଧାବୃଦ୍ଧଙ୍କ ସେବାଠୁ ବଳି ଆନନ୍ଦ ନାହିଁ :** ମାତାପିତା ହେଉଛନ୍ତି ସନ୍ତାନର ଜନ୍ମଦାତା। ତାଙ୍କରି ଆଶୀର୍ବାଦ, ଛତ୍ରଛାୟା ତଳେ ବଢ଼ି ପିଲାଟିଏ ବଡ଼ ହୋଇଥାଏ। ହେଲେ ଅତ୍ୟନ୍ତ ପରିତାପର ବିଷୟ, କେତେକ ପିଲା ସଫଳତା ପାଇବା ପରେ ସେହି ମାତାପିତାଙ୍କୁ ବୋଝ ବୋଲି ଭାବି ଅସହାୟ ଅବସ୍ଥାରେ ଘରୁ ବାହାର କରିଦିଅନ୍ତି। ଆଉ ଏଭଳି କେତେଜଣ ଅସହାୟ, ବେସାହାରା ବୃଦ୍ଧାବୃଦ୍ଧଙ୍କ ପାଇଁ ସାହାରା ପାଲଟିଛନ୍ତି ଖୋର୍ଦ୍ଧା ଜଟଣୀର ଗୌତମ ମହାରଣା। ପରିଣତ ବୟସରେ ବୃଦ୍ଧାବୃଦ୍ଧଙ୍କ ପାଇଁ ସେ ଜଟଣୀ ତିରିମଲ୍ଲ ରାଣୀପୁରଠାରେ


ଗୌତମ ମହାରଣା

କରିଛନ୍ତି ମା'ବାପା ସେବାଶ୍ରମ। ଏଠାରେ ୪୯ଜଣ ବୃଦ୍ଧାବୃଦ୍ଧ ରହୁଛନ୍ତି। ବର୍ଷତମାମ ନିଜ ମାତାପିତାଙ୍କ ଭଳି ସେ ତାଙ୍କ ସେବା କରୁଛନ୍ତି। ଗୌତମ ପେସାରେ ଜଣେ କାଠମିସ୍ତ୍ରି। ଏଥିରୁ ଯାହା ରୋଜଗାର କରନ୍ତି, ତାହାର ୫୦% ସେ ବୃଦ୍ଧାଶ୍ରମ ଏବଂ ସମାଜସେବାରେ ଖର୍ଚ୍ଚ କରନ୍ତି। ଦୀର୍ଘ ୫ବର୍ଷ ହେବ ନିଜସ୍ୱ ଉଦ୍ୟମରେ ସେ ଏହି ବୃଦ୍ଧାଶ୍ରମ ଚଳାଇଥିବା ବେଳେ ବର୍ତ୍ତମାନ ଅନ୍ୟମାନେ ମଧ୍ୟ ତାଙ୍କୁ ସାହାଯ୍ୟର ହାତ ବଢ଼ାଇଛନ୍ତି। ଏତଦ୍‌ବ୍ୟତୀତ ସେ ଆଗଧାଡିର ଜଣେ ଯୁବ ସାମାଜିକ କର୍ମୀ। ଅସହାୟ ଗୋରୁଗାଈଙ୍କ ସେବା, ମେଡିକାଲରେ ଅସହାୟ ଲୋକଙ୍କୁ ଚିକିତ୍ସା, ଆର୍ଥିକ ସହଯୋଗଠାରୁ ଆରମ୍ଭ କରି ଦୁର୍ବଳ ଶ୍ରେଣୀର ପିଲାଙ୍କୁ ପାଠପଢ଼ା ତଥା ଅଭାବୀ ପରିବାରର ଝିଅ ବାହାଘରରେ ଆର୍ଥିକ ସହଯୋଗ କରନ୍ତି। ଏଥିସହିତ ସେ ଜଣେ ରକ୍ତଦାତା ଭାବେ ନିୟମିତ ରକ୍ତଦାନ, ପରିବେଶ ସୁରକ୍ଷା ଦିଗରେ ତାଙ୍କ କାର୍ଯ୍ୟ ବେଶ ପ୍ରଶଂସନୀୟ। ସେ ନିଖିଳ ଉତ୍କଳ ବିଶ୍ୱକର୍ମା ସଂଘ ସହ ଜଡ଼ିତ ରହି ଅନେକ ଜନହିତକର କାର୍ଯ୍ୟ କରିଥା'ନ୍ତି। ତାଙ୍କ ଅନନ୍ୟ ସେବାଭାବ ଲାଗି ସେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ ମଧ୍ୟ ହୋଇଛନ୍ତି।

**ଗୋ ସେବା ଦେଉଛି ଅପୂର୍ବ ଆନନ୍ଦ:** ହିନ୍ଦୁ ସଂସ୍କୃତିରେ ଗୋମାତାର ବିଶେଷ ମାହାତ୍ମ୍ୟ ରହିଛି। କୁହାଯାଏ, ଗୋମାତା ଦେହରେ ୩୩ କୋଟି ଦେବତା ବାସ କରନ୍ତି। ହେଲେ ପରିଣତ ବୟସରେ ସେହି ଗୋମାତାଙ୍କୁ ରାସ୍ତାକଡ଼କୁ ଛାଡ଼ି ଦିଆଯାଉଛି। ଅସହାୟ ଅବସ୍ଥାରେ ଖାଦ୍ୟ ନ ପାଇ, ରାସ୍ତା ଦୁର୍ଘଟଣାର ଶିକାର ହୋଇ ଅନେକ ଗାଈଗୋରୁ ଜୀବନ ଯନ୍ତ୍ରଣାରେ ଛଟପଟ ହୋଇ ମୃତ୍ୟୁବରଣ କରୁଛନ୍ତି। ତେବେ ଏଭଳି ଅସହାୟ ଗୋରୁଗାଈଙ୍କ ପାଇଁ ଦେବଦୂତ ସାଜିଛନ୍ତି ଖୋର୍ଦ୍ଧା ନିକଟସ୍ଥ ପୁରୁସାହିର ବିକାଶ ସ୍ୱାଇଁ ଓ ତାଙ୍କ ସହଯୋଗୀ। କେଉଁଠି ଗୋରୁଗାଈ ଅସହାୟ ଅବସ୍ଥାରେ ପଡ଼ିଥିବା ଅଥବା ଦୁର୍ଘଟଣାର ଶିକାର


ବିକାଶ ସ୍ୱାଇଁ

ହୋଇଥିବା ଖବରପାଇଲେ ସେ ତୁରନ୍ତ ସେଠାରେ ପହଞ୍ଚି ତା'ର ସେବା ଶୁଶ୍ରୂଷାରେ ଲାଗି ପଡ଼ନ୍ତି। ସମ୍ପୂର୍ଣ୍ଣ ସୁସ୍ଥ ନ ହେବା ପର୍ଯ୍ୟନ୍ତ ସେବା ଓ ଚିକିତ୍ସା କରିଥା'ନ୍ତି। ଏଭଳି ଅସହାୟ ଗୋରୁଗାଈଙ୍କ ସେବା ପାଇଁ ସହଯୋଗୀମାନଙ୍କୁ ନେଇ ସେ ପୁରୁସାହିଠାରେ ଶ୍ରୀକୃଷ୍ଣ ଗୋ ସେବା କେନ୍ଦ୍ରଟିଏ ଗଠନ କରିଛନ୍ତି। ବର୍ତ୍ତମାନ ଏଠାରେ ୨୨ଟି ଗାଈ ଅଛନ୍ତି। ଏମାନଙ୍କ ମଧ୍ୟରୁ ଅଧିକାଂଶ ରୁଗ୍‌ଣ ଏବଂ ଦୁର୍ଘଟଣାଗ୍ରସ୍ତ। ଏମାନଙ୍କ ସେବାକୁ ବ୍ରତ ଭାବେ ଗ୍ରହଣ କରିଛନ୍ତି ବିକାଶ। ତାଙ୍କର ଏକ ପାନ ଓ ଲସି ଦୋକାନ ରହିଛି। ସେଠାରୁ କାମ ସାରିବା ପରେ ପ୍ରତିଦିନ ସେ ଗୋ ସେବାରେ ଲାଗିଥା'ନ୍ତି। ସେ କୁହନ୍ତି, ଆମ ଘର ଦେଇ ୫୭ ନମ୍ବର ଜାତୀୟ ରାଜପଥ ଯାଇଛି। ପ୍ରତି ସମୟରେ ଏଠାରେ ଯାନବାହନ ଧକ୍କାରେ ଗୋରୁଗାଈ ଆହତ ହେଉଛନ୍ତି। ଗୋରୁଗାଈଙ୍କୁ ଅସହାୟ ଅବସ୍ଥାରେ ଦେଖିଲେ ତାଙ୍କୁ ଛାଡ଼ିଯିବନି ବୋଲି ବାପା ପିଲାବେଳେ ଶିଖାଇଥିଲେ। ତାଙ୍କ ସେହି ପଦେ କଥା ମୋତେ ଏହି କାର୍ଯ୍ୟ ପାଇଁ ଅନୁପ୍ରାଣିତ କରିଛି। ମୋ ସହ ଆଉ ଚାରି ଜଣ ବନ୍ଧୁଙ୍କୁ ନେଇ ଆରମ୍ଭ କରିଥିବା ଏହି ସେବାକାର୍ଯ୍ୟରେ ବର୍ତ୍ତମାନ ବିଭିନ୍ନ ସ୍ଥାନରୁ ୫୦ରୁ ଊର୍ଦ୍ଧ୍ୱ ସଦସ୍ୟ ସ୍ୱତଃ ଆମ ସହ ଯୋଡ଼ି ହୋଇଥିବାରୁ ବହୁତ ଖୁସି ଲାଗୁଛି। କିଏ ଗୋଶାଳାରେ ତ ଆଉ କିଏ ରାସ୍ତାକଡ଼ ଆହତଙ୍କ ଚିକିତ୍ସା କରୁଛନ୍ତି। ଏହି ଗୋସେବା ଯେଉଁ ଅପୂର୍ବ ଆନନ୍ଦ ଦେଉଛି ତାହା ଅବର୍ଣ୍ଣନୀୟ।

**ଆତ୍ମସନ୍ତୋଷ ଦିଏ ରକ୍ତଦାନ:** ରକ୍ତଦାନ ମହାପୁଣ୍ୟ। କାରଣ ନିଜ ରକ୍ତ ଦେଇ କାହାର ଜୀବନ ବଞ୍ଚାଇବାଠୁ ବଡ଼ କାମ ଆଉ କ'ଣ ବା ହେଇପାରେ ! ତେବେ ଏହି ମହତ୍ କାର୍ଯ୍ୟ ପାଇଁ ବ୍ରହ୍ମପୁର ଅଞ୍ଚଳରେ ଏକ ଜଣାଶୁଣା ବ୍ୟକ୍ତିତ୍ୱ ପାଲଟିଛନ୍ତି ସ୍ୱେଚ୍ଛାସେବୀ ଶିବରାମ ପାଣିଗ୍ରାହୀ। ଚିହ୍ନା ହୁଅନ୍ତୁ ଅବା ଅଚିହ୍ନା, ବିପଦରେ ପଡ଼ିଥିବା ଯେକୌଣସି ରୋଗୀର ହଠାତ୍ ରକ୍ତ ଆବଶ୍ୟକ ହେଲେ ସେ ତୁରନ୍ତ ସାହାଯ୍ୟ ପାଇଁ ପହଞ୍ଚିଥାନ୍ତି। ସେ ବ୍ରହ୍ମପୁରରେ ଥିବା ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ସବୁଜ ବାହିନୀର ସଭାପତି। ସେ କୁହନ୍ତି, 'ପ୍ରାୟ ୧୦ ବର୍ଷ ତଳର ଘଟଣା। ମା'ଙ୍କ ଦେହ ଅସୁସ୍ଥ ଥିବାରୁ ରକ୍ତ ଆବଶ୍ୟକ ହୋଇଥିଲା। ନିଜେ ମା'ଙ୍କୁ ରକ୍ତ ଦେବାପରେ ସେ ଯେବେ ସୁସ୍ଥ ହୋଇଥିଲେ ମନରେ ଯେଉଁ ଆନନ୍ଦ ଥିଲା, ତାହା ଭାଷାରେ ପ୍ରକାଶ


ଶିବରାମ ପାଣିଗ୍ରାହୀ

କରିହେବ ନାହିଁ। ସେହିଦିନ ଅନୁଭବ ହୋଇଥିଲା କେବଳ ନିଜ ମା' କାହିଁକି ଆବଶ୍ୟକ ପଡ଼ିଲେ ରକ୍ତଦାନ କରି ଅନ୍ୟର ଜୀବନ ବଞ୍ଚାଇ ପାରିଲେ ଆମେ ସମସ୍ତଙ୍କ ସହ ରକ୍ତ ସମ୍ପର୍କ ଗଢ଼ିପାରିବା। ତେଣୁ ଆମ ସଂଗଠନ ସବୁଜ ବାହିନୀର ସମସ୍ତ କର୍ମକର୍ତ୍ତା ଦଶ ବର୍ଷ ପୂର୍ବେ 'ଆସନ୍ତୁ ଗଢ଼ିବା ରକ୍ତ ସଂପର୍କ' ନାମରେ ଏକ ନିଆରା ଅଭିଯାନ ଆରମ୍ଭ କରିଥିଲୁ ; ଯାହାର ମୂଳ ଉଦ୍ଦେଶ୍ୟ ହେଉଛି ରକ୍ତ ଅଭାବକୁ ଦୂର କରିବା ସହିତ ରକ୍ତ ଦାନକରି ଅନ୍ୟର ଜୀବନ ବଞ୍ଚାଇ ପରକୁ ଆପଣାର କରିବା। ଧୀରେ ଧୀରେ ଏହି ଅଭିଯାନ ମାଧ୍ୟମରେ ବିଭିନ୍ନ ସଙ୍ଗଠନ, କଲେଜ ଛାତ୍ରୀଛାତ୍ର ଓ ଅନୁଷ୍ଠାନ ଯୋଡ଼ି ହେବା ଦ୍ୱାରା ରକ୍ତ ଭଣ୍ଡାରକୁ ଅଧିକ ରକ୍ତଦାନ କରିବା ସମ୍ଭବ ହୋଇପାରୁଛି। ଏହି ଅଭିଯାନରେ ପ୍ରତ୍ୟେକ ବର୍ଷ ଶହେରୁ ଅଧିକ ବ୍ଲଡ୍ ଡୋନେଶନ୍ କ୍ୟାମ୍ପ ମଧ୍ୟ ଆୟୋଜନ କରୁଛୁ। କେବଳ ଏତିକି ନୁହେଁ, ନିଜ ଜନ୍ମଦିନ ଏବଂ ବିବାହ ବାର୍ଷିକ ଦିନକୁ ସ୍ମରଣୀୟ କରିବା ପାଇଁ ରକ୍ତଦାନ କରିବା ଲାଗି ଆମେ ସଭିଙ୍କୁ ପରାମର୍ଶ ଦେଇଥାଉ। ଧୀରେ ଧୀରେ ଅନେକ ଏଥିପ୍ରତି ଆଗ୍ରହୀ ହେଉଥିବାରୁ ବହୁତ ଖୁସି ଲାଗୁଛି।' ନିଜେ ତିରିଶ ଥର ରକ୍ତଦାନ କରିବା ସହ ଅନ୍ୟମାନଙ୍କୁ ଏହି ମହତ୍ କାର୍ଯ୍ୟ ପାଇଁ ଉତ୍ସାହିତ କରୁଥିବା ଶିବରାମ୍ ସବୁଜ ବଳୟ ସୃଷ୍ଟି ପାଇଁ ବ୍ୟାପକ ବୃକ୍ଷରୋପଣ କରିବାଠୁ ଆରମ୍ଭ କରି ଅନେକ ପରିବେଶ ସୁରକ୍ଷା କାର୍ଯ୍ୟ ତଥା ବିଭିନ୍ନ ସମାଜଧର୍ମୀ କାର୍ଯ୍ୟ କରି ଯୁବପିଢ଼ିଙ୍କ ପାଇଁ ଉଦାହରଣ ପାଲଟିଛନ୍ତି।

**ପିଲାଙ୍କୁ ପଢ଼ାଇବାର ଆନନ୍ଦ ନିଆରା:** ଏକ ଶିକ୍ଷିତ ସମାଜ ଗଠନ କରିବା ଦ୍ୱାରା ଦେଶର ଉନ୍ନତି ହୋଇପାରିବ। ଏ କଥାକୁ ସେ ହୃଦୟଙ୍ଗମ କରିଛନ୍ତି। ଯେଉଁଥିପାଇଁ କେନ୍ଦୁଝର ଖଣିଖାଦାନ ଅଞ୍ଚଳରେ ରହୁଥିବା ଅନେକ ଅବହେଳିତ ଶିଶୁଙ୍କୁ ଶିକ୍ଷା ବ୍ୟବସ୍ଥା ଯୋଗାଇଦେବା ସହ ସମାଜର ମୁଖ୍ୟସ୍ରୋତରେ ସାମିଲ କରି ସେମାନଙ୍କ ମୁହଁରେ ହସ ଫୁଟାଇବାକୁ ଅଣ୍ଟା ଭିଡ଼ିଛନ୍ତି ଅତୁଲ ଗିରି। ସେ କେନ୍ଦୁଝରରେ ଥିବା 'ଖୁସି ଦ ଇନ୍‌କ୍ରିଡେବଲ ଭାରତ' ନାମକ ୟୁଥ୍ କ୍ଲବ୍‌ର ସଭାପତି। ସେ କୁହନ୍ତି, ''ବିଭିନ୍ନ ବସ୍ତିରେ ରହୁଥିବା ବିଶେଷକରି ଖଣିଦ୍ୱାରା କ୍ଷତିଗ୍ରସ୍ତ ଏବଂ ଅବହେଳିତ ବଡ଼ବିଲ ପୌରାଞ୍ଚଳରେ ରହୁଥିବା ଗରିବ ଅବହେଳିତ ଶିଶୁଙ୍କୁ ମାଗଣା ଶିକ୍ଷାଦାନ କରିବା ସହ ସେମାନଙ୍କ ସମସ୍ୟା ବୁଝି ସମାଧାନ କରିବା ପାଇଁ ଆମ କ୍ଲବର ସଦସ୍ୟମାନେ ସର୍ବଦା ତତ୍ପର। ଏଠାରେ ଅନେକ ପିଲା ଆର୍ଥିକ ଅନଟନ ଯୋଗୁ ପାଠପଢ଼ାରୁ ବଞ୍ଚିତ ହେଉଥିବା ବେଳେ ଆଉ କେତେକ ପିଲାଙ୍କୁ ମୂଲମଜୁରି ପାଇଁ ଅଭିଭାବକମାନେ ପାଠପଢ଼ା ଅଧାରୁ ବନ୍ଦ କରାଇଥା'ନ୍ତି। ସେମାନଙ୍କ ମନରେ ଶିକ୍ଷାର ଗୁରୁତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଓ ଶିକ୍ଷା ଉପକରଣ ଯୋଗାଇ ଦେବାକୁ ଆମେ ସର୍ବଦା ଚେଷ୍ଟା କରିଥାଉ। ସ୍ଥାନୀୟ ଅଞ୍ଚଳରେ ଥିବା ପ୍ରତ୍ୟେକ କମ୍ୟୁନିଟି ହଲ୍‌ରେ ସଦସ୍ୟମାନେ ପାଳି କରି ପିଲାଙ୍କୁ ପଢ଼ାଇଥାଉ। ସେମାନଙ୍କ ମନରେ ଆଗ୍ରହ ବଢ଼ାଇବା ଲାଗି କ୍ଲାସ୍ ଆରମ୍ଭରୁ ଚକୋଲେଟ୍ ଦେବା ସହ ମଝିରେ ମଝିରେ ଖାଦ୍ୟ, ପୋଷାକ ଓ ପଢ଼ା ଉପକରଣ ଯୋଗାଇ ଦେଇଥାଉ। କାହାରି ଅନୁଦାନ ବିନା ନିଜର ପାରିଶ୍ରମିକ ଅର୍ଥରୁ କିଛି କିଛି ଦେଇ ଆମେ ଏହି କାର୍ଯ୍ୟ କରୁଥିବାରୁ ବେଶ୍ ଖୁସି। ତେବେ ଏହି କାର୍ଯ୍ୟ ପାଇଁ ଯେପରି ଅଧିକରୁ ଅଧିକ ଲୋକ ସହଯୋଗର ହାତ ବଢ଼ାଇବେ ସେ



ଅତୁଲ ଗିରି

ଲକ୍ଷ୍ୟ ନେଇ ଏକ ୱେବ୍ ପୋର୍ଟାଲ୍ ଗଠନ କରିଛୁ। ଗରିବ ତଥା ଆଦିବାସୀ ଅବହେଳିତ ପିଲାଙ୍କୁ ପାଠପଢ଼ା ଉପକରଣ, କମ୍ପ୍ୟୁଟର ଶିକ୍ଷା ପ୍ରଦାନ କରୁଛୁ।'' ପିଲାଙ୍କୁ ଶିକ୍ଷିତ କରିବାକୁ ଆଗେଇ ଆସିଥିବା ଅତୁଲ ନିଜ ଅନୁଷ୍ଠାନର ସମସ୍ତ ସହଯୋଗୀଙ୍କ ସହ ମିଶି ପରିବେଶ ସୁରକ୍ଷା, ପ୍ରଦୂଷଣ ନିୟନ୍ତ୍ରଣ, ଶିଶୁ ଶ୍ରମ ବିରୋଧୀ ଅଭିଯାନ, ରକ୍ତଦାନ ଶିବିର ଆଦି ସାମାଜିକ ଓ ସଚେତନତାମୂଳକ କାର୍ଯ୍ୟ କରି ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି।

– ପୌର୍ଣ୍ଣମାସୀ
ସହାୟତା–ପ୍ରଭାତ ପାଣିଗ୍ରାହୀ





ୟୁଥ୍ ଫ୍ୟାଶନ୍

# ଅଜବ ସନ୍‌ଗ୍ଲାସ୍ ଫ୍ୟାଶନ୍

ଖରା ପ୍ରଭାବରୁ ଚକ୍ଷୁକୁ ସୁରକ୍ଷା ଦେବା ଲାଗି ସନ୍‌ଗ୍ଲାସ୍ ପିନ୍ଧିବା ଦରକାର। ହେଲେ ସବୁବେଳେ ନିଜକୁ ଲାଟେଷ୍ଟ ଫ୍ୟାଶନ୍ ଟ୍ରେଣ୍ଡରେ ଅପଡେଟ୍ ରହିବାକୁ ବେଶ୍ ତତ୍ପର ଥିବା ଆଜିର ଯୁବପିଢ଼ି କେବଳ ସୁରକ୍ଷା ନୁହେଁ, ଏହା ସହ ଫ୍ୟାଶନ୍ ପାଇଁ ବିଭିନ୍ନ ପ୍ରକାରର ସନ୍‌ଗ୍ଲାସ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। ଜାଣିରଖନ୍ତୁ କେତେକ ଅଜବ ସନ୍‌ଗ୍ଲାସ୍ ସମ୍ପର୍କରେ...




**ଫୁଲ୍ ଫେସ୍ କଭର ସନ୍‌ଗ୍ଲାସ୍:** ଏହି ସନ୍‌ଗ୍ଲାସ୍ ଦେଖିବାକୁ ଫେସ୍ ଶିଲ୍ଡ ଭଳି। ଏହା ପୂରା ମୁହଁକୁ ଘୋଡ଼ାଇ ରଖିଥାଏ। ଫଳରେ କେବଳ ଆଖି ନୁହେଁ, ମୁହଁରେ ସୂର୍ଯ୍ୟକିରଣର ହାନିକାରକ ପ୍ରଭାବ ପଡ଼ି ନ ଥାଏ। ଏହା ଧୂଳି, ଧୂଆଁ, ବର୍ଷାପାଣିରୁ ବି ସୁରକ୍ଷା ଦେବାରେ ସାହାଯ୍ୟ କରିଥାଏ। ତେବେ ଅଜବ ଦେଖାଯାଉଥିବା ଏହି ସନ୍‌ଗ୍ଲାସ୍ ଜାପାନର ଏକ କମ୍ପାନି ପ୍ରସ୍ତୁତ କରିଛି।

**ବଟରଫ୍ଲାଏ ସନ୍‌ଗ୍ଲାସ୍:** ଷ୍ଟାଇଲିଶ୍ ତଥା ଫଙ୍କି ଲୁକ୍ ପାଇଁ ଅଧିକାଂଶ ଯୁବପିଢ଼ି ଅଜବ ଅଜବ ଡିଜାଇନ୍ ଯେମିତିକି ବଟରଫ୍ଲାଏ ବା ପ୍ରଜାପତି ଡିଜାଇନ୍‌ର ସନ୍‌ଗ୍ଲାସ୍ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। ଏଥିରେ ବିଭିନ୍ନ ପ୍ରକାରର କଲରଫୁଲ୍ ବଟରଫ୍ଲାଏ ସେପ୍‌ର ଫ୍ରେମ୍ ରହୁଛି, ଯାହାକି ବେଶ୍ ଆଇକ୍ୟାଚି ଲାଗୁଛି। ନିଜ ଡ୍ରେସ୍ କଲର ସହିତ ମ୍ୟାଚିଂ ବଟରଫ୍ଲାଏ ଫ୍ରେମ୍ ଥିବା ସନ୍‌ଗ୍ଲାସ୍ ଏବେ ଅଧିକାଂଶ ଯୁବତୀଙ୍କ ପାଇଁ ଲାଟେଷ୍ଟ ଫ୍ୟାଶନ୍ ଟ୍ରେଣ୍ଡ ପାଲଟିଛି।

**କୁଲ୍ ସନ୍‌ଗ୍ଲାସ୍:** ଏହି ସନ୍‌ଗ୍ଲାସ୍ ଏବେ ଫନି ଲୁକ୍ ପାଇଁ ଅନେକ ଯୁବତୀଯୁବକ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। ଏହାର ଫ୍ରେମ୍‌କୁ କୁଲ୍(COOL) ଲେଖା ଡିଜାଇନ୍‌ରେ ପ୍ରସ୍ତୁତ କରାଯାଇଛି, ଯାହାକୁ ଦେଖିଲେ ସମ୍ପୂର୍ଣ୍ଣ ୟୁନିକ୍ ଏବଂ ଫନି ଲାଗିଥାଏ। ବିଶେଷକରି ଅନେକେ ନିଜ ସାଙ୍ଗସାଥୀଙ୍କୁ ମଜାରେ ଗିଫ୍ଟ କରିବା ପାଇଁ ଏହି ସନ୍‌ଗ୍ଲାସ୍ କିଣୁଥିବା ଦେଖିବାକୁ ମିଳୁଛି।



# ଦୀପ୍ତି, ତୋଫାନଙ୍କୁ ୫ ଉଇକେଟ ସଫଳତା

## କଳାହାଣ୍ଡି କପ୍ କ୍ରିକେଟ

ଭୁବନେଶ୍ୱର,୬।୪(ସରୋଜ ଜେନା)

ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ପକ୍ଷରୁ ଅନୁଷ୍ଠିତ ଜିଲାସ୍ତରୀୟ କଳାହାଣ୍ଡି କପ୍ କ୍ରିକେଟର ତୃତୀୟ ପର୍ଯ୍ୟାୟ ଲିଗ୍‌ରେ ଶନିବାର ୫ ମ୍ୟାଚ୍ ଖେଳାଯାଇଛି। ଗଞ୍ଜାମ, କେନ୍ଦ୍ରାପଡା, ନୂଆପଡା, ସୋନପୁର ଓ ସମ୍ବଲପୁର ନିଜ ନିଜ ମ୍ୟାଚ୍‌ରେ ବିଜୟୀ ହୋଇଛନ୍ତି। ଗଞ୍ଜାମର ତୋଫାନ ଗୌଡ ଓ କେନ୍ଦ୍ରାପଡାର ଦୀପ୍ତି ବିହାରୀ ୫ ଉଇକେଟ ସଫଳତା ହାସଲ କରିଛନ୍ତି।

ଏମ୍‌ଜିଏମ୍ ସ୍ପୋର୍ଟ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ ଗଞ୍ଜାମ ୨୦୯ ରନ୍‌ରେ କନ୍ଧମାଳକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଗଞ୍ଜାମ ୫୦ ଓଭରରେ ୭ ଉଇକେଟରେ ୩୨୭ ରନ୍ ସ୍କୋର କରିଥିଲା। ଦଳ ପକ୍ଷରୁ ଓମ୍ ଟି. ମୁଣ୍ଡେ ୭୭, ସୌମ୍ୟ ବିଶ୍ୱାଳ ୬୨ ଓ ଦେବାଶିଷ ସାହୁ ୫୩ ରନ୍ ସ୍କୋର କରିଥିଲେ। ଜବାବରେ ତୋଫାନ ଗୌଡଙ୍କ ୫ ଉଇକେଟ ସଫଳତା ବଳରେ କନ୍ଧମାଳ ୧୧୮ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା।



ଦୀପ୍ତି ବିହାରୀ



ତୋଫାନ ଗୌଡ

ରେଭେନ୍ସା ଗ୍ରାଉଣ୍ଡ ୧ରେ ଖେଳା ଯାଇଥିବା ମ୍ୟାଚ୍‌ରେ କେନ୍ଦ୍ରାପଡା ୩ ଉଇକେଟରେ ମାଲକାନଗିରିକୁ ପରାସ୍ତ କରିଛି। ଦୀପ୍ତି ବିହାରୀ ୫ ଉଇକେଟ ନେଇଥିବା ବେଳେ ମାଲକାନଗିରି ୧୫୬ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ମାଲକାନଗିର ପକ୍ଷରୁ ଦୀନେଶ ହାଲବା ୫୮ ରନ୍ କରିଥିଲେ। ଜବାବରେ ଗୌରବ ଚୌଧାରୀଙ୍କ ୪୪ ରନ୍ ବଳରେ କେନ୍ଦ୍ରାପଡା ୭ ଉଇକେଟରେ ୧୫୯ ରନ୍ କରି ବିଜୟୀ ହୋଇଥିଲା।

ରେଭେନ୍ସା ଗ୍ରାଉଣ୍ଡ ୨ରେ ଖେଳା ଯାଇଥିବା ମ୍ୟାଚ୍‌ରେ ନୂଆପଡା ୨ ଉଇକେଟରେ ଗଜପତିକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଗଜପତି ୧୫୫ ରନ୍‌ରେ ଅଲଆଉଟ ହୋଇଥିଲା। ଅରବିନ୍ଦ ସିଂ ୭୭ ରନ୍ କରିଥିବା ବେଳେ ଆୟୁଷ୍ମାନ ଗୁପ୍ତା ୪ ଉଇକେଟ ନେଇଥିଲେ। ଜବାବରେ ନୂଆପଡା ୮ ଉଇକେଟରେ ୧୫୬ ରନ୍ କରିଥିଲା। ବଳେଶ୍ୱର ମାଝି ଅପରାଜିତ ୩୫ ରନ୍ କରିଥିଲେ। ଶୁଭମ ରାଉତ ୪ ଉଇକେଟ ନେଇଥିଲେ।

କିଟ୍ ଷ୍ଟାଡିୟମରେ ଖେଳା ଯାଇଥିବା ମ୍ୟାଚ୍‌ରେ ସୋନପୁର ୪ ଉଇକେଟରେ ଜଗତସିଂହପୁର ବିଜୟୀ ହୋଇଛି। ଜଗତସିଂହପୁର ପ୍ରଥମେ ବ୍ୟାଟିଂ କରି ୧୬୭ ରନ୍‌ରେ ଅଲଆଉଟ ହୋଇଥିଲା। ବିଶ୍ୱଜିତ ସୂତାର ୪୦ ରନ୍ କରିଥବା ବେଳେ ସୁମନ ମହାରଣା ଓ ରିତିକ୍ ଚୌଧାରୀ ୪ ଉଇକେଟ ଲେଖାଏ ନେଇଥିଲେ। ଜବାବରେ ବି. ପୁରୁଷୋତ୍ତମ ପାତ୍ରଙ୍କ ୫୨ ରନ୍ ବଳରେ ସୋନପୁର ୬ ଉଇକେଟରେ ୧୭୧ ରନ୍ ସ୍କୋର କରିଥିଲା।

ନିମପୁର ଗ୍ରାଉଣ୍ଡରେ ଖେଳାଳ ଯାଇଥିବା ମ୍ୟାଚ୍‌ରେ ସମ୍ବଲପୁର ୨ ଉଇକେଟରେ ବଲାଙ୍ଗୀରକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ବଲାଙ୍ଗୀର ୧୯୭ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ଜବାବରେ ଶ୍ରେଷ୍ଠ ସିଂଙ୍କ ୫୨ ରନ୍ ବଳରେ ସମ୍ବଲପୁର ୮ ଉଇକେଟରେ ୧୯୮ ରନ୍ କରି ବିଜୟୀ ହୋଇଥିଲା।

# ଅନୁପମା, ଥରୁନ ମହିଳା ଓ ପୁରୁଷ ଚାମ୍ପିୟନ



## କାଜାଖସ୍ତାନ ଇଣ୍ଟରନ୍ୟାଶନାଲ ଚ୍ୟାଲେଞ୍ଜ

ଅଷ୍ଟାନା, ୬।୪ (ପି.ଟି.)

ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ଅନୁପମା ଉପାଧ୍ୟାୟ ଓ ଥରୁନ ମାନେପାଲି ସ୍ଥାନୀୟ ଉରାଲସ୍କଠାରେ ଚାଲିଥିବା କାଜାଖସ୍ତାନ ଇଣ୍ଟରନ୍ୟାଶନାଲ ଚ୍ୟାଲେଞ୍ଜ ଟୁର୍ନାମେଣ୍ଟରେ ଯଥାକ୍ରମେ ମହିଳା ଓ ପୁରୁଷ ସିଙ୍ଗଲ୍ସ ଚାମ୍ପିୟନ ହୋଇଛନ୍ତି। ଗତ ମାସରେ ପୋଲିଶ ଇଣ୍ଟରନ୍ୟାଶନାଲ ଚ୍ୟାଲେଞ୍ଜ ଜିତିଥିବା ଅଲମୋରାର ୧୯ ବର୍ଷୀୟା ଅନୁପମାଙ୍କର ଏହା ହେଉଛି କ୍ରମାଗତ ଦ୍ୱିତୀୟ ଟାଇଟଲ। ଏଠାରେ ସେ ମହିଳା ସିଙ୍ଗଲ୍ସ ଫାଇନାଲରେ ନିଜ ଦେଶର ଇଶାରାଣୀ ବରୁଆଙ୍କୁ୨୧-୧୫, ୨୧-୧୫ରେ ହରାଇ ଦେଇଛନ୍ତି। ଅନ୍ୟପକ୍ଷରେ ଗତ ଡିସେମ୍ବରରେ ଗୁଆହାଟୀରେ ଅନୁଷ୍ଠିତ ଜାତୀୟ ସିନିୟର ଚାମ୍ପିୟନଶିପ୍‌ରେ ୨୨ ବର୍ଷୀୟ ଥରୁନ ୮ମ ସିଡ୍ ତଥା ମାଲେସିଆର ସୁଙ୍ଗ୍ ଜୁ ଭେନ୍‌ଙ୍କୁ ୨୧-୧୦, ୨୧-୧୯ରେ ପରାସ୍ତ କରି ତାଙ୍କର ପ୍ରଥମ ଅନ୍ତର୍ଜାତୀୟ ଟାଇଟଲ ହାସଲ କରିଛନ୍ତି। ଭାରତର ମିକ୍ସଡ ଡବଲ୍ସ ଯୋଡ଼ି ସଞ୍ଜୟ ଶ୍ରୀବସ୍ତ ଧନରାଜ ଓ ମନୀଷା କେ' ଫାଇନାଲରେ ମାଲେସିଆର ଓଙ୍ଗ୍ ତିନ୍ ସି' ଓ ଲିମ୍ ଚିଉ ସିନ୍‌ଙ୍କଠାରୁ ୨୧-୯, ୭-୨୧, ୧୨-୨୧ରେ ପରାଜିତ ହୋଇ ରନରଅପ୍ ହୋଇଛନ୍ତି। ସୂଚନାଯୋଗ୍ୟ, ପୂର୍ବତନ ବିଶ୍ୱର ନମ୍ବର ୱାନ ଜୁନିୟର ଖେଳାଳି ପୂର୍ବରୁ ୨୦୨୧ରେ ଇଣ୍ଡିଆ ଇଣ୍ଟରନ୍ୟାଶନାଲ ଚ୍ୟାଲେଞ୍ଜ, ପୋଲିସ ଓପନ (୨୦୨୨ ଓ ୨୦୨୪) ଏବଂ ୨୦୨୩ରେ ତାଜିକସ୍ତାନ ଇଣ୍ଟରନ୍ୟାଶନାଲ ସିରିଜ ଜିତିଛନ୍ତି। ଫାଇନାଲ ପଥରେ ତରୁଣ କେତୋଟି ଚମତ୍କାର ବିଜୟ ହାସଲ କରିଛନ୍ତି। ସେ ନିଜ ଦେଶର ଗଗନ ବଲିୟାନ, ୨୦୨୨ ବିଶ୍ୱ ଜୁନିୟର ଚାମ୍ପିୟନଶିପ୍ ରୌପ୍ୟ ବିଜେତା ଏସ. ଶଙ୍କର ମୁଥୁସ୍ୱାମୀ, ଚତୁର୍ଥ ସିଡ୍ କାଜାଖସ୍ତାନର ଦିମିତ୍ରି ପାନାରିନ୍ ଏବଂ ୭ମ ସିଡ୍ ଭିଏତ୍‌ନାମର ଲି' ଡୁକ୍ ଫାଟ୍‌ଙ୍କୁ ପରାସ୍ତ କରିଛନ୍ତି।

# ଭାମ୍ବ୍ରି-ଓଲିଭେଟି ଯୋଡ଼ି ସେମିରୁ ବିଦାୟ

ମାରାକେଚ୍(ମରକ୍କୋ), ୬।୪(ପି.ଟି.)

ଭାରତର ୟୁକି ଭାମ୍ବ୍ରି ଓ ତାଙ୍କ ଫ୍ରେଞ୍ଚ ପାର୍ଟନର ଅଲବାନୋ ଓଲିଭେଟି ମାରାକେଚ୍ ଓପନ ଟେନିସ ଟୁର୍ନାମେଣ୍ଟରୁ ବିଦାୟ ନେଇଛନ୍ତି। ଏହି ଏଟିପି ୨୫୦ କ୍ଲେକୋର୍ଟ ଟୁର୍ନାମେଣ୍ଟର ଏକ ସଂଘର୍ଷପୂର୍ଣ୍ଣ ସେମିଫାଇନାଲରେ ଅଣ ସିଡ୍ ଇଣ୍ଡୋ-ଫ୍ରେଞ୍ଚ ଯୋଡ଼ି ୫-୭, ୬-୩, ୭-୧୦ରେ ଦ୍ୱିତୀୟ ସିଡ୍ ଅଷ୍ଟ୍ରିଆର ଲୁକାସ ମିଡ୍‌ଲର ଓ ଆଲେକ୍‌ଜାଣ୍ଡର ଏର୍ଲରଙ୍କଠାରୁ ହାରିଯାଇଛନ୍ତି। ଭାମ୍ବ୍ରି ଓ ଓଲିଭେଟି ପୂର୍ବରୁ କ୍ୱାର୍ଟରଫାଇନାଲରେ ତୃତୀୟ ସିଡ୍ ନିକୋଲାସ ବାରିଣ୍ଟସ ଓ ରାଫେଲ ମାଟସ ଯୋଡ଼ିଙ୍କୁ ହରାଇ ଦେଇଥିଲେ। ଭାମ୍ବ୍ରି ଚଳିତ ସିଜନରେ ପ୍ରଥମ ଥର ଡଚ୍‌ମ୍ୟାନ ରବିନ ହାସେଙ୍କୁ ତାଙ୍କ ପାର୍ଟନର କରିଛନ୍ତି। ଏହା ପୂର୍ବରୁ ସେ ଅଧିକାଂଶ ଟୁର୍ନାମେଣ୍ଟରେ ଡଚ୍ ଖେଳାଳି ରବିନ ହାସେଙ୍କୁ ତାଙ୍କ ପାର୍ଟନର କରିଛନ୍ତି। ଭାମ୍ବ୍ରି ତାଙ୍କ ପୂର୍ବତନ ପାର୍ଟନର ନ୍ୟୁଜିଲାଣ୍ଡର ମାଇକେଲ ଭେନସଙ୍କୁ ପାର୍ଟନର କରି ଖେଳିଥିଲେ। ଦୁହେଁ ମାୟାମି ମାଷ୍ଟର୍ସର ପ୍ରଥମ ରାଉଣ୍ଡରୁ ବିଦାୟ ନେଇଥିଲେ।

# ଜାତୀୟ ଶକ୍ତି ଉତ୍ତୋଳନ ନିମନ୍ତେ ଓଡ଼ିଶା ଦଳ



କର୍ମକର୍ତ୍ତାଙ୍କ ଗହଣରେ ଓଡ଼ିଶା ଶକ୍ତି ଉତ୍ତୋଳନ ଦଳ।

ଭୁବନେଶ୍ୱର,୬।୪(ସରୋଜ ଜେନା)

ଜାତୀୟ ସିନିୟର ଶକ୍ତି ଉତ୍ତୋଳନ ପ୍ରତିଯୋଗିତାରେ ୧୫ ଜଣିଆ ଓଡ଼ିଶା ଦଳ ଘୋଷଣା କରାଯାଇଛି। ଆସନ୍ତା ୮-୧୨ ମଧ୍ୟରେ ଏହି ଟୁର୍ନାମେଣ୍ଟ ହାଇଦ୍ରାବାଦରେ ଅନୁଷ୍ଠିତ ହେବ। ଏହି ଦଳରେ ରଞ୍ଜନ ହାଂସଦା, ପ୍ରବୀର କୁମାର ପୃଷ୍ଟି, ପାଡଲା ଶ୍ରୀନିବାସ, ଦେବାଶିଷ ମହାନ୍ତି, କପିଳେନ୍ଦ୍ର ସାମଲ, ମାଇକେଲ ମାଣ୍ଡିଆ, ସୌମ୍ୟପ୍ରଭା ଟୁଡୁ, ପ୍ରଭାତୀ ସିଂ, ଦେବୀ ସିଂ, ଦିବ୍ୟଲେଖା ମିଶ୍ର, ତନୟା ପଣ୍ଡା,ରାଜସ୍ମିତା ସାହୁ ଓ ନଗ୍‌ମା ଆର ବେଗମ ସାମିଲ ଅଛନ୍ତି। ପ୍ରଶିକ୍ଷକ ରାକେଶ ଶତପଥୀ ଓ ପ୍ରବନ୍ଧକ ନିରଞ୍ଜନ ବେବର୍ତ୍ତା ଦଳ ସହ ହାଇଦ୍ରାବାଦ ଯାତ୍ରା କରିବେ। ଆଗାମୀ ଟୁର୍ନାମେଣ୍ଟ ପାଇଁ ଓଡ଼ିଶା ଶକ୍ତି ଉତ୍ତୋଳନ ସଂଘର ସମସ୍ତ ସଦସ୍ୟ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।

# ମହମ୍ମଡାନ ସ୍ପୋର୍ଟିଂ ଆଇ-ଲିଗ୍ ଚାମ୍ପିୟନ

ଶିଲଂ, ୬।୪ (ପି.ଟି.)

ମହମ୍ମଡ଼ାନ ସ୍ପୋର୍ଟିଂ କ୍ଲବ ପ୍ରଥମ ଥର ଆଇ-ଲିଗ୍ ଚାମ୍ପିୟନ ହୋଇଛି। ଶନିବାର ଶିଲଂ ଲାଜଙ୍ଗ ଏଫ୍‌ସି ବିପକ୍ଷରେ ୨-୧ ଗୋଲ୍‌ରେ ବିଜୟ ହାସଲ କରିବା ପରେ ଏହା ସ୍ପଷ୍ଟ ହୋଇଛି। ଏଥିସହିତ ଦଳ ଟପ୍-ଟିଅର ଇଣ୍ଡିଆନ ସୁପର ଲିଗ୍‌କୁ ଉନ୍ନୀତ ହୋଇଛି। ଆଲେକ୍ସିସ ଗୋମ୍ସ ଖେଳର ପ୍ରଥମ ମିନିଟ୍‌ରେ ଗୋଲ୍ ସ୍କୋର କରି ମହମ୍ମଡ଼ାନ ସ୍ପୋର୍ଟିଂକୁ ଅଗ୍ରଣୀ କରାଇଥିଲେ। ଶିଲଂ ଲାଜଙ୍ଗର ଡଗଲାସ ଟାର୍ଡିନ ୧୫ତମ ମିନିଟ୍‌ରେ ଗୋଲ ସ୍କୋର କରି ମ୍ୟାଚକୁ ବରାବର ସ୍ଥିତିକୁ ନେଇ ଆସିଥିଲେ। ଏଭଜେନି କୋଜଲୋଭ ୬୨ତମ ମିନିଟ୍‌ରେ ମହମ୍ମଡ଼ାନ ସ୍ପୋର୍ଟିଂ ପକ୍ଷରୁ ନିର୍ଣ୍ଣାୟକ ଗୋଲ୍ ସ୍କୋର କରିଥିଲେ। ଶନିବାର ଏହି ବିଜୟ ଦ୍ୱାରା ମହମ୍ମଡ଼ାନ ସ୍ପୋର୍ଟିଂ ଗୋଟିଏ ମ୍ୟାଚ ବାକି ଥା ୨୩ଟି ମ୍ୟାଚରୁ ୫୨ ପଏଣ୍ଟ ଅର୍ଜନ କରିଛି। ବର୍ତ୍ତମାନ ଏହି ଦଳ ଟେବୁଲରେ ଦ୍ୱିତୀୟ ସ୍ଥାନରେ ରହିଥିବା ଶ୍ରୀନିଡି ଡେକାନ (୨୨ ମ୍ୟାଚରୁ ୪୪ ପଏଣ୍ଟ)ଠାରୁ ୮ ପଏଣ୍ଟ ଆଗୁଆ ରହିଛି। ଶ୍ରୀନିଡି ଏକାଦଶ ଯଦି ଏହାର ଅବଶିଷ୍ଟ ଦୁଇଟି ମ୍ୟାଚରେ ବିଜୟ ଲାଭ କରେ ତଥାପି ମହମ୍ମଡ଼ାନ ସ୍ପୋର୍ଟିଂକୁ ଅତିକ୍ରମ କରିପାରିବ ନାହିଁ। ସୂଚନାଯୋଗ୍ୟ, ଗୁରୁବାର ନେରୋକା ଏଫ୍‌ସି ଓ ଶ୍ରୀନିଡି ଏକାଦଶ ମଧ୍ୟରେ ଅନୁଷ୍ଠିତ ମ୍ୟାଚ ୧-୧ରେ ଅମୀମାଂସିତ ଭାବେ ଶେଷ ହେବାରୁ ଆଇ-ଲିଗ୍ ଟାଇଟଲ ଜିତିବାରେ କୋଲକାତା ଦଳର ପଥ ସୁଗମ ହୋଇଯାଇଥିଲା।

# ପ୍ରଥମ ମ୍ୟାଚ୍ ୫-୧ରେ ହାରିଲା ଭାରତ

## ହକି ଟେଷ୍ଟ ସିରିଜ୍

ପର୍ଥ,୬।୪(ପି.ଟି.)

ଅଷ୍ଟ୍ରେଲିଆ ଗସ୍ତରେ ରହିଥିବା ଭାରତୀୟ ପୁରୁଷ ହକି ଦଳ ପ୍ରଥମ ମ୍ୟାଚ୍‌ରେ ଶୋଚନୀୟ ପରାଜୟ ବରଣ କରିଛି। ପର୍ଥରେ ଖେଳାଯାଇଥିବା ପ୍ରଥମ ମ୍ୟାଚରେ ଭାରତ ୫-୧ରେ ପରାଜିତ ହୋଇଛି। ଏହି ମ୍ୟାଚ୍‌ଟି ସଂଘର୍ଷପୂର୍ଣ୍ଣ ହେବା ନେଇ ଆଶା କରାଯାଉଥିଲା। ତେବେ ପ୍ରଥମରୁ ହିଁ ଅଷ୍ଟ୍ରେଲିଆ ପ୍ରାଧାନ୍ୟ ବିସ୍ତାର କରି ଖେଳିବା ସହ ଏକପାଖିଆ ଭାବରେ ମ୍ୟାଚ୍‌କୁ ଜିତିନେଇଥିଲା। ଘରୋଇ ଦଳ ପକ୍ଷରୁ ଟମ୍ ୱିକ୍‌ହାମ୍ ୨୦ ଓ ୩୮ତମ ମିନିଟ୍‌ରେ ଡବଲ୍ ଗୋଲ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟିମ୍ ବ୍ରାଣ୍ଡ ୩, ଜୋଏଲ ରିଣ୍ଟାଲା ୩୭ ଓ ଫ୍ଲିନ୍ ଓଜିଲିଭ୍ ୫୭ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଭାରତ ପକ୍ଷରୁ ୪୭ତମ ମିନିଟରେ ଗୁରୁଜନ୍ତ ସିଂ ଏକମାତ୍ର ଗୋଲ ଦେଇଥିଲେ।

ପ୍ରଥମ ମିନିଟ୍‌ରୁ ଅଷ୍ଟ୍ରେଲିଆ ଆକ୍ରମଣ କରିଥିବା ବେଳେ ଟିମ୍ ବ୍ରାଣ୍ଡ ତୃତୀୟ ମିନିଟରେ ସ୍କୋର କରିଥିଲେ। ଲେଫ୍ଟ ଫ୍ଲାଙ୍କରୁ ଚମତ୍କାର ପ୍ରୟାସରେ ଗୋଲ କରି ଟିମ୍ ଇଣ୍ଡିଆକୁ ବ୍ୟାକ୍‌ଫୁଟ୍‌ରେ ରଖିଥିଲେ। ପ୍ରଥମ କ୍ୱାର୍ଟରରେ ଅଷ୍ଟ୍ରେଲିଆ ଆକ୍ରମଣ କରିଥିଲେ ମଧ୍ୟ ଆଉ ସ୍କୋର କରିବାରେ ବିଫଳ ହୋଇଥିଲା। ଦ୍ୱିତୀୟ କ୍ୱାର୍ଟରରେ ଟମ୍ ୱିକ୍‌ହାମ୍ ଚମତ୍କାର ପ୍ରଦର୍ଶନ କରିବା ସହ ବ୍ୟବଧାନକୁ ୨-୦ରେ ପହଞ୍ଚାଇଥିଲେ। ତୃତୀୟ କ୍ୱାର୍ଟରରେ ଭାରତୀୟ ରକ୍ଷଣଭାଗକୁ ପରାସ୍ତ କରିବା ସହ ଅଷ୍ଟ୍ରେଲିଆ ଦୁଇଟି ଗୋଲ ସ୍କୋର କରିଥିଲା। ୩୭ତମ ମିନିଟରେ ଜୋଏଲ ରିଣ୍ଟାଲା ଗୋଟିଏ ଓ ୩୮ତମ ମିନିଟରେ ୱିକହାମ୍ ଆଉ ଏକ ଗୋଲ ଦେଇଥିଲେ। ଅନ୍ତିମ କ୍ୱାର୍ଟରର ୪୭ତମ ମିନିଟରେ ଗୁରୁଜନ୍ତ ଏକମାତ୍ର ଗୋଲ ଦେଇଥିଲେ। ମ୍ୟାଚ୍ ଶେଷହେବାକୁ ୩ ମିନିଟ ବାକି ରହିଥିବା ବେଳେ ଫ୍ଲିନ୍ ଓଜିଲିଭ୍ ଏକ ଗୋଲ ଦେଇ ଅଷ୍ଟ୍ରେଲିଆକୁ ୫-୧ରେ ବିଜୟୀ କରାଇଥିଲେ। ରବିବାର ଉଭୟ ଦଳ ଦ୍ୱିତୀୟ ମ୍ୟାଚ୍‌ରେ ପରସ୍ପରକୁ ଭେଟିବେ।



ଭାରତ ଓ ଅଷ୍ଟ୍ରେଲିଆ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

# ସେନ୍ଥିଲକୁମାର ପରାସ୍ତ

ନୂଆଦିଲ୍ଲୀ, ୬।୪ (ପି.ଟି.)

ଭାରତର ଜାତୀୟ ଚାମ୍ପିୟନ ଭେଲାଭାନ ସେନ୍ଥିଲକୁମାର ହମବର୍ଗଠାରେ ଚାଲିଥିବା ୫୦,୦୦୦ ଆମେରିକୀୟ ଡଲାର ପୁରସ୍କାର ବିଶିଷ୍ଟ ୱାର୍ଲ୍ଡ ଟୁର୍ ବ୍ରୋଞ୍ଜ ଇଭେଣ୍ଟ ଜର୍ମାନ ଓପନ ସ୍କ୍ୱାଶ ଟୁର୍ନାମେଣ୍ଟର କ୍ୱାର୍ଟରଫାଇନାଲରେ ହାରିଯାଇଛନ୍ତି। ବିଶ୍ୱର ୫୯ ର୍‍ୟାଙ୍କିଙ୍ଗପ୍ରାପ୍ତ ତଥା ୨୦୨୩ ଏସିଆନ ରୌପ୍ୟ ବିଜେତା ସେନ୍ଥିଲକୁମାର ତାଙ୍କଠାରୁ ଉଚ୍ଚ ର୍‍ୟାଙ୍କିଙ୍ଗପ୍ରାପ୍ତ ତଥା ଚତୁର୍ଥ ସିଡ୍ ମାଲେସିଆର ଇଏନ ୟୋ ଏଙ୍ଗ୍‌ଙ୍କଠାରୁ ୭-୧୧, ୬-୧୧, ୪-୧୧ରେ ହାରିଯାଇଛନ୍ତି।

# କୋବୋଲିଙ୍କୁ ହରାଇଲେ ନାଗାଲ

ମଣ୍ଟେ କାର୍ଲୋ(ଫ୍ରାନ୍ସ), ୬।୪(ପି.ଟି.)

ଭାରତର ଅଗ୍ରଣୀ ଟେନିସ ଖେଳାଳି ସୁମିତ ନାଗାଲ ବିଜୟ ସହ ମଣ୍ଟେ କାର୍ଲୋ ମାଷ୍ଟର୍ସ ଟେନିସ ପ୍ରତିଯୋଗିତାରେ ତାଙ୍କ ଅଭିଯାନ ଆରମ୍ଭ କରିଛନ୍ତି। ଶନିବାର ଏକ କ୍ୱାଲିଫାୟର୍ସରେ ସେ ବିଶ୍ୱର ୬୩ ନମ୍ବର ମାନ୍ୟତାପ୍ରାପ୍ତ ଫ୍ଲାଭିଓ କୋବୋଲିଙ୍କୁ ପରାସ୍ତ କରିଛନ୍ତି। ଅଣ ସିଡ୍ ତଥା ୯୫ତମ ର୍‍ୟାଙ୍କିଙ୍ଗପ୍ରାପ୍ତ ଏହି ଭାରତୀୟ ଖେଳାଳି ୮ମ ସିଡ୍ କୋବୋଲିଙ୍କ ବିପକ୍ଷରେ ୬-୨, ୬-୩ ସେଟ୍‌ରେ ବିଜୟ ହାସଲ କରିଛନ୍ତି। ନାଗାଲ ତାଙ୍କ ଫାଇନାଲ କ୍ୱାଲିଫାୟର୍ସରେ ଦୁଇ ଆର୍ଜେଣ୍ଟାଇନ୍ ଖେଳାଳି ଫାକୁଣ୍ଡୋ ଡିଆଜ୍ ଆକେଷ୍ଟା ଓ ଡିଏଗୋ ସ୍କ୍ୱାର୍ଜମ୍ୟାନଙ୍କ ମଧ୍ୟରେ ଖେଳାଯିବାକୁଥିବା ମ୍ୟାଚର ବିଜେତାଙ୍କୁ ଭେଟିବେ। ୫୫ତମ ର୍‍ୟାଙ୍କିଙ୍ଗପ୍ରାପ୍ତ ଆକୋଷ୍ଟାଙ୍କୁ ଏଠାରେ ତୃତୀୟ ସିଡ୍ ମାନ୍ୟତା ମିଳିଛି। ସ୍କ୍ୱାର୍ଜମ୍ୟାନ ହେଉଛନ୍ତି ୧୨୪ତମ ର୍‍ୟାଙ୍କିଙ୍ଗପ୍ରାପ୍ତ ଖେଳାଳି ଏବଂ ଟୁର୍ନାମେଣ୍ଟ ପାଇଁ ତାଙ୍କୁ ୱାଇଲ୍ଡକାର୍ଡ ମିଳିଛି।

# ଭର୍ଷ୍ଟାପେନ୍‌ଙ୍କୁ ପୋଲ୍ ପୋଜିଶନ

## ଜାପାନିଜ୍ ଗ୍ରାଁ ପ୍ରି

ସୁଜୁକା(ଜାପାନ), ୬।୪(ଏପି)

ଜାପାନିଜ ଫର୍ମୁଲା ୱାନ ଗ୍ରାଁ ପ୍ରି ମୋଟର ରେସ୍ ପାଇଁ ରେଡ୍‌ବୁଲର ମାକ୍ସ ଭର୍ଷ୍ଟାପେନ୍ ପୋଲ୍ ପୋଜିଶନ ହାସଲ କରିଛନ୍ତି। ଦୁଇ ସପ୍ତାହ ପୂର୍ବେ ଗତ ଅଷ୍ଟ୍ରେଲିଆନ୍ ଗ୍ରାଁପ୍ରିରେ ଏହି ଡଚ୍ ଡ୍ରାଇଭରଙ୍କ କାର୍‌ର ରିଅର ବ୍ରେକ୍‌ରେ ନିଆଁ ଲାଗିଯିବାରୁ ସେ ରେସ୍‌ର ଚତୁର୍ଥ ଲାପ୍‌ରୁ ଓହରିଯିବାକୁ ବାଧ୍ୟ ହୋଇଥିଲେ। କ୍ୱାଲିଫାଇଂରେ ପୋଲ୍ ପୋଜିଶନ ହାସଲ କରି ଫର୍ମୁଲା ୱାନରେ ସେ ପୁଣି ତାଙ୍କ ଆଧିପତ୍ୟ ଜାହିର କରିଛନ୍ତି। ଭର୍ଷ୍ଟାପେନ୍‌ଙ୍କ ଟାଇମିଂ ୧ ମିନିଟ ୨୮.୧୯୭ ରହିଥିଲା। ସେ ତାଙ୍କ ରେଡ୍‌ବୁଲ ଟିମ୍‌ମେଟ ସର୍ଗିଓ ପେରେଜଙ୍କଠାରୁ ୦.୦୬୬ ସେକେଣ୍ଡରେ ଆଗୁଆ ରହିଥିଲେ। ମ୍ୟାକଲରେନର ଲାଣ୍ଡୋ ନୋରିସ ଓ ଅଷ୍ଟ୍ରେଲିଆରେ ବିଜେତା ଫେରାରିର କାର୍ଲୋସ ସେଞ୍ଜ୍ ରବିବାର ଦ୍ୱିତୀୟ ଧାଡ଼ିରୁ ରେସ୍ ଆରମ୍ଭ କରିବେ। ଭର୍ଷ୍ଟାପେନ୍ ହେଉଛନ୍ତି ୩ଥର ଚାମ୍ପିୟନ। ରବିବାର ଜାପାନ ରେସ୍ ପୂର୍ବରୁ ସେ ତାଙ୍କ ଗତ ୨୫ଟି ରେସ୍ ମଧ୍ୟରୁ ୨୧ଟିରେ ବିଜୟ ହାସଲ କରିଛନ୍ତି। ଏହି ସିଜନରେ ସେ ଏପର୍ଯ୍ୟନ୍ତ ଅନୁଷ୍ଠିତ ସମସ୍ତ ୪ଟି କ୍ୱାଲିଫାଇଂରେ ପୋଲ୍ ପୋଜିଶନ ହାସଲ କରିଛନ୍ତି। ଏହା ତାଙ୍କ କ୍ୟାରିୟରର ୩୬ତମ ପୋଲ୍ ପୋଜିଶନ ଥିଲା। ରବିବାର ସେ ତାଙ୍କ ୫୭ତମ ବିଜୟ ଲକ୍ଷ୍ୟରେ ଅଛନ୍ତି।

# ମୋହନ ବାଗାନର ଆଶା ଉଜ୍ଜୀବିତ

ନୂଆଦିଲ୍ଲୀ, ୬।୪ (ପି.ଟି.)

ପଞ୍ଜାବ ଏଫ୍‌ସିକୁ ୧-୦ ଗୋଲ୍‌ରେ ପରାସ୍ତ କରି ମୋହନ ବାଗାନ ସୁପର ଜାଏଣ୍ଟ୍ସ (ଏମ୍‌ବିଏସ୍‌ଜି) ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ)ର ଲିଗ୍ ୱିନର୍ସ ଶିଲ୍ଡ ହାସଲ ଆଶାକୁ ଉଜ୍ଜୀବିତ ରଖିଛି। ଦିମିତ୍ରିଓସ ପେଟ୍ରାଟୋସ ଖେଳର ୪୨ତମ ମିନିଟରେ ଏକ ଫ୍ରି କିକ୍ ଜରିଆରେ ବିଜୟ ସୂଚକ ଗୋଲ୍‌ଟିକୁ ସ୍କୋର କରିଥିଲେ। ଏଥିସହିତ ସେ ଆଇଏସ୍‌ଏଲ ଇତିହାସରେ ମୋହନବାଗାନ ସୁପର ଜାଏଣ୍ଟ୍ସର ଜଣେ ଖେଳାଳି ହିସାବରେ ସର୍ବାଧିକ ଗୋଲ ସ୍କୋର କରିବାର ଏକ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ଆଣ୍ଟୋନିଓ ହାବାସଠାରୁ କୋଚିଂ ନେଉଥିବା ଏହି ଦଳ ପଏଣ୍ଟ ଟେବୁଲର ଶୀର୍ଷ ସ୍ଥାନରେ ରହିଥିବା ମୁମ୍ବାଇ ସିଟି ଏଫ୍‌ସିର ନିକଟତର ହୋଇ ପାରିଛି। ଅନ୍ୟପକ୍ଷରେ ଏହି ପରାଜୟ ପରେ ପଞ୍ଜାବ ଏଫ୍‌ସି ପ୍ଲେ-ଅଫ୍ କ୍ୱାଲିଫାଏ ଦୌଡ଼ରୁ ବାଦ ପଡ଼ିଛି। ସ୍ଥାନୀୟ ଜବାହର ଲାଲ ନେହେରୁ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚଟି ରୁଦ୍ଧଦ୍ୱାରରେ ଖେଳାଯାଇଥିଲା।




ପେନାଲ୍ଟି ଶଟ୍ ନେଉଛନ୍ତି ଦିମିତ୍ରିଓସ ପେଟ୍ରାଟୋସ।

କୋଲକାତା ଭିତ୍ତିକ ଦଳ ବର୍ତ୍ତମାନ ୨୦ଟି ଗେମ୍‌ରୁ ୪୨ ପଏଣ୍ଟ ଅର୍ଜନ କରି ମୁମ୍ବାଇ ସିଟି ଏଫ୍‌ସି (୪୪ପଏଣ୍ଟ)ଠାରୁ ୨ ପଏଣ୍ଟ ପଛରେ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି। ମୋହନ ବାଗାନ ସୁପର ଜାଏଣ୍ଟ୍ସ ଓ ମୁମ୍ବାଇ ସିଟି ଏପ୍ରିଲ ୧୫ରେ ସଲ୍ଟ ଲେକ୍ ଷ୍ଟାଡିୟମରେ ଲିଗ୍ ପର୍ଯ୍ୟାୟର ଅନ୍ତିମ ମ୍ୟାଚରେ ପରସ୍ପରକୁ ଭେଟିବେ।

# ବଟଲରଙ୍କ ଶତକରେ ରାଜସ୍ଥାନ ବିଜୟୀ



ଶତକ ହାସଲ ପରେ ଉଲ୍ଲସିତ ଜୋଶ ବଟଲର।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ରାଜସ୍ଥାନ ରୟାଲ୍ସ | ୪ | ୪ | ୦ | ୮ | +୧.୧୨୦ |
| କୋଲକାତା ନାଇଟ ରାଇଡର୍ସ | ୩ | ୩ | ୦ | ୬ | +୨.୫୧୮ |
| ଚେନ୍ନାଇ ସୁପର କିଙ୍ଗ୍ସ | ୪ | ୨ | ୨ | ୪ | +୦.୫୧୭ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୩ | ୨ | ୧ | ୪ | +୦.୪୮୩ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୪ | ୨ | ୨ | ୪ | +୦.୪୦୯ |
| ପଞ୍ଜାବ କିଙ୍ଗ୍ସ | ୪ | ୨ | ୨ | ୪ | -୦.୨୨୦ |
| ଗୁଜରାଟ ଟାଇଟନ୍ସ | ୪ | ୨ | ୨ | ୪ | -୦.୫୮୦ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୫ | ୧ | ୪ | ୨ | -୦.୮୪୩ |
| ଦିଲ୍ଲୀ କ୍ୟାପିଟାଲ୍ସ | ୪ | ୧ | ୩ | ୨ | -୧.୩୪୭ |
| ମୁମ୍ବାଇ ଇଣ୍ଡିଆନ୍ସ | ୩ | ୦ | ୩ | ୦ | -୧.୪୨୩ |

ଜୟପୁର,୬।୪

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ଟି୨୦ କ୍ରିକେଟ ଟୁର୍ନାମେଣ୍ଟରେ ବିରାଟ କୋହଲି ଅଷ୍ଟମ ଶତକ ସତ୍ତ୍ୱେ ପରାଜିତ ହୋଇଛି ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ(ଆର୍‌ସିବି)। ଶତକୀୟ ମ୍ୟାଚରେ ଜୋଶ ବଟଲରଙ୍କ ୧୦୦* ରନ ବଳରେ ରାଜସ୍ଥାନ ରୟାଲ୍ସ ୬ ଉଇକେଟରେ ବିଜୟୀ ହୋଇଛି। ଶନିବାର କୋହଲିଙ୍କ ୧୧୩* ରନ୍ ବଳରେ ଆର୍‌ସିବି ୩ ଉଇକେଟରେ ୧୮୩ ରନ୍ କରିଥିଲା। ଜବାବରେ ରାଜସ୍ଥାନ ୧୯.୧ ଓଭରରେ ୪ ଉଇକେଟ ହରାଇ ୧୮୯ ରନ୍ କରିଥିଲା। କ୍ରମାଗତ ଚତୁର୍ଥ ମ୍ୟାଚ୍ ଜିତି ପଏଣ୍ଟ ଟେବୁଲ ଶୀର୍ଷରେ ପହଞ୍ଚିଛି ରାଜସ୍ଥାନ। ଏହା ସହିତ ରାଜସ୍ଥାନ ଅଧିନାୟକ ସଞ୍ଜୁ ସାମ୍‌ସନ୍

### ■କୋହଲିଙ୍କ ଅଷ୍ଟମ ଶତକ

### ■୪ ହଜାର ରନ୍ କ୍ଲବ୍‌ରେ ସାମ୍‌ସନ୍

ଆଇପିଏଲ୍‌ରେ ୪ ହଜାର ରନ୍ ପୂରଣ କରିଛନ୍ତି। ପଞ୍ଚମ ଓଭରରେ ରିସି ଟପ୍‌ଲେଙ୍କୁ ଚୌକା ମାରି ସେ ଏହି ମାଇଲ୍‌ଖୁଣ୍ଟ ହାସଲ କରିଥିଲେ।

ଟସ୍ ଜିତି ରାଜସ୍ଥାନ ପ୍ରଥମେ ବୋଲିଂ ନେଇଥିଲା। ବିରାଟ କୋହଲି(୧୧୩*) ଓ ଫାଫ୍ ଡୁପ୍ଲେସି(୪୪) ପ୍ରଥମ ଉଇକେଟରେ ୧୨୫ ରନ୍ ଯୋଡ଼ିଥିଲେ। ଫାଫ୍ ୩୩ ବଲ୍ ଖେଳି ୨ଟି ଲେଖାଏ ଛକା ଓ ଚୌକା ସହିତ ୪୪ ରନ୍ ସ୍କୋର କରିଥିଲେ। ତେବେ ପ୍ରଥମ ଉଇକେଟର ପତନ ପରେ ଆର୍‌ସିବିର ସ୍କୋରିଂ ହାର ଧୀମେଇ ଯାଇଥିଲା। ଗ୍ଲେନ୍ ମ୍ୟାକ୍ସୱେଲ ୩ ବଲ୍‌ରୁ ୧ ରନ୍ କରିଥିବା ବେଳେ କାମେରନ୍ ଗ୍ରୀନ୍ ୬ ବଲ୍‌ରୁ ୫ ରନ୍ କରି ପାରିଥିଲେ। କୋହଲି ଗୋଟିଏ ପଟରୁ ଇନିଂସ ସମ୍ଭାଳିବା ସହ ୧୧୩ ରନ୍ କରିଥିଲେ। କୋହଲି ୭୨ ବଲ୍ ଖେଳି ୧୨ ଚୌକା ଓ ୪ ଛକା ମାରିଥିଲେ। ରାଜସ୍ଥାନ ପକ୍ଷରୁ ଯୁଜବେନ୍ଦ୍ର ଚହଲ ୨ ଓ ନାନ୍ଦ୍ରେ ବର୍ଗର ୧ ଉଇକେଟ ନେଇଥିଲେ। ୧୮୪ ରନ୍ ଲକ୍ଷ୍ୟର ପିଛା କରୁଥିବା ରାଜସ୍ଥାନ ଖାତା ଖୋଲିବା ଆଗରୁ ଯଶସ୍ୱୀ ଜୟସ୍ୱାଲଙ୍କ ଉଇକେଟ ହରାଇଥିଲା। ତେବେ ଜୋଶ ବଟଲର(୧୦୦*) ଓ ସଞ୍ଜୁ ସାମ୍‌ସନ୍(୬୯) ଦ୍ୱିତୀୟ ଉଇକେଟରେ ୧୪୮ ରନ୍ ଯୋଡ଼ିଥିଲେ। ଆଇପିଏଲ୍ କ୍ୟାରିୟରର ଷଷ୍ଠ ଶତକ ହାସଲ କରିଥିବା ବଟଲର ୫୮ ବଲ୍ ଖେଳି ୯ ଚୌକା ଓ ୪ ଛକା ମାରିଥିଲେ। ଅନ୍ୟ ପକ୍ଷରେ ସାମ୍‌ସନ୍ ୪୨ ବଲ୍ ଖେଳି ୮ ଚୌକା ଓ ୨ ଛକା ମାରିଥିଲେ। ଅନ୍ତିମ ଓଭରର ପ୍ରଥମ ବଲରେ ଛକା ମାରି ମ୍ୟାଚ୍‌କୁ ଷ୍ଟାଇଲରେ ଶେଷ କରିଥିଲେ ବଟଲର। ରିସି ଟପ୍‌ଲେ ୨ ଉଇକେଟ ନେଇଥିବା ବେଳେ ମହମ୍ମଦ ସିରାଜ ଓ ଯଶ ଦୟାଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଆଇପିଏଲ୍‌ରେ ସର୍ବାଧିକ ଶତକ ରେକର୍ଡ ନିଜ ନାମରେ ରଖିଥିବା କୋହଲିଙ୍କ ଏହା ଅଷ୍ଟମ ଶତକ। ଜୋଶ ବଟଲର ଓ କ୍ରିସ୍ ଗେଲ୍ ୬ ଶତକ ସହ ଦ୍ୱିତୀୟ ସ୍ଥାନରେ ରହିଛନ୍ତି।

**ସଂକ୍ଷିପ୍ତ ସ୍କୋର**

ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୨୦ ଓଭରରେ ୧୮୩/୩(ବିରାଟ କୋହଲି-୧୧୩*, ଫାଫ୍ ଡୁପ୍ଲେସି-୪୪, ଯୁଜବେନ୍ଦ୍ର ଚହଲ-୨/୩୪, ନାନ୍ଦ୍ରେ ବର୍ଗର-୧/୩୩)। ରାଜସ୍ଥାନ ରୟାଲ୍ସ ୧୯.୧ ଓଭରରେ ୧୮୯/୪(ଜୋଶ ବଟଲର-୧୦୦*, ସଞ୍ଜୁ ସାମ୍‌ସନ୍-୬୯, ରିସି ଟପ୍‌ଲେ-୨/୨୭, ମହମ୍ମଦ ସିରାଜ-୧/୩୫, ଯଶ ଦୟାଲ-୧/୩୭)।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

**ମୁମ୍ବାଇ ବନାମ ଦିଲ୍ଲୀ**
ସ୍ଥାନ: ମୁମ୍ବାଇ
ସମୟ: ଅପରାହ୍ନ ୩.୩୦

**ଲକ୍ଷ୍ନୌ ବନାମ ଗୁଜରାଟ**
ସ୍ଥାନ: ଲକ୍ଷ୍ନୌ
ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ଫୋକସରେ ମୟଙ୍କ ଯାଦବ

## ଆଜି ଲକ୍ଷ୍ନୌ-ଗୁଜରାଟ, ଦିଲ୍ଲୀ-ମୁମ୍ବାଇ ମ୍ୟାଚ୍



ମୁମ୍ବାଇ ନେଟ୍ ସେସନ୍‌ରେ କ୍ୱେନା ମଫାକା।

ଲକ୍ଷ୍ନୌ,୬।୪(ପି.ଟି.)

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଟି୨୦ କ୍ରିକେଟ ଟୁର୍ନାମେଣ୍ଟରେ ରବିବାର ଡବଲ୍ ହେଡରରେ ପରସ୍ପରକୁ ଭେଟିବେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ-ଗୁଜରାଟ ଟାଇଟନ୍ସ ଓ ଦିଲ୍ଲୀ କ୍ୟାପିଟାଲ୍ସ-ମୁମ୍ବାଇ ଇଣ୍ଡିଆନ୍ସ। ପେସ୍ ସେନସେସନ୍ ମୟଙ୍କ ଯାଦବଙ୍କ ଉପରେ ସଭିଙ୍କ ନଜର ରହିବ। ଦୁଇଟି ମ୍ୟାଚ୍ ଖେଳିସାରିଥିବା ମୟଙ୍କ ନିଜ ପେସ୍ ଜରିଆରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ୨୧ ବର୍ଷୀୟ ମୟଙ୍କ ଉଭୟ ମ୍ୟାଚରେ ୩ ଉଇକେଟ ସଫଳତା ହାସଲ କରିଥିବା ବେଳେ ପ୍ଲେୟର ଅଫ୍ ଦ ମ୍ୟାଚ୍ ହୋଇଥିଲେ। ପଞ୍ଜାବ କିଙ୍ଗ୍ସ ବିପକ୍ଷ ମ୍ୟାଚ୍‌ରେ ପଦାର୍ପଣ କରି ୩/୨୭ର ଫିଗର ହାସଲ କରିଥିବା ବେଳେ ଆର୍‌ସିବି ବିପକ୍ଷରେ ୩/୧୪ ହାସଲ କରିଥିଲେ। ପ୍ରଥମ ମ୍ୟାଚ୍‌ରେ ପରାଜୟ ପରେ ଲକ୍ଷ୍ନୌ ଲଗାତର ଦୁଇଟି ମ୍ୟାଚ୍‌ରେ ବିଜୟୀ ହୋଇଛି। ରବିବାର ମ୍ୟାଚ୍‌କୁ ଜିତିବା ସହ ବିଜୟରେ ହ୍ୟାଟ୍ରିକ ଅର୍ଜନ କରିବାକୁ ଚେଷ୍ଟା କରିବ ଲକ୍ଷ୍ନୌ। ଟି୨୦ ବିଶ୍ୱକପ ପାଇଁ ଦଳ ଚୟନ ଲାଗି ଆଇପିଏଲ ଉପରେ ନଜର ରଖିଥିବା ଚୟନକର୍ତ୍ତାମାନେ ମଧ୍ୟ ଏହା ଉପରେ ନଜର ରଖିଛନ୍ତି। ଲକ୍ଷ୍ନୌ ପକ୍ଷରୁ ଲୋକେଶ ରାହୁଲ ଓ କ୍ୱିଣ୍ଟନ୍ ଡି କକ୍ ଓପନ କରୁଥିବା ବେଳେ ଚମତ୍କାର ଫର୍ମରେ ରହିଛନ୍ତି। ନିକୋଲାସ୍ ପୁରନ୍ ଡେଥ୍ ଓଭରରେ ଚମତ୍କାର ବ୍ୟାଟିଂ କରୁଥିବା ବେଳେ ଶେଷ ମ୍ୟାଚ୍‌ରେ କୃନାଲ ପାଣ୍ଡ୍ୟା ମଧ୍ୟ ଉପଯୋଗୀ ବ୍ୟାଟିଂ କରିଛନ୍ତି। ତେବେ ଦଳ ପାଇଁ ସମସ୍ୟା ହେଉଛି ୩ ନମ୍ବର ବ୍ୟାଟର ଦେବଦତ୍ତ ପଡିକାଲ ଓ ଅଷ୍ଟ୍ରେଲୀୟ ଅଲରାଉଣ୍ଡର ମାର୍କସ୍ ଷ୍ଟୋଇନିସ୍‌ଙ୍କ ଫର୍ମ। ଉଭୟ ଖେଳାଳିଙ୍କ ବ୍ୟାଟ୍ ଏଯାଏ ନୀରବ ରହିଛି। ବୋଲିଂରେ ଲକ୍ଷ୍ନୌ ନିକଟରେ ମୟଙ୍କଙ୍କ ବ୍ୟତୀତ ନବୀନ ଉଲ ହକ୍, ଯଶ୍ ଠାକୁର, ମୋହସିନ୍ ଖାନ୍ ଓ ଲେଗ୍ ସ୍ପିନର ରବି ବିଷ୍ଣୋଇଙ୍କ ବିକଳ୍ପ ଉପଲବ୍ଧ ରହିଛି।

ଅନ୍ୟପକ୍ଷରେ ଗୁଜରାଟ ନିଜ ଅନ୍ତିମ ମ୍ୟାଚ୍‌ରେ ପରାଜିତ ହୋଇଛି। ଶୁବମନ ଗିଲ୍ ଚମତ୍କାର ୮୯ ରନ୍ ସହ ଫର୍ମକୁ ଫେରିଥିଲେ ମଧ୍ୟ ଶଶାଙ୍କ ସିଂଙ୍କ ଚମତ୍କାର ୬୧ ରନ୍ ବଳରେ ଅନ୍ତିମ ଓଭରରେ ମ୍ୟାଚକୁ ଜିତି ନେଇଥିଲା ପଞ୍ଜାବ କିଙ୍ଗ୍ସ। ବି. ସାଇ ସୁଦର୍ଶନ ଆଉ ଏକ ଭଲ ଆରମ୍ଭ ପାଇଥିବା ବେଳେ ବଡ଼ ସ୍କୋର ହାସଲ କରିବାକୁ ପ୍ରୟାସ କରିବେ। ତେବେ ରିଦ୍ଧିମାନ ଶାହା ଓ ବିଜୟ ଶଙ୍କରଙ୍କ ନିକଟରୁ ଭଲ ପ୍ରଦର୍ଶନ ଆଶା କରିବ ଦଳ। ବୋଲିଂରେ ମୋହିତ ଶର୍ମା ଦଳର ଏକ ନମ୍ବର ବୋଲର ରହିଥିବା ବେଳେ ରଶିଦ୍ ଖାନ ଓ ନୁର୍ ଅହମଦଙ୍କଠାରୁ ଭଲ ପ୍ରଦର୍ଶନର ଆଶା ରହିବ। ସେହିପରି ୱାଙ୍ଖେଡେ ଷ୍ଟାଡିୟମରେ ଦିଲ୍ଲୀ କ୍ୟାପିଟାଲ୍ସ ଓ ମୁମ୍ବାଇ ଇଣ୍ଡିଆନ୍ସ ପରସ୍ପରକୁ ଭେଟିବେ। ହ୍ୟାଟ୍ରିକ୍ ପରାଜୟ ପରେ ପ୍ରଥମ ବିଜୟ ସନ୍ଧାନରେ ରହିଛି ମୁମ୍ବାଇ। ଅନ୍ୟପକ୍ଷରେ ଦିଲ୍ଲୀ ମଧ୍ୟ ୪ ମ୍ୟାଚ୍ ଖେଳି ମାତ୍ର ଗୋଟିଏ ବିଜୟ ହାସଲ କରିଛି। ସୂର୍ଯ୍ୟକୁମାର ଯାଦବ ପ୍ରତ୍ୟାବର୍ତ୍ତନ କରୁଥିବା ବେଳେ ଏହି ମ୍ୟାଚ୍‌ରେ ବିଜୟୀ ହେବାକୁ ମୁମ୍ବାଇ ପ୍ରୟାସ କରିବ।



ଦିଲ୍ଲୀ କ୍ୟାପିଟାଲ୍ସର ମେଣ୍ଟର ସୌରଭ ଗାଙ୍ଗୁଲିଙ୍କ ସହ ସଚିନ ତେନ୍ଦୁଲକର।

# ରୋମା-ଲାଜିଓ ସମର୍ଥକ ସଂଘର୍ଷ

ରୋମ୍, ୬।୪(ଏପି)

ଦର୍ବି ସହରରେ ଶନିବାର ରୋମା ଓ ଲାଜିଓ ମଧ୍ୟରେ ମ୍ୟାଚ୍ ଆରମ୍ଭ ହେବାର କିଛି ଘଣ୍ଟା ପୂର୍ବରୁ ଦୁଇ ସମର୍ଥକଙ୍କ ମଧ୍ୟରେ ସଂଘର୍ଷ ଘଟିଛି। ପରିସ୍ଥିତିକୁ ନିୟନ୍ତ୍ରଣ କରିବା ଲାଗି ପୋଲିସକୁ ଲୁହବୁହା ଗ୍ୟାସ୍ ପ୍ରୟୋଗ କରିବାକୁ ପଡ଼ିଛି। ଜଣେ ୪୧ ବର୍ଷୀୟ ବ୍ୟକ୍ତିଙ୍କୁ ପୋଲିସ ଗିରଫ କରିଛି। ଷ୍ଟାଡିୟମ ଅଲିମ୍ପିକୋ ନିକଟରେ ପ୍ରାୟ ୨୦୦ ଲାଜିଓ ସମର୍ଥକ ଏବଂ ୧୦୦ ରୋମା ସମର୍ଥକ ମୁହାଁମୁହିଁ ହୋଇଥିଲେ। ଗଣ୍ଡଗୋଳକାରୀଙ୍କୁ ଚିହ୍ନଟ କରିବା ଲାଗି ସ୍ଥାନୀୟ କର୍ତ୍ତୃପକ୍ଷ ସିକ୍ୟୁରିଟି କ୍ୟାମେରାର ସହାୟତା ନେଇଛନ୍ତି। ଘଟଣାସ୍ଥଳରୁ ଗଣ୍ଡଗୋଳରେ ଅସ୍ତ୍ର ରୂପେ ବ୍ୟବହୃତ ହେଲମେଟ, ବ୍ୟାଟ୍, ବାଡ଼ି ଓ ରେଞ୍ଚ ଜବତ କରାଯାଇଛି। ରୋମା ଶନିବାର ଲାଜିଓ ବିପକ୍ଷ ମ୍ୟାଚ୍‌ର ଆୟୋଜନ କରିଥିଲା। ଉଭୟ ଦଳ ୟୁରୋପ ପାଇଁ ଯୋଗ୍ୟତା ଅର୍ଜନ ଲକ୍ଷ୍ୟରେ ରହିଛନ୍ତି। ୫ମ ସ୍ଥାନରେ ରହିଥିବା ରୋମା ଲାଜିଓଠାରୁ ୬ ପଏଣ୍ଟ ଆଗରେ ରହିଛି। ଲାଜିଓ ସିରିଜ୍ ଏ'ରେ ସପ୍ତମ ସ୍ଥାନ ଅଧିକାର କରିଛି।

## କ୍ୟାଣ୍ଡିଡେଟ୍ ଚେସ୍

# ଭିଦିତ, ଗୁକେଶ ବିଜୟୀ

ଟରଣ୍ଟୋ, ୬।୪(ପି.ଟି.)

ଭାରତୀୟ ଗ୍ରାଣ୍ଡମାଷ୍ଟର ଭିଦିତ ଗୁଜରାଠୀ ଏଠାରେ ଚାଲିଥିବା କ୍ୟାଣ୍ଡିଡେଟ୍ସ ଚେସ୍ ଟୁର୍ନାମେଣ୍ଟରେ ବିଶ୍ୱର ୩ ନମ୍ବର ତଥା ଆମେରିକାର ହିକାରୁ ନାକାମୁରାଙ୍କୁ ହରାଇ ଦେଇଥିବା ବେଳେ ଆର୍. ପ୍ରଜ୍ଞାନନ୍ଦ ନିଜ ଦେଶର ଡି. ଗୁକେଶଙ୍କଠାରୁ ପରାଜିତ ହୋଇଛନ୍ତି। ପ୍ରଥମ ରାଉଣ୍ଡରେ ୪ଟି ଡ୍ରପରେ, ଦ୍ୱିତୀୟ ରାଉଣ୍ଡରେ ସମସ୍ତ ଚାରୋଟି ଗେମ୍ ନିର୍ଣ୍ଣୟ ହୋଇଛି। ଟପ୍ ସିଡ୍ ତଥା ଆମେରିକାର ଫାବିଆନୋ କାରୁଆନା ପ୍ରଭାବୀ ପ୍ରଦର୍ଶନ ସହ ଆଜରବୈଜାନର ନିଜାତ ଆବାସୋଭଙ୍କୁ ପରାସ୍ତ କରିଛନ୍ତି। ସେହିପରି ରୁଷିଆର ଇଆନ୍ ନେପମନିଆଚି ଫ୍ରାନ୍ସର ଫିରୋଜା ଆଲିରେଜାଙ୍କୁ ପରାଜିତ କରିଛନ୍ତି। ମହିଳା ବିଭାଗରେ ଆର୍. ବୈଶାଳୀଙ୍କ ଲଜ୍ଜାଆ ପ୍ରଦର୍ଶନ ସତ୍ତ୍ୱେ ଚାଇନାର ଝୋଙ୍ଗ୍‌ୟି ତାନ୍‌ଙ୍କଠାରୁ ହାରିଯାଇଥିବା ବେଳେ ରୁଷିଆର ଆଲେକ୍‌ସାଣ୍ଡ୍ରା ଗୋରୀୟାଚକିନା ୟୁକ୍ରେନର ଆନ୍ନା ମୁଜିଚୁକ୍‌ଙ୍କ ବିପକ୍ଷରେ ବିଜୟ ହାସଲ କରିଛନ୍ତି। ଏହି ବିଭାଗର ଅନ୍ୟ ଗେମ୍‌ଗୁଡ଼ିକ ମଧ୍ୟରେ କୋନେରୁ ହମ୍ପି ରୁଷିଆର କାଟରିନା ଲାଗ୍‌ନୋଙ୍କ ସହ ତାଙ୍କ ଗେମ୍ ଡ୍ର ରଖିଛନ୍ତି। ସେହିପରି ନୁର୍ଗ୍ୟୁଲ୍ ସାଲିମୋଭା ଚାଇନାର ଟିନ୍‌ଜି ଲେଇଙ୍କ ସହ ତାଙ୍କ ଗେମ୍ ଆମୀମାଂସିତ ରଖିଛନ୍ତି। ଇଭେଣ୍ଟରେ କାରୁଆନା, ନେପମନିଆଚି ଓ ଗୁକେଶଙ୍କ ସହ ଗୁଜରାଠୀ ପ୍ରତ୍ୟେକ ୧.୫ ପଏଣ୍ଟ ଲେଖାଏ ଅର୍ଜନ କରି ମିଳିତ ଅଗ୍ରଣୀ ଲାଭ କରିଛନ୍ତି। ସେମାନଙ୍କଠାରୁ ପ୍ରତ୍ୟେକ ଅଧା ପଏଣ୍ଟ ପଛରେ ନାକାମୁରା, ପ୍ରଜ୍ଞାନନ୍ଦ, ଆବାସୋଭ ଓ ଆଲିରେଜା ୫ ସ୍ଥାନ ବାଣ୍ଟି ନେଇଛନ୍ତି। ମହିଳା ବିଭାଗରେ ତାନ୍ କ୍ରମାଗତ ଦ୍ୱିତୀୟ ବିଜୟ ସହ ଏକକ ଅଗ୍ରଣୀ ଲାଭ କରିଥିବା ବେଳେ ତାଙ୍କଠାରୁ ଅଧାପଏଣ୍ଟ ପଛରେ ଗୋରିୟାଚକିନା ଦ୍ୱିତୀୟ ସ୍ଥାନରେ ଅଛନ୍ତି। ସାଲିମୋଭା, ହମ୍ପି ଓ ଲାଗ୍‌ନୋ ପ୍ରମୁଖ ୧ ପଏଣ୍ଟ ସହ ତୃତୀୟ ସ୍ଥାନ ବାଣ୍ଟିନେଇଛନ୍ତି। ସେହିପରି ଅଧାପଏଣ୍ଟ ଲେଖାଏ ଅର୍ଜନ କରିଥିବା ଲି', ବୈଶାଳୀ ଓ ମୁଜିଚୁକ୍ ୬ଷ୍ଠ ସ୍ଥାନ ବାଣ୍ଟି ନେଇଛନ୍ତି। ବର୍ଷରେ ଏହି ବୃହତ୍ତମ ପ୍ରତିଯୋଗିତାର ଆଉ ୧୨ ରାଉଣ୍ଡ ଖେଳ ବାକି ରହିଛି। ଏହା ଆସନ୍ତା ବର୍ଷର ବିଶ୍ୱ ଚାମ୍ପିୟନଶିପ୍ ପାଇଁ ଚ୍ୟାଲେଞ୍ଜର ନିରୂପଣ କରିବ।



ହିକାରୁ ନାକାମୁରାଙ୍କ ବିପକ୍ଷ ମ୍ୟାଚ୍‌ରେ ଭିଦିତ ଗୁଜରାଠୀ।

## ପୂର୍ବତନ ଖେଳାଳିଙ୍କ ପାଇଁ ହକି ଇଣ୍ଡିଆ କୋଚିଂ ପ୍ରୋଗ୍ରାମ

ନୂଆଦିଲ୍ଲୀ,୬।୪(ପି.ଟି.)

ପୂର୍ବତନ ଅନ୍ତର୍ଜାତୀୟ ହକି ଖେଳାଳିଙ୍କ ପାଇଁ ହକି ଇଣ୍ଡିଆ ପକ୍ଷରୁ ଏକ ନୂତନ ପ୍ରୋଗ୍ରାମ ଆରମ୍ଭ କରାଯାଇଛି। ପ୍ରଶିକ୍ଷଣ କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ ଏକାଧିକ ପୂର୍ବତନ ଡ୍ରାଗ୍ ଫ୍ଲିକର ଓ ଗୋଲ କିପରମାନଙ୍କ ପାଇଁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ପ୍ରଥମ ବ୍ୟାଚ୍‌ରେ ପୂର୍ବତନ ଖେଳାଳି ରୂପିନ୍ଦର ପାଲ୍ ସିଂ, ଭି.ଆର. ରଘୁନାଥ, ଆଡ୍ରିଆନ ଡି ସୌଜା, ଭରତ ଛେତ୍ରୀ ଓ ଅନ୍ୟମାନଙ୍କୁ ସାମିଲ କରାଯାଇଥିଲା। ଦେଶବ୍ୟାପୀ କୋଚିଂ ବ୍ୟବସ୍ଥା ଅଧିକ ସଶକ୍ତ କରିବା ସହ ନୂତନ ପ୍ରତିଭାର ବିକାଶ କରିବା ପାଇଁ ଏହି ବ୍ୟବସ୍ଥାର ପ୍ରଚଳନ କରାଯାଇଥିବା ନେଇ ବେଙ୍ଗାଲୁରୁ ସାଇର ହାଇ ପର୍ଫମାନ୍ସ ଡିରେକ୍ଟର ହର୍ମାନ୍ କ୍ରୁଇସ୍ ସୂଚନା ଦେଇଛନ୍ତି। ଅନ୍ୟ ଖେଳାଳିଙ୍କ ମଧ୍ୟରେ ଯୋଗିତା ବାଲି, ହେଲେନ୍ ମେରୀ, ଦୀପିକା ମୂର୍ତ୍ତି, ଆକାଶ ଚିକ୍‌ଟେ, ପି.ଟି. ରାଓ, ଗୁରଜିନ୍ଦର କୌର ଓ ଜସ୍‌ପ୍ରୀତ୍ କୌର ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ପୂର୍ବତନ ହକି ଖେଳାଳିଙ୍କୁ ନୂତନ ବୈଷୟିକ କୌଶଳ ଓ କୋଚିଂ ବ୍ୟବସ୍ଥା ଦ୍ୱାରା ପ୍ରଶିକ୍ଷିତ କରି ଭବିଷ୍ୟତର ଖେଳାଳି ପ୍ରସ୍ତୁତ କରିବା ଆମର ଲକ୍ଷ୍ୟ ବୋଲି କହିଛନ୍ତି ହର୍ମାନ୍ କ୍ରୁଇସ।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ